RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-178 ◆WEDNESDAY ◆24 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୭୮ ◆ବୁଧବାର ◆୨୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ପ୍ରିଆନ୍ଦନାଙ୍କ ବିଶ୍ୱ ରେକର୍ଡ: ଗୋଟିଏ ଓଭରରେ ୫ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ଭାରତରେ 'ବାଂଲା' ତାତି

## ଦିଲ୍ଲୀରେ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ

■ ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ବାଂଲାଦେଶରେ ସଂସଦ ନିର୍ବାଚନ ପାଇଁ ସମୟ ଯେତେ ପାଖେଇ ଆସୁଛି, ସେଠାରେ ଉତ୍ତେଜନା ସେତିକି ତୀବ୍ର ହେବାରେ ଲାଗିଛି। ପ୍ରଥମେ ଜଣେ ଛାତ୍ର ନେତାଙ୍କୁ ହତ୍ୟା ପରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଗତକାଲି ଜଣେ ଶ୍ରମିକ ନେତାଙ୍କୁ ଗୁଳି କରାଯାଇଛି। ଏହାପରେ ବାଂଲାଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହୋଇଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାର ଅସହାୟ ହୋଇପଡ଼ିଥିବା ଭଳି ମନେ ହେଉଛି। ସେନାବାହିନୀ ଚୁପ ହାଇ ବସିଥିବା ବେଳେ ପୁଲିସ ଫୋର୍ସ ଉତ୍ୟକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଛି। ଫଳରେ ଆନ୍ଦୋଳନ ନାମରେ ଦୁର୍ବୃତ୍ତ ଖୁଲାଖୁଲି ଆତଙ୍କରାଜ ଚଳାଇଛନ୍ତି। ଏବେ ସେମାନେ ବିତାଡ଼ିତ ପ୍ରଧାନମନ୍ତ୍ରୀ ହାସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ ଉପରେ ଆକ୍ରମଣ କରିବା ଆରମ୍ଭ କରିଛନ୍ତି। ଗତ ୧୮ ତାରିଖରେ ସେମାନେ ଦୀପୁ ଦାସ ନାମକ ଜଣେ ୨୫ ବର୍ଷୀୟ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ନିଆଁ ଲଗାଇଦେଇଥିଲେ। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଜି ହଜାର ହଜାର ସଂଖ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମୀ ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ କରିଥିଲେ। ସେମାନେ ଦୀପୁ ଦାସ ହତ୍ୟାକାଣ୍ଡର ପ୍ରତିବାଦ ଜଣାଇବା ସହିତ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବାଂଲାଦେଶରେ ହିନ୍ଦୁ ସଂପ୍ରଦାୟକୁ ଟାର୍ଗେଟ କରାଯାଉଥିବାରୁ ଏହାର ନିନ୍ଦା କରିବା ସହିତ ସେଠାରେ ସଂଖ୍ୟାଲଘୁ ସଂପ୍ରଦାୟକୁ ସୁରକ୍ଷା ଦେବାଲାଗି ଦାବି କରିଛନ୍ତି। ବିକ୍ଷୋଭକାରୀମାନେ ପୁଲିସ ବ୍ୟାରିକେଡ୍ ଭାଙ୍ଗି ବାଂଲା ହାଇକମିସନ ଆଡ଼କୁ ଅଗ୍ରସର ହୋଇଥିଲେ। ତେବେ ପୁଲିସ ସେମାନଙ୍କୁ ହାଇକମିସନ ଅଫିସ ଠାରୁ ୮୦୦ ମିଟର ଦୂରରେ ଅଟକାଇଥିଲା। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ବାଂଲାଦେଶ ହାଇକମିସନ ପାଇଁ ୭ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ୧୫୦୦ ଯବାନଙ୍କୁ ମୁତୟନ କରାଯାଇଥିଲା। ଦିଲ୍ଲୀ ସମେତ କଲିକତା, ମୁମ୍ବାଇ, ହାଇଦ୍ରାବାଦ, ସିଲିଗୁଡ଼ି ଓ ଅଗରତଲା ସହରରେ ଆଜି ବାଂଲାଦେଶ ବିରୋଧରେ ଏଭଳି ବିକ୍ଷୋଭ ହୋଇଥିବାର ଖବର ମିଳିଛି।



### ଢାକାରେ ଭାରତୀୟ ହାଇକମିସନରଙ୍କୁ ସମନ୍

### ଉଦ୍‌ବେଗ ଜଣାଇଲା ଜାତିସଂଘ

### ଭାରତ ଉପରେ ଆକ୍ରମଣ ପାଇଁ ପାକ୍ ନେତାଙ୍କ ଧମକ

ଅନ୍ୟପକ୍ଷରେ ଏଭଳି ବିକ୍ଷୋଭ ପ୍ରଦର୍ଶନକୁ ନେଇ ବାଂଲାଦେଶ ଉଦବେଗ ପ୍ରକାଶ କରିଛି। ବାଂଲାଦେଶର ବୈଦେଶିକ ସଚିବ ଆଜି ଢାକାରେ ଭାରତୀୟ ହାଇକମିସନର ପ୍ରଣୟ ବର୍ମାଙ୍କୁ ସମନ୍ କରି ନୂଆଦିଲ୍ଲୀ ଏବଂ ସିଲିଗୁଡ଼ିରେ ବାଂଲାଦେଶ କୂଟନୈତିକ କେନ୍ଦ୍ରକୁ ଟାର୍ଗେଟ କରି ହୋଇଥିବା ହିଂସାର ପ୍ରତିବାଦ ଜଣାଇଛନ୍ତି। ଦୁଇ ଅଧିକାରୀଙ୍କ ମଧ୍ୟରେ ୫ମିନିଟ ସାକ୍ଷାତ ପରେ ବାଂଲାଦେଶ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଭାରତରେ ବାଂଲାଦେଶ କୂଟନୈତିକ ଅଧିକାରୀଙ୍କ ପ୍ରତି ▶ପୃଷ୍ଠା-୭

**ଏସଆଇଆର ଝଟକା**

# ୧୨ ରାଜ୍ୟରୁ କଟିଲେ ୪.୧୮ କୋଟି ଭୋଟର୍

### ମଧ୍ୟପ୍ରଦେଶରୁ କଟିଲା ୪୨.୭୪ ଲକ୍ଷ ନାମ

### ଗୁଜରାଟରୁ ୭୩ ଲକ୍ଷ, ପଶ୍ଚିମବଙ୍ଗରୁ ୫୮ ଲକ୍ଷ

### ତାମିଲନାଡୁରେ କଟିଛି ସର୍ବାଧିକ ୯୭ ଲକ୍ଷ ନାମ

■ ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର)ରେ ୪ କୋଟି ୧୮ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ଭୋଟର ତାଲିକାରୁ କଟିଛି। ନିର୍ବାଚନ କମିସନ ଆଜି ମଧ୍ୟପ୍ରଦେଶ, ଛତିଶଗଡ଼, କେରଳ ଓ ଆଣ୍ଡାମାନ ନିକୋବରର ଚିଠା ଭୋଟର ତାଲିକା ଜାରି କରିବା ପରେ ଏଭଳି ତଥ୍ୟ ମିଳିଛି। ମଧ୍ୟପ୍ରଦେଶ ଭୋଟର ତାଲିକାରୁ ୪୨.୭୪ ଲକ୍ଷ ଭୋଟରଙ୍କ ନାମ କଟାଯାଇଥିବା ବେଳେ ଏଥିରେ ୧୯.୧୯ ଲକ୍ଷ ପୁରୁଷ ଏବଂ ୨୩.୬୪ ଲକ୍ଷ ମହିଳା ଅଛନ୍ତି। ସେହିପରି କେରଳ ଭୋଟର ତାଲିକାରୁ ୨୨ ଲକ୍ଷ ନାମ ହଟାଇ ଦିଆଯାଇଛି। ଛତିଶଗଡ଼ରେ ୨୭ ଲକ୍ଷ ଭୋଟରଙ୍କୁ ଚିଠା ତାଲିକାରୁ ବାଦ ଦିଆଯାଇଛି। ଏମାନଙ୍କ ମଧ୍ୟରେ ୬,୪୨,୨୩୪ ଜଣ ପ୍ରାଣ ହରାଇଥିବା ବେଳେ ୧୯, ୧୩, ୫୪୦ ▶ପୃଷ୍ଠା-୭

| | |
|---|---|
| ଉତ୍ତର ପ୍ରଦେଶ | ୫୩.୬୭ ଲକ୍ଷ |
| ପଶ୍ଚିମବଙ୍ଗ | ୫୮.୨ ଲକ୍ଷ |
| ମଧ୍ୟପ୍ରଦେଶ | ୪୨. ୭୪ ଲକ୍ଷ |
| କେରଳ | ୨୨ ଲକ୍ଷ |
| ଛତିଶଗଡ଼ | ୨୭.୩୪ ଲକ୍ଷ |
| ତାମିଲନାଡୁ | ୯୭ ଲକ୍ଷ |
| ଗୁଜରାଟ | ୭୩ ଲକ୍ଷ |
| ରାଜସ୍ଥାନ | ୪୧.୮୫ ଲକ୍ଷ |
| ଗୋଆ | ୧.୦୧ ଲକ୍ଷ |
| ପୁଡୁଚେରୀ | ୧.୦୩ ଲକ୍ଷ |
| ଲାକ୍ଷାଦ୍ୱୀପ | ୧୬୧୬ |
| ଆଣ୍ଡାମାନ ଏବଂ ନିକୋବର | ୬୪,୦୧୬ |

# ସିଲିକନ୍ ଟେକ୍‌ଲାବ୍ କଳା ତାଲିକାଭୁକ୍ତ

■ କଟକ, ୨୩।୧୨ (ସମିସ): ଭୁବନେଶ୍ୱରର ମେସର୍ସ ସିଲିକନ୍ ଟେକ୍-ଲାବ ପ୍ରାଇଭେଟ୍ ଲିମିଟେଡ୍‌କୁ କଳା ତାଲିକାଭୁକ୍ତ କରିଛନ୍ତି ହାଇକୋର୍ଟ। ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପରିଚାଳନାରେ ଅନିୟମିତତା ନେଇ ସମ୍ପୃକ୍ତ ସଂସ୍ଥାକୁ ୫ବର୍ଷ ପାଇଁ କଳା ତାଲିକାଭୁକ୍ତ କରିଛନ୍ତି। ହାଇକୋର୍ଟ ସହାୟକ ସେକ୍ସନ ଅଫିସର୍ (ଏଏସ୍‌ଓ)-୨୦୨୪ ପଦବୀରେ ନିଯୁକ୍ତି ପାଇଁ ମୁଖ୍ୟ ଲିଖିତ ପରୀକ୍ଷା ଏବଂ କମ୍ପ୍ୟୁଟର୍ ଆବେଦନ ପରୀକ୍ଷା ପରିଚାଳନା କରିବାକୁ ସମ୍ପୃକ୍ତ ସଂସ୍ଥା ସିଲିକନ୍‌କୁ ଦାୟିତ୍ୱ ଦିଆଯାଇଥିଲା। ସଂପୃକ୍ତ ସଂସ୍ଥା ଗତ ଜୁଲାଇ ୧୩ରେ ମୁଖ୍ୟ ଲିଖିତ ପରୀକ୍ଷା ନିରପେକ୍ଷ ଭାବେ ପରିଚାଳନା କରିନଥିବାରୁ ପରୀକ୍ଷା ବାତିଲ ହୋଇଥିଲା। ଏଜେନ୍ସିକୁ ବ୍ୟକ୍ତିଗତ ଶୁଣାଣି ପାଇଁ ସୁଯୋଗ ଦିଆଯାଇଥିଲା। ହେଲେ ସଂସ୍ଥା ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା।

## ଜୟନାରାୟଣଙ୍କ ନାଲି ଆଖି

# ଅବହେଳା କଲେ ତଲୱାର ଉଠିବ

■ ସମ୍ବଲପୁର, ୧୪।୧୨ (ସମିସ): ବେଲଗାମ୍ ମନ୍ତବ୍ୟ ପାଇଁ ସର୍ବଦା ବିବାଦରେ ରହୁଥିବା ବିଜେପିର ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପୁଣି ଥରେ ନିଜ ମନ୍ତବ୍ୟ ପାଇଁ ବିବାଦୀୟ ହୋଇଛନ୍ତି। ୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନର ଉଦ୍‌ଯାପନୀ ଉତ୍ସବରେ ଅତିଥି ରୂପେ ଯୋଗ ଦେଇ ପୁଣି ଥରେ ଖଣ୍ଡା ଉଠାଇବାକୁ ଧମକ ଦେଇ ସମ୍ବଲପୁରରେ ଆଲୋଡ଼ନ ସୃଷ୍ଟି କରିଛନ୍ତି।

ପୂର୍ବରୁ ହନୁମାନ ଜୟନ୍ତୀ ସମୟରେ ଖଣ୍ଡା ବୁଲାଇବା ନେଇ ଜୟନାରାୟଣ ବିବାଦୀୟ ହୋଇଥିଲେ। ଜଣେ ଡ଼ିଏସ୍‌ପିଙ୍କ କଲର ଧରିବା ଓ ମହିଳା ଥାନା ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ବିଭିନ୍ନ ସମୟରେ ନିଜ ଦଳର ନେତାମାନଙ୍କୁ କଟାକ୍ଷ କରି ସେ ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ବେଳେ ଆଜି ପୁଣି ସେ ତଲୱାର ଉଠାଇବା ଧମକ ଦେଇଛନ୍ତି। ନିଜ ଭାଷଣ ପ୍ରସଙ୍ଗରେ ଜୟନାରାୟଣ ପଶ୍ଚିମ ଓଡ଼ିଶାକୁ ପ୍ରସଙ୍ଗ କରିଥିଲେ। ସେ କହିଥିଲେ ଯେ ପଶ୍ଚିମ ଓଡ଼ିଶା ନାଁରେ ଆମକୁ ଅତ୍ୟାଚାର କରାଗଲେ ବା ବେଖାତିର କରାଗଲେ ନିଶ୍ଚୟ ତଲୱାର ଉଠିବ। ଏଥିପାଇଁ ଆମେ ପଛକୁ ଘୁଞ୍ଚିବୁ ନାହିଁ। ମାତ୍ର ତାଙ୍କର ଏହି ସଂକ୍ଷିପ୍ତ ମନ୍ତବ୍ୟ ପରେ ପଶ୍ଚିମ ଓଡ଼ିଶାକୁ କିଏ ଅବହେଳା କରୁଛି ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ସମ୍ପ୍ରତି ରାଜ୍ୟରେ ଜୟନାରାୟଣଙ୍କ ଦଳ ବିଜେପି କ୍ଷମତାସୀନ। ରାଜ୍ୟ କ୍ୟାବିନେଟ୍‌ରେ ପଶ୍ଚିମ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କନକବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ପଦ ସହ ଶକ୍ତି ଓ କୃଷି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କ ବ୍ୟତୀତ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ରବି ନାୟକ ପ୍ରମୁଖ ରାଜସ୍ୱ, ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଆଦି ବିଭାଗ ଦାୟିତ୍ୱରେ ଅଛନ୍ତି। ଯଦିଓ ବିଭିନ୍ନ ସମୟରେ ମନ୍ତ୍ରୀ ପଦ ପାଇ ନ ଥିବାରୁ ଜୟନାରାୟଣ ଅସୁଖୀ ଥିବା କୁହାଯାଉଛି, ତଥାପି ସେ ଏପରି କାହିଁକି କହିଲେ ତାହା ବିଭିନ୍ନ ମହଲରେ ଗୁଞ୍ଜରଣ ସୃଷ୍ଟି କରିଛି। ▶ପୃଷ୍ଠା-୭





INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL 1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts.*T&C apply.

TOLL FREE 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.

VML.5868.2025





■ ଏପାଖ ସେପାଖ

## ଟ୍ରାଫିକ ସମସ୍ୟାପାଇଁ ଲୋକେ ହଟହଟା

ଖଇରଗୁରା ଓ କୁମୁରିଆରେ ଅନୁଷ୍ଠିତ ପ୍ରସିଦ୍ଧ ଶୁଳିଆଯାତ୍ରାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଲକ୍ଷାଧିକ ସଂଖାରେ ଭିଡ ଜମିଥିଲା; ହେଲେ ଉଭୟ ପଟ ରାସ୍ତା ଅଣଓସାରିଆ ହୋଇଥିବା ବେଳେ ବାଏପାସ ରାସ୍ତା ନ ଥିବାରୁ ମୁଖ୍ୟ ଛକରୁ ପୀଠସ୍ଥଳୀକୁ ଯିବାପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା । ପୁଲିସ ଓ ଟ୍ରାଫିକ ପୁଲିସକୁ ମଧ ନାକେଦମ ହେବାକୁ ପଡିଥିଲା । ଫଳରେ ଲୋକଙ୍କ ମଧରେ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

## ଶ୍ରଦ୍ଧାଳୁ ପାଣି ଟୋପେ ପିଇବାକୁ ପାଇଲେନି

ବଡଖଲା ଓ ସାନଖଲାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ବିଶୁଦ୍ଧ ପାନୀୟ ଜଳ ପାଇଁ ସୁବ୍ୟବସ୍ଥା ହୋଇପାରି ନ ଥିବାରୁ ଶ୍ରଦ୍ଧାଳୁ ବାଧହୋଇ ପାଉଚ ପାଣି କିଣିବାକୁ ପଡିଥିଲା । ଏଣୁ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଥିବା ନଜରକୁ ଆସିଥିଲା । ମୁଖ୍ୟଖଲାରେ ଏକ ନଳକୂପ ଖନନ ପାଇଁ ପୂର୍ବତନ ବିଧାୟକ ନରସିଂହ ମିଶ୍ରଙ୍କୁ ଲୋକେ ନିବେଦନ କରିଥିଲେ ।

## ଚାରିପଟେ ଭୋଜିଭାତର ଆସର

ପଶ୍ଚିମ ଓଡିଶା ତଥା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମାନସିକଧାରୀମାନେ ବୋଦା, କୁକୁଡା ଆଦି ନେଇ ଦେବତାଙ୍କୁ ଅର୍ପଣ କରିଥିଲେ । ଏହାପରେ ପାଖରେ ରହିଥିବା ଶୁଳିଆ ପ୍ରୋଜେକ୍ଟ ଚାରିପଟରେ ଭୋଜିର ଆସର ଜମାଇଥଲେ । ପର୍ଯ୍ୟଟନସ୍ଥଳରେ ଇଂରାଜୀ ନୂତନ ବର୍ଷ ପାଳନ ପରି ମନେ ହେଉଥିଲା ।

## ମନ୍ତ୍ରୀ, ବିଧାୟକଙ୍କ ଅନୁପସ୍ଥିତକୁ ନେଇ ଚର୍ଚ୍ଚା

ବଲାଙ୍ଗିର ଜିଲ୍ଲାର ପ୍ରସିଦ୍ଧ ଶୁଳିଆଯାତ୍ରାରେ ବିଶିଷ୍ଟ ରାଜନେତା, ମନ୍ତ୍ରୀଙ୍କ ଆଗମନ ରହିଥାଏ । ତେବେ ଚଳିତବର୍ଷ ଜିଲ୍ଲାରେ ୨ ମନ୍ତ୍ରୀ, ବିଧାୟକ, ସାଂସଦ ରହିଥିବା ସତ୍ତ୍ୱେ ଯାତ୍ରାସ୍ଥଳକୁ ନ ଆସିବାନେଇ ଲୋକଙ୍କ ମଧରେ ନାନା ଚର୍ଚ୍ଚା ଲାଗି ରହିଥିଲା ।

# ଖଇରଗୁରା, କୁମୁରିଆରେ ପ୍ରସିଦ୍ଧ ଶୁଳିଆ ଯାତ୍ରା

**ବଲାଙ୍ଗିର/ଦେଓଗାଁ,୨୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କୁଲୁତାପଡା ପଞ୍ଚାୟତର ଖଇରଗୁରା ବଡଖଲା ଓ କୁମୁରିଆ ସାନଖଲାରେ ପ୍ରସିଦ୍ଧ ଶୁଳିଆଯାତ୍ରା ଅନୁଷ୍ଠିତ ହୋଇଛି । ଚଳିତବର୍ଷ ପ୍ରବଳ ଶୀତ ଓ କୁହୁଡି ସତ୍ତ୍ୱେ ପାହାନ୍ତିଆରୁ ବଲାଙ୍ଗିର ସମେତ କଳାହାଣ୍ଡି, ବୌଦ୍ଧ, ସୋନପୁର, ଫୁଲବାଣୀ ତଥା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶ୍ରଦ୍ଧାଳୁ ମାନସିକଧାରୀଙ୍କ ସମାଗମ ହୋଇଥିଲା । ଖଇରଗୁରାରୁ ଦେହୁରିଆ ଓ ବରୁଆମାନେ ଢୋଲ, ନିଷାନ, ମହୁରୀର ତାଳେ ତାଳେ କନ୍ଧ ଆଦିବାସୀ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଫୁଲମାଳ ଓ ସିନ୍ଦୂର ଲଗାଇ ପାଟବୁକାକୁ ଶୋଭାଯାତ୍ରାରେ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ତଥା ପାଟ ଟାଙ୍ଗି ଧରି ନୃତ୍ୟ କରି ପୀଠସ୍ଥଳକୁ ପହଞ୍ଚିଥିଲେ । ବଡଖଲାରେ ମୁଖ୍ୟପୂଜକ ସୋମନାଥ ଦେହେରିଆ ଦେବ ନିମନ୍ତ୍ରଣ ପରେ ସିଆଳ ପତ୍ର



ପିନ୍ଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ । ପ୍ରଥମେ ନଡିଆ, ସିନ୍ଦୂର ଦେଇ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସାନଖଲାରେ ମଧ ଅନୁରୂପ ଭାବେ ପୂଜାର୍ଚ୍ଚନା କରାଯାଇଥିଲା । ଶ୍ରଦ୍ଧାଳୁ ଫୁଲ, ନଡିଆ ଓ ଧୂପକାଠି ନେଇ ଶୁଳିଆଙ୍କୁ ହାରିଗୁହାରୀ ଜଣାଇଥଲେ । ବଡଖଲାରେ ମୁଖ୍ୟ ଦେହେରୀଙ୍କ ସମେତ ଦେହୁରୀ ମଧୁବନ ଭୋଇ, ବରୁଆ ବସନ୍ତ କାଲସାଏ, ଦିଲୀପ କହଁର, ଅନନ୍ତ ଦେହୁରିଆ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ସାନଖଲାରେ ମୁଖ୍ୟ ପୂଜକ ହରୀହର ଝାଙ୍କର, ସମାରୁ ଦେହେରିଆ ଓ ଲଳିତ କୁଅଁର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ଶୁଳିଆଙ୍କ ଆଶୀର୍ବାଦ ପ୍ରାପ୍ତି ନିମନ୍ତେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର, ବିଶିଷ୍ଟ ରାଜନେତା ମନ୍ମଥ ବିଜୟ ସିଂ ଦେଓ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର ପ୍ରମୁଖ ଯୋଗ ଦେଇଥିଲେ । କମିଟି ଉପ-ସଭାପତି ହରିଶ୍ଚନ୍ଦ୍ର ଭୋଇ, ସମ୍ପାଦକ ମୟ ପ୍ରଧାନୀ, ଦେବେନ୍ଦ୍ର ଭୋଇ, ଦୋଲଗୋବିନ୍ଦ ପ୍ରଧାନୀ, ଶରତଚନ୍ଦ୍ର ସିଂ ଭୋଇ, ନିରଞ୍ଜନ କୁଅଁର, ଶରତ କୁଅଁର, ଚକ୍ରଧର ଜାନୀ, କାଳିନ୍ଦି ମାଝୀ, ଯଥା ବିଶ୍ୱାଳ, ଅଶୋକ ବୁଡେକ, ବିଶ୍ୱାମିତ୍ର କୁଅଁର, ଚିନ୍ତାମଣୀ ଭୋଇ, ପଦ୍ମନ ପ୍ରଧାନୀ, ସାନଖଲାରେ ସତ୍ୟ କାଲସାଏ, ହିମାଂଶୁ ଗଡତ୍ୟା, ଅନନ୍ତ ଚୌହାନ, ଶଶିଭୂଷଣ ଗଡତ୍ୟା, ପ୍ରଫୁଲ୍ଲ ଦାଶ ପ୍ରମୁଖ ସହଯୋଗ କରିଥିଲେ । ଯାତ୍ରା ପରିପେକ୍ଷୀରେ ୩ଦିନ ଧରି ଚାଲିଥିବା ଷଷ୍ଠ ଶୁଳିଆ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା ।



## ଚନ୍ଦ୍ରପୁରରେ ଶୁଳିଆ ଯାତ୍ରା

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ଶୁଳିଆ ଡୁଙ୍ଗୁରୀରେ ପ୍ରତିବର୍ଷ ପରି ମଙ୍ଗଳବାର ଅପରାହ୍ନରେ ଆଦିବାସୀଙ୍କ ପରମ୍ପରା ଭିତ୍ତିକ ଶୁଳିଆଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦେଓଗାଁ ଓ ଜରାସିଂହା, ସାଲେପାଲି, ହାତୀସରା ଅଞ୍ଚଳର ଶ୍ରଦ୍ଧାଳୁ ଶୁଳିଆଦେବତାଙ୍କ ନିକଟରେ ହାରିଗୁହାରୀ ଜଣାଇଥିଲେ । ମାନସିକଧାରୀମାନେ ନିଜ ମନସ୍କାମନା ପୂରଣ ପାଇଁ ଗୁହାରୀ କରିଥିଲେ । ପୂର୍ବତନ ବିଡିସିସି ସଭାପତି ଲକ୍ଷ୍ମଣ ମେହେର ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ । ଶୁଳିଆ ଦେହୁରୀ ଭାବେ କ୍ଷେତ୍ର ଦଣ୍ଡସେନା, ପୂଜକ କବି ମାଝୀ, କନ୍ଧେନବୁଢ଼ି ଦେହେରୀ ଉଦ୍ଧବ ମାଝୀ ପ୍ରମୁଖ ଦାୟିତ୍ୱରେ ଥଲେ । ଶେଷଦେବ ନାଗ, ସଦାଶିବ ବନଛୋର, ହରି ନାଗ, ଶରତ ପୁଟେଲ, ପ୍ରସନ୍ନ ମଲ୍ଲିକ, କୁଞ୍ଜବନ ଧରୁଆ, ମହନ କୁଦେଇ, ହରି ନାଗ, ଟଙ୍କଧର ନାଗ, କଷ୍ଟ ନନ୍ଦ, ପଞ୍ଚାନନ ମଲ୍ଲିକ, ମନୋଜ କୁଦେଇ, ଗୋପାଳ ପଧାନ, ନେପାଳ ପଧାନ, ଯୁଗି ଭୋଇ, ଗୌରାଙ୍ଗ ଭୋଇ, ଆଶିଷ ସିଂ ବାରିକ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ । ସେହିପରି କୋଲପାଲିରେ ମଧ ଶୁଳିଆ ଯାତ୍ରା ଅନୁଷ୍ଠିତ ହୋଇଥିଲା ।

## ଝାରମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ବଲାଙ୍ଗିର,୨୩।୧୨(ସମିସ):** ଝାରମୁଣ୍ଡାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଆଡମ୍ବରପୂର୍ଣ୍ଣ ଭାବେ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷା ଡ. ଜ୍ୟୋତିର୍ମୟୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହା ଉଦ୍‌ଘାଟିତ ହୋଇଥିଲା । ଏହି ସଭାରେ ବାଳକୃଷ୍ଣ ଧରୁଆ, ଅଶୋକ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଝାରମୁଣ୍ଡା ପୂର୍ବତନ ସରପଞ୍ଚ ସୁନୀଲ ଅଗ୍ରୱାଲ ଓ କନ୍ଦାଜୁରୀ ପୂର୍ବତନ ସରପଞ୍ଚ ଅଶୋକ ବେହେରା ଯୋଗ ଦେଇଥିଲେ ।

## ଅନ୍ତର୍ଜାତୀୟ ମଡେଲିଂରେ ଚମକିବେ କୁନି ପ୍ରତିଭା

**ବଲାଙ୍ଗିର,୨୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହାର ବି. ଇପ୍ସାତ ଜୋଏଲ (୯) ମଡେଲିଂ କ୍ଷେତ୍ରରେ ପ୍ରତିଭା ଦେଖାଇଛନ୍ତି । ଆସନ୍ତା ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁ ଥିବା ଲିଟଲ ମିସ ଗ୍ଲୋବାଲ ଇଣ୍ଟରନେସନାଲ ପ୍ରତିଯୋଗିତାରେ ସେ ଦେଶ ପାଇଁ ପ୍ରତିନିଧିତ୍ୱ କରିବେ । ଗତବର୍ଷ ଡିସେମ୍ବର ୧୫ରେ ମଧ ସେ ମହାରାଷ୍ଟ୍ରର ପୁଣେସ୍ଥିତ ଏଲ୍‌ପ୍ରୋ ସିଟି ସ୍କୋୟାରରେ ଗ୍ଲୋବାଲ ମଡେଲ ଇଣ୍ଡିଆ ତରଫରୁ ଆୟୋଜିତ ଲିଟିଲ ମିସ୍ ଇଣ୍ଡିଆ ଜାତୀୟ ମଡେଲିଂ ପ୍ରତିଯୋଗିତାରେ ଚମକିଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟର ୩୦ ଜଣ ପ୍ରତିଯୋଗୀଙ୍କ ସହ ସେ ଭାଗନେଇ ଟାଇଟଲ ହାସଲ କରିଥିଲେ । ଏହି ଟାଇଟଲ ଜିତିବା ପରେ ୨୬ରେ ମୁମ୍ବାଇରେ ଏହାର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ଭାଗ ନେବେ । ଏଥିପାଇଁ ସେ ପ୍ରସ୍ତୁତି ଚୂଡାନ୍ତ କରିବା ସହ ଯାତ୍ରା ଆରମ୍ଭ କରିଛନ୍ତି । ସେ ଲୋଇସିଂହାର ଝାରମୁଣ୍ଡାସ୍ଥିତ ବେଥାନୀ କନ୍‌ଭେଣ୍ଟ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ରୀ । ସେ ମୋବାଇଲରେ ୟୁ ଟ୍ୟୁବ୍ ଦେଖି ଦେଖି ମଡେଲିଂ ଶିଖୁଛନ୍ତି ବୋଲି ମା, ନିବେଦିତା ଓ ବାପା ଜୀବନଜ୍ୟୋତି ବାଗ କହିଛନ୍ତି ।



## ତୋଷାଳୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




**ତୁଷୁରା,୨୩।୧୨(ସମିସ):** ସ୍ଥାନୀୟ ତୋଷାଳୀ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ "ସ୍ପନ୍ଦନ' ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେମହାଣ ସ୍ୱସ୍ତି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରୁଦ୍ର ହେର୍ଣା, ବିଦ୍ୟାଳୟର ଉପଦେଷ୍ଟା ପ୍ରଫୁଲ୍ଲ ମହାପାତ୍ର, ପରିଚାଳନା କମିଟିର ସଦସ୍ୟ ଶ୍ୟାମସୁନ୍ଦର ପଧାନ, ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ପରିଚାଳକ ହେମନ୍ତ ସାହୁ, ପୁଷ୍ପାଞ୍ଜଳି ମହାପାତ୍ର, ସାଲେପାଲି ସରପଞ୍ଚ ବଲ୍ଲଭି ସାହୁ, ପରିଚାଳନା କମିଟିର ସଦସ୍ୟା ଦମୟନ୍ତୀ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଭୋଇ ସ୍ୱାଗତ ଭାଷଣ ସହିତ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ । ଶିକ୍ଷକ କାମଦେବ ପାଧାନ ସ୍ୱାଗତ କରିଥିଲେ । ଶିକ୍ଷକ ରୋହିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଟଣାଗଡ଼ ବିଜେଡି ପକ୍ଷରୁ ମିନି ମାରାଥନ





**ପାଟଣାଗଡ଼,୨୩।୧୨(ସମିସ):** ପାଟଣାଗଡ଼ ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଜେଡି ଜିଲ୍ଲା ସଭାପତି ସରୋଜ ମେହେରଙ୍କ ଆବାହକତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ମଣ୍ଡଳୀର ୭୫ଟି ପଞ୍ଚାୟତ ଓ ଗୋଟିଏ ଏନଏସିରେ ପୂର୍ବରୁ କରାଯାଇଥିବା ମିନି ମାରାଥନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତଯୋଗୀଙ୍କୁ ନେଇ ଏହା ଅନୁଷ୍ଠିତ ହୋଇଥିଲା । ସରମୁହାଣ ବ୍ରିଜଠାରେ ସମସ୍ତ ପ୍ରତିଯୋଗୀଙ୍କ ସହ ବିଜେଡି ଦଳର କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ । ସେଠାରୁ ଏହି ମାରାଥନରେ ସାମିଲ ଥିବା ପ୍ରତିଯୋଗୀମାନେ ବିଜୁ ଜନତା ଦଳ ଅଫିସ ପର୍ଯ୍ୟନ୍ତ ଦୌଡ଼ିଥିଲେ । ମାରାଥନରେ ବରପଦର ପଞ୍ଚାୟତର ଡୋଲାମଣି ଚିରଗୁନ ପ୍ରଥମ, ପାଟଣାଗଡ଼ ଏନଏସିର ଦ୍ୱିତୀୟ ଓ ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତର ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜେଡି ଅଫିସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହାସହ ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା ।

## ମୁରିବାହାଲ୍ ଧନୁଯାତ୍ରାର ଷଷ୍ଠ ସନ୍ଧ୍ୟା




**ମୁରିବାହାଲ୍,୨୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଧନୁଯାତ୍ରା ଚାଲିଛି । ଷଷ୍ଠ ରଜନୀରେ ନିରୁପମା ମାଝୀ, ହଲଦୀ ସମିତି ସଭ୍ୟ ଟୁନାମଣି ମହାନନ୍ଦ, ଜନମୁକ୍ତି ଅନୁଷ୍ଠାନ ସମ୍ପାଦକ ଭଜରାମ ସାହୁ, ନାରୀନେତ୍ରୀ ପିଙ୍କି ଖର୍ସେଲ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲମ୍ବୋଦର ଭୋଇ, ସ୍ୱଦେଶୀ ମଧୁଶାଳାର ମ୍ୟାନେଜର ଜୟ ମାତାଦୀ, ବ୍ୟବସାୟୀ ଅନିଲ ଶର୍ମା, କମିଟିର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ବଘାର, କୋଷାଧ୍ୟକ୍ଷ ଭରତ ଦାସ, କମିଟିର ସାଂସ୍କୃତିକ ସମ୍ପାଦକ ଖଗେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଆୟୋଜକ କମିଟି ସଭାପତି ତରୁଣ ପୋଢ଼ଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି ସଂଯୋଜନା କରିଥିଲେ । କମିଟିର ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ ଧନ୍ୟବାଦ ଦେଇଥିଲେ ।

## ସେଣ୍ଟ ଜାଭିୟର୍ସ ସ୍କୁଲର ବାର୍ଷିକ ଖେଳକୁଦ ପ୍ରତିଯୋଗିତା



**ଟିଟିଲାଗଡ଼,୨୩।୧୨(ସମିସ):** ସ୍ଥାନୀୟ ରେଳବାଇ ଖେଳ ପଡିଆରେ ସେଣ୍ଟ ଜେଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରତିଷ୍ଠାତା ସତ୍ୟାବ୍ରତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଜୁନିୟର ବିଭାଗରେ ଜୟେସ ମାଝୀ ଓ ସାଇ ପ୍ରତୀକ ସାଗର ଏବଂ ସିନିୟର ବିଭାଗରେ ସୌମ୍ୟରଞ୍ଜନ ସାହୁ ଚାମ୍ପିଅନ ହୋଇଥିଲେ । ସ୍କୁଲ ଅଧ୍ୟକ୍ଷ ବିମଳ ଦୀପ, ଶିକ୍ଷକ ରାଜେଶ ବାଗ, ଶିକ୍ଷୟତ୍ରୀ ବାସନ୍ତୀ ନାଗ, ନିରୁପମା ସେଠ, ସ୍ୱପ୍ନା ତାଣ୍ଡି, ବିନ୍ଦୁ କଟା, ସ୍ୱପ୍ନା ଲାକ୍ରା, ସାହୀନ ବେଗମ, ସ୍ମିତାମୟୀ ବଗର୍ତ୍ତୀ, ମନୀଷା ଦାସ, ଝୁନୁ ନାଗ, ସରସ୍ୱତୀ ସାଗର ଓ ଗୌରୀ ବଗର୍ତ୍ତୀ ପ୍ରମୁଖ ପରିଚାଳନା କରିଥିଲେ ।

# ଲୋକ ଉତ୍ସବ ପ୍ରସ୍ତୁତି ବୈଠକ ପ୍ରହସନ

## କଳା, କଳାକାରଙ୍କୁ ଉପେକ୍ଷା | ମୁଷ୍ଟିମେୟଙ୍କ ଦଖଲରେ ଆୟୋଜକ କମିଟି

**ବଲାଙ୍ଗିର,୨୩।୧୨(ସମିସ)**

ବଲାଙ୍ଗିର ଜିଲ୍ଲାସ୍ତରୀୟ ଲୋକଉତ୍ସବ ପ୍ରସ୍ତୁତି ବୈଠକ ପ୍ରହସନ ପାଲଟିଛି । ମଙ୍ଗଳବାର ଏହି ପ୍ରସ୍ତୁତି ବୈଠକ କିଛି ସରକାରୀ ଦଳର ନେତା ଓ ତାଙ୍କ ସମର୍ଥକ ମଧରେ ସମାପ୍ତ ହୋଇଛି । ମନଇଚ୍ଛା ବିଭିନ୍ନ କମିଟିରେ ନିଜ ନିଜ ଭିତରେ ବାଣ୍ଟି ନିଆଯାଇଛି । ବିଭିନ୍ନ କମିଟି ଗଠନକୁ ନେଇ ଅସନ୍ତୋଷ ଦେଖାଦେଇଛି । ଏପରିକି ଉତ୍ସବର ପ୍ରଚାର ପ୍ରସାର କମିଟି ସହ ଅଧ୍ୟକ୍ଷ ପଦବୀରେ ପ୍ରତିବର୍ଷ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ରଖାଯାଏ । ଚଳିତ ବର୍ଷ ଜଣେ ଅଣ ସାମ୍ବାଦିକଙ୍କୁ ଏଥିରେ ରଖାଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

ଜାନୁୟାରୀ ୧୯ରୁ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ବଲାଙ୍ଗିର ଲୋକ ଉତ୍ସବ ଅନୁଷ୍ଠିତ ହେବ । ଏଥବଲାଗି ମଙ୍ଗଳବାର ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୈଠକ ରଖାଯାଇଥିଲା । ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ନେଇ ଏହି ବୈଠକ ଆୟୋଜନ କରାଯାଇଥାଏ ।

ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । କିଛି ସରକାରୀ ଦଳର ନେତା ନିଜକୁ କମିଟି ମୁଖ୍ୟ ଭାବେ ରଖିଛନ୍ତି । ନିଜ ନିଜ ସମର୍ଥକଙ୍କୁ ବିଭିନ୍ନ କମିଟିରେ ଥଇଥାନ କରିବାକୁ ଉଦ୍ୟମ କରିଛନ୍ତି । ବିଭିନ୍ନ କମିଟିର ଅଧ୍ୟକ୍ଷ ଜଣେ ଜଣେ ସରକାରୀ ଅଧିକାରୀ ରହିଥାନ୍ତି । ବୈଠକ ଗୃହରେ ସେମାନଙ୍କ ପାଇଁ ସ୍ଥାନ ନ ଥିବାରୁ ସେମାନେ ବାହାରେ ବସି ରହିଥିଲେ । ସେହିପରି ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ବି ସିଟ୍ ଖାଲି ନ ଥିଲା । କମିଟି ଚୟନରେ ମନମୁଖୀ କାରବାର କରାଯାଇଥିବା ଦେଖିବାକୁ ମିଳିଥିଲା । ପୂର୍ବ ପ୍ରସ୍ତୁତି ଅନୁସାରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ବିଭିନ୍ନ କମିଟିର ସହ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଲୋକକଳା, ଲୋକ ସଂସ୍କୃତି ତଥା ପରମ୍ପରାକୁ ଜୀବିତ ରଖିବା ତଥା ଲୋକଲୋଚନକୁ ଆଣିବା ପାଇଁ ଏହି ଉତ୍ସବ ପାଳନ କରାଯାଉଛି । ହେଲେ ପ୍ରସ୍ତୁତି ବୈଠକରୁ ହିଁ ଏହା ନେତା ଓ ସରକାରୀ ଅଧିକାରୀଙ୍କ ଉତ୍ସବ ଭଳି ମନେ ହେଉଥିବା କଳାକାର ମତ ରଖିଛନ୍ତି । ସେହିପରି ପ୍ରତିବର୍ଷ ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଓ ସହ ଅଧ୍ୟକ୍ଷ ଭାବେ ଜଣେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ମନୋନୀତ କରାଯାଇଥାଏ । ଚଳିତ ବର୍ଷ ଏହି ପଦବୀରେ ଜଣେ ଅଣସାମ୍ବାଦିକଙ୍କୁ ମନୋନୀତ କରାଯାଇଛି । ଏହାକୁ ନେଇ ସାମ୍ବାଦିକମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହି ନିଷ୍ପତ୍ତିରେ ପରିବର୍ତ୍ତନ ନ କଲେ ଖବର ସଂଗ୍ରହରୁ ଦୂରେଇ ରହିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏନେଇ ଲିଖିତ ଭାବେ ମଧ ପ୍ରଶାସନକୁ ଜଣାଇଛନ୍ତି । ତେବେ ଲୋକଉତ୍ସବ ଆୟୋଜନ ଓ ଆୟୋଜକ କମିଟିରେ ରହିବା ପାଇଁ ଏତେ ପ୍ରତିଯୋଗିତା ପଛରେ କାରଣ କଣ ତାହା ଜଣା ପଡୁନି ।

## ପ୍ରଭାକର ରଥଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

**ବଲାଙ୍ଗିର,୨୩।୧୨(ସମିସ):** ଟିକ୍ରାପଡାସ୍ଥିତ ଦଧିବାମନ ମନ୍ଦିରରେ ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୫ତମ ଜୟନ୍ତୀ ପାଳନ ପାଇଁ ଡ. ପ୍ରେମ.ନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରତି ବର୍ଷ ପରି ଜାନୁୟାରୀ ୧ ତାରିଖରେ ଜୟନ୍ତୀ ପାଳନ ସହିତ ସମାଜସେବା ପାଇଁ ଉଲ୍ଲେଖ୍ୟନୀୟ ଯୋଗଦାନ ପାଇଁ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ଶତପଥିଙ୍କୁ ବାଧିତ ଜନବନ୍ଧୁ ପ୍ରଭାକର ରଥ ସେବା ସମ୍ମାନ ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ସଭାରେ ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ର, ସଂପାଦକ ସୁନାଧର ବନଛୋର, ଆଦ୍ୟାଶକ୍ତି ନାରୀ ସଂଗଠନର ସଭାପତି ମାଳତୀ ଉଦ୍‌ଗାତା, ସଂପାଦକ କସ୍ତୁରୀ ରଥ, ଶିଶୁ ବିକାଶ କେନ୍ଦ୍ରର ସଂପାଦକ ମଧୁ ସାହୁଙ୍କ ସହିତ ବିବେକାନନ୍ଦ ମିଶ୍ର, ରତ୍ନମୟ ତ୍ରିପାଠୀ, ମଦନ ମୋହନ ରଥ, ଧିରେନ୍ଦ୍ର ନାରାୟଣ ସିଂହଦେଓ, ସିତାଂଶୁ ଶେଖର ନାୟକ, ଦୁର୍ଗା ଚରଣ ସାହୁ, ଅରୁଣ ଖୁଆସ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଡା. ଅଶୋକ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତାକଡ଼ ସରକାରୀ ଜାଗା ଅବରୋଧ



କାଳିପଦା, ୨୩ା୧୨ (ସମିସ): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଛକ ନିକଟ ରାସ୍ତା କଡ଼ ଦୀର୍ଘ ଦିନରୁ ଅବରୋଧ ହୋଇ ଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜଳ ନିଷ୍କାସନ ଓ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହୋଇ ପାରୁ ନାହିଁ। ମୁଖ୍ୟରାସ୍ତାକୁ ଦୋକାନୀ ଓ ବ୍ୟବସାୟୀ ମାନେ କଂକ୍ରିଟ କରି ସେମାନଙ୍କ ବ୍ୟକ୍ତିଗତ ଜାଗାକୁ ଲଗାଇ ଦେଇଛନ୍ତି। ସିମୁଳିଆ ଛକ, ବ୍ଲକ ଛକ, ପାରୁଳିଆ ଛକ, ଜାମ କୁଣ୍ଡା ଛକ, ପୁରୁଣା ବସ ଷ୍ଟାଣ୍ଡ, ଗେଙ୍ଗୁଟିଆ ଛକ, ଘଣ୍ଟିଆଡ଼ି ଛକ, ଦାନ୍ତୁଣିଦା ଛକ, ଦେଭୋଗ ଛକ ଆଦି ଛକରେ ସମାନ ଅବସ୍ଥା ହୋଇଛି। ଏଗୁଡିକୁ ହଟା ନ ଗଲେ ଆଗାମୀ ବର୍ଷା ଋତୁ ବେଳକୁ ଜଳ ନିଷ୍କାସନ ନେଇ ଘୋର ସମସ୍ୟା ସୃଷ୍ଟି ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ସମବାୟ କାର୍ଯ୍ୟାଳୟ ନିକଟରେ କୁଢ କୁଢ ଅଳିଆ



ଜଳେଶ୍ୱର, ୨୩ା୧୨ (ସମିସ) : ଲକ୍ଷ୍ମଣନାଥ ପଞ୍ଚାୟତର ଦୁର୍ଗାପୂଜା ମେଳା ପଡିଆ ରାସ୍ତା ପାର୍ଶ୍ୱରେ ଥିବା ସେବା ସମବାୟ ସମିତି ନିକଟରେ କୁଢ କୁଢ ଅଳିଆ ଆବର୍ଜନା ଠୁଳ ହୋଇଥିବା ଦେଖିବାକୁ ମିଳିଛି। ସେଥିରୁ ବାହାରୁଥିବା ଦୁର୍ଗନ୍ଧ ସମସ୍ତଙ୍କୁ ଅଣନିଶ୍ୱାସୀ କରି ଦେଉଛି। ପଂଚାୟତ ପକ୍ଷରୁ ଯେତେପ୍ରକାର ଚେଷ୍ଟା କରି ନିଆଁ ଲଗାଯାଉଥିଲେ ମଧ୍ୟ ତାହା ନଷ୍ଟ ହେଉନଥିବାରୁ ସମିତି ସଦସ୍ୟ ଜିତେନ୍ଦ୍ର ଦାସ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପରିବେଶକୁ ସୁରକ୍ଷା ରଖି ତୁରନ୍ତ ସଫେଇ କରିବାକୁ ସେ ବିଡିଓ ଗୌରାଙ୍ଗ ଘୋଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସମାଜସେବୀ ଅନୁପ ପ୍ରଧାନ ମଧ୍ୟ ଅନୁରୂପ ଭାବରେ ଦାବି କରିଛନ୍ତି।

# ଘୋଷଣାରେ ସୀମିତ ରହିଯିବ କି ବସ୍ତା ଏନ୍‌ଏସି ?

ବସ୍ତା ବ୍ଲକ, ୨୩ା୧୨ (ସମିସ)



ବାଲେଶ୍ୱର ଜିଲ୍ଲା ବସ୍ତା ସଦ୍ୟ ଏନ୍‌ଏସି ଚୂଡାନ୍ତ ତାଲିକାରେ ସ୍ଥାନ ନ ପାଇବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଘୋଷଣାରେ ସୀମିତ ହୋଇ ରହିଯିବନି ତ ବସ୍ତା ଏନ୍‌ଏସି, ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ବିଜେଡି, କଂଗ୍ରେସ ସହିତ ଅନ୍ୟ ରାଜନୈତିକ ଦଳ ବସ୍ତାକୁ ଏନ୍‌ଏସିରୁ ବାଦ ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି। ଏହି ଘଟଣାକୁ ନେଇ ଖୋଦ୍ ବସ୍ତା ବିଧାୟିକା ସୋସିଆଲ ମିଡ଼ିଆରେ ନିଜ ଅସନ୍ତୋଷ ଜାହିର କରିବା ସହିତ କଂଗ୍ରେସର ନେତୃମଣ୍ଡଳୀ ସହିତ ବୁଦ୍ଧିଜୀବୀ ରାଜ୍ୟରେ ମୋହନ ମାଝୀ ସରକାରଙ୍କ ଉପରେ ପ୍ରବଳ ଅସନ୍ତୋଷ ଝାଡି ଛନ୍ତି। ବସ୍ତା ଏନ୍‌ଏସିକୁ ନେଇ ରାଜନୈତିକ ବାତାବରଣ ଉଷ୍ମତା ଭରି ଦେଇଥିବା ବେଳେ ସାମ୍ବାଦିକ ସମ୍ମିଳନୀ କରି ବସ୍ତା ବିଜେପି ତା'ର ବିବୃତି ରଖିଛି। ବସ୍ତା ଏନ୍‌ଏସି ତାଲିକାରୁ ବାଦ ପଡ଼ିବନି ଖୁବ୍‌ଶୀଘ୍ର ବସ୍ତା ଚୂଡାନ୍ତ ତାଲିକାରେ ଘୋଷଣା ହେବା ନେଇ ଦଳର ନେତାଙ୍କ ପ୍ରତିକ୍ରିୟା ପରିସ୍ଥିତିକୁ ଗୋଳ ମାଳିଆ କରି ଦେଇଥିବା ଚର୍ଚ୍ଚା ହେଉଛି।

ପ୍ରକାଶ ଯେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେତେବେଳର ବିଜେଡି ସରକାର ଘୋଷଣା କରିଥିବା ଏନ୍‌ଏସି ତାଲିକାରେ ବସ୍ତାକୁ ଘୋଷଣା କରିଥିଲେ। ଏହି ଘୋଷଣାକୁ ନେଇ ବସ୍ତା ବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଥିବା ବେଳେ ନିର୍ବାଚନ ପୂର୍ବରୁ ଏହି ଘୋଷଣା ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବା ପାଇଁ ଘୋଷଣା କରା ଯାଇଥିବା ବିଜେପି, କଂଗ୍ରେସ ସହିତ ଅନ୍ୟ ରାଜନୈତିକ ଦଳ ପକ୍ଷରୁ କୁହା ଯାଇଥିଲା। ମାତ୍ର ନିର୍ବାଚନ ପରେ ରାଜ୍ୟରେ ବିଜେପି ସରକାର ଆସିବା ପରେ ଏନ୍‌ଏସି ଘୋଷଣାକୁ କୌଣସି ସରକାରୀ ସ୍ୱୀକୃତି ମିଳିନଥିବା ଭଳି ଚାଞ୍ଚଲ୍ୟ କର ତଥ୍ୟ ବସ୍ତା ବିଜେପି ପକ୍ଷରୁ କୁହା ଯାଇଥିଲା। ନୂଆ ସରକାର ଆସିବା ପରେ ଗତ ଅଗଷ୍ଟ ମାସରେ ପୁଣି ଖୋଦ୍ ମୁଖ୍ୟମନ୍ତ୍ରୀ ଏନ୍‌ଏସି ଓ ମହାନଗର ନିଗମ ଘୋଷଣାରେ ବସ୍ତା କୁ ଏନ୍ ଏ ସି ଘୋଷଣା କରିଥିଲେ। ଏ ନେଇ ବସ୍ତା ବିଜେପି ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ସହିତ ବିଭାଗୀୟ ମନ୍ତ୍ରୀ ଓଡ଼ିଶା ସରକାର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ସ୍ୱାଗତ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଘୋଷଣା ହୋଇ ଥିବା ଏନ୍ ଏ ସି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ମୋହନ ମାଝୀ ସରକାର ଙ୍କ ବସ୍ତା କୁ ନିର୍ବାଚନୀ ଭେଟି ଦେଇଥିବା ବସ୍ତା ବିଜେପି ପକ୍ଷରୁ ପ୍ରତିକ୍ରିୟା ରଖା ଯାଇଥିଲା। ମାତ୍ର ଘୋଷଣାକୁ ୪ ମାସ ପରେ ଆଗକୁ ନବବର୍ଷ ପାଳନର ଅବ୍ୟବହିତ ପୂର୍ବରୁ ସୋମବାର ଏନ୍ ଏ ସି ର ଚୂଡାନ୍ତ ବିଜ୍ଞପ୍ତିରେ ବସ୍ତା ନାମ ନ ଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ବସ୍ତାର ବିଭିନ୍ନ ବର୍ଗର ଲୋକଙ୍କୁ ବ୍ୟଥିତ କରିଛି। ନାନା ସମସ୍ୟା ରେ ଜର୍ଜରିତ ବସ୍ତାବାସୀ ବିକାଶ ର ସ୍ୱପ୍ନ ଦେଖୁଥିବା ବେଳେ ଏନ୍‌ଏସି ମାନ୍ୟତାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ବିଗତ ବର୍ଷ ମାନଙ୍କ ମଧ୍ୟରେ ବସ୍ତା ଆଦର୍ଶ ବିଦ୍ୟାଳୟ, କୋର୍ଟ, ମୁକ୍ତାକାଶ କାରାଗାର, ବସ୍‌ଷ୍ଟାଣ୍ଡ, ରେଳ ଓଭର ବ୍ରିଜ, ଟ୍ରେନ ରହଣୀ ନେଇ ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ହରାଇଛି ବୋଲି ଅଭିଯୋଗ ହୋଇଛି। ଏ ନେଇ ବିଭିନ୍ନ ରାଜନୈତିକ ଦଳ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଗଣମାଧ୍ୟମକୁ ପ୍ରତିକ୍ରିୟା ମିଳିଛି। ବସ୍ତା ବିଧାୟିକା ସୁବାସିନୀ ଜେନା କହିଛନ୍ତି ରାଜ୍ୟ ସରକାରଙ୍କ ୨୪ଟି ଏନ୍ ଏ ସି ଚୂଡ଼ାନ୍ତ ତାଲିକାରେ ବସ୍ତା ବାଦ ପଡ଼ିବାକୁ ଦୃଢ଼ ନିନ୍ଦା କରିବା ସହିତ ବସ୍ତା ଏନ୍ ଏ ସି ଘୋଷଣା ଚୂଡାନ୍ତ ନ ହେବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବି ବୋଲି ସୋସିଆଲ ମିଡ଼ିଆ ରେ ପୋଷ୍ଟ କରିଛନ୍ତି।

ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଓଡ଼ିଶା ସରକାର ବସ୍ତା କୁ ଏନ୍ ଏ ସି ରୁ ବାଦ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଯଥା ଶୀଘ୍ର ଏନ୍ ଏ ସି ଘୋଷଣା କରନ୍ତୁ। ନହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି କହିଛନ୍ତି।

ଜେଏମଏମ ଜିଲ୍ଲା ସଭାପତି କମଳ ଲୋଚନ ବାରିକ ବସ୍ତାକୁ ଏନ୍ ଏ ସି ନ କରିବା ମନ୍ତ୍ରୀ ପାତର ଅନ୍ତର ଓ ଭେଦ ଭାବ କରାଯିବା ଦୁର୍ଭାଗ୍ୟ ଜନକ। ଏହା ବସ୍ତା ପ୍ରତି ପ୍ରତାରଣା। ଖୁବ ଶୀଘ୍ର ସରକାର ବସ୍ତାକୁ ତାଙ୍କ ନାର୍ଯ୍ୟ ଦାବି ଦିଅନ୍ତୁ ବୋଲି ଦାବି କରିଛନ୍ତି।

ବୁଧବାର ବସ୍ତା କଂଗ୍ରେସ ପକ୍ଷରୁ ବସ୍ତା ବଜାରରେ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ଡାକରା ଦେଇଥିବା ବେଳେ ମଙ୍ଗଳବାର ଅପରାହ୍ନ ରେ ବସ୍ତା ବିଜେପି ପାର୍ଟି କାର୍ଯ୍ୟାଳୟ ରେ ବିଜେପି ଜିଲ୍ଲା ସଭାପତି ( ଉତ୍ତର) ପ୍ରଦୀପ କୁମାର ପଣ୍ଡା, ବସ୍ତା ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ରବୀନ୍ଦ୍ର କୁମାର ଜୈନଙ୍କ ସହିତ ଅନ୍ୟ ବିଜେପି ନେତୃବୃନ୍ଦଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ସରକାର ପକ୍ଷରୁ ଘୋଷଣା ଏକ ରାଜନୈତିକ ଚକ୍ରାନ୍ତ ଥିଲା ବୋଲି କହିଥିଲେ। ୧୬ ଅଗଷ୍ଟରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୩୦ ଦିନ ଅଭିଯୋଗ ଗ୍ରହଣ କରିବାର ସମୟ ଥିଲା। ସାମ୍ବିଧାନିକ ପ୍ରକ୍ରିୟା ଚାଲିଥିବା ବେଳେ ଏହା ଖୁବ୍ ଶୀଘ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଘୋଷଣା କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ରେ ମତବ୍ୟକ୍ତ କରିଥିଲେ।

**ସବୁ ମହଲରେ ତୀବ୍ର ପ୍ରତିକ୍ରିୟା**

**ସାମ୍ବାଦିକ ସମ୍ମିଳନୀ କରି ବିବୃତି ରଖିଲା ବସ୍ତା ବିଜେପି**

## ଗୋଚର ଜମିରେ ରାସ୍ତା ନିର୍ମାଣକୁ କେନ୍ଦ୍ରକରି ଉତ୍ତେଜନା

ରୂପସା,୨୩ା୧୨ (ସମିସ) : ସଦର ବ୍ଲକ ଅଧିନସ୍ଥ ଶ୍ରୀରାମପୁର ପଞ୍ଚାୟତ ଉଇଟିକିରି ଗ୍ରାମରେ ଥିବା ଏକ ଗୋଚର ଜମିରେ ସରକାରୀ ଅନୁଦାନ ଅର୍ଥକୁ ଖର୍ଚ୍ଚରେ ନୂତନ କଂକ୍ରିଟ ରାସ୍ତା ନିର୍ମାଣ କରିବା ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗକୁ ଅଣଦେଖା କରି ଆଜି ଏଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମବାସୀ କାମ ବନ୍ଦ କରିଛନ୍ତି। ଅଭିଯୋଗ ମୁତାବକ ନିର୍ମାଣ ହୋଇଥିବା ରାସ୍ତାଟି ଉଇଟିକିରି ମୌଜାର ଖାତା ନମ୍ବର ୧୮୭ ଓ ପ୍ଲଟ ନମ୍ବର ୬୭ ଉପରେ ହୋଇଛି। ରେକର୍ଡ ମୁତାବକ ଏହି ପ୍ଲଟ ଟି ଏକ ଗୋଚର ଜମି ଅଟେ। ଗୋଚର ଜମିରେ ସରକାରୀ ଯୋଜନା ଅନ୍ତର୍ଭୁକ୍ତ କୌଣସି କାର୍ଯ୍ୟ କରାଯାଇ ନ ପାରିବାର ନିୟମ ଥିବାବେଳେ ଏଠାରେ ରାସ୍ତା ନିର୍ମାଣ ପୂର୍ବରୁ ଗ୍ରାମବାସୀ ମାନେ ଘଟଣା ସମ୍ପର୍କରେ ଜିଲ୍ଲା ପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ସଦର ବିଡ଼ିଓ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିଥିଲେ, ମାତ୍ର ଏହି ସବୁ ଅଭିଯୋଗ କୁ ଅଣଦେଖା କରି ଆଜି ଏଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମବାସୀ ମାନେ ସେଠାରେ ପହଞ୍ଚି କାମ ବନ୍ଦ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ନିର୍ମାଣ ହୋଇଥିବା କାମର ବିଲ ନ କରିବାକୁ ଲୋକେ ଦାବି କରିଛନ୍ତି।

## ଗ୍ରାମରେ କାର୍ଯ୍ୟ ନ ହୋଇ ଅର୍ଥ ହଡ଼ପ ଅଭିଯୋଗ



ଭୋଗରାଇ, ୨୩ା୧୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଶିଆଳିଆ ଗ୍ରାମର ନାରାୟଣ ଘରଠାରୁ ଶିଆଳିଆ ପିଏମ୍‌ଜି ଏସ ୱାଇ ରାସ୍ତା ପର୍ଯ୍ୟନ୍ତ ଡ୍ରେନେଜ ଓ ହୋମପାଇପ ବିଛାଇବା ନିମନ୍ତେ ଆର ଡବ୍ଲୁ ଏସ ଏସ ପକ୍ଷରୁ ୪ ୮ ହଜାର ୫ ଶହ ୧୦ ଟଙ୍କା ମଞ୍ଜୁର ହୋଇଥିବାବେଳେ ଉକ୍ତ କାର୍ଯ୍ୟ ଗ୍ରାମରେ ନ ହୋଇ ସମସ୍ତ ସରକାରୀ ଅର୍ଥକୁ ହଡପ କରାଯାଇଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ପଞ୍ଚାୟତ ଏବଂ ଗ୍ରାମରେ ରାଜନୈତିକ ତୁମ୍ବି ତୋଫାନ ଓ ଚାପା ଉତ୍ତେଜନା ଦେଖାଦେଇଛି। ଏଭଳି ସ୍ଥିତିରେ ଗ୍ରାମବାସୀମାନେ ଉଚ୍ଚ ସ୍ତରୀୟ ନିରପେକ୍ଷ ତଦନ୍ତ ଦାବି କରିବା ସହିତ ଭୋଗରାଇ ବିଡ଼ିଓ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଘଟଣାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ତୁତୁ ମେ ମେ ହେଉଥିବାବେଳେ ଭୁଲରେ ଶିଆଳିଆ ଗ୍ରାମର କାର୍ଯ୍ୟ ନିମନ୍ତେ ଅର୍ଥ ଉଠାଣ ହୋଇଥିବାର ସ୍ୱୀକାର କରିଛନ୍ତି। ଉକ୍ତ ପଞ୍ଚାୟତର ମନ୍ମଥ ଦତ୍ତ, ଅନାଦି ବେହେରା, ନାରାୟଣ ଘଡ଼ାଇ, ପ୍ରଦୀପ କୁମାର ପଣ୍ଡା, ଅଧୀରଥ ଜେନା, ସୂର୍ଯ୍ୟକାନ୍ତ ଦତ୍ତ, ଅନିରୁଦ୍ଧ ପରିଡା, ଆଶିଷ ବିଶ୍ୱାଳ, ହରିପଦ ଦାସ, ଶଙ୍କରପାଳ ସମେତ ଗ୍ରାମବାସୀ ସୋମବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ କରି ପଞ୍ଚାୟତ କାର୍ଯ୍ୟକାରୀ ନିର୍ବାହୀ ଅଧିକାରୀ ଓ ନେତାଙ୍କ ସଲାସୁତୁରାରେ ସରକାରୀ ଅର୍ଥକୁ ହଡପ କରିଥିବାର ଅଭିଯୋଗ କରିବା ସହିତ ଦୋଷୀଙ୍କୁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନନେଲେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଭଳି ଘଟଣାରେ ଭୋଗରାଇ ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା ତଦନ୍ତ ହେବ ବୋଲି ସୂଚନା ଦେଇଛନ୍ତି।

## ଜଳେଶ୍ୱର ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଜଳେଶ୍ୱର,୨୩ା୧୨(ସମିସ): ଜଳେଶ୍ୱର ଅଞ୍ଚଳରେ ଗୁରୁକୁଳ ଶିକ୍ଷା ଦାନ ରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଜଳେଶ୍ୱର ବଡ଼ ବଜାରସ୍ଥିତ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶିକ୍ଷା ବିକାଶ ସମିତି ପରିଚାଳିତ ବିଦ୍ୟାଳୟରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଶଶିକାନ୍ତ ପ୍ରଧାନ ଅଦ୍ଧକ୍ଷତା କରି ଗୁରୁକୂଳ ଶିକ୍ଷାଦାନର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ଜୀବନ ବୀମା ନିଗମର ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ବିହାରୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ପ୍ରାନ୍ତ ସହ ସଂଯୋଜକ ହେମନ୍ତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ଗିରିଶ ପାଣିଗ୍ରାହୀ ସାରଗର୍ଭକ ଭାଷଣ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଧା ରଞ୍ଜନ ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟାଚାର୍ଯ୍ୟ ରାଧାକୃଷ୍ଣ ଗିରିଙ୍କ ରଚିତ ନିର୍ଦ୍ଦେଶିତ ଏବଂ ପ୍ରଫୁଲ୍ଲ ଘୋଷଙ୍କ ସହଯୋଗରେ ସାମାଜିକ ନାଟକ "ନିଅ ମୋର ମୁଣ୍ଡ ବଳି' ମଞ୍ଚସ୍ଥ ହୋଇ ଥିଲା। ଗୁରୁଜୀ ଉମା ଶଙ୍କର ପାଳ ମଞ୍ଚ ସଞ୍ଚାଳନ, ନରହରି ବେହେରା ବୃକ୍ଷଚାରା ଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଉପସଭାପତି ରାଜେନ୍ଦ୍ର କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶିଷ୍ଟ ପୂଜକ ବଂଶୀଧର ପଣ୍ଡାଙ୍କ ତିରୋଧାନ



ନୀଳଗିରି, ୨୩ା୧୨ (ସମିସ): ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ଡାଳିମ୍ବପାଳ ଗ୍ରାମର ବିଶିଷ୍ଟ ପୂଜକ ତଥା ସମାଜସେବୀ ବଂଶୀଧର ପଣ୍ଡା ୮୦ବର୍ଷ ବୟସରେ ପରଲୋକ ଘଟିଛି। ଜଣେ ବିଶିଷ୍ଟ ବାସ୍ତୁବିତ୍ ଭାବରେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଦୀର୍ଘଦିନ ଧରି ନିକଟସ୍ଥ ନରଣପୁର ଗ୍ରାମର ଶିବମନ୍ଦିରର ପୂଜକ ଭାବରେ କାର୍ଯ୍ୟକରି ପ୍ରିୟଭାଜନ ହୋଇପାରିଥିଲେ। ଉଚ୍ଚ ରକ୍ତଚାପ, ମୂତ୍ରାଶୟ ରୋଗରେ ପୀଡିତ ଥିବାବେଳେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କର ମରଶରୀର ପ୍ରଥମେ ନରଣପୁର ପହଞ୍ଚିବାପରେ ଶହଶହ ସଂଖ୍ୟାରେ ପୁରୁଷ ଓ ମହିଳା ତାଙ୍କ ପାର୍ଥିବ ଶରୀରକୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଡାଳିମ୍ବପାଳ ନିଆଯାଇ ଗ୍ରାମ ପରିକ୍ରମା କରି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବିଜେପି ଜିଲ୍ଲା କମିଟିରେ ଗଣମାଧ୍ୟମ ସହସଂଯୋଜକ ହେଲେ ଲୋକନାଥ ପରିଡ଼ା



ବାଲେଶ୍ୱର/ଖନ୍ତାପଡ଼ା,୨୩ା୧୨(ସମିସ): ବାଲେଶ୍ୱର ଜିଲ୍ଲା ବିଜେପି କମିଟି ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଂଗଠନ ମନ୍ତ୍ରୀ ମାନସ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ତଥା ବାଲେଶ୍ୱର ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଗଣମାଧ୍ୟମ ସହ-ସଂଯୋଜକ ଭାବେ ଲୋକନାଥ ପରିଡାଙ୍କ ନାମ ଘୋଷଣା ହୋଇଛି। ଏ ନେଇ ଶ୍ରୀ ପରିଡ଼ା ବିଜେପି ରାଜ୍ୟ ସଭାପତି, ସଂଗଠନ ମନ୍ତ୍ରୀ, ଜିଲ୍ଲା ସଭାପତି, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ସାଧୁବାଦ ଜଣାଇଛନ୍ତି। ଆଗାମୀ ଦିନରେ ସରକାରଙ୍କ ଜନହିତାଧିକାରୀ ଯୋଜନା ତଥା ଅନ୍ୟ ବିଷୟବସ୍ତୁକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାରେ ଗଣମାଧ୍ୟମର ସୁଚାରୁ ରୂପେ ସଂଯୋଜନା କରିବେ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଠକ୍କେଇ

ବାଲେଶ୍ୱର(ଉତ୍ତର)/ ଭୋଗରାଇ,୨୩ା୧୨(ସମିସ)



ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନରେ ଚାଷୀଙ୍କ ସହ ପ୍ରତାରଣା କରାଯାଉଛି। ଯାହାର ପ୍ରମାଣ ଦେଖିବାକୁ ମିଳିଛି ସରକାରଙ୍କ ୨୦୨୪/୨୫ ଖରିଫ ଫସଲ ବୀମା ରିପୋର୍ଟରେ। ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ଆସିଥିବା ବନ୍ୟାରେ ପ୍ରଭାବିତ ହୋଇଥିବା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୧୨ଟି ପଞ୍ଚାୟତର ହଜାର ହଜାର ହେକ୍ଟର ଜମିରେ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ଚାଷୀଙ୍କର ୯୦ ପ୍ରତିଶତ ଫସଲ ବେଳେ ଫସଲ କଟା (କ୍ରପ କଟିଂ) ରିପୋର୍ଟ ଅନୁଯାଇ ମାତ୍ର ତିନିଟି ପଞ୍ଚାୟତରେ ୧୦ପ୍ରତିଶତ କ୍ଷତି ଦର୍ଶା ଯାଇଛି। ଯାହା ସମ୍ପୂର୍ଣ୍ଣ ଭାବେ ଚାଷୀଙ୍କ ସହିତ ପ୍ରତାରଣା କରାଯାଇଛି ବୋଲି ଆଜି ଭୋଗରାଇ ବିଜୁ ଜନତା ଦଳ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଏପରିକି ଯଦି ଏହାର ସଠିକ ଓ ନିରପେକ୍ଷ ତଦନ୍ତ ଏବଂ ଚାଷୀମାନଙ୍କୁ ଉଚିତ କ୍ଷତିପୂରଣ ନ ମିଳେ ତେବେ ଦଳ ପକ୍ଷରୁ ଏକ ବିରାଟ କୃଷକ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଆଜି ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ଦେହୁର୍ଦ୍ଦା ସ୍ଥିତ ବିଜେଡି ପାର୍ଟି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଦଳର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ଗଣପତି ଗିରି ସଭାପତିତ୍ୱ କରିଥିଲେ। ଏଥିରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇ ସୂଚନା ଦେଇଥିଲେ ଯେ ୨୦୧୬ରୁ ବୀମା କମ୍ପାନୀଙ୍କ ଦ୍ୱାରା "ପ୍ରଧାନମନ୍ତ୍ରୀ ଫସଲ ବୀମା' ଯୋଜନା କାର୍ଯ୍ୟକାରୀ ହୋଇ ଆସୁଛି। ଭୋଗରାଇରେ ୮୦ ପ୍ରତିଶତ ଚାଷୀ ଏହି ଯୋଜନାରେ ଅନର୍ଭୁକ୍ତ ହୋଇଥିଲେ ମଧ୍ୟ ଗତ ୨ ବର୍ଷ ମଧ୍ୟରେ ଫସଲ କ୍ଷତିରେ ଚାଷୀମାନେ ବୀମା ସହାୟତା ରାଶି ଅତି ନଗଣ୍ୟ ଭାବେ ପାଇଛନ୍ତି। ସଂଗୃହୀତ ମୋଟ ପ୍ରିମିୟମ ରାଶିରୁ ଘରୋଇ କମ୍ପାନୀମାନେ ବେଶ ମୋଟା ଅଙ୍କର ମୁନାଫା କମେଇଛନ୍ତି। ବିଧାୟକ ଶ୍ରୀ ଦାସ ଆହୁରି କହିଛନ୍ତି ଯେ ୨୦୨୪ ଖରିଫ ଋତୁରେ ଭୋଗରାଇ ବ୍ଲକ ସୁବର୍ଣ୍ଣରେଖା ନଦୀରେ ବହୁବାର ବନ୍ୟା ଏବଂ ପ୍ରବଳ ବର୍ଷାର ସମ୍ମୁଖୀନ ହୋଇଥିଲା, ଯାହା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବ୍ଲକର ୫୦ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୧୨ଟି ଗ୍ରାମ ପଞ୍ଚାୟତ ଗୁରୁତର ଭାବରେ ପ୍ରଭାବିତ ହୋଇଥିଲା, ହଜାର ହଜାର ହେକ୍ଟର ଧାନ କ୍ଷେତ ଦୀର୍ଘ ସମୟ ପାଇଁ ପାଣି ତଳେ ବୁଡ଼ି ରହିଥିଲା। ଏହି ପ୍ରଭାବିତ ଗ୍ରାମ ପଞ୍ଚାୟତଗୁଡ଼ିକର ସରକାରୀ ଫସଲ କଟା ରିପୋର୍ଟ ଅନୁଯାୟୀ, ଚାଷୀମାନେ ୯୦%ରୁ ଅଧିକ ଫସଲ କ୍ଷତି କରିଥିଲେ, ଯାହା ଫଳରେ ସେମାନଙ୍କ ଜୀବିକା ବିପଦପୂର୍ଣ୍ଣ ହୋଇଯାଇଥିଲା। ତେବେ ଓଡିଶା ରେ ଫସଲ ବୀମା କରାଇବା ଦାୟିତ୍ୱ ରେ ଥିବା ଏସ ବି ଆଇ ଜେନେରାଲ ଇନସ୍ୟୁରେନ୍ସ ପ୍ରତାରଣାମୂଳକ ଭାବରେ ମୂଳ ରିପୋର୍ଟଗୁଡ଼ିକୁ ପରିବର୍ତ୍ତନ କରିଛି। ଫଳସ୍ୱରୂପ, କେବଳ ୩ଟି ପଂଚାୟତ ଆରୁହାବୃତ୍ତି, କୁସୁଡ଼ା ଏବଂ ମହାଗବ କେବଳ କ୍ଷତିପୂରଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ଏବଂ ଏହି କ୍ଷେତ୍ରରେ ମଧ୍ୟ, ଫସଲ କ୍ଷତିକୁ ୧୦ଧ ରୁ କମ୍ ଦର୍ଶାଯାଇଛି। ଏହି ହେରଫେର ଯୋଗୁଁ

ସମଗ୍ର ଭୋଗରାଇ ବ୍ଲକର ଚାଷୀମାନଙ୍କ ପାଇଁ ମାତ୍ର ୧୯ ଲକ୍ଷ ଟଙ୍କାର ସାମାନ୍ୟ ମଞ୍ଜୁର ହୋଇଛି। ଆଶ୍ଚର୍ଯ୍ୟଜନକ ଭାବରେ, ବାକି ୯ ପ୍ରଭାବିତ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି, କୌଣସି କ୍ଷତିପୂରଣ ମଞ୍ଜୁର କରାଯାଇ ନାହିଁ। ଏହି ସ୍ପଷ୍ଟ ହେରଫେର କେବଳ ଗରିବ ଚାଷୀମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରି ନାହିଁ ବରଂ ବୀମା କମ୍ପାନୀ ଦ୍ୱାରା ସଂଗଠିତ ଏକ ବିଶାଳ ଆର୍ଥିକ ଠକେଇକୁ ମଧ୍ୟ ପ୍ରମାଣିତ କରୁଛି ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ଏବଂ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ବିଧାୟକ ଶ୍ରୀ ଦାସ ଦାବି କରିଛନ୍ତି। ପ୍ରାସଙ୍ଗିକ ଯେ ରାଜ୍ୟ ସରକାର ଫସଲ ବୀମା ଯୋଜନା ଅଧୀନରେ ପ୍ରିମିୟମ୍ ଖର୍ଚ୍ଚ ବହନ କରନ୍ତି ଯାହା ଦ୍ୱାରା ଚାଷୀମାନଙ୍କୁ ଏପରି ପରିସ୍ଥିତିରୁ ରକ୍ଷା କରାଯାଇପାରିବ। ମାତ୍ର ଚାଷୀମାନଙ୍କୁ ଠକି ଏବଂ ସେମାନଙ୍କ ଦାବି ଠାରୁ କମ୍ ଦେଇ, ବୀମା କମ୍ପାନୀ ସରକାରଙ୍କ ଦ୍ୱାରା ଆବଣ୍ଟିତ ସାଧାରଣ ପାଣ୍ଠିକୁ ପ୍ରଭାବଶାଳୀ ଭାବରେ ଲୁଟ କରୁଛନ୍ତି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ସମେତ ବ୍ଲକ ଅଧକ୍ଷ ପ୍ରବୀର ଗିରି, ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ, କବିତା ମହାନ୍ତି, ନିବେଦିତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସନ୍ତୋଷ କୁମାର ସାସମଲ ପ୍ରମୁଖ ଉପସ୍ଥିତ ହୋଇ ରାଜ୍ୟ ସରକାର ଓ ପ୍ରଶାସନ ଉକ୍ତ ଘଟଣାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

**ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କଲା ଭୋଗରାଇ ବିଜୁ ଜନତା ଦଳ**

## ବିଦ୍ୟାଳୟରେ ବିଜ୍ଞାନ ଓ ଖାଦ୍ୟ ପ୍ରଦର୍ଶନୀ



ଭୋଗରାଇ, ୨୩ା୧୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଦେହୁର୍ଦ୍ଦା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ମଙ୍ଗଳବାର ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ବିଜ୍ଞାନ ଓ ବିଭିନ୍ନ ସ୍ୱାଦର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ୨ଟି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ଜେନା। ଶିକ୍ଷାନୁଷ୍ଠାନର ମୁଖ୍ୟ ଦେବାଶିଷ ବିଶ୍ୱାଳ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାର ଉକ୍ତ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଆପ୍ରାଣ ଉଦ୍ୟମ ଜାରିରଖିଛନ୍ତି। ସମ୍ମାନିତ ଅତିଥିଭାବେ ଶିକ୍ଷକ ଭରତ ଭୂଷଣ ଦାସ, ଜଗଦୀଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ଦକ୍ଷ ବିଜ୍ଞାନ ଶିକ୍ଷକଙ୍କ ଦ୍ୱାରା ଜୁନିୟର ଓ ସିନିୟରରୁ ୮ ଜଣ କୃତି ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସାର୍ଟିଫିକେଟ, ମାନପତ୍ର, ସମ୍ବର୍ଦ୍ଧନା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ନୟନଯୋରୀକୁ ଓଲଟିଲା ପିକ୍‌ଅପ୍

ଜଳେଶ୍ୱର, ୨୩ା୧୨ (ସମିସ) : ଗତ ସୋମବାର ରାତିରେ ଏକ ପିକ୍‌ଅପ୍ ରାଜ୍ୟ ରାଜପଥ ୫୭ର ଆମ୍ବଳିଅଠା ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ନୟନଯୋରୀକୁ ଖସିପଡିଛି। ପିକ୍‌ଅପ୍‌ଟି ଛକ ନିକଟରେ ଏକ କାର୍‌କୁ ଧକ୍କା ଦେଇ ଦ୍ରୁତଗତିରେ ଗଲାବେଳେ ପ୍ରାୟ ୩୦ଫୁଟ ଗଭୀର ଖାତ ଖସିଥିବା ଜଣାଯାଇଛି। ପିକଅପ୍‌ଟି ଇଫକୋ ସାର କମ୍ପାନୀର ବିଜ୍ଞାପନ ପ୍ରଚାର କରୁଥିବା ବେଳେ ଡ୍ରାଇଭର ନିଶାସକ୍ତ ଭାବେ ଗାଡି ଚଳାଉଥିବା ଜଣାଯାଇଛି। ସ୍ଥାନୀୟ ଯୁବକ ସହାୟତାରେ ପୁଲିସ୍ ଡ୍ରାଇଭରକୁ ଉଦ୍ଧାର କରି ହସ୍‌ପିଟାଲରେ ଚିକିତ୍ସାର ବ୍ୟବସ୍ଥା କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ ହସ୍‌ପିଟାଲ ଅଣ୍ଡରପାସ୍‌ଠାରୁ ଆମ୍ବଳିଅଠା ଛକ ମଧ୍ୟରେ ରାସ୍ତା ପ୍ରବଳ ଗହଳି ଲାଗି ରହୁଥିବା ଡିଭାଇଡର ଲଗାଇବାକୁ ଦାବି ହେଉଛି।

# ଧରାପଡ଼ିଲା ଲୁଟେରା ଗ୍ୟାଙ୍ଗ୍, ୯ ଗିରଫ

## ୧୭ ମୋବାଇଲ ଓ ୧୩ ବାଇକ ଜବତ

ବାଲେଶ୍ୱର,୨୩।୧୨(ସମିସ)

ବାଲେଶ୍ୱରର ସହରରେ ଦିନକୁ ଦିନ ଚୋରି ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ସହରରେ ମୋବାଇଲ ଠାରୁ ଆରମ୍ଭ କରି ବାଇକ ଚୋରି ମଧ୍ୟ ହେଉଛି। ତେବେ ସହଦେବଖୁଣ୍ଟା ଥାନା ପୁଲିସ ହାତରେ ଏଭଳି ଏକ ଗ୍ୟାଙ୍ଗ ଧରାପଡିଛି। ସହଦେବଖୁଣ୍ଟା ପୁଲିସ ଗତ କାଲି ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ମାଲଗୋଦାମ ନିକଟରେ କିଛି ଯୁବକ ଡକାୟତି ଯୋଜନା କରୁଥିବା ଖବର ପାଇ ପୁଲିସ ଘଟଣା ସ୍ଥଳରେ ଚଢ଼ଉ କରିଥିଲା। ଏହି ଚଢ଼ଉ ବେଳେ ପୁଲିସ ଘଟଣାସ୍ଥଳରୁ କିଛି ଅସାମାଜିକ ଯୁବକଙ୍କୁ ଗିରଫ କରିଥିବା ବେଳେ ସେଠାରୁ ୫ଟି ଗାଡି, ମଦ ବୋତଲ ଏବଂ ଦୁଇଟି ତେଲେଙ୍ଗା କଟୁରୀ ଜବତ କରିଥିଲା। ତଦନ୍ତ ପରେ ଏହି ଘଟଣାରେ ଦୁଇ ଜଣ ନାବାଳକଙ୍କୁ ମିଶାଇ ମୋଟ ୯ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୧୭ଟି ଚୋରି ମୋବାଇଲ ଏବଂ ୧୩ଟି ବାଇକ ଜବତ କରିଛି ବୋଲି ସହଦେବଖୁଣ୍ଟା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇପିଏସ ପ୍ରୋବେଶନର ତଥା ସିଟି ଡିଏସପି ମନସା ସଗୁନ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ



ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚାନ୍ଦିପୁର ଥାନା ପାତ୍ରପଡା ଅଞ୍ଚଳର ଧୀରଜ ବେହେରା(୧୯), ଟାଉନ ଥାନା ଅନ୍ତର୍ଗତ କସିମିଳା ଅଞ୍ଚଳର ସରଜୁ ଖାନ(୧୮), ଟାଉନ ଥାନା ଅନ୍ତର୍ଗତ କସିମିଳା ଅଞ୍ଚଳର ସେକ ରଫି(୨୩), ଟାଉନ ଥାନା ଅନ୍ତର୍ଗତ ବଡଖୁଆ ଅଞ୍ଚଳର ସୁଶାନ୍ତ ଜେନା(୨୨), ସଦର ଥାନା ଅର୍ନ୍ତଗତ ଟିଆଖିଆ ଅଞ୍ଚଳର ସଞ୍ଜୟ ଦାସ(୧୯) ଓ ଅଶୋକ ଦାସ(୨୨) ଏବଂ ଚୋରି ମୋବାଇଲ କିଣିଥିବା ଦୋକାନୀ ଟାଉନ ଥାନା ଅନ୍ତର୍ଗତ ବାଲୁବଜାର ଅଞ୍ଚଳର ସେକ ସଲିମ (୩୯)। ସେମାନେ ଟ୍ରେନ ଏବଂ ବସରୁ ଓହ୍ଲାଇ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ଯାତ୍ରୀମାନଙ୍କୁ ଟାର୍ଗେଟ କରି ଡକାୟତି ଉଦ୍ୟମ କରୁଥିଲେ। ୧୭ଟି ମୋବାଇଲ ସହ ୧୩ଟି ଗାଡି ଚୋରି କରିଥିଲେ ବୋଲି ସ୍ୱୀକାର କରିଥିଲେ। ବାକି ୮ଟି ଗାଡି କସିମିଳା ନିକଟରେ ଏକ ଜଙ୍ଗଲରେ ଲୁଚାଇ ରଖିଥିଲେ ବୋଲି କହିଥିଲେ। ପୁଲିସ ସେହି ଡକାୟତମାନଙ୍କୁ ନେଇ କସିମିଳା ଠାରୁ ୮ଟି ବାଇକ ଜବତ କରିଥିଲେ। ଏହାଛଡା ୧୭ଟି ମୋବାଇଲକୁ କସିମିଳା ଅଂଚଳର ଜଣେ ମୋବାଇଲ ଦୋକାନୀ ସେକ ସଲିମଙ୍କୁ ବିକ୍ରୀ କରିଥିବା କହିବାରୁ ସେ ସଲିମଙ୍କ ଦୋକାନରେ ଚଢ଼ାଉ କରି ସମସ୍ତ ଚୋରି ମୋବାଇଲ ଜବତ କରିବା ସହ ତାଙ୍କୁ ମଧ୍ୟ ଗିରଫ କରିଥିଲା। ଏହି ବାଇକ ଗୁଡିକ ପାଖାପାଖି ୫ବର୍ଷ ପୂର୍ବରୁ ପ୍ରାୟ ଚୋରି ହୋଇଥିବା ବେଳେ ଆଜି ଜବତ ହୋଇଥିବା ୧୩ଟି ବାଇକ ମଧ୍ୟରୁ ୧୦ଜଣ ଗାଡିମାଲିକଙ୍କୁ ତାଙ୍କ ବାଇକ ଫେରାଇ ଦିଆଯାଇଥିବା ବେଳେ ଜଣେ ମୋବାଇଲ ମାଲିକଙ୍କୁ ତାଙ୍କ ମୋବାଇଲ ଫେରାଇ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସହଦେବଖୁଣ୍ଟା ଥାନା ଅଧିକାରୀ ବିଜ୍ଞାନ ସାହୁ, ଏଏସଆଇ ଅଭିଷେକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

● ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା

## ଜୁନିୟର ଆକାଉଣ୍ଟାଣ୍ଟ ଗିରଫ

ବାଲେଶ୍ୱର,୨୩।୧୨(ସମିସ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ ଜିଲ୍ଲାରେ ସିଭିଲ ସପ୍ଲାଏ ଅଫିସରେ କାର୍ଯ୍ୟରତ ଜୁନିୟର ଆକାଉଣ୍ଟାଣ୍ଟ ରବୀନ୍ଦ୍ର କୁମାର ବାରିକ ଗିରଫ ହୋଇଛନ୍ତି। ବାଲେଶ୍ୱରରେ ଥିବା ତାଙ୍କ ଘର ଉପରେ ଗତକାଲି ବାଲେଶ୍ୱର ଭିଜିଲାନସ ଟିମ ଚଢ଼ାଉ କରିଥିଲା। ଚଢ଼ଉ ସମୟରେ ଦୁଇଟି ତିନିମହଲା କୋଠା ଓ ଗୋଟିଏ କଲ୍ୟାଣ ମଣ୍ଡପ ଥିବା ଜଣାପଡିଥିଲା। ଏହାଛଡା ବ୍ୟାଙ୍କରେ ଗଚ୍ଛିତ ଟଙ୍କା ସହ ୧୭୫ଗ୍ରାମର ସୁନା ଗହଣା ଠାବ ହୋଇଥିଲା। ତେବେ ତଦନ୍ତ ଶେଷ ହେବା ପରେ ଶ୍ରୀ ବାରିକଙ୍କ ଚାକିରି ଜୀବନର ଆୟଠାରୁ ୨୫୭% ଅଧିକ ହୋଇ ମୋଟ ୩କୋଟି ୭୩ଲକ୍ଷ ୭୦ହଜାର ୮୮୭ଟଙ୍କା ରହିଥିବା ନେଇ ଆଜି ଭିଜିଲାନସ ଏସ୍‌ପି ଅରୁଣ କୁମାର ନାୟକ ସୂଚନା ଦେଇଛନ୍ତି। ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ମିଶାଇ ମୋଟ ୩କୋଟି ୭୩ଲକ୍ଷ ୭୦ହଜାର ୮୮୭ଟଙ୍କା ରହିଥିବା ବେଳେ ସେଥିମଧ୍ୟରୁ ଆୟ ବର୍ହିଭୂତ ସମ୍ପତ୍ତି ହେଉଛି ୩ କୋଟି ୨୮ଲକ୍ଷ ୪୦ହଜାର୨୫୭ଟଙ୍କା। ଏହାଛଡା ଗୋଟିଏ ତିନି ମହଲା କୋଠାର ମୂଲ୍ୟ ଦୁଇ କୋଟି ୪୯ଲକ୍ଷ ଟଙ୍କା ହୋଇଥିବା ବେଳେ ୪୩ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନସ ରହିଥିବା ବେଳେ ୨୫ଲକ୍ଷ ଟଙ୍କାର ବୀମା ମଧ୍ୟ ରହିଛି। ଏ ନେଇ ବାଲେଶ୍ୱର ଭିଜିଲାନସରେ ୧୯/୨୫ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଏସପି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

ଆୟଠାରୁ ୨୫୭% ସମ୍ପତ୍ତି ଠାବ

● ନାବାଳିକା ପର୍ଯ୍ୟଟକଙ୍କୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର,୨୩।୧୨(ସମିସ): ନୀଳଗିରିରେ ବହୁ ଚର୍ଚ୍ଚିତ ପଂଚୁଲିଙ୍ଗେଶ୍ୱରରେ ନାବାଳିକା ପର୍ଯ୍ୟଟକଙ୍କୁ ଦୁଷ୍କର୍ମ ମାମଲାର ଆଜି ରାୟ ପ୍ରକାଶ ପାଇଛି। ଏହି ମାମଲାକୁ ଆଡହକ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅନୀତା ସାହୁ ବିଚାର କରି ଅଭିଯୁକ୍ତ କରୁଣାକର ମହାନ୍ତିକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ତାଙ୍କୁ ୨୧ହଜାର ଟଙ୍କା ଜରିମାନା ଆଦେଶ କରିବା ସହ ଅନାଦେୟ ହେଲେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏହାଛଡା ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ପ୍ରଦାନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ଜାନୁଆରୀ ୧୮ରେ ପୀଡ଼ିତା ଜଣକ ତାଙ୍କ ସମ୍ପର୍କୀୟ ଭାଇଙ୍କ ସହ ନୀଳଗିରିସ୍ଥିତ ଭଉଣୀଙ୍କ ଶଶୁରଘରକୁ ଯାଇଥିଲେ। ସେଠାରୁ ଫେରିବା ପରେ ପଂଚୁଲିଙ୍ଗେଶ୍ୱରକୁ ଯାଇଥିବା ସମୟରେ ନୀଳଗିରି ଥାନା ଅର୍ନ୍ତଗତ ଶ୍ୟାମସୁନ୍ଦରପୁର ଅଞ୍ଚଳର କରୁଣାକର ମହାନ୍ତି ନାବାଳିକାଙ୍କୁ ଏକ ମାରଣାସ୍ତ୍ର ଦେଖାଇ ଭାଇଙ୍କ ଠାରୁ ଅପହରଣ କରିନେଇ ପଂଚୁଲିଙ୍ଗେଶ୍ୱର ପାନ୍ଥଶାଳା ପଛପଟ ଜଙ୍ଗଲକୁ ନେଇ ସେଠାରେ ଦୁଷ୍କର୍ମ କରିଥିଲା। ଏ ନେଇ ପୀଡ଼ିତା ଜଣଙ୍କ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ଜଜ ୧୯ଟି ସାକ୍ଷୀ ଏବଂ ୩୩ଟି ଦସ୍ତାବିଜକୁ ଆଧାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଅନିଲ ପରିଡା ଏବଂ ଦୀପକ କୁମାର ଦାଶ ପରିଚାଳନା କରୁଥିଲେ।

## କଞ୍ଚିନବାଗ ଚାମ୍ପିଅନ ଲିଗ୍ ସିଜିନ- ୯ର ଟ୍ରଫି ଉନ୍ମୋଚନ





ବାଲେଶ୍ୱର,୨୩।୧୨(ସମିସ): ଜାନୁଆରୀ ୧୨ରୁ ଆରମ୍ଭ ହେବ ବହୁ ପ୍ରତିକ୍ଷୀତ କଞ୍ଚିନବାଗ ଚମ୍ପିୟାନ ଲିଗ ସିଜିନ-୯। ବାବୁଲି ମାଝୀଙ୍କ ସ୍ମୃତିରେ ଏହି କ୍ରିକେଟ ଖେଳ ଅନୁଷ୍ଠିତ ହେଉଥିବା ବେଳେ ବାବୁଲି ଟ୍ରଫି ୨୦୨୬ କଞ୍ଚିନବାଗ ଚମ୍ପିୟାନ ଲିଗ୍ ନାମ ରଖାଯାଇଛି ଏହି ପରିପ୍ରେକ୍ଷୀରେ କଞ୍ଚିନବାଗସ୍ଥିତ ପବିତ୍ର ରିଷ୍ଟା କଲ୍ୟାଣ ମଣ୍ଡପରେ କେସିଏଲ୍ ୯ର ଟ୍ରଫି ଉନ୍ମୋଚନ ଉତ୍ସବ ଓ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। କେସିଏଲର ସଭାପତି ସୁଶାନ୍ତ ଶତପଥୀ ଏଥିରେ ପୌରହିତ୍ୟ କରିବା ସହ କେସିଏଲର ସମସ୍ତ ସଦସ୍ୟ ଓ ୬ଟି ଟିମର ଫ୍ରାଞ୍ଚାଇଜ ଓନରମାନଙ୍କୁ ସ୍ୱାଗତ କରିଥିଲେ। ସ୍ୱର୍ଗତ ମାଝୀଙ୍କ ସୁପୁତ୍ର ରୋହିତ ମାଝୀ ଉପସ୍ଥିତ ରହି ଅତିଥିଙ୍କ ସହ ଟ୍ରଫିକୁ ଅନାବରଣ କରିଥିଲେ। ଚଳିତ ବର୍ଷ ୬ଟି ଟିମ୍ ଯଥାକ୍ରମେ ଲିଜେଣ୍ଡ ୟୁନିଟି, ରୟାଲ ଷ୍ଟ୍ରାଇକର, ବର୍ଷା ଇଲେଭେନ୍, ଭେଟେରାନ ଇଲେଭେନ୍, ସେନାପତି ଇଲେଭେନ୍ ଓ ଖୁସି ଫାଇଟର ନାମରେ ନାମିତ ହୋଇଥିବା ବେଳେ ଟିମ୍‌ର ଓନର ମାନେ ଖେଳାଳି ନିଲାମ ପ୍ରକ୍ରିୟରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଏଲର ଉପଦେଷ୍ଟା ଭଗବାନ ଦାସ, ସୁଦର୍ଶନ ମାଝୀ, ଭାଗିରଥି ମାଝୀ, ଗୋପୀନାଥ ମାଝୀ, ବିନୟ ମାଝୀ, ପ୍ରଭାକର ବେହେରା, ରବାନି, ରାଜେନ୍ଦ୍ର, ଦିଲ୍ଲୀପଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ନୂଆଗାଁରେ କ୍ରିକେଟ ଚାମ୍ପିଅନ୍‌ସିପ୍

ବାଲେଶ୍ୱର,୨୩।୧୨(ସମିସ): ନୂଆଗାଁ ପଞ୍ଚାୟତ ଅନ୍ତର୍ଭୁକ୍ତ ଭୁଇଁପଡା- କିଲ୍ଲାଠାରେ ଥିବା ପଣ୍ଡା ଟ୍ୟୁଟୋରିଆଲ ତରଫରୁ କ୍ରିକେଟ ଚାମ୍ପିଅନସିପ-୨୦୨୫ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଅନୁଷ୍ଠାନ ଛାତ୍ରମାନଙ୍କୁ ନେଇ ଗଠିତ ଦୁଇଟି ଦଳ ଅଂଶଗ୍ରହଣ କରିଥିଲେ। ଗୋପବନ୍ଧୁ ୧୧ ଓ ବ୍ୟାସକବି ୧୧ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ଗୋପବନ୍ଧୁ ୧୧ ଚାମ୍ପିଅନ ହୋଇଥିଲେ। ଅନୁଷ୍ଠାନର ଛାତ୍ର ବିଶ୍ୱଜିତ ଶତପଥୀ ମ୍ୟାନ ଅଫ ଦି ମ୍ୟାଚ ଏବଂ ଏସ୍.ପି ରାଜ କୁମାର ମଲ୍ଲିକ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅନୁଷ୍ଠାନ ଶିକ୍ଷକ ଆଶିଷ ପଣ୍ଡା, ଅଂଶୁମାନ ପଣ୍ଡା ବିଜୟୀ ଦଳକୁ କପ୍ ଓ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ନିଖିଲ୍ ପ୍ରମାଣିକ, ଗୋପୀନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ବଡ଼ଦିନ ଉପଲକ୍ଷେ ବାଲେଶ୍ୱର ସହର ଉତ୍ସବମୁଖର

ବାଲେଶ୍ୱର,୨୩।୧୨(ସମିସ): ବଡ଼ଦିନ ଉପଲକ୍ଷେ ସହରର କ୍ୟାଥୋଲିକ ଚର୍ଚ୍ଚ, ବାପଟିଷ୍ଟ ଚର୍ଚ୍ଚ ପ୍ରଭୃତି ସହିତ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଘର ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି। ଏହି ଅବସରରେ ବିବେକାନନ୍ଦ ମାର୍ଗସ୍ଥିତ କ୍ୟାଥଲିକ ଚର୍ଚ୍ଚରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ପ୍ରେସ କ୍ଲବର ସଭାପତି ବରିଷ୍ଠ



ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି କାଉନସିଲର କାର୍ତ୍ତିକ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ବାଲେଶ୍ୱର କାଥୋଲିକ ଚର୍ଚ୍ଚର ମୁଖ୍ୟ ଯାଜକ ପଲ କୁନମ ପରମ ପଥ ଏଥିରେ କେକ କାଟିବା ସହ ବଡ଼ଦିନ ପାଳନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସିଲୁ ସାହା, ଅଜୟ ବୀର, ଡୋରାରାଣୀ ବୀର, ସୁବୀର ଗୋମେସ, ଅଜୟ ଦାସ, ସୁଦୀପ୍ତ ପିଟର, ସଞ୍ଜୟ ସାହା, ରୁପା ବଟଲର, ସୁନୀତା ସାହା, ସଂଯୁକ୍ତା ଯୋଶେଫ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟିପି ଓଡ଼ିଶା ବିତରଣ ସୁରକ୍ଷା ଅଧିକାରୀଙ୍କ କର୍ମଶାଳା



ବାଲେଶ୍ୱର,୨୩।୧୨(ସମିସ): ସୁରକ୍ଷା ଭିତ୍ତିଭୂମି ସୁଦୃଢ ତଥା ନିରାପତ୍ତା ପ୍ରତି ସମସ୍ତ କର୍ମଚାରୀଙ୍କର ପ୍ରତିବଦ୍ଧତାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଓଡିଶାର ସମସ୍ତ ବିଦ୍ୟୁତ ବିତରଣ ସଂସ୍ଥାର ସୁରକ୍ଷା ଅଧିକାରୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ପ୍ରତି ସମସ୍ତ ଅଧିକାରୀଙ୍କ ପ୍ରତିନିଧିତ୍ୱ ତଥା କର୍ମଚାରୀଙ୍କ ଉତ୍ତରଦାୟିତ୍ୱକୁ ଆହୁରି ବଳିଷ୍ଠ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିବାବେଳେ ଆସନ୍ତା ବର୍ଷର ସୁରକ୍ଷା ରଣନୀତି ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ସିଇଓ ତଥା ଓଡ଼ିଶା ବିତରଣ ମୁଖ୍ୟ ଗଜାନନ କାଲେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଟାଟା ପାୱାର ସୁରକ୍ଷା(ଟିଏଣ୍ଡଡି) ମୁଖ୍ୟ ସୁରେଶ କୁମାର ଖେତୱାନୀ, ମୁଖ୍ୟ ମାନବ ସମ୍ବଳ(ଟି ଏଣ୍ଡ ଡି) ରଣବୀର ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପିଏନଓଡିଏଲ ପରିଚାଳନା ପ୍ରମୁଖ ନିଲେଶ ପୋଟଫୋଡେ, ଇଞ୍ଜିନିୟର-ଇନ-ଚିଫ୍ ଶରତ ଚନ୍ଦ୍ର ମହାଲିକ, ବାଣିଜ୍ୟିକ ପ୍ରମୁଖ ଜୟଦୀପ ରୟ, ପ୍ରକଳ୍ପ ପ୍ରମୁଖ ପ୍ରଦୀପ କୁମାର ମହାନ୍ତି, ଚୁକ୍ତି ଓ ସାମଗ୍ରୀ ପରିଚାଳନା ପ୍ରମୁଖ ବିପିନ୍ ଚୌହାନଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀମାନେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଭାବେ ଗୁରୁତ୍ୱ ଦେବା ସହ “ଶୂନ୍ୟ କ୍ଷତି’ ଲକ୍ଷ୍ୟକୁ ସାଧନ କରିବା ନେଇ ଆଗାମୀ ରଣନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଟିପିଏନଓଡିଏଲ, ଟିପିସିଓଡିଏଲ, ଟିପିଏସଓଡିଏଲ ଓ ଟିପିଡବ୍ଲ୍ୟୁଓଡିଏଲର ୮୭ଜଣ ସୁରକ୍ଷା ଅଧିକାରୀ ଯୋଗଦେଇଥିଲେ। ଦୁଇ ଦିନିଆ ଏହି କର୍ମଶାଳାରେ ୨୦୨୭ ଆର୍ଥିକ ବର୍ଷ ପାଇଁ ସୁରକ୍ଷା ଭିତ୍ତିଭୂମିର ସୁଦୃଢୀକରଣ ନେଇ ଯୋଜନା ଓ ଆଗାମୀ ପଞ୍ଚବର୍ଷୀୟ କାର୍ଯ୍ୟାନ୍ୱୟନ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ବାର୍ଷିକ ଉତ୍ସବ ଓ ଶଙ୍ଖଧ୍ୱନି ପ୍ରତିଯୋଗିତା



ବାଲେଶ୍ୱର,୨୩।୧୨(ସମିସ): ଶଙ୍ଖଧ୍ୱନି ପ୍ରତିଯୋଗିତା କାର୍ଯ୍ୟକ୍ରମ ଏବଂ ଡ୍ରିମ୍ସ ଆଇଡିଆଲ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ। ମୁଖ୍ୟଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସମିତି ସଭାପତି ଗିରୀଶ ଚନ୍ଦ୍ର ଦାଶ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତି ସମ୍ପାଦକ ପ୍ରଶାନ୍ତ ଦାସ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ନୃତ୍ୟ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ସାମଲ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ଡ୍ରିମ୍ସ ଶଙ୍ଖଧ୍ୱନି ପରିବାରର ସଭାପତି ୩୧ ନମ୍ବର ୱାର୍ଡ କାଉନସିଲର ରଞ୍ଜିତା ମହାପାତ୍ର। ସମ୍ପାଦକ ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉଦଘାଟନ କରିଥିଲେ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କର ଅତିରିକ୍ତ ସଚିବ ନିଲୁ ମହାପାତ୍ର। ମୁଖ୍ୟ ଅତିଥି ରୂପେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ସ୍ୱାଧୀନତା ସଂଗ୍ରାମୀ ସର୍ବେଶ୍ୱର ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ୧୮ ୱାର୍ଡ କାଉନସିଲର ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ ବିଦ୍ୟାଳୟର ବିଭିନ୍ନ ସଂଗଠନ ମୂଳକ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ‘ମହାକାଳ’ ଫିଲ୍ମର ନିର୍ଦ୍ଦେଶକ ଦେବବ୍ରତ ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାପୀଠ ସମ୍ପାଦିକା ଅଞ୍ଜଳୀ ପଣ୍ଡା ବିଦ୍ୟାପୀଠର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିଦ୍ୟାପୀଠର ଅଧ୍ୟକ୍ଷା ପୁଷ୍ପିତା ମହାନ୍ତି ବିବରଣୀ ପାଠ କରିଥିଲେ। ସୁବର୍ଣ୍ଣ ବେଲାଭୂମି ମହୋତ୍ସବ କମିଟି ସହ ସମ୍ପାଦକ ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ମହୋତ୍ସବ ସ୍ୟାଣ୍ଡଫେଷ୍ଟ ଉଦ୍‌ଯାପିତ

ବାଲେଶ୍ୱର,୨୩।୧୨(ସମିସ): ବାଲେଶ୍ୱରର ଅନ୍ୟତମ ଯୁବ ମହୋତ୍ସବ ସ୍ୟାଣ୍ଡ ଫେଷ୍ଟର ୨୦ତମ ସଂସ୍କରଣର ଗାନ୍ଧୀ ସ୍ମୃତି ଭବନରେ ଉଦ୍‌ଯାପିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି, ଅକ୍ସଫୋର୍ଡ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ପରିଚାଳନା ନିର୍ଦ୍ଦେଶକ ଡ. ଅଣୁ ମାଧବ ପଣ୍ଡା ଯୋଗଦେଇ ସ୍ୟାଣ୍ଡଫେଷ୍ଟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୟାଣ୍ଡଫେଷ୍ଟର ସଭାପତି ପ୍ରଦୀପ କୁମାର ଦାସ ପୌରହିତ୍ୟ କରିବା ସହ ସ୍ୟାଣ୍ଡଫେଷ୍ଟ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ।। ଅନୁଷ୍ଠାନର ପୃଷ୍ଠପୋଷାକ ରିଦ୍ଧୀକ ଜୀ, ଉପାଧ୍ୟକ୍ଷ ତଥା ସମାଜସେବୀ ପପୁ ପାତ୍ର, ପାର୍ଥ ସାରଥୀ ଦାସ, ଝାଡ଼େଶ୍ୱର ଯେନା, ଗୌରହରୀ ମଲ୍ଲିକ, ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଉପ ସଭାପତି ଅମୟ ଦାସ, ହେମନ୍ତ ବେହେରା, କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜିକା ସ୍ମିତା ମହାନ୍ତି, ଉପଦେଷ୍ଟା ବିରେନ୍ଦ୍ର ପଣ୍ଡା, ବିକାଶ ପାଢ଼ୀ, ଡ. ସ୍ୱୀକୃତି କର ପ୍ରମୁଖ ଉପସ୍ଥିତ ଥିଲେ। କାୟା ପଞ୍ଚା କୁଇନ୍ ଅଫ ସ୍ୟାଣ୍ଡଫେଷ୍ଟ ବିଜୟୀ ହୋଇଥିବା ବେଳେ ଐଶିକି ମହାନ୍ତି ମିସ୍ ସ୍ୟାଣ୍ଡଫେଷ୍ଟ ବିଜୟୀ ହୋଇଥିଲେ।

## ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୩/୧୨(ସମିସ): ଚାରୁ ଓ କାରୁକଳା ମହାବିଦ୍ୟାଳୟର ୩୧ ତମ ବାର୍ଷିକ ଉତ୍ସବ ଓ କଳାମେଳା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟାପକ ନିରଞ୍ଜନ ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦୂରଦର୍ଶୀ ନେତୃତ୍ୱ ଓ ନିରନ୍ତର ପ୍ରଚେଷ୍ଟା ବିଷୟରେ ଆଲୋକପାତ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଙ୍ଗଳପୁରର ରସାୟନ ବିଜ୍ଞାନ ଅଧ୍ୟାପକ ଡ. ପଙ୍କଜ ଜେନା ମୁଖ୍ୟବକ୍ତା, ରେମୁଣା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଓଡିଶା ସରକାରଙ୍କ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ସଂଗ୍ରାମ କୁମାର ଦାସ ସଭା ମଞ୍ଚ ପରିଚାଳନା କରିଥିଲେ। କଳିଙ୍ଗ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରଧାପକ ରଘୁନାଥ ସାହୁଙ୍କୁ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ତରଫରୁ ପ୍ରଖ୍ୟାତ ଚିତ୍ରଶିଳ୍ପୀ ଭାବେ ସମ୍ବର୍ଦ୍ଧିତ କରଯାଇଥିଲା। ଅଧ୍ୟାପକ ନିରଞ୍ଜନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସୀତା ସୁରେନ୍ଦ୍ର ପାଠାଗାରରେ ଜାତୀୟ କ୍ଷୁଦ୍ରଗଳ୍ପ ଦିବସ

ବାଲେଶ୍ୱର,୨୩।୧୨(ସମିସ): ସ୍ଥାନୀୟ ସୀତା ସୁରେନ୍ଦ୍ର ପାଠାଗାରରେ ଜାତୀୟ କ୍ଷୁଦ୍ରଗଳ୍ପ ଦିବସ ପାଳିତ ହୋଇଯାଇଛି। ପାଠାଗାର ପ୍ରତିଷ୍ଠାତା ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଡ. ମନୋରଞ୍ଜନ ଦାଶ, ମୁଖ୍ୟବକ୍ତା ଶିକ୍ଷାବିତ ପାର୍ଥସାରଥୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସୁକୁମାର ଗନ୍ତାୟତ, ଅଖିଳ ତରେଇ ଜ୍ୟୋତିରଞ୍ଜନ ପାଟ୍ଟଆଳ ପ୍ରମୁଖ ଯୋଗଦେଇ ଗଳ୍ପ କଥନ ଓ ଶ୍ରବଣ ମଣିଷର ସହଜାତ ପ୍ରବୃତ୍ତି ଉପରେ ଉଲ୍ଲେଖ କରିଥିଲେ। ଅର୍ପିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସେମିନାର

ବାଲେଶ୍ୱର,୨୩।୧୨(ସମିସ)




ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତୀୟ ସେମିନାର ଗଣତନ୍ତ୍ର, ଉନ୍ନୟନ ଓ ବିବିଧତା: ଭାରତୀୟ ପରିପ୍ରେକ୍ଷିତ ଉଦ୍‌ଘାଟିତ ହୋଇଯାଇଛି। ଏହି ସେମିନାରରେ ଦେଶ ଓ ବିଦେଶରୁ ଆସିଥିବା ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀମାନେ ଏକତ୍ରିତ ଭାବେ ଭାରତର ଗଣତାନ୍ତ୍ରିକ ବିକାଶ, ଉନ୍ନୟନ ପଥ ଓ ସାମାଜିକ-ସାଂସ୍କୃତିକ ବିବିଧତା ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସେମିନାରର ସଂଯୋଜକ ଡ. ପବିତ୍ର ମୋହନ ନାୟକ ଗ୍ଲୋବାଲାଇଜେସନ, ପ୍ରଯୁକ୍ତିଗତ ପରିବର୍ତ୍ତନ ଓ ଗଣତାନ୍ତ୍ରିକ ରାଷ୍ଟ୍ର ଶାସନର ମୁଖ୍ୟ ବ୍ୟବସ୍ଥା ପରିପ୍ରେକ୍ଷୀରେ ଗଣତନ୍ତ୍ରର ଭୂମିକା, ଉନ୍ନୟନ ଓ ବିବିଧତାର ସମକାଳୀନ ଗୁରୁତ୍ୱ ଆଦି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ବକ୍ତୃତା ପ୍ରଦାନ କରି ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି, ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ, ଏକ ଉପସ୍ଥାପନା ମାଧ୍ୟମରେ ଭାରତର ପରିବର୍ତ୍ତିତ ଗଣତାନ୍ତ୍ରିକ ଶାସନ, ସମନ୍ୱିତ ସହନଶୀଳତା, ସମାଜିକ ଓ ଅର୍ଥନୈତିକ ଗଠନ ଓ ପରିବର୍ତ୍ତନଶୀଳ ଉନ୍ନୟନ ଧାରଣା ଉପରେ ଗଭୀର ଦୃଷ୍ଟିକୋଣ ରଖିଥିଲେ। ବିବିଧତାପୂର୍ଣ୍ଣ ସମାଜରେ ଗଣତନ୍ତ୍ର ଓ ଆର୍ଥିକ ଉନ୍ନୟନକୁ ବୁଝିବା ପାଇଁ ବହୁଶାଖୀୟ ଆଭିଗମର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଭାରତର ସର୍ବୋତ୍କୃଷ୍ଟ ଶକ୍ତି ଭାବେ ବିବିଧତାକୁ ଉଲ୍ଲେଖ କରି ସଂବିଧାନୀୟ ମୂଲ୍ୟବୋଧରେ ଆଧାରିତ ସମାବେଶୀ, ସୁସ୍ଥାୟୀ ଓ କଲ୍ୟାଣମୁଖୀ ଉନ୍ନୟନର ଆଭିମୁଖ୍ୟ ସଂପର୍କରେ ଅବଗତ କରାଇଥିଲେ। ଦ୍ୱିତୀୟ ଦିବସ, ଅର୍ଥାତ ୨୪ ଡିସେମ୍ବରରେ ‘ଗଣତନ୍ତ୍ର, ଉନ୍ନୟନ ଓ ବିବିଧତା: ଆନ୍ତଃସମ୍ପର୍କର ଅନୁସନ୍ଧାନ’ ଶୀର୍ଷକରେ ଆୟୋଜିତ ପ୍ଲେନାରୀ ଅଧିବେଶନରେ ଶାସନ, ସାମାଜିକ ସମାବେଶ, ଆର୍ଥିକ ପରିବର୍ତ୍ତନ, ପରିବେଶୀୟ ସୁସ୍ଥାୟୀତ୍ୱ ଓ ପରିଚୟ ରାଜନୀତି ଭଳି ବିଷୟଗୁଡ଼ିକୁ ବହୁଶାଖୀୟ ଦୃଷ୍ଟିକୋଣରୁ ଆଲୋଚନା କରାଯିବ। ସେମିନାରର ସମାପନୀ ଅଧିବେଶନରେ ମୁଖ୍ୟବକ୍ତା ଭାବେ ଲଣ୍ଡନ ମେଟ୍ରୋପଲିଟାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଭବାନୀ ଶଙ୍କର ନାୟକ ଏବଂ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠିତ ସମାଜ ବିଜ୍ଞାନ ବିଶେଷଜ୍ଞ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଫେସର ନବନୀତା ରଥ ଉଦ୍‌ବୋଧନ ପ୍ରଦାନ କରିବେ। ଦୁଇଦିନିଆ ଏହି ସେମିନାରରେ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର, ପ୍ରଫେସର ସୁପ୍ରିତି ମିଶ୍ର, ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ପ୍ରଫେସର ଅରବିନ୍ଦ ମିଶ୍ର, ପ୍ରଫେସର ମିତାଲୀ ଚିନ୍ମାରା, ପ୍ରଫେସର ବିକ୍ରମ କେଶରୀ ମିଶ୍ର, ପ୍ରଫେସର ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ପ୍ରଫେସର ଅନିଲ କୁମାର ମହାପାତ୍ର, ପ୍ରଫେସର ସୁନିଲ କୁମାର ପାଢ଼ୀ, ସଞ୍ଜୀବ କୁମାର ମାଝୀ, ପ୍ରଶାନ୍ତ ପ୍ରଧାନ, ଲକ୍ଷ୍ମଣ ବେହେରା, ଡ଼. ସତ୍ୟ ସୁନ୍ଦର ସେଠୀ ଓ ପ୍ରଫେସର ଅଶୋକ କୁମାର ପଟ୍ଟନାୟକଙ୍କ ସହ ଅନେକ ପ୍ରସିଦ୍ଧ ବିଦ୍ୱାନମାନେ ଅଂଶଗ୍ରହଣ କରିବେ। ମୋଟ ୧୨୬ଟି ଗବେଷଣା ପତ୍ର ଉପସ୍ଥାପନ ସହ ଏହି ସେମିନାରର ଗଣତନ୍ତ୍ର, ଉନ୍ନୟନ ଓ ବିବିଧତା ସମ୍ପର୍କିତ ନୀତି-ସମ୍ବନ୍ଧୀୟ ଆଲୋଚିତ ରିପୋର୍ଟ ଡ. ଯଶସ୍ୱୀ ରାଉତ ଉପସ୍ଥାପନ କରିବେ ଏବଂ ଏହାସହିତ ପ୍ରତିନିଧିମାନଙ୍କ ମତାମତ, ସାର୍ଟିଫିକେଟ ବଣ୍ଟନ ଓ ଔପଚାରିକ ଧନ୍ୟବାଦ ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସେମିନାରକୁ ଗୀତାଞ୍ଜଳି ପାଣ୍ଡା, ସଚିଦାନନ୍ଦ ସା, ରାଜଶ୍ରୀ ଦତ୍ତା, ସିପ୍ରା ସାଗରିକା, ସ୍ମୃତିସିକ୍ତା ଥାପା, ଆକାଶ ମଲ୍ଲିକ ଓ ଶଶାଙ୍କ ଶେଖର ଗଡ଼ନାୟକ ସଂଯୁକ୍ତ ଭାବେ ସହଯୋଗ କରିଛନ୍ତି।

## କ୍ଷୀର ବ୍ୟବସାୟୀ ଲମ୍ବୋଦର ହତ୍ୟା ମାମଲା

# ହାଇକୋର୍ଟଙ୍କ ସ୍ଥଗିତାଦେଶ ଯୋଗୁ ଅଟକିଲା ଚୂଡ଼ାନ୍ତ ରାୟ

ବ୍ରହ୍ମପୁର,୨୩ା୧୨(ସମିସ)

ବ୍ରହ୍ମପୁରର ଅନ୍ୟତମ ବହୁଚର୍ଚ୍ଚିତ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଏହି ମାମଲାର ଚୂଡାନ୍ତ ରାୟ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ)ଙ୍କ କୋର୍ଟରେ ପ୍ରକାଶ ପାଇବାକୁ ଦିନ ଧାର୍ଯ୍ୟ ହୋଇଥିଲା। ଏନେଇ ହାଇକୋର୍ଟଙ୍କ ରହିତାଦେଶ ସହ ପରବର୍ତ୍ତି ଶୁଣାଣି ଆସନ୍ତା ଜାନୁଆରୀ ୧୯କୁ ଥିବା ଜଣାପଡିଛି। ଫଳରେ ରାୟ ପ୍ରକାଶକୁ ସ୍ଥଗିତ ରଖିବା ସହିତ ୧୯ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁଧ୍ୟାନ କରି ଜାନୁଆରୀ ୨୧ରେ ରାୟ ପ୍ରକାଶ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି।

ପ୍ରକାଶ ଯେ' ୨୦୨୦ ଜୁନ୍ ୧୪ରେ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ହିଲପାଟଣା ସ୍ଥିତ ପ୍ରତିଷ୍ଠିତ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନୀଙ୍କୁ ତାଙ୍କ ଘରେ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ଏନେଇ ଗୋଷାଣିନୂଆଗାଁ ଥାନାରେ ହତ୍ୟା ମାମଲା ରୁଜୁ ହୋଇ ୫ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ରୁପେଶ କୁମାର ପାଢୀ, ଶିବ ମହାଙ୍କୁଡ, ରଂଜିତ ସାହୁ ଓରଫ୍ ନାକା, ଶ୍ରୀନୁ ପାତ୍ର ଓ ଶଙ୍କର ସାହୁ।

ବ୍ରହ୍ମପୁର ପୁଲିସ ପକ୍ଷରୁ ମାମଲାର ତଦନ୍ତ ଜାରି ରହିଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ୨୭ ସେପ୍ଟେମ୍ବର ୨୦୨୩ରେ ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ନ୍ୟସ୍ତ କରାଯାଇଥିଲା। ମାମଲାରେ ମୋଟ ୪୧ଜଣ ସାକ୍ଷୀ ରହିଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ମାମଲାର ତଦନ୍ତ କରିଥିବା ତତ୍କାଳୀନ ଗୋଷାଣିନୂଆଗାଁ ଥାନା ଅଧିକାରୀ ସୁମିତ କୁମାର ସୋରେନ ଓ ସାଇଣ୍ଟିଫିକ ଅଧିକାରୀ ଦିପ୍ତୀ ରଂଜନ ପାଢୀଙ୍କ ପୁନଃ ବୟାନ ରେକର୍ଡ କରିବାକୁ ମୃତ ଲମ୍ବୋଦର ମୁନୀଙ୍କ ସାନ ପୁଅ ଜଗଦୀଶ କୁମାର ମୁନୀ ତଳକୋର୍ଟରେ ଅର୍ଥାତ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ)ଙ୍କ କୋର୍ଟରେ କରିଥିବା ଆବେଦନ ଖାରଜ ହୋଇଥିଲା। ଏହାକୁ ଚାଲେଞ୍ଜ କରି ଜଗଦୀଶ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଉଭୟ ପୁଲିସ ଅଧିକାରୀଙ୍କ ବୟାନ ପୁନଃ ରେକର୍ଡ କରାଗଲେ ବହୁ ତଥ୍ୟ ମିଳିପାରିବ ବୋଲି ଦର୍ଶାଇ ଜଗଦୀଶ ଏହି ଆବେଦନ କରିଥିଲେ। ଯାହାକୁ ହାଇକୋର୍ଟ ଗ୍ରହଣ କରି ଆଜି ତଳକୋର୍ଟରେ ଅର୍ଥାତ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ପ୍ରକାଶ ପାଇବାକୁ ଥିବା ଚୂଡ଼ାନ୍ତ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଏବଂ ପରବର୍ତ୍ତି ଶୁଣାଣି ଆସନ୍ତା ଜାନୁଆରୀ ୧୯ରେ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ଫଳରେ ହାଇକୋର୍ଟଙ୍କ ପରବର୍ତ୍ତି ଶୁଣାଣିକୁ ଅନୁଧ୍ୟାନ କରି ମାମଲାର ପରବର୍ତ୍ତି ରାୟ ଜାନୁଆରୀ ୨୧ ପାଇଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦିନ ଧାର୍ଯ୍ୟ କରିଥିବା ଜଣାପଡିଛି।

## ଜୁରିଆ ହତ୍ୟାକାଣ୍ଡର ଚୂଡ଼ାନ୍ତ ରାୟ ପ୍ରକାଶ

# ହତ୍ୟାକାରୀ ବିଜୁକୁ ଆଜୀବନ ଜେଲ୍

ବ୍ରହ୍ମପୁର,୨୩ା୧୨(ସମିସ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗାଁରେ ଜୁରିଆ ବିଶୋୟୀ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୨୦୨୩ ମାର୍ଚ୍ଚ ୭ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦିନ ଦ୍ୱିପହରରେ ନୂଆପଡ଼ା ପଞ୍ଚାୟତ ଡେଙ୍ଗାପଦର ଗ୍ରାମର କୋଠଘରେ ଜୁରିଆଙ୍କୁ କାଠ ଫାଳିଆରେ ପିଟି ବିଜୁ ବେହେରା ହତ୍ୟା କରିଥିଲା। ମୃତ ଜୁରିଆଙ୍କ ଭାଇ ରାମ ବିଶୋୟୀଙ୍କ ଅଭିଯୋଗ ପ୍ରକାରେ ସଦର ଥାନାରେ ହତ୍ୟା ମାମଲା (ନଂ.୧୫୨/୨୩) ରୁଜୁ କରି ପୁଲିସ ବିଜୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତ ବିଜୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବାବେଳେ ନିକଟରେ ଜାମିନରେ ଯାଇ ଫେରାର ହୋଇଯାଇଥିଲା। ପରେ ତାକୁ ପୁଲିସ ଭୁବନେଶ୍ୱରରୁ ଗିରଫ କରିଥିଲା।

ତତ୍କାଳୀନ ସଦର ଥାନା ଇନ୍ସପେକ୍ଟର ତଥା ତଦନ୍ତକାରୀ ଅଧିକାରୀ ମହେନ୍ଦ୍ର ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମଙ୍ଗଳବାର ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଜିଲ୍ଲାଜଜ୍ ଅଭିଯୁକ୍ତ ବିଜୁକୁ ଦୋଷୀ ସାବ୍ୟସ୍ତ କରି ସଶ୍ରମ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜରିମାନା ଓ ଅର୍ଥ ଅନାଦାୟ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ପକ୍ଷରୁ ପିପି ବିଶ୍ୱଜିତ ବରାଳ ମକଦ୍ଦମା ପରିଚାଳନା କରୁଥିଲେ।

# ଗଞ୍ଜେଇ ଜବତ; ମହିଳାଙ୍କ ସମେତ ୪ ଗିରଫ



ବ୍ରହ୍ମପୁର/ଧରାକୋଟ,୨୩ା୧୨(ସମିସ): ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ଚଢ଼ଉ କରି ୨ଟି ଗାଡ଼ି ସହିତ ୫୨କିଲୋ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଗୋଟିଏ କାର, ଗୋଟିଏ ବୋଲେରୋ ଓ ୪ଟି ମୋବାଇଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲାର ଜିନୁଙ୍ଗା ମଲ୍ଲିକ(୩୩), ରେଣୁକା ମଲ୍ଲିକ(୨୯), ବାଲିଗୁଡ଼ା ଥାନା ଅଞ୍ଚଳର କର୍ଣ୍ଣ ଦିଗାଲ (୨୫) ଓ ଦିଲ୍ଲୀପ ଦିଗାଲ(୩୮)।

ବାଲିଗୁଡାରୁ ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ବିଭାଗୀୟ ଉପ ଅଧିକ୍ଷକ ଶ୍ରୁତିକାନ୍ତ ରାଉତ, ଇନ୍ସପେକ୍ଟର ନାରାୟଣ ଜେନା ଓ ସବ ଇନ୍ସପେକ୍ଟର ନର୍ମଦା ନାହାକଙ୍କ ନେତୃତ୍ୱରେ ଏକ ଟିମ୍ ଆସିକା -ସୋରଡ଼ା ରାସ୍ତାର ଢ଼ଉଗାଁ ନିକଟ ପେଟ୍ରୋଲ ପମ୍ପ ପାଖରେ ଏକ କାର୍ (ଓଡି ୦୨ଜେ-୯୯୪୪) ଏବଂ ଏକ ବୋଲେରୋ (ଓଡି ୦୨ ଏୱାଇ-୭୨୫୪)କୁ ଅଟକାଇ ଯାଞ୍ଚ କରିଥିଲେ। ବୋଲେରୋକୁ ଏସକର୍ଟ କରି ନେଉଥିବା କାର୍‌କୁ ଅବକାରୀ ଟିମ୍ ଜବତ କରିଛି। ଉଭୟ ଗାଡିରୁ ୫୨କେଜି ଗଂଜେଇ ଜବତ କରାଯିବା ସହ ଅବକାରୀ ବିଭାଗ ୩ଜଣ ପୁରୁଷ ଓ ଜଣେ ମହିଳାଙ୍କୁ କାବୁ କରିଥିଲା।

## ଏମ୍‌କେସିଜି ପିଜି ହଷ୍ଟେଲ

# ଉନ୍ନୟନ କାର୍ଯ୍ୟରେ ଆର୍ଥିକ ହେରଫେର ଅଭିଯୋଗର ତଦନ୍ତ ଆରମ୍ଭ

ବ୍ରହ୍ମପୁର,୨୩ା୧୨(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପିଜି ଡାକ୍ତରଙ୍କ ହଷ୍ଟେଲରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଆର୍ଥିକ ହେରଫେର ଅଭିଯୋଗର ମଙ୍ଗବାର ତଦନ୍ତ ଆରମ୍ଭ ହୋଇଛି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଦନ୍ତ କମିଟି ବୈଠକ ହୋଇଥିଲା। ଏଥିରେ ହଷ୍ଟେଲ କମିଟି ଅଧ୍ୟକ୍ଷ ପ୍ରଫେସର ଡା. ଜେ ସାଗର ପୃଷ୍ଟି ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ତଦନ୍ତ କମିଟି ସମ୍ମୁଖରେ କନିଷ୍ଠ ଡାକ୍ତର ସଂଘ(ଜେଡିଏ)ର ପୂର୍ବତନ କର୍ମକର୍ତ୍ତାଙ୍କ ସମେତ ପୂର୍ତ୍ତ ବିଭାଗର ଏକାଧିକ ଅଧିକାରୀ ଉପସ୍ଥିତ ହୋଇଥିଲେ। ଅଧିକାରୀ ଓ ଡ଼ାକ୍ତର ଛାତ୍ରମାନେ ଅଭିଯୋଗକୁ ନେଇ ନିଜ ପକ୍ଷ ରଖିଥିବା ଜଣାପଡ଼ିଛି। ଏହା ସହ ପୂର୍ବରୁ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ଆକଳନ କରିବାକୁ ବିଇଏମ୍‌ସିର ଜଣେ ବରିଷ୍ଠ ଯନ୍ତ୍ରୀଙ୍କୁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ନିୟୋଜିତ କରିବାକୁ ଯୋଜନା ହୋଇଛି। ଯେହେତୁ ଏମକେସିଜି ମେଡ଼ିକାଲ ପୂର୍ତ୍ତ ବିଭାଗ ପକ୍ଷରୁ ପିଜି ହଷ୍ଟେଲରେ ଏହି ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ତେଣୁ ସେଥିରେ ଆର୍ଥିକ ଅନିୟମିତତା ହୋଇଛି କି ନାହିଁ ତାହା ଜାଣିବାକୁ ବିଇଏମ୍‌ସିର ଜଣେ ଯନ୍ତ୍ରୀଙ୍କୁ ନିୟୋଜିତ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ବିଇଏମସି କର୍ତ୍ତୃପକ୍ଷଙ୍କୁ ଚିଠି କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ତଦନ୍ତ କମିଟିରେ ଥିବା ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ସହ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଡା. ଶିବପ୍ରସାଦ ପଟ୍ଟନାୟକ, ହଷ୍ଟେଲ ୱାର୍ଡେନ ପ୍ରଫେସର ଡା. ଆଇ ଗୋପାଳ ପିଜି ଡାକ୍ତରଙ୍କ ହଷ୍ଟେଲକୁ ଯାଇ ଯାଞ୍ଚ କରିବେ।

**କମିଟି ଆଗରେ ହାଜର ହେଲେ ଜେଡ଼ିଏ ପୂର୍ବତନ କମକର୍ତ୍ତା ଓ ପୂର୍ତ୍ତ ଅଧିକାରୀ**

ସୂଚନାଯୋଗ୍ୟ ଯେ, ୨୦୨୪-୨୫ ଶିକ୍ଷା ବର୍ଷରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପିଜି ହଷ୍ଟେଲ-୧ରେ ନିର୍ମାଣ ହୋଇଥିବା ପାର୍କିଂସ୍ଥଳ, ଫାଉଣ୍ଟେନ, ଜେଡିଏ ଛାତ୍ରସଂସଦ ପ୍ରକୋଷ୍ଠର ମରାମତି ସହ ଏସି ଓ ଲାଇଟ ସଂଯୋଗ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଆର୍ଥିକ ହେରଫେର କରାଯାଇଥିବା କିଛିଦିନ ତଳେ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା।

# ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୨୩ା୧୨(ସମିସ): ସ୍ଥାନୀୟ ଡ଼ିଏଭି ପବ୍ଲିକ ସ୍କୁଲର ୩୭ତମ ବାର୍ଷିକ ଉତ୍ସବ 'ସୃଜନିକା' ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଧାରାଶ୍ରୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୁଷୋତ୍ତପୁର ତହସିଲଦାର ସୁଶ୍ରୀ ମୃଣାଳିକା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତର ସଭ୍ୟ ପ୍ରଫେସର ଜୟନ୍ତୀ ମହାପାତ୍ର, ଏସ. ମୁରଲି କ୍ରୀଷ୍ଣା ଓ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।




# କୃଷକ ଉତ୍ପାଦକ ସଂଘର ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବ୍ରହ୍ମପୁର,୨୩ା୧୨(ସମିସ): କୃଷି ବିଜ୍ଞାନ କେନ୍ଦ୍ରରେ ରାଷ୍ଟ୍ରୀୟ କୃଷକ ଦିବସରେ କୃଷକ ଉତ୍ପାଦକ ସଂଗଠନର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଲଡିଏମ୍ ହିମାଚଳ ସାହୁ, କୃଷି ଜିଲ୍ଲା ଅଧିକାରୀ ହେମନ୍ତ ଦାସ, ଜିଲ୍ଲା ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସୁବାସ କୁମାର ପଣ୍ଡା ଓ ଇଫ୍‌କୋ ଅଧିକାରୀ ସୌଭାଗ୍ୟ ରଞ୍ଜନ ପ୍ରଧାନ ଯୋଗଦେଇ ଏଫ୍‌ପିଓ ସଶକ୍ତିକରଣ, ପ୍ରଶାସନିକ ଓ ଅର୍ଥନୈତିକ ଦକ୍ଷତା ବିକାଶ, କୃଷକ ମାନଙ୍କୁ ବଜାର ସହିତ ଯୋଡିବାର ପ୍ରୟାସ ଏବଂ ସାମୂହିକ ଉଦ୍ୟମରେ ଲାଭ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଓୟୁଏଟି ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫର୍ ଏଫ୍‌ପିଓ ଆନୁକୁଲ୍ୟରେ ଆୟୋଜିତ ପ୍ରଶିକ୍ଷଣରେ ପୁରୁଷୋତ୍ତମପୁରର ବାବା ବିଶ୍ୱନାଥ ଏଫ୍‌ପିଓ ଭାବେ ପୁରସ୍କୃତ କରାଯାଇଥିଲା। କୃଷି ଯୁବ ଉଦ୍ୟୋଗୀ ତଥା ଜିଲ୍ଲାର ଏକମାତ୍ର ମହୁଚାଷ ପ୍ରଶିକ୍ଷକ ମାନସ ରଞ୍ଜନ ଜେନା ଓ ଅଗ୍ରଣୀ ମହିଳା କୃଷକ ସୁଜାତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବକ୍ତାମାନେ ସରକାରଙ୍କ ନୂତନ ଆଜୀବିକା ଓ ଶ୍ରମ ଗ୍ୟାରେଣ୍ଟି ବିଲ ୨୦୨୫ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରି ଚରଣ ସିଂଙ୍କର କୃଷି ପ୍ରତି ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଏଫପିଓ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

# କେନାଲରୁ ନରକଙ୍କାଳ ଉଦ୍ଧାର

ବ୍ରହ୍ମପୁର,୨୩ା୧୨(ସମିସ): ସହର ଉପକଣ୍ଠସ୍ଥ ଏକ କେନାଲ ଭିତରୁ ନରକଙ୍କାଳ ଉଦ୍ଧାର କରାଯାଇଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନିମଖଣ୍ଡି ଥାନା ପୁଲିସ କଙ୍କାଳକୁ ଜବତ କରି ଘଟଣାର ଛାନ୍‌ବିନ ଚଳାଇଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର କଙ୍କାଳର ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

ସୂଚନାଯୋଗ୍ୟ ଯେ, ନିମଖଣ୍ଡି ଥାନା ଅନ୍ତର୍ଗତ ହୁଗୁଳାପଟ୍ଟା ଓ ଗୁରୁଣ୍ଡି ମଧ୍ୟ ଦେଇ ପ୍ରବାହିତ କେନାଲ ଭିତରେ ଏକ କଙ୍କାଳ ପଡିଥିବା ମଙ୍ଗଳବାର ପୂର୍ବାହ୍ନରେ ପୁଲିସକୁ ସୂଚନା ମିଳିଥିଲା। ପୁଲିସ ପହଞ୍ଚି କଙ୍କାଳକୁ ଜବତ କରିବା ପରେ ଏହା ଜଣେ ପୁରୁଷଙ୍କ କଙ୍କାଳ ବୋଲି ସ୍ପଷ୍ଟ ହୋଇଥିବା ବେଳେ ମୃତକଙ୍କ ଅନୁମାନିକ ବୟସ ୩୦ରୁ ୩୫ବର୍ଷ ହେବ ବୋଲି ପୁଲିସ କହିଛି। କଙ୍କାଳଟି ଆଖପାଖ ଅଞ୍ଚଳର ହୋଇନଥିବା ବେଳେ ତାହା ୨୦ରୁ ୨୫ଦିନ ପୂର୍ବର ହୋଇଥିବା ସନ୍ଦେହ କରାଯାଉଛି। ମୃତଦେହ ଅନ୍ୟ କୌଣସି ସ୍ଥାନରୁ କେନାଲରେ ଭାସି ଆସି ଏଠାରେ ଲାଗିଥିବା ସନ୍ଦେହ କରାଯାଉଛି। ପୁଲିସ ଆଖପାଖ ଲୋକଙ୍କୁ ଡାକି କଙ୍କାଳ ଚିହ୍ନଟ କରିବାକୁ ଉଦ୍ୟମ କରୁଛି। ତେବେ ଏପର୍ଯ୍ୟନ୍ତ କଙ୍କାଳର କୌଣସି ଦାବିଦାର ନଥିବାରୁ ପୁଲିସ ପାଇଁ ଅଡୁଆ ବଢ଼ିଛି। କେନାଲଟି ହୁଗୁଳାପଟ୍ଟା ଗ୍ରାମଠାରୁ ଦୁଇ କିଲୋମିଟର ଦୂରରେ ଏକ ଜଙ୍ଗଲିଆ ସ୍ଥାନ ହୋଇଥିବା ବେଳେ ଯୁବକ ଜଣକ ସେଠାକୁ କାହିଁକି ଓ କିପରି ଗଲେ ତାକୁ ନେଇ ପ୍ରଶ୍ନ ଉଠିଛି। ବିଭିନ୍ନ ଦିଗକୁ ନେଇ ପୁଲିସର ତଦନ୍ତ ଜାରି ରହିଛି।

# ଏମଏଭି ସ୍କୁଲର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୨୩ା୧୨(ସମିସ): ସ୍ଥାନୀୟ ହିଲପାଟଣା ସ୍ଥିତ ମାତୃଶ୍ରୀ ଆଙ୍ଗ୍ଲୋ ଭେଦିକ (ଏମଏଭି) ସ୍କୁଲର ୫୨ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡଃ ଭବାନୀ ମହାରଣା ଓ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଅଧ୍ୟକ୍ଷ ଡଃ ସୁକାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ତଥା ବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ରକାଶ ପଣ୍ଡା, ସମ୍ପାଦକ କୁମୁଦ ରଞ୍ଜନ ପାଢ଼ୀ ଏବଂ ଅଧ୍ୟକ୍ଷ ଦ୍ୱାରିକାନାଥ ପଣ୍ଡା ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଶ୍ରୀ ଦ୍ୱାରିକାନାଥ ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ



ପାଠ କରିଥିଲେ। ଉତ୍ସବରେ ବିଦ୍ୟାଳୟର ୧୦ମ ଶ୍ରେଣୀର ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ନର୍ସରୀ ଠାରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ରଖିଥିବା ଛାତ୍ରଛାତ୍ରୀଙ୍କୁ ଅନ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶ୍ରେଷ୍ଠ ଖେଳାଳି ଭାବେ ଶେଖର ଚୌଧୁରୀ, ବହୁମୁଖି କୃତି ଛାତ୍ରି ସିବାଂଶି ପାଢ଼ୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ଓଡିଶୀ, ଶିବ ତାଣ୍ଡବ, ମହାକାଳୀ ଥିମ୍ ଡାନ୍ସ, ବଙ୍ଗାଳୀ, ରାଜସ୍ଥାନୀ ଡାନ୍ସ ଭଳି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଯାହାକୁ ଉପସ୍ଥିତ ଅତିଥିମାନେ ଓ ଅଭିଭାବକମାନେ ଉଚ୍ଚ ପ୍ରଶଂସା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ପାଢ଼ୀ, ଦିବ୍ୟସିଂହ ପଟ୍ଟନାୟକ, ନୀଳମାଧବ ରଥ ଓ ଜିତେନ୍ଦ୍ର ଦାଶ ପ୍ରମୁଖଙ୍କ ସହ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।

# ଓୟୁଏଚ୍‌ଏସ୍ ଅଧିନସ୍ଥ ଫାର୍ମା ଓ ନର୍ସିଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର

ବ୍ରହ୍ମପୁର,୨୩ା୧୨(ସମିସ): ରାଜ୍ୟରେ ଫାର୍ମା ଓ ନର୍ସିଂ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏଭଳି ସ୍ଥିତି ନଥିବା ବେଳେ ବର୍ତ୍ତମାନ ସୃଷ୍ଟି ହୋଇଥିବା ଏଭଳି ବିଚିତ୍ର ସ୍ଥିତି ପିଲାଙ୍କ କ୍ୟାରିଅରରେ ବାଧକ ସାଜିଛି। ଯାହାକୁ ନେଇ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଚିନ୍ତାରେ ପଡିଯାଇଛନ୍ତି। ପୂର୍ବରୁ ବିପିୟୁଟି ବା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନରେ ବି ଫାର୍ମା, ଏମ୍ ଫାର୍ମା ଓ ନର୍ସିଂ ଆଦି ପାଠ୍ୟକ୍ରମ ରହିଥିଲା। କିନ୍ତୁ ଗତ ୨୦୨୩ରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ସବୁକିଛି ଅନ୍‌ଲାଇନ ପରିବର୍ତ୍ତେ ଅଫ୍‌ଲାଇନରେ ସମ୍ପାଦନ କରାଯାଉଛି। ଫଳରେ ପିଲାଙ୍କ ପରୀକ୍ଷା ପରିଚାଳନା ଓ ଫଳାଫଳ ପ୍ରକାଶନ ନିର୍ଦ୍ଧାରିତ ସମୟରେ ସମ୍ଭବପର ହୋଇପାରୁ ନାହିଁ। କର୍ମଚାରୀ ଅଭାବ ଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଳ ଦେଖାଉଥିବା ବେଳେ ପିଲାଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି।




**'ବିପିୟୁଟି'ରୁ ପୃଥକ ହୋଇ 'ଓୟୁଏଚ୍‌ଏସ୍' ପ୍ରତିଷ୍ଠା ଦିନରୁ ଜାରି ରହିଛି ଅଚଳାବସ୍ଥା**

**ପରୀକ୍ଷା ହେଉନି କି ରେଜଲ୍ଟ ବାହାରୁନି, କ୍ୟାରିଅରକୁ ନେଇ ଚିନ୍ତାରେ ଛାତ୍ରଛାତ୍ରୀ**

**ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଅବଗତ ଥାଇ ବି ବାହାରୁନି ସମାଧାନର ବାଟ**

ଏହି ପାଠ୍ୟକ୍ରମ ଗୁଡିକୁ ବିପିୟୁଟିରୁ ପୃଥକ କରାଯାଇ ଏକ ଓୟୁଏସ୍‌ଏଚ୍ ବା ଓଡିଶା ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସ ନାମରେ ଏକ ନୂତନ ତଥା ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲା। ଓୟୁଏସ୍‌ଏଚ୍ ପ୍ରତିଷ୍ଠା ପରଠାରୁ ଉଭୟ ଫାର୍ମା ଓ ନର୍ସିଂ ସହିତ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ସମସ୍ତ ପାଠ୍ୟକ୍ରମରେ

ଏମ୍‌ଫାର୍ମା ୨ ବର୍ଷର ପାଠ୍ୟକ୍ରମ ହୋଇଥିବା ବେଳେ ପ୍ରଥମ ବର୍ଷରେ ଦୁଇଟି ଓ ଦ୍ୱିତୀୟ ବର୍ଷରେ ଆଉ ଦୁଇଟି ସେମିଷ୍ଟରର ବ୍ୟବସ୍ଥା ରହିଛି। ତେବେ ୨୦୨୩ରେ ଏମ୍‌ଫାର୍ମାରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କର ବର୍ତ୍ତମାନ ସୁଦ୍ଧା କେବଳ ପ୍ରଥମ ସେମିଷ୍ଟର ପରୀକ୍ଷାର ରେଜଲ୍ଟ ପ୍ରକାଶ ପାଇଥିବା ବେଳେ ଗତ ଏପ୍ରିଲ ୨୦୨୫ରେ ହୋଇଥିବା ଦ୍ୱିତୀୟ ସେମିଷ୍ଟରର ରେଜଲ୍ଟ ୮ମାସ ପରେ ମଧ୍ୟ ବାହାରିନାହିଁ। ସେପଟେ ଦ୍ୱିତୀୟ ବର୍ଷର ଉଭୟ ତୃତୀୟ ଓ ଶେଷ ବା ଚତୁର୍ଥ ସେମିଷ୍ଟର ପ୍ରୋଜେକ୍ଟ ରହିଥିବା ବେଳେ ସେଥିପାଇଁ ଗତ ୮ତାରିଖରେ ରେଜିଷ୍ଟ୍ରେସନ ଆରମ୍ଭ ହୋଇ ଆଜି ଶେଷ ହୋଇଛି। ଫଳରେ ପିଲାଙ୍କ ୨ବର୍ଷର ପାଠ୍ୟକ୍ରମ ଅବଧି ଶେଷ ହୋଇଯାଇଥିଲେ ହେଁ ସଠିକ ସମୟରେ ବା ନିର୍ଦ୍ଧାରିତ ସମୟରେ ସେମାନଙ୍କ ପରୀକ୍ଷା ଆୟୋଜନ ହୋଇନାହିଁ କିମ୍ବା ହୋଇଥିବା ପରୀକ୍ଷାର ଫଳ ବାହାରିନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀ ଚିନ୍ତାରେ।

ଏନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଥିବା ବେଳେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ପରୀକ୍ଷା ଓ ରେଜଲ୍ଟ ପ୍ରକାଶ ନେଇ ବିଶ୍ୱବିଦ୍ୟାଳୟ ସୂତ୍ରରୁ କୌଣସି ସଠିକ୍ ସୂଚନା ନପାଇ ପିଲାଙ୍କୁ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ଫଳରେ ଆଗାମୀ ଦିନରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଏମ୍‌ଫାର୍ମା, ବିଫାର୍ମା ଓ ନର୍ସିଂ ଛାତ୍ରଛାତ୍ରୀ ଭୁବନେଶ୍ୱର ଯାଇ ବିଶ୍ୱବିଦ୍ୟାଳୟ ଘେରାଉ କରିବାକୁ ଯୋଜନା କରୁଛନ୍ତି। ଏମ୍-ଫାର୍ମା ଛାତ୍ରଛାତ୍ରୀଙ୍କ ଏଭଳି ସମସ୍ୟା ନେଇ ସ୍ଥାନୀୟ ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସ ଅଧ୍ୟକ୍ଷ ଡାକ୍ତର ବି.ଭି.ଭି ରବି କୁମାରଙ୍କୁ ଯୋଗାଯୋଗ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସମସ୍ୟା ସମ୍ପର୍କରେ ସେ ଅବଗତ ଥିବା ବେଳେ ବିଶ୍ୱବିଦ୍ୟାଳୟ ସ୍ତରରେ ସମସ୍ୟା ରହିଥିବା ସେ ସ୍ୱୀକାର କରିଛନ୍ତି। ତେବେ କେବଳ ଏମ୍‌ଫାର୍ମା ନୁହେଁ ବରଂ ବିଫାର୍ମା ଓ ନର୍ସିଂ ସମେତ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ପ୍ରାୟ ସମସ୍ତ ପାଠ୍ୟକ୍ରମରେ ଏକା ସମସ୍ୟା ଉପୁଜିଥିବା ସେ କହିଛନ୍ତି। ଏଭଳି ସମସ୍ୟାକୁ ନେଇ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡା ମୁକେଶ ମହାଲିଙ୍ଗଙ୍କୁ ମଧ୍ୟ ଗତ ୩ମାସ ପୂର୍ବେ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି। ତେବେ ଏପର୍ଯ୍ୟନ୍ତ ସମାଧାନ ହୋଇନଥିବା ବେଳେ ଜାନୁଆରୀ ଶେଷ ସୁଦ୍ଧା ପିଲାଙ୍କ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସେମାନଙ୍କୁ ଆଶ୍ୱାସନା ଦେଇଥିବା ସେ କହିଛନ୍ତି।

# ଅଣନିଶ୍ୱାସୀ କରୁଛି ପିଚୁ ଫ୍ୟାକ୍ଟ୍ରି; ତେଜୁଛି ଅସନ୍ତୋଷ

## ବନ୍ଦ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ବୁର୍ଜିଗୁଡା ଗ୍ରାମବାସୀ

ପାରଳାଖେମୁଣ୍ଡି,୨୩।୧୨(ସମିସ)

ଅଣନିଶ୍ୱାସୀ କରୁଛି ଗାଁ ପାଖ ପିଚୁଫ୍ୟାକ୍ଟ୍ରି। କଳାଧୂଆଁ ଓ ଦୁର୍ଗନ୍ଧରେ ଆକ୍ରାମାକ୍ରା ହେଲେଣି ଗ୍ରାମବାସୀ। ଏନେଇ ଅସନ୍ତୋଷ ତେଜୁଥିବାବେଳେ ତୁରନ୍ତ ଫ୍ୟାକ୍ଟ୍ରି ବନ୍ଦ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡ଼ା ପଞ୍ଚାୟତ ଅନ୍ତର୍ଗତ ବୁର୍ଜିଗୁଡା ଗ୍ରାମରେ।

ପ୍ରକାଶ ଯେ, ବୁର୍ଜିଗୁଡା ଗ୍ରାମ ନିକଟରେ ରହିଛି ଏକ ପିଚୁ ଫ୍ୟାକ୍ଟ୍ରି। ଫଳରେ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଥିବାବେଳେ କଳାଧୂଆଁରେ ଅଞ୍ଚଳ ଆଚ୍ଛାଦିତ ହୋଇଯାଉଛି। ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଗ୍ରାମବାସୀ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀ ଜଣାଇଛନ୍ତି ଯେ ବୁର୍ଜିଗୁଡା ଗ୍ରାମରେ ୩୬ରୁ ଅଧିକ ଆଦିବାସୀ ପରିବାରର ଶତାଧିକ ଲୋକ ବସବାସ




କରୁଛନ୍ତି। ଗ୍ରାମ ଠାରୁ ମାତ୍ର ୨୦୦ ମିଟର ଦୂରରେ କିଛିବର୍ଷ ହେଲା ଏକ ପିଚୁ ଫ୍ୟାକ୍ଟ୍ରି ନିର୍ମାଣ ହୋଇଛି। ଏଠାରେ ପିଚୁଚିପ୍ସ ସମ୍ମିଶ୍ରଣ ବେଳେ ଗ୍ୟାସ୍ ତଥା ଧୂଆଁ ନିର୍ଗତ ହୋଇ ଅଞ୍ଚଳର ପରିବେଶକୁ ଦୂଷିତ କରୁଛି। ଯଦ୍ୱାରା ନିଶ୍ୱାସ-ପ୍ରଶ୍ୱାସ ନେବାରେ କଷ୍ଟ ହୋଇପଡୁଛି। ଏତଦ୍‌ବ୍ୟତୀତ ଗ୍ରାମର ପିଲାମାନେ ଏହି ରାସ୍ତା ଦେଇ ପାଟିକୋଟା ଗ୍ରାମରେ ଥିବା ବିଦ୍ୟାଳୟକୁ ଯାତାୟତ କରୁଥିବାବେଳେ ନିର୍ଗତ ଗ୍ୟାସ୍ ଯୋଗୁଁ ଏମାନେ ସ୍କୁଲକୁ ଯିବାକୁ ମଙ୍ଗୁନାହାନ୍ତି। ଏପରି ଗ୍ୟାସ୍ ତଥା ବାଷ୍ପ ନିର୍ଗତ ଯୋଗୁ ରାତ୍ର ସମୟରେ ନା ଶୋଇପାରୁଛୁ ନା ଗ୍ରାମରେ ରହିପାରୁଛୁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାବେଳେ କାଶି କାଶି ଲୋକେ ବେଦମ୍ ହେଉଛନ୍ତି। ଏହି ପିଚୁଚିପ୍ସ ସମ୍ମିଶ୍ରଣ ଫ୍ୟାକ୍ଟ୍ରିକୁ ତୁରନ୍ତ ବନ୍ଦ କରାଯିବାକୁ ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀଙ୍କୁ ଜଣାଇବା ସହ ଏକ ଲିଖିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ବୁର୍ଜିଗୁଡା ଗ୍ରାମର ମାଙ୍କ ରଇତ, ମାସିଗା ମଣ୍ଡଳ, ଅନୋଷ ମଣ୍ଡଳ ଓ ଆସିଆ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ଜି.ଉଦୟଗିରିରେ ପ୍ରବଳ କୁହୁଡ଼ି ସହିତ ଶୀତ

ଜି.ଉଦୟଗିରି,୨୩।୧୨(ସମିସ): ଜି.ଉଦୟଗିରି ଅଞ୍ଚଳରେ ସପ୍ତାହେ ହେଲା ପ୍ରବଳ କୁହୁଡି ସହିତ ଶୀତ ଅନୁଭୂତ ହେଉଛି। ଫଳରେ ଗାଡ଼ିମୋଟର ଚଳାଚଳରେ ଦେଖାଦେଇଛି ସମସ୍ୟା। ଦିନ କୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ବିଶେଷ କରି ଘାଟି ରାସ୍ତାରେ ଯାତାୟାତରେ ସମସ୍ୟା ହୋଇଥିବା ବେଳେ ନୂଆ ଚାଳକଙ୍କ ପାଇଁ ବଡ଼ ସମସ୍ୟା ହୋଇଛି। ଏହି କାରଣରୁ କଳିଙ୍ଗା ଘାଟିରେ ଅନେକ ଦୁର୍ଘଟଣା ହେଉଥିବା ନଜିର ରହିଥିବା ବେଳେ ସତର୍କତା ସହିତ ଗାଡି ଚଳାଇବାକୁ ପରାମର୍ଶ ଦିଆଯାଇଛି।

## ବଡ଼ଦିନ ପାଇଁ ଜି.ଉଦୟଗିରି ଚଳଚଞ୍ଚଳ



ଜି.ଉଦୟଗିରି,୨୩।୧୨(ସମିସ): ବଡ଼ଦିନ ଚଳଚଞ୍ଚଳ ହୋଇ ଉଠିଛି ଜି.ଉଦୟଗିରି। ଚର୍ଚ୍ଚ ଗୁଡିକକୁ ସୁସଜ୍ଜିତ କରାଯାଇଥିବା ବେଳେ ଖ୍ରୀଷ୍ଟ ଧର୍ମବଲମ୍ବୀଙ୍କ ପ୍ରମୁଖ ପର୍ବ ହୋଇଥିବାରୁ ରାଜ୍ୟ ଏବଂ ରାଜ୍ୟ ବାହାରେ ରହୁଥିବା ଅଞ୍ଚଳର ଲୋକେ ଘରକୁ ଆସିଛନ୍ତି। ଆରମ୍ଭ ହେଲାଣି ପ୍ରି-ଖ୍ରୀଷ୍ଟମାସ। ସହରରେ ମହମବତି ଶୋଭାଯାତ୍ରା ବାହାରି ଖ୍ରୀଷ୍ଟ ଅଭିନନ୍ଦନ ଜଣାଇଛନ୍ତି ବିଭିନ୍ନ ମଣ୍ଡଳୀ। ବଡଦିନ ପାଇଁ ଚର୍ଚ୍ଚ ଗୁଡିକୁ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ବିଭିନ୍ନ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ବଜାରରେ ବଡଦିନକୁ ଦୃଷ୍ଟିରେ ରଖି ମିଠା, କେକ ଠାରୁ ଆରମ୍ଭ କରି ଆଲୋକ ମାଳା, ଏକ୍ସମାସ୍-ଟ୍ରି, ସାନ୍ତାକ୍ଲସ୍ ଟୋପି ସହିତ ଡ୍ରେସ ଦୋକାନରେ ଲାଗିଛି ଗହଳି। ବଡ଼ଦିନକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବ୍ଲକସ୍ତରୀୟ ଶାନ୍ତି କମିଟି କରି କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ନିବେଦନ କରାଯିବ ସହିତ ସ୍ୱତନ୍ତ୍ର ଫୋନ ନମ୍ବର ଜାରି କରାଯାଇଛି। ଆଜି ଜି.ଉଦୟଗିରି ସହରରେ ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଫ୍ଲାଗ ମାର୍ଚ୍ଚ ହୋଇଛି।

## ଖ୍ରୀଷ୍ଟମଣ୍ଡଳୀର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ



ଜି.ଉଦୟଗିରି,୨୩।୧୨(ସମିସ): ନିକଟସ୍ଥ ଖ୍ରୀଷ୍ଟ ମଣ୍ଡଳୀ ଜାର୍ଗିନାଯୁର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଣ୍ଡଳୀ ମଧ୍ୟରେ ବିଶେଷ ପ୍ରାର୍ଥନା ସଭା, ପବିତ୍ର ବାଇବଲର ଉପଦେଶ ଓ ସ୍ତୁତି-ସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମଣ୍ଡଳୀର ପ୍ରତିଷ୍ଠାତା ଆଚାର୍ଯ୍ୟ ମାନେଶ୍ୱର ଦିଗାଲ ଉପସ୍ଥିତ ରହି ମଣ୍ଡଳୀର ବର୍ଷର ଆତ୍ମିକ ଯାତ୍ରା, ବୃଦ୍ଧି ଓ ସେବା କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ ଆତ୍ମିକ ଜୀବନରେ ଶୁଦ୍ଧତା, ବିଶ୍ୱାସ, ପ୍ରେମ ଓ ସେବା ଭାବନାକୁ ଦୃଢ଼ କରିବାକୁ ଉପଦେଶ ଦେଇଥିଲେ। ମଣ୍ଡଳୀର ପାଳକ ଆଚାର୍ଯ୍ୟ ଜୟଚନ୍ଦ୍ର ପ୍ରଧାନ ସମସ୍ତ ଅତିଥି, ବକ୍ତା ଓ ବିଶ୍ୱସୀମାନଙ୍କୁ ପୁଷ୍ପମାଲ୍ୟ ଓ ଉପଢ଼ୌକନ ପ୍ରଦାନ କରି ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ପିସେରାମା ଖ୍ରୀଷ୍ଟ ମଣ୍ଡଳୀର ପାଳକ ଆଚାର୍ଯ୍ୟ ଅମିତ୍ ନାୟକ, ପାଳକ ଆସୋସିଏସନ୍ ଟ୍ରଷ୍ଟ, ରାଇକିଆର ସମ୍ପାଦକ ଜିତେନ କୁମାର ନାୟକ, ଆଚାର୍ଯ୍ୟ ଦିଲୀପ ପ୍ରଧାନ ସହ ଅନ୍ୟାନ୍ୟ ଧାର୍ମିକ ନେତୃତ୍ୱ ମଞ୍ଚାସୀନ ଥିଲେ।

## ଜିଲ୍ଲାସ୍ତରୀୟ ସୁଶାସନ ଦିବସ




ପାରଳାଖେମୁଣ୍ଡି,୨୩।୧୨(ସମିସ): ଜିଲ୍ଲାସ୍ତରୀୟ ସୁଶାସନ ସପ୍ତାହ "ପ୍ରଶାସନ ଗାଁ କି ଓରର କର୍ମଶାଳା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଉକ୍ତ କର୍ମଶାଳାରେ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁ ବିକାଶ ଏବଂ ସାଧାରଣଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ସମେତ ଜିଲ୍ଲାର ବିଭିନ୍ନ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଜନସାଧରଣଙ୍କ ବିଭିନ୍ନ ଅଭିଯୋଗ ଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ସମାଧାନ କରିବା ସହ ଜନସେବା ପ୍ରଦାନ କରିବା, ବିଚାରଧୀନ ଜନସାଧାରଣଙ୍କ ଅଭିଯୋଗ ତୁରନ୍ତ ସମାଧାନ, ଅନଲାଇନ୍ ସେବା ପ୍ରଦାନ ଏବଂ ଜିଲ୍ଲାର ଜନସାଧାରଣଙ୍କ ଅଭିଯୋଗକୁ ସମାଧାନ ହୋଇଥିବା ସଫଳତା କାହାଣୀ ଉପଲବ୍ଧ କରାଇବା ଓ ଜିଲ୍ଲାର ସମସ୍ତ କର୍ମଚାରୀ ନିଜ ନିଜ ବିଭାଗର ଅଭିଯୋଗକୁ ତୁରନ୍ତ ସମାଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ। କର୍ମଶାଳାରେ ଡେପୁଟି କଲେକ୍ଟର ମିତାଲି ମଧୁସ୍ମିତା ପାଢ଼ୀ, କାଷ୍ୟାପୀ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

● ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

## ମହେନ୍ଦ୍ରତନୟାରେ ବାଲିବସ୍ତା ଦେଇ ବନ୍ଧ ବନ୍ଧାହେଲା

ପାରଳାଖେମୁଣ୍ଡି,୨୩।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଆଗାମୀ ଗ୍ରୀଷ୍ମ ଋତୁରେ ଜଳକଷ୍ଟ ଯେପରି ନ ଉପୁଜେ ସେନେଇ ଏବେଠାରୁ ଜନସ୍ୱାସ୍ଥ୍ୟ ବିଭାଗ ସଜାଗ ହୋଇଛି। ସହରର ମହେନ୍ଦ୍ରତନୟା ନଦୀର ବ୍ରିଜ୍ ତଳେ ହଜାର ହଜାର ସଂଖ୍ୟାରେ ବାଲିବସ୍ତା ପକାଯାଇ ପାଣିକୁ ରୋକିବା ଆରମ୍ଭ କରାଯାଇଛି। ଏବେଠାରୁ ପାଣି ଗଚ୍ଛିତ କରି ଯେପରି ମାର୍ଚ୍ଚ-ଏପ୍ରିଲ୍ ବେଳକୁ ନଦୀଶଯ୍ୟା ଶୁଷ୍କ ନହେବ ପ୍ରୟାସ କରାଯାଉଛି। କାରଣ ପାରଳାଖେମୁଣ୍ଡି ସହରାଞ୍ଚଳରେ ପ୍ରତିବର୍ଷ ମାର୍ଚ୍ଚ ଶେଷାର୍ଦ୍ଧ ଓ ଏପ୍ରିଲ୍ ପ୍ରାରମ୍ଭରେ ପ୍ରାୟତଃ ଗ୍ରୀଷ୍ମ ଅତିବାହିତ ହୋଇଥାଏ। ଯଦ୍ୱାରା ନଦୀର ପାଣି ଶୁଖିଯିବା ସହ ନଦୀ ଶଯ୍ୟାର ଜଳସ୍ତର କମିଯାଇଥାଏ। ଫଳରେ ଏପ୍ରିଲ୍, ମେ' ମାସରେ ଜଳକଷ୍ଟ ଭୋଗିବାକୁ ପଡିଥାଏ। ତେବେ କେତେବର୍ଷ ହେଲା ଏହି ଜଳକଷ୍ଟର ପ୍ରମୁଖ କାରଣ ହେଉଛି ଆନ୍ଧ୍ର ପକ୍ଷରୁ ନଦୀର ଉପର ମୁଣ୍ଡରେ ଆନ୍ଧ୍ରର ଚାପରା ଅପସର ନିର୍ମାଣ ଏବଂ ତା'ଉପର ମୁଣ୍ଡରେ ଓଡ଼ିଶାର ଶରଧାପୁର ବ୍ରିଜ ନିକଟରେ ମାରିଙ୍ଗି ଠାରେ ଥିବା ଏକ ଘରୋଇ କମ୍ପାନୀ ନିଜ ପ୍ଲାଣ୍ଟ୍ ପାଇଁ ଦୈନିକ ହଜାର ହଜାର ଲିଟର ପାଣିକୁ ମୋଟର ଲଗାଇ ଉଠାଉଥିବାରୁ ଭୂ-ତଳ ଜଳସ୍ତର କମିବା କାରଣ ବୋଲି ଆଲୋଚନା ହେଉଛି। ତେଣୁ ଏହାର ପ୍ରତିକାର ପାଇଁ ଡମ୍ବାପୁର ଆନିକଟ କାର୍ଯ୍ୟକ୍ଷମ କରିବା ଏବଂ ପାରଳାଖେମୁଣ୍ଡି ସହରର ମହେନ୍ଦ୍ରତନୟା ନଦୀର ଉପରମୁଣ୍ଡରେ ଜଳକୁ ରୋକା ନଗଲେ ଏପରି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



## ଚାଷୀଙ୍କ ସମସ୍ୟା ନେଇ ଜିଲ୍ଲା କଂଗ୍ରେସର ବିକ୍ଷୋଭ



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପାରଳାଖେମୁଣ୍ଡି,୨୩।୧୨(ସମିସ): ଜାତୀୟ କୃଷକ ଦିବସରେ ଗଜପତି ଜିଲ୍ଲା କଂଗ୍ରେସ ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ନଗରପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି କିଛି ସମୟ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପ୍ରଶାସନ ଜରିଆରେ ଏକ ଦାବିପତ୍ର ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ଚାଷୀ ୟୁନିୟନର ସଭାପତି ଆଇନଜୀବୀ ଅଶୋକ ଅଧିକାରୀ, ଗଜପତି ଏସ୍‌ସି ସେଲ୍ ସଭାପତି ପାପା ରାଓ, ଗୋଷାଣି ବ୍ଲକର ବାଲକ୍ରିଷ୍ଣା, ପୁରୁଷୋତ୍ତମ ପାଣିଗ୍ରାହୀ, ମୀନ ମଣ୍ଡଳ, ଲଳିତମୋହନ ଦଣ୍ଡସେନା, ସୂର୍ଯ୍ୟ ନାରାୟଣ ପାତ୍ର, ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା, ଈଶ୍ୱର ମାଝୀ, ବିଷ୍ଣୁ ପାଢ଼ୀ, ଲବ ସାହୁଙ୍କ ସମେତ ବହୁ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ସମସ୍ତ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ରାମାନୁଜ୍ ଗଣିତ କ୍ଲବ୍ ପକ୍ଷରୁ ଜାତୀୟ ଗଣିତ ଦିବସ




ପାରଳାଖେମୁଣ୍ଡି,୨୩।୧୨(ସମିସ): ରାମାନୁଜନ ଗଣିତ କ୍ଲବ୍ ତରଫରୁ ଗଣିତଜ୍ଞ ରାମାନୁଜନଙ୍କ ଜୟନ୍ତୀ ଅବସରରେ ଜାତୀୟ ଗଣିତ ଦିବସ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳନ ହୋଇଥିଲା। ପ୍ରାକ୍ତନ ଶିକ୍ଷକ ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଏମ୍.ଗିରିଧର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଏସ୍‌କେସିଜି ସ୍ୱୟଂ ଶାସିତ କଲେଜର ପ୍ରଫେସର ଡ. ମାନସୀ କୁମାରୀ ସାହୁକାର, ସମ୍ମାନୀତ ଅତିଥି ଭାବେ ଶିକ୍ଷା ପ୍ରଶିକ୍ଷଣ ବିଦ୍ୟାଳୟର ଶିକ୍ଷିକା ପ୍ରଶିକ୍ଷିକା ଏ. ସଂଧ୍ୟାରାଣୀ ଗଣିତର ବୋଧ ଓ ପ୍ରୟୋଗ ପିଲାଙ୍କ କିପରି ଦକ୍ଷତା ବଢ଼ାଏ ତା' ଉପରେ ଆଲୋକପାତ କରିଥିଲେ। ପ୍ରଧାନଗୁରୁଜୀ ସରୋଜ ପଣ୍ଡା ଗଣିତ ଆଧ୍ୟାତ୍ମିକ ଉପଲବ୍‌ଧିର ଫଳ ବୋଲି କହିଥିଲେ। ପୂର୍ବ ନିର୍ଦ୍ଧାରିତ ଗଣିତ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ମୌସୁମୀ ପଲାଇ ପ୍ରଥମ, ଶିଶୁ ବିଦ୍ୟାମନ୍ଦିରର ନବମ ଶ୍ରେଣୀର ଛାତ୍ର ଅଦିତ୍ୟ ପାଣିଗ୍ରାହୀ ଦ୍ୱିତୀୟ ଏବଂ ନବମ ଶ୍ରେଣୀ ଛାତ୍ରୀ ପ୍ରାଚୀ ପରିଡ଼ା ତୃତୀୟ ସ୍ଥାନ ହାସଲ କରିଥିଲେ। କନିଷ୍ଠ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଷ୍ଠଶ୍ରେଣୀ ଛାତ୍ର ତାପସ୍ ବେହେରା ପ୍ରଥମ ଏବଂ ସପ୍ତମ ଶ୍ରେଣୀର ଛାତ୍ରୀ ତନିଷ୍କା ଦାସ୍ ଦ୍ୱିତୀୟ ଓ ସେଞ୍ଚୁରିଆନ୍ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଶାଳିନୀ ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଶେଷରେ ମଧୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ୟାଡର ମାଓବାଦୀଙ୍କୁ ଧରିବାକୁ ଲାଗିଲା ପୁରସ୍କାର ରାଶି ପୋଷ୍ଟର




ରାଇକିଆ,୨୩।୧୨(ସମିସ): କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ମୁକ୍ତ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ସମୟ ପାଖେଇ ଆସୁଥିବାରୁ ପୁଲିସ ମାଓବାଦୀଙ୍କୁ ଲୋପ ପାଇଁ ପ୍ରୟାସ କରୁଛି। ଏ ଦିଗରେ ପୁଲିସ ବ୍ୟାପକ ସଚେତନତା ସୃଷ୍ଟି, ଜିଲ୍ଲାରେ ମାଓବାଦୀଙ୍କ ତାଲିକା ଜାରି କରିବା ସହ ସେମାନଙ୍କୁ ଧରାଇ ଦେଲେ ପୁରସ୍କାର ରାଶି ଯୋଗାଇ ଦିଆଯିବ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ପୋଷ୍ଟରଗୁଡିକ ରାଇକିଆ ବ୍ଲକର ମାଣିକେଶ୍ୱର ପଞ୍ଚାୟତ ସମେତ ଦୁର୍ଗମ କରଡ଼ା ଏବଂ ଇନ୍ଦ୍ରଗଡ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଲାଗିଥିବା ଦେଖିବାକୁ ମିଳିଛି। ଏହିସବୁ ଅଞ୍ଚଳରେ ମାଓ ଗତିବିଧି ରହିଥିବା ଏବଂ କିଛିମାସ ତଳେ ପୁଲିସ ଓ ମାଓବାଦୀ ମୁହାଁମୁହିଁ ଏବଂ ଗୁଳିବିନିମୟ ମଧ୍ୟ ହୋଇଥିଲା।

## ଜାନୁଆରୀ ୧୨ ଓ ୧୩ରେ ମହେନ୍ଦ୍ର ଉତ୍ସବ



ରାୟଗଡ,୨୩।୧୨(ସମିସ): ରାୟଗଡ଼ ବ୍ଲକସ୍ତରୀୟ ମହେନ୍ଦ୍ର ଉତ୍ସବ ଜାନୁଆରୀ ୧୨ ଓ ୧୩ ଦୁଇ ଦିନ ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ବିଡିଓ ସନ୍ତୋଷ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦ୍‌ଭାବନା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲ୍ଲା ପରିଷଦ ସଦସ୍ୟା ଗୌତମୀ ଜାନି, ତହସିଲଦାର ସୁକାନ୍ତ କୁମାର ପ୍ରଧାନ, ସିଡିପିଓ ବି. କମଲାଙ୍ଗି, ସେକସନ ଅଫିସର ଶଙ୍କର ଲାଲ ସରେନ ମଞ୍ଚାସୀନ ଥିଲେ। ବ୍ଲକର ସ୍ଥାନୀୟ କଳାକାରଙ୍କୁ ଲୋକଲୋଚନକୁ ଆଣିବାକୁ ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ଉତ୍ସବ ମାଧ୍ୟମରେ ବ୍ଲକର ବିଭିନ୍ନ ଅଞ୍ଚଳର ଆଦିବାସୀଙ୍କ କଳା ଓ ସଂସ୍କୃତି ପ୍ରଦର୍ଶନ କରିବା ସହ ନାମଦାମୀ କଳାକାର ମଧ୍ୟ ସ୍ଥାନ ଦିଆଯିବା ସହ ଉତ୍ସବ କୁ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦାନ କରିବା ପାଇଁ ବିଡିଓ ଶ୍ରୀ ବାରିକ ସମସ୍ତ ସଭ୍ୟସଭ୍ୟାଙ୍କୁ ସହୋଯାଗ କରିବା ପାଇଁ ଅନୁରୋଧ କରିଥିଲେ। ବୈଠକରେ ଜନ ପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜିବୀ, ସମାଜସେବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶା, ଗାଁକଲ୍ୟାଣ, ଜନଆରୋଗ୍ୟ ଓ ମହିଳା ଆରୋଗ୍ୟ ସମିତି ବାର୍ଷିକ ସମ୍ମିଳନୀ



ପାରଳାଖେମୁଣ୍ଡି,୨୩।୧୨(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ବିଜୁ କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ, ଜନଆରୋଗ୍ୟ ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲାପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥିବୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ, ଡିପିଏମଓ ସ୍ୱପ୍ନାରାଣୀ ମହାପାତ୍ର ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ଆଶା କର୍ମୀମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଜିଲ୍ଲାର ବିଭିନ୍ନ ବ୍ଲକ ସମେତ ପାରଳାଖେମୁଣ୍ଡି ପୌରପରିଷଦର ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କୃତ କରାଯାଇଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଶାଙ୍କୁ ପୁରସ୍କୃତ କରାଯାଇଛି। ସେହିଭଳି ଶ୍ରେଷ୍ଠ ଗାଁ କଲ୍ୟାଣ ଏବଂ ଜନଆରୋଗ୍ୟ ସମିତିଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଶ୍ରେଷ୍ଠ ମହିଳା ଆରୋଗ୍ୟ ସମିତିର କର୍ମକର୍ତ୍ତାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମଞ୍ଚ ସଂଯୋଜନା ମମତା ପାଢୀ କରିଥିବା ବେଳେଜିଲ୍ଲାସ୍ୱାସ୍ଥ୍ୟସମିତିରସମସ୍ତଜିଲ୍ଲାସ୍ତଲଲରୀୟଅଧିକାରୀ, କର୍ମକର୍ତ୍ତା, ସ୍ୱାସ୍ଥ୍ୟ କର୍ମୀ, ଆଶା, ଗାଁ କଲ୍ୟାଣ, ଜନଆରୋଗ୍ୟ ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ ଜାତୀୟ କୃଷକ ଦିବସ




ପାରଳାଖେମୁଣ୍ଡି୨୩।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମବାର୍ଷିକୀ ଅବସରରେ ପାରଳାଖେମୁଣ୍ଡି ସ୍ଥିତ ଏମ୍‌ଏସ୍ ସ୍ୱାମୀନାଥନ ସ୍କୁଲ ଅଫ୍ ଏଗ୍ରୀକଲ୍‌ଚର୍ ସେଞ୍ଚୁରିଆନ୍ ୟୁନିଭର୍ସିଟିର ଡିପାର୍ଟମେଣ୍ଟ ଅଫ୍ ଆଗ୍ରୋନୋମି ଆଣ୍ଡ ଆଗ୍ରୋଫରେଷ୍ଟ୍ରି ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଉପଲକ୍ଷେ ବିଶ୍ୱବିଦ୍ୟାଳୟର କୃଷି ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ମିଶି ସମାଜପାଇଁ କୃଷକର ଭୂମିକା ଦର୍ଶାଇ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରିଥିଲେ। ଏଥିରେ ଅଞ୍ଚଳର ୫୦ରୁ ଅଧିକ ଚାଷୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମଟି ଏମ୍‌ଏସ୍. ସ୍ୱାମିନାଥନ ସ୍କୁଲ ଅଫ୍ ଏଗ୍ରୀକଲ୍‌ଚର୍‌ର ଅଧ୍ୟକ୍ଷ ପ୍ରଫେସର୍ ସାଗର ମୈତ୍ର ଓ କ୍ଷେତ୍ରବିଜ୍ଞାନ (ଆଗ୍ରୋନୋମୀ) ବିଭାଗର ମୁଖ୍ୟ ଡ.ତନ୍ମୟ ଶଙ୍କରଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକଗଣ ପ୍ରଫେସର୍ ସୁପ୍ରଦିପ ସରକାର, ପ୍ରଫେସର୍ ୱାଇ. ନଞ୍ଜା ରେଡ୍ଡୀ ଏବଂ ପ୍ରଫେସର୍ ବି. ଚକ୍ରପାଣି ଯୋଗ ଦେଇ କୃଷି କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଓ ତାର ସମାଧାନ ବିଷୟରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଚାଷୀଙ୍କୁ ଡ୍ରାଗନ୍ ଫ୍ରୁଟ ଚାରା, ଜିଆ ଖତ ଓ ଲାଉ ବିହନ ଇତ୍ୟାଦି ବିତରଣ କରି ସମ୍ମାନିତ କରାଯାଇଥିଲା। ପରିଶେଷରେ ଚାଷୀଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇଥିଲା।

## ରାଇକଲା ଜଙ୍ଗଲରେ ୧୩ ଟିକିଆ ହାତୀପଲ

ଜି.ଉଦୟଗିରି,୨୩।୧୨(ସମିସ)

ଆତଙ୍କିତ ଅଞ୍ଚଳବାସୀ, ଘଉଡ଼ାଇବାକୁ ଦାବି



ପୁଣି ଥରେ ହାତୀ ଭୟରେ ଆତଙ୍କିତ ଅଞ୍ଚଳବାସୀ। ଏବେ ଗୋଟିଏ କି ଦୁଇଟି ନୁହେଁ ୧୩ ଟିକିଆ ହାତୀପଲ। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ରେଞ୍ଜ ଲିଙ୍ଗାଗଡ଼ ବନାଞ୍ଚଳ ଅନ୍ତର୍ଗତ ରାଇକଲା ଜଙ୍ଗଲକୁ ଏହି ହାତୀପଲ ମଙ୍ଗଳବାର ଭୋର୍‌ରୁ ଆସିଥିବା ଦେଖିବାକୁ ମିଳିଛି। ଜଙ୍ଗଲର ଅତି ନିକଟରେ ଘର କରି ରହୁଥିବା ପରିବାର ଏହାକୁ ଦେଖି ଭୟରେ ରହିଛନ୍ତି।

ସୂଚନା ଅନୁସାରେ ଆଜି ସକାଳୁ ଗ୍ରାମବାସୀ ହାତୀପଲ ଦେଖି ବନବିଭାଗକୁ ସୂଚନା ଦେଇଥିଲେ। ସ୍ଥାନୀୟ ବନଖଣ୍ଡ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ, ମନୋଜ କୁମାର ମହାପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବିଭାଗ ତରଫରୁ ହାତୀପଲ ଉପରେ ବନ କର୍ମଚାରୀ ନଜର ରଖିଥିବା ବେଳେ ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ବାଇବାଲି ଜଙ୍ଗଲରୁ ଆସିଥିବା ନେଇ ବନ ଅଧିକାରୀ ସୂଚନା ଦେଇଛନ୍ତି। ହାତୀପଲର ସମ୍ମୁଖକୁ ନଯିବା ସହ ସେମାନଙ୍କୁ ବିରକ୍ତ ନକରିବାକୁ ବନବିଭାଗ ଗ୍ରାମବାସୀଙ୍କୁ ଅନୁରୋଧ କରିବା ସହ ସତର୍କ ରହିବା, ଜଙ୍ଗଲକୁ ଯିବାକୁ ବାରଣ କରିଛି।

କିଛିମାସ ପୂର୍ବରୁ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ରୁ ଅଧିକ ଗାଇ, ଛେଳିଙ୍କ ମୃତ୍ୟୁ ଘଟିଥିଲା। ଜୀବନ ଜୀବିକା ପ୍ରଭାବିତ ହୋଇଥିଲା। ଯାହାକୁ ନେଇ ସାଧାରଣରେ ଭୟର ବାତାବରଣ ରହିଥିବା ବେଳେ ଏବେ ରାଇକଲା ଜଙ୍ଗଲରେ ୧୩ ଟିକିଆ ହାତୀପଲ ଦେଖି ଭୟରେ ଥିବା ଗ୍ରାମବାସୀ ହାତୀଙ୍କୁ ଘଉଡ଼ାଇବାକୁ ନିବେଦନ କରିଛନ୍ତି।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଯାପିତ

ଜଗତସିଂହପୁର,୨୩।୧୨(ସମିସ)

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆଠାରେ ଚାଲୁଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ-ଜିଲ୍ଲାପରିଷଦ ରବି ନାରାୟଣ ଜେଠୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ଡା. ବୀରକିଶୋର ପରିଡା ମୁଖ୍ୟବକ୍ତା, ଡା. ବିଭୁରଞ୍ଜନ ଦାସ, ପୂର୍ବତନ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କଟକ, ଜିତେନ୍ଦ୍ର କୁମାର ବେହେରା, ଉପ-ମତ୍ସ୍ୟ ନିର୍ଦ୍ଦେଶକ କଟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତସିଂହପୁର ଡା ଅଜୟ କୁମାର ସାହୁ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜଗତସିଂହପୁର ଦେବବ୍ରତ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଏହି ମେଳାରେ ମୁଖ୍ୟ ବକ୍ତା ଓ ଅତିଥିମାନେ ଜଗତସିଂହପୁର ଜିଲ୍ଲାର ମତ୍ସ୍ୟ ଚାଷୀ ଓ ପ୍ରାଣିଧନ ଚାଷୀ ଯେପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରି ଯୋଜନାର ଲାଭ ପାଇପାରିବେ ଏବଂ ଆର୍ଥିକ କ୍ଷେତ୍ରରେ ଉନ୍ନତି କରି ପାରିବେ ସେଥିପାଇଁ ସେମାନଙ୍କର ଅଭିଭାଷଣରେ ସଚେତନ କରାଇଥିଲେ। ମୁଖ୍ୟଅତିଥି ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ସମସ୍ତ ଉପସ୍ଥିତ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ସଭାପତି ଓ ଅତିଥିମାନଙ୍କ ଦ୍ୱାରା ସଫଳ ଚାଷୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ତନ୍ମଧ୍ୟରୁ ପାଞ୍ଚ ଜଣ ଚାଷୀଙ୍କୁ ଗୋ-ଆହେଡ୍ ଲେଟର ପ୍ରଦାନ କରାଯାଇଥିଲା। ମତ୍ସ୍ୟସମ୍ପଦ ଓ ପ୍ରାଣିସମ୍ପଦ ବିଭାଗର ୪ ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ୩ ଜଣ ଚାଷୀଙ୍କୁ ଚେକ୍ ଜରିଆରେ ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଥିଲା। ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବୈଜ୍ଞାନିକମାନଙ୍କ ସହ କୃଷକମାନଙ୍କର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଭାକାର୍ଯ୍ୟ ଶେଷ ହେବାପରେ ଜିଲ୍ଲା କଳା ଓ ସଂସ୍କୃତି ସଂଘ ଦ୍ୱାରା ଅନୁବନ୍ଧିତ ବିଭିନ୍ନ ଗୋଷ୍ଠୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ଜିଲ୍ଲାର ସବୁ ବ୍ଲକରୁ ବହୁ ସଂଖ୍ୟାରେ ମତ୍ସ୍ୟ ଚାଷୀ ଓ ପ୍ରାଣିସମ୍ପଦ ଚାଷୀମାନଙ୍କ ସହିତ ଜନସାଧାରଣ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

● ସନ୍ଦିଗ୍ଧ ବାଙ୍ଗଲାଦେଶୀ ଚିହ୍ନଟ ବେଳେ ଆକ୍ରମଣ ମାମଲା

## ଗିରଫ ୨ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର

ଜଗତସିଂହପୁର,୨୩।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେରୋହିମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ଅଭିଯୋଗରେ ଗତ ନଭେମ୍ବର ୧୬ ତାରିଖରେ ପୁଲିସ ଚଢ଼ଉ କରିଥିଲା। ଏଏସ୍‌ପି ସତ୍ୟବ୍ରତ ଦାଶ ଏବଂ ଡିଆଇବି ଡିଏସ୍‌ପି ପ୍ରଭାତ କୁମାର ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ଉ ବେଳେ କିଛି ମହିଳା ପୁଲିସ ଉପରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଏହି ଘଟଣାରେ ପୁଲିସ ୨ଜଣ ମହିଳାଙ୍କୁ ଗିରଫ କରିଥିଲା। ତେବେ ବାଂଲାଦେଶୀ ମାନଙ୍କୁ ସରକାରୀ ଜାଗାରେ ବେଆଇନ ଭାବେ ରଖି ବିଭିନ୍ନ କାମରେ ଲଗାଉଥିବା ମୁଖ୍ୟ ଅଭିଯୁକ୍ତ ବେରୋହିମପୁରର ସିକନ୍ଦର ଆଲାମ ଏବଂ ତାର ସାନଭାଇ ଅବଦୁଲ ମେତାଲିଫ୍ ଖାଁ କୌଶଳକ୍ରମେ ଫେରାର ହୋଇଯାଇଥିଲେ। ପରେ ଉଭୟଙ୍କୁ ପୋଲିସ ବାଂଲାଦେଶ ସୀମା ମୁର୍ସିଦାବାଦରୁ ଗିରଫ କରିଥିଲା। ଆଜି ଦୁଇ ଅଭିଯୁକ୍ତ ଭାଇଙ୍କୁ ଜଗତସିଂହପୁର ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ହାଜିର କରାଯାଇଥିଲା। ତେବେ ସେମାନଙ୍କର ଜାମିନ ଖାରଜ ହୋଇଯାଇଥିବା ପବ୍ଲିକ୍ ପ୍ରସିକ୍ୟୁଟର ତପନ ପାଲ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବିଶ୍ୱସ୍ତ ସୂତ୍ରରୁ କିଛି ସନ୍ଦିଗ୍ଧ ଆଚରଣ ସଂପର୍କରେ ସୂଚନା ପାଇ ଏଏସ୍‌ପି ସତ୍ୟ ଦାଶଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଏହି ବସ୍ତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଗୋଟିଏ ଦେଶୀ ବନ୍ଧୁକ, ୫/୬ଟି ବଡ଼ କଟୁରି ଏବଂ ଅନ୍ୟ ହାତହତିଆର ପୁଲିସ ଜବତ କରିଥିଲା। ପରବର୍ତ୍ତୀ ସମୟରେ ବହୁ ପରିମାଣରେ ଆଧାର କାର୍ଡ ଏବଂ ଅନ୍ୟ ଆପତ୍ତିଜନକ କାଗଜପତ୍ର ପୁଲିସ ଜବତ କରିଥିଲା। ସରକାରୀ ଜାଗାରେ ଏହି ଗୃହ ନିର୍ମାଣ କରାଯାଇଥିବା ଜଣାପଡିବା ପରେ ନଭେମ୍ବର ୧୭ ତାରିଖରେ ବୁଲଡୋଜର ଲଗାଇ ସମସ୍ତ ଘରକୁ ଭାଙ୍ଗି ଦିଆଯାଇଥିଲା। ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ ବର୍ମା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

## ଇଣ୍ଡିଆ ବୁକ ଅଫ୍ ରେକର୍ଡରେ କୁନି ଝିଅ ଆରାଧ୍ୟା

ଜଗତସିଂହପୁର,୨୩।୧୨(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ସ୍ଥିତ ପାଇକସାହି ଗ୍ରାମର ରଶ୍ମିରଞ୍ଜନ ନାୟକ ଓ ରୋଜାଲିନ ମଲ୍ଲଙ୍କ ୫ ବର୍ଷର ଝିଅ ଆରାଧ୍ୟା। ରଶ୍ମିରଞ୍ଜନ ଯିଏକି ସେନାରେ ଯବାନ ରହି ଦେଶ ସେବାରେ ନିୟୋଜିତ ଅଛନ୍ତି। ତାଙ୍କର ମାତ୍ର ୫ ବର୍ଷର ଝିଅ ଆରାଧ୍ୟା ଆର୍ ନାୟକ ନିଜ ପରିବାର ଓ ଅଞ୍ଚଳ ପାଇଁ ଆଣିଛନ୍ତି ଗୌରବ। ଆରାଧ୍ୟା ଆମ ଦେଶର ୨୮ଟି ରାଜ୍ୟର ନାମ, ୨୮ଟି ରାଜ୍ୟର ଭାଷା, ୧୮ଟି ଜାତୀୟ ଚିହ୍ନ, ୮ ଟି ଗ୍ରହର ନାମ, ୭ଟି ମହାଦେଶ, ୫ଟି ମହାସାଗର, ଭାରତର ରାଜ୍ୟ ସହିତ ତାହାର ରାଜଧାନୀ, ଭାରତର ନଦୀ ଗୁଡିକ ନାମ, ୧୫ ସ୍ମାରକୀ, ୧୫ ଭାରତର ସହର ଆଉ ତାର ଡାକନାମ, ୧୭ଟି ଫୁଲଫର୍ମ ନାମ, ଭାରତର ଡ୍ୟାମ ଗୁଡିକ ନାମ, ୨୪ଟି ଲୋକନୃତ୍ୟର ନାମ, ୩୦ଟି ବିପରୀତ ଶବ୍ଦ, ୧୫୦ଟି ପ୍ରଶ୍ନୋତ୍ତର ମାଧ୍ୟମରେ ନିଜର ପାରଦର୍ଶିତା ଦେଖାଇଛନ୍ତି। ଏହି ବିରଳ କୃତିତ୍ୱ ସହିତ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ନିଜ ନାମ ସାମିଲ କରିବାରେ ସଫଳ ହୋଇଛନ୍ତି ଆରାଧ୍ୟା। ଆଗାମୀ ଦିନରେ ଆହୁରି ଅନେକ ରେକର୍ଡ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି ଆରାଧ୍ୟା।




## ସାନ୍ତାଳୀ ଭାଷା ବିଜୟ ଦିବସ



ପାରାଦୀପ,୨୩।୧୨(ସମିସ): ପାରମ୍ପରିକ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ଅଲଚିକି ଭାଷାକୁ ସମ୍ବିଧାନରେ ସ୍ୱୀକୃତି ମିଳିବାକୁ ୨୨ବର୍ଷ ପୂରିଯାଇଛି। ଯାହାକୁ ନେଇ ସାନ୍ତାଳୀ ସମ୍ପ୍ରଦାୟ ମଧ୍ୟରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ସାନ୍ତାଳୀ ୟୁଥ ଫେଡେରେସନ ପାରାଦୀପରେ ରହିଥିବା ଆଦିବାସୀ ସମ୍ପ୍ରଦାୟର ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିରନ୍ତର ଭାବରେ ସାନ୍ତାଳୀ ଅଲଚିକି ଭାଷା ଲେଖିବା ଓ ପଢିବା ପାଇଁ ଶିକ୍ଷକ ନିଯୁକ୍ତି କରି ଭାଷା ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି। ସମ୍ବିଧାନରେ ଅଲଚିକି ଭାଷା ସ୍ୱୀକୃତି ପାଇବାର ୨୨ ବର୍ଷ ପୂର୍ତ୍ତି ଅବସରରେ ମଧୁବନ ଠାରେ ରହିଥିବା ସାନ୍ତାଳୀ ୟୁଥ ଫେଡେରେସନ କାର୍ଯ୍ୟାଳୟରେ ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥା ସହିତ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗର କାର୍ଯ୍ୟ କରୁଥିବା ସାନ୍ତାଳୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ଯୋଗଦେଇ ସାନ୍ତାଳୀ ୟୁଥ ଫେଡେରେସନ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସହାୟତା

## ୧୪୩ ଛାତ୍ରୀଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍' ପ୍ରଦାନ



ପାରାଦ୍ୱୀପ,୨୩।୧୨(ସମିସ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ପକ୍ଷରୁ ପାରାଦୀପର ଦକ୍ଷ ଏକାଡେମୀରେ ଆୟୋଜିତ ଏକ ଉତ୍ସବରେ ୧୪୩ ଜଣ ମେଧାବୀ ଛାତ୍ରୀଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍' ପ୍ରଦାନ କରାଯାଇଛି। କମ୍ପାନୀର ପ୍ରମୁଖ ସିଏସ୍ଆର ପଦକ୍ଷେପର ଏକ ଅଂଶ ଭାବରେ, ଆର୍ଥିକ ଅନଗ୍ରସର ଶ୍ରେଣୀର ଝିଅମାନଙ୍କୁ ସହାୟତା ସ୍ୱରୂପ ଏହି ବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ସ୍କଲାରସିପ୍ ପାଇଥିବା ଛାତ୍ରୀମାନଙ୍କ ମଧ୍ୟରେ ନବମ ଶ୍ରେଣୀଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା, ସ୍ନାତକ, ଆଇଟିଆଇ, ଡିପ୍ଲୋମା, ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟାନ୍ୟ ବୃତ୍ତିଗତ ପାଠ୍ୟକ୍ରମରେ ପଢୁଥିବା ଛାତ୍ରୀଙ୍କ ସମେତ ରାଜ୍ୟ ଓ ଜାତୀୟ ସ୍ତରର କ୍ରୀଡ଼ାବିତମାନେ ଅନ୍ତର୍ଭୁକ୍ତ ଅଛନ୍ତି। ଏକ ସ୍ୱତନ୍ତ୍ର ଚୟନ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟତା ଏବଂ ଆବଶ୍ୟକତାକୁ ଭିତ୍ତି କରି ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍' ପ୍ରଦାନ କରାଯାଉଛି। ଏହି ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପ୍ରୋଟିଆନ୍ ଇ-ଗଭ୍ ଟେକ୍ନୋଲୋଜି ସହିତ ସହଭାଗିତା କରିଛି। ପାରାଦୀପ ଏଡିଏମ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଯୋଗ୍ୟ ଛାତ୍ରୀମାନଙ୍କୁ ଏହି ବୃତ୍ତି ପ୍ରଦାନ କରିଥିବା ବେଳେ ପାରାଦୀପ ସରପଞ୍ଚ ସସ୍ମିତା ବେହେରା, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁଏସ୍ଆର. ରାଜୁ ଏବଂ ଓଡ଼ିଶା ଆସେଟର ଏଚ୍ଆର ଓ ଆଇଆର ବିଭାଗ ମୁଖ୍ୟ ସୁନୀଲା ଦାସଙ୍କ ସମେତ ଏଏମ୍/ଏନ୍‌ଏସ୍ ଇଣ୍ଡିଆର କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ଭୂତତ୍ତ୍ୱ ବିଜ୍ଞାନ ଆଲୁମିନି ଆସୋସିଏସନର ବାର୍ଷିକ ଉତ୍ସବ

ତିର୍ତ୍ତୋଲ,୨୩।୧୨(ସମିସ): ତିର୍ତ୍ତୋଲ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଆଲୁମିନି ଆସୋସିଏସନର ବାର୍ଷିକ ଉତ୍ସବ ସଭାପତି ବିମଳ କାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜେନେରାଲ୍ ମ୍ୟାନେଜର (ଏଚ୍ଆର୍ଓଆର) ଆର୍ସେଲର୍ ମିତଲ୍ ନିପ୍ପୋନ୍ ଇଣ୍ଡିଆ ଲିମିଟେଡର ସୁପ୍ରିୟା ସ୍ୱାଇଁ, ମୁଖ୍ୟ ବକ୍ତା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମଦନ ମୋହନ ମହାନ୍ତ, ସମ୍ମାନିତ ଅତିଥି ଆସୋସିଏସନର ଉପଦେଷ୍ଟା ଲୋକନାଥ ଓଝା, ବରିଷ୍ଠ ସଭ୍ୟ ବିଶ୍ୱଜିତ କାନୁନଗୋ ଓ ଡ. ଅଶୋକ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନ ସମ୍ପାଦକ ପବିତ୍ର ସ୍ୱାଇଁ ବାର୍ଷିକ ବିବରଣୀ ପାଠ ଏବଂ କୋଷାଧ୍ୟକ୍ଷ ନିହାର ପ୍ରସାଦ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶୁଭେନ୍ଦୁ ରାୟ, ଅଧ୍ୟାପିକା ସୋୟମ ଶିଖା ଦାସ ଓ ବରିଷ୍ଠ କର୍ମଚାରୀ ପ୍ରହରାଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ସାଇଦତ୍ତ ଦାସ, ଯୁଗ୍ମ ସମ୍ପାଦକ କମଳଜ୍ୟୋତି ଦାସ ସହ ପୁରାତନ ଛାତ୍ର ବିଶ୍ୱଜିତ ଦାସ, ଗଣେଶ ମୁଦୁଲି, ସୁବ୍ରତ ସୁନ୍ଦରରାୟ, ପ୍ରତାପ ଦାସ, ଦୀପ୍ତି ନନ୍ଦ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମାନଙ୍କ ମତାମତ ରଖିଥିଲେ। ଏହି ଅବସରରେ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିଭାଗୀୟ ବରିଷ୍ଠ କର୍ମଚାରୀ ଖଗେଶ୍ୱର ମହାରଣାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ବିଭାଗୀୟ ଅଧ୍ୟାପିକା ତାରେଣୀପ୍ରଭା ରାଉତରାୟ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସମାଜସେବୀ ରବୀନ୍ଦ୍ର ଚୌଧୁରୀଙ୍କ ପରଲୋକ



କୁଜଙ୍ଗ,୨୩।୧୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ମୂରବୀ ତଥା ଜମିଦାର ରବୀନ୍ଦ୍ର ନାଥ ଚୌଧୁରୀଙ୍କ ୯୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ସହଯୋଗରେ ପଙ୍କପାଳରେ ହାଇସ୍କୁଲ, ମହିଳା ମହାବିଦ୍ୟାଳୟ ସହ ବହୁ ଅନୁଷ୍ଠାନ ଓ ସଙ୍ଗଠନ ଗଢିଉଠିଛି। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ କରାଯାଇଛି। ଏକ ମାତ୍ର ପୁତ୍ର ବରିଷ୍ଠ ଆଇନଜୀବୀ ଗୋପବନ୍ଧୁ ଚୌଧୁରୀ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ପଙ୍କପାଳର ପୂର୍ବତନ ସରପଞ୍ଚ ଡାକ୍ତର ଶରତ ଚନ୍ଦ୍ର ମହାପାତ୍ର, ଚତୁର୍ଭୁଜ ମହାପାତ୍ର, କୈଳାସ ଚନ୍ଦ୍ର ଷଡଙ୍ଗୀ, ସଚିଦାନନ୍ଦ ମଲ୍ଲ, ଶ୍ରୀ ଅରବିନ୍ଦ ଦର୍ଶନର ସାଧିକା ଲକ୍ଷ୍ମୀପ୍ରିୟା ମିଶ୍ର (ରୁବି ଅପା) ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ। ତାଙ୍କ ପରଲୋକରେ ଚାନ୍ଦପୁର ସମେତ ପଙ୍କପାଳ ଓ ରାହାମା ରେ ଶୋକ ପ୍ରକାଶ ପାଇଛି।

## ଶିଶୁମନ୍ଦିରର କ୍ରୀଡ଼ା ଉତ୍ସବ




ବାଲିକୁଦା,୨୩।୧୨(ସମିସ): ମାଛଗାଁ ଶିଶୁମନ୍ଦିର ପରିସରରେ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଭାପତି ଅଧ୍ୟାପକ ହରିପ୍ରସାଦ ପତି କ୍ରୀଡ଼ା ପତାକା ଉତ୍ତୋଳନ କରିଥିବା ବେଳେ କୋଷାଧ୍ୟକ୍ଷ ନିରୋଦ କୁମାର ଦାସ ଉଦଘାଟନ କରିଥିଲେ। ସମ୍ପାଦକ ଜୟପ୍ରକାଶ ସ୍ୱାଇଁ ଓ ସଦସ୍ୟ କୈଳାଶ ଚନ୍ଦ୍ର ପାଳ ଉପସ୍ଥିତ ରହି ଆସନ୍ତା ସରସ୍ୱତୀ ପୂଜା ଅବସରରେ ଏକ ବିଶେଷ କାର୍ଯ୍ୟକ୍ରମ ଅବସରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ କୁ ଆଚାର୍ଯ୍ୟ ରୋହିତ କୁମାର ବିଶ୍ୱାଳ,ରବୀନ୍ଦ୍ର ଜେନା, ଲୋକନାଥ ମଲ୍ଲିକ, ଆଚାର୍ଯ୍ୟା ରତ୍ନପୂର୍ଣ୍ଣା ରାଉତ ମମତାମୟୀ ଦାଶ, ଚିନ୍ମୟୀ ପରିଡା,ଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ କର୍ମଚାରୀ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଚାର୍ଯ୍ୟ ଅର୍ଜୁନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇଜ୍ଞାନ ପ୍ଲେ' ସ୍କୁଲରେ ରେଡ୍ ଡେ



ଜଗତସିଂହପୁର,୨୩।୧୨(ସମିସ): ଜଗତସିଂହପୁର ସଦର ମହକୁମାର ଜୟବଡ ସ୍ଥିତ ସାଇଜ୍ଞାନ ପ୍ଲେ' ସ୍କୁଲରେ ରେଡ୍ ଡେ ଉତ୍ସବ ପାଳିତ ହୋଇଯାଇଛି। ପ୍ଲେ ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀଙ୍କ ସଭାପତିତ୍ୱରେ ସ୍କୁଲର କୁନି କୁନି ପିଲାମାନେ ବଡ଼ଦିନ ପୂର୍ବରୁ ଏହି ଉତ୍ସବକୁ ଲାଲ୍ ରଙ୍ଗର ବେଲୁନ, ଲାଲ ରଙ୍ଗର ପୋଷାକ ପରିଧାନ ସହିତ ଲାଲ୍ ତରଙ୍ଗ ସୃଷ୍ଟି କରି ପାଳନ କରିଥିଲେ। ଏହି ଉତ୍ସବରେ ପିଲାମାନଙ୍କୁ ନେଇ କେକ୍ କାଟିବା, ସ୍କୁଲର ଅଧ୍ୟକ୍ଷା କେକ୍ ଖୁଆଇବା ସହ ଚକଲେଟ୍ ଓ ବିଭିନ୍ନ ଉପହାର ପିଲାମାନଙ୍କୁ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ଲେ ସ୍କୁଲର ଶିକ୍ଷୟିତ୍ରୀ ପ୍ରାଚୀ ପୂର୍ଣ୍ଣତୋୟା ପଟ୍ଟନାୟକ, ଲିପ୍ସା ମହାନ୍ତି, ସୋନମ ପ୍ରିୟଦର୍ଶିନୀ, ସୌଭାଗ୍ୟ ଲକ୍ଷ୍ମୀ ପାତ୍ର, ଶ୍ରୀଲେଖା ପାଢ଼ୀ, ଶକ୍ତି ସ୍ୱରୂପା ପଟ୍ଟନାୟକ, ଦିବ୍ୟାଭାରତୀ ପରିଡ଼ା ଓ ପରିଚାଳିକା ସୁଜାତା ନନ୍ଦି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ପାରାଦୀପ ବନ୍ଦର ଡିଏଭି ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ



ପାରାଦୀପ,୨୩।୧୨(ସମିସ): ପାରାଦୀପ ବନ୍ଦର ଡିଏଭି ପବ୍ଲିକ୍ ସ୍କୁଲ ତାର ୧୬ତମ ବାର୍ଷିକ ଉତ୍ସବ "ଅଭ୍ୟୁଦୟ - ପ୍ରଗତି ପଥରେ' ପାଳନ କରିଛି। ଆଜି ସନ୍ଧ୍ୟାରେ ସ୍କୁଲ ପରିସରରେ ଅନୁଷ୍ଠିତ ଉତ୍ସବରେ ସଂସ୍କୃତି, ସୃଜନଶୀଳତା ଏବଂ ପ୍ରଗତି ଭାବନା ପ୍ରତିଫଳିତ ହୋଇଥିଲା। ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ସମ୍ମାନିତ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ଏଥିରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପି ଏଲ୍ ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବନ୍ଦରର ଏଫଏ ଏବଂ ସିଏଓ ଅଶୋକ କୁମାର ସାହୁ ଏବଂ କୁଜଙ୍ଗର ବ୍ଲକ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପଙ୍କଜ ଭରସାନି (ଅଧ୍ୟକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ, ପାରାଦୀପ ପୋର୍ଟ), ସଞ୍ଜୀବ କୁମାର ସାହୁ (ଅଧ୍ୟକ୍ଷ, ଡିଏଭି ପିପିଏଲ, ପାରାଦୀପ ପୋର୍ଟ ଏବଂ ସମ୍ବିତ୍ ସୁକୁମାର ଚିନାରା (ଅଧ୍ୟକ୍ଷ, ଡିଏଭି ଇଫକୋ)ଙ୍କୁ ବିଶିଷ୍ଟ ଅତିଥି ଭାବରେ ସ୍ୱାଗତ କରାଯାଇଥିଲା। ବିଭିନ୍ନଶ୍ରେଣୀରଛାତ୍ରଛାତ୍ରୀଙ୍କଦ୍ୱାରାସାଂସ୍କୃତିକକାର୍ଯ୍ୟକ୍ରମପରିବେଷଣ କରାଯାଇଥିଲା। ସଂଯୋଜକ ହୃଷିକେଶ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜରାଜୀର୍ଣ୍ଣ ଅବସ୍ଥାରେ ବାତ୍ୟା ଆଶ୍ରୟସ୍ଥଳୀ



ଏରସମା,୨୩।୧୨(ସମିସ): ଏରସମା ବ୍ଲକ ଅଧୀନ ଜପା ପଞ୍ଚାୟତ ବର୍ତୋଳ ଗାଁ। ତିନିଟି ପଡାକୁ ନେଇ ଏହି ଗାଁ ଗଠିତ। ବର୍ତ୍ତମାନ ୬୦୦ରୁ ଊର୍ଦ୍ଧ୍ୱ ଲୋକ ଏଠାରେ ବସବାସ କରନ୍ତି। ୧୯୯୯ମସିହା ମହାବାତ୍ୟାରେ ୨୨୦ ଜଣ ଭାସିଯାଇଥିଲେ। ହାକୁ ଲକ୍ଷ୍ୟ କରି ପାରାଦୀପ ପୋର୍ଟ ତରଫରୁ ବର୍ତ୍ତୋଳ ପ୍ରାଇମେରୀ ବିଦ୍ୟାଳୟ ପରିସରରେ ବାତ୍ୟା ଆଶ୍ରୟସ୍ଥଳୀ କରାଯାଇଥିଲା। ଆଶ୍ରୟସ୍ଥଳୀକୁ ୨୪ ବର୍ଷ ବିତିଯାଇଛି। କିନ୍ତୁ ପ୍ରଶାସନ ତରଫରୁ ରକ୍ଷଣାବେକ୍ଷଣା ନ କରାଯିବା ସହିତ ମରାମତି ନ ହେବା ଦ୍ୱାରା ଏହା ସଂପୂର୍ଣ୍ଣ ଭାଙ୍ଗି ଗଲାଣି। ତାକୁ ବିପଦସଂକୁଳ ଘର ଭାବେ ଘୋଷଣା କରାଯାଇଅଛି। ନୁତନ ଭାବେ ଆଶ୍ରୟସ୍ଥଳୀ କରିବା ପାଇଁ ଗ୍ରାମବାସୀ ବହୁବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ।

## ବାବା ମାଧୁରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲିକୁଦା,୨୩।୧୨(ସମିସ): ବାବା ମାଧୁରୀ କ୍ରିକେଟ କ୍ଲବ ଇଛାପୁର ଆନୁକୂଲ୍ୟରେ ବାବା ମାଧୁରୀ କ୍ରିକେଟ ପଡିଆରେ ୫୫ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥିଭାବେ ସ୍ଥାନୀୟ ଜିଲ୍ଲାପରିଷଦ ଡଲି ପଣ୍ଡା, ଇଛାପୁର ସରପଞ୍ଚ ରାଜଲକ୍ଷ୍ମୀ ପୁହାଣ,ସମାଜସେବୀ ଗୁଣନିଧି ସେଠୀ, ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମା' ଥାନପତି କ୍ରିକେଟ କ୍ଲବ ବାଲିକୁଦାର ଅଧିନାୟକ ପ୍ରଥମେ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୭ ଓଭର ମଧ୍ୟରେ ତାର ୭ ୱିକେଟ ହରାଇ ୧୭୪ ରନ ସ୍କୋର ସଂଗ୍ରହ କରିଥିଲେ। ଏହାର ଜବାବରେ ୧୭୭ ରନକୁ ପିଛା କରି ଏମ୍‌ବିସିସି କ୍ରିକେଟ କ୍ଲବ ନହଙ୍ଗୁରି ୧୭ ଓଭର ମଧ୍ୟରେ ତାର ୯ ଉଇକେଟ ହରାଇ ୧୩୦ ରନ କରି ପରାଜୟ ବରଣ କରିଥିଲା। ଫଳରେ ଥାନପତି ଟିମ ସେମିରେ ପ୍ରବେଶ କରିଥିଲା। ବିଜୟୀ ଦଳର ସୂର୍ଯ୍ୟକାନ୍ତ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସଚ୍ଚିଦାନନ୍ଦ ବିଶ୍ୱାଳ ଓ ତପନ କୁମାର ସାହୁ ମ୍ୟାଚରେ ଅମ୍ପେୟାର ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍କୋରିଂ ରେ ଅମୀୟ କୁମାର ସାହୁ ସହାୟତା ପ୍ରଦାନ କରିଥିଲେ। ଏଲ ତାରିଣୀ ପଟ୍ଟନାୟକ ମ୍ୟାଚର ସମସ୍ତ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ବାବା ମାଧୁରୀ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନା ରେ ସହାୟତା ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା

ଜଗତସିଂହପୁର,୨୩।୧୨(ସମିସ): ସରକାରୀ ବ୍ୟବସ୍ଥାର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ହେଉଛି ସରକାର ଓ ପ୍ରଶାସନ ଗ୍ରାମରେ ପହଞ୍ଚିବା ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ହିତରେ ଲାଗିବା ସହ ଏହାର ସୁଫଳ ଯେପରି ସମସ୍ତେ ପାଇବେ ସେଥିପାଇଁ ସଚେତନତା ସୃଷ୍ଟି ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଉଦ୍ଦେଶ୍ୟରେ 'ପ୍ରଶାସନ ଗାଁଓ କି ଓର' ବା ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବା ନିବୃତ୍ତ ଭାରତୀୟ ପ୍ରାଶାସନିକ ଅଧିକାରୀ ତଥା ଜଗତସିଂହପୁର ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ କହିଥିଲେ ଯେ ଜନ ଅଭିଯୋଗ ଶୁଣାଣି ମାଧ୍ୟମରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରକାଶ ଥାଉକି, ଚଳିତ ମାସ ୧୯ ତାରିଖ ରୁ ୨୫ ତାରିଖ ପର୍ଯ୍ୟନ୍ତ ଭାରତ ସରକାରଙ୍କ ତରଫରୁ ସୁଶାସନ ସପ୍ତାହ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଅଧିକାରୀମାନେ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା ସହ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରୁଛନ୍ତି। ଆଜିର କର୍ମଶାଳାରେ ନିର୍ବାହୀ ଅଧିକାରୀ, ପାରାଦୀପ ପୌର ପରିଷଦ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡେପୁଟି କଲେକ୍ଟର, ଗ୍ରିଭାନ୍ସ, ଏସଇଆର ଡବ୍ଲୁଏସଏସ, ଏସଇ ମହାନଦୀ ସାଉଥ ଡିଭିଜନ ଓ ଅବକାରୀ ଅଧିକ୍ଷିକା ଗୁଡ଼ ଗଭର୍ଣ୍ଣାନ୍‌ସ୍ ପ୍ରାକ୍ଟିସରେ ନିଜ ବିଭାଗର ସଫଳତା ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ

ଜଗତସିଂହପୁର,୨୩।୧୨(ସମିସ)




ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ନବାପାଟଣା ଠାରେ ଚାଲିଥିବା ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟର ଫାଇନାଲ ଆଜି ମା' ମଙ୍ଗଳା କ୍ରିକେଟ୍ କ୍ଲବ କଟକ ଏବଂ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ପ୍ରଥମେ ଟସ୍ ଜିତି ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଭୁବନେଶ୍ୱର ବୋଲିଂ କରିବାର ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମା' ମଙ୍ଗଳା କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ୍ ବିନିମୟରେ ୧୨୨ ରନ ସଂଗ୍ରହ କରି ଥିଲା। ଦଳ ତରଫରୁ ସର୍ବାଧିକ ପ୍ରଥମ୍ ପରାଶର ୬୫ ରନ, ସୌରଭ କନୋଜିଆ ୨୨ ରନ ସଂଗ୍ରହ କରିଥିଲେ। ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ତରଫରୁ ପ୍ରତୀକ ସ୍ୱାଇଁ ୩ ୱିକେଟ ଏବଂ ଆଶୁତୋଷ ମାରାଣ୍ଡି ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୨୩ ରନର ପିଛା କରି ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ୨୪.୨ ଓଭରରେ ୭ ୱିକେଟ ହରାଇ ବିଜୟ ଲାଭ କରିବା ସହିତ ସେମିଫାଇନାଲରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଦଳ ତରଫରୁ ବିସ୍ମୟ ରାଉତ ୫୨ ରନ, ହିମାଂଶୁ ବିଷ୍ଟ ୩୧ ରନ ଏବଂ ରମଣୀ ରଞ୍ଜନ ଜେନା ୧୨ ରନ ସଂଗ୍ରହ କରିଥିଲେ। ମା' ମଙ୍ଗଳା କ୍ରିକେଟ୍ କ୍ଲବ ତରଫରୁ ସୌରଭ କାନୋଜିଆ ୨ଟି ୱିକେଟ ଏବଂ ଅଖସତ୍ ଶର୍ମା ୨ଟି ୱିକେଟ ହାସଲ କରିଥିଲେ। ଏହି ମ୍ୟାଚଟି ଦୁଇ ଅମ୍ପାୟର ମନୋଜ ବେହେରା ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ଡ. ନାରାୟଣ ଚନ୍ଦ୍ର ସାହୁ, ଇଞ୍ଜିନିୟର କିଶୋର ଚନ୍ଦ୍ର ସାହୁ, ବିସ୍ମୟ ରାଉତଙ୍କୁ ପ୍ରଦାନ କରିଥିଲେ। କରନ ଖାନ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରିଂ ଆଶୁତୋଷ ବେହେରା ଏବଂ ପ୍ରିତମ ପ୍ରିୟଦର୍ଶନ ସାହୁଙ୍କ ଦ୍ୱାରା ପରିଚାଳନା ହୋଇଥିଲା।

# କୋଶମ୍ବ ମେଳାର ଆକର୍ଷଣ 'ବୁକ୍ କାଫେ'



ବାଲେଶ୍ୱର,୨୩।୧୨(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ କୋଶମ୍ବ ମେଳା ଉଦ୍‌ଘାଟିତ ହୋଇଯାଇଛି । ଏହି ମେଳାରେ ଚଳିତ ବର୍ଷ ପ୍ରଥମ ଥର ପୁସ୍ତକ ପ୍ରେମୀଙ୍କ ପାଇଁ ମେଳା ପରିସରରେ 'ବୁକ୍ କାଫେ' ଓ 'ପୁସ୍ତକ ଦାନ' ବ୍ୟବସ୍ଥା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ବୁକ୍ କାଫେ ଅନେକଙ୍କୁ ଆକୃଷ୍ଟ କରୁଥିବା ବେଳେ ଏଠାରେ ବହି ପଢିବା ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିବାରୁ ଯୁବପିଢି ଆକର୍ଷିତ ହେଉଥିବା ଦେଖିବାକୁ ମିଳିଛି । ପୁସ୍ତକ ବିକ୍ରୟ ଏବଂ ଆଗ୍ରହୀ ପାଠକ ବହି ସେଠାରେ ବସି ମାଗଣାରେ ପଢିବା ଏବଂ କିଣିବାର ସୁବିଧା ରହିଛି ବୋଲି ସୁବର୍ଣ୍ଣଶ୍ରୀ ପ୍ରକାଶନୀ ସତ୍ତ୍ୱାଧିକାରୀ ଡ. କାଳିପଦ ପଣ୍ଡା ଏବଂ 'ବିଦ୍ୟା ଭାରତୀ' ପ୍ରତିଷ୍ଠାତା କବି ଅଭୟ ଦାସ ପ୍ରକାଶ କରିଛନ୍ତି । ଏହି ବୁକ୍ କାଫେ ଦିନ ୧୦ଟା ଠାରୁ ରାତି ୧୦ ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଖୋଲା ରହୁଥିବା ବେଳେ ଲେଖକ, ପାଠକ ଏହି ଅଭିଯାନରେ ସାମିଲ୍ ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । 'ବୁକ୍ କାଫେ' ଉଦଘାଟନ ଅବସରରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପରିଦର୍ଶନ କରିବା ସହିତ ବିଶିଷ୍ଟ ଲେଖକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ, ଗାଳ୍ପିକ ଉଦୟ ନାରାୟଣ ଦାସ, କବି କୃଷ୍ଣ କୁମାର ମହାନ୍ତି, କବି ଡକ୍ଟର କାଳିପଦ ପଣ୍ଡା, କବି ଅଭୟ ଦାସ, ମଞ୍ଜୁଲତା ବଳ, ଆଶ୍ରିତା ତରେଇ ପ୍ରମୁଖ ଉପସ୍ଥିତ ରହି ବହି ଚର୍ଚ୍ଚା କରିଥିଲେ । ସୋମବାର ଠାରୁ ଆରମ୍ଭ ହୋଇଥିବା ଏହି କୋଶମ୍ବ ମେଳା ଆଗାମୀ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର | ପୋଡ଼ିଦେଲେ ପେଟି ପେଟି ଔଷଧ

ବାହାନଗା,୨୩।୧୨(ରୁଚିକ ରଞ୍ଜନ ମହାପାତ୍ର)





ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡିଛି । ରୋଗୀଙ୍କୁ ନିରାମୟ ଔଷଧ ଦିଆନଯାଇ କେଉଁଠି ଅଳିଆ ଗଦାରେ ଫିଙ୍ଗା ଯାଉଛି ତ ଆଉ କେଉଁଠି ପୋଡ଼ି ଦିଆଯାଉଛି । ଜିଲ୍ଲାର ରେମୁଣା ବ୍ଲକର ୨ ଜଣ ସ୍ୱାସ୍ଥ୍ୟକର୍ମୀ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଔଷଧ ରୋଗୀଙ୍କୁ ନ ଦେଇ ଅଳିଆଗଦାରେ ଫିଙ୍ଗି ଦେବା ତଦନ୍ତରେ ଜଣାପଡିବା ପରେ ନିଲମ୍ବିତ ହେବା ଘଟଣାର ନିଆଁ ଲିଭିନଥିବା ବେଳେ ବାହାନଗା ବ୍ଲକ ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ସାଂଘାତିକ ଚିତ୍ର ଦେଖିବାକୁ ମିଳିଛି । ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଳିଆ ପକାଇବା ପାଇଁ ଉଦ୍ଦିଷ୍ଟ ସ୍ଥାନରେ ପେଟିପେଟି ଔଷଧ ପୋଡ଼ି ନଷ୍ଟ କରାଯାଇଛି । ରୋଗୀଙ୍କୁ ସରକାର ଯୋଗାଉଥିବା ଔଷଧ ରୋଗୀଙ୍କ ନିକଟରେ ପହଞ୍ଚୁନଥିବା ବେଳେ ଡାକ୍ତର ସାଜିଛନ୍ତି ବିଭିନ୍ନ ଔଷଧ କମ୍ପାନୀର ଏଜେଣ୍ଟ । ସରକାରୀ ଔଷଧ ବଦଳରେ ବାହାରୁ ଔଷଧ କିଣିବା ପାଇଁ ଚିଠା ପ୍ରସ୍ତୁତ କରୁଛନ୍ତି । ବାଧ୍ୟ ହୋଇ ରୋଗୀ ବାହାରୁ ଔଷଧ କିଣି ହଜାର ହଜାର ଟଙ୍କା ଖର୍ଚ୍ଚାନ୍ତ ହେଉଥିବା ବେଳେ ସେପଟେ ରୋଗୀଙ୍କ ପାଇଁ ଆସିଥିବା ସରକାରୀ ଔଷଧ ଫିଙ୍ଗାଯିବା ସହ ପୋଡା ଯାଇଛି । ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରେ ପଡିଥିବା ଔଷଧରେ ଓଡିଶା ସରକାରଙ୍କ ଯୋଗାଣ, ବିକ୍ରୟ ପାଇଁ ନୁହଁ ବୋଲି ଲେଖାଥିବା ବେଳେ କେତେକ ଔଷଧ ରୋଗୀଙ୍କୁ ନ ଦେଇ ଫିଙ୍ଗା ଯାଇଛି ତ କେତେକ ଔଷଧର ଅବଧି ଦୀର୍ଘ ମାସ ଥିବା ବେଳେ ତାହାକୁ ଫିଙ୍ଗା ଯାଇଥିବାର ଦେଖିବାକୁ ମିଳିଥିଲା । ସେଥିମଧ୍ୟରୁ ଆମୋକ୍ସିସିଲିନ୍ ଏବଂ ପୋଟାସିୟମ୍ କ୍ଲାଭୁଲାନେଟ୍ ଓରାଲ୍ ସସ୍ପେନ୍ସନ୍ (ଡ୍ରାଏ ସିରପ୍) ଔଷଧର ବେଚ ନମ୍ବର ପିଡି୨୫୦୩୦ ଲେଖାଥିବା ବେଳେ ପ୍ରସ୍ତୁତି ଫେବୃୟାରି ୨୦୨୫ ଏବଂ ଔଷଧର ଅବଧି ଜୁଲାଇ ମାସ ୨୦୨୬ ରହିଛି । ଅର୍ଥାତ ଏହି ଔଷଧର ଅବଧି ସରିବାକୁ ଆହୁରି ୭ ମାସରୁ ଉର୍ଦ୍ଧ ସମୟ ଥିବା ବେଳେ ରୋଗୀଙ୍କ ଔଷଧ ମେଡିକାଲରେ ରହିବା ପରିବର୍ତ୍ତେ ମେଡିକାଲ ପରିସରରେ ପୋଡା ଯାଇଛି । କେବଳ ଏହି ଗୋଟିଏ ଔଷଧ ନୁହଁ ଅନେକ ରୋଗର ଔଷଧକୁ ଏଭଳି ନଷ୍ଟ କରିଛନ୍ତି ମେଡିକାଲ କର୍ତ୍ତୃପକ୍ଷ ।

ସେହିଭଳି ଅଳିଆ ପକାଇବା ପାଇଁ ଥିବା କଂକ୍ରିଟ ଚ୍ୟାମ୍ବରରେ ଏଚବିଟେକ କିଟ ପ୍ୟାକେଟ ମଧ୍ୟ ଫିଙ୍ଗା ଯାଇଛି । ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାହାନଗା ସମେତ ଆଖପାଖ ପଞ୍ଚାୟତ ଏବଂ ଜାତୀୟ ରାଜପଥରେ ଦୁର୍ଘଟଣାରେ ଆହତ ରୋଗୀଙ୍କ ପାଇଁ ସାହାଭରସା ପାଲଟୁଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଅଭାବନୀୟ ଚିତ୍ର ସମସ୍ତଙ୍କୁ ତାଜୁବ କରିଛି ।

## ମତାମତ

ସରକାରଙ୍କ ନିରାମୟ ଯୋଜନା ମାଧ୍ୟମରେ ରୋଗୀ ସେବା ଜାରି ରହିଛି । ହେଲେ, ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରୀ ଔଷଧକୁ ଫିଙ୍ଗିବା ଏବଂ ପୋଡ଼ ନଷ୍ଟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା ବିରୁଦ୍ଧରେ ବିଧିବଦ୍ଧ ତଦନ୍ତ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ମାଗଣା ଔଷଧ ନଲେଖି ବିଭିନ୍ନ ଔଷଧ କମ୍ପାନୀର ଔଷଧ ଲେଖି ସରକାରୀ ଔଷଧକୁ ଷ୍ଟକ ରଖି ପୋଡ଼ି ଦିଆଯାଉଛି । ମୁଁ ଏ ବାବଦରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୁଦ୍ଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପଦକ୍ଷେପ ନେବାକୁ ଦାବି କରିବି ।

ମାଧବ ଧଡ଼ା, ବିଧାୟକ, ସୋର

ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବାହାନଗାବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବାର ମାଇଲ ଖୁଣ୍ଟ ସଦୃଶ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ବାହାନଗା ରେଳ ଦୁର୍ଘଟଣାରେ ଅନେକ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇଛି । ହେଲେ ବର୍ତ୍ତମାନ ରୋଗୀଙ୍କୁ ସରକାରୀ ଔଷଧ ନଦେଇ ଫିଙ୍ଗିଦେବା ଏବଂ ପୋଡ଼ିଦେବା ଅତ୍ୟନ୍ତ ଚିନ୍ତାଜନକ । ମେଡିକାଲର କର୍ମଚାରୀ ଏବଂ ଅଧିକାରୀଙ୍କ ଉପରେ କର୍ତ୍ତୃପକ୍ଷଙ୍କ ଲଗାମ ରହୁନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ସନ୍ଦେହ କରୁଛୁ । ତୁରନ୍ତ ମେଡିସିନ ଫିଙ୍ଗିଥିବା ଏବଂ ନିଆଁ ଲଗାଇ ପୋଡ଼ି ନଷ୍ଟ କରିଥିବା କର୍ମଚାରୀଙ୍କ ବିରୁଦ୍ଧରେ ତଦନ୍ତ କରାଯାଇ ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ।

ସରୋଜ ରାଉତ, ସମିତିସଭ୍ୟ, ବାହାନଗା

ମେଡ଼ିକାଲରେ ଔଷଧ ପୋଡ଼ା ଯିବା ଏବଂ ଫିଙ୍ଗା ଯିବା ନେଇ କୌଣସି ଖବର ପାଇନାହିଁ । ଯଦି ସେଭଳି କେହି ସରକାରୀ ମେଡିସିନ ପୋଡ଼ିଥାନ୍ତି କିମ୍ବା ଫିଙ୍ଗିଥିବାର ପ୍ରମାଣ ମିଳେ ତେବେ, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଧୀରେଶ ଷଡ଼ଙ୍ଗୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ

# ଡେମୁରିଆରେ ବିଜେପି କର୍ମୀଙ୍କୁ ହତ୍ୟା ଅଭିଯୋଗ

କମର୍ଦ୍ଦା,୨୩।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ କମର୍ଦ୍ଦା ଥାନା ଅଞ୍ଚଳରେ ସୋମବାର ରାତିରେ ବିଜେପି ଦଳର କର୍ମୀ ତଥା ଅଞ୍ଚଳର ଜଣେ ସମାଜସେବୀଙ୍କୁ ପଶ୍ଚିମବଙ୍ଗ ସୀମାନ୍ତ ବିଲମାଧିଆ ଗାଁ ସନ୍ନିକଟ ବିଲରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ସୂଚନାନୁଯାୟୀ ଭୋଗରାଇ ବ୍ଲକ ଅନ୍ତର୍ଗତ କମର୍ଦ୍ଦା ଥାନା ଅଧୀନ ଡେମୁରିଆ ଗାଁର ସମାଜସେବୀ ଅଜୟ କୁମାର ଦାସ(୮୩) ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ତଥା ସୀମାନ୍ତବର୍ତ୍ତୀ କିଛି ଗାଁର ଲୋକଙ୍କ ବିଭିନ୍ନ ସମସ୍ୟା, ଘଟଣା ଓ ଦୁର୍ଘଟଣା ପାଖରେ ଛିଡା ହୋଇ ପ୍ରତିଦିନ ତହସିଲ ଓ ବ୍ଲକ କାର୍ଯ୍ୟାଳୟକୁ ଯାଇଥାନ୍ତି । ସେଠାରେ କାର୍ଯ୍ୟ ସାରି ପ୍ରତିଦିନ ସନ୍ଧ୍ୟା ୬ଟା ଭିତରେ ଘରକୁ ଫେରିଥାନ୍ତି । ସୋମବାର ମଧ୍ୟ ସକାଳ ୮ଟା ଠାରୁ ଘରୁ ବାହାରି ପଶ୍ଚିମବଙ୍ଗ ସୀମାନ୍ତ ବିଲମାଧିଆ ଗାଁର କାଳିଚରଣ ବେହେରାଙ୍କ ଘରଠାରୁ ସାଇକେଲ ନେଇ ଅଜୟ କୁମାର ଦାସ ଭୋଗରାଇ ତହସିଲ କାର୍ଯ୍ୟାଳୟ ଆଡକୁ ଯାଇଥିଲେ । ସନ୍ଧ୍ୟାରେ ତହସିଲରୁ ଫେରି ବିଲମାଧିଆ କାଳିଚରଣ ବେହେରା ଘରେ ସାଇକେଲ ରଖି ଆସୁଥିବା ସମୟରେ କେହି ତାଙ୍କୁ ଆକ୍ରମଣ କରି ଧାନବିଲ ମଝିରେ ପକାଇ ଦେଇ ତାଙ୍କ ଉପରେ ଶୁଖିଲା ଧାନ ନଡା ଢାଙ୍କି ଦେଇ ଚାଲିଯାଇଥିଲା । ପରିବାର ଲୋକେ ରାତି ୮ଟା ହେବାରୁ ଘରେ ନ ପହଞ୍ଚିବାରୁ ଫୋନ କରିଥିଲେ କିନ୍ତୁ ମୋବାଇଲ ସୁଇଚ ଅଫ ଥିଲା । ସାନଭାଇ ଗୋବିନ୍ଦ ଦାସ ପଶ୍ଚିମବଙ୍ଗ ସୀମାନ୍ତ ବିଲମାଧିଆ ଗାଁର କାଳିଚରଣ ଘରେ ପହଞ୍ଚି ଜାଣିଲେ ଯେ ତାଙ୍କ ଭାଇ ସାଇକେଲ ରଖି ଚାଲିଯାଇଛନ୍ତି । ଖୋଜାଖୋଜି କରିବା ପରେ ଜଣାପଡିଲା ଯେ ତାଙ୍କ ଗାମୁଛା ଅନ୍ୟତ୍ର ପଡ଼ିଥିବା ବେଳେ ଧାନ ବିଲ ନଡା ଭିତରେ ଶରୀରର ବିଭିନ୍ନ ସ୍ଥାନରେ ରକ୍ତସ୍ରାବ ହୋଇ ମୃତ୍ୟୁ ହୋଇଯାଇଥିଲା । ଘଟଣାସ୍ଥଳରେ କମର୍ଦ୍ଦା ଥାନା ପୁଲିସ ପହଞ୍ଚିଥିଲେ ବି ଏହା ପଶ୍ଚିମବଙ୍ଗ ସୀମା ହୋଇଥିବାରୁ ମୋହନପୁର ଥାନା ପୁଲିସ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରି ମୃତ ଅଜୟ କୁମାର ଦାସଙ୍କ ରକ୍ତ ଜୁଡୁବୁଡ ଶରୀରକୁ ଜବତ କରି ନେଇ ମୋହନପୁର ଥାନାକୁ ନେଇଯାଇଥିଲେ । ପରେ ମୋହାନପୁର ପୁଲିସ ଶବ ବ୍ୟବଚ୍ଛେଦ କରିବା ପାଇଁ ଖଡଗପୁର ହସପିଟାଲ ନେଇଯାଇଥିଲେ । ଏଭଳି ସ୍ଥିତିରେ ବିବାହିତା ଝିଅ ଅମିତା ଦାସ କହିଛନ୍ତି ଯେ ମୋ ବାପା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଉପକାରରେ ଆସୁଥିଲେ । ଗତ ନଭେମ୍ବର ମାସ ୧୨ ତାରିଖରେ ମଧ୍ୟ କିଛି ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଘେରି ହତ୍ୟା ଧମକ ଦେଇଥିଲେ । ପୂର୍ବରୁ ଆମ ପରିବାରରେ ସଂପତ୍ତି ବାଡି ଭାଗବଣ୍ଟା ନେଇ ବିବାଦ ରହିଛି ।

# ୟୁକୋ ବ୍ୟାଙ୍କ ଗ୍ରିଲ ଭାଙ୍ଗି ଚୋରି

ବାଲିଆପାଳ/କାଳିପଦା, ୨୩।୧୨ (ସମିସ): ବାଲିଆପାଳ ଥାନା ଜାମକୁଣ୍ଡାସ୍ଥିତ ୟୁକୋ ବ୍ୟାଙ୍କ ଶାଖାରୁ ସୋମବାର ବିଳମ୍ବିତ ରାତିରେ ଗ୍ରିଲ ଭାଙ୍ଗି ଟଙ୍କା ଏବଂ ଆସବାବପତ୍ର ଲୁଟି ନେଲେ ଦୁର୍ବୃତ୍ତ । ଆଜି ସକାଳେ ସ୍ଥାନୀୟ ଲୋକେ ବ୍ୟାଙ୍କ ଖୋଲା ଥିବା ଦେଖି ବାଲିଆପାଳ ପୁଲିସ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଖବର ଦେଇ ଥିଲେ । ଖବର ପାଇ ବାଲିଆପାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ବ୍ୟାଙ୍କ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଥିବା ବେଳେ କେତେ ଟଙ୍କା ଲୁଟ ହୋଇଛି ସ୍ପଷ୍ଟ ସୂଚନା ମିଳିନି । ଅନ୍ୟପକ୍ଷରେ ବ୍ୟାଙ୍କ ଠାରୁ ଦୁଇ ସହ ମିଟର ଦୂରରେ ଥିବା ତ୍ରୀନାଥ ଜୁଏଲାର୍ସ ନାମକ ଗହଣା ଦୋକାନରୁ ମଧ୍ୟ ସଟର ଭାଙ୍ଗି ଲକ୍ଷାଧିକ ଟଙ୍କା ଏବଂ ସୁନାଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ ।

# ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା



ସିମୁଳିଆ, ୨୩।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଜାମୁଝାଡି ପଞ୍ଚାୟତ କୁପୁରା ଗ୍ରାମର କରୁଣାକର ସେଠୀଙ୍କ ପୁତ୍ର ନୃସିଂହ ସେଠୀ ଆଜକୁ ଏକ ମାସ ତଳେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହେଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ତାଙ୍କ ପରିବାର ହ୍ୟୁମାନ କେୟାର ଫାଉଣ୍ଡେସନର ସହାୟତା ଲୋଡିଥିଲେ । ଆଜି ହ୍ୟୁମାନ କେୟାର ଫାଉଣ୍ଡେସନର ସଦସ୍ୟ ମାନେ ତାଙ୍କ ଘରକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୩।୧୨(ସମିସ): ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ରମାକାନ୍ତ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ତ୍ତିକ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଶରତ ଚନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଆକାଶ୍ୱସ ଅଫିସର ଉପେନ୍ଦ୍ରନାଥ ସାହୁ, ସମ୍ପାଦକ ଗଣେଶ୍ୱର ସାହୁ, ଶିଶୁ ବିଦ୍ୟା ମନ୍ଦିରର ଅଧ୍ୟକ୍ଷା ସାଗରିକା ଜେନା ପ୍ରମୁଖ ମଂଚାସୀନ ଥିଲେ । ଯୁଗ୍ମ ସମ୍ପାଦକ ମହେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବାଲ୍ୟ ବିବାହମୁକ୍ତ ସଚେତନତା ସଭା

କାଳିପଦା, ୨୩।୧୨ (ସମିସ): ବାଲିଆପାଳ ବ୍ଲକ ଡଗରା ମଦର ଟେରେସା ସେବା ସଂଘ ଦ୍ୱାରା ପରିଚାଳିତ ଅନ୍ଧ ମୂକ ବଧିର ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଆଇନଜୀବୀ ମନୋଜ କୁମାର ନାୟକ ମୁଖ୍ୟଅତିଥି,ବାଲେଶ୍ୱର ପବ୍ଲିକ ହାଇ ସ୍କୁଲର ଶିକ୍ଷୟିତ୍ରୀ ପୁଷ୍ପଲତା ଲେଙ୍କା, ହେମନ୍ତ କୁମାର ବାରିକ ପ୍ରମୁଖ ଯୋଗ ଦେଇ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ । ସଂଘର ସଭାପତି ଜୟଦେବ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ବକ୍ତାମାନେ ବାଲ୍ୟ ବିବାହ ମୁକ୍ତ ଭରତ ସମ୍ପର୍କରେ ମୁଖ୍ୟତଃ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ପୁରସ୍କୃତ କରାଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମଦର ଟେରେସା ସେବା ସଂଘର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସଂଘର ସଂଯୋଜିକା ଶକୁନ୍ତଳା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା \ ବିଜେଡି ପକ୍ଷରୁ ପ୍ରତିବାଦ ସଭା



ନୀଳଗିରି, ୨୩।୧୨ (ସମିସ): ନୀଳଗିରି ବ୍ଲକ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପାଦନରେ ଅନିୟମିତତା, ପକ୍ଷପାତିତା ଏବଂ ଭତ୍ତା, ରାସନ କାର୍ଡ ନିର୍ଦ୍ଧାରଣରେ ସେଚ୍ଛାଚାରିତା କରା ଯାଉଥିବା ଅଭିଯୋଗ କରି ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନୀଳଗିରି ବିଜେଡ଼ି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ନୀଳଗିରି ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଚୟନ ଓ ବିଭାଗୀୟ କାର୍ଯ୍ୟ ସମ୍ପାଦନରେ ବିଶେଷ ଭାବେ ବିଜେଡ଼ି ଜନପ୍ରତିନିଧି ମାନଙ୍କୁ ଉପେକ୍ଷା କରାଯାଉଛି ବୋଲି ଅଭିଯୋଗ ହୋଇଥିଲା । ସେହିପରି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସମୟରେ ବରିଷ୍ଠ ନାଗରିକ, ବିଧବା, ବିକଳାଙ୍ଗ ଓ ଅନ୍ୟାନ୍ୟ ଯୋଗ୍ୟ ବ୍ୟକ୍ତିଙ୍କୁ ଅଗ୍ରାଧୀକର ଭିତ୍ତିରେ ଗୁରୁତ୍ୱ ଦିଆଯାଉ ନାହିଁ । ସେହିପରି ଅଦୃଶ୍ୟ ଚାପର ବଶବର୍ତ୍ତୀ ହୋଇ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ ପ୍ରଦାନ ନକରି ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଏହି ଅଭିଯୋଗ ଫର୍ଦ୍ଦରେ ଦର୍ଶା ଯାଇଥିଲା । ଆଜିର ପ୍ରତିବାଦ ସଭା ପୂର୍ବତନ ବିଧାୟକ ଇଂ ଶ୍ରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡ. ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ରମେଶ ମହାନ୍ତି, ସୁରଥ ସିଂ, ରାଜୀବ ଦାସବାବୁ, ଗଙ୍ଗାଧର ମିଶ୍ର, ଯୁବନେତା ଉପେନ୍ଦ୍ର ଦାସ, ଶଶୀଧର ମହାପାତ୍ର, ରାମକୃଷ୍ଣ ମହାପାତ୍ର, କୁଳମଣି ନାୟକ, ଉଦୟଜ୍ୟୋତି ମାହାନ୍ତି, ପ୍ରଫୁଲ୍ଲ ପରିଡ଼ା, ଅଚ୍ୟୁତ ପ୍ରଧାନ, ଶ୍ରୀନିବାସ ବାଗ, ଶାନ୍ତିଲତା ମଢେଇ, ମାଳତୀ ମାରାଣ୍ଡି, ବାସନ୍ତୀ ହେମ୍ବ୍ରମ, ସଞ୍ଜୟ ସିଂ, ସାବିତ୍ରୀ ସିଂ, ଉପେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପରେ ସମସ୍ତ ପ୍ରତିନିଧି ମାନେ ମିଳିତ ଭାବେ ନୀଳଗିରି ବିଡ଼ିଓଙ୍କ ଅନୁପସ୍ଥିତିରେ ଏ.ଇ.ଇ ଶରତ କୁମାର ଉପାଧ୍ୟାୟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।



# ମଦ ଜବତ, ୩ ଗିରଫ

ବାଲେଶ୍ୱର,୨୩।୧୨(ସମିସ): ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଆଜି ଖନ୍ତାପଡା ଓ ଗୋପାଳପୁର ଅଂଚଳରେ ଚଢ଼ାଉ କରି ୮ ଶହ ଲିଟର ଚୋରା ମଦ ଜବତ କରିଥିବା ବେଳେ ଏହି ଘଟଣାରେ ସାମିଲ ଥିବା ୩ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି । ଗିରଫ ବେପାରୀମାନେ ହେଲେ ଖନ୍ତାପଡା ଥାନା ଅଞ୍ଚଳର ବରେନ୍ଦ୍ର ନାଥ, କମଳାକୃଷ୍ଣ ବେହେରା ଏବଂ ପ୍ରଭାତ କୁମାର ବାଇ । ଅନ୍ୟଜଣେ ପଣପଣା ଅଂଚଳର ବ୍ୟବସାୟୀ ଫେରାର ହୋଇଯାଇଛି । ସେରଗଡ ଛକ ଠାରୁ ବରେନ୍ଦ୍ର ଠାରୁ ୨ଶହ ଲିଟର, ପଣପଣା ଛକ ଠାରେ ପ୍ରଭାତଠାରୁ ୨ଶହ ଲିଟର ଏବଂ ଗୋପାଳପୁରଠାରେ କମଳାକୃଷ୍ଣ ଠାରୁ ୨ଶହ ଲିଟର ଏବଂ ପଣପଣା ଠାରେ ୨ଲିଟର ଚୋରା ମଦ ଜବତ କରିଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲା । ଏହାଛଡା ଗିରଫ ଅଭିଯୁକ୍ତ ଠାରୁ ୪ଟି ମୋଟର ସାଇକେଲ ମଧ୍ୟ ଜବତ ହୋଇଛି ।

# ବାଣପୁର ଶିଶୁ ମନ୍ଦିରରେ ବାର୍ଷିକ ଉତ୍ସବ


ଖଇରା,୨୩।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବ ପୁରାତନ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ସହିତ ବିଦାୟୀ ପ୍ରଧାନଚାର୍ଯ୍ୟ ଅଶୋକ ରଞ୍ଜନ ପଲାଇଙ୍କ ଅବସରକାଳୀନ ସଭା ଦିବସବ୍ୟାପି ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ପରିଚାଳନା କମିଟି ସଭାପତି ଗୟାଧର ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭାରେ ସୁର ସଂକୁଳ ପ୍ରମୁଖ ମନୀନ୍ଦ୍ର କୁମାର ଦିକ୍ଷିତ ମୁଖ୍ୟ ଅତିଥି,ଅଧ୍ୟାପକ ବିଜୟ କୁମାର ବେହେରା ମୁଖ୍ୟବକ୍ତା, ପୁରାତନ ଛାତ୍ର ପରିଷଦ ସଭାପତି ମୟୁର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନାଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶ ଅତିଥି ପରିଚୟ, ଛାତ୍ରୀ ସୁଲଗ୍ନା ଦାଶ ଏକକ ସଙ୍ଗୀତ ପରିବେଷଣ କରିଥିଲେ । ବାର୍ଷିକ ଉତ୍ସବରେ ଶିକ୍ଷା ବିକାଶ ସମିତି ପୂର୍ବୋତ୍ତର ସମ୍ଭାଗର ସଭାପତି ଡ. ନରୋତ୍ତମ ପରିଡା ମୁଖ୍ୟଅତିଥି, ମନୀନ୍ଦ୍ର ଦିକ୍ଷିତ ମୁଖ୍ୟବକ୍ତା,ଖଇରା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସଂସ୍କୃତ ବିଶାରଦ ନିରଞ୍ଜନ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଥିଲେ । ପୂର୍ବତନ କମିଟି ସଭାପତି ଚିତ୍ତରଞ୍ଜନ ପଣ୍ଡା,ଭାନୁମତୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶତ୍ରୁଘ୍ନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ, ରମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟାଳୟରେ ଡାକମେଳା

ବାଲିଆପାଳ, ୨୩।୧୨ (ସମିସ): ବାଲିଆପାଳ ବ୍ଲକ କରଞ୍ଜ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରତାପପୁର ପୋଷ୍ଟ ଅଫିସ ଦ୍ୱାରା 'ଡାକ ମେଳା'ଅନୁଷ୍ଠିତ ହୋଇଯାଇଛି । ଡାକସେବକ ନିର୍ମଳ ଚନ୍ଦ୍ର ଦାସଙ୍କ ଅଧକ୍ଷ୍ୟତାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ନାରାୟଣ ପଣ୍ଡା, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ଶାନ୍ତନୁ ମହାପାତ୍ର, ନିମନ୍ତ୍ରିତ ଅତିଥି ଶିକ୍ଷକ ଅନାଦି ଚରଣ ଜେନା,ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଡାକମଣ୍ଡଳ ଅଧିକାରୀ ତାପସ ଦାସ, ଉପଅଧିକାରୀ ରମେଶ ଚନ୍ଦ୍ର ସାହୁ, ଜଳେଶ୍ୱର ପଶ୍ଚିମ ଉପଖଣ୍ଡ ନିରୀକ୍ଷକ ବିକ୍ରମ କୁମାର ନାୟକ, ବାଲେଶ୍ୱର ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ସୁରଜ ସିଂ ପ୍ରମୁଖ ଡାକ ସେବାର ବିଭିନ୍ନ ଯୋଜନା କୁ ଲୋକାଭିମୁଖୀ କରିବାର ଉଦେଶ୍ୟ ରେ ଉପଭୋକ୍ତା ଙ୍କୁ ଅବଗତ କରିଥିଲେ । ବିଶେଷ କରି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନାରେ ବର୍ଷକୁ ମାତ୍ର ୨୨୮ ଟଙ୍କା ଦେଇ ଦୁଇ ଲକ୍ଷର ବୀମା ପାଇପାରିବେ ବୋଲି ଅତିଥି ମାନେ ମତାମତ ରଖିଥିଲେ । ସେହିପରି ନିତ୍ୟଶ୍ରୀ ବିଶ୍ୱାଳ, ଅଜୟ ହାଜିରା ବୁଦ୍ଧିରାମ ସୋରେନ, ହୃଷିକେଶ ପାତ୍ର, ସନ୍ଧ୍ୟାରାଣୀ ସି, ନିବେଦିତା ଦେ, ଅନୁପମା ସେଠୀ ଶର୍ମିଷ୍ଠା ବାରିକ, ସୁକୁମାର ପରିଡା, ବସନ୍ତ ପରିଡା, ସୁମନ ଗିରି, ଆଦିତ୍ୟ ଦାସ, ହରିହର ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ ।

# ଭୟଭୀତ କରାଉଛି ବାୟୁ ପ୍ରଦୂଷଣ ଓ ଘନ କୁହୁଡ଼ି

ଜଳେଶ୍ୱର,୨୩।୧୨(ସମିସ)



ସମଗ୍ର ଦେଶରେ ବାୟୁମଣ୍ଡଳ ପ୍ରଦୂଷଣ ଓ ଘନ କୁହୁଡି ଯୋଗୁଁ ଜନଜୀବନ ବ୍ୟାପକ ପ୍ରଭାବିତ ହୋଇଛି । ସକାଳୁଆ ପଦାକୁ ବାହାରୁଥିବା ଲୋକ ଓ ଶିକ୍ଷାର୍ଥୀ ମାନଙ୍କୁ ଏହା ଅଧିକ ପ୍ରଭାବିତ କରୁଥିବା ଦେଖିବାକୁ ମିଳୁଛି । ମାତ୍ରାଧିକ ଗାଡ଼ି ମଟରରୁ ନିର୍ଗତ ବିଷାକ୍ତ ଧୂଆଁ ଓ ଅମଳ ସରିଥିବା ନଡାରେ ନିଆଁ ଲଗାଇବା ଧୂଆଁରୁ ବାୟୁମଣ୍ଡଳ ପ୍ରଦୁଷିତ କାରଣ କୁହାଯାଉଛି । ବିଶେଷ କରି ଏହି ବିଷାକ୍ତ ବାୟୁମଣ୍ଡଳ ବୟସ୍କ, ରୋଗୀଣା ଓ ଛାତ୍ର ଛାତ୍ରୀଙ୍କ ଶ୍ୱାସକ୍ରିୟାକୁ ଗଭୀର ପ୍ରଭାବ ପକାଉଛି । ସେପଟେ ଘନ କୁହୁଡ଼ି ଓ ଉତ୍ତରା କୋହଲା ପବନ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ସାଜିଛି । ଦିନ ୧୨ଟା ପର୍ଯ୍ୟନ୍ତ କୁହୁଡି ଛାଡୁ ନଥିବା ବେଳେ ସନ୍ଧ୍ୟାରୁ ରାତି ତମାମ ସଡ଼କ ପଥ ଦୃଶ୍ୟମାନ ହେଉନାହିଁ । ପ୍ରବଳ କୁହୁଡି ଯୋଗୁଁ ଜଳେଶ୍ୱର ସହର ସନ୍ନିକଟ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଯାନ ଚଳାଚଳ ମନ୍ଥର ହୋଇଯାଇଛି । ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ସଡ଼କ ପଥରେ ବିଭିନ୍ନ ସହରରେ ଠିକ୍ ସମୟରେ ପହଞ୍ଚିବା ସମ୍ଭବ ହେଉନାହିଁ । ଛୋଟ ମୋଟ ଦୁର୍ଘଟଣାକୁ ଛାଡି, କୁହୁଡି ଜନିତ ବଡ ସଡ଼କ ଦୁର୍ଘଟଣା ବର୍ତ୍ତମାନ ସୁଦ୍ଧା ସୂଚନା ମିଳିନାହିଁ । ଅଧିକ ପେଟ୍ରୋଲିୟମ ପଦାର୍ଥ ଜଳନର ବିଷାକ୍ତ ଗ୍ୟାସ୍, କଳକାରଖାନା ଧୂଆଁ, ଧୂଳି, ବାଲି, ମାଟି ଉଡି ବୁଲି ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି । ଅତ୍ୟଧିକ ଗାଡ଼ି ମଟର ଯୋଗୁଁ ଅଞ୍ଚଳରେ ଛତୁ ଫୁଟିଲା ଭଳି ପେଟ୍ରୋଲ ଟାଙ୍କି (ଫିଲିଙ୍ଗ୍ ଷ୍ଟେସନ) ଖୋଲା ଯାଇଛି । କିନ୍ତୁ ସରକାରଙ୍କ ନିୟମ ମୁତାବକ ପରିବେଶ ସୁରକ୍ଷା ଲାଗି ଆବଶ୍ୟକ ବୃକ୍ଷ ରୋପଣ କରାଯାଇ ସବୁଜିମା ସୃଷ୍ଟି ହେଉନାହିଁ । ଖାଲି ସେତିକି ନୁହେଁ ସରକାରଙ୍କ ଠାରୁ ଅନୁମିତ ପାଇଥିବା ଜଳେଶ୍ୱର ଅଞ୍ଚଳର ଛୋଟ ବଡ଼ ଶିଳ୍ପ କାରଖାନା ପରିବେଶ ପ୍ରଦୂଷଣକୁ ଖାତର ନକରି ମୁନାଫା କମେଇ ଚାଲିଛନ୍ତି । ଫଳରେ ଅଞ୍ଚଳରେ ସ୍ୱଛନ୍ଦରେ ନିଃଶ୍ୱାସ ପ୍ରଶ୍ୱାସ ନେବା ଦୂରୁହ ହୋଇପଡିଛି । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହି ପ୍ରତିକୂଳ ପାଗରେ ଅପେକ୍ଷାକୃତ କମ୍ ପଦାକୁ ବାହାରିବା, ଆବଶ୍ୟକ ଶୀତବସ୍ତ୍ର ପରିଧାନ କରିବା ଓ ବିଶେଷ କରି ନାକରେ ମାସ୍କ କିମ୍ବା କପଡା ଲଗାଇବା ନିତ୍ୟାନ୍ତ ଆବଶ୍ୟକ ହୋଇ ପଡିଛି । ଆମ ଚାରିପଟେ ବ୍ୟାପକ ବୃକ୍ଷ ରୋପଣ କରି ସବୁଜ ବଳୟ ସୃଷ୍ଟି କଲେ ବାୟୁ ମଣ୍ଡଳକୁ ଜହର ମୁକ୍ତ ରଖିବା ସମ୍ଭବ ହେବ ବୋଲି ପରିବେଶ ବିତ, ବୈଜ୍ଞାନିକ ସୁଶିଲ ଦତ୍ତ, ଗଛ ମଣିଷ ନରହରି ବେହେରା, ସମାଜସେବୀ କମଳ ଚକ୍ରବର୍ତ୍ତୀ, ପ୍ରକୃତି ପ୍ରେମୀ ଅଜିତ ମହାନ୍ତି, ସୁମନ୍ତ ଜେନା, ସମାଜସେବୀ ହରିଶଙ୍କର ପଣ୍ଡା, ଜଗନ୍ନାଥ ପରିଡ଼ା ପ୍ରମୁଖ ମତ ଦେଇଛନ୍ତି ।

# ଟିଆଖିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୩।୧୨(ସମିସ): ସଦର ବ୍ଲକ ଟିଆଖିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉନବିଂଶ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ସଦର ବିଧାୟକ ମାନସ ଦତ୍ତ, ବାଲେଶ୍ୱର ସଙ୍କୁଳ ମୁଖ୍ୟ ପ୍ରମୁଖ ବକ୍ତା ଡ. ଉପେନ୍ଦ୍ର ନାଥ ପାତ୍ର ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଜୟ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସତ୍ୟଜିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମନୋଜ ନାଥ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିଶୁ ମନ୍ଦିରର ସଞ୍ଜୁ ଗୁରୁମା, ବବିତା ଗୁରୁମା, ସୁଜାତା ଗୁରୁମା, ବୃନ୍ଦାବତୀ ଗୁରୁମା ଏବଂ ଅନ୍ୟ ସମସ୍ତ ଗୁରୁଜୀ, ଗୁରୁମା'ଙ୍କ ତତ୍ତ୍ୱାବଧାନରେ ଶିଶୁମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ ।

## ଚାକିରି ଓ ଋଣ କରାଇଦେବାକୁ କହି ଠକେଇ ଘଟଣା

# ତିନି ଠକ ଅଧିକାରୀଙ୍କୁ ଛାଡ଼ିଦେଲା ପୁଲିସ

ପାରଳାଖେମୁଣ୍ଡି,୨୩।୧୨(ସମିସ)



ଘଟଣାକୁ ଚାପି ଦିଆଯାଇଥିବା ସନ୍ଦେହ

ଗଜପତି ଜିଲ୍ଲାର ବେକାର ଯୁବକ ଯୁବତୀଙ୍କୁ ବିଭିନ୍ନ ଚାକିରି ଓ ଋଣ କରାଇଦେବା ଏବଂ ଘରେ ବସି ଅନ୍‌ଲାଇନ୍‌ରେ କିପରି ହଜାର ହଜାର ଟଙ୍କା ଅର୍ଜନ କରିବେ ଏପରି କିଛି ପ୍ରଲୋଭନ ଦେଖାଇ ଠକୁଥିବା ଏକ ଠକ ସଂସ୍ଥାର ୩ ଠକଙ୍କୁ ଅଟକ ରଖିବା ପରେ ଗିରଫ କରି ଆଜି ବ୍ୟକ୍ତିଗତ ମୂଚାଲିକାରେ ଛାଡ଼ିଦେଇଛି ପୁଲିସ।

ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍ ସୂତ୍ରରୁ ପ୍ରକାଶ ଯେ, ଏମାନଙ୍କ ବିରୁଦ୍ଧରେ କିଛି ବେକାର ଯୁବକ ଯୁବତୀ ବିଭିନ୍ନ ସମୟରେ ବିଭିନ୍ନ ଉପାୟରେ ତିନି ଜଣ ଠକ ୨୫୦ ଟଙ୍କାରୁ ଆରମ୍ଭ କରି ୫୦୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ତେବେ ଗତକାଲି ସରକାରୀ ସଭାଗୃହରେ ଏକ ବଡ଼ଧରଣ କର୍ମଶାଳା କରି ଅର୍ଥ ଆୟର ପନ୍ଥା ସମ୍ପର୍କରେ ଆଲୋଚନା ଚାଲିଥିଲା। ଏହି ସମୟରେ ଏମାନଙ୍କ ଠକେଇ ସମ୍ପର୍କରେ ଜଣାପଡିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର ତ୍ରିନାଥ ସାହୁ ଏବଂ ପାରଳାଖେମୁଣ୍ଡି ପୁଲିସ ପହଞ୍ଚି ତଦନ୍ତ କରିଥିଲେ। ଏହାପରେ ପୁଲିସ୍ ଘଟଣା ସ୍ଥଳରୁ ସମ୍ବଲପୁରର ଅନ୍ତର୍ଯ୍ୟାମୀ ବଗ୍ (୫୦), ରବିରତ୍ନ ସିଂ (୫୪) ଓ ଗଜପତି ଜିଲ୍ଲା ଲଇଲାଇ ଗ୍ରାମର ସୋମନାଥ ଭୂୟାଁ (୩୬)ଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରିଥିଲା। ଏନେଇ ଡେପୁଟି କଲେକ୍ଟର ତ୍ରିନାଥ ସାହୁ ଲିଖିତ ଭାବେ ଦେବା ପରେ ସମ୍ପୃକ୍ତ ତିନି ଠକଙ୍କୁ ଗିରଫ କରି ୪୧୪/୨୫ରେ ମାମଲା ରୁଜୁ କରିଥିଲା ପୁଲିସ। ଏମାନଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହୀତାର ଧାରା ୩୧୯(୨), ୩୧୮(୪), ୩୨୯(୪), ୩୧୫ ଦଫା ଲଗାଇଥିଲା ପୋଲିସ। ତେବେ ଶେଷରେ ଏମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଦେଇଥିବା ଜଣାପଡିଛି। ସବୁଠାରୁ ବଡ଼ କଥା ଯେ, ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଭାଗୃହ ଯାହାକି ଜିଲ୍ଲାପରିଷଦ ଅନ୍ତର୍ଗତରେ ପରିଚାଳିତ ହେଉଛି ଏପରି ସ୍ଥଳରେ ବୈଠକ ଚାଲିଥିବାବେଳେ ଏମାନଙ୍କୁ କିଏ ଅନୁମତି ଦେଲା ନା ଏମାନେ ଜୋରଜବରଦସ୍ତି ପଶିଥିଲେ ସେନେଇ କୌଣସି ତଦନ୍ତ ହେଲାନାହିଁ। ଏଥିରେ ସରକାରୀ ଅଧିକାରୀ ଫସିବାର ଭୟ ଥିବାରୁ ଘଟଣାକୁ ଚାପି ଦିଆଯାଇଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି।

## ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ




ରମ୍ଭା,୨୩।୧୨(ସମିସ): ରମ୍ଭା କ୍ରିକେଟ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ମିନି ଷ୍ଟାଡିୟମ ପରିସରରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ରୂପେ ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ବିଧାୟକ ପ୍ରତିନିଧି ମାନସ ନାହାକ, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ,ଉପାଧ୍ୟକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ପ୍ରତିନିଧି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଶିକ୍ଷକ ରାମଚନ୍ଦ୍ର ବାଡ଼ତ୍ୟା, ଛତ୍ରପୁର ପୂର୍ବତନ ବିଜେପି ମଣ୍ଡଳ ସଭାପତି ସଞ୍ଜିତ ରାଉଳ, ଯୁବ ସଭାପତି ସୁରେଶ ରେଡ଼ି, ଏନ. ଦୁର୍ଯ୍ୟୋଧନ ରେଡ଼ି, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ମଞ୍ଚାସୀନ ଥିଲେ। ପ୍ରଥମ ଦିବସରେ ଆନ୍ଧ୍ରପ୍ରଦେଶର ଆଇସିସି ଇଚ୍ଛାପୁର ଟିମ୍ ସହ ଖଲ୍ଲିକୋଟ ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା।। ଖଲ୍ଲିକୋଟ ଟିମ୍ ଅଧିନାୟକ ଉପେନ୍ଦ୍ର ପ୍ରଧାନ ଟସ୍ ଜିତି ବ୍ୟାଟିଂ କରି ୧୪୯ ରନ କରି ଅଲ୍‌ଆଉଟ ହୋଇଥିବା ବେଳେ ଆଇସିସି ଇଚ୍ଛାପୁରମ ୨୬ ବଲ ପୂର୍ବରୁ ୫ ୱିକେଟ ବିନିମୟରେ ୧୫୦ ରନ କରି ବିଜୟୀ ହୋଇଥିଲା। ସନ୍ତୋଷ କୁମାର ନାହାକ ଓ ମହେଶ ମୁଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରବୋର୍ଡ ଦାୟିତ୍ୱରେ ସତ୍ୟନାରାୟଣ ପରିଡା ଥିବାବେଳେ ଅମ୍ପାୟାର ଭାବେ ଅବଦୁଲ ରହିମ ଖାନ୍ ଓ ସୁଶାନ୍ତ ପଣ୍ଡା ଦାୟିତ୍ୱ ତୁଲାଇଥିଲେ।

## ହସ୍ପିଟାଲରେ ନବଜାତକଙ୍କୁ ଜନ୍ମ ପ୍ରମାଣପତ୍ର



ଛତ୍ରପୁର,୨୩।୧୨(ସମିସ): ନବଜାତ ଶିଶୁ ଜନ୍ମ ହେବାର ୬ ଘଣ୍ଟା ମଧ୍ୟରେ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବାରେ ଛତ୍ରପୁର ବ୍ଲକ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ଏକ ପାଦ ଆଗେଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶ କ୍ରମେ ଗର୍ଭବତୀଙ୍କ ପ୍ରସୂତି ପରେ ତୁରନ୍ତ ନବଜାତ ଶିଶୁଙ୍କ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ୍ ସାହୁ ଅତିଥି ଭାବେ ଯୋଗଦେଇଥିବା ବେଳେ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡ଼ା ସ୍ୱାଧୀନ ରଥଙ୍କ ପୌରହିତ୍ୟରେ ସୋମବାର ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇଗୋଟି ଗର୍ଭବତୀଙ୍କ ପ୍ରସୂତି ହୋଇଥିଲା ବେଳେ ଉକ୍ତ ନବଜାତ ଶିଶୁଙ୍କ ୬ ଘଣ୍ଟା ମଧ୍ୟରେ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଯାହା ଏଭଳି କାର୍ଯ୍ୟକ୍ରମ ପାଇଁ ଗଞ୍ଜାମ ଜିଲ୍ଲାରେ ମୁନିଷିପେଣ୍ଠ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱିତୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଭାବେ ପଦକ୍ଷେପ ନେଇଛି। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଜୟଶ୍ରୀ ନାୟକ, ଜନ୍ମମୃତ୍ୟୁ ପଞ୍ଜିକରଣ ଅଧିକାରୀ ପୂଜା ବିଶ୍ୱାଳ, ଜୁନିଅର ଆସିଷ୍ଟାଣ୍ଟ ଡ଼ା ଦେବେନ୍ଦ୍ର ନାୟକ, ବିପିଏମ ସୀମାଞ୍ଚଳ ପ୍ରଧାନ, ନର୍ସିଂ ଅଫିସର ସଂଗୀତା ସିନା ଓ ମମତା ନିଶଙ୍କା, ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି

ଧରାକୋଟ,୨୩।୧୨(ସମିସ): ଧରାକୋଟ ବ୍ଲକ ଗୋଲା ଦାମୋଦର ପଲି ପଞ୍ଚାୟତରେ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସଂଗ୍ରାମ କେଶରୀ ଜେନା, ଏ ବିଡ଼ିଓ ସୁଶୀଲ ପଟ୍ଟନାୟକ, ସରପଞ୍ଚ କମଳ ଲୋଚନ ରେଡ୍ଡୀ, ସମିତି ସଭ୍ୟା ଆରତୀ ବେହେରା, ସିଡିପିଓ ସୁନୀଲ ପ୍ରଭା ରଥ, ଭିଏଏସ ଡାକ୍ତର ମାନସ ରଞ୍ଜନ ପଲେଇ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ବିଏସଏସଓ ସଚିନ ପାତ୍ର, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରୁପାକ୍ଷ ପଟନାୟକ, ଜିପିଇଓ ଦେବରାଜ ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ସହ କୃଷି ଅଧିକାରୀ ଅନିଲ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅର୍ଚ୍ଚନା ମଲିକ, ମନରେଗା ବିଭାଗର ଅମେସ ବେହେରା, ଦୀପକ ପଟନାୟକ, ସଂଜୀବ ରାଉଳ ପ୍ରମୁଖ ଉପସ୍ଥିତ ରହିଥିଲେ। ମୋଟ ୨୭ ଜଣ ନିଜର ଲିଖିତ ଅଭିଯୋଗ ଦାଖଲ କରିଥିଲେ।

## କୁହୁଡ଼ି ଯୋଗୁ ଦେଖାଗଲାନି ରାସ୍ତା

# ଗଛରେ ପିଟିହେଲା ପରିବା ବୋଝେଇ ମିନିଟ୍ରକ, ଜଣେ ମୃତ



ଦାରିଙ୍ଗବାଡି,୨୩।୧୨(ସମିସ): ଘନ କୁହୁଡ଼ି ଯୋଗୁ ରାସ୍ତା ଦେଖାନଯିବାରୁ ଏକ ପନିପରିବା ବୋଝେଇ ମିନିଟ୍ରକ ପଛରେ ପିଟିହୋଇ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ହେଲ୍‌ପର ଗୁରୁତର ହୋଇଛନ୍ତି। ସୋମବାର ଭୋରରୁ ଏହି ଘଟଣା ଘଟିଛି ଦାରିଙ୍ଗବାଡ଼ି ଅଞ୍ଚଳରେ। ପ୍ରକାଶ ଯେ, ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳରୁ ଏକ ପରିବା ବୋଝେଇ ଟ୍ରକ୍ ୫୯ ନଂ. ଜାତୀୟ ରାଜପଥର ବାଲିଗୁଡା, ଦାରିଙ୍ଗବାଡି ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିବାବେଳେ ଘନ କୁହୁଡ଼ି ଯୋଗୁ ରାସ୍ତା ଦେଖାନଯିବାରୁ ଦଣ୍ଡିମା ନିକଟରେ ରାସ୍ତା କଡ଼କୁ ଖସିଯାଇ ଏକ ବିଶାଳ ଗଛରେ ପିଟି ହୋଇଯାଇଥିଲା। ଗାଡ଼ି ଭିତରେ ଚାଳକ ଚାପି ହୋଇ ରହିଥିବାବେଳେ ହେଲପର ବାହାରି ଆସି ପ୍ରାୟ ୫୦ ମିଟର ଦୂରରେ ଥିବା ଗାଁ ଲୋକଙ୍କୁ ଉଠାଇ ସାହାଯ୍ୟ ମାଗିଥିଲେ। ଗ୍ରାମବାସୀ ପହଞ୍ଚି ଚାପି ହୋଇଯାଇଥିବା ଚାଳକଙ୍କୁ ବାହାର କରିବାକୁ ଉଦ୍ୟମ କରିଥିଲେ ଓ ପୁଲିସ ଏବଂ ଅଗ୍ନିଶମ ବିଭାଗକୁ କଲ କରି ଜଣାଇଥିଲେ। ଘଟଣାସ୍ଥଳରେ ପୁଲିସ ଏବଂ ଅଗ୍ନିଶମ ବିଭାଗ ପହଞ୍ଚିଥିଲେ ମଧ୍ୟ ଚାଳକଙ୍କୁ ଉଦ୍ଧାର କରିବାକୁ ଅଗ୍ନିଶମ ବିଭାଗ ନିକଟରେ ଆବଶ୍ୟକ ଯନ୍ତ୍ରପାତି ନ ଥିଲା। ପରେ ବାଲିଗୁଡା ଅଗ୍ନିଶମ ବିଭାଗକୁ ଡକାଯାଇ ଟ୍ରକର ଅନେକ ଅଂଶକୁ କାଟି ଚାଳକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ମିନିଟ୍ରକକୁ ଜବତ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଦାରିଙ୍ଗବାଡି ପୁଲିସ କହିଛି।

# ଆସିକା କଲେଜ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ଧରାକୋଟ,୨୩।୧୨(ସମିସ): ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ପଢୁଥିବା ୧୯୮୯ ମସିହାର ଛାତ୍ର ମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମା'କରଞ୍ଜେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ସମ୍ପାଦକ ଅନନ୍ତ ପ୍ରସାଦ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଭିକାରୀ ଚରଣ ସାହୁ, ନିଶାକର ପାତ୍ର, ପ୍ରମୋଦ ଭୂୟାଁ, ରାଜେନ୍ଦ୍ର ସାହୁ, ବଟକୃଷ୍ଣ ପାଢ଼ୀ, ବଂଶୀଧର ନାହାକ, ବିଷ୍ଣୁ ଚରଣ ନାହାକ, ଦିବାକର ପରିଡ଼ା, ମୁନା ଦୋରା, ଟୁନା ବେହେରା, ଜିତେନ୍ଦ୍ର ଗୌଡ଼, ବିଷ୍ଣୁକେଶରୀ ଆଚାର୍ଯ୍ୟ, କାଳୀଚରଣ ବେହେରା, ମନୋଜ ନାହାକ, ଅରୁଣ ମହାପାତ୍ର, ପ୍ରଭାତ ପାଢ଼ୀ ଓ ହୃଦାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହିବା ସହ ଅତୀତର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପୌରାଣିକ ଲୋକକଳାକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ରାମାୟଣ ଓ ମହାଭାରତ ନାଟକର କିଛି ସଂଳାପ ପରିବେଷଣ କରାଯିବା ସହ ଆଧୁନିକ ଯୁଗର ଅବକ୍ଷୟ ମୁଖି ସମାଜ ଉପରେ ଆଲୋଚନା କରାଯାଇଥିଲା। ନିଶାକର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ଦିନଦ୍ୱିପ୍ରହରେ ଲୁଟ୍

## ଭିଜିଲାନ୍ସ ଅଫିସର କହି ଲୁଟିନେଲେ ଟଙ୍କା, ସୁନା

ବ୍ରାହ୍ମଣୀଗାଁ,୨୩।୧୨(ସମିସ): ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ଗଦାପୁର ଗ୍ରାମରେ ସୀମାଦ୍ରି ଦେଓଙ୍କ ଘରେ ଗତକାଲି ଦିନବେଳା କିଛି ଦୁର୍ବୃତ୍ତ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ପରିବାରରେ ବାପ, ପୁଅ ଓ ବୋହୂ ରହୁଥିଲେ। କିଛି କାମ ନେଇ ପୁଅ ନିକଟସ୍ଥ ଏକ ଗାଁକୁ ଯାଇଥିଲେ। ଘରେ ସୀମାଦ୍ରି ଦେଓ ଓ ବୋହୂ ରହିଥିଲେ। ତିନୋଟି ବାଇକ୍‌ରେ ଫାଇଲ୍ ଓ ଡାଏରି ଧରି ଭିଜିଲାନ୍ସ ବିଭାଗରୁ ଆସିଛୁ କହି ଘର ଭିତରେ ପଶି ଶ୍ୱଶୁର ଓ ବୋହୂକୁ ବାନ୍ଧି ଦେଇଥିଲେ। ବୋହୂର ୧୬ ତୋଳା ସୁନା ସହିତ ଘରର ସୁନା ଓ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ପୁଅ ଘରକୁ ଆସି ଘଟଣା ସମ୍ପର୍କରେ ଜାଣିବା ପରେ ଥାନାକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଆମ୍ବପୁଆରେ ଧାନମଣ୍ଡି ଉଦ୍‌ଘାଟିତ

ବେଲଗୁଣ୍ଠା, ୨୩।୧୨(ସମିସ): ବେଲଗୁଣ୍ଠା ବ୍ଲକ ଆମ୍ବପୁଆ ସେବା ସମବାୟ ସମିତି ପରିସରରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଉଦଘାଟନ କରିଛନ୍ତି। ବେଲଗୁଣ୍ଠା ଏବିଡିଓ ସନ୍ତୋଷ ମନ୍ତ୍ରୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ମଣ୍ଡି ଅନ୍ୟତମ ଅତିଥି ରୂପେ ଯୁବ ସଂଗଠକ ତଥା ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ଯୋଗାଣ ନୀରିକ୍ଷକ ସମ୍ବିତ୍ ପ୍ରସାଦ ଦାସ, ବେଲଗୁଣ୍ଠା ପଂଚାୟତ ସମିତି ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ସ୍ଥାନୀୟ ସରପଞ୍ଚ ଶିବ ଶଙ୍କର ସେଠୀ, ଯୁବନେତା ସଞ୍ଜୟ ଜେନା,ବଙ୍କା ସରପଞ୍ଚ ପ୍ରତିନିଧି ଲକ୍ଷ୍ମଣ ପରିଡ଼ା,ସମିତିସଭ୍ୟ ପ୍ରଫୁଲ୍ଲ ଗୌଡ଼, ସେବା ସମବାୟ ସମିତି ସଭାପତି ବିଜୟ ଲକ୍ଷ୍ମୀ ବାରିକ, କାଉନସିଲର୍ ଦିବ୍ୟ ରଞ୍ଜନ ଦାଶ୍, ବେଲଗୁଣ୍ଠା ନଗର ସାଂସଦ ପ୍ରତିନିଧି ନାରାୟଣ ସାହୁ ଓ ସେବା ସମବାୟ ସମିତି ଏରିଆ ଅଫିସର୍ ତୁଳସୀ ପଣ୍ଡା ମଞ୍ଚାସୀନ ଥିଲେ ଓ ସେବା ସମବାୟ ସମିତି ସମ୍ପାଦକ ଅଚ୍ୟୁତାନନ୍ଦ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ପାତ୍ରପୁର,୨୩।୧୨(ସମିସ): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଶ୍ରୀ ଭରତପତି ମହାବିଦ୍ୟାଳୟର ୪୨ତମ ବାର୍ଷିକ କ୍ରୀଡ଼ା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗିରିଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ. ଜୟପ୍ରକାଶ ପାଢୀ, ବଳରାମ ମହାପାତ୍ର, କେ. ଶ୍ରୀନିବାସ ରାଓ, ଜିସୁନ୍ ପ୍ରସାଦ ବେହେରା, ସାଇମଣ୍ଡ ଗହର ମଞ୍ଚାସୀନ ହୋଇଥିବା ବେଳେ କ୍ରୀଡ଼ାର ଆବଶ୍ୟକତା ଓ ଉପକାରିତା ବିଷୟରେ ଅଧ୍ୟକ୍ଷ ଛାତ୍ରଛାତ୍ରୀ ମାନଙ୍କୁ ନିଜ ଅଭିଭାଷଣରେ ବୁଝାଇଥିଲେ। କ୍ରୀଡ଼ା ଉତ୍ସବର ପ୍ରଥମ ଦିବସରେ +୨ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏହା ଆସନ୍ତା ୩୧ତାରିଖରେ ଉଦ୍‌ଯାପନ ହେବ। ପିଇଟି ପି. ଦୁର୍ଯ୍ୟଧନ ରେଡି ଓ କୁମାର ରେଡି ଖେଳ ପରିଚାଳନା କରିଥିବା ବେଳେ ଡ. ଅଶୋକ କୁମାର ପଣ୍ଡା, ତପନ ପ୍ରଧାନ, ସୁବ୍ରତା ପାଣିଗ୍ରାହୀ, ନାରାୟଣ ମହାପାତ୍ରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

● ବନ୍ଦେ ମାତରମର ୧୫୦ତମ ବାର୍ଷିକୀ

## ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଓ ସାମୂହିକ ଗାନ କାର୍ଯ୍ୟକ୍ରମ

ଛତ୍ରପୁର,୨୩।୧୨(ସମିସ): ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଏବଂ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକ ପାତକରିଥିଲେ। ଅନ୍ୟତମ ଅତିଥି ଭାବେ ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଡୁଡାପିଡି ତଥା ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା, ଗଞ୍ଜାମ ଜିଲ୍ଲା ପରିଷଦର ଇନଚାର୍ଜ ସିଡିଓ ବିଜୟ କୁମାର ବେହେରା ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ। ଏହି ଅବସରରେ ସାମୂହିକ ସଂଗୀତ ଗାନ ହୋଇଥିଲା। ବନ୍ଦେ ମାତରମ କାର୍ଯ୍ୟକ୍ରମ ପ୍ରଦେଶ ସଂଯୋଜକ ନିରଞ୍ଜନ ପଣ୍ଡା ଏବଂ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ , ପୁରୀର ଯାମିନୀ କାନ୍ତ ମିଶ୍ର ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

## ଜମିଜିମା ବିବାଦ; ମାମୁଁ-ଭଣଜା କୋର୍ଟ ଚାଲାଣ

ରଙ୍ଗେଇଲୁଣ୍ଡା,୨୩।୧୨(ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜମିଜିମା ବିବାଦରୁ ମାମୁ-ଭଣଜାଙ୍କ ମରଣାନ୍ତକ ଆକ୍ରମଣରେ ଦାଦା-ପୁତୁରା ଗୁରୁତର ଆହତ ହୋଇଥିଲେ। ଗୋଳନ୍ଥରା ପୁଲିସ ଆକ୍ରମଣକାରୀ ମାମୁଁ-ଭଣଜାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମାମୁଁ ହେଲେ ପ୍ରଶାନ୍ତ ଗୌଡ଼ ଓରଫ ପାଣ୍ଡା ଏବଂ ଭଣଜା ସଂଗ୍ରାମ ଗୌଡ଼ ବୋଲି ପୁଲିସ ସୂଚନା ଦେଇଛି। ରମେଶ ଗୌଡ଼ ଏବଂ ପ୍ରଶାନ୍ତ ଗୌଡ଼ଙ୍କ ପରିବାରର ମହିଳାମାନଙ୍କ ମଧ୍ୟରେ ଜମିଜମା ଓ ଘରୋଇ ଶତ୍ରୁତାକୁ କେନ୍ଦ୍ରକରି ଝଗଡା ହୋଇଥିଲା। ପୁତୁରା ସୀମାଞ୍ଚଳ ଜୁଗୁଡ଼ି ବସଷ୍ଟାଣ୍ଡ ନିକଟରେ ଛିଡା ହୋଇଥିବା ବେଳେ ପ୍ରଶାନ୍ତ ଓ ସଂଗ୍ରାମ ତାକୁ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରିବା ପରେ ସେଠାରୁ ଯାଇ ଦାଦା ରମେଶଙ୍କୁ ଗାଁ ସ୍କୁଲ ନିକଟରେ ମରଣାନ୍ତକ ଆକ୍ରମଣ କରି ଥିଲେ। ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତ ରମେଶ ଗୋଳନ୍ଥରା ଥାନାରେ ଲିଖିତ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ଆକ୍ରମଣକାରୀ ପ୍ରଶାନ୍ତ ଓ ସଂଗ୍ରାମଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଏଏସ୍‌ଆଇ ରମେଶ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ପ୍ରଶାନ୍ତଙ୍କ ପରିବାର ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

## ପୁରାତନ ବ୍ୟାଚ୍ ଡିଆଇଇଟି ପ୍ରଶିକ୍ଷାର୍ଥୀଙ୍କ ବନ୍ଧୁମିଳନ



ଶେରଗଡ,୨୩।୧୨(ସମିସ): ଶେରଗଡ ବ୍ଲକ କରଞ୍ଜେଇ ପୀଠରେ ରଘୁନାଥ ପଣ୍ଡା, ତ୍ରିଲୋଚନ ସାହୁ ଓ ପ୍ରଶାନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଖଲ୍ଲିକୋଟରେ ଗତ ୨୦୦୭ ଠାରୁ ୨୦୦୯ ମଧ୍ୟରେ ପ୍ରଶିକ୍ଷଣ ନେଇଥିବା ବିଦ୍ୟାର୍ଥୀଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି ବନ୍ଧୁମିଳନ ୧୩ତମ ହୋଇଥିବା କାର୍ଯ୍ୟକ୍ରମରେ ଶେରଗଡ ରାଜସ୍ୱ ନୀରିକ୍ଷକ ପ୍ରଭାତ ରାଉଳ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ପ୍ରମୋଦ ପ୍ରଧାନ, ନାରାୟଣ ଦାସ, ଜିତେନ୍ଦ୍ର ବେହେରା, ସୁଶାନ୍ତ ବେହେରା, ମାନସ ଡାଙ୍ଗୁଆ, ରାମକୃଷ୍ଣ ଆଚାର୍ଯ୍ୟ, ସଞ୍ଜୟ ବାଲା, ଉମା ଶଙ୍କର ସାହୁ, ମଙ୍ଗୁଲୁ ନାୟକ, ସରୋଜ ଜେନା, ଭଗବାନ ପୋଲାଇ, ଭଗବାନ ଗୌଡ, ଧରଣୀଧର ନାୟକ ଓ ରମାକାନ୍ତ ନାୟକ ଯୋଗ ଦେଇଥିଲେ।

# ବାରଣାସୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକରେ ହୋହଲ୍ଲା

କାଶୀନଗର,୨୩।୧୨(ସମିସ)



ଗତବର୍ଷର ହିସାବ ଦିଆଯାଇ ନଥିବାରୁ ଅସନ୍ତୋଷ

ଚଳିତ ବର୍ଷର ବାରାଣସୀ ମହୋତ୍ସବ (କାଶୀନଗର ବ୍ଲକ୍ ସ୍ତରୀୟ ଗଜପତି ଉତ୍ସବ)କୁ ସଫଳତାର ସହ ପାଳନ କରିବାକୁ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଦଭାବନା ଗୃହରେ ମଙ୍ଗଳବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମିତି ଅଧ୍ୟକ୍ଷା ବି. ସାୟାମ୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଡମ୍ବରୁଧର ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ ମଞ୍ଚାସୀନ ଥିବାବେଳେ ପଞ୍ଚାୟତସ୍ତରୀୟ କେତେଜଣ ଲୋକପ୍ରତିନିଧି , ବିଭାଗୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ। ବିଡିଓ ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ଶିଆଳି ସରପଞ୍ଚ ରାମପ୍ରସାଦ ପଟ୍ଟନାୟକ ଏଯାଏଁ ଧାନମଣ୍ଡି ଖୋଲା ନଯିବା, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ନହେବା, ତାଙ୍କ ପଂଚାୟତରେ ମଦବିକ୍ରି ବନ୍ଦ ନିମନ୍ତେ ପ୍ରଶାସନ ଆଗରେ ରଖିଥିବା ଦାବି ନେଇ ତଦନ୍ତ ବେଳେ କାହିଁକି ମଦବିକ୍ରି ବନ୍ଦ ହେବ ବୋଲି ପ୍ରଶାସନ ତାଙ୍କୁ ପ୍ରଶ୍ନ କରିବା, ଉଭୟ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ସ୍ଥାଣୁ ପାଲଟିଥିବା, ହାତୀ ଉପଦ୍ରବଲାଗି ରହିଥିଲେ ବି ପ୍ରତିକାର ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନନେବା ଇତ୍ୟାଦି ଅଭିଯୋଗ ଆଣି ଜନସାଧାରଣ ସମସ୍ୟାର କାଦୁଅରେ ବୁଡି ରହିଥିବା ବେଳେ ଉତ୍ସବ ପାଳନର କିଛି ଯଥାର୍ଥତା ନାହିଁ ବୋଲି କହିଥିଲେ। ସେ ବି ତାଙ୍କ ପଞ୍ଚାୟତ ଅଧୀନସ୍ଥ ଏକ ବିଦ୍ୟାଳୟ ନିକଟରେ ଗଛ ଦେଇ ଯାଇଥିବା ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଚିତ୍ର ସମ୍ବଳିତ ଏକ ବ୍ୟାନର ଦେଖାଇ ଅଘଟଣ ଘଟିଲେ ଦାୟୀ କିଏ ବୋଲି ପ୍ରଶ୍ନ ଉଠାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିଯୋଗର-ଆଧାରିତ ପ୍ରଶ୍ନର ଉତ୍ତର ଦେବା ବେଳେ ହୋହଲ୍ଲା ହୋଇଥିଲା। ଉପସ୍ଥିତ ବୁଦ୍ଧିଜୀବୀ ଗଜପତି ସଂସ୍କୃତି ପରିଷଦ ଅଗଣତାନ୍ତ୍ରିକ ଭାବେ ଗଠିତ ହୋଇଛି ବୋଲି ମତ ଦେବା ସହ ଜିଲ୍ଲାର ସବୁ ବ୍ଲକ୍ , କାଶୀନଗର ଏନ୍‌ଏସିର ପ୍ରତିନିଧିଙ୍କୁ ପରିଷଦରେ ସାମିଲ କରିବାକୁ ଦାବି ଜଣାଇଥିଲେ। ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ରାଜ୍ୟ ସଭାପତି ତଥା କାଶୀନଗର ନାଗରିକ ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର ,ଏନ୍‌ଏସି ଉପାଧ୍ୟକ୍ଷ ରଘୁରାମ ସାହୁ , ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନଳିନୀକାନ୍ତ ପାତ୍ର , କାଶୀନଗର ପ୍ରେସ୍ କ୍ଲବ୍ ସଭାପତି ରାଜେଶ ମିସାଲଙ୍କ ଦ୍ୱାରା ସ୍ୱାକ୍ଷରିତ ଓ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ପ୍ରଦତ୍ତ ଏ ସମ୍ପର୍କିତ ପତ୍ରର ନକଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦିଆଯିବା ସଂଗେ ସଂଗେ ତା ଉପରେ ଆଲୋଚନା ହୋଇଥିଲା। ଗଜପତି ଉତ୍ସବ ଅବସରରେ ପଲ୍ଲୀଶ୍ରୀ ମେଳା ସକାଶେ ଆସୁଥିବା ସରକାରୀ ଅନୁଦାନର ଅଂଶ ବ୍ଲକ୍ ଓ ଏନ୍‌ଏସିକୁ କାହିଁକି ଦିଆ ଯାଉନାହିଁ ବୋଲି କେତେ ଜଣ ଲୋକପ୍ରତିନିଧି ପ୍ରଶ୍ନ କରିଥିଲେ। ଗତ ବାରାଣସୀ ଉତ୍ସବର ଆୟ ବ୍ୟୟ ହିସାବ ଏଯାଏ ଦିଆ ଯାଇ ନଥିବାକୁ କେନ୍ଦ୍ର କରି ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତ ବର୍ଷର ବାରାଣସୀ ମହୋତ୍ସବ କରାଯିବ କି ନାହିଁ ସେ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ହୋଇ ପାରି ନଥିବା ବେଳେ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ୩୦ ତାରିଖରେ କରିବାକୁ ନିଷ୍ପତ୍ତି ନିଆଯାଇଛି।

# କଣିହାଁ ବିକାଶ ମଞ୍ଚର ଗଣ ଆନ୍ଦୋଳନ

କଣିହାଁ,୨୩।୧୨(ସମିସ)

ତାଳଚେର କଣିହାଁ ବିକାଶ ମଞ୍ଚ ପକ୍ଷରୁ ଦୁଇ ଦଫା ଦାବିରେ ଏନ୍‌ଟିପିସି ଆମ୍ରପାଳ ଲେଭେଲ କ୍ରସିଂ ପାଖରେ ଗଣ ଆନ୍ଦୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସକାଳ ୮ଘଟିକା ସମୟରେ ବିକାଶ ମଞ୍ଚ ସଭାପତି ଡଃ ଦେବେନ୍ଦ୍ର କୁମାର ସିଂହଙ୍କ ନେତୃତ୍ୱରେ କଣିହାଁ ଅଞ୍ଚଳର ପୁରୁଷ ମହିଳା ଆମ୍ରପାଳ ଛକ ଧାରଣାରେ ବସି ରହି ଆନ୍ଦୋଳନ କରିଥିଲେ। ତାଙ୍କର ଦାବି ମଧ୍ୟରେ କଣିହାଁ - ଗୋଡ଼ିବନ୍ଧ ରାସ୍ତା ସମ୍ପ୍ରସାରଣ କରିବା, ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ବୃକ୍ଷରୋପଣ କରିବା, ଆଲୋକୀକରଣ ବ୍ୟବସ୍ଥା କରିବା, ଏନ୍‌ଟିପିସି ଓଭରବ୍ରିଜ୍‌ଠାରୁ ବିଜିଗୋଳ



ବାରଡାଙ୍ଗୁଆ ଗ୍ରାମଦେଇ ଯାଇଥିବା ପୁରୁଣା ବଲାଙ୍ଗି ରାସ୍ତାରେ ନୂତନ ବ୍ରିଜ ତିଆରି କରାଯାଇ ସମସ୍ତ ରାସ୍ତା ସହ ସଂଯୋଗ କରାଯିବା ଇତ୍ୟାଦି ଅନ୍ତର୍ଭୁକ୍ତ। ପରେ ଧାରଣାସ୍ଥଳରେ କଣିହାଁ ଭାରପ୍ରାପ୍ତ ତହସିଲଦାର ଆଇଏଏସ୍ କସ୍ତୁରୀ ଶା, ତହସିଲଦାର ଚିନ୍ମୟ ଦାସ ପହଞ୍ଚି ଧାରଣାସ୍ଥଳରୁ ତାଙ୍କର ଦାବି ପତ୍ର ଗ୍ରହଣ କରିବା ସହ ସମସ୍ୟା ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୧ଘଟିକା ସମୟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ ଆନ୍ଦୋଳନରେ ବିକାଶ ମଞ୍ଚର ଉପଦେଷ୍ଟା ମନୋଜ ଶତପଥୀ, ବରିଷ୍ଠ ସଦସ୍ୟ ହରମୋହନ ସାହୁ, ଉପସଭାପତି ସ୍ମୃତି ରଞ୍ଜନ ପାଣି, ସମ୍ପାଦିକା ସବିତା ରାଣୀ ସାହୁ, କଳାକାର ବେହେରା, ରାଜ କିଶୋର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଚାଳକ ଗୁରୁତର



କାମାକ୍ଷାନଗର,୨୩।୧୨(ସମିସ): କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ମାଳପୁରା ଓଭରବ୍ରିଜ ନିକଟରେ ସଡ଼କ ଦୁର୍ଘଟଣା ଘଟି ଜଣେ ଚାଳକ ଗୁରୁତର ହୋଇଛନ୍ତି। ଏକ ପାଉଁଶ ବୋଝେଇ ଟ୍ରକ୍‌କୁ ପଛରୁ ଆଉ ଏକ ଟ୍ରକ୍ ଧକ୍କା ଦେବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ସୂଚନା ଅନୁସାରେ ତାଳଚେରରୁ ପାଉଁଶବୋଝେଇ କରି ଏକ ଟ୍ରକ୍ ପାରାଦୀପ ଯାଉଥିବାବେଳେ ମାଳପୁରା ଓଭରବ୍ରିଜ ନିକଟରେ ଟ୍ରକ୍‌ର ଟାୟାର ପଙ୍କଚର୍ ହୋଇ ଯାଇଥିଲା। ଫଳରେ ଟ୍ରକ୍‌ର ଡ୍ରାଇଭର ରାସ୍ତା ଉପରେ ଗାଡ଼ି ରଖି ଟାୟାର ମରାମତି କରୁଥିବାବେଳେ ତାଳଚେରରୁ ପାଉଁଶ ବୋଝେଇ କରି ଯାଉଥିବା ଅନ୍ୟ ଏକ ଟ୍ରକ୍ ମରାମତି ହେଉଥିବା ଟ୍ରକ୍‌କୁ ପଛରୁ ପିଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସାମ୍ନାରେ ଥିବା ଟ୍ରକ୍‌ଟି ପ୍ରାୟ କୋଡିଏ ଫୁଟ ଆଗକୁ ଘୁଞ୍ଚିଯାଇଥିବାବେଳେ ପଛ ଟ୍ରକ୍‌ର ସାମ୍ନାଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଦୁର୍ଘଟଣା ଫଳରେ ପିଟିଥିବା ଟ୍ରକ୍‌ର ଡ୍ରାଇଭର ଦୁଇ ଟ୍ରକ ମଝିରେ ଚାପି ହୋଇଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାବେଳେ ପରିଚୟ ଜଣାପଡ଼ିନାହିଁ।

## ଶିକ୍ଷାଦାନ ସମସ୍ୟା ସମାଧାନ କଲେ ବିଇଓ

କିଶୋରନଗର,୨୩।୧୨(ସମିସ): କିଶୋରନଗର ବ୍ଲକ୍ ରଣିଆକଟା ପଞ୍ଚାୟତର ଭରଥାପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ସମସ୍ୟା ବିଇଓଙ୍କ ଉଦ୍ୟମରେ ସମାଧାନ କରାଯାଇଥିବା ଜଣାପଡ଼ିଛି। ବିଇଓଙ୍କ ନିର୍ଦ୍ଦେଶରେ ସିଆର୍‌ସିସି ଶରତ ନାୟକ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ ପରିଚାଳନା କମିଟିଙ୍କ ଉପସ୍ଥିତିରେ ୨ ଶିକ୍ଷକ, ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଉପରେ ବିଶେଷ ଧ୍ୟାନ ଦେଇ ନିଜ କର୍ତ୍ତବ୍ୟରେ ଅବହେଳା ନ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାଦାନ ଠିକ୍‌ଠାକ୍ ଚାଲିଥିବା ସିଆର୍‌ସିସି କହିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବାକୁ ସାତକୋଶିଆରେ ତତ୍ପରତା



ଜଗନ୍ନାଥପୁର,୨୩।୧୨(ସମିସ): ଆସନ୍ତା କାଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାତକୋଶିଆ ଅଭୟାରଣ୍ୟ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ସାତକୋଶିଆ ଅଞ୍ଚଳରେ ଦଳର କର୍ମକର୍ତ୍ତାଙ୍କ ସମେତ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ସାତକୋଶିଆ ଅଞ୍ଚଳ କେନ୍ଦ୍ର ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ସମ୍ବଲପୁର ଲୋକସଭା କ୍ଷେତ୍ରର ଅଂଶବିଶେଷ। ଗତ ନିର୍ବାଚନରେ ଧର୍ମେନ୍ଦ୍ର ପ୍ରଧାନ ବହୁ ଭୋଟ ବ୍ୟବଧାନରେ ଜିତି ଥିଲେ। ନିର୍ବାଚନ ଜିତିବାପରେ କେନ୍ଦ୍ର ମନ୍ତ୍ରୀଙ୍କର ଏହା ପ୍ରଥମ ସାତକୋଶିଆ ଅଭୟାରଣ୍ୟ ଭିତରେ ଥିବା ଗ୍ରାମଗୁଡ଼ିକୁ ଗସ୍ତ। ତେଣୁ ସାତକୋଶିଆବାସୀ, ଦଳୀୟ କର୍ମକର୍ତ୍ତା ମନ୍ତ୍ରୀଙ୍କ ଏହି ଗସ୍ତ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଶ୍ରୀ ପ୍ରଧାନ ପୁରୁଣାଗଡ଼ ହୋଇ କରତପଟା, ଜଗନ୍ନାଥପୁର, ପୁରୁଣାକୋଟ ହୋଇ ଟିକରପଡ଼ାଠାରେ ଥିବା ଜଙ୍ଗଲ ବିଭାଗର ବଙ୍ଗଳାକୁ ଯିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ସାତକୋଶିଆ କାର୍ଯ୍ୟକ୍ରମ ସାରି ସମ୍ବଲପୁର ଯିବେ ବୋଲି ଜଣାପଡ଼ିଛି। ମନ୍ତ୍ରୀଙ୍କ ଗସ୍ତ ପାଇଁ ପୁରୁଣାଗଡ଼ଠାରୁ ମଣିକାଯୋଡ଼ି ହୋଇ ବୁର୍ଡି, ଜଗନ୍ନାଥପୁର, ସାରୁଆଳି, କରତପଟା ହୋଇ ପମ୍ପାସର୍ ଓ ଟିକରପଡ଼ା ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ କାର୍ଯ୍ୟ ରାତାରାତି ଚାଲିଛି। ଟିକରପଡ଼ା ଛକଠାରୁ ପଞ୍ଚାୟତ କାର୍ଯ୍ୟାଳୟ ହୋଇ ଜଙ୍ଗଲ ବିଭାଗ ବଙ୍ଗଳା ପର୍ଯ୍ୟନ୍ତ, ବର୍ଷ ବର୍ଷ ଧରି ଥିବା ଖାଲଖମାରେ ଭର୍ତ୍ତି ରାସ୍ତା ତରବରିଆ ଭାବେ ରାତାରାତି ମରାମତି କରାଯାଉଥିବା ଜଣାପଡ଼ିଛି। ବିଭିନ୍ନ ବିଭାଗର ରାତିଅଧିଆ କାମ ଦେଖି ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ଏହି ଅଞ୍ଚଳ ଗସ୍ତ କରନ୍ତୁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ସାଧାରଣ ପରିଷଦ ବୈଠକ




କଣିହାଁ,୨୩।୧୨(ସମିସ): କଣିହାଁ ବ୍ଲକ୍ ରେଙ୍ଗାଳି ପ୍ରକଳ୍ପ ଓଡ଼େଶା ଭବନଠାରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ, ଚାଇଁପାଳ ଶାଖାର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ବୈଠକକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଭରତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକକୁ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ସହ ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକଙ୍କ ଉପସ୍ଥିତି ତଥା ଓଜସ୍ୱୀ ଭାଷଣ ବୈଠକକୁ ରୁଦ୍ଧିମନ୍ତ କରିଥିଲା। ସେହିପରି ଉପର କୋଲାବର ସାଧାରଣ ସମ୍ପାଦକ ଅଭୟ କୁମାର ଧୀର, ବାଲିମେଳା ଜଳ ବିଦ୍ୟୁତ କର୍ପୋରେସନର କାଶୀନାଥ ମଲ୍ଲିକ, ଭୁବନେଶ୍ୱର ଡିଭିଜନ ର ସମ୍ପାଦକ ମଳୟ ଭାଇ,ଅନୁଗୋଳ ଡିଭିଜନର ସମ୍ପାଦକ ସୁରେନ୍ଦ୍ର ଦାଶ, ଢେଙ୍କାନାଳ ଡିଭିଜନ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ୨୦୨୬ ପାଇଁ ବିକାଶ ସାହୁ ପୁନର୍ବାର ଚାଇଁପାଳ ଡିଭିଜନ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ସହ -ସମ୍ପାଦକ ଭାବେ ରଞ୍ଜିତ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ଟିକନ ସାମଲ, ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଶିବାଜୀ ରାଜ ପାଣି, ଉପଖଣ୍ଡ ସମ୍ପାଦକ ଭାବେ ରାଜେଶ ନାହାକ, ଦିଲ୍ଲୀପ ବିଶ୍ୱାଳ, ଗୁରୁଦେବ ବେହେରା, ଲଳିତ ନାରାୟଣ ସାହୁ, ଏମ୍‌ଏମ୍‌ଜି ସେକ୍ସନ ଅର୍ଗାନାଇଜର ଭାବେ ସୂର୍ଯ୍ୟକାନ୍ତ ସାହୁଙ୍କ ସମେତ ୧୪ଟି ସେକ୍ସନର ସେକ୍ସନ ଅର୍ଗାନାଇଜରଙ୍କୁ ମନୋନୀତ କରାଯାଇଥିଲା। ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ, ଚାଇଁପାଳ ଶାଖା ତରଫରୁ ନୂତନ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା

## ଅସୁସ୍ଥ ଆଇନଜୀବୀଙ୍କୁ ହୁଇଲ ଚେୟାର ପ୍ରଦାନ



ଆଠମଲ୍ଲିକ,୨୩।୧୨(ସମିସ): ଆଠମଲ୍ଲିକ ଅଞ୍ଚଳର ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନ ଦୀର୍ଘଦିନ ହେଲା ମସ୍ତିଷ୍କ ରୋଗରେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ସେ ଆଠମଲ୍ଲିକ ଓକିଲ ସଂଘର ଜଣେ ବରିଷ୍ଠ ସଭ୍ୟ। ଗତ ଶନିବାର ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ପାଇଁ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବାମନ କୁମାର ମିଶ୍ର ଓ ଜିତେନ୍ଦ୍ର କୁମାର ମୁଖି ଯାଇଥିଲେ। ତାଙ୍କ ପତ୍ନୀ ସେମାନଙ୍କୁ ଏକ ହୁଇଲ ଚେୟାର ଦେବାପାଇଁ ଅନୁରୋଧ କରିଥିଲେ। ଓକିଲସଂଘ ସଭାପତି ଶ୍ରୀ ମହାପାତ୍ର ହୁଇଲ୍ ଚେୟାର ପ୍ରଦାନ ପାଇଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଏନ୍‌ଏସି କର୍ତ୍ତୃପକ୍ଷ ଓକିଲ ସଂଘର ଅନୁରୋଧ ରକ୍ଷାକରି ସୋମବାର ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ସହ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ, ଆଇନଜୀବୀ ବାମନ କୁମାର ମିଶ୍ର, ଦୀନେଶ କୁମାର ସିଂହ, ଉଗ୍ରସେନ ସେଠୀ, ଜିତେନ୍ଦ୍ର କୁମାର ମୁଖି, ଆର୍ଯ୍ୟଭଟ୍ଟ ମହାନନ୍ଦିଆ ପ୍ରମୁଖ ତାଙ୍କ ଘରକୁ ଯାଇ ହୁଇଲ ଚେୟାର ପ୍ରଦାନ କରିଥିଲେ।

## ଯଶସ୍ୱିନୀ ଜିନ୍ଦଲ ବାଳିକା ଛାତ୍ରାବାସର ଭୂମି ପୂଜନ



ଅନୁଗୋଳ,୨୩।୧୨(ସମିସ): ସାମାଜିକ ଉନ୍ନତି ଏବଂ ଜନଜାତି ବାଳିକାମାନଙ୍କ ଶିକ୍ଷାକୁ ସମର୍ଥନ ଦେବା ଉଦ୍ଦେଶ୍ୟରେ ଜିନ୍ଦଲ୍ ଷ୍ଟିଲ୍‌ର ସାମାଜିକ ଶାଖା ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ଅନୁଗୁଳ ଜିଲ୍ଲାର କିଶୋରନଗର ବ୍ଲକ୍ ଅନ୍ତର୍ଗତ ବବରୋହିଲା ଗାଁରେ ଥିବା ରାମକୃଷ୍ଣ ଆଶ୍ରମ ଏସ୍‌ଟି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ "ଯଶସ୍ୱିନୀ ଜିନ୍ଦଲ' ବାଳିକା ଛାତ୍ରାବାସ ନିର୍ମାଣ ପାଇଁ ଭୂମି ପୂଜନ ଆଧାରଶିଳା ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ୍ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ୍ ଜୀ ଭୂମିପୂଜନ କରି ଆଧାରଶିଳା ରଖିଥିଲେ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଜନଜାତି ଓ ଦୂରଦୂରାନ୍ତ ଅଞ୍ଚଳର ବାଳିକାଙ୍କ ପାଇଁ ସୁରକ୍ଷିତ, ସହଯୋଗୀ ଓ ପୋଷକ ଆବାସିକ ସୁବିଧା ଯୋଗାଇ ଉତ୍ତମ ଶିକ୍ଷାର ସୁଯୋଗ ବୃଦ୍ଧି କରିବା। ଛାତ୍ରୀଙ୍କୁ ଓ ସ୍ଥାନୀୟ ସମୁଦାୟକୁ ଲକ୍ଷ୍ୟ କରି ଦିଆଯାଇଥିବା ପ୍ରେରଣାଦାୟୀ ଉଦ୍‌ବୋଧନରେ ଶାଲୁ ଜିନ୍ଦଲ୍ ଜୀ କହିଥିଲେ, ଝିଅମାନଙ୍କ ଶିକ୍ଷା ଓ ସଶକ୍ତୀକରଣ ଆମ ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ। ରାମକୃଷ୍ଣ ଆଶ୍ରମର ସଂସ୍ଥାପକା ଅନନ୍ତ ଶାସିନୀ ସ୍ୱାଗତ ଭାଷଣ ଦେଇଥିଲେ। ଜିନ୍ଦଲ୍ ଷ୍ଟିଲର ସଭାପତି ପ୍ରଶାନ୍ତ ହୋତା ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା, ଆଧାରଶିଳା ସ୍ଥାପନ ଓ ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହୋଇଥିଲା। ସମାରୋହରେ ସ୍ଥାନୀୟ ସମୁଦାୟ ନେତା, ସ୍ଥାନୀୟ ଅଂଶୀଦାର, ଗୁରୁଜୀ ଶ୍ରୀମଦ୍ ବଂଶୀଧର ବଳରାମ ଦାସ, ଜିନ୍ଦଲ୍ ଷ୍ଟିଲର ସିଏସଆର ମୁଖ୍ୟ ରିଶି ପଠାନିଆ, ଏଚ୍‌ଓଡି-ସିଏସ୍ଆର(ଅନୁଗୁଳ) ଜୟନ୍ତ କୁମାର ମହାନ୍ତି, ସ୍କୁଲର ସଂସ୍ଥାପକ ଶେଷଦେବ ଶାସିନୀ, ସହ-ସଂସ୍ଥାପକ ଅନନ୍ତ ଶାସିନୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମହିଷାମର୍ଦ୍ଦିନୀଙ୍କ ବାର୍ଷିକ ପୂଜା ଉଦ୍‌ଯାପିତ

ଛେଣ୍ଡିପଦା,୨୩।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ସନ୍ତରାବନ୍ଧ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ମହିଷାମର୍ଦ୍ଦିନୀଙ୍କ ବାର୍ଷିକ ପୂଜା ଉତ୍ସବ ଓ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ପ୍ରତିବର୍ଷ ପୌଷ ଶୁକ୍ଳପକ୍ଷ ଦ୍ୱିତୀୟାରେ ଅନୁଷ୍ଠିତ ହୋଇଥାଏ। ଏହି ପୂଜାରେ ଅଞ୍ଚଳ




ସମେତ ବହୁ ଦୂରଦୂରାନ୍ତରୁ ପ୍ରାୟ ୪୦ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବହୁ ଦୂରାରୋଗ୍ୟରୁ ଆରୋଗ୍ୟ ହେବାପାଇଁ ପ୍ରାୟ ୪୦ରୁ ଅଧିକ ମାନସିକଧାରୀ ମା'ଙ୍କ ଦୁଇ ପୀଠରେ ଅଧିଆ ପଡ଼ିଥିଲେ। ସେହିପରି ମନସ୍କାମନା ପୂର୍ଣ୍ଣ ପାଇଁ ପ୍ରାୟ ୨ଶହରୁ ଅଧିକ ଛୋଟ ପିଲାଙ୍କର ମୁଣ୍ଡନ କରାଯାଇଥିଲା। ସନ୍ତରାବନ୍ଧ ଗ୍ରାମ ସଭାପତି ସୁବାସ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମା' ମହିଷାମର୍ଦ୍ଦିନୀଙ୍କର ଏକ ବିରାଟ ପଟୁଆରରେ ପ୍ରଥମେ ଗ୍ରାମର ଗ୍ରାମେଶ୍ୱରୀ ମନ୍ଦିରରୁ ବାହାର କରାଯାଇ ଗ୍ରାମ ପରିକ୍ରମା ପରେ ଉତ୍ତପସି ପୂଜା ମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ପୂଜକ ପର୍ଶୁରାମ ସାହୁ ଓ ସହଯୋଗୀ ଦିବାକର ଦେହୁରୀ ମା'ଙ୍କର ନୀତିକାନ୍ତି ଅନୁଯାୟୀ ସକାଳ ୭ଟାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରିଥିଲେ। ଭକ୍ତମାନଙ୍କ ପାଇଁ ଗ୍ରାମ ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର କରାଯାଇଥିବା ବେଳେ ବହୁ ଅସ୍ଥାୟୀ ଦୋକାନମାନ ପଡ଼ିଆରେ ପଡ଼ିଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶକ୍ତିକ୍ଷେତ୍ର ଯୁବମଞ୍ଚର ସଭାପତିଙ୍କ ନେତୃତ୍ୱରେ ଅନ୍ୟାନ୍ୟ ସଦସ୍ୟ ଶାନ୍ତିଶୃଙ୍ଖଳା ରକ୍ଷା, ଅନ୍ନପ୍ରସାଦ ବଣ୍ଟନ ଓ ସୂଚନାକେନ୍ଦ୍ରରେ ସହଯୋଗ କରିଥିଲେ। ଛେଣ୍ଡିପଦା ପୁଲିସ ପକ୍ଷରୁ ଯାତ୍ରା ଶାନ୍ତିଶୃଙ୍ଖଳା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ବିଧାୟକ ଅଗସ୍ତି ବେହେରା ଠାକୁରାଣୀଙ୍କୁ ଦର୍ଶନ କରିଥିଲେ। ଗାଁ ସମ୍ପାଦକ ସାଜନ କୁମାର ସାହୁ, ଶକ୍ତି କ୍ଷେତ୍ର ଯୁବମଞ୍ଚର ସଭାପତି ରଞ୍ଜନ କୁମାର ସାହୁ, ଉତ୍କଳମଣି ସେବା ସଙ୍ଘର ସଭାପତି କ୍ଷୀରମୋହନ ପ୍ରଧାନ, ଗ୍ରାମର ବେହେରା ଭୀମସେନ ସାହୁ, ପଦିନ ସାହୁ, ସୁକାନ୍ତ ସାହୁ, ଜଳଧର ସାହୁ, ଭୁବନ ଗଡ଼ତିଆ, ଅନିରୁଦ୍ଧ ସାହୁ, ପଙ୍କଜ ସାହୁଙ୍କ ସମେତ ଗ୍ରାମର ନେତୃସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ମା'ଙ୍କ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଲେ କୋର୍ଟ

ଛେଣ୍ଡିପଦା,୨୩।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ସଦର ମହାକୁମାରେ ଥିବା କନିଷ୍ଠ ବିଚାର ବିଭାଗୀୟ ଦେୱାନୀ ଅଦାଲତରେ ପ୍ରଥମ ଶ୍ରେଣୀ ବିଚାରପତି ଛେଣ୍ଡିପଦା ଥାନା କେସ ନଂ ୧୯୧/୧୮ ରେ ହୋଇଥିବା ମାମଲାର ବିଚାରକରି ଛେଣ୍ଡିପଦା କୁମ୍ଭାରସାହିର ସୁନୀଲ ସାହୁ, ଅନୀଲ ସାହୁ, ସନ୍ତୋଷ ସାହୁ ଓ ଗୁଣନିଧି ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ପ୍ରତ୍ୟେକ ମୁଦାଲାଙ୍କୁ ୫ ଶହ ଲେଖାଏଁ ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁଯାୟୀ ୨୦୧୮ ମସିହା ଅଗଷ୍ଟ ୨ତାରିଖରେ ରେ ଛେଣ୍ଡିପଦା କଇଥସାହିର କପିଳେଶ୍ୱରର ଭୂତିଆ ଗାଁ ନାଳୀରେ ଥିବା ଜମିକୁ ପାଣି କାଟିବାକୁ ନେଇ କମ୍ଭାରସାହିର ସୁନୀଲ ସାହୁ, ଅନିଲ ସାହୁ, ସନ୍ତୋଷ ସାହୁ ଓ ଗୁଣନିଧି ସାହୁଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁନୀଲ ସାହୁ, ଅନିଲ ସାହୁ, ସନ୍ତୋଷ ସାହୁ ଓ ଗୁଣନିଧି ସାହୁ ପିଟିପିଟି କପିଳେଶ୍ୱରଙ୍କୁ ଆହତ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଛେଣ୍ଡିପଦା ଥାନା କେସ ନଂ ୧୯୧/୧୮ ରେ ପୁଲିସ ମାମଲା ରୁଜୁ କରିଥିଲା। ବିଚାରପତି ମୁଦାଲାଙ୍କୁ ମୁକ୍ତ କରିବା ସହିତ ପ୍ରତ୍ୟକଙ୍କୁ ୫ଶହ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ପାଇଁ ଆଦେଶ ଶୁଣାଇଥିଲେ। ଏହି ଅର୍ଥରାଶିକୁ ଅଭିଯୋଗକାରୀଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ମୋକଦ୍ଦମାକୁ ସରକାରୀ ଓକିଲ(କ୍ୟାଡର) ସର୍ବଜିତ ଶ୍ରୀଚନ୍ଦନ, ସହଯୋଗୀ ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ ଓ ଉତ୍କଳ ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ଅଲେଖ ମହିମା ଟୁଙ୍ଗୀରେ ପୁସ୍ତକ ଉନ୍ମୋଚିତ



ବଁଅରପାଲ,୨୩।୧୨(ସମିସ): ବଁଅରପାଲ ବ୍ଲକ୍ ବନ୍ଧା ଗ୍ରାମର ଅଲେଖ ମହିମା ଟୁଙ୍ଗୀ ପରିସରରେ ବନ୍ଧା ଗ୍ରାମର ବୈଦ୍ୟ ବିଶାରଦ ତଥା ମହିମା ଧର୍ମାବଲମ୍ବୀ ସ୍ୱର୍ଗତ ପ୍ରଧାନ ନରେନ୍ଦ୍ରନାଥ ସାହୁଙ୍କ ପ୍ରାୟ ଅଶି ବର୍ଷ ତଳେ ରଚିତ କବିତା, ଭଜନ ଇତ୍ୟାଦି ତାଙ୍କର ନାତୁଣୀ ଅବସରପ୍ରାପ୍ତ ଅଧ୍ୟାପିକା ଡକ୍ଟର ରମା ମଞ୍ଜରୀ ସାହୁଙ୍କ ଦ୍ୱାରା ସଂଗୃହୀତ ପରେ "ଅନୁଗୋଳ ମାଟିର କବିରାଜ ନରେନ୍ଦ୍ରନାଥଙ୍କ ସୃଷ୍ଟି ସମ୍ଭାର' ନାମରେ ଏକ ପୁସ୍ତକ ସଂକଳନ ପ୍ରକାଶ କରାଯାଇଛି। ଯାହାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଧା ଗ୍ରାମ ନିବାସୀ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ନରେଶ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅକ୍ଷୟ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ହରମୋହନ ପଣ୍ଡା, ସଭାପତି ମହିମା ଟୁଙ୍ଗୀର ମୁଖ୍ୟ ପରିଚାଳକ ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ସାହୁ ଓ ବହିର ସଂକଳକ ଡକ୍ଟର ରମା ମଞ୍ଜରୀ ସାହୁ ଉପସ୍ଥିତ ଥିଲେ।

ଏହି ଅବସରରେ କବିରାଜ ନରେନ୍ଦ୍ରନାଥଙ୍କ ନାତୁଣୀ ଜ୍ୱାଇଁ ଅବସରପ୍ରାପ୍ତ ଡାକ୍ତର ସୋମନାଥ ଗଡ଼ନାୟକ, ଡାକ୍ତର ସୁଶାନ୍ତ ଗଡ଼ନାୟକ, ନାତି ସନ୍ତୋଷ କୁମାର ସାହୁ, ଦିଲ୍ଲୀପ କୁମାର ସାହୁ, ପ୍ରଦୀପ କୁମାର ସାହୁ, ଅଶୋକ କୁମାର ସାହୁଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଓ ମହିମା ଧର୍ମାବଲମ୍ବୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କବି ନରେନ୍ଦ୍ରନାଥଙ୍କ ନାତି ତଥା ବରିଷ୍ଠ ଓକିଲ ହେମନ୍ତ କୁମାର ସାହୁ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ



ଅନୁଗୋଳ,୨୩।୧୨(ସମିସ): ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରଚାଳନା ସମିତି ସଭାପତି ଡା. ସୁଧାକର ପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ଅନୁଗୋଳ ଜିନ୍ଦଲ ଷ୍ଟିଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମଦୋର ମିତ୍ତଲ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶିଶୁ ମନ୍ଦିରର ଗୁଣାତ୍ମକ ଶିକ୍ଷାକୁ ପ୍ରଶଂସା କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ଶିକ୍ଷା ହିଁ ଜୀବନ, ଜୀବନ ହିଁ ଶିକ୍ଷା' ଏ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅଶୋକ କୁମାର ମୋଦୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ବାର୍ଷିକ ବିବରଣୀ ପାଠ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। +୨ ମହାବିଦ୍ୟାଳୟର ଅଧ୍ୟକ୍ଷ ସିଦ୍ଧାନାଥ ସାହୁ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଚାର୍ଯ୍ୟା କିରଣ କୁମାରୀ ପ୍ରଧାନ ଏବଂ କୃତୀ ପୁରାତନ ଛାତ୍ରୀ ସୋଫିଆ ପ୍ରଧାନ ଓ ଅନ୍ୟ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ସେମିରେ ଭୁବନେଶ୍ୱର, ଝାରସୁଗୁଡ଼ା



କିଶୋରନଗର,୨୩।୧୨(ସମିସ): ଆଠମଲ୍ଲିକ ବ୍ଲକ୍ ପତାକାଠାରେ ଚାଲିଥିବା ୧୪ ତମ ରାଜ୍ୟସ୍ତରୀୟ ଅଷ୍ଟକୀଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ପୁରୀ ଏବଂ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡ଼ା ୩-୦ ଗୋଲରେ ପୁରୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚର ପରିଚାଳନା ଦାୟିତ୍ୱରେ ଦିଲ୍ଲୀପ କୁମାର ରାଉତ ମୁଖ୍ୟ ରେଫରୀ ଭାବେ ଗରିବ ବେହେରା, ଲାଇନ୍ସ ମ୍ୟାନ ଭାବେ ଜିତେନ୍ଦ୍ର ପାତ୍ର, ପପୁନ ବେହେରା ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ଭାବେ ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଟିଟସ ମହାନନ୍ଦିଆ, ସୁଶାନ୍ତ ଦେହୁରୀ, କୃଷ୍ଣଚନ୍ଦ୍ର ସାହୁ, ଉପସ୍ଥିତ ରହି ଉଭୟ ଦଳର ଖେଳାଳିଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଫୁଲ୍ଲ କୁମାର ସାହୁ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଘୋଷଣା କରାଯାଇଛି। ଅଷ୍ଟକୀଳା କ୍ଲବ୍‌ର ଉପଦେଷ୍ଟା ବୁଦ୍ଧିମାନ ମେହେର, ସଭାପତି ବସନ୍ତ ଷଣ୍ଢ, କମିଟିର ସଭ୍ୟ ସୌରଭ ଦେହୁରୀ, ଅମୂଲ୍ୟ ପ୍ରଧାନ, ରାଜା ଭୁକ୍ତା, ଦଶରଥ ପ୍ରଧାନ, ଆକାଶ ଦେହୁରୀ, ଅଜତ ଦେହୁରୀ, କୁନା ଷଣ୍ଢ, ଟୁନା ଷଣ୍ଢ, ଯୋଗେନ୍ଦ୍ର ମାହାର, ପପୁନ ଲହରା, ଚିନ୍ମୟ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅନୁଗୋଳ ହେଲଥ୍ ପ୍ରିମିୟର୍ ଲିଗ୍: ଖମାର ସିଏଚ୍‌ସି ବିଜୟୀ



ଅନୁଗୋଳ,୨୩।୧୨(ସମିସ): ଅନୁଗୋଳ କଦମ୍ ପଡ଼ିଆଠାରେ ଅନୁଗୋଳ ହେଲଥ୍ ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପଡ଼ିଆରେ ୭ଟି ସିଏଚ୍‌ସି ଏବଂ ଡିଏଚ୍‌ଏଚ୍‌କୁ ନେଇ ଅନୁଗୋଳ ହେଲଥ୍ ପ୍ରିମିୟର୍ ଲିଗ୍ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କୁ ପଛରେ ପକାଇ କୋଶଳା ସିଏଚ୍‌ସି ଏବଂ ଖମାର ସିଏଚ୍‌ସି ଫାଇନାଲରେ ପହଞ୍ଚିଥିଲେ। ଅନୁଗୋଳ ହେଲଥ୍ ପ୍ରିମିୟର୍ ଲିଗ୍‌ରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗେ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଭାଗୀୟ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରଦର୍ଶନ ଏବଂ କ୍ରିକେଟ୍ ମାଧ୍ୟମରେ ଉପସ୍ଥାପନ କରିବାରେ ଯେଉଁ ନୂତନତ୍ୱ ଦେଖାଯାଇଛି।ସେଥିରୁ ସଚେତନତା ସୃଷ୍ଟି ସହ ସମୂହ ଭାବନା ଓ ଦଳୀୟ ସମନ୍ୱୟକୁ ମଧ୍ୟ ପ୍ରେରଣା ମିଳିବ। ଅନୁଗୋଳ ଜିଲ୍ଲାର ୮ ଟି ବ୍ଲକ୍‌ରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟାଳୟରୁ ଆସିଥିବା ଡାକ୍ତର, ପାରାମେଡିକାଲ କର୍ମଚାରୀ, ପ୍ରତିଷ୍ଠାନ ଶାଖାର କର୍ମଚାରୀ, ଟେକ୍ନିସିଆନ, କାର୍ଯ୍ୟକ୍ରମ ପରିଚାଳନା ବିଭାଗ ସମେତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରକାରର କ୍ରୀଡ଼ା ଓ ସ୍ୱାସ୍ଥ୍ୟ ସଚେତନତାର ସମନ୍ୱୟ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥି ଭାବେ ସିଡିଏମ୍‌ଓ ଡାକ୍ତର ମଦନ ମୋହନ ପ୍ରଧାନ, ଏଡିଏମ୍‌ଓ ଡାକ୍ତର ଦିଲ୍ଲୀପ ପଟ୍ଟନାୟକ, ଏଡିପିଏଚ୍‌ଓ ଡାକ୍ତର କୃଷ୍ଣଚନ୍ଦ୍ର ପାଲ୍, ଡିପିଏମ୍ ସୌମ୍ୟାରାଣୀ ଗଉଡ଼, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ଡାକ୍ତର ସତ୍ୟପ୍ରିୟା ସମ୍ବିତ୍, ନିରୁପମା ଦାସ, ଅନୁଗୋଳ କ୍ରିକେଟ ଆସୋସିଏସନ ସମ୍ପାଦକ ସାଗର ନାଥ ମିଶ୍ର ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଲିଗ୍‌ରେ ଖମାର ବିଜୟ ହାସଲ କରି ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲା। ଟୁର୍ଣ୍ଣାମେଣ୍ଟକୁ ବ୍ରତିନ କୁମାର ପ୍ରଧାନ, ସତ୍ୟରଞ୍ଜନ ଚାନ୍ଦ, ସୁମିତ୍ କୁମାର ବିଶ୍ୱାଳ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟରେ ଛାତ୍ରଙ୍କ କୃତିତ୍ୱ



ନୂଆପଡା,୨୩।୧୨(ସମିସ): ନୂଆପଡାସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ର ପ୍ରଭାତ କୁମାର ଦାଶ ଗତ ୨୦୨୪/୨୫ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ରାଜ୍ୟସ୍ତରରେ ସର୍ବୋଚ୍ଚ ନମ୍ବର ରଖି ପାସ କରି ରେକର୍ଡ କରିଥିବାରୁ ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏସସିଏସଟି ପ୍ରଦର୍ଶନୀ ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଭାତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ନୂତନ ଆଇଆଇସିଙ୍କ ଯୋଗଦାନ



କୋକସରା,୨୩।୧୨(ସମିସ):କଳାହାଣ୍ଡି ଜିଲ୍ଲା କୋକସରା ଥାନାରେ ନୂତନ ଥାନା ଅଧିକାରୀ ଭାବେ ସୁଜ୍ଞାନ କୁମାର ବାରିକ ଯୋଗ ଦେଇଛନ୍ତି। ସେ ପୂର୍ବରୁ ବଲାଙ୍ଗିର ଜିଲ୍ଲା ଲୁହିସିଙ୍ଗା ଥାନାରେ ରହିଥିଲେ। ଆଇଆଇସି ଶ୍ରୀବାରିକ ଥାନାରେ ଯୋଗ ଦେବାପରେ ଆଇନ ଶୃଙ୍ଖଳା, ଅପରାଧୀଙ୍କ କାର୍ଯ୍ୟକଳାପ ନିୟନ୍ତ୍ରଣ, ଜନ ସାଧାରଣରଙ୍କ ସହିତ ସୁସମ୍ପର୍କ ରଖି କାର୍ଯ୍ୟ କରିବା ଆଦି ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ମତ ରଖିଛନ୍ତି।

## ବିଭିନ୍ନ ଦାବି ସଂପର୍କରେ ଜିଲ୍ଲାପାଳଙ୍କ ସହ ପୂର୍ବତନ ମନ୍ତ୍ରୀଙ୍କ ଆଲୋଚନା



ଲାଞ୍ଜିଗଡ଼,୨୩।୧୨(ସମିସ):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ୮ଟି ଦାବି ନେଇ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ଦାବିପତ୍ର ଦେବା ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ। ଶ୍ରୀ ମାଝୀଙ୍କ ଦାବିପତ୍ରରେ ଲାଞ୍ଜିଗଡ଼ ବ୍ଲକରେ ୨୬ଟି ପଞ୍ଚାୟତରେ ୪୭୨ଟି ଗାଁ ରହିଛି ତେଣୁ ଆଉ ଏକ ନୂତନ ବ୍ଲକ୍ ଆବଶ୍ୟକ। ରାଜ୍ୟ ସରକାର ତରଫରୁ ଉଚ୍ଚ ଶିକ୍ଷା ପ୍ରସାର ନିଷ୍ପତ୍ତି ନେଇଛନ୍ତି ତାହା ବେନଗାଁ ଓ କମର୍ଦ୍ଧା ଠାରେ +୨ ମହାବିଦ୍ୟାଳୟ ନିର୍ମାଣ କରାଯାଉ। ପାରିପାର୍ଶ୍ୱିକ ଉନ୍ନତି ବେଦାନ୍ତ କମ୍ପାନୀ ଅଗ୍ରସର କଲା ଏଥିରେ ବାହାର ପିଲାଙ୍କୁ ଭର୍ତ୍ତି କଲା ହେଲେ ଦକ୍ଷତା ଓ ଅଣଦକ୍ଷତା ଛାତ୍ରଛାତ୍ରୀଙ୍କୁ କୌଣସି ନିଯୁକ୍ତି ମିଳୁନାହିଁ। ବେଦାନ୍ତ କମ୍ପାନୀରେ ସିଏସଆର୍ ଫଣ୍ଡରୁ ବିଶ୍ୱନାଥପୁର ଅର୍ଦ୍ଧନିର୍ମିତ ଜଗନ୍ନାଥ ମନ୍ଦିର ଏବଂ ଷ୍ଟ୍ରିଟ୍ ଲାଇଟ୍ ମାର୍କେଟ ଓ ପ୍ରତ୍ୟେକ ପଡ଼ାରେ ବ୍ୟବସ୍ଥା କରାଯାଉ। କପାଗୁଡ଼ା, ବସନ୍ତପଡ଼ା କିନାରି, ଜଗନ୍ନାଥପୁର, ବଣ୍ଡେଲ,ଚଣାଲିମା, ଛତ୍ରପୁର,କୋଟଦୁଆର,କେନ୍ଦୁପଡ଼ା ପ୍ରମୁଖ ଗାଁ ଗୁଡିକୁ ଉଚ୍ଛେଦ କରାଯାଉ। ବିଶ୍ୱନାଥପୁର ଠାରୁ ମୁଷାନଳ ପର୍ଯ୍ୟନ୍ତ ଆରଡି ରାସ୍ତାକୁ ପୂର୍ତ୍ତ ବିଭାଗ ରାସ୍ତାରେ ସାମିଲ କରି ହାତୀଶାଳ ଘାଟିକୁ ପ୍ରଶସ୍ତିକରଣ କରାଯାଉ। ଲାଞ୍ଜିଗଡ଼ ବ୍ଲକ୍‌ର ଚାଷୀଙ୍କ ଧାନ ଓ କପା ମଣ୍ଡିରେ ଉଚିତ ମୂଲ୍ୟ ଦିଆଯାଉ ଏବଂ କଟ୍‌ନି ଛଟ୍‌ନି ବନ୍ଦ କରାଯାଉ। ପଞ୍ଚାୟତ ଗୁଡ଼ିକ ପୁନର୍ଗଠନ ପାଇଁ ସରକାରଙ୍କ ନିଷ୍ପତ୍ତି ଅଛି କିଛି ଯାଗାରେ ନୂତନ ପଞ୍ଚାୟତ ନିର୍ମାଣ କରାଯାଉ। ବିଶ୍ୱନାଥପୁରରେ ଥିବା ଟିଡିସିସି ଜାଗାକୁ ଚିହ୍ନଟ କରାଯାଉ ବହୁବର୍ଷ ହେବ ଏହି ଜାଗାରେ ଅନେକ ଲୋକ ଜବରଦଖଲ କରିଛନ୍ତି ଏହି ସ୍ଥାନରେ ପେଟ୍ରୋଲ ପମ୍ପ ଏବଂ ଦୋକାନ ଗୃହ ଟିଡିସିସି ଦ୍ୱାରା ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ଦେବା ବେଳେ ଶ୍ରୀ ମାଝୀଙ୍କ ସହିତ ସମାଜସେବୀ ଗୋବିନ୍ଦ ପ୍ରଧାନୀ ଉପସ୍ଥିତ ଥିଲେ।

### ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

# ଧାନ ସଂଗ୍ରହ ଅବ୍ୟବସ୍ଥା ନେଇ ଗର୍ଜିଲା କଂଗ୍ରେସ

ଭବାନୀପାଟଣା,୨୩।୧୨(ସମିସ)

କଳାହାଣ୍ଡି ଜିଲାରେ ମଣ୍ଡି ଖୋଲିବାର ଇତିମଧ୍ୟରେ ୨୫ ଦିନ ବିତି ଯାଇଥିଲେ ମଧ୍ୟ ଏବେ ବି ଅଧିକାଂଶ ମଣ୍ଡିରେ ଅଚଳାବସ୍ଥା ଜାରି ରହିଛି। ମଣ୍ଡିରୁ ଧାନ ଉଠୁନଥିବା ବେଳେ ହାଡ଼ ଭଙ୍ଗା ଶୀତ କାକରରେ ମଣ୍ଡିରେ ଧାନ ରଖି ବିକ୍ରି ଆଶାରେ ଜଗି ବସିଛି ଚାଷୀ। ଯାହାକୁ ନେଇଁ ଚାଷୀ ମହଲରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି।ଏପରି ଅ?ୟ?ସ୍ଥାକୁ ନେଇଁ ମଙ୍ଗଳବାର କଳାହାଣ୍ଡି କଂଗ୍ରେସ ପକ୍ଷରୁ ଭବାନୀପାଟଣାସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦିଆଯାଇଛି। ସେହିପରି କଟ୍‌ନୀ ଛଟ୍‌ନୀକୁ ନେଇ ମଧ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ରାଜ୍ୟ ସରକାର ଉପରେ ବର୍ଷିଥିଲେ। ଏହାପୂର୍ବରୁ ଶତାଧିକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱରେ ବିକ୍ଷୋଭ ସଭାରେ ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଜିଲ୍ଲା ଉପସଭାପତି ଧନୁର୍ଦ୍ଧର ଗହୀର,ଉଛବ ସାହୁ,ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ,ମାର୍ଜିନା ପ୍ରଧାନ,ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ ମହାକୁଡ଼, ସୁବାଷ ପ୍ରଧାନ, ଦେବାନନ୍ଦ ଯୋଶୀ, ସୁକାନ୍ତ ବିଶି,ସରୋଜ ବାଗ, ଲବ ମଙ୍ଗରାଜ, ସଚିନ ନାଏକ, ବିନୋଦ ସାହୁ, ସୁଦର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




## ମହାଲିଙ୍ଗ ପାକ୍ସରୁ ଉଠୁନି ଧାନ: ୭ ହଜାର ବସ୍ତା ଧାନ ପଡ଼ିଛି

ଗୋଲାମୁଣ୍ଡା: କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ମହାଲିଙ୍ଗ ପାକ୍ସରୁ ଧାନ ଉଠୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ସୂଚନାରୁ ପ୍ରକାଶ ମଣ୍ଡି ଆରମ୍ଭ ହେଲା ଦିନ ଠାରୁ ୭ ଶହ କୁଇଣ୍ଟାଲ ଧାନ ଉଠି ଥିବା ବେଳେ ବର୍ତ୍ତମାନ ୭ ହଜାର ଧାନ ବସ୍ତା ପଡ଼ିରହିଥିବା ଜଣାପଡିଛି। ମିଲର୍ସମାନଙ୍କର ଅବହେଳା ଯୋଗୁଁ ଧାନ ଉଠୁ ନ ଥିବା ଚାଷୀଙ୍କ ଠାରୁ ପ୍ରକାଶ ପାଇଛି। ଏପଟେ ସରକାର ଠିକଠାକ ଚାଲିଥିବା କହୁଥିବା ବେଳେ ମଣ୍ଡିରେ ସାତ ହଜାର ବସ୍ତା ପଡିରହିଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ଏ ନେଇ ମହାଲିଙ୍ଗ ପାକ୍ସ ସଭାପତି ରାଜେଶ ଅଗ୍ରୱାଲ ଓ ସମ୍ପାଦକ ମୁକେଶ ତାଣ୍ଡିଙ୍କୁ ପଚାରିବା ପରେ ମଣ୍ଡି ଆରମ୍ଭ ହେଲା ଦିନ ଠାରୁ ସମୁଦାୟ ୭ ଶହ କୁଇଣ୍ଟାଲ ଧାନ ଉଠିଛି। ବର୍ତ୍ତମାନ ୭ ହଜାର ବସ୍ତା ଧାନ ପଡ଼ିରହିଛି। ମିଲର୍ସଙ୍କ ଅବହେଳା ଯୋଗୁଁ ଧାନ ଉଠି ପାରୁ ନାହିଁ ବୋଲି ପ୍ରକାଶ କରିଛନ୍ତି।କଳାହାଣ୍ଡି ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ମଣ୍ଡିରୁ ଧାନ ଉଠାଇବାକୁ ସ୍ଥାନୀୟ ଚାଷୀ ଘାସିରାମ ରଣା,ହାକିମ ଚନ୍ଦ୍ର ସିଂହ,ରୋମାଞ୍ଚଲ ପୁଟେଲ, ପ୍ରସାଦ ପୁଟେଲ, ଲିଙ୍ଗରାଜ ଭୋଇ, ତ୍ରିଭୁବନ ପୁଟେଲ, ରୋମାଞ୍ଚଲ ସାହୁ ପ୍ରମୁଖ ଦାବି କରିଛନ୍ତି।



## ପାକେଲପଡ଼ା କପ୍ ଫୁଟବଲ୍;ଟକର୍ଲା ଚାମ୍ପିଅନ



ମ.ରାମପୁର,୨୩।୧୨(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଶ୍ରୀବିନାୟକ ୟୁଥ୍ କ୍ଲବ ପକ୍ଷରୁ ପାକେଲପଡ଼ା କପ୍ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି।ଟକର୍ଲା ଓ ମୁଡିଙ୍ଗ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଟକର୍ଲା ଦଳ ୧-୦ଗୋଲରେ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ତୁଣ୍ଡଲା ସରପଞ୍ଚ ସରୋଜ ସେଠ୍, ମୁଡିଙ୍ଗ ସରପଞ୍ଚ ରାଜକିଶୋର ମାଝୀ, ମେରା ଯୁବ ଭାରତ କଳାହାଣ୍ଡିର ଜିଲ୍ଲା ସଂଯୋଜକ ପ୍ରସନ୍ନ ମେହେର,ମେରା ଯୁବ ଭାରତ କଳାହାଣ୍ଡିର ଜିଲ୍ଲା ଆକାଉଣ୍ଟାଣ୍ଟ ଦୂତୀଆ ବନଛୋର, ଅବସପ୍ରାପ୍ତ ଶିକ୍ଷକ ବାବୁଲାଲ କୁମାର,ସ୍ୱେଚ୍ଛାସେବୀ ହେମାଗର ସା, ପ୍ରକୃତିବନ୍ଧୁ ସନତ କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଫୁଟବଲ ମ୍ୟାଚ୍‌ର ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ଅର୍ଥ ମଧ୍ୟ ପ୍ରଦାନ କରିଥିଲେ। ତେବେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ମୋ ଭାରତ କଳାହାଣ୍ଡି ଶାଖା ସହାୟତାରେ ଗତ ସୋମବାର ଠାରୁ ଶ୍ରୀ ବିନାୟକ ୟୁଥ୍ କ୍ଲବ ଦ୍ୱାରା ବିଭିନ୍ନ ଖେଳ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ମୁଖ୍ୟ ରେଫରୀ ଲବ ସୁନାନି,ସହାୟକ ରେଫରି ଦିନେଶ କୁମାର, ବିନୋଦ ହେଣ୍ଡା,ପିଙ୍କୁ ଚନ୍ଦନ ଦାଇତ୍ୱ ତୁଲାଇଥିଲେ।ଶ୍ରୀବିନାୟକ ୟୁଥ୍ କ୍ଲବ ସଭାପତି ଯଶୋବନ୍ତ ଗହିର,ସମ୍ପାଦକ ଲକ୍ଷାପତି ଭୋଇ,ସର୍ଜନ ବଗର୍ତ୍ତୀ,ବିଦ୍ୟାଧର ଭୋଇ,ବାଞ୍ଛା ଭୋଇ,ସର୍ଜନ ଜାନୀ,ମାଧବ ବଗର୍ତ୍ତୀ,ମୁକେଶ ନାଗ,ଇଶ୍ୱର ଜାନୀଙ୍କ ସମେତଅନୁଷ୍ଠାନରସମସ୍ତକର୍ମକର୍ତ୍ତାସହଯୋଗକରିଥିଲେ।

## ଆଚାର୍ଯ୍ୟ ବର୍ଗ ଏବଂ ସୈନିକ ସମ୍ମାନ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଗୋଲାମୁଣ୍ଡା,୨୩।୧୨(ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ବନବନ୍ଧୁ ପରିଷଦ ଏକଲ ବିଦ୍ୟାଳୟ ଅଭିଯାନ ପ୍ରେରଣାରେ ୧୪ ତାରିଖରୁ ଆୟୋଜିତ ଆଚାର୍ଯ୍ୟ ବର୍ଗ ଏବଂ ସୈନିକ ସମ୍ମାନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନି ଦିବସରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ,ସମ୍ମାନିତ ଅତିଥି ଭାବେ ସ୍ୱାମୀ ସତ୍ୟ ସୌରୁପାନନ୍ଦ ସରସ୍ୱତୀ,ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଅଞ୍ଚଳ ସଭାପତି ସୁଶ୍ରୀ ସବିତା ପଟ୍ଟନାୟକ,ଗୋଲାମୁଣ୍ଡା ସଂଘ ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲା, ସଂଘ ପ୍ରମୁଖ ଧନୁର୍ଯ୍ୟ ବନ୍ଦିଛୋଡ ଅଞ୍ଚଳ ପ୍ରମୁଖ ବିଷ୍ଣୁ ଭାଇ ସମେତ ସମସ୍ତ ସଭ୍ୟ ତଥା ଗଗନ ମୁଣ୍ଡ, ହୃଦାନନ୍ଦ ସା, କୃଷ୍ଣ ମୁଣ୍ଡ,ଅମର ନାଏକ, ପ୍ରଦିପ ପଣ୍ଡା, ବ୍ରହ୍ମା ପ୍ରସାଦ କାଣ୍ଡ ଗଂଗାଧର ମୁଣ୍ଡ,ସୁରେନ୍ଦ୍ର ମୁଣ୍ଡ,ଜଳନ୍ଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ ସମ୍ମାନିତ ଅବସରପ୍ରାପ୍ତ ସୈନିକଙ୍କ ସୈନିକଙ୍କୁ ନେଇ ଦେଶଭକ୍ତି ତଥା ଦେଶ ସେବାର ମହତ୍ୱ, ସୈନିକଙ୍କ ଦେଶସେବା ବଳିଦାନ ଗୁଡ଼ିକ ଆଜିର ଯୁବପିଢିଙ୍କ ଉଦେଶ୍ୟରେ ପ୍ରେରଣା ଉତ୍ସ ପାଲଟିବା ପାଇଁ କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ବିଜୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ପଦଯାତ୍ରା ମାଧ୍ୟମରେ ସମସ୍ତ ସୈନିକ ଏବଂ ଦୁଇ ଜଣ ସଫଳ ଚାଷୀଙ୍କୁ ପାଛୋଟି ଅଣାଯାଇଥିଲା। ଅତିଥିଙ୍କ ଦ୍ୱାରା ଦୁଇଜଣ କୃଷକ ଏବଂ ସମସ୍ତ ପ୍ରାକ୍ତନ ସୈନିକଙ୍କୁ ସମ୍ମାନିତ କରାଯାଇଥିଲା। ମଧ୍ୟରେ ତୁଳସୀରାମ ମାଝୀ,ଜଗଦୀଶ ମଙ୍ଗରାଜ, ଗଣେଶ ଚନ୍ଦ୍ର ରାଉତ, ବିଶ୍ୱାମିତ୍ର ବିଶି ,ବିପିନ ବିହାରୀ ରାଉତ, ଅକ୍ଷୟ କୁମାର ପଣ୍ଡା, ନବଘନ ସାହୁ, କରୁଣାକର ମୁଣ୍ଡ,ନିଲାମ୍ବର ବାରିକ, କୃପାସିନ୍ଧୁ ସାହୁ, ପ୍ରଦୀପ ରାଉତ,ପ୍ରଶନ୍ନ ଯୋଶୀ, ସଫଳ ଚାଷୀ କୃଷ୍ଣ ଚନ୍ଦ୍ର ନାଗ ଏବଂ ବିଶ୍ୱାନାଥ ନାଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁଶ୍ରୀ ସବିତା ପଟ୍ଟନାୟକ ଉପସ୍ଥାପନ କରିଥିବା ବେଳେ ଗଙ୍ଗା ବିଷ୍ଣୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଇନ୍ଦୁ ଭୂଷଣ ରାଉତ ଏବଂ ଗଜିନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିଲେ।

## ୭ରୁ କୋକସରା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ

କୋକସରା,୨୩।୧୨(ସମିସ):କୋକସରା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ଆସନ୍ତା ଜାନୁଆରୀ ୭, ୮ ଓ ୯ ତାରିଖ ୩ ଦିନ ଧରି ହେବାକୁ ଯାଉଛି। ଏଥିପାଇଁ ଯୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। କୋକସରା ବ୍ଲକ୍ ସ୍ତରୀୟ କଳାହାଣ୍ଡି ଉତ୍ସବରେ ପ୍ରତିବର୍ଷ ବ୍ଲକ୍ ପ୍ରଶାସନ ଓ କଳାହାଣ୍ଡି ଉତ୍ସବ କମିଟି ଅଞ୍ଚଳର ବିଭିନ୍ନ ମନ୍ଦିର, ପର୍ଯ୍ୟଟନସ୍ଥଳୀ, କଳାହାଣ୍ଡି ସଂସ୍କୃତି ସହିତ ଜଡ଼ିତ ଥିବା ବିଭିନ୍ନ ଜିନିଷକୁ ନେଇ ମଞ୍ଚ ତିଆରି କରିଥାନ୍ତି। ଗତବର୍ଷ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣୀକେଶ୍ୱରୀଙ୍କ ମନ୍ଦିର ଓ କଳାହାଣ୍ଡି ରାଜ ଦରବାର ଆକୃତିର ମଣ୍ଡପ ତିଆରି ହୋଇଥିଲା। ଯାହା ବେଶ ଆକର୍ଷଣ ସାଜିଥିବା ବେଳେ ସାରା ରାଜ୍ୟରେ ଚର୍ଚ୍ଚାର ପରିସରକୁ ଆସିଥିଲା। ସେହିପରି ଚଳିତବର୍ଷ ଗୁଡ଼ହାଣ୍ଡି ମଞ୍ଚରେ ଗୁର୍ଜିମୁଣ୍ଡା ସ୍ଥିତ ଯୋଗମାୟା ପୀଠ ମନ୍ଦିର ଆକୃତିର ମଣ୍ଡପ ତିଆରି କରିବା ନେଇ ଯୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ମଞ୍ଚକୁ ଜୟପାଟଣା ବ୍ଲକ୍ ବଡ଼ କର୍ଲାକୋଟର ଜଣାଶୁଣା କାରିଗର ଉପେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ ପୂର୍ଣ୍ଣଚନ୍ଦ୍ର ମାଝୀ, ଗିରୀ ନାଏକ, ରୋହିତ ନାଗ, ଜୟମନ ପଟେଲ, ରମେଶ ନାଏକ ଓ ତାଙ୍କ ଟିମ୍ ଲାଗି ପଡିଛନ୍ତି। ଏଥର ମଞ୍ଚ ମଧ୍ୟ ବେଶ୍ ଆକର୍ଷଣୀୟ ହେବ ବୋଲି ଆଶା କରାଯାଉଛି। କୋକସରା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବରେ ପ୍ରତିବର୍ଷ କଳାହାଣ୍ଡି ସହିତ ଜଡ଼ିତ ଥିବା ବିଭିନ୍ନ କାରୁକାର୍ଯ୍ୟ ହେଉଥିବାରୁ ଲୋକେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି।



ଶୋଭା ବଢ଼ାଇବ ଯୋଗମାୟା ପୀଠ ମଣ୍ଡପ

## ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ ପ୍ରତିଷ୍ଠା ଉତ୍ସବ | ବିନା କଷ୍ଟରେ ସଫଳତା ମିଳେ ନାହିଁ

କେସିଙ୍ଗା,୨୩।୧୨(ସମିସ):କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ପୂରାତନ ଶିକ୍ଷାନୁଷ୍ଠାନ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ ପୂରଣ କରିଛି ୪୨ ବର୍ଷ। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠା ଉତ୍ସବରେ ପ୍ରଥମ ଦିନରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଓ ଅଞ୍ଚଳର ବରିଷ୍ଠ ଉଦ୍ୟୋଗପତି ରାମ ଅବତାର ବଂଶଲ୍ ପ୍ରମୁଖ ଯୋଗ ଦେଇଥିଲେ।ସୋମବାର ଉଦ୍‌ଯାପନୀ ଉତ୍ସବରେ ୱାଇବିପିଏସ ବିଦ୍ୟାଳୟ ପରିସରରେ ୪୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବରେ ସିବିଏସଇର ଜଏଣ୍ଟ ଡ଼ାଇରେକ୍ଟର ଏଚ ପି ମୋର୍ଯ୍ୟା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଭିଭାବକ ଓ ଶିକ୍ଷକମାନେ ସଠିକ୍ ମାର୍ଗ ଦେଖାଇ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀ ଯୋଗ ଦେଇ ବିନା କଷ୍ଟରେ ସଫଳତା ମିଳେ ନାହିଁ ଛାତ୍ରଛାତ୍ରୀଙ୍କୁ ପାଠ ପଢା ରେ କଠିନ ପରିଶ୍ରମ କରିବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲର ଚେୟାରମ୍ୟାନ ରାମ କୁମାର ଜୈନ, ସ୍କୁଲର ସଭାପତି କମଲ ଜୈନ ସମ୍ପାଦକ ପୃଥ୍ୱି ଜୈନ ଓ ବିଦ୍ୟାଳୟର ପ୍ରିନ୍ସିପାଲ ଦୀପ୍ତିରାଣୀ ସିଂ ପ୍ରମୁଖ ମଞ୍ଚାସିନ ଥିଲେ।ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ଏଲନିଶି ମିଶନ ସ୍କୁଲର ବାର୍ଷିକ ଉତ୍ସବ

ଧର୍ମଗଡ,୨୩।୧୨(ସମିସ): ଧର୍ମଗଡ କୁଟୁରୁଜିଓନ ନଗର ଠାରେ ଥିବା ଏଲନିଶି ମିଶନ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ କେଜୟ କୁଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ନଗରପାଳ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସେବା ସମିତି ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ସାମ୍ବାଦିକ ବୈଦ୍ୟନାଥ ବେହେରା,ବିରଞ୍ଚି ନାରାୟଣ ଜାଲ,ଅଂଶୁମାନ ପାତ୍ର ଓ ଉମେଶ ଚନ୍ଦ୍ର ଦୁରିଆ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶିକା ସରମା ଜୟ କୁଟି ଓ ପରିଚାଳିକା ପରଶିସ ସାରା ବିନିଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରିନ୍ସିପଲ୍ ସୁହିତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରି ଥିଲେ। ଶିକ୍ଷକ ଅସିତ୍ ଦିଗାଲ ଏବଂ ଉତ୍ତମ ବାଗ ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ର ସଂୟଶୁ ସାହୁ ଏବଂ ଅଂଶ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ସଞ୍ଚାଳନ ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀ ସହାୟତା କରିଥିଲେ।




## ଭାରତୀୟ ସମାଜରେ ନାରୀ ଶୀର୍ଷକ ଆଲୋଚନାଚକ୍ର

ଧର୍ମଗଡ଼,୨୩।୧୨(ସମିସ):ଧର୍ମଗଡସ୍ଥିତ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ମିଳିତ ବିଭାଗର ଆନୁକୂଲ୍ୟରେ ଦୁଇ ଦିନ ଧରି ସାମ୍ପ୍ରତକି ଭାରତୀୟ ସମାଜରେ ନାରୀ ଶୀର୍ଷକକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଭାଗର ମୁଖ୍ୟ ତଥା ଅଧ୍ୟକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା ,ଓଡ଼ିଆ ବିଭାଗ ମୁଖ୍ୟ ଜୟନ୍ତୀ କୁମାରୀ ମୁଦୁଲୀ, ଇଂରାଜୀ ବିଭାଗ ମୁଖ୍ୟ ସରୋଜ କୁମାର ମେହେର, ଇତିହାସ ବିଭାଗ ଅଧ୍ୟାପିକା କୁମାରୀ ଲୁସି ଗଡଡ଼, ଗୃହ ବିଜ୍ଞାନ ବିଭାଗର ମୁଖ୍ୟ କୁମାରୀ ଅର୍ଚ୍ଚନା ଗୁଛି ଏବଂ ଝରଣା ପଧାନୀ ମଞ୍ଚାସିନ ଥିଲେ।ଓଡ଼ିଆ ବିଭାଗରଛାତ୍ରୀ ଘନସ୍ମିତା ମାଝୀ,ସଂଚିତା ଶର୍ମା,ଅର୍ଚ୍ଚନା ମହାରଣା ଇଂରାଜୀ ବିଭାଗର ରୁବିଶ୍ରୁତା ଟୋଲଟିଆ,ରାଜନୀତି ବିଜ୍ଞାନର ପ୍ରଗତୀ ସାହୁ, ଲକ୍ଷ୍ମୀସୂତା ମେହେର, ଇତିହାସ ବିଭାଗର ହିମାଦ୍ରୀ ମହାନନ୍ଦ, ରଞ୍ଜିତା ନାଗ,ଗୃହ ବିଜ୍ଞାନର ବର୍ଷା ମଙ୍ଗରାଜ,କୁରଙ୍ଗିନୀ ମାଝୀ, ରୋଜାଲିନ ଚିହ୍ନାରା, ଲକ୍ଷପତି ନାଏକ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଓଡିଆ ବିଭାଗର ଛାତ୍ରୀ ସ୍ୱପ୍ନା ମେହେର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଜୟଦ୍ରଥ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।




### ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ବାତିଲ ପରେ ହେଉନି ପୁନଃ ଟେଣ୍ଡର



ଭବାନୀପାଟଣା,୨୩।୧୨(ସମିସ): ମାସିକ ୪୮ଲକ୍ଷ ଦେଇ ସହରକୁ ସଫା ସୁତୁରା କରୁଥିଲେ ହେଲେ ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା ଭବାନୀପାଟଣା ସହରର ପରିମଳ ବ୍ୟବସ୍ଥା।ବାରମ୍ବାର ଅଭିଯୋଗ ପରେ ଭବାନୀପାଟଣା ପୌରପରିଷଦ ଏ ନେଇ ପୂର୍ବରୁ ଚୁକ୍ତି କରିଥିବା କଟକର ଚନ୍ଦନ ସିକ୍ୟୁରିଟି ଏଜେନ୍ସିକୁ ଚିଠି ନମ୍ବର ୩୮୮୭ ତା୪.୧୨.୨୫ରେ ଚୁକ୍ତି ବାତିଲ କରି ନୂତନ କୌଣସି ସଂସ୍ଥାକୁ ଦାୟିତ୍ୱ ଦେବାପାଇଁ କାଉନସିଲରେ ମତ ପ୍ରକାଶ ପାଇଥିଲା। କିନ୍ତୁ ଦୀର୍ଘ ଦିନ ହେଲା କୌଣସି ନୂତନ ସଂସ୍ଥାକୁ ଅଦ୍ୟାବଧି ସହରର ପରିମଳ ସଫେଇ ଦାଇତ୍ୱ ଦିଆଯାଇ ନଥିବାରୁ ଭବାନୀପାଟଣା ସହରରେ ପରିମଳ ବ୍ୟବସ୍ଥା ଭୁଶୁଡି ପଡିଛି। ଭବାନୀପାଟଣା ସହରର ୨୦ଟି ୱାର୍ଡ ସଫେଇ ପାଇଁ ମାସିକ ୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପୂର୍ବରୁ ଚୁକ୍ତି କରିଥିବା ଚନ୍ଦନ ସିକୁରିଟି ଆଖିଦୃଶିଆ ସଫେଇ କାର୍ଯ୍ୟ କରୁନଥିବା ବେଳେ ଚୁକ୍ତି ବାତିଲ ପରେ ଅଦ୍ୟାବଧି ନୂତନ ଟେଣ୍ଡର ହୋଇନାହିଁ। ଯାହକୁ ନେଇ ସଫେଇ କର୍ମଚାରୀମାନେ ଚଳିତ ମାସର ଦରମା ପାଇବେ କି ନାଇଁ ସେନେଇ ଦ୍ୱନ୍ଦରେ ଥିବା ଯୋଗୁଁ ସହରରେ ଆହୁରି ପରିମଳ ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇପଡିଛି। ଦୀର୍ଘ ଦିନ ଧରି ନାଳ ନର୍ଦ୍ଦମା ସଫା ହୋଇନଥିବା ବେଳେ ସହରର ସବୁଆଡେ କୁଢ଼ କୁଢ଼ ଆବର୍ଜନା ପଡିରହୁଛି। ତୁରନ୍ତ ଟେଣ୍ଡର କରି ନୂତନ ସଂସ୍ଥାକୁ ସଫେଇ ଦାୟିତ୍ୱ ଦେବା ପାଇଁ ସହରବାସୀ ଦାବି କରିଛନ୍ତି।

## ଗୋଷ୍ଠୀ ଜଙ୍ଗଲ ପରିଚାଳନା ସମ୍ବନ୍ଧୀୟ କର୍ମଶାଳା




ନୂଆପଡା,୨୩।୧୨(ସମିସ):ନୂଆପଡ଼ା ଜିଲ୍ଲା ପଞ୍ଚାୟତ ସାଧନା କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଗୋଷ୍ଠୀ ଜଙ୍ଗଲ ପରିଚାଳନା ସମ୍ପର୍କୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।କର୍ମଶାଳାକୁ ୟାର ଅନୁଷ୍ଠାନ ଖଡ଼ିଆଳ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଆୟୋଜନର ମୁଖ୍ୟଲକ୍ଷ୍ୟ ଥିଲା ନୂଆପଡ଼ା ଜିଲ୍ଲାର ଦିଆଯାଇଥିବା ସମସ୍ତ ଗ୍ରାମକୁ ଗୋଷ୍ଠୀ ସମ୍ବଳ ଅଧିକାରର ସୁପରିଚାଳନା ନିମନ୍ତେ କମିଟି ଗଠନ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ଅନୁମୋଦନ ସମ୍ପର୍କରେ ଜଙ୍ଗଲ ଅଧିକାରଆଇନଅନୁଯାୟୀ ୨୦୦୬ଆଇନର ମାର୍ଗଦର୍ଶିକା ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ୫ଟି ତହସିଲ କାର୍ଯ୍ୟାଳୟର ତହସିଲଦାର,ଅତିରିକ୍ତ ତହସିଲଦାର,ବ୍ଲକ୍ ମଙ୍ଗଳ ଅଧିକାରୀ,ସେଲ ସଂଯୋଜକ,ଉପଖଣ୍ଡ ସ୍ତରୀୟ ସଦସ୍ୟ/ସଦସ୍ୟା,ଜଙ୍ଗଲ ବିଭାଗର ଏସିଏଫ ତଥା ୟାର ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ୟାର ଅନୁଷ୍ଠାନର ସମ୍ପାଦକ ହରିଦାସ ପଟେଲ କର୍ମଶାଳାର ଲକ୍ଷ୍ୟ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ତାଲିମ ଦାତା ଭାବରେ ଏଫଇଏସ ଭୁବନେଶ୍ୱର ପ୍ରଦୀପ ମହାରଣା ଯୋଗ ଦେଇଥିଲେ। ଶେଷରେ ୟାର ସଭାପତି ମହେନ୍ଦ୍ର କୁମାର ଯୋଶୀ ଧନ୍ୟବାଦ ଦେଇଥିଲେ।ଅନୁଷ୍ଠାନର ଅରୁଣ ବିଶ୍ୱାଳ କାର୍ଯ୍ୟକ୍ରମକୁ ମୁଖ୍ୟ ଆୟୋଜନର ସହାୟତା କରିଥିଲେ।

## ଶୋଚନୀୟ ରାଉରକେଲା-ବନ୍ଧମୁଣ୍ଡା ରାସ୍ତା

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବଡ଼ ଗର୍ତ୍ତ

ରାଉରକେଲା, ୨୩।୧୨(ସମିସ)



ରାଉରକେଲା ବନ୍ଧମୁଣ୍ଡା ରାସ୍ତା ବର୍ତ୍ତମାନ ଶୋଚନୀୟ ଅବସ୍ଥାରେ ରହିଛି। ଫଳରେ ପଥଚାରୀ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବିଶ୍ରା ଛକ ଠାରୁ ପ୍ରାୟ ୫୦୦ ମିଟର ଦୂରରେ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତା ଉପରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଯାହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଗର୍ତ୍ତ ଯୋଗୁଁ ରାସ୍ତାରେ ସିଧାସଳଖ ଯାତାୟାତ ପ୍ରଭାବିତ ହେଉଛି। ଗର୍ତ୍ତ ଗୁଡ଼ିକରେ ଅପରିଷ୍କାର ପାଣି ଜମି ରହିବା ଫଳରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ବିଶେଷ କରି ସକାଳ ଏବଂ ସନ୍ଧ୍ୟା ସମୟରେ ପାଣି ଜମିବା ଯୋଗୁଁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ବାରମ୍ବାର ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜର ରହିଛି। ଦୁଇ ଚକିଆ ଏବଂ ଛୋଟ ଯାନ ସବୁଠାରୁ ଅଧିକ ପ୍ରଭାବିତ ହେଉଛି। ଭାରି ଯାନ ଗୁଡ଼ିକର ମଧ୍ୟ ଯାତାୟାତ ପ୍ରଭାବିତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆରଏସପି ଅଧୀନରେ ଥିଲା। ପରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଜାତୀୟ ରାଜପଥ ୩୨୦ଡି ବନ୍ଧମୁଣ୍ଡା ଦେଇ ସଂଯୋଗ ହେବା ପରେ ରକ୍ଷଣାବେକ୍ଷଣ ଦାୟିତ୍ୱ ଏନଏଚ ଅଧୀନକୁ ଆସିଥିଲା। ହେଲେ ବର୍ତ୍ତମାନ ସମ୍ପୃକ୍ତ ବିଭାଗ ରାସ୍ତାର ମରାମତି ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅବହେଳା କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ସ୍ଥାନୀୟ ବାସିନ୍ଦା ଏବଂ ପଥଚାରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରି ରାସ୍ତାର ସୁଧାର ଆଣିବାକୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଦୁର୍ଘଟଣା ଆଶଙ୍କା ଅଧିକ ଥିବା ମତ ପ୍ରକାଶ ପାଇଛି।

## ଟିକିଟିଆ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ

# 'ସଂସ୍କୃତି, ପରମ୍ପରା ଓ ବିଚାରଧାରା ଶିଶୁଙ୍କ ଭବିଷ୍ୟତ ଗଠନର ମୂଳମନ୍ତ୍ର'

**ରାଉରକେଲା, ୨୩।୧୨(ସମିସ):** ସଂସ୍କୃତି, ପରମ୍ପରା ଓ ବିଚାରଧାରା ଶିଶୁଙ୍କ ଭବିଷ୍ୟତ ଗଠନର ମୂଳମନ୍ତ୍ର। ତେଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କୋମଳମତି ଛାତ୍ରଛାତ୍ରୀମାନଙ୍କୁ ନିଜ ସଂସ୍କୃତି, ପରମ୍ପରା ଓ ଉତ୍ତମ ବିଚାରଧାରା ପୂର୍ଣ୍ଣ ବାତାବରଣ ଭିତରେ ଶିକ୍ଷାଦାନ କରିବା ଆବଶ୍ୟକ ବୋଲି ସୋମବାର ନୂଆଗାଁ ବ୍ଲକ୍



ବାରିଲେପ୍ଟା ପଞ୍ଚାୟତର ଟିକିଟିଆ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇ ବିଜେପି ରାଉରକେଲା ସାଂଗଠନିକ ଜିଲ୍ଲା ସଭାପତି ପୂର୍ଣ୍ଣିମା କେର୍କେଟ୍ଟା ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବରେ ଅଖିଳଭାରତୀୟ ସାହିତ୍ୟ ପରିଷଦର ରାଉରକେଲା ସମ୍ପାଦକ ତଥା ରାଉରକେଲା କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ କରୁଣାକର ପାଟଶାଣି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଲାଭ ନିମିତ୍ତ କିଭଳି ପ୍ରୟାସ କରିବେ ସେ ଉପରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସେକ୍ଟର - ୬ ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ସୁରେନ୍ଦ୍ର କୁମାର ଶତପଥି, ନୂଆଗାଁ ବ୍ଲକ ଜିଲ୍ଲାପରିଷଦ ସଙ୍ଗୀତା କିସ୍ପଟ୍ଟା ପ୍ରମୁଖ ଯୋଗଦେଇଥିଲେ। ଶିଶୁମନ୍ଦିର ପରିଚାଳନା କମିଟିର ସଭାପତି ବିଜୟ କୁମାର ଧୋବା, ସମ୍ପାଦକ ଶିବନାଥ ଗୋୱାଲା, କୋଷାଧ୍ୟକ୍ଷ ଚୈତୁ ମାହାତୋ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁମନ୍ଦିରର ପ୍ରଧାନ ଅଚାର୍ଯ୍ୟ ରାମେଶ୍ୱର ମାହାତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁମନ୍ଦିରର ଗୁରୁମା ସଂଯୁକ୍ତା ଓରାମ ଓ ମମତା ପଣ୍ଡାଙ୍କ ଦ୍ୱାରା ପରିଚାଳିତ ଏହି ବାର୍ଷିକ ଉତ୍ସବରେ ଗୁରୁମା ଆଶାରାଣୀ ଗୋୱାଲା, ରଶ୍ମି ବାର୍ଲା, ମାଗ୍ରୀତା ଖେସ, ରେବତୀ ମାହାତ, ରୀତା ମାହାତୋ, ଦୁର୍ପତି ବାଡାଇକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୁନିକୁନି ଛାତ୍ରଛାତ୍ରୀମାନେ ବିଭିନ୍ନ ଆକର୍ଷଣୀୟ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦୀପିକା ମହିଳା ସଂଘତି ପକ୍ଷରୁ ବାର୍ଷିକ ଫେଟେ



**ରାଉରକେଲା, ୨୩।୧୨(ସମିସ):** ଦୀପିକା ମହିଳା ସଂଘତି ଆନୁକୂଲ୍ୟରେ ରାଉରକେଲା କ୍ଲବଠାରେ ଡିସେମ୍ବର ୨୦ ତାରିଖରେ ବାର୍ଷିକ ଫେଟେ ଆନନ୍ଦ ଉଲ୍ଲାସ ମଧ୍ୟରେ ଆୟୋଜିତ ହୋଇଥିଲା। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ମହୋତ୍ସବକୁ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମାଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଜିଓଏମ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ, ସଂଘତିର ସମ୍ପାଦିକା ସାରିକା କୁମାର, କାରଖାନାର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ପରିଚାଳନା କମିଟି ସଦସ୍ୟା ଓ ଅନୁଷ୍ଠାନର ସଭ୍ୟାମାନେ ଉପସ୍ଥିତ ଥିଲେ। ଶ୍ରୀ ବର୍ମା ଅନ୍ୟ ଅତିଥିଙ୍କ ଗହଣରେ ପ୍ରତ୍ୟେକ ଷ୍ଟଲ ପରିଦର୍ଶନ କରିବା ସହିତ ସେଗୁଡିକରେ ଆଗ୍ରହ ପ୍ରକାଶ କରିଥିଲେ। ଷ୍ଟଲଗୁଡିକରେ ସ୍ଥାନପାଇଥିବା ସୁସ୍ୱାଦୁ ବ୍ୟଞ୍ଜନ ବିରିଆନୀ, ଫାଷ୍ଟ ଫୁଡ ଠାରୁ ଆରମ୍ଭ କରି ପାରମ୍ପରିକ ସ୍ନାକ୍ସ ଓ ବାକେରି ସାମଗ୍ରୀ ବହୁ ସଂଖ୍ୟାରେ ଲୋକମାନଙ୍କୁ ଆକର୍ଷିତ କରିଥିଲା। ଫେଟେରେ ମଧ୍ୟ ରହିଥିବା ବିଭିନ୍ନ ଖେଳ, ଲକି ଡ୍ର ଓ ହାଉସି ଆଦି ନିଜର ଭାଗ୍ୟ ପରୀକ୍ଷା, ଲକ୍ଷ୍ୟ ଓ ସଠିକତା ପାଇଁ ଯୁବବର୍ଗଙ୍କୁ ବିଶେଷ ରୂପେ ଆକର୍ଷିତ କରିଥିଲା। ଆରଏସପି ରାଜଭାଷା ବିଭାଗ ପକ୍ଷରୁ ମେଳାରେ ଥିବା ଷ୍ଟଲ ଭାଷାପ୍ରେମୀଙ୍କୁ ଆକୃଷ୍ଟ କରିଥିଲା। ଆଗାମୀ ରାଉରକେଲା ହାଫ ମାରାଥନ ଉପଲକ୍ଷେ ମେଳାରେ ଲଗାଯାଇଥିବା ଷ୍ଟଲ ପ୍ରତି ଲୋକ ଆଗ୍ରହ ପ୍ରକାଶ କରିଥିଲେ। ଯେଉଁଠାରେ ମାରାଥନର ମାସ୍କଟ ରାଜା ଓ ପଦ୍ମା ବିଶେଷ ଆକର୍ଷଣ ଥିଲା। ସେଠାରେ ଏକ ଟ୍ରେଡମିଲ ମଧ୍ୟ ସ୍ଥାନ ପାଇଥିଲା। ଆର୍‌ଏସ୍‌ପି ଅଗ୍ନିଶମ ସେବା ବିଭାଗ ଦ୍ୱାରା ଅଗ୍ନିସୁରକ୍ଷା ସଚେତନତା ପାଇଁ ବିଭିନ୍ନ ସାଧାରଣ ଅଗ୍ନି ନିର୍ବାପକ ଉପକରଣ ପ୍ରଦର୍ଶିତ ହୋଇଥିଲା। ସେହିଭଳି ଆରଏସପି ଉଦ୍ୟାନ କୃଷି ବିଭାଗ ଓ ଓଡ଼ିଶା ସରକାରଙ୍କ ବନବିଭାଗ ଦ୍ୱାରା ଅନ୍ୟ ଏକ ଷ୍ଟଲରେ ମଣିଷ-ପଶୁ ଅନ୍ତର୍ବାଦ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଆରଏସପିର ନିଜସ୍ୱ ବ୍ୟାଣ୍ଡ 'ନିନାଦ'ର କଳାକାରମାନଙ୍କ ଦ୍ୱାରା ମନଛୁଆଁ ସଙ୍ଗୀତର ପରିବେଷଣ ଉତ୍ସବର ଅନ୍ୟ ଏକ ବିଶେଷ ଆକର୍ଷଣ ରହିଥିଲା।

## ୨୫ତମ 'ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬'ର ଲୋଗୋ ଉନ୍ମୋଚିତ

**ରାଉରକେଲା, ୨୩।୧୨(ସମିସ):** ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଓ ଭାରତୀୟ ଶିଳ୍ପ ମହାସଂଘ ପକ୍ଷରୁ ଆଜି ରାଉରକେଲାର ମେ'ଫେୟାର ଭିଲେଜଠାରେ ୨୫ତମ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶାର କର୍ଟେନ ରେଜର ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଏମଏସଏମଇ ବିଭାଗ ନିର୍ଦ୍ଦେଶକ ଆବୋଲି ସୁନୀଲ ନରବାଣେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କର୍ଟେନରେଟ୍ ରେଜରର ଲୋଗୋ ଉନ୍ମୋଚନ କରିଛନ୍ତି। ୨୫ତମ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୦୨୬ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସେ ଖଣି, ଧାତୁ, ପେଟ୍ରୋକେମିକାଲ୍ସ, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ସେବା ଏବଂ ଏମଏସଏମଇ ଓଡ଼ିଶାର ଦୃଢ଼ ଶିଳ୍ପ ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରିବା ସହିତ ନବୀକରଣୀୟ ଶକ୍ତି, ସବୁଜ ହାଇଡ୍ରୋଜେନ୍, ଉନ୍ନତ ଉତ୍ପାଦନ, ସୂଚନା ଓ ଏବଂ ଲଜିଷ୍ଟିକ୍ସ ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକ ଉପରେ ବକ୍ତବ୍ୟ ରଖିଥିଲେ। ମହିଳା ଉଦ୍ୟୋଗୀମାନଙ୍କର ଅଂଶଗ୍ରହଣ ବୃଦ୍ଧି କରିବା ଉପରେ ନିର୍ଦ୍ଦେଶକ ନରଭାଣେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ସରକାରଙ୍କ ସହ ସିଆଇଆଇର ସହଭାଗୀତାକୁ ପ୍ରଶଂସା କରିବା ସହ ସେ ୨୫ତମ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬ ଜାନୁଆରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ହେବ ବୋଲି ଘୋଷଣା




କରିଥିଲେ। ଯାହା ପ୍ରଯୁକ୍ତିବିଦ୍ୟା, ସ୍ଥିରତା, ଶକ୍ତି ପରିବର୍ତ୍ତନ, ପର୍ଯ୍ୟଟନ, ମହିଳା ସଶକ୍ତିକରଣ ଏବଂ ଉଦ୍ୟୋଗୀତା ଉପରେ ଧ୍ୟାନ ଦେଇ ପଶ୍ଚିମ ଓଡ଼ିଶାର ଶିଳ୍ପ ଶକ୍ତି ପ୍ରଦର୍ଶନ କରିବ। ଏହି ଅବସରରେ ୨୫ତମ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶାର ସମ୍ମିଳନୀ ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି କହିଥିଲେ, ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶାର ଶେଷ ସଂସ୍କରଣ ନିବେଶକମାନଙ୍କୁ ଓଡ଼ିଶାର ଶକ୍ତି ସହିତ ସଂଯୋଗ କରିବାରେ ଏମଏସଏମଇ -ଶିଳ୍ପ ସଂଯୋଗକୁ ପ୍ରୋତ୍ସାହିତ କରିବାରେ ଏବଂ ଝାରସୁଗୁଡ଼ାରେ ରାଜ୍ୟର ସମନ୍ୱିତ ଶିଳ୍ପ ଇକୋସିଷ୍ଟମକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଗାମୀ ସଂସ୍କରଣରେ ପ୍ରଯୁକ୍ତିବିଦ୍ୟା ନିଯୁକ୍ତିଗତ ଅଭିବୃଦ୍ଧି, ସ୍ଥାୟୀ ଶିଳ୍ପ ଅଭ୍ୟାସ, ଉନ୍ନତ ଉତ୍ପାଦନ, ସ୍ୱଚ୍ଛ ଶକ୍ତି ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତ୍ତିଭୂମିର କେନ୍ଦ୍ର ଭାବରେ ଓଡ଼ିଶାର ଉଦୟ ଉପରେ ଆଲୋକପାତ କରାଯିବ। ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର ଉମାମହେଶ୍ୱର ରାଓ ଯୋଗଦେଇ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ, ନିବେଶ, ନବସୃଜନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛି ଏବଂ ଏନଆଇଟି ରାଉରକେଲା ଏହି ପଦକ୍ଷେପର ସଫଳତା ଏବଂ ଜାତୀୟ ପ୍ରଭାବକୁ ସୁନିଶ୍ଚିତ କରିବା ପାଇଁ ପୂର୍ଣ୍ଣ ଶୈକ୍ଷିକ, ଗବେଷଣା ଏବଂ ଜ୍ଞାନ ସହାୟତା ପ୍ରଦାନ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ମଳୟ ମଣ୍ଡଳ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ଚାଳିତ କରୁଥିବା ଏକ ପ୍ରମୁଖ ଶିଳ୍ପ ହବ୍ ଭାବରେ ରାଉରକେଲାର ରଣନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ବଜରଙ୍ଗ ଦଳ କର୍ମୀଙ୍କୁ ଆକ୍ରମଣ; ଜଣେ ଗିରଫ

**କୁତ୍ରା, ୨୩।୧୨ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଲତାଲଗା ଗ୍ରାମରେ ଗତକାଲି ଗୋ ଚାଲାଣକୁ ବିରୋଧ କରିବାରୁ ବଜରଙ୍ଗଦଳ କର୍ମୀଙ୍କୁ ଗୋ ଚାଲାଣକାରୀମାନେ ଆକ୍ରମଣ କରିଥିଲେ। ଏଥିରେ ବଜରଙ୍ଗଦଳ କର୍ମୀ ଆହତ ହୋଇଥିଲେ। ଆହତ ଯୁବକ ହେଲେ ବଡ଼ଗାଁ ବଜରଙ୍ଗଦଳର ରାଜବିର ଖର୍ସେଲ। ଏହି ଘଟଣାରେ ମଙ୍ଗଳବାର କୁତ୍ରା ପୁଲିସ ଜଣଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଖତକୁରବାହାଲ ଗ୍ରାମର କିଛି ଗୋରୁ ବ୍ୟବସାୟୀ ଗୋ ଚାଲାଣ କରୁଥିବା ବେଳେ ରାଜବିର ଲତାଲଗା ଗ୍ରାମ ନିକଟରେ ସେମାନଙ୍କୁ ଅଟକାଇଥିଲେ। ଏଥିରେ ଉତ୍ତେଜିତ ହୋଇ ବ୍ୟବସାୟୀମାନେ ରାଜବିରଙ୍କୁ ମାଡ଼ ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଆହତ ରାଜବିରଙ୍କୁ ପ୍ରଥମେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ରାଜବିର କୁତ୍ରା ଥାନାରେ ଏତଲା ଦେବା ପରେ ପୁଲିସ ଖତକୁରବାହାଲ ଗ୍ରାମର ଏମ୍‌ଡି ରାହିଲ (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ଥିବା ପୁଲିସ ସୂଚନା ଦେଇଛି।

## ଚିନ୍ମୟ ବିଦ୍ୟାଳୟର ବାର୍ଷିକୋତ୍ସବ



**ରାଉରକେଲା, ୨୩।୧୨(ସମିସ):** ସେକ୍ଟର -୭ ସ୍ଥିତ ଚିନ୍ମୟବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏନ୍‌ଆଇଟି କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ବିଭୁଦତ୍ତ ସାହୁ ପିଲାମାନଙ୍କୁ ସଠିକ୍ ମାର୍ଗରେ ନେବା ପାଇଁ ଶିକ୍ଷକମାନଙ୍କ ସାହାଯ୍ୟ ଲୋଡ଼ିବା ପାଇଁ ଅଭିଭାବକମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ତଥା ଓଏଏସ ଆଲେକ୍ସ କେରକେଟା ପିଲାମାନଙ୍କୁ ସମୟର ସଦୁପଯୋଗ କରିବାକୁ ଉପଦେଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ସୁନାମଧନ୍ୟ ଆଥଲେଟିକ କୋଚ ଡ. ଶିବ ପ୍ରସାଦ ମିଶ୍ର ଯୋଗଦେଇ ଶୃଙ୍ଖଳା, ସମର୍ପଣ, ଭକ୍ତି ଉପରେ ପ୍ରାଧାନ୍ୟ ଦେଇଥିଲେ। ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଅରୁପାନନ୍ଦ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ସଭାପତି ରଶ୍ମିବାଳା ରାଉତରାୟ ଉପସ୍ଥିତ ଥିଲେ। ସମ୍ପାଦକ ବାବୁରାମ ମିଶ୍ର ଛାତ୍ରଛାତ୍ରୀମାନେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଜୀବନରେ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା କବିଶତପଥି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯୋଗାସନ ମଧ୍ୟ କରାଯାଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସଂଯୁକ୍ତା ଦାସ ଧନ୍ୟବାଦ୍ ଦେଇଥିଲେ।

## ଗୌରୀ ନର୍ସିଂ କଲେଜରେ ପ୍ରବେଶ ଉତ୍ସବ

**ବଣାଇ, ୨୩।୧୨(ସମିସ):** ବଣାଇଗଡ଼ ବ୍ଲକ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଇଦପାଲିଠାରେ ଥିବା ଗୌରୀ ନର୍ସିଂ



ଇନ୍‌ଷ୍ଟିଚ୍ୟୁଟ୍‌ରେ ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣାଇ ବିଡିଓ ସୁନୀଲ ମୁଣ୍ଡୁ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିସାନ, ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ରାଜୁ ପୃଷ୍ଟେଠ୍, କବିତା ପୃଷ୍ଟେଠ୍, ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍‌ର ସହଯୋଗୀ ନିର୍ଦ୍ଦେଶକ ସୁମନ ସୌରଭ ସାହୁ, ଅଧ୍ୟକ୍ଷା ରିମା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ପୁରାତନ ଛାତ୍ରୀମାନେ ନୂତନ ଛାତ୍ରୀଙ୍କୁ ବାଜାବଜାଇ ସ୍ୱାଗତ ଜଣାଇଥିଲେ। ପରେ ଅନୁଷ୍ଠାନର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଆର୍‌ଏସ୍‌ପିରେ ନୂତନ ୬୦ ଟନ୍ ବିଓବିଏସ୍‌ଏନ୍ ୱାଗନ୍ ଉଦ୍‌ଘାଟିତ



**ରାଉରକେଲା, ୨୩।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଟ୍ରାଫିକ୍ ଏବଂ କଞ୍ଚାମାଲ (ଟି ଏଣ୍ଡ ଆରଏମ) ବିଭାଗରେ ମଙ୍ଗଳବାର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ନୂତନ ଭାବେ ସାମିଲ ହୋଇଥିବା ତିନୋଟି ୬୦ ଟନ୍ କ୍ଷମତା ବିଶିଷ୍ଟ ବିଓବିଏସଏନ ୱାଗନ୍‌ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏସ୍‌ଏସ୍ ରାୟଚୌଧୁରୀ, ମେକନିକାଲ ବିଭାଗର ସିଜିଏମ ଡିକେ ପାଲ ଏବଂ ଟି ଏଣ୍ଡ ଆର ଏମ ବିଭାଗର ସିଜିଏମ କୌଶିକ ସୁନ୍ୟାନିଙ୍କ ସହ କାରଖାନାର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଲାଇ ଆଭ୍ୟନ୍ତରୀଣ ଲଜିଷ୍ଟିକ୍ସକୁ ମଜବୁତ କରିବା ସହିତ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ପାଇଁ କେନ୍ଦ୍ରିତ ପ୍ରୟାସ ଜାରି ରଖିବାକୁ ଆହ୍ୱାନ କରିଥିଲେ। ଉଲ୍ଲେଖନୀୟ ଯେ, ଆରଏସପିର ଫିନିସଡ ଏବଂ ସେମି ଫିନିସଡ ଉତ୍ପାଦ, ଉପ-ଉତ୍ପାଦ ଏବଂ ଇସ୍ପାତ ତିଆରି ପ୍ରକ୍ରିୟା ପାଇଁ ଆବଶ୍ୟକୀୟ କଞ୍ଚାମାଲ ପରିବହନ ପାଇଁ ପ୍ରାୟ ୫୦୦ଟି ଆଭ୍ୟନ୍ତରୀଣ ରୋଲିଂ ଷ୍ଟକ୍ ୱାଗନ ସମୂହର ପରିଚାଳନା କରିଥାଏ। ଏହି ୱାଗନଗୁଡ଼ିକ ଟିଏଣ୍ଡଆର ଏମ ବିଭାଗର କ୍ୟାରେଜ୍ ଏବଂ ୱାଗନ ସେକ୍ସନ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଏ। ମୋଟ ଗାଡି ଗୁଡିକ ମଧ୍ୟରୁ ୧୦୬ଟି ୱାଗନ ବିଓବିଏସଏନ(ଏଚବି) ପ୍ରକାରର ଅଟେ। ଏଏମଆର ଯୋଜନା ଅଧୀନରେ ଏହାର ସାମଗ୍ରୀ ପରିଚାଳନା କ୍ଷମତାକୁ ଆହୁରି ବୃଦ୍ଧି କରିବା ପାଇଁ, ଆରଏସପି ୩୯ ଟି ୬୦-ଟନ୍ କ୍ଷମତା ବିଶିଷ୍ଟ ବିଓବିଏସଏନ ୱାଗନ ଯୋଗାଣ ପାଇଁ ମେସର୍ସ ସେଲ ଗ୍ରୋଥ ୱର୍କ୍ସ (ଏସଜିଡବ୍ଲ୍ୟୁ), କୁଲ୍ଟିକୁ ଏକ ବରାଦ ଦେଇଛି। ଉଦ୍‌ଘାଟିତ ୱାଗନଗୁଡ଼ିକ ଏହି କିସ୍ତିର ପ୍ରଥମ ତିନୋଟି ୟୁନିଟ୍ ଅଟେ। ପ୍ରତ୍ୟେକ ବିଓବିଏସଏନ ୱାଗନର ମୂଲ୍ୟ ପ୍ରାୟ ୬୧.୮ ଲକ୍ଷ ଟଙ୍କା ଥିବା ବେଳେ ସମୁଦାୟ ୩୯ ଟି ୱାଗନର ପାଇଁ ମୋଟ ମୂଲ୍ୟ ୨୪୧୦.୨୬ ଲକ୍ଷ ଟଙ୍କା ରହିଛି।

## ଆରପାରିରେ ବରିଷ୍ଠ ବିଜେଡି ନେତା ଆନନ୍ଦ ଚନ୍ଦ୍ର ମହାନ୍ତି

**ରାଉରକେଲା, ୨୩।୧୨(ସମିସ):** ଆରପାରିରେ ରାଉରକେଲା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଜନତା ଦଳ ଓ ବିଜୁ ଜନତା ଦଳର ପୂର୍ବତନ ରାଉରକେଲା ଜିଲ୍ଲା ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତି। ମଙ୍ଗଳବାର ରାତିରେ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ରାଉରକେଲାର ଆପଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାଙ୍କୁ ଭୁବନେଶ୍ୱରର କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ରାତ୍ରିରେ ତାଙ୍କର ପରଲୋକ ହୋଇଛି। ତାଙ୍କ ବିୟୋଗରେ ରାଉରକେଲାରେ ଶୋକର



ଛାୟା ଖେଳିଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ସ୍ୱର୍ଗତ ମହାନ୍ତି ଜନତା ଦଳରେ ଜଣେ ଆଗ ଧାଡିର ରାଜ ନେତା ରହିବା ସହ ବିଜୁ ଜନତା ଦଳରେ ଦଳର ସଭାପତି ଦାୟିତ୍ୱ ନେଇ ଦଳର ସଂଗଠନକୁ ମଜଭୁତ କରିପାରିଥିଲେ। ବିଜୁ ଜନତା ଦଳ ଜଣେ ଟାଣୁଆ ଦକ୍ଷ ନେତାଙ୍କୁ ହରାଇଲା ବୋଲି ସାରଦା ପ୍ରସାଦ ନାୟକ କହିଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆନନ୍ଦ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରି କହିଛନ୍ତି, ସେ ରାଉରକେଲାରେ ସାମ୍ବାଦିକତା କରୁଥିବା ବେଳେ ତାଙ୍କ ସହ ସମ୍ପର୍କରେ ଆସିଥିଲେ। ସେ ଜଣେ ଅପ୍ରତିଦ୍ୱନ୍ଦୀ ରାଜନେତା ତଥା ଜଣେ ସୁସଂଗଠକ ଥିଲେ ବୋଲି ଶ୍ରୀ ଦାସ କହିଛନ୍ତି।

# ସେଲ୍ ପକ୍ଷରୁ କୋଲକାତାରେ ମୂଲ୍ୟ ଶୃଙ୍ଖଳ ସହଭାଗୀ ବୈଠକ

ରାଉରକେଲା, ୨୩।୧୨(ସମିସ)

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ) ପକ୍ଷରୁ ଗତ ଡିସେମ୍ବର ୧୮ ତାରିଖ ଦିନ କୋଲକାତାର ହୋଟେଲ ହାୟାଟ୍ ରିଜେନ୍ସିରେ ସେଲ ମୂଲ୍ୟ ଶୃଙ୍ଖଳ ସହଭାଗୀ ବୈଠକ ୨୦୨୫-୨୬ ଆୟୋଜିତ ହୋଇଥିଲା। ଯାହା ଏହାର ଯୋଗାଣ ଇକୋସିଷ୍ଟମରୁ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରି ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଅଭ୍ୟାସ ପ୍ରତି ଥିବା ସହଯୋଗକୁ ଆହୁରି ସୁଦୃଢ଼ କରିଥିଲା। ଏହି କାର୍ଯ୍ୟକ୍ରମରେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏକେ ଚକ୍ରବର୍ତ୍ତୀ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଏସ୍ ପପଲି, ବୋକାରୋ ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସି. ଆର. ମିଶ୍ର, କୋଲକାତାର ଇଏମଡିର ନିର୍ବାହୀ ନିର୍ଦ୍ଦେଶକ ଦେବବ୍ରତ ଦତ୍ତ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ମଞ୍ଚରେ ଉପସ୍ଥିତ ଥିଲେ। ଏହି ବୈଠକରେ ସେଲର ବିଭିନ୍ନ ୟୁନିଟର ଥିବା ସାମଗ୍ରୀ ପରିଚାଳନା ବିଭାଗର ପ୍ରାୟ ୫୦ ଜଣ ଅଧିକାରୀ, ପରିବେଶ ପରିଚାଳନା ବିଭାଗ




(ଇଏମଡି) ଏବଂ କେନ୍ଦ୍ରୀୟ ମାର୍କେଟିଂ ସଂଗଠନ (ସିଏମଓ)ର ପ୍ରତିନିଧିଙ୍କ ସମେତ ଏକ ଶହରୁ ଉର୍ଦ୍ଧ୍ୱ ଉଚ୍ଚମୂଲ୍ୟ ଶୃଙ୍ଖଳ ଅଂଶୀଦାର ଅଂଶଗ୍ରହଣ କରିଥିଲେ। ସେଲର ମୂଲ୍ୟ ଶୃଙ୍ଖଳ ଅଂଶୀଦାରମାନଙ୍କୁ ବ୍ୟବସାୟିକ ଦାୟିତ୍ୱ ଏବଂ ସ୍ଥାୟୀତ୍ୱ ରିପୋର୍ଟିଂ (ବିଆରଏସଆର), ସ୍ଥାୟୀତ୍ୱ ପ୍ରକାଶ, ନୈତିକ ସୋର୍ସିଂ ଅଭ୍ୟାସ ଏବଂ ଯୋଗାଣକାରୀ ଆଚରଣ ସଂହିତା ଉପରେ ଏସଇବିଆଇର ନିର୍ଦ୍ଦେଶାବଳୀ ତଥା ଇଏସଜି-ଚାଳିତ ଅଭିବୃଦ୍ଧି ପ୍ରତି ସେଲର ପ୍ରତିବଦ୍ଧତା ମୁତାବକ ଏହି ବୈଠକ ଆୟୋଜିତ ହୋଇଥିଲା। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରିଥିଲେ। ସମଗ୍ର ମୂଲ୍ୟ ଶୃଙ୍ଖଳରେ ସ୍ଥାୟୀତ୍ୱର ମହତ୍ତ୍ୱକୁ ଏକ ସହଭାଗୀ ଦାୟିତ୍ୱ ଉପରେ ଗୁରୁତ୍ୱ ଦେବା ସହ ଦୀର୍ଘକାଳୀନ ଭିତ୍ତିରେ ପରିବେଶ ଏବଂ ସାମାଜିକ ଲକ୍ଷ୍ୟ ହାସଲ କରିବାରେ ଅଂଶୀଦାରଙ୍କ ଭୂମିକା ଉପରେ ଜୋର ଦିଆଯାଇଥିଲା। ଅନିଲ କୁମାର ସମାବେଶକୁ ସ୍ୱାଗତ କରି ଥିବାବେଳେ ଦେବବ୍ରତ ଦତ୍ତ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ବିଏସ୍ ପପଲି ଉକ୍ତ ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବୈଠକରେ ଶ୍ରୀ ଏ. ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୋଲକାତାର ଇଏମ୍‌ଡିର ମହାପ୍ରବନ୍ଧକ ସୁଶ୍ରୀ ରାଖୀ ସେନ, କର୍ପୋରେଟ୍ କାର୍ଯ୍ୟାଳୟର ଏଚ୍‌ଆର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହରି ମୋହନ ଝା, ଏବଂ ଇଏମ୍‌ଡିର ମହାପ୍ରବନ୍ଧକ ଅଜନ୍ତା ସେନଗୁପ୍ତା ସେଲ୍‌ଫ ସ୍ଥାୟୀତ୍ୱ ପଦକ୍ଷେପ, ମାନବ ସମ୍ବଳ ମାନଦଣ୍ଡ ଏବଂ ଯୋଗାଣକାରୀ ଆଚରଣ ସଂହିତା ଉପରେ ଉପସ୍ଥାପନ କରିଥିଲେ। ଉପସ୍ଥାପନା ପରେ ଏକ ମତବିନିମୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସମୟରେ ସେଲର ସ୍ଥାୟୀତ୍ୱ ଏବଂ ସିଏସଆର ଅଗ୍ରଗତି ପ୍ରଦର୍ଶନ କରୁଥିବା ଏକ କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଯେଉଁଥିରେ ପରିବେଶଗତ ପରିଚାଳନା, ଗୋଷ୍ଠୀ ସାମୁହିକ ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ସଂସ୍ଥାର ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା। ଏଥିରେ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଟି. ବିନୋଦ ଧନ୍ୟବାଦ ଅର୍ପଣ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ଏକ କୋର୍ କମିଟି ଦଳ ସମଗ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଏନ୍‌ଏମ୍‌ଏସ୍‌ଏସ୍‌ରେ ଦର୍ଶାଯାଇଛି ନାବାଳକଙ୍କ ଫଟୋ

# ମନରେଗା କାମ କରୁଛନ୍ତି ନାବାଳକ !

କୋରୁକୋଣ୍ଡା,୨୩।୧୨(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ କାର୍ଯ୍ୟମାନ ସ୍ଥାନୀୟ ଜନସାଧାରାମଙ୍କ ନିମନ୍ତେ ଯୋଗାଇ ଦେଇଥାନ୍ତି। ଯାହା ମାଧ୍ୟମରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶ୍ରମିକ ଶ୍ରେଣୀର ପରିବାର ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ନିଜ ଅଞ୍ଚଳରେ କାମ କରି ନିଜ ପରିବାର ପ୍ରତି ପୋଷଣ କରି ପାରିବ। ହେଲେ ସରକାରଙ୍କ ଏତେ ସବୁ ପରେ ମଧ୍ୟ ଦିନକୁ ଦିନ ଦାଦନ ଶ୍ରମିକ କମିବା ବଦଳରେ ହୁ ହୁ ହୋଇ ବଢିବାରେ ଲାଗିଛି। କାରଣ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆସିଥିବା କାର୍ଯ୍ୟ ଅନେକ ସ୍ଥାନରେ ମେସିନ ସାହାଯ୍ୟରେ କରାଯାଉଛି। କେତେକ ସ୍ଥାନରେ ପୁରୁଣା କାମକୁ ଦେଖାଇ ଗରିବ ଜବ୍‌କାର୍ଡ ଧାରୀଙ୍କ ଖାତାକୁ ଟଙ୍କା ପଠାଇ କିଛି ଟଙ୍କା ଜବକାର୍ଡ ଧାରୀଙ୍କୁ ଦେଇ ବଳକା ଟଙ୍କା ଅଧିକାରୀମାନେ ଚଳୁ କରିଦେଉଥିବା ବହୁ ନଜିର ରହିଛି । ଏମିତିକି କିଛି କାମ ନ କରି ମଧ୍ୟ ବହୁ କାମର ଲକ୍ଷ ଲକ୍ଷ ଟଙ୍କା ଉଠା ଯାଇଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଏମିତି ଏକ କାମ ଦେଖିବାକୁ ମିଳିଛି ଯାହାକି ସରକାରଙ୍କ ନିୟମ ଅନୁଯାୟୀ ଯେଉଁ ଜବ୍‌କାର୍ଡ ଧାରୀ ଶ୍ରମିକ କାମ କରିବା ନିମନ୍ତେ ଇଚ୍ଛୁକ ଥିବେ, ସେମାନେ କାର୍ଯ୍ୟ ସ୍ଥଳୀରେ ପ୍ରତେକ ଦିନ ଉପସ୍ଥିତ ରହି ଏନ୍‌ଏମଏମଏସ ମାଧ୍ୟମରେ ଫୋଟ ଉଠାଇବା ପରେ କାର୍ଯ୍ୟ ଆରମ୍ଭ କରିଥାନ୍ତି। ହେଲେ ଏଠି ସେହି ସରକାରଙ୍କ ତଥ୍ୟରେ ଛୋଟ ଛୋଟ ନାବାଳକ ମାନଙ୍କ ଫଟୋ ଉଠାଯାଇଥିବା ଏନଏମଏମଏସରେ ଦେଖିବାକୁ ମିଳିଛି। ଏପରି ଏକ କାମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ପୁରୁଣା ଚିମିଟାପଲ୍ଲୀ ଗ୍ରାମ ପଞ୍ଚାୟତରେ। ଉକ୍ତ ପଞ୍ଚାୟତ ଅଧୀନ ଏକ ଜଙ୍ଗଲ ନିକଟରେ ଜଳ ସଂରକ୍ଷଣ ନିମନ୍ତେ ସରକାରଙ୍କ ତରଫରୁ ଚଳିତ ଆର୍ଥିକ ବର୍ଷାରେ ୪ଲକ୍ଷରୁ ଅଧିକ ଟଙ୍କାରେ ଗାତ ଖୋଳିବା ନିମନ୍ତେ ଅନୁମୋଦନ କରାଯାଇଥିଲା। ହେଲେ




ସେହି ସ୍ଥାନରେ ବହୁ ପୁରୁଣା ଗାତ ଗୁଡିକ ରହିଥିବା ବେଳେ ସେହି ଜଳ ସଂରକ୍ଷଣ ଗାତ ନିକଟରେ କିଛି ଛୋଟ ଛୋଟ ନାବଳକଙ୍କୁ ଠିଆ କରି ତାର ଫୋଟ ଏନଏମଏମଏସରେ ଫଟୋ ସରକାରି ପୋର୍ଟାଲରେ ଦର୍ଶାଯାଇଛି। ଯାହାକି କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି କରୁଛି। ପ୍ରଥମ କଥା ସରକାରଙ୍କ ନିୟମ ଅନୁଯାୟୀ ନାବଳକା ମାନଙ୍କୁ କୌଣସି ମତେ କାର୍ଯ୍ୟରେ ନିୟୋଜିତ କରିବା ଆଇନ ବିରୋଧ। ହେଲେ କିପରି ଭାବେ ଅଧିକାରୀ ନାବାଳକଙ୍କୁ କାମରେ ଲଗାଇଲେ। ଯଦି ପିଲାମାନେ କାମ କରିନାହାନ୍ତି ତେବେ ଏନଏମଏମଏସରେ ପିଲାଙ୍କ ଫଟୋ ଦେଲେ କିପରି। ଏଥିରୁ ଜଣାପଡୁଛି ଉକ୍ତ କାର୍ଯ୍ୟରେ ବଡ଼ଧରଣର ଘୋଟାଲା ହୋଇଛି। ସରକାରଙ୍କ ତଥ୍ୟରେ ଏହି ଫୋଟ ଦିଆଯାଇଥିବା ବେଳେ କିପରି ଭାବେ କୌଣସି ଉପରସ୍ତ ଅଧିକାରୀମାନେ ଜାଣି ପାରୁନାହାନ୍ତି ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛ। ଜାଣିଶୁଣି ଏପରି କରିବାକୁ ଅଧିକାରୀମାନେ ପ୍ରୋତ୍ସାହନ ଯୋଗାଉଛନ୍ତି ବୋଲି ଅଭିଯୋଗ ହେଉଛି। ଏହାକୁ ନେଉ ଆମେ ପଞ୍ଚାୟତ ହିସାବ ରକ୍ଷକ ତଥ୍ୟ ନିରୀକ୍ଷକଙ୍କୁ ଯୋଗା ଯୋଗ କରିବାକୁ ଚେଷ୍ଟା କରିଥିଲୁ । କିନ୍ତୁ ସେ ଆମ କଲ ଗ୍ରହଣ କରିନଥିବା କାରଣରୁ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଏହାକୁ ନେଇ ଆମେ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ରବିଗୋଲପେଦାଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ କଲ ଗ୍ରହଣ କରି ନଥିବା କାରଣରୁ ପ୍ରତିକ୍ରିୟା ମିଳି ପାରିନଥିଲା। ପରେ ଆମେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କୃତିବାସ ନାୟକଙ୍କୁ ଅବଗତ କରାଇବା ସହିତ ତଥ୍ୟ ନେଇ ଜାଣିବାକୁ ଚେଷ୍ଟା କରିଥିଲୁ । କିନ୍ତୁ ଦୁଃଖର ବିଷୟ ଦାୟୀତ୍ୱରେ ଥିବା ଅଧିକାରୀ ଏହାକୁ ନେଇ କୌଣସି ତଥ୍ୟ ନଥିବା ସହିତ ଉକ୍ତ କାର୍ଯ୍ୟ ସମ୍ପର୍କରେ ଜାଣିନଥିବା କହିଥିଲେ। ଏଣୁ ଆମେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। କିନ୍ତୁ ଏହାକୁ ନେଇ କୌଣସି ତଥ୍ୟ ନାହିଁ। ଅନୁଧାନ କରିବା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି କହିଛନ୍ତି ଶ୍ରୀ ସାହୁ। ଆଗାମୀ ଦିନରେ ଦେଖିବାର ବାର ବାକି ରହିଲା ତୁମୁସାପଲି ଖେଳ ପଡିଆ କାର୍ଯ୍ୟକୁ ନେଇ ଗୋଷ୍ଠୀଉନ୍ନୟନ ଅଧିକାରୀ କି ପଦକ୍ଷେପ ଗ୍ରହଣ କରୁଛନ୍ତି। ସୂଚନା ଥାଉକି ବିଗତ ଦିନରେ କୋରୁକୋଣ୍ଡା ବ୍ଲକ ଅଧୀନ ତୁମୁସାପଲ୍ଲୀ ଗ୍ରାମ ପଞ୍ଚାୟତ ସଦର ଖେଳ ପଡିଆ କାର୍ଯ୍ୟର ଅନିୟମିତତାକୁ ନେଇ ବାରମ୍ବାର ଖବର ପ୍ରକାଶନ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଦନ୍ତ ନିମନ୍ତେ ପତ୍ର କରିଥିଲେ। ହେଲେ ପତ୍ର ବାଟରେ ପତ୍ର ରହିଗଲା, ତାପରେ ମଧ ବାଳକା ଅର୍ଥ ପଇଠ ହୋଇଯାଇଥିଲା।

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ମା' ମାର୍କମା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଯୋଗଦାନ



ବିଷମ କଟକ, ୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ଲକର ମା' ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟର ୬ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ସ୍ଥାନ ପାଇଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଯୋଗ ଦେବାପାଇଁ ବାହାରିଛନ୍ତି। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପିକା ତୃପ୍ତିମୟୀ ଦଣ୍ଡସେନା ଗାଇଡ୍ ଭାବେ ପିଲାଙ୍କ ସହଯୋଗ ଦେଇଛନ୍ତି। ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ସାରଦା ପ୍ରିୟଦର୍ଶିନୀ ଗଳ୍ପ ଲିଖନ ଓ ଅନ୍ୟ ୫ ଜଣ ହେଲେ ଜାଙ୍କସିନୀ ସାହୁ , ଝରଣାଦେବୀ ପଟ୍ଟନାୟକ, ସୋମନାଥ ଉର୍ଲାକା, କାହ୍ନୁଚରଣ ନାୟକ ଓ ଦୀପିକା କାଉଁରିଆ ବିଜ୍ଞାନ ମେଳାରେ ଭାଗନେବେ। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଯୋଗ ଦେଉଥିବା ଯୋଗୁଁ ମା' ମାର୍କମା ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଉକ୍ରଣ୍ଠା ଓ ଉତ୍ସାହ ଦେଖିବାକୁ ମିଳିଛି। ଭୁବନେଶ୍ୱର ଅଭିମୁଖେ ବାହାରିଥିବା ଛାତଛାତ୍ରୀ ଙ୍କୁ ଅନୁଷ୍ଠାନ ର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସେମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ଉଦ୍‌ଘାଟନରେ ସୀମିତ ହେଲା ସରକାରଙ୍କ ଧାନମଣ୍ଡି

ବିଷମ କଟକ,୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକରେ ଧାନ କ୍ରୟକାରୀ ସଂସ୍ଥା ଲ୍ୟାମ୍ପ୍‌ସ ଚାଷୀଙ୍କ ଠାରୁ ଧାନ କିଣିବା ନିମନ୍ତେ ଚଳିତ ମାସ ୧୭ ତାରିଖରେ ବ୍ଲକର ଗଜବାହାଲ ଠାରେ ଧାନ ମଣ୍ଡିର ଶୁଭାରମ୍ଭ କରିଥିଲା। ପର୍ଯ୍ୟାୟ କ୍ରମେ ଏହି ବ୍ଲକର ହାଟମୁନିଗୁଡା, ଭାଲେରି ଏବଂ ଚାଟିକୋଣା ଠାରେ ଧାନ ମଣ୍ଡି ଉଦ୍‌ଘାଟନ କରିଛି। ଚଳିତ ମାସ ୧୭ ତାରିଖରୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀଙ୍କ ଟୋକନ ମଧ୍ୟ ଆସି ସାରିଛି।। ହେଲେ ଏ ପର୍ଯ୍ୟନ୍ତ କୌଣସି ମଣ୍ଡିରେ ମୁଠାଏ ହେଲେ ଧାନ କ୍ରୟ କରାଯାଇନାହିଁ। କେବଳ ଲୋକ ଦେଖାଣିଆ କରିବା ପାଇଁ ନଡ଼ିଆ ଭାଙ୍ଗି ମଣ୍ଡି ଉଦ୍‌ଘାଟନ କରାଯାଇଛି। ଉଦ୍‌ଘାଟନରେ ସୀମିତ ରହିଛି ଧାନମଣ୍ଡି । ମଣ୍ଡି ଉଦ୍‌ଘାଟନି ପର୍ବମାନଙ୍କରେ ଉପସ୍ଥିତ ରହିଥିବା ଅଧିକାରୀମାନେ ଚାଷୀଙ୍କୁ ଭରସାଯୋଗ୍ୟ ପ୍ରତିଶୃତି ଦେଇପାରୁନାହାନ୍ତି କି କେବେ



### ଧାନ କିଣିବାକୁ ଚୁକ୍ତିନାମା କରିନାହାନ୍ତି ମିଲ୍ ମାଲିକ

ଠାରୁ ମଣ୍ଡିରେ ଧାନ କିଣାଯିବ ତାହାର ମଧ୍ୟ ସଠିକ ଉତ୍ତର ଦେଇ ପାରୁନାହାନ୍ତି। ଗୋଟିଏ ପଟେ ମିଲର ମାନେ କଷ୍ଟମ ମିଲିଂ ପାଇଁ ଚୁକ୍ତିନାମା କରିନଥିବା ବେଳେ ଅନ୍ୟପଟେ ଧାନ କିଣିବା ପାଇଁ ଲ୍ୟାମ୍ପସ୍‌କୁ କୌଣସି ଟାର୍ଗେଟ ମଧ୍ୟ ଆସିନାହିଁ। ଯାହାଫଳରେ ମଣ୍ଡି ଖୋଲିଥିଲେ ମଧ୍ୟ ଚାଷୀ ନିଜ ଧାନ ବିକ୍ରି କରି ପାରିବ ନାହିଁ। ଯଦି ଧାନ କିଣା ନେଇ କୌଣସି ପକ୍ରିୟା ଆରମ୍ଭ ହୋଇନାହିଁ । ତେବେ ଚାଷୀଙ୍କୁ ଠକିବା ପାଇଁ ମଣ୍ଡି ଖୋଲାଯାଇଛି କି ବୋଲି ଚାଷୀ କୂଳ ମଧ୍ୟରେ ପ୍ରଶ୍ନ ଉଙ୍କି ମାରୁଛି। ଧାନ ମଣ୍ଡି ଖୋଲିବା ବିଳମ୍ବ ସାଙ୍ଗକୁ ମଣ୍ଡିରେ ଧାନ କିଣା ନେଇ ଅନିଶ୍ଚିତ ରହିଥିବାରୁ କ୍ଷୁଦ୍ର ଚାଷୀ ମାନେ ଖୋଲା ବଜାରରେ ଶାଗ ମାଛ ଦରରେ ଧାନ ବିକ୍ରି କରିଦେଉଛନ୍ତି। ବେପାରୀ ମାନେ କମ୍ ଦରରେ ଚାଷୀଙ୍କ ଠାରୁ ଧାନ କିଣି ପଡୋଶି ରାଜ୍ୟ ଆନ୍ଧ୍ର ପ୍ରଦେଶକୁ ଚାଲାଣ କରୁଛନ୍ତି। ଫଳରେ ଚାଷୀ କୂଳର ଭବିଷ୍ୟତ ଅନ୍ଧାର ଦିଗକୁ ଗତି କରୁଛି। ସୂଚନା ଯୋଗ୍ୟ ଯେ ଚଳିତ ଖରିଫ ଋତୁରେ ବ୍ଲକର ୨୮୦୨ ଚାଷି ଧାନ ବିକ୍ରି କରିବା ନିମନ୍ତେ ପଞ୍ଜୀକୃତ କରିଛନ୍ତି। ବର୍ତମାନ ସୁଦ୍ଧା ଏହି ଚାଷୀ ମାନଙ୍କ ଜମିର ଡ୍ରୋନ ସର୍ଭେ ପ୍ରକ୍ରିୟା ମଧ୍ୟ ସରିନାହିଁ। ଏହି ସର୍ଭେ ସରିବ କେବେ, ଟୋକନ୍ ପାଇବ କେବେ ଏବଂ ଆଉ ଧାନ କେବେ ବିକିବ ଚାଷୀ ସେ ନେଇ ଚାଷୀକୁଳ ଚିନ୍ତାରେ ପଡିଯାଇଛି। ମଣ୍ଡିରେ ଧାନ କିଣାରେ ଅହେତୁକ ବିଳମ୍ବ ସାଙ୍ଗକୁ ଅନିଶ୍ଚିତତା ଯୋଗୁଁ ବର୍ତମାନ ପର୍ଯ୍ୟନ୍ତ ବହୁ ଚାଷୀ ଖୋଲା ଆକାଶ ତଳେ ଧାନ ରଖି ଜଗିବସିଛନ୍ତି। ଜିଲ୍ଲା ପ୍ରଶାସନ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ମଣ୍ଡି ମାନଙ୍କରେ ଧାନ କିଣା ଆରମ୍ଭ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

# ଗୁଡାରୀ ପରିଷଦରେ ଧାନମଣ୍ଡି ଉଦ୍‌ଘାଟିତ



ଗୁଡାରି,୨୩।୧୨(ସମିସ): ଗତ ୧୭ ତାରିଖରୁ ଗୁଡାରୀ ବ୍ଲକ୍ ପେଣ୍ଡିଲି ପଞ୍ଚାୟତ ଡେପାଗୁଡା ଗ୍ରାମରୁ ଆରମ୍ଭ ହୋଇଥିବା ଧାନ ମଣ୍ଡି ପରେ ଏମ.କେ.ରାଇ ଶିରିଗୁଡା ମଣ୍ଡିକୁ ଉଦ୍‌ଘାଟନ କରାଯାଇଛି। ମଙ୍ଗଳବାର ଦିନ ଗୁଡ଼ାରୀ ପରିଷଦରେ ଥିବା ମଣ୍ଡି ଉଦ୍‌ଘାଟନ କରିବା ପାଇଁ ତାରିଖ ସ୍ଥିର କରାଯାଇଥିଲା। ଏହି ମଣ୍ଡି ଉଦ୍‌ଘାଟନ ସମୟର ଲ୍ୟାମ୍ପ୍ସ ଏମ୍‌ଡି ଦିପକ କୁମାର ପୂଜାରୀ, ସଭାପତି ରାମ ଗମାଙ୍ଗ, ଯୋଗାଣ ବିଭାଗର ସୁପ୍ରିୟ କୁମାର ବିଜେପି କର୍ମୀ ରଞ୍ଜନ ରଥ, ଉଦଘାଟନୀ ଅବସରରେ ଉପସ୍ଥିତ ଥିଲେ। ବହୁ ସମୟ ଧରି ଲ୍ୟାମ୍ପ୍‌ସ କର୍ମଚାରୀ, ଯୋଗାଣ ଅଧୀକାରୀ ଏବଂ ଚାଷୀଙ୍କ ମଧ୍ୟରେ ଟୋକନ୍‌କୁ ନେଇ ପାଟିତୁଣ୍ଡ ଦେଖିବାକୁ ମିଳିଥିଲା। ଏହି ବର୍ଷ ପଞ୍ଜୀକରଣ କରିଥିବା ପ୍ରାୟ୧୪୦୦ ଚାଷୀଙ୍କୁ ଟୋକନ୍ ମିଳିବା କଥା । କିନ୍ତୁ ବର୍ତମାନ ଗୁଡାରୀ ବ୍ଲକ୍‌କୁ ବହୁତ କମ୍ ଟୋକନ ଆସିଥିବା ଯୋଗୁଁ ଚାଷୀ ହୋ ହାଲା କରିବା ସହ ମଣ୍ଡି ନ ଖୋଲିବାକୁ କହିଥିଲେ। କିନ୍ତୁ ଲ୍ୟାମ୍ପ୍‌ସ ଏମ୍‌ଡି ଶ୍ରୀ ପୂଜାରୀ ଯଦି ମଣ୍ଡି ବନ୍ଦ ରହିବ , ତେବେ ଚାଷୀମାନେ ଲିଖିତ ଆକାରରେ ଦେବାକୁ କହିଥିଲେ । ଶେଷରେ ଚାଷୀମାନଙ୍କର ମୁଖ୍ୟ ବାବୁ ରାଓ ସମସ୍ତ ଲ୍ୟାମ୍ପ୍‌ସ କର୍ମଚାରୀ ଏବଂ ସଭାପତିଙ୍କ ଏବଂ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ନଡ଼ିଆ ଭାଙ୍ଗି ଉଦ୍‌ଘାଟନ କରିଥିଲେ। ଆଜି ପର୍ଯ୍ୟନ୍ତ ସରକାରଙ୍କ ଧାନମଣ୍ଡିରେ ଚାଷୀର ସମସ୍ୟା ସମାଧାନ ହୋଇପାରୁ ନାହିଁ। କାରଣ ସରକାରଙ୍କ ପଞ୍ଜୀକରଣ ବ୍ୟବସ୍ଥା ଲାଗୁ ହେବା ଫଳରେ ଏଥିରେ ଯେଉଁ ଚାଷୀର ଟୋକନ୍ ମିଳିଲା ତାର ମଣ୍ଡିରେ ଧାନ ଉଠିଲା, ନଚେତ ଅପେକ୍ଷା କରିବାକୁ ପଡୁଛି। ସପ୍ତାହକ ମଧ୍ୟରେ ତୁରନ୍ତ ଏହାର ସମାଧାନ କରିବା ପାଇଁ ମଣ୍ଡିରେ ଉପସ୍ଥିତ ଚାଷୀମାନେ କହିଛନ୍ତି । ନଚେତ ଧନମଣ୍ଡି ତାଲା ପକାଇବାକୁ ଧମକ ଦେଇଛନ୍ତି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଖ୍ରୀଷ୍ଟମାସ ପାଳନ

ରାୟଗଡା,୨୩।୧୨ (ସମିସ): ରାୟଗଡା ସହରର ସ୍ଥାନୀୟ ନ୍ୟୁ କଲୋନୀ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଖ୍ରୀଷ୍ଟମାସ ପର୍ବ ଆଡ଼ମ୍ବର ସହ ପାଳନ ହୋଇଯାଇଛି। ଏଥିରେ ଫାଦର୍ ବାଚେଲି ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ବିଦ୍ୟାଳୟର କୁନି ଛାତ୍ରଛାତ୍ରୀ ମାନେ ସାନ୍ତାକ୍ଲସ୍ ବେଶରେ ସଜ୍ଜିତ ହୋଇଥିଲେ।



ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ପଟ୍ଟନାୟ ଙ୍କ ଅଧ୍ୟକ୍ଷତାରେ ଶକ୍ତି ଅନୁଷ୍ଠାନ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମ ଓ କସ୍ତୁରୀ ନଗର ସ୍ଥିତ ଅନାଥାଶ୍ରମର ଅନ୍ତେବାସୀ ମାନଙ୍କୁ ବିଦ୍ୟାଳୟ ତରଫରୁ ଖାଦ୍ୟ ଓ ବିଦ୍ୟାଳୟରେ ଜୟଅଫ୍ ଗିଭିଂ କାର୍ଯ୍ୟକ୍ରମ ମାଧ୍ୟମରେ ଦାନ କରାଯାଇଥିବା ଉପଯୋଗୀ ବସ୍ତୁ ବଣ୍ଟନ କରାଗଲା। ବୃଦ୍ଧାଶ୍ରମର ଅନ୍ତେବାସୀ ମାନେ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷା ସଂଯୋଜିକା ସୁନୀତା ଖାଡାଙ୍ଗାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବିଦ୍ୟୁତ୍ ତାର ଲାଗି ଟିପର ଚାଳକ ମୃତ

ଚନ୍ଦ୍ରପୁର, ୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଆଜି ବିଦ୍ୟୁତ୍ ତାର ଆଘାତରେ ଜଣେ ଟିପର ଚାଳକ ଘଟଣା ସ୍ଥଳରେ ମୃତ୍ୟୁବରଣ କିରିଛି। ଏଭଳି ଘଟଣା ନେଇ ଅଞ୍ଚଳରେ ଶୋକର ଛାୟା ଖେଳଯାଇଛି। ପରିବାର ଲୋକ ବିଳମ୍ବରେ ଆସିପହଞ୍ଚି ଥିଲେ। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାରଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ବନ୍ଦିରିରୁ ଚନ୍ଦ୍ରପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପିଚୁ ରାସ୍ତା କାର୍ଯ ଚାଲୁଥିଲା । ପ୍ରଶାନ୍ତ ଜେନା ଟିପର ଓଡି ୧୮ଏମ ୨୨୭୭ନମ୍ବର ଗାଡ଼ିର ଡ୍ରାଇଭର ଥିଲେ। ସେ ପିଚୁମିଶ୍ରିତ ବଜୁରୀ ଆଣିଥିଲା। ଏହାକୁ ଖାଲି କର ଟିପରକୁ ସଫା କରୁଥିଲେ। ଟିପର ଡ଼ାଲା ଉପରକୁ ଉଠିଲା ସମୟରେ କରେଣ୍ଟ ତାରରେ ଲାଗି ଯାଇଥିଲା। ଫଳରେ ଚାଳକ ପ୍ରଶାନ୍ତଙ୍କର ମୃତ୍ୟୁ ହୋଇଥିଲା। ମୃତ ପ୍ରଶାନ୍ତର ଘର ଗୁଣୁପୁର ଜଳତାରରେ। ସେ ଗୁଣୁପୁର ଟାଉନ ହଲ୍ ନିକଟ ମଶାଣି ସାହିରେ ପରିବାର ସହ ରହୁଥିଲେ।

# ବିଏସ୍‌ପିର ମିଶ୍ରଣ ପର୍ବ

ବିଷମ କଟକ,୨୩।୧୨(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ନିର୍ବାଚନ ମଣ୍ଡଳିରେ ବହୁଜନ ସମାଜ ପାର୍ଟୀ ତାର ସଂଗଠନକୁ ଦିନ ଦିନ ସୁଦୃଢ କରିବା ପାଇଁ ବଳ ଗୋଟାଉଛି। ଆଜି ବିଷମ କଟକ ସଦର ବ୍ଲକର କଲ୍ୟାଣ ମଣ୍ଡପ ଠାରେ ଏକ ବିଶାଳ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା। ଏହି ମିଶ୍ରଣ ପର୍ବରେ ବହୁଜନ ସମାଜ ପାର୍ଟୀ ରାଜ୍ୟ ସଭାପତି ଶରତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବାଗତଙ୍କୁ ସ୍ୱାଗତ କରିଛନ୍ତି। ବିଷମ କଟକ ସଦର ଯୁବ ସଂଗଠକ ଗୌରୀ ପ୍ରସାଦ ପାତ୍ର ଆଜି ବିଦ୍ଧିବଦ୍ଧ ଭାବେ ବହୁଜନ ସମାଜ ପାର୍ଟୀ ରେ ଯୋଗ ଦେବା ସହ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ଶ୍ରୀ ପାତ୍ର ଙ୍କୁ ଦଳ ତରଫରୁ ସ୍ୱାଗତ କରାଯାଇଛି। ଏଥି ସହିତ ବିଷମ କଟକ ବ୍ଲକ ତଥା ମୁନିଗୁଡା ,କଲ୍ୟାଣସିଂଗ ପୁର କୋଲନରା ବ୍ଲକର ବିଭିନ୍ନ ରାଜନୈତିକ ଦଳର ସକ୍ରିୟ କର୍ମୀ ମାନେ ଦଳ ଛାଡି ବିଏସ୍‌ପିରେ ଯୋଗ ଦାନ କରିଛନ୍ତି। ବିଷମ କଟକ ବ୍ଲକ ଚଞ୍ଚଡା ଗୁଡା ପଞ୍ଚାୟତର ସମିତି ସଭ୍ୟ ସୁମନ୍ତ କରକରିଆ ବିଧିବଦ୍ଧ ଭାବେ ବହୁଜନ ସମାଜ ପାର୍ଟି ରେ ଯୋଗ ଦେଇଛନ୍ତି। ଆଜିର ଆୟୋଜନ ମିଶ୍ରଣ ପର୍ବ ଅବସରରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ଜାକକା, ରାଜ୍ୟ ସମ୍ପାଦିକା ସୁନିତା ବିଡିକା, ଜିଲ୍ଲା ସଭାପତି ପୂର୍ଣ୍ଣ



ଚନ୍ଦ୍ର ଟାକ୍ରି, ଏସ୍‌ଟି ସେଲ୍ ର ଜିଲ୍ଲା ସଭାପତି ଶ୍ରୀପତି ଉର୍ଲାକା, ଜିଲ୍ଲା ପ୍ରଭାରୀ ରାମଦାଶ ଟାକ୍ରି, ଉପଦେଷ୍ଟା ବିଶିକେଶନ ଟାକ୍ରି, ଗଙ୍ଗାଧର ପୁଆଲା, ଜିଲ୍ଲା ସାଧାରଣ ସମ୍ପାଦକ ରବିନ୍ଦ୍ର ଗରଡିଆ, ଶିବ ପ୍ରାସ୍କା, ଏସ.ସି ସେଲର ଜିଲ୍ଲା ସଭାପତି ଖିର ବାଘ ମଞ୍ଚାସୀନ ହୋଇଥିଲେ। ଆସନ୍ତା ଜାନୁୟାରୀ ୪ ତାରିଖରେ ବିଷମ କଟକ ଠାରେ ପୁଣି ଏକ ବିଶାଳ ମିଶ୍ରଣ ପର୍ବ ଆୟୋଜନ ହେବ ବୋଲି ଜିଲ୍ଲା ସଭାପତି ପୂର୍ଣ ଟାକ୍ରୀ ସୂଚନା ଦେଇଛନ୍ତି।

## ବନାଗ୍ନି ନିୟନ୍ତ୍ରଣ ପ୍ରସ୍ତୁତିକାଳୀନ ବୈଠକ

ରାୟଗଡ଼ା,୨୩।୧୨(ସମିସ): ରାୟଗଡ଼ା ଜିଲ୍ଲାରେ ବନାଗ୍ନି ଦ୍ୱାରା ଜଙ୍ଗଲର କ୍ଷୟକ୍ଷତି ରୋକିବା ପାଇଁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାକକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହଲେ ପିପିଟି ମାଧ୍ୟମରେ ବନାଗ୍ନି ଦ୍ୱାରା ଜଙ୍ଗଲର କ୍ଷୟକ୍ଷତି ହେଉଥିବା ବିଷୟରେ ଅବଗତ କରିଥିଲେ। ବିଶେଷ କରି ଜିଲ୍ଲାର ମୁନିଗୁଡା ରାୟଗଡା ଏବଂ କଲ୍ୟାଣସିଂହପୁର ବ୍ଲକରେ ବନାଗ୍ନି ଦ୍ୱାରା କ୍ଷୟକ୍ଷତି ହେଉଥିବା ଦେଖାଯାଇଥିଲା । ଏହାକୁ ରୋକିବା ନିମନ୍ତେ ପ୍ରୟାସ କରିବା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ମହୋଦୟ ବନ ବିଭାଗ, ପୁଲିସ ପ୍ରଶାସନ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବନାଗ୍ନି ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ବନାଗ୍ନିର କାରଣ ଓ ପ୍ରତିରୋଧ ବିଷୟରେ ଲୋକଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଜଙ୍ଗଲ ପୋଡି ରୋକିବା ନିମନ୍ତେ ବନ ଉନ୍ନୟନ କମିଟି ଦ୍ୱାରା ସମସ୍ତେ ବନାଗ୍ନୀକୁ ନିରାକରଣ କରାଯାଇ ପାରିବ ବୋଲି କହିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାୟଗଡା,୨୩।୧୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର ରାୟଗଡାରେ ଏହାର ୩୩ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ରୂପେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ,



ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ଶିଶୁ ଭାଇ ଭଉଣୀମାନେ ସ୍ୱାଗତ ସଂଗୀତ ବୋଲିଥିଲେ। ଏହା ପରେ ବିଦ୍ୟାଳୟର ସମ୍ପାଦକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହାପରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ନିଜ ବକ୍ତବ୍ୟ ମାଧ୍ୟମରେ ଆଜିର ସମାଜ ଗଠନରେ ଶିଶୁ ମନ୍ଦିରର ଭୂମିକା ବିଷୟରେ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ। ସଭାପତି ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପସଭାପତି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ବିଭିନ୍ନ ନୃତ୍ୟ ମାଧ୍ୟମରେ ନିଜ କଳାକୃତି ପ୍ରଦର୍ଶନ କରିଥିଲେ। ପରିଚାଳନା ସମିତିର ସମସ୍ତ ସଦସ୍ୟ, ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ସେବିକା ଓ ଶିଶୁ ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲର 'ସେନ୍‌ଫେଷ୍ଟ ୧୫.୦' ବାର୍ଷିକ ଉତ୍ସବ

ରାୟଗଡ଼ା,୨୩।୧୨(ସମିସ): ରାୟଗଡ଼ା ସହର ଉପକଣ୍ଠ ପିତାମହଲ ସ୍ଥିତ ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲ ପକ୍ଷରୁ ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ ଉତ୍ସବ "ସେନଫେଷ୍ଟ୧୫. ୦' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟାଉନ୍ କ୍ୟାମ୍ପ୍‌ସର ପ୍ରଶାସିକା ସସ୍ମିତା ମହାନ୍ତି ବାର୍ଷିକ ବିବରଣୀ ପଠନ କରି ବିଦ୍ୟାଳୟର ଶିକ୍ଷା, ସାଂସ୍କୃତିକ ଓ କ୍ରୀଡ଼ା ସଫଳତା ଉପସ୍ଥାପନ କରିଥିଲେ। ସେହିପରି ପିତଓମହଲ କ୍ୟାମ୍ପ୍‌ସ ପକ୍ଷରୁ ଆର.କେ. ମହାପାତ୍ର ମଧ୍ୟ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସମଗ୍ର ଉନ୍ନତି ଯାତ୍ରାକୁ ଆଲୋକିତ କରିଥିଲେ। ରିଜିଓନାଲ୍ ଡାଇରେକ୍ଟର ଡା. ରାଜେଶ କୁମାର ପାଢ଼ୀ







ଶିକ୍ଷାବର୍ଷ ୨୦୨୪୨୫ ମଧ୍ୟରେ ବିଦ୍ୟାଳୟର ଉଲ୍ଲେଖନୀୟ ସାଧନା ଉପରେ ଆଲୋକପାତ କରି ଭବିଷ୍ୟତରେ ବିଦ୍ୟାଳୟକୁ ଆହୁରି ଉଚ୍ଚ ଶିଖରକୁ ନେଇଯିବା ପାଇଁ ସମସ୍ତଙ୍କୁ ଶ୍ରେଷ୍ଠ ପ୍ରୟାସ କରିବାର ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ତାଙ୍କ ଉଦବୋଧନରେ କହିଥିଲେ ଯେ, ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲ କେବଳ ଶିକ୍ଷା ପ୍ରଦାନ କରୁଥିବା ଏକ ସଂସ୍ଥା ନୁହେଁ, ବରଂ ଶିଷ୍ଟାଚାର, ମୂଲ୍ୟବୋଧ ଓ ସମଗ୍ର ବ୍ୟକ୍ତିତ୍ୱ ଗଢ଼ିବାରେ ଏହାର ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ। ଛାତ୍ରଛାତ୍ରୀମାନେ ଶିକ୍ଷା ସହିତ ସାମାଜିକ ଦାୟିତ୍ୱକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ସେହିପରି ସମ୍ମାନିତ ଅତିଥି ଶ୍ରୀ ମାଝି ତାଙ୍କ ସଂକ୍ଷିପ୍ତ ଭାଷଣରେ ବିଦ୍ୟାଳୟର ଶିକ୍ଷା ପରିବେଶ, ଶୃଙ୍ଖଳା ଓ ସାଂସ୍କୃତିକ ଚେତନାକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ନେତୃତ୍ୱ ଗୁଣ ଉନ୍ମେଷ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ। ଏହି ଉତ୍ସବରେ ଦଶମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଶ୍ୱେତା ନନ୍ଦ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଝରଣା ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଉଲ୍ଲେଖନୀୟ ସଫଳତା ନିମନ୍ତେ ତପସ୍ୱିନୀ ମାଝୀଙ୍କୁ ଶିକ୍ଷାବର୍ଷର ଗୌରବ ଶ୍ରେଷ୍ଠ ଛାତ୍ରୀ ରୂପେ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ରଙ୍ଗୀନ ପ୍ରଦର୍ଶନୀ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। ଏହି ଉତ୍ସବରେ ରାୟଗଡ଼ା ଜିଲ୍ଲାର ଅନେକ ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ, ଅଭିଭାବକ, ଶିକ୍ଷକ ଓ ଶିକ୍ଷାର୍ଥୀ ଉପସ୍ଥିତ ଥିବା ବେଳେ ସମସ୍ତେ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଡାଇରେକ୍ଟର ଡ଼. ରାଜେଶ କୁମାର ପାଢ଼ୀ ଅନୁଷ୍ଠାନର ସମସ୍ତଙ୍କୁ ସାଧୁବାଦ ଜଣେଇଥିଲେ। ଏହି କାର୍ଯ୍ୟକ୍ରମରେ 'ସକାଳ' ଜୟପୁର ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଆଜିଠୁ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

● ମାଁ ଦୁର୍ଗାଙ୍କ ଆଶୀର୍ବାଦ ଭିକ୍ଷା କଲେ ସୁଶୀଲ
● ଉଦ୍‌ଘାଟିତ ହେବ ମହାରାଜ କଂସ ଦରବାର





ବରଗଡ଼, ୨୩।୧୨(ସମିସ)

ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହାରାଜ କଂସଙ୍କ ରାଜ ଦରବାର ବୁଧବାର ଉଦ୍‌ଘାଟିତ ହେବ। ସନ୍ଧ୍ୟାରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ସାଂସଦ ପ୍ରଦୀପ ପୁରୋହିତ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଅତିରିକ୍ତ ଜିଲ୍ଲାପାଳ ନରେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁ, ଏସ୍‌ପି ପ୍ରହ୍ଲାଦ ସହାୟ ମୀନା, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇ ମଥୁରା ନଗରୀରେ ନାମିତ ହେବ। ପୁରା ବରଗଡ଼ ସହରବାସୀ ତଥା ଧନୁଯାତ୍ରା ଦେଖିବାକୁ ଆସୁଥିବା ଲୋକମାନେ ସମସ୍ତେ ଜଣେ ଜଣେ କଳାକାର ହୋଇ ମହାରାଜଙ୍କ ଆଦେଶକୁ ମାନିବେ। ଦୀର୍ଘ ୧୧ ଦିନ ଧରି କଂସ ମହାରାଜଙ୍କ ରାଜତ୍ୱ ଚାଲିବ। ଧନୁଯାତ୍ରାରେ ଚଳିତ ବର୍ଷ କଂସ ଭୂମିକାରେ ଅଭିନୟ ପାଇଁ ସୁଯୋଗ ପାଇଥିବା ଅତାବିରାର ସୁଶୀଲ ମେହେର ଅତାବିରା ଦୁର୍ଗା ମନ୍ଦିରକୁ ଆସି ମାଁ ଦୁର୍ଗାଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଶ୍ରୀ ମେହେର ନିଜ ମଞ୍ଚ ଅଭିନେତା ଜୀବନର ଆରମ୍ଭରେ ୨୦୦୩ରୁ ଅତାବିରା ଦୁର୍ଗା ପୂଜା ଯାତ୍ରାରେ ରାବଣ ଭୂମିକାରେ ଅଭିନୟ କରି ଲୋକଲୋଚନକୁ ଆସିଥିଲେ। ତା'ପରେ ସେ ଜିଲ୍ଲା ତଥା ଜିଲ୍ଲା ବାହାରେ ବିଭିନ୍ନ ମଞ୍ଚରେ ରାବଣ, କଂସ, କଳାପାହାଡ଼ ଆଦି ଭୂମିକାରେ ନିଖୁଣ ଅଭିନୟ କରି ବେଶ୍ ପ୍ରଶଂସିତ ହୋଇଛନ୍ତି। ମଙ୍ଗଳବାର ଦୁର୍ଗା ମନ୍ଦିର କାର୍ଯ୍ୟାଳୟ ପୂଜା କମିଟି ସଭାପତି ସୁରେନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମନ୍ଦିର କମିଟି ସଭାପତି ଡ.ରାମକୈଳାସ ଅଗ୍ରୱାଲ, ଅତାବିରା ଗ୍ରାମ୍ୟ କମିଟି ସଭାପତି ଦେବିଦାସ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ବନମାଳି ବରିହା ପ୍ରମୁଖ ମେହେରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଅତାବିରାର ବିଭିନ୍ନ ସଂଗଠନ, ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମାଁଙ୍କ ପାଖକୁ ଯାଇ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଚଳିତ ବର୍ଷ ଅଧିକାଂଶ ନୂତନ କଳାକାରଙ୍କୁ ନେଇ ଏତେ ବଡ଼ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ସମସ୍ତଙ୍କ ମନରେ ଅଧିକ ଉତ୍କଣ୍ଠା ଦେଖା ଦେଇଛି।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ବରଗଡ଼, ୨୩।୧୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓଡ଼ିଆ ବିଭାଗ ପକ୍ଷରୁ ୩୫ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ଭକ୍ତ ଚରଣ ସାହୁ ମୁଖ୍ୟବକ୍ତା, ପରିଚାଳନା କମିଟିର ସମ୍ପାଦକ ସୁରେଶ ସାହୁ, ଉପସଭାପତି ସଭାପତି ଚିରଞ୍ଜନ ସାହୁ, ହିନ୍ଦୀ ବିଭାଗର ସଭାପତି ରୁକ୍ମିଣ ମହାପାତ୍ର, ପ୍ରଧାନଆଚାର୍ଯ୍ୟ ପ୍ରତାପ ପ୍ରଧାନ, ସଚ୍ଚିଦାନନ୍ଦ ବାରିକ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଗୋବିନ୍ଦ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା କମିଟିର ସମ୍ପାଦକ ଶ୍ରୀ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରଞ୍ଜନ ବିଶାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଗୌରୀ ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ପୁରୁଷୋତ୍ତମ ପଣ୍ଡା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆଗେଇ ନେଇଥିଲେ। ଅଚାର୍ଯ୍ୟ କୁଳମଣି ଭୋଇଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ମେଘନାଥ ଡାଙ୍ଗ ଓ ଗୀତାଞ୍ଜଳି ସାହୁଙ୍କୁ ୨୫ ବର୍ଷ ନିରନ୍ତର ସେବା ପ୍ରଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା।



ପଦ୍ମପୁର: ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ତରଙ୍ଗିଣୀ' ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପଙ୍କଜିନୀ ବିଜୟ ମେହେରଙ୍କ ସଭାପତିତ୍ୱ କରିଥିବା ବେଳେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ କୋଟିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜବୋଡ଼ାସମ୍ବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ସନ୍ଦ୍ର ଅତିଥି ତଥା ଏସ୍‌ଏମ୍‌ସି ଅଧ୍ୟକ୍ଷା ବିନିଲତା ସାହୁ ଓ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାର ଉଦ୍ଦେଶ୍ୟ ଜ୍ଞାପନ ଏବଂ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ମାନସରଞ୍ଜନ ଶତପଥୀ ଏବଂ ରଚନା ପ୍ରଧାନ ସଭା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂଜାରାଣୀ ନାୟକ, ମନୀଷା ଭୋଇ, ଖୁସବୁ ବରିହା, ଅମନ୍ ପଣ୍ଡା, ଜ୍ୟୋତିରେଖା ମହାନନ୍ଦ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନିବାମାରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳା କୁମାର, ପ୍ରଭାସିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଘେଁସରେ ଜାତୀୟ କୃଷକ ଦିବସ

● ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

ମେଲଛାମୁଣ୍ଡା, ୨୩।୧୨(ସମିସ): ବରଗଡ଼ ଜିଲ୍ଲା ଘେଁସ ଠାରେ ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନ, ଗ୍ରାମ୍ୟ କମିଟି, ଘେଁସ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅସହାୟ ଓ ବୟସ୍କ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରି ଜାତୀୟ କୃଷକ ଦିବସ ପାଳନ ହୋଇଯାଇଛି। ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ ଓ ସଦସ୍ୟ ଗଣ, ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ମୁରଲୀ ଭୋଇ, ପ୍ରଭାତ ସାହୁ, ପ୍ରେମରାଜ ସାହୁ, ବାବୁଲୁ ପ୍ରଧାନ, ଚନ୍ଦ୍ରଶେଖର ପୁରୋହିତ ଓ ସଦସ୍ୟ ଗଣ ତଥା ଘେଁସ ଗ୍ରାମ୍ୟ କମିଟିର ବିଜୟ ପଟେଲ, ନିରଞ୍ଜନ ଖର୍ସେଲ, ରଞ୍ଜନ ବରିହା, ରାମ ପାଣ୍ଡେ, ରଣଜିତ ପଟେଲ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଚାଷୀ ଦେଶର ମେରୁଦଣ୍ଡ ବୋଲି ସବୁବେଳେ ସରକାର କହୁଥିବା ବେଳେ ଆଜି କିଭଳି ରାଜ୍ୟରେ ଚାଷୀ ଅବହେଳିତ, ପ୍ରତାରିତ ଓ ଶୋଷଣର ଶିକାର ହେଉଛନ୍ତି ସେନେଇ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସଚେତନ କରିଥିଲେ। କିଛି ଦଲାଲ୍ ମାନଙ୍କୁ ହାତବାରିଶି କରି ଚାଷୀଙ୍କୁ କେବଳ ରାଜନେତା ମାନେ ଭୋଟ ବ୍ୟାଙ୍କ୍ କରି ଭୋଟ ହାତେଇ ରାଜଗାଦି ପାଇବା ପରେ କିଭଳି ଚାଷୀଙ୍କୁ ଲୁଟି ଚାଲିଛନ୍ତି। ଏଣୁ ଚାଷୀ ଜାଗ୍ରତ ହୋଇ ନିଜର ପ୍ରକୃତ ଶକ୍ତିକୁ ନିଜେ ଚିହ୍ନି ସଚେତନ ହେବାକୁ କାର୍ଯ୍ୟକ୍ରମରେ କୁହାଯାଇଥିଲା। ଶେଷରେ ଅସହାୟ ଓ ବୃଦ୍ଧବୃଦ୍ଧାମାନଙ୍କୁ ଶୀତବସ୍ତ୍ର ବଣ୍ଟନ ସହ କରାଯାଇଥିଲା।

# ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେ ବାପା ଜେଜେ-ମାଆ ସମ୍ମିଳନୀ

ପଦ୍ମପୁର, ୨୩।୧୨(ସମିସ): ଲଖମରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଲଖମରା ଠାରେ ଶିଶୁ ଭାଇ, ଭଉଣୀଙ୍କର ଜେଜେ ମାଆ, ଜେଜେ ବାପାଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସୈନ୍ୟ ଲଳିତ ପ୍ରଧାନ, ତାଙ୍କର ପତ୍ନୀ ଗୀତା ପ୍ରଧାନ ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ବକ୍ତା ତଥା ପ୍ରବଚକ ହରିହର ସାହୁ ସଂସ୍କୃତ ଶିକ୍ଷକ କନସିଂହା ଉଚ୍ଚ ବିଦ୍ୟାଳୟ, ଆମ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ରାଜ କିଶୋର ପଟେଲ, ଅର୍ଜୁନ ଭୀଲ, ମଧୁସୂଦନ ଦାସ, ଗୋଲକ ପ୍ରସାଦ ପ୍ରଧାନ, ସୁଶାନ୍ତ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଦିଲ୍ଲୀପ ଜାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଜେଜେ ବାପା ଜେଜେ ମାଆଙ୍କ ଭୂମିକା ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଜେଜେବାପା, ଜେଜେ ମାଆଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ତାଙ୍କର ଭୂମିକା ବିଷୟରେ ଅଭିଭାଷଣ ଦେଇଥିଲେ। ସମ୍ମିଳନୀରେ ମୋଟ ୧୭୦ ଜଣ ଜେଜେ ବାପା, ଜେଜେ ମାଆ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନତା ହାଇସ୍କୁଲରେ ରାଷ୍ଟ୍ରୀୟ ଗଣିତ ଦିବସ

ଅମ୍ବାଭୋନା, ୨୩।୧୨(ସମିସ): ମହାନ୍ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତାରେ ରାଷ୍ଟ୍ରୀୟ ଗଣିତ ଦିବସ ୨୦୨୫ ପାଳିତ ହୋଇଯାଇଛି। ବିଦ୍ୟାଳୟର ଗଣିତ କ୍ଲବ୍ ପକ୍ଷରୁ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ଜାତୀୟ ଗଣିତ ଦିବସର ବିଷୟବସ୍ତୁ 'ଗଣିତ, କଳା ଓ ସୃଜନଶୀଳତା' ସମ୍ବନ୍ଧରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣିତ ଶିକ୍ଷକ ବୋଧରାମ ସା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ରାମାନୁଜନଙ୍କ ଜୀବନୀ ଓ ଗଣିତ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ଗଣିତର ମହତ୍ତ୍ୱ ସମ୍ପର୍କରେ ଶିକ୍ଷାର୍ଥୀଙ୍କୁ ଛାତ୍ରାବସ୍ଥାରୁ ସଚେତନ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟରେ ଏକ ଗଣିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀତାରେ ବିଦ୍ୟାଳୟର ୩୮ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ସୌମ୍ୟରଞ୍ଜନ ସୂତାର, ଫିରୋଜ ସାହୁ ଓ ପ୍ରମୋଦ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ଗଣିତ ଓ ବିଜ୍ଞାନ କ୍ଲବ୍‌ର ସଦସ୍ୟଙ୍କ ସମେତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକ, ସଞ୍ଜୟ ଖମାରୀ, ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି ଓ ଶିକ୍ଷୟିତ୍ରୀ ରୋଜାଲିନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗଣିତ ଶିକ୍ଷକ ତେଜରାମ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ସ୍ୱାସ୍ଥ୍ୟକର୍ମୀ ଏବଂ ଅଙ୍ଗନବାଡ଼ି କର୍ମୀଙ୍କ କର୍ମଶାଳା

ବରପାଲି, ୨୩।୧୨(ସମିସ): ବରଗଡ଼ ମମତା ସ୍ୱାସ୍ଥ୍ୟ ଶିକ୍ଷାକେନ୍ଦ୍ର ମାଁ ଓ ଶିଶୁ ସଂସ୍ଥା ପକ୍ଷରୁ ସୋହେଲା ଏବଂ ବରପାଲି ବ୍ଲକରେ ଆଶା ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ଆର୍ଥିକ ସାକ୍ଷରତା ଏବଂ ସଫ୍ଟ ସ୍କିଲ୍ସ ଉପରେ କର୍ମଶାଳା ଆୟୋଜନ ହୋଇଯାଇଛି। କାର୍ଯ୍ୟକଳାପ ଭିତ୍ତିକ କାର୍ଯ୍ୟକ୍ରମ, ଅଂଶଗ୍ରହଣକାରୀମାନଙ୍କୁ ଆର୍ଥିକ ପରିଚାଳନା ଏବଂ ପ୍ରଭାବଶାଳୀ ସମ୍ପ୍ରଦାୟ ସମ୍ପର୍କିତ ବ୍ୟବହାରିକ ଦକ୍ଷତା ସହ ସଜ୍ଜିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅଂଶଗ୍ରହଣକାରୀମାନେ ବଜେଟିଂ, ସଞ୍ଚୟ ରଣନୀତି, ଡିଜିଟାଲ୍ କାରବାର ଏବଂ ଅନ୍ୟାନ୍ୟ ଆର୍ଥିକ ସାକ୍ଷରତା ଉପକରଣ ବିଷୟରେ ତାଲିମ ନେଇଥିଲେ। ସଫ୍ଟ ସ୍କିଲ୍ ତାଲିମ ଯୋଗାଯୋଗ,



ଦଳଗତ କାର୍ଯ୍ୟ, ଏବଂ ନେତୃତ୍ୱ କ୍ଷମତା ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା। ଜିଲ୍ଲା ସଂଯୋଜକ ଅଦିତି ଜାନା ଏବଂ ମମତା ଏଚଆଇଏମସି ସୁପରଭାଇଜର ଯଶୋବନ୍ତ ପୂଜାରୀ, ସୌମ୍ୟରଞ୍ଜନ ବାରିକ, ଆଉଟରିଚ୍ କର୍ମଚାରୀ କ୍ଷିରୋଦ୍ରି ପ୍ରଧାନ, କ୍ଷୀରସିନ୍ଧୁ ଭୋଇ, ପ୍ରହଲ୍ଲାଦ ପାଣିଗ୍ରାହୀ, ମହାଦେବ ଭୁଏ, ଆଲୋକ ମେହେର, ସୁଶାନ୍ତ ମିଶ୍ର, ଘନଶ୍ୟାମ ଭୋଇ, ଜୀବର୍ଦ୍ଧନ ସାହା କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

# ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁବେର ରଣା ସମ୍ବର୍ଦ୍ଧିତ



ଦହିତା, ୨୩।୧୨(ସମିସ): ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଫାସି କାଠ ଦାତାଙ୍କୁ ପୁରୀ ଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ ଉପସ୍ଥିତ ଥିଲେ। ସଭାରେ ରଥ ପାଇଁ ବିଭିନ୍ନ ଉପକରଣ ଦାନ କରିଥିବା ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ବୁଢ଼ାମାଲ ଗ୍ରାମ ତଥା ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ କୁବେର ରଣା ରଥଚକ ପାଇଁ ଫାସି କାଠ ଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଜି କୁବେର ରଣାଙ୍କ ତରଫରୁ ତାଙ୍କ ପୁଅ ଚମ୍ପେକ ପ୍ରସାଦ ରଣାଙ୍କୁ ମାନପତ୍ର ସହ ଏକ ଖଣ୍ଡୁଆ ପାଟ, ଭୋଗ, ନେତ, ରଥକାଠ, ରଥ ଦଉଡ଼ି, ଶରଧାବାଲି, ଫୁଲ ତୁଳସୀ, ଏକ ପେଡ଼ିରେ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ତରଫରୁ ଜଗନ୍ନାଥ ମହାପ୍ରସାଦକୁ ଦର୍ଶନ କରାଇ ଅବଢ଼ା ଖୁଆଇ ଆପ୍ୟାୟିତ କରାଯାଇଥିଲା। ଶ୍ରୀ ରଣା ଜଗତର ନାଥ ଜଗନ୍ନାଥଙ୍କୁ ରଥ ପାଇଁ ଫାସି କାଠ ଯୋଗାଇ ଥିବା ସୌଭାଗ୍ୟ ପ୍ରାପ୍ତି ହୋଇଥିବାରୁ ନିଜକୁ ଓ ତାଙ୍କ ପରିବାରକୁ ଧନ୍ୟମନେ କରିଥିବା ପ୍ରକାଶ କରିଛନ୍ତି।

# ଝାରବନ୍ଧ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

ଝାରବନ୍ଧ, ୨୩।୧୨(ସମିସ): ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ୩୧ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୫ ସ୍ଥାନୀୟ କଲେଜ ପଡ଼ିଆରେ ଶୁଭାରମ୍ଭ ହୋଇଯାଇଛି। କଲେଜର ଛାତ୍ର ମାନେ ଚାକଦର୍ହା ଡ୍ୟାମ ସ୍ଥିତ ଶିବ ମନ୍ଦିର ଠାରୁ ମଶାଲ ପ୍ରଜ୍ୱଳନ କରି ଝାରବନ୍ଧ ସହର ପରିକ୍ରମା ପୂର୍ବକ କ୍ରୀଡ଼ା ଉତ୍ସବ ପଡ଼ିଆରେ ପହଞ୍ଚିଥିଲେ। କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଡ.ମୋହନ ପ୍ରସାଦ ନାୟକ ଯୋଗ ଦେଇଥିଲେ। ହରିହର ସାହୁ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ, ନନ୍ଦକିଶୋର ଅଗ୍ରୱାଲ, ମାନ ଭଞ୍ଜନ ମିର୍ଦ୍ଧା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡ.ମୋହନ ପ୍ରସାଦ ନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ।



ଅଧ୍ୟାପିକା ଯାଜ୍ଞସେନି ନାୟକ, ଅଧ୍ୟାପକ ଗଗନ ବିହାରୀ ଡ଼ନସନା, ନବୀନ ମେହେର, ଖ୍ୟାତିମୟ ତ୍ରିପାଠୀ, ଅଧ୍ୟାପିକାରଶ୍ମୀ ମହାଲିଙ୍ଗ, ଅଧ୍ୟାପିକା ମିନପ୍ରଭା ପ୍ରଧାନ, ଅଧ୍ୟାପିକାରିତାଞ୍ଜଳୀ ଗୁରୁ, ଅଧ୍ୟାପକ ମୁକେଶ ବାଗ, ଅଧ୍ୟାପକ ଚନ୍ଦ୍ରମଣି ବାଗ, ଅଧ୍ୟାପିକା କୁନି ସାହାଙ୍କ ସହିତ ଅଶୋକ ହାତୀ, ବଲ୍ଲଭ ମିର୍ଦ୍ଧା, ଅଞ୍ଜନ ବରିହା, ଦୁର୍ଯ୍ୟୋଧନ ପାଣ୍ଡେ, ପ୍ରକାଶ ପ୍ରଧାନ, ରୁକ୍ମିଣୀ ସାହୁ, ମଦନ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ଗଙ୍ଗେଇ ଗ୍ରାମରେ ହାତୀ ସୁରକ୍ଷା ସଚେତନତା

ଅମ୍ବାଭୋନା, ୨୩।୧୨(ସମିସ): ହାତୀପରି ବନ୍ୟଜୀବର ସୁରକ୍ଷା ପାଇଁ ଜନ ସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଗଙ୍ଗେଇ ଗ୍ରାମରେ ଜନତା ହାଇସ୍କୁଲ ଭୁକ୍ତାର ଇକୋ କ୍ଲବ୍ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀଙ୍କ ଆହ୍ୱାନ କ୍ରମେ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟୁତ୍ ବିଭାଗ ବରଗଡ଼ର ସହ ନିରୀକ୍ଷକ ବିଶାଳ ତିର୍କୀ, ମୁଖ୍ୟ ବକ୍ତା ଭାବରେ ଭଟଲିର ସହ ବନ ସଂରକ୍ଷକ ସୁବୋଧ ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ବନ୍ୟପ୍ରାଣୀ ବନପାଳ ସଞ୍ଜୀବ ପଣ୍ଡା ଓ ଗୋପାଳପୁର ଆଶ୍ରମ ସ୍କୁଲର ଇକୋ କ୍ଲବ୍ ଶିକ୍ଷକ ତଥା ପ୍ରକୃତି ପ୍ରେମୀ ଉଚ୍ଛବ ଭୁଏ ଯୋଗ ଦେଇଥିଲେ। ପ୍ରକୃତିପ୍ରେମୀ ଓ ଗ୍ରାମବାସୀ 'ବିଦ୍ୟୁତ ତାରକୁ ସୁରକ୍ଷିତ କରିବା, ହାତୀ ଜୀବନକୁ ରକ୍ଷା କରିବା', 'ଜଙ୍ଗଲ ବଞ୍ଚିଲେ ଜୀବନ ମିଳେ, ତା'ଠାରୁ ସୁନ୍ଦର ଜୀବ ବଞ୍ଚିଲେ' ଆଦି ସ୍ଲୋଗାନ ଦେଇ ସମସ୍ତଙ୍କୁ ପରିବେଶ ସୁରକ୍ଷା ସଚେତନତାର ବାର୍ତ୍ତା ଦେଇଥିଲେ। ବନ୍ୟପ୍ରାଣୀ ସହ ସଂଘର୍ଷ ନ କରି ହାତୀ ପରି ଜୀବର ସୁରକ୍ଷା କରିବା ସହ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତି ହେଲେ ଅନୁକମ୍ପା ଆପ୍ ମାଧ୍ୟମରେ କିପରି ସହାୟତା ପାଇବେ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଜନତା ହାଇସ୍କୁଲ ଭୁକ୍ତାର ଇକୋ କ୍ଲବ୍, ବରଗଡ଼ ବନ ବିଭାଗ ଓ ବିଦ୍ୟୁତକରଣ ସେକ୍ସନର ମିଳିତ ଉଦ୍ୟମରେ ହାତୀର ଚଳାପଥକୁ ଅବରୋଧ ନ କରି ହାତୀ ସୁରକ୍ଷା କ୍ଷେତ୍ରରେ ପ୍ରତ୍ୟେକ ନାଗରିକ ସଚେତନ ହେବା ସହ ଅନ୍ୟକୁ ଜାଗ୍ରତ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଶିକ୍ଷକ ସୁବାସ ଚନ୍ଦ୍ର ଖମାରୀ, ପ୍ରକାଶ ପଧାନ, ବନପାଳ କମଳେଶ ବାରିକ ଓ ବନପାଳ ପର୍ଶୁରାମ ବେହେରା, ବନରକ୍ଷୀ ନଳିନୀ ଭୁଏ, ସୁପ୍ରିୟା ଭୁଏ ଓ ସଞ୍ଜୀବ ଭୁଏଙ୍କ ସମେତ ଗଙ୍ଗେଇ ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରକୃତିବନ୍ଧୁ ରୋହିତ ଭୁଏ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଡିଏନ୍ସ ଶିକ୍ଷାନୁଷ୍ଠାନର କ୍ରୀଡ଼ା ସମାରୋହ ଉଦ୍‌ଘାଟିତ

ବିଜେପୁର, ୨୩।୧୨(ସମିସ): ବରଗଡ଼ ଜିଲ୍ଲା ବିଜେପୁର ପ୍ରକୃତି ବିହାର ସ୍ଥିତ ରେଡ଼ିଏନ୍ସ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଅଜିତ ମେହେର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଘନଶ୍ୟାମ ମେହେର, ଏକାଡେମିକ ଡାଇରେକ୍ଟର ଗୋବିନ୍ଦ ମେହେର, ଆଡମିନ୍ଷ୍ଟ୍ରେଟିଭ ଡାଇରେକ୍ଟର ନେତ୍ରମଣୀ ମେହେର, ସ୍କୁଲ ଅଧ୍ୟକ୍ଷା ମୋହିନୀ ମେହେର, ଉପାଧ୍ୟକ୍ଷ ସଞ୍ଜୟ ବାରିକ, ଉପଦେଷ୍ଟା ରାଜେଶ୍ରୀ ମେହେର, ମମତା ମେହେର ପ୍ରମୁଖ ଯୋଗ ଦେଇଥିଲେ। ନର୍ସରୀରୁ +୨ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସମସ୍ତ ଅଧ୍ୟାପକ ପ୍ରଫୁଲ୍ଲ ପଧାନ, ଡିଙ୍ଗିର ବାଗ, ସୁରେନ୍ଦ୍ର ସେଠ୍, ଆଲୋକ ପୋଡ଼୍, ସଞ୍ଜୟ ପଧାନ, ଅଧ୍ୟାପିକାରିତା ପଧାନ, ଆୟୁଷା ପଧାନ, କୁମୋଦିନି ବାରିକ, ସୁପ୍ରିୟା ମେହେର, ସ୍କୁଲ୍ ଉପାଧ୍ୟକ୍ଷ ଜୟନ୍ତ ସାହୁ, ଶିକ୍ଷକ ପ୍ରମୋଦ ପଧାନ, ମୃଣାଳ ମେହେର, ଆଶିଷ କୁମ୍ଭାର, ଧର୍ମରାଜ ସା, ଲାଲବାବୁ ବରିହା, ଅମିତ ମହାପାତ୍ର, ଶିକ୍ଷୟିତ୍ରୀ ଭାରତୀ ଗଡ଼ତିଆ, କରୁଣା ପଣ୍ଡା, ସ୍ୱାଗତିକା ପଣ୍ଡା, ବର୍ଷା ସାହୁ, ମମତା ବାରିକ ଏବଂ ଉପେନ୍ଦ୍ର ବେହେରା, କିଶୋର ମହାନା, ସନ୍ତୋଷ ବାରିକ, ରୋହିତ ଭୋଇ, ବରୁଣ ମେହେର ପ୍ରମୁଖଙ୍କ ସମେତ ସମସ୍ତ କର୍ମଚାରୀଙ୍କ ସହିତ ଖେଳ ଶିକ୍ଷକ ସୁବ୍ରତ ବାରିକ ଖେଳ ପରିଚାଳନା କରୁଛନ୍ତି।

# ବରପାଲି ତିଅର ସମାଜ କର୍ମକର୍ତ୍ତା ମନୋନୟନ

ବରପାଲି, ୨୩।୧୨(ସମିସ): ବରପାଲି ବ୍ଲକ ତିଅର ସମାଜ ବାର୍ଷିକ ସଭା ସହ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପଶ୍ଚିମ ଓଡ଼ିଶା ତିଅର ସମାଜ ପରାମର୍ଶରେ ସ୍ଥାନୀୟ ରାମେଶ୍ୱର ବାବା କଲ୍ୟାଣ ମଣ୍ଡପ ପରିସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ସଭ୍ୟ ତୁଳସିରାମ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ପଶ୍ଚିମ ଓଡ଼ିଶା ମହାସଭା କମିଟି ସଦସ୍ୟ ମାନଙ୍କ ଉପସ୍ଥିତିରେ ବିଭିନ୍ନ ଆଲୋଚନା ସହ ମନୋନୟନ କାର୍ଯ୍ୟ ହୋଇଥିଲା। ନିମନ୍ତ୍ରିତ ଅତିଥି ଭାବେ ମହାସଭା କମିଟି ଉପସଭାପତି ସତ୍ୟବ୍ରତ ବେହେରା,





କୋଷାଧ୍ୟକ୍ଷ ଭୋଜପତି ବେହେରା ଓ କେତନ ବେହେରା ମଞ୍ଚାସୀନ ଥିଲେ। ତିଅର ସମାଜର ଉନ୍ନତିକରଣ ସହ ଶିକ୍ଷା, ସଂସ୍କୃତି, ଆଧ୍ୟାତ୍ମିକ ଚେତନା, ଉପାସନା ମହିଳା ବିକାଶ, ସାମାଜିକ ଚେତନା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପରେ ବରପାଲି ଶାଖାର ନୂତନ କର୍ମକର୍ତ୍ତା ଚୟନ ପର୍ବ ହୋଇଥିଲା। ସଭାପତି ଭାବରେ ମଧୁସୂଦନ ବେହେରା, ଉପସଭାପତି ଜୟକୃଷ୍ଣ ବେହେରା, ସମ୍ପାଦକ ସୃଜୟ ବେହେରା, ସହ ସମ୍ପାଦକ ଚନ୍ଦନ ବେହେରା ଓ ସହ ସମ୍ପାଦିକା ନିରୁପମା ବେହେରା, କୋଷାଧ୍ୟକ୍ଷ ପୂର୍ଣ୍ଣେନ୍ଦୁ ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଭାବଗ୍ରାହୀ ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ସେହିପରି ଭାବଗ୍ରାହୀ ବେହେରାଙ୍କୁ ଅତିଥି ମାନଙ୍କ ପରାମର୍ଶରେ ମହାକମିଟି ସଂଗଠନ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ପରେ ସଭାପତି ତୁଳସିରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆପଣଙ୍କ ଟଙ୍କା, ଆପଣଙ୍କ ଅଧିକାର' ସଚେତନତା ଅଭିଯାନ

ବରଗଡ଼, ୨୩।୧୨(ସମିସ)

ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ସେବା ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଦେଶବ୍ୟାପୀ 'ଆପଣଙ୍କ ଟଙ୍କା, ଆପଣଙ୍କ ଅଧିକାର' ସଚେତନତା ଅଭିଯାନ ଅଧୀନ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ବରଗଡ଼ ଆଗ୍ରଗାମୀ ଯୁବକ ସଂଘ ପରିସରରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଲିଡ୍ ବ୍ୟାଙ୍କ ଅଫିସ ଦ୍ୱାରା ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଯୋଗ ଦେଇଥିଲେ। ସେହିପରି ଏସବିଆଇ ଆଞ୍ଚଳିକ ପ୍ରବନ୍ଧକ ମଧୁସୂଦନ ରଥ, ଭୁବନେଶ୍ୱର ଏଲଡିଓ ତନ୍ମୟ





ଜୈସୱାଲ, ହାଟ କିଶୋର ବେହେରା (ଡିଡିଏମ ନାବାର୍ଡ) ଏବଂ ବିଦ୍ୟାନନ୍ଦ ତିର୍କି (ଏଲଡିଏମ) ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ବ୍ୟାଙ୍କ ମୁଖ୍ୟ, ବୀମା କମ୍ପାନୀ, ବିସି/ସିଏସପି ଓ ସମ୍ମାନିତ ନାଗରିକମାନଙ୍କ ସମେତ ୧୦୨ ଜଣ ଅଂଶଗ୍ରହଣ କରିଥିଲେ। ଏଲଡିଏମ ଦେଶର ବିଭିନ୍ନ ବ୍ୟାଙ୍କ, ବୀମା କମ୍ପାନୀ, ମ୍ୟୁଚୁଆଲ୍ ଫଣ୍ଡ ଓ କର୍ପୋରେଟ୍ ସଂସ୍ଥା ଗୁଡ଼ିକରେ ଅଣଦାବିକୃତ ଧନରାଶି ସମ୍ପର୍କରେ ଆଲୋଚନା କରିବା ସହ ତାହାକୁ କିପରି ସହଜରେ ଦାବି କରାଯାଇ ପାରିବ ତାହାର ପ୍ରକ୍ରିୟା ବ୍ୟାଖ୍ୟା କରିଥିଲେ। ଏସବିଆଇର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ରଥ ଅଣଦାବିକୃତ ଧନ ବୃଦ୍ଧିର କାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଆରବିଆଇର ଏଲଡିଓ ଜୈସୱାଲ ଅଣଦାବିକୃତ ଧନ ଖୋଜିବା ପାଇଁ ଆରବିଆଇ ୟୁଡିଜିଏଏମ୍, ଆଇଆରଡିଏଆଇ ବୀମା ଭରୋସା, ଏସଇବିଆଇ ମିତ୍ର ଓ ଆଇଇପିଏଫଏ ପୋର୍ଟାଲ ଭଳି ବିଶ୍ୱସନୀୟ ପୋର୍ଟାଲଗୁଡ଼ିକ ବିଷୟରେ ସଚେତନ କରିଥିଲେ। ନାବାର୍ଡର ଡିଡିଏମ ଶ୍ରୀ ବେହେରା ଗ୍ରାମୀଣ ଓ ସହରାଞ୍ଚଳରେ ସୁବିଧା କ୍ୟାମ୍ପ ଆୟୋଜନ ଏବଂ ବ୍ୟାଙ୍କ ଓ ଜିଲ୍ଲା ପ୍ରଶାସନ ମାଧ୍ୟମରେ ନାଗରିକଙ୍କୁ ସହଯୋଗ ଯୋଗାଇବା ପାଇଁ ପ୍ରସ୍ତାବ ରଖିଥିଲେ। ଏଡିଏମ୍ ଶ୍ରୀ ସାହୁ 'ଆପଣଙ୍କ ଟଙ୍କା, ଆପଣଙ୍କ ଅଧିକାର' ବିଷୟରେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ସଚେତନତା ପୁସ୍ତିକା ଉନ୍ମୋଚନ କରିଥିଲେ। ଶେଷରେ ଏଲଡିଏମ୍ ଧନ୍ୟବାଦ ଜ୍ଞାପନ କରିଥିଲେ।

# ତିଆରି ହେଉ ହେଉ ଉଠିଯାଉଛି ପିଚୁ

## ସନ୍ଦେହ ଘେରରେ ପୂର୍ତ୍ତ ବିଭାଗ କାର୍ଯ୍ୟଶୈଳୀ

ତିଗିରିଆ,୨୩।୧୨(ସମିସ): କଟକ ଜିଲ୍ଲା ତିଗିରିଆ ବ୍ଲକରେ ପୂର୍ତ୍ତ ବିଭାଗର କାର୍ଯ୍ୟଶୈଳୀ ଏବେ ସନ୍ଦେହ ଘେରରେ। ରାଜ୍ୟ ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ବ୍ୟୟରେ କଟକ-ନରସିଂହପୁର ୬୫ନମ୍ବର ରାଜ୍ୟ ରାଜପଥର ନବୀକରଣ କାର୍ଯ୍ୟ ଚାଲିଥିବା ବେଳେ,

### ପାଣିରେ ପଡୁଛି କୋଟି କୋଟି ଟଙ୍କା

### ଠିକାଦାର-ଯନ୍ତ୍ରୀ ସଲାସୁତୁରା

ଏହା 'ସେବା' ଅପେକ୍ଷା 'ଲୁଟ୍'ର ମାଧ୍ୟମ ପାଲଟିଥିବା ଅଭିଯୋଗ ହୋଇଛି। ନୂଆସଡ଼କ ଛକଠାରୁ ନୂଆପାଟଣା କଲେଜ ଛକ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଏହି ରାସ୍ତା କାମ ସମ୍ପୂର୍ଣ୍ଣ ଭାବେ ଯନ୍ତ୍ରୀ ଓ ଅଧିକାରୀଙ୍କ ଅନୁପସ୍ଥିତିରେ କେବଳ ମେସିନ ଓ ମୂଲିଆଙ୍କ ଭରସାରେ ଚାଲିଛି। ଫଳସ୍ୱରୂପ, ରାସ୍ତା କାମ ଶେଷ ହେବାର ବାସିଦିନ ହିଁ



ପିଚୁ ଉଠିଯାଇ ପୁଣି ପୂର୍ବଭଳି ଖାଲଖମା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ବିନ୍ଧାଣିମା ବାଇପାସ ଠାରୁ ଗୋପୀନାଥପୁର ଶାସନ ଛକ ମଧ୍ୟରେ ରାସ୍ତାର ଅବସ୍ଥା ନିର୍ମାଣ ପରେ ପୂର୍ବାପେକ୍ଷା ଅଧିକ ଶୋଚନୀୟ ହୋଇପଡ଼ିଛି। କେତେକ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ବେଳେ ଲୋକମାନେ ନିଜ ହାତରେ ପିଚୁ ଉଠାଉଥିବାର ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥ ଦେଇ ଦୈନିକ ହଜାର ହଜାର ଯାତ୍ରୀବାହୀ ବସ୍ ଓ ଭାରୀଯାନ ଚଳାଚଳ କରୁଥିବା ବେଳେ, ଏପରି ନିମ୍ନମାନର କାମ ଯୋଗୁଁ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଠିକା ସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ରହିଥିବା ସଲାସୁତରା ଯୋଗୁଁ ସରକାରୀ ଅର୍ଥର ଏପରି ହରିଲୁଟ ଚାଲିଛି। ଗୋଟିଏ ପଟେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ଗାତ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଥିବା ବେଳେ ଅନ୍ୟପଟେ ପୂର୍ତ୍ତ ବିଭାଗ ଘୋର ନିଦ୍ରାରେ ରହିଥିବା ପରି ମନେହେଉଛି। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ମାହାଙ୍ଗା,୨୩।୧୨(ସମିସ): ମାହାଙ୍ଗାର ବିକାଶମୂଳକ କାର୍ଯ୍ୟ କରିବା ପାଇଁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଜଳସମ୍ପଦ ଅଧୀନସ୍ଥ କୁସୁପୁର ପଞ୍ଚାୟତ ମିର୍ଜାପାଟଣା ଗ୍ରାମର ପଟାମୁଣ୍ଡାଇ କେନାଲ ଡି ୫(ଏ) ଦକ୍ଷିଣ ପାଶ୍ୱର୍ ବନ୍ଧ ରାସ୍ତା ଓ ଓ ଡି ୫ବି କେନାଲ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ସେହିପରି ଲଳିତଗିରି ପଞ୍ଚାୟତ ହରିଭଗତପୁର ସବ-ମାଇନର ଉନ୍ନତିକରଣ, ପଣସପୁର ପଞ୍ଚାୟତ ଡି୭ କେନାଲ ଦକ୍ଷିଣ ପାଶ୍ୱର୍ ବନ୍ଧ ରାସ୍ତା ପଣସପୁର ମେଡିକାଲ ଛକଠାରୁ ବାଉଜଙ୍ଗ ଗ୍ରାମ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟର ଶୁଭ ଶିଳାନ୍ୟାସ କରାଯାଇଛି। ଏହି ସମସ୍ତ କାର୍ଯ୍ୟର ବ୍ୟୟ ଅଟକଳ ପ୍ରାୟ ତିନି କୋଟି ହେବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ନିର୍ମଳ ରାଉତ, ଜିତେନ୍ଦ୍ର ଶତପଥି, ଅଶୋକ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ଅଭିନ୍ନ ଜେନା, ରବିନ୍ଦ୍ର ପ୍ରଧାନ, ଯୋଗେନ୍ଦ୍ର ମଲ୍ଲିକଙ୍କ ସମେତ ବହୁ କର୍ମୀ ଓ ଜନସାଧାରଣ ଯୋଗଦେଇଥିଲେ।

## ମଣ୍ଡିରେ ଧାନ ବିକ୍ରି ନିୟମ ସଂକ୍ରାନ୍ତ ଚାଷୀ ସଚେତନତା

ନିଶ୍ଚିନ୍ତକୋଇଲି,୨୩।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ଧାନ ମଣ୍ଡି ଖୋଲାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଧାନ ମଣ୍ଡି ପରିଚାଳନା ଦାୟିତ୍ୱ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଉପରେ ନ୍ୟସ୍ତ କରାଯାଇଛି। ବିଭିନ୍ନ ନିୟମ ବିଷୟରେ ଚାଷୀମାନଙ୍କୁ ଅବଗତ କରିବା ନିମନ୍ତେ ବଜାର କମିଟି ପକ୍ଷରୁ ଜିଗ୍ନିପୁର ବଳଦେବଜୀୟୁ ସେବା ସମବାୟ ସମିତି ଏବଂ ପାଇକରାପୁରସ୍ଥିତ ପଲ୍ଲିଶ୍ରୀ ସେବା ସମବାୟ ସମିତିରେ ସୋମବାର ପୂର୍ବାହ୍ନରେ ଚାଷୀଙ୍କୁ ସଚେତନ କରାଯାଇଛି। ସଚେତନତା ଦାୟିତ୍ୱରେ ଥିବା ଆରଏମ୍‌ସି ୟାର୍ଡମ୍ୟାନ୍ ଜୟଦେବ ବିଶ୍ୱାଳଙ୍କ ସଂଯୋଜନାରେ ଏଥିରେ ମାନ ନିର୍ଦ୍ଧାରଣ ବିଶ୍ଳେଷକ ଅମୂଲ୍ୟ ମଲିକ ଓ ଦେବାଶିଷ ଲେଙ୍କା, ଜିଗ୍ନିପୁର ରାଜସ୍ୱ ନିରୀକ୍ଷକ ଚିତ୍ତରଞ୍ଜନ ମାହାଳୀ,



ରାଜସ୍ୱ ସୁପରଭାଇଜର ଦିଲ୍ଲୀପ ନାୟକ, ଗ୍ରାମ୍ୟ କୃଷି କର୍ମୀ ଶୁଭ୍ରାଂଶୁ ବେହେରା, ବଳଦେବଜୀଉ ସେବା ସମିତିର ସଭାପତି ଧୀରେନ୍ଦ୍ରନାଥ ବେହେରା, ପଲ୍ଲିଶ୍ରୀ ସେବା ସମବାୟ ସମିତିର ସଭାପତି ଅଭିରାମ ମଲ୍ଲ, ସଂପାଦକ ମହମ୍ମଦ ଅମିନ୍ ଖାନ୍, ବିଶ୍ୱଭୂଷଣ ସ୍ୱାଇଁ, ମିର୍ ତାହେର ଅଲ୍ଲୀ ମଣ୍ଡିକୁ ଧାନ ବିକ୍ରି କରିବାକୁ ଆଣିବା ପୂର୍ବରୁ ସେଥିରୁ ଭଲ ଭାବରେ ଅଗାଡି, କଣ୍ଢା ଓ ଅନ୍ୟାନ୍ୟ ଅଜୈବିକ ପଦାର୍ଥ ପରିଷ୍କାର ପରିଚ୍ଛନ କରିବା ସହିତ ଧାନକୁ ଭଲ ଭାବରେ ଶୁଖାଇ ବସ୍ତା କରି ଆଣିବାକୁ ସଚେତନ କରାଇଥିଲେ। ଚାଷୀ ରାମଚନ୍ଦ୍ର ପରିଡା, ସୁମେନ୍ଦ୍ର ରାଉତ, ବଂଶୀଧର ରାଉତ, ଗୋପାଳ ରଣା, ପବିତ୍ର ମୋହନ ପ୍ରଧାନ, ସରୋଜ ବେହେରା, କୈଳାସ ଭୂୟାଁ, ମୁଜିବର୍ ରହେମାନ୍, ମିର୍ ସନୱାର ରହେମାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## କୋଠପଦା ବିଦ୍ୟୁତ ସେକ୍ସନ ଉପଭୋକ୍ତା ସଂଘ କର୍ମକର୍ତ୍ତା ନିର୍ବାଚନ

ମାହାଙ୍ଗା,୨୩।୧୨(ସମିସ): ଘରୋଇ ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାର ଦ୍ୱାରା ସାଧାରଣ ଉପଭୋକ୍ତା ଶୋଷଣର ଶିକାର ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ବିଦ୍ୟୁତ ଉପଭୋକ୍ତାମାନେ ଏହି କମ୍ପାନୀ ବିରୁଦ୍ଧରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିବାଦ ଜାରି ରଖିଥିବା ବେଳେ ସାଲେପୁର ବିଦ୍ୟୁତ ମଣ୍ଡଳ ଅନ୍ତର୍ଗତ ମାହାଙ୍ଗା, କୋଠପଦା, ଏରକଣା ବିଦ୍ୟୁତ ସେକ୍ସନର ହଜାର ହଜାର ଗ୍ରାହକଙ୍କ ମେଳି ଦେଖିବାକୁ ମିଳିଛି। ସାମ୍ବାଦିକ ଅଶୋକ ଦାଶଙ୍କ ଆବାହକତ୍ୱରେ କୋଠପଦା ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ଶତାଧିକ ଉପଭୋକ୍ତା ସୋମବାର ଗୌରୀ ପ୍ୟାଲେସଠାରେ ଏକ ସାଧାରଣ ବୈଠକରେ ଏକତ୍ରିତ ହୋଇଥିଲେ। ଏହି ବୈଠକରେ ସାଲେପୁର ଡିଭିଜନ ବିଦ୍ୟୁତ ଉପଭୋକ୍ତା ସଂଘ ସଭାପତି ନନ୍ଦକିଶୋର ଭୂୟାଁ, ସାଧାରଣ ସମ୍ପାଦକ ଗଗନ ବିହାରୀ



ମିଶ୍ର, ମାହାଙ୍ଗା ବିଦ୍ୟୁତ ଉପଖଣ୍ଡ ଉପଭୋକ୍ତା ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ନେତା ଶୋଷଣ ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମାହାଙ୍ଗା ବିଦ୍ୟୁତ ଉପଖଣ୍ଡ ଅନ୍ତର୍ଗତ "କୋଠପଦା ବିଦ୍ୟୁତ ସେକ୍ସନର ଉପଭୋକ୍ତା ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଅଖିଳେଶ ପଦ ମହାନ୍ତି, ଉପସଭାପତି ଭାବରେ ପ୍ରଶାନ୍ତ କର, ସାଧାରଣ ସମ୍ପାଦକ ଭାବେ ବିଜୟାନନ୍ଦ ସ୍ୱାଇଁ, ସହସମ୍ପାଦକ ଅରବିନ୍ଦ ପଣ୍ଡା, କୋଷାଧକ୍ଷ ଭାବେ ରଞ୍ଜନ କୁମାର ବଳବନ୍ତରାୟ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଏହି ସଂଘର ଉପଦେଷ୍ଟା ଭାବେ ରାମଚନ୍ଦ୍ର ମହାପାତ୍ର, ସୁଧୀର ମହାନ୍ତି, ମହେନ୍ଦ୍ର ମହାନ୍ତି, ସତ୍ୟଜିତ କିଶୋର ଦାସ ମନୋନୀତ ହୋଇଥିବା ବେଳେ, କାର୍ଯ୍ୟକାରିଣୀ କମିଟି ପାଇଁ ହେମନ୍ତ ପ୍ରଧାନ, ଶାରଦା ପ୍ରସାଦ ମହାନ୍ତି, ଅଶୋକ ବେହେରା, ରବୀନ୍ଦ୍ର ବାଗ, ନିରଞ୍ଜନ ସାମଲ, ସୁରେଶ ବଳ, ହୃଷିକେଶ ବେହେରା, କାର୍ତ୍ତିକ ବେହାରୀ, ପ୍ରଶାନ୍ତ ପଣ୍ଡା, ଜୟନ୍ତ ବଳ, କାର୍ତ୍ତିକ ପାତ୍ରଙ୍କ ନାମ ଘୋଷଣା କରାଯାଇଥିଲା। ବୈଠକରେ ସମାଜସେବୀ କୈଳାଶଚନ୍ଦ୍ର ଆଚାର୍ଯ୍ୟ, ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ବେହେରା, କଂଗ୍ରେସ ନେତା ଅଲେଖ ପ୍ରସାଦ ସ୍ୱାଇଁ, ସମାଜସେବୀ ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ପୂର୍ବତନ ସରପଞ୍ଚ ରୁଷି ରାଉତ, ପୂର୍ବତନ ସରପଞ୍ଚ ଜଗଜୀବନ ବେହେରା, ମନୋରଞ୍ଜନ ପଣ୍ଡା, ପୂର୍ବତନ ସରପଞ୍ଚ ବିଜୟ ରାଉତ, ଚୈତନ୍ୟ ପାଣି, ଅଚ୍ୟୁତାନନ୍ଦ ପଲେଇ, ବ୍ରହ୍ମାନନ୍ଦ ବିଶ୍ୱାଳ, ବ୍ରଜବନ୍ଧୁ ପଲେଇ, ପରମାନନ୍ଦ ମହାନ୍ତି ଅଂଶଗ୍ରହଣ କରିଥିଲେ।

## ଚିକିତ୍ସକ ଓ ଔଷଧ ବ୍ୟବସାୟୀଙ୍କ ମିଳିତ ସମ୍ମିଳନୀ

ନିଆଳି,୨୩।୧୨(ସମିସ): ନିଆଳି ଚିତ୍ତରଞ୍ଜନ ସେବା ସଦନ ପରିସରରେ ଭାରତୀୟ ଚିକିତ୍ସକ ସଂଘ (ପ୍ରାଚୀ ଶାଖା) ଏବଂ ପ୍ରାଚୀ ଅଞ୍ଚଳର ଔଷଧ ବ୍ୟବସାୟୀଙ୍କ ମଧ୍ୟରେ ଏକ ମିଳିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡାକ୍ତର ଅଧିରାଜ ପରିଡ଼ା ଏବଂ ସମ୍ପାଦକ ଡାକ୍ତର ଚିତ୍ତରଞ୍ଜନ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ନିଆଳି, ଅଡ଼ଶପୁର, ଚାରିଛକ, ନିମାପଡ଼ା, କାକଟପୁର ଓ ଗୋପ ଅଞ୍ଚଳର ବହୁ ଔଷଧ ବ୍ୟବସାୟୀ ଏବଂ ଫାର୍ମାସିଷ୍ଟ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ସେବାର ମାନ ବୃଦ୍ଧି ପାଇଁ ଚିକିତ୍ସକ ଓ ବ୍ୟବସାୟୀଙ୍କ ମଧ୍ୟରେ ଏକ ଦୃଢ଼ ସଂଗଠନ ଓ ଉତ୍ତମ ବୁଝାମଣାର ଆବଶ୍ୟକତା ରହିଛି ବୋଲି ପ୍ରଫେସର ସୌମ୍ୟରଞ୍ଜନ ମିଶ୍ର ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ କଟକ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ବିକ୍ରମ କେଶରୀ ରାୟ ଡାକ୍ତର ଚିତ୍ତରଞ୍ଜନ ମିଶ୍ରଙ୍କୁ ପ୍ରତିଷ୍ଠିତ ଶରତ ପୂଜାରୀ ବରିଷ୍ଠ ଅଭିନେତା ସମ୍ମାନରେ ସମ୍ମାନିତ କରିବା ସହ ଚିତ୍ତରଞ୍ଜନ ସେବା ସଦନକୁ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ଚିକିତ୍ସା ଅନୁଷ୍ଠାନ ଭାବେ ପୁରସ୍କୃତ କରିଥିଲେ। ପୃଥିରାଜ, ରତ୍ନାକର, ବିଦେଶ, ରଞ୍ଜିତ, ଅକ୍ଷୟ, ମନୋଜ ଓ ନୃସିଂହ ପ୍ରମୁଖ ଔଷଧ ବ୍ୟବସାୟୀ ମତ ଉପସ୍ଥାପନ କରିଥିଲେ। ଜେମେକ୍ସ କମ୍ପାନୀର ଅଧିକାରୀ ତାରିଣୀ ଦାସ ଓ ଅମିତ୍‌ଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଉନ୍ନୟନ ଅଧିକାରୀ ସମୀରକାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ଦାତବ୍ୟ ହୋମିଓ ଚିକିତ୍ସା ଶିବିର ଓ କମ୍ବଳ ବଣ୍ଟନ

ଚୌଦ୍ୱାର,୨୩।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ନିମାପଡା ଆନୁକୂଲ୍ୟରେ ଏକ ଦାତବ୍ୟ ହୋମିଓପାଥି ଚିକିତ୍ସା ଶିବିର ଓ ଅସହାୟଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସରପଞ୍ଚ ସୋଫିଆ ବିବି, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ସିଦ୍ଧଗିରୀ ଆଶ୍ରମ ମହନ୍ତ ବିଶ୍ୱନାଥ ବାବା, କନକଗିରୀ ଆଶ୍ରମ ସାଧୁ ମାନସ ବାବା, ପ୍ରକାଶଚନ୍ଦ୍ର ବଡଜେନା, ପ୍ରବୀର ଦାଶ, ଡା. ସୁଲିପ୍ତା ମହାନ୍ତି, ଡା. ରଜତ ଷଡଙ୍ଗୀ ୬୪ ଜଣ ଅସହାୟଙ୍କୁ କମ୍ବଳ ବଣ୍ଟନ କରିବା ସହ ୪୫ ଜଣଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରି ଔଷଧ ପ୍ରଦାନ କରିଥିଲେ। ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମାନସ ସାହୁ ଧନ୍ୟବାଦ ଦେଇଥିଲେ।

## ଏବିଏସ୍ ଅକ୍ସଫୋର୍ଡ ସ୍କୁଲର ବାର୍ଷିକ କ୍ରୀଡ଼ା

ନିଆଳି,୨୩।୧୨(ସମିସ): ନିଆଳିସ୍ଥିତ ଏବିଏସ୍ ଅକ୍ସଫୋର୍ଡ ଇଣ୍ଟରନ୍ୟାସନାଲ ଇଂରାଜୀ ଉଚ୍ଚ ବିଦ୍ୟାଳୟର ଚାଲିଥିବା ୨ ଦିନିଆ କ୍ରୀଡ଼ା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ଆଦିତ୍ୟ ଦିପାୟନ ଷଡଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଆଳି ଥାନାର ଭାରପ୍ରାପ୍ତ ଅଧିକାରୀ ଦିଲ୍ଲୀପ



କୁମାର କାଣ୍ଡି ଯୋଗଦେଇ କ୍ରୀଡା ମାନସିକ, ଶାରୀରିକ ବିକାଶ ଧାରାରେ ସହଯୋଗ କରିଥାଏ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାସ ନଳିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅଧକ୍ଷ ବିୟତ୍ ବିହାରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ରିନାବାଳା ମଲ୍ଲିକ ଯୋଗଦେଇ କ୍ରୀଡାର ଉପାଦେୟତା ବୁଝାଇଥିବା ବେଳେ ସଂପାଦକ ଟିଟୁ ମଲ୍ଲିକ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀମାନେ କ୍ରୀଡା ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ନିଆଳି,୨୩।୧୨(ସମିସ): ନିଆଳି ବ୍ଲକ ଅନ୍ତର୍ଗତ ପହଙ୍ଗା ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ତ୍ରେୟଦଶତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡା ଉତ୍ସବରେ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିଲେ। ସୋମବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଉମେଶ



ଚନ୍ଦ୍ର ବେହେରା, ମୁଖ୍ୟବକ୍ତାଭାବେ ନିଆଳି ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ହରେକୃଷ୍ଣ ଦାସ, ସମ୍ମାନିତ ଅତିଥିରୂପେ ଜିଲ୍ଲା ପରିଷଦ ସଭ୍ୟା କବିତା ରାଉତ ଓ ସୌଦାମିନୀ ମହାପାତ୍ର, ପହଙ୍ଗା ସରପଞ୍ଚ ନମିତା ବାରିକ୍, ଯୁବନେତା ପରକ୍ଷିତ ବାରିକ୍ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଭାକର ରାଉତ, ସଂପାଦକ ଡା. କ୍ଷିରୋଦ ରାଉତ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଶ୍ମୀରଞ୍ଜନ ମୁଦୁଲିଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

### ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

## ୫ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ପଞ୍ଜିକୃତ

ଟାଙ୍ଗୀ,୨୩।୧୨(ସମିସ): ୨୪ ପଞ୍ଚାୟତ ବିଶିଷ୍ଟ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗରୁଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଶିବିରରେ ୫ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ନାମ ପଞ୍ଜିକୃତ କରିଥିବା ଜାଣିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ଦୃଷ୍ଟିବାଧକ, ଶୃତି ବାଧକ, ମାନସିକ ବିକୃତ, ଶାରୀରିକ ଅକ୍ଷମ ଓ ସ୍ନାୟୁଗତ ତଥା ମାନସିକ ବିକୃତଙ୍କୁ ମିଶାଇ ମୋଟ ୪୨୨ ଜଣ ହିତାଧିକାରୀ ରହିଛନ୍ତି। ସେହିପରି ସାମାଜିକ ଭତ୍ତା ପାଇବା ନିମନ୍ତେ ୫୮ ଜଣ, ବ୍ୟବସାୟିକ ଋଣ ପାଇଁ



୨୭ଜଣ, ୯ଜଣ ବସ୍ ପାସ୍ ଓ ଅନ୍ୟାନ୍ୟ ମିଶାଇ ୧୨୪ ଜଣ ଆବେଦନକାରୀ ରହିଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ କୁଅଁର ସୂଚନା ଦେଇଛନ୍ତି। ବିଡ଼ିଓ ଏନ୍. ରାଜଲକ୍ଷ୍ମୀ ଓଝାଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ଶିବିରରେ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା, ପଞ୍ଚାୟତ ଉନ୍ନୟନ ଅଧିକାରିଣୀ ବର୍ଷାରାଣୀ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ ଓ ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ସାଂସଦ ପ୍ରତିନିଧି ଚୌଧୁରୀ ହେମନ୍ତ ସାହୁ, ଅନାଦି ନାଥ, ପ୍ରମୋଦ ଜଟ ପ୍ରମୁଖ ଯୋଗଦେଇ ସହାୟତା ଯୋଗାଇ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡଃ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଶିବିର ପରିଚାଳନାରେ ସହାୟତା କରିଥିଲେ। ସେହିପରି ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀ ଦିବ୍ୟାଙ୍ଗଙ୍କ ପରୀକ୍ଷା ନିରୀକ୍ଷା କରିଥିବାବେଳେ ବ୍ଲକର କର୍ମଚାରୀ ଆବଶ୍ୟକ ସହାୟତା ପ୍ରଦାନ କରିଥିଲେ।

## ଏବିଏସ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଚୌଦ୍ୱାର,୨୩।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ବଡଚାଣ୍ଡୋ ସ୍ଥିତ ଏବିଏସ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୫ତମ ବାର୍ଷିକ କ୍ରୀଡାତ୍ସୋବ ସମାରୋହରେ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ପିଲାମାନଙ୍କୁ ପାଠପଢା ସହିତ କ୍ରୀଡା କ୍ଷେତ୍ରରେ ସେମାନେ କିପରି ଭାବେ ନିଜକୁ ଭବିଷ୍ୟତରେ ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିବେ ତାହା ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ନାରାୟଣ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ପୂର୍ବତନ ସିଇଓ ମନୋଜ ଗଜେନ୍ଦ୍ର ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲର ଚେୟାରମ୍ୟାନ ମନୋଜ ବିଷୋଇ, ପୂର୍ବତନ ଅଧ୍ୟକ୍ଷ ବିବି ମହାନ୍ତି, ସବିତା ଲେଙ୍କା, ନୟନା ସ୍ୱାଇଁ, ଋତୁପର୍ଣ୍ଣା ଭୂୟାଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ଜାତୀୟ ଗଣିତ ଦିବସ

ବଡମ୍ବା,୨୩।୧୨(ସମିସ): ପ୍ରାଣଯୋଗ ପ୍ରତିଷ୍ଠାନ ବଡମ୍ବା ପକ୍ଷରୁ କଚେରୀ ଛକ ସ୍ଥିତ କର ବିଜ୍ଞାନ ଓ ବୈଷୟିକ ଏକାଡେମୀ ପରିସରରେ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ଡ. ସୁବାସଚନ୍ଦ୍ର ଆସ ମୁଖ୍ୟଅତିଥି, ଗଣିତ ବିଭାଗ ଅଧାପକ କେଦାର କୁମାର ସାହୁ, ଅଧାପକ ଶଶିକାନ୍ତ ଦାସ ରସାୟନ ବିଭାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ସମ୍ବିତ ବେହେରା, ଚନ୍ଦ୍ରଶେଖର ଦଳେଇ, ସ୍ନିଗ୍ଧାରାଣୀ ସାହୁ, ରାକେଶ ରଣା, ରାହୁଲ ବେହେରା, ସୁଜଳ ପଟ୍ଟନାୟକ, ଉର୍ମିଳା ବେଗମ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସ୍ୱୀକୃତିପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି ଅତିଥି ପରିଚୟ ପ୍ରଦାନ କରି ଯଜୁର୍ବେଦରେ ପୂର୍ଣ୍ଣାହୁତି ମନ୍ତ୍ରରେ ପୂର୍ଣ୍ଣମଦ ଅନନ୍ତ ଓ ପୂର୍ଣ୍ଣ ଶୂନ୍ୟ ଗଣିତ ତଥ୍ୟ ଉପରେ ଉପସ୍ଥାପନା ପ୍ରଦାନ କରିଥିଲେ।

## ବ୍ଲୁଜୁମ କନ୍‌ଭେଣ୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା

ବଡମ୍ବା,୨୩।୧୨(ସମିସ): ବଡମ୍ବା କଚେରି ପଡିଆସ୍ଥିତ ବ୍ଲୁଜୁମ କନଭେଣ୍ଟ ସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷା ରଞ୍ଜିତା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି ମୁଖ୍ୟଅତିଥି, ପ୍ରାଣଯୋଗ ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି, ବ୍ଲକ ବିଜ୍ଞାନ ଏଜୁକେଟର ସୁବାସ ମାଝୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନିର୍ଦ୍ଦେଶକ ମିର ଅବଦୁଲ ଶାହାଜାହାନ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ପତ୍ର ସହ ମେଡାଲ ପ୍ରଦାନ



କରିଥିଲେ। ଶିକ୍ଷୟିତ୍ରୀ ସବିତା ହାଁସଦା ଧନ୍ୟବାଦ ଦେଇଥିଲେ। ସ୍ୱାତିପ୍ରଭା ମହାନ୍ତି, ସରୋଜିନୀ ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ରଶ୍ମିରେଖା ପଣ୍ଡା, ଜ୍ୟୋସ୍ନାମୟୀ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ

# ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ପୁସ୍ତକ ମେଳା

**ଯାଜପୁର, ୨୩।୧୨(ସମିସ)**



ରାଜ୍ୟସ୍ତରୀୟ ୧୫ତମ ଯାଜପୁର ପୁସ୍ତକ ମହୋତ୍ସବ କୁସୁମା ସମ୍ମୁଖ ପ୍ରଶାସନିକ ଭବନ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ପୁସ୍ତକ ମହୋତ୍ସବର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ। ଅନନ୍ୟା ସାହିତ୍ୟ ସଂସଦର ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିବା ବେଳେ ଉପସଭାପତି ବିଭୂତିଭୂଷଣ ମହାପାତ୍ର ଅତିଥି ଆମନ୍ତ୍ରଣ କରିଥିଲେ। ସଂଗଠନ ସମ୍ପାଦକ ହୃଷୀକେଶ ପତି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦ ଡ. କାହ୍ନୁଚରଣ ମିଶ୍ର ପୁସ୍ତକ ମହୋତ୍ସବ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁରର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାମଲ ଯୋଗଦେଇ ପୁସ୍ତକ ମହୋତ୍ସବ ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭକରି ସମସ୍ତଙ୍କର ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପଣ୍ଡିତ ଭୂପତିଭୂଷଣ ଯୋଗଦେଇ ପୁସ୍ତକ ସମସ୍ତଙ୍କ ବନ୍ଧୁ, ପୁସ୍ତକ ଚାଟଶାଳୀ ଠାରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟପର୍ଯ୍ୟନ୍ତ ସବୁଠାରେ ଆବଶ୍ୟକ। ପୁସ୍ତକ ମଣିଷର ଜୀବନକୁ ଅନ୍ଧାରରୁ ଆଲୋକକୁ ନେଇଯାଏ ବୋଲି ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅନନ୍ୟାର ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ଉଦୟନାଥ ପରିଡ଼ା, ଡ. ବିରଞ୍ଚିନାରାୟଣ ମହାପାତ୍ର, ବିଶିଷ୍ଟ ସମାଜସେବୀ ପଦ୍ମାକର ଗୁରୁ, ଶିକ୍ଷାବିତ ଦଶରଥ ସାମଲ, ଶିକ୍ଷାବିତ୍ ବିନୋଦ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଆହ୍ୱାନ ନାଟ୍ୟସଂସ୍ଥା ପକ୍ଷରୁ ବିଶ୍ୱଜିତ ସାହୁ ନେତୃତ୍ୱରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଯାଇଥିଲା। କୋରାପୁଟର ଆଦର୍ଶ ଅଦାବିବାସୀ ନୃତ୍ୟକଳା ସଂସ୍ଥା ପକ୍ଷରୁ କୁଳମଣି ଜେନାଙ୍କ ନେତୃତ୍ୱରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ମଞ୍ଚାସିନ ଅତିଥିମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଥିଲା। ନୃତ୍ୟଶିଳ୍ପୀ ଯାଜ୍ଞସେନୀ ବାରିକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଉତ୍ସବରେ ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଶୋକ କୁମାର ଦାଶ, ଅଧ୍ୟକ୍ଷ ଅନିଲ୍ କୁମାର ମହାନ୍ତି, ସୁଧାଂଶୁ ଶେଖର ରଥ, ଅଧ୍ୟକ୍ଷ ବଳରାମ ମହାନ୍ତି, ସନ୍ତୋଷ କୁମାର ମିଶ୍ର, ଡକ୍ଟର ହରିଶ ଚନ୍ଦ୍ର ପଣ୍ଡା, ଡ. ଗିରିଶ ବିହାରୀ ମିଶ୍ର, ତପନ କୁମାର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସାମ୍ବାଦିକ ମନୀଷା ରାଉତ ସଂସ୍କୃତି କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

## ଦମ୍ପତିଙ୍କ ଠାରୁ ଛଡ଼ାଇ ନେଲେ ସୁନା ଚେନ୍

**ବାଲିଚନ୍ଦ୍ରପୁର, ୨୩।୧୨(ସମିସ):** ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ କଳା ପଲସର ଆତଙ୍କ ଦେଖାଦେଇଛି। ଛୁରି ଦେଖାଇ ଭୟଭୀତ କରାଇବା ସହିତ ଦମ୍ପତିଙ୍କ ଠାରୁ ସୁନା ଚେନ୍ ଓ ଏକ ମୋବାଇଲ ଛଡାଇ ନେଇ କଳା ପଲସରରେ ଆସିଥିବା ଦୁଇ ଲୁଟେରା ଛୁ' ମାରିଛନ୍ତି। ତେବେ ଏଭଳି ଏକ ଘଟଣା ଆଜି ଦିନ ଗୋଟାଏରେ ଘଟିଥିଲା। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ହିମାଂଶୁ ଭୂଷଣ ପଟ୍ଟନାୟକ ଆଜି ତାଙ୍କ ବାଇକ୍ ଯୋଗେ ନିଜ ପତ୍ନୀ ଓ ୬ ବର୍ଷର ପୁଅ ସହିତ କୌଣସି କାମରେ ୫୩ ନମ୍ବର ଜାତୀୟ ରାଜପଥ ଦେଇ ବାଲିଚନ୍ଦ୍ରପୁର ବଜାରକୁ ଆସୁଥିଲେ। ତେବେ ସେମାନେ ଏହି ରାଜପଥର ବାଲିଚନ୍ଦ୍ରପୁର ବାଇ ପାସ ନିକଟ ଦେଇ ଆସୁଥିବା ବେଳେ ଦୁଇ ଜଣ ଯୁବକ ମୁହଁରେ କପଡ଼ା ଗୁଡ଼ାଇ ଏକ କଳା ପଲସର ଗାଡିରେ ଏମାନଙ୍କୁ ଅଟକାଇ ଥିଲେ। ପରେ ଜଣେ ଯୁବକ ହିମାଂଶୁଙ୍କ ପତ୍ନୀଙ୍କୁ ଏକ ଛୁରୀ ଦେଖାଇ ଚେନ ମାଗିଥିଲେ। ଏହା ଦେଖି ହିମାଂଶୁ ନିଜ ମୋବାଇଲ ବାହାର କରି ଥାନାକୁ ଜଣାଇବାକୁ କହିବାରୁ ଦୁଇ ଯୁବକ ହିମାଂଶୁଙ୍କ ଠାରୁ ମୋବାଇଲ ଛଡାଇ ନେଇ କେନ୍ଦ୍ରାପଡ଼ା ଅଭିମୁଖେ ପଳାଇ ଯାଇଥିଲେ। ଏନେଇ ହିମାଂଶୁ ବାଲିଚନ୍ଦ୍ରପୁର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣା ସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଲୁଟେରାଙ୍କ ସମ୍ପର୍କରେ କୌଣସି ସୁରାକ ପାଇନଥିଲେ।

## ପାରିବାରିକ କଳହ; ସ୍ୱାମୀ ଆକ୍ରମଣରେ ସ୍ତ୍ରୀ ଗୁରୁତର

**ସୁକିନ୍ଦା, ୨୩।୧୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ପୁବଳ ଗ୍ରାମରେ ପାରିବାରିକ କଳହରୁ ସ୍ୱାମୀର ମରଣାନ୍ତକ ଆକ୍ରମଣରେ ସ୍ତ୍ରୀ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ପୁବଳ ଗ୍ରାମର ଟୁଙ୍ଗୁରୁ ମେରେଲ ଗତ ସୋମବାର ରାତିରେ ପାରିବାରିକ ବିବାଦରେ ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀ କାଇରି ମେରେଲ(୪୦)ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ କାଇରିର ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ। ପାଖ ପଡ଼ୋଶୀ କାଇରିର ଚିତ୍କାର ଶୁଣି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାଇରିକୁ ଉଦ୍ଧାର କରି ରାତିରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନ୍ୟାୟ ନ ପାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ ପରିବାର

**ବରୀ, ୨୩।୧୨(ସମିସ):** ପୁଲିସ ଉପରୁ ତୁଟିଗଲାଣି ଭରସା। ନ୍ୟାୟ ଦେଇପାରୁନି ଥାନା। ବାଧ୍ୟ ହୋଇ ଲୋକେ ଦ୍ୱାରସ୍ଥ ହେଉଛନ୍ତି ଏସ୍‌ପିଙ୍କର। ଏପରି ଏକ ଘଟଣା ଆଜି ଦେଖିବାକୁ ମିଳିଛି। ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ଦେବେଶ ଭଞ୍ଜ ନିଜ କାର ଯୋଗେ ଯାଉଥିବା ବେଳେ ପାଖ ଗ୍ରାମର କିଛି ଯୁବକ ତାଙ୍କୁ ମରଣାତ୍ମକ ଆକ୍ରମଣକରି ଗୋଡ଼ ହାତ ଭାଙ୍ଗି ଏକ ବିରି କିଆରୀରେ ଫୋପାଡି ଦେଇଥିଲେ। ପୀଡ଼ିତଙ୍କ ସାନ ବାପା ବ୍ରଜ କିଶୋର ଭଞ୍ଜ ଏ ନେଇ ବରୀ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଅପର ପକ୍ଷ ମଧ୍ୟ ଅଭିଯୋଗ କରିଥିଲେ। କିନ୍ତୁ ଘଟଣାକୁ ୬ ଦିନ ଅତିକ୍ରମ କରିଥିଲେ ମଧ୍ୟ ବରୀ ପୁଲିସ ଧର୍ମକୁ ଆଖିଠାର ପରି ଜଣକୁ ଗିରଫ କରି ଚୁପ୍ ବସିଛି। ମୁଖ୍ୟ



ଅଭିଯୁକ୍ତ ଖୁଲମ ଖୁଲା ବୁଲୁଛି। ମାସକ ଭିତରେ ଅଭିଯୁକ୍ତମାନେ ଅନେକ ଲୋକଙ୍କୁ ପିଟିବା ହାଣିବା ଓ ଦୋକାନ ପୋଡ଼ିଦେବା ଭଳି ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ହେଲେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଯୁକ୍ତ ମାନେ ଘଟଣା ପରେ ଘଟଣା ଘଟାଇ ଚାଲିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ଗାଁରେ ପୁଲିସ ମୁତୟନ ରହିଛି। ବରୀ ପୁଲିସର ଏଭଳି ସନ୍ଦେହ ଜନକ କାର୍ଯ୍ୟାନୁଷ୍ଠାନ ପାଇଁ ପୀଡ଼ିତଙ୍କ ପରିବାର ଓ ଗ୍ରାମବାସୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ସ୍ଥାନୀୟ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଲିଖିତ ଭାବେ ଅବଗତ କରିଥିବାର ଜଣାପଡ଼ିଛି।

## ରାଧାକୃଷ୍ଣ ସାହିତ୍ୟ ସଂସଦର ସାରସ୍ୱତ ସମାରୋହ



**ଦାନଗଦୀ/ଟମକା, ୨୩।୧୨(ସମିସ):** ଦାନଗଦୀ ବ୍ଲକ ଅନ୍ତର୍ଗତ ଟୋଲକାନୀ ସ୍ଥିତ ରାଧାକୃଷ୍ଣ ସାହିତ୍ୟ ଓ ସଂସ୍କୃତି ସଂସଦ ଟୋଲକାନୀର ପଞ୍ଚଦଶ ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଉତ୍ସବ ପାଳିତ ହୋଇଯାଇଛି। ରାଧାକୃଷ୍ଣ ଭାଗବତ ଟୁଙ୍ଗି ପ୍ରାଙ୍ଗଣରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ କବି, ସାହିତ୍ୟିକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। କବି ଗିରିଧାରୀ ଚାନ୍ଦ, ସୁରେନ୍ଦ୍ର ନାଥ ଚାନ୍ଦ, ରବି ନାରାୟଣ ନାୟକ, କୁଳମଣୀ ଦତ୍ତ, ନିର୍ମଳ ଚନ୍ଦ୍ର ରାଉତ, ଦିଲ୍ଲୀପ କୁମାର ନାୟକ, ସମାଜସେବୀ ଅନ୍ତର୍ଯ୍ୟାମୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷାବିତ୍ ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର ପ୍ରଫେସର ସନତ କୁମାର ରଥ, ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ବରିଷ୍ଠ ଶିଶୁ ସାହିତ୍ୟିକ ରତ୍ନାକର ଦାଶ, ଝାଡ଼େଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଯୁଗଳ କିଶୋର ହୋତା, ପ୍ରାକ୍ତନ ଅତିରିକ୍ତ ଶିକ୍ଷା ଅଧିକାରୀ ହୃଷୀକେଶ ବେହେରା, ଅଲେଖପୁର ମଠ ମହନ୍ତ ସାଧୁ ଧନୁର୍ଦ୍ଧର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଆଧ୍ୟାତ୍ମିକ ପତ୍ରିକା 'ସତ୍ୟମ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୬ ଜଣ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସାହିତ୍ୟ ସଂସ୍କୃତିର ପ୍ରତିଷ୍ଠାତା ସମ୍ପାଦକ ଗୋକୁଳ ବିହାରୀ ପୃଷ୍ଟି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ମଞ୍ଚ ଉପସ୍ଥାପକ ଶିକ୍ଷାବିତ୍ ତାରିଣୀ ପ୍ରସାଦ ପୁହାଣ ଓ ବଟକୃଷ୍ଣ ବେହେରା ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନ ତରଫରୁ ହେମନ୍ତ କୁମାର ପୃଷ୍ଟି, ହୃଦାନନ୍ଦ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ବୈଠକ



**ଯାଜପୁର, ୨୩।୧୨(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ରେଡକ୍ରସ ସୋସାଇଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ରେଡକ୍ରସ୍ ସୋସାଇଟିର ସେକ୍ରେଟାରୀ ତଥା ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କୁଳମଣି ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ୨୦୨୨ ରୁ ୨୦୨୫ ଆର୍ଥିକ ବର୍ଷ ମଧ୍ୟରେ ରେଡକ୍ରସ ପାଣ୍ଠିର ଆଦାୟ ଏବଂ ବ୍ୟୟ ଉପରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏହାସହ ୨୦୨୪-୨୫ ଆର୍ଥିକ ବର୍ଷ ଯାଏଁ ଏହାର ଅଡିଟ୍ ଶେଷ ହୋଇଛି। ବିଶେଷ କରି ଡାକ୍ତରୀ ସହାୟତା, ରାସ୍ତା ଦୁର୍ଘଟଣା, ଶବ ସତ୍କାର, ଏଚଆଇଭି ରୋଗୀ, ଥଇଥାନ, ଯୁବପିଢିଙ୍କ ରେଡକ୍ରସ୍ ତାଲିମ ବାବଦକୁ ଅର୍ଥ ଖର୍ଚ୍ଚ ହୋଇଛି। ଯୁଥ ରେଡ୍‌କ୍ରସ ବିଭାଗରେ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ରେଡକ୍ରସ୍ ତାଲିମ୍, ରକ୍ତଦାନ ଶିବିର ଆୟୋଜନ, ବିପର୍ଯ୍ୟୟ ପରିଚାଳନା, ବୃକ୍ଷରୋପଣ, ବାରୁଣୀ ମେଳାରେ ରେଡକ୍ରସ ପକ୍ଷରୁ ସେବା, ଶିଶୁ ସୁରକ୍ଷା ସଚେତନତା ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଦ୍ୟାଳୟ ସ୍ତରରେ ଜୁନିଅର ରେଡ୍‌କ୍ରସ ପକ୍ଷରୁ ଟ୍ରାଫିକ କ୍ଲବ୍ ମଧ୍ୟ ସୃଷ୍ଟି କରାଯାଇଛି। ଏନେଇ ଶିକ୍ଷା ବିଭାଗର ଅଧିକାରୀ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ଏଚଆଇଭି ଚିହ୍ନଟ ଏବଂ ସ୍କ୍ରିନିଂକୁ ବ୍ୟାପକ କରିବା ସହ ରେଡକ୍ରସ ପାଣ୍ଠିକୁ ବୃଦ୍ଧି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଏହାସହ ରେଡକ୍ରସ ସମ୍ବନ୍ଧୀୟ ସୂଚନା ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଶାଳା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ଧର୍ମଶାଳା, ୨୩।୧୨(ସମିସ):** ଧର୍ମଶାଳା ବ୍ଲକ ଶଙ୍ଖାରୀଡିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଆଜି ସନ୍ଧ୍ୟାରେ ସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ସାବିତ୍ରୁ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସନ୍ଥ ବିଶ୍ୱନାଥ ଦାସ ମହାରାଜ ଉଦ୍‌ଘାଟକ ଭାବେ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ଧର୍ମଶାଳା ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଫେସର ପବିତ୍ର ମାହାଲା ଯୋଗଦେଇଥିଲେ। ଏଠାରେ ନର୍ସରୀ ସହିତ ଯୁକ୍ତ-୨ ବିଜ୍ଞାନ ଶିକ୍ଷା ପ୍ରଦାନ କରାଯାଉଥିବା ବେଳେ ଏହାର ନିର୍ଦ୍ଦେଶକ ଡ. ଭିକାରୀ ସାମଲଙ୍କ ଆବେଦନ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଉଦ୍‌ଘାଟକ ଭାବେ ଯାଜପୁର ସାଂସଦ ରବିନାରାୟଣ ବେହେରା, ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ କବି ସୁବାସ ଦାସ, ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ତଥା ଗୀତିକାର ଶ୍ରୀକାନ୍ତ ଗୌତମ ଓ ସ୍ୱତନ୍ତ୍ର ଅତିଥି ଭାବେ ହାସ୍ୟ ଅଭିନେତା ତଥା ଗାୟକ ଦୀପକ ତ୍ରିପାଠୀ ଯେଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ସ୍କୁଲର ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଶିଳ୍ପ ସୁରକ୍ଷା ଓ ଶୂନ୍ୟ ଦୁର୍ଘଟଣା ସଚେତନତା

**ଯାଜପୁର, ୨୩।୧୨(ସମିସ):** ଶିଳ୍ପ କାରଖାନାରେ କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଦୁର୍ଘଟଣା ରୋକିବା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଶ୍ରମ ବିଭାଗ ଓ ଜିନ୍ଦଲ ଷ୍ଟେନଲେସର ମିଳିତ ସହଯୋଗରେ ଏକ ଜିଲ୍ଲା ସ୍ତରୀୟ ସଚେତନତା ତଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମ 'ସୁରକ୍ଷା-୨୦୨୫' ଆୟୋଜିତ ହୋଇଛି। ସ୍ଥାନୀୟ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଯାଜପୁର ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ର, ଡିଭିଜନାଲ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ, ଆଇଜିଏଫପି ନିର୍ଦ୍ଦେଶକ ଶ୍ରୀ ବିକେ ସାହୁ, ଜେଏସଏଲର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ, ଜେଏସଏଲର ବିଜନେସ ମୁଖ୍ୟ ଅବନୀନ୍ଦ୍ର କୁମାର ସିଂ ଯୋଗ ଦେଇଥିଲେ। ଡିଭିଜନାଲ ଶ୍ରମ କମିଶନର ଶ୍ରୀ ଆଚାର୍ଯ୍ୟ ସ୍ୱାଗତ ବକ୍ତବ୍ୟ ଦେବା ସହ କର୍ମକ୍ଷେତ୍ରରେ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ପରେ ସୁରକ୍ଷା ସମ୍ବନ୍ଧୀୟ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ ସେବାନିବୃତ୍ତ ଅଗ୍ନିଶମ ଅଧିକାରୀ, ସ୍ୱର୍ଣ୍ଣ ହସ୍ପିଟାଲର ଡାକ୍ତର ରଞ୍ଜନ ସାହୁ, ଏନଏଲୟୁ ଦିଲ୍ଲୀର ଡ. ମାନ୍ ଏବଂ ପୂର୍ବତନ ଇଏସଆଇସି କମିଶନର ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ଶ୍ରମ ବିଭାଗର ଅଧିକାରୀଗଣ ତଥା ବିଭିନ୍ନ କମ୍ପାନୀ ଓ ପ୍ଲାଣ୍ଟର ସେଫ୍ଟି ମୁଖ୍ୟ ତଥା ମାନବ ସମ୍ବଳ ଅଧିକାରୀଗଣ ଉପସ୍ଥିତ ଥିଲେ। ଡିଭିଜନାଲ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ପୁଣ୍ୟତିଥି

**ଧର୍ମଶାଳା, ୨୩।୧୨(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ କାର୍ଯ୍ୟାଳୟରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୩୧ତମ ପୁଣ୍ୟତିଥି ଆଜି ଅନୁଷ୍ଠିତ ହୋଇଯାଇଛି। ଗୋକର୍ଣ୍ଣିକା ସହିତ୍ୟ ସମାଜର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ବିଜୟ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ସ୍ୱର୍ଗତ ତ୍ରିପାଠୀଙ୍କ ପ୍ରଚଣ୍ଡ ଜ୍ଞାନ ଓ ମହତ ଗୁଣର ଅଧିକାରୀ ଥିଲେ, ତାଙ୍କ ରଚିତ ଗ୍ରନ୍ଥାବଳୀ କାଳଜୟୀ ହୋଇ ରହିବ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ କବି ସଂଗ୍ରାମ କେଶରୀ ଜେନା, ପ୍ରଜ୍ଞାନ ପ୍ରକାଶନୀର ପ୍ରକାଶିକା ଡ.ସସ୍ମିତା ଦାଶ ଯୋଗଦେଇ ସ୍ୱର୍ଗତ ତ୍ରିପାଠୀ ପ୍ରଚଣ୍ଡ ଜ୍ଞାନ ଓ ମହତ ଗୁଣର ଅଧିକାରୀ ଥିଲେ। ତାଙ୍କ ରଚିତ ଗ୍ରନ୍ଥାବଳୀ କାଳଜୟୀ ହୋଇ ରହିବ ବୋଲି ମତ ବ୍ୟକ୍ତ କରିଥିଲେ। ଡ. ନ୍ଦୁପ୍ରଭା ସାମଲ ସମ୍ପାଦକୀୟ ସୂଚନା ଦେଇଥିବା ବେଳେ ଅଧ୍ୟାପକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଗୋକର୍ଣ୍ଣିକା ସମ୍ପାଦକ ମଣ୍ଡଳୀର ସଦସ୍ୟ ଡ. ତୁହିନାଂଶୁ ରଥ, ଡ. ମହେଶ୍ୱର ପାଢ଼ୀ ପଣ୍ଡିତଙ୍କ ରଚନାରୁ କବିତା ଆବୃତ୍ତି କରିଥିବା ବେଳେ ପୂର୍ବତନ ସମ୍ପାଦକ ହୃଷୀକେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲିସିୟମ ଏକାଡେମୀରେ ବିଦାୟ ଉତ୍ସବ

**ଯାଜପୁର ଟାଉନ, ୨୩।୧୨(ସମିସ):** ଲିସିୟମ ଉଚ୍ଚ ମାଧ୍ୟମିକ ସ୍କୁଲର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଦାୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦାମୋଦର ବେହେରାଙ୍କ ପୌରୋହିତ୍ୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆୟୁକ୍ତ ଭୁଲେଖ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।ଅନୁଷ୍ଠାନର ନିର୍ଦ୍ଦେଶକ ଡ.ନିତ୍ୟାନନ୍ଦ ମିଶ୍ର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ର. ମନୋରଞ୍ଜନ ମହାନ୍ତି, ସଂସ୍କୃତ ବିଦ୍ୱାନ ପଣ୍ଡିତ ଭୂପତି ଭୁଷଣ ମିଶ୍ର, ଲିସିୟମର ଚେୟାରମେନ ପ୍ର. ମୋହନ ଚରଣ ଦାଶ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷା ପ୍ରଜ୍ଞା ପାରମିତା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ଶୁଭଲକ୍ଷୀ ଜେନା, ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ବର୍ଷର ଛାତ୍ର ଛାତ୍ରୀ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଅଭିବାଦନ ଜଣାଇଥିଲେ। ପ୍ର. ପ୍ରଶାନ୍ତ କୁମାର ଦାସ, ପ୍ର.ଦେବବ୍ରତ ମହାପାତ୍ର, ବିନୟ ରଞ୍ଜନ ବେହେରା, ସୁକାନ୍ତ ପଟ୍ଟନାୟକ, ହିମାଦ୍ରୀ କୁଣ୍ଡୁ, ଜୟଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

**କୟାଁଗୋଲା, ୨୩।୧୨(ସମିସ):** ଦଶରଥପୁର ବ୍ଲକ ନାରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ବଂଶୀଧର ସେଠୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ମଲ୍ଲିକଙ୍କ ସଭାପତିତତ୍ୱରେ ମୁଖ୍ୟଅତିଥି ସିଆର୍‌ସିସି ଅଶ୍ୱିନୀ କୁମାର ସେନାପତି ଯୋଗ ଦେଇଥିଲେ। ବିଦ୍ୟାଳୟ ଶିକ୍ଷୟତ୍ରୀ ମୋନାଲିସା ଭୂୟାଁ ସଭା ପରିଚାଳନା କରି ପ୍ରାରମ୍ଭ ରେ ଗୁରୁବନ୍ଦନା ସହ ବିଦାୟ କାଳୀନ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସଭା ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଓ ସଭ୍ୟ ସଭ୍ୟା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ସୁକିନ୍ଦା ରୋଡ୍ ରେଲୱେ ସାଇଡିଂକୁ ପ୍ରଦୂଷଣ ଛାଟ

# ୧୪ ଦିନିଆ କାରଣ ଦର୍ଶାଅ ନୋଟିସ୍

**ଦାନଗଦି, ୨୩।୧୨(ସମିସ):** ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ କରୁଥିବାରୁ ସୁକିନ୍ଦା ରୋଡ୍ ରେଲୱେ ସାଇଡିଂକୁ ପ୍ରଦୂଷଣ ବିଭାଗ ପକ୍ଷରୁ ଆଜି ନୋଟିସ୍ ଜାରି କରାଯାଇଛି। ଆସନ୍ତା ୧୪ ଦିନ ମଧ୍ୟରେ ପ୍ରଦୂଷଣ ନିୟମ ପାଳନ ନ କଲେ ସାଇଡିଂକୁ ବନ୍ଦ କରିଦେବାକୁ ଚିଠି ନମ୍ବର ୩୮୫୨ ତା ୨୨-୧୨-୨୦୨୫ରେ ଉଲ୍ଲେଖ ରହିଛି, ଏଥିରେ ସାଇଡିଂରେ ଛାତ ଉପରେ ଇଟିପି ନ ଲଗାଇବା, ନିୟମିତ ପାଣି ସିଞ୍ଚନ ନ କରିବା, ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ପାଚେରି ବ୍ୟବସ୍ଥା ନ କରିବା, ସାଇଡିଂର ରାସ୍ତା ମରାମତି ନ କରିବା ଏବଂ ସିସି କ୍ୟାମେରା ନ ଲଗାଇବା ଆଦି ଉଲ୍ଲେଖ ରହିଛି। ଏସବୁର ବ୍ୟବସ୍ଥା ଆଗାମୀ ୧୪ ଦିନ ମଧ୍ୟରେ କରା ନ ଗଲେ ସମ୍ପୂର୍ଣ୍ଣ ଭାବେ ସାଇଡିଂକୁ ବନ୍ଦ କରି ଦେବାକୁ ସୁକିନ୍ଦା ରୋଡ୍ ରେଲବାଇ



ସୁପାରଟେଡେଣ୍ଟଙ୍କୁ କୁହାଯାଇଛି। ସୂଚନା ମୁତାବକ ଏହି ସାଇଡିଂ ଯୋଗୁଁ ମାନପୁର, ଗୋଳାସାହି, ମୁଣ୍ଡା ସାହି, ସୁଆଁଲୋ ଆଦି ଗାଁ ମାନଙ୍କରେ ଶତାଧିକ ଲୋକେ କିଡ୍ନୀ, ଯକ୍ଷ୍ମା ଓ ଟିବି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ଗାଁ ଏବେ ପୁରୁଷ ଶୂନ୍ୟ ହୋଇଛି। ଅଭିଯୋଗ ପରେ ଅଭିଯୋଗ ହେଉଛି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ବାରମ୍ବାର ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବି ପ୍ରଶାସନର ନିଦ ଭାଙ୍ଗୁନି। ତୁରନ୍ତ ଏହି ସାଇଡିଂକୁ ବନ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଚିତ୍ତରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଦଶରଥପୁର, ୨୩।୧୨(ସମିସ)**

ଦଶରଥପୁର ବ୍ଲକ ଅନ୍ତର୍ଗତ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ନବମ ଚିତ୍ତରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ସ୍ଥାନୀୟ ଏନସିସି କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଆଜି ମୁଖ୍ୟଅତିଥି ଭାବେ ଯାଜପୁରର ପୁର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କୁମାର ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ଶେଖର ସାହୁ, ଦଶରଥପୁର ସମିତି ସଭ୍ୟ ପ୍ରଶାନ୍ତ ମଲ୍ଲିକ, ସମାଜସେବୀ ମନୋଜ୍ ରାଉତ, ଅଜୟ ମହାନ୍ତି, ମହେଶ୍ୱର ସାହୁ, ଯୁବନେତା ପିତାମ୍ବର ଦାସ, ଅମିତ୍ ଦାସ ଯୋଗ ଦେଇଥିଲେ। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି କ୍ରିକେଟ୍ କ୍ଲବ୍ ଅଂଶଗ୍ରହଣ କରିଛନ୍ତି। ୨୦ ଓଭର୍ ବିଶିଷ୍ଟ ଆଜିର ଉଦ୍‌ଘାଟନୀ ମ୍ୟାଚ ଝାଡ଼ଙ୍ଗା ଓ ମଳିଆ (ବିଞ୍ଝାରପୁର) ମଧ୍ୟରେ ଅନୁଷ୍ଠିତ



ହୋଇଥଲା। ପ୍ରଥମେ ବ୍ୟାଟିଂ କରି ମଳିଆ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ କରିଥିବା ବେଳେ ଝାଡ଼ଙ୍ଗା ୧୬.୪ ଓଭରରେ ୫ ୱିକେଟ୍ ହରାଇ ୧୩୭ କରି ବିଜୟୀ ହୋଇଥିଲା। ଅମ୍ପେୟାର ଭାବେ ଧୀରେନ୍ଦ୍ର ମହାପାତ୍ର ଓ ରଶ୍ମି ରଞ୍ଜନ ଓଝା ଆଜିର ଏହି ଖେଳ ପରିଚାଳନା କରିଥିବା ବେଳେ ଏନସିସି କ୍ଲବର ସଭାପତି ଚନ୍ଦ୍ରଶେଖର ସାହୁ, ସମ୍ପାଦକ ଭରତ ଚନ୍ଦ୍ର ସାହୁଙ୍କ ସମେତ ଶୀଳଭଦ୍ର ପଣ୍ଡା, ଅକ୍ଷୟ ରଣା, ଅମରେନ୍ଦ୍ର ଦାସ, ଜିତନ ସାହୁ, ପ୍ରମୋଦ ସାହୁ, ସୁବ୍ରତ ଘଡେଇ ଓ ସଂଗ୍ରାମ ମହାପାତ୍ର ପ୍ରମୁଖ ଆୟୋଜକ ମାନେ ଏହି ଖେଳକୁ ପରିଚାଳନା କରିଥିଲେ।

# ଶେଷହେଲା ୨୮ ତମ 'ପରବ' ଉଦ୍‌ଯାପନୀ ସଂଧ୍ୟାରେ ଜନସମୁଦ୍ର






କୋରାପୁଟ,୨୩।୧୨(ସମିସ): ରାଜ୍ୟସ୍ତରୀୟ ଲୋକ ମହୋତ୍ସବ 'ପରବ-୨୦୨୫' ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ହାଡ଼ଭଙ୍ଗା ଶୀତ ସତ୍ତ୍ୱେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। 'ପରବ ପଡ଼ିଆ' ଏକ ପ୍ରକାର ଜନ ସମୁଦ୍ର ପାଲଟି ଥିବା ଭଳି ଦୃଶ୍ୟମାନ ହୋଇଥିଲା। ଶେଷ ରାତିରେ ୫ ଲକ୍ଷରୁ ଅଧିକ ଜନ ସମାବେଶ ହୋଇଥିଲା। ଜିଲ୍ଲାପାଳ ତଥା ପରବ କମିଟି ଅଧକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ,

## 'ସଚେତ-ପରମ୍ପରା'ଙ୍କ ଗୀତରେ ଝୁମିଲେ ଦର୍ଶକ

ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। କୋରାପୁଟ ପୌର ପରିଷଦ ଅନ୍ତର୍ଗତ ପୁଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସ୍ୱାଗତ ଭାଷଣ ପରେ 'ପରବ ୨୦୨୫'ଆୟୋଜନରେ ପ୍ରମୁଖ ଦାୟିତ୍ୱ ତୁଲାଇଥିବା ବ୍ଲକ, ପୌର ପରିଷଦ, ସମସ୍ତ ବିଭାଗ ଓ ଗଣ ମଧ୍ୟମକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁରର ଢେମସା, ପରଜା ନୃତ୍ୟ , ଜଗତ୍‌ସିଂହପୁରର ଘୋଡ଼ା ନାଚ, ରାଜସ୍ଥାନର ଘୁମୋର ଦର୍ଶକଙ୍କ ମନ କିଣି ନେଇଥିଲା ବେଳେ ସଚେତ ଓ ପରମ୍ପରାଙ୍କ ଗୀତରେ ଦର୍ଶକ ଝୁମି ଉଠିଥିଲେ। ପରମ୍ପରାଙ୍କ ରଙ୍ଗବତୀ ଗୀତ ଦର୍ଶକ ଖୁବ ଉପଭୋଗ କରିଥିଲେ। ଏହା ବ୍ୟତୀତ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ।

## ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ନାକେଦମ୍

'ପରବ ୨୦୨୫' ଉଦ୍‌ଯାପନୀ ସନ୍ଧ୍ୟାରେ ୫ ଲକ୍ଷରୁ ଅଧିକ ଜନ ସମାଗମ ହୋଇଥିବା ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ନାକେଦମ ହୋଇଥିଲେ। ଗତବର୍ଷର ଅନୁଭୂତି ଅନୁଯାୟୀ ପୁଲିସ ଟ୍ରାଫିକ ନିୟନ୍ତ୍ରଣ ଓ ପରିଚାଳନା ଅତି ସୁନ୍ଦର ଭାବରେ ତୁଲାଇ ଥିଲେ। କିନ୍ତୁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଶେଷ କରି 'ସଚେତ ଓ ପରମ୍ପରା'ଙ୍କ ଅର୍କେଷ୍ଟ୍ରାର ମଜା ନେବାକୁ 'ପରବ' ପଡ଼ିଆରେ ଯେଉଁ ଜନ ସମୁଦ୍ର ହୋଇଥିଲା ସେହି ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏସ୍‌ପି ରୋହିତ ବର୍ମା ନିଜେ ୩ ଜଣ ଅତିରିକ୍ତ ଏସପି, ଏକାଧିକ ଡିଏସପି, ଇନ୍ସପେକ୍ଟରଙ୍କ ସହ ୩୭ ପ୍ଲାଟୁନ ଫୋର୍ସ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ ପାଇଁ ପଡ଼ିଆରେ ୩ ଲକ୍ଷରୁ ଉକ୍ଷରୁ ଦର୍ଶକ ହେବା ପରେ ଦଳା ଚକଟା ଭଳି ଅଘଟଣକୁ ଏଡ଼ାଇବା ପାଇଁ ପୁଲିସ ବାଧ ହୋଇ ସବୁ ପ୍ରବେଶ ପଥ ବନ୍ଦ କରିଥିଲା। ତିନି ଘଣ୍ଟାରୁ ଅଧିକ ସମୟ ଦର୍ଶକ ମାନେ ବ୍ୟାରିକେଟ ଭିତରେ ରହିବାକୁ ବାଧ ହୋଇଥିଲା ବେଳେ ଲକ୍ଷାଧିକ ଦର୍ଶକ ଭିତରକୁ ଯାଇ ନପାରି ପଡ଼ିଆ ସମ୍ମୁଖରେ ଥିବା ପାହାଡ଼ ଉପରେ ଚଢ଼ି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଅନ୍ୟ ପକ୍ଷରେ ପରବ ମୁଖ୍ୟ ସମାରୋହ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବାରେ ପୁଲିସ ପ୍ରଶାସନର ଭୂମିକାକୁ ସାଧାରଣରେ ପ୍ରଶଂସା କରାଯାଇଛି। ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ସତ୍ତ୍ୱେ ସବୁ କିଛି ଶୃଙ୍ଖଳାର ସହ ହୋଇଥିବାରୁ ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷ କୋରାପୁଟ ପୁଲିସକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଅନାବଶ୍ୟକ କଲଭର୍ଟ ନିର୍ମାଣ ନେଇ ଅସନ୍ତୋଷ

ମାଥିଲି,୨୨।୧୨(ସମିସ): ଗାଁ ଠାରୁ ସହରକୁ ଗମନାଗମନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରାମ ଉନ୍ନୟନ ବିଭାଗ ଓ ପୂର୍ତ୍ତବିଭାଗ ପକ୍ଷରୁ ନୂତନ ରାସ୍ତା ନିର୍ମାଣ ସହିତ ନଦୀ ନାଳ ଉପରେ ପୋଲ ଓ କଲଭଟ ନିର୍ମାଣ କାର୍ଯ୍ୟ କରୁଛନ୍ତି। କିନ୍ତୁ ବିଗତ ସରକାର ପକ୍ଷରୁ ଏହି ସବୁ କାର୍ଯ୍ୟ ସରିଛି। ତାହା ସହିତ ରାସ୍ତା ନିର୍ମାଣ ସହିତ ମାଓ ଅଞ୍ଚଳରେ ମାଓ ସମ୍ପୂର୍ଣ୍ଣ ଦମନ ସହିତ ଗାଁରୁ ସହରକୁ ଯୋଡିବା ପରେ ଗାଁର ଲୋକ ମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ ହୋଇଛି। କିନ୍ତୁ ପରିତାପର ବିଷୟ ପୂର୍ବ ସରକାର ସମୟରେ ପୂର୍ତ୍ତବିଭାଗ ବିଭାଗ ତରଫରୁ ନିର୍ମାଣ ହୋଇଥିବା ସ୍ଥାନରେ ଏବେ ଅନେକ ରାସ୍ତାରେ ନୂତନ କଲଭର୍ଟ ନିର୍ମାଣ କାର୍ଯ୍ୟ କରୁଛି ପୂର୍ତ୍ତବିଭାଗ। ଯାହାକୁ ନେଇ ଅନେକ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ସେହିପରି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ପୁରୁଣା ପୋଷ୍ଟ ଅଫିସ ସାମ୍ନାରେ। ଗତ କିଛି କିଛି ଦିନ ତରେ ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତା ଉପରେ ଥିବା ଏକ ପୁରୁଣା କଲଭଟ ନିର୍ମାଣ ପାଇଁ ରାସ୍ତା ଖୋଲି ରାସ୍ତା ଅବରୋଧ କରିବା ସହିତ ଅନେକ ଲୋକଙ୍କ ପାଇଁ ପାନୀୟ ଜଳ ଯୋଗାଣ ହେଉଥିବା ପାଇପ ଲାଇନ ଗୁଡିକ କାଟି ଦେଇଛି। ଲୋକଙ୍କ ଅଭିଯୋଗ ଯେ ଅନାବଶ୍ୟକ ସ୍ଥାନରେ କଲଭର୍ଟ ନିର୍ମାଣ କରି ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ସହିତ ଠିକାଦାର ଅର୍ଥ ହଡ଼ପ କରିଛନ୍ତି। ଅନାବଶ୍ୟକ ସ୍ଥାନରେ କଲଭଟ ନିର୍ମାଣ ପାଇଁ ପୂର୍ତ୍ତବିଭାଗ ରାସ୍ତା ଖୋଳିବା କାରଣରୁ ଅନେକ ଲୋକଙ୍କ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଭାସ କୁମାର ମଲ୍ଲିକଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବାରୁ ଆମର ଫୋନ ଗ୍ରହଣ କରିନାହାନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ସହ ଅନାବଶ୍ୟକ ସ୍ଥାନରେ କଲଭଟ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ସମ୍ପୃକ୍ତ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଜନ ସାଧାରଣଙ୍କୁ ପାନୀୟ ଜଳ ଯୋଗାଣ କରିବା ପାଇଁ ଦାବି ହୋଇଛି।

## ସ୍କୁଟର-ବାଇକ୍ ଧକ୍କା, ଜଣେ ମୃତ

ସୁନାବେଡ଼ା,୨୩।୧୨(ସମିସ); ସୋମବାର ରାତିରେ ୨୬ ନଂ ଜାତୀୟ ରାଜପଥରେ ସୁନାବେଡ଼ା ଏଚଏଏଲ୍ ଗେଷ୍ଟ ହାଉସ ନିକଟରେ ସ୍କୁଟର-ବାଇକ୍ ଧକ୍କାରେ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ ସୋମବାର ରାତି ପ୍ରାୟ ୯ ଟା ୩୦ ମିନିଟ୍ ସମୟରେ ସୁନାବେଡ଼ା ଏଚଏଏଲ୍ ଗେଷ୍ଟ ହାଉସ ନିକଟରେ ସ୍କୁଟର (ନଂ. ଓଡ଼ି ୧୦ଏସ୍ ୯୫୧୩) ଏବଂ ବାଇକ୍ (ନଂ. ଓଡି ୧୦ଏକ୍ସ ୩୩୫୦୪) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ସ୍ଥାନୀୟ ଲୋକ ପହଞ୍ଚି ଆମ୍ବୁଲାନ୍ସ ଡକାଇ ଆହତଙ୍କୁ ଚିକିତ୍ସା ନିମନ୍ତେ କୋରାପୁଟ ବଡ ମେଡିକାଲକୁ ପଠାଇଥିଲେ। ଜଣକର ସେଠାରେ ମୃତ ଘଟିଛି ଏବଂ ଦୁଇ ଜଣ ଚିକିତ୍ସା ପରେ ଭଲ ଅଛନ୍ତି। ମୃତ ବ୍ୟକ୍ତି ଜଣକ ସେମିଳିଗୁଡା ଶାସ୍ତ୍ରୀ ନଗର ବାସିନ୍ଦା ଅନିଲ ଡଙ୍ଗରିଆ ବୋଲି ସୁନାବେଡ଼ା ଥାନା ଏସଆଇ ନିର୍ମଳା ଲିମା ସୂଚନା ଦେଇଛନ୍ତି।

## ସରୁନାହିଁ ପୂର୍ତ୍ତ ବଙ୍ଗଳା ମରାମତି କାମ

### ପଦାଧିକାରୀଙ୍କୁ ମିଳୁନି ବିଶ୍ରାମ ସ୍ଥଳୀ

ଲକ୍ଷ୍ମୀପୁର,୨୩।୧୨(ସମିସ):




କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ଥିବା ପୂର୍ତ୍ତ ବଙ୍ଗଳା କାର୍ଯ୍ୟ ଆରମ୍ଭ ହୋଇ ଆଜକୁ ୫ମାସ ହୋଇ ଗଲାଣି ଶେଷ ହୋଇପାରୁ ନାହିଁ। ମରାମତି ପାଇଁ ୩୫ ଲକ୍ଷ ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇ ଥିବା ସହ ସେପ୍ଟେମ୍ବର ମାସରେ କାର୍ଯ୍ୟାଦେଶ ଦିଆଯାଇ ଥିବା ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ସୁରେନ୍ଦ୍ର ସାହୁ କହଛନ୍ତି। ଏହି ବଙ୍ଗଳାଙ୍କୁ ଚାରି ଆଡେ ଖୋଳାଖୋଳି କରି ଛାଡ଼ି ଦିଆଯାଇଛି। ଦରଖଣ୍ଡିଆ ହୋଇ ପଡ଼ିରହିଛି । କାମ ସରିପାରୁ ନାହିଁ। ଏହି ପୂର୍ତ୍ତ ବଙ୍ଗଳାରେ କିଛି ଉଚ୍ଚ ପଦସ୍ଥ ଅଧିକାରୀ ହୁଅନ୍ତୁ କିମ୍ବା ନେତା ମନ୍ତ୍ରୀ ଅଟକି ବିଶ୍ରାମ ନିଅନ୍ତି। ଏହି ସମୟରେ ନିଜ ଗହଣରେ ସ୍ଥାନୀୟ ଲୋକେ ଏମାନଙ୍କୁ ପାଇ ସ୍ଥାନୀୟ ଲୋକ ଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରି ସମାଧାନ ମଧ ହୁଏ। ଏବେ କିନ୍ତୁ ମରାମତି କାମ ପାଖାପାଖି ୫ ମାସ ହେଲାଣି ଚାଲି ଥିବା ହେତୁ ଏହି ସୁଯୋଗ ଅଞ୍ଚଳବାସୀଙ୍କ ହାତଛଡା ହେଉଛି ବୋଲି ଅଭିଯୋଗ ହେଉଛି। ଏହା ଛଡା ୩୫ଲକ୍ଷ ଟଙ୍କାର କାମ ଭଳି ଲାଗୁ ନ ଥିବା ମଧ ଆଲୋଚନା ହେଉଛି। ଏନେଇ ଯନ୍ତ୍ରୀଙ୍କ କହିବା ହେଲା ଧୀରେ ଧୀରେ କାମ ଚାଲିଛି । ଲକ୍ଷ୍ମୀପୁର ସଦର ମହକୁମାରେ ଏଭଳି କାମ ଚାଲିବା ଦୁଃଖଦାୟକ ବୋଲି ଲୋକେ କହୁଛନ୍ତି। ଲକ୍ଷ୍ମୀପୁର ଦେଇ ଯାଇ ଥିବା ୩୨୬ ତମ ଜାତୀୟ ରାଜପଥ ଦେଇ ଅନେକ ନେତା ମନ୍ତ୍ରୀ ଯିବା ଆସିବା କରୁଛନ୍ତି। ସୋମବାର ଦିନ ବିଜେପିର ସାଂଗଠନିକ ସାଧାରଣ ସମ୍ପାଦକ ମାନସ ମହାନ୍ତି ଲକ୍ଷ୍ମୀପୁର ଆସି ଏକ ଘରୋଇ ଲଜ୍‌ରେ ରହି ନିଜ ଦଳୀୟ କର୍ମୀ ମାନଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଆଇବି ବଙ୍ଗଳା ମରାମତି ଚାଲିଥିବା ହେତୁ ଆଉ ନେତା ମନ୍ତ୍ରୀ ଅଟକୁ ନାହାଁନ୍ତି । ଯାହାଫଳରେ କି ଦଳୀୟ କର୍ମୀ ହୁଅନ୍ତୁ କିମ୍ବା ସାଧାରଣ ଲୋକ ସାକ୍ଷାତ କରି ସମସ୍ୟା ଉପସ୍ଥାପନ କରିବା ସୁଯୋଗ ହାତ ଛଡ଼ା ହେଉଛି ବୋଲି ଅଭିଯୋଗ କରୁଛନ୍ତି। ୩୫ ଲକ୍ଷ ଟଙ୍କା ର କାମ କିଛି ସେଭଳି ଆଖିକୁ ଦେଖା ମଧ ଯାଉ ନ ଥିବା ହେତୁ ଏହା ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି । ତେଣୁ ଦାୟିତ୍ୱ ତୁଲାଉ ଥିବା ଯନ୍ତ୍ରୀ ଏହା ଉପରେ ଠିକ୍ ରୂପେ ନିଜ ଦାୟିତ୍ୱ ନିର୍ବାହ କରିବା କରିବାକୁ ଦାବି ହେଉଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ତୁଳସୀ ପାହାଡ଼ରେ ପାଳିତ ହେଲା ସୁଶାସନ ସପ୍ତାହ



ମାଥିଲି,୨୩।୧୨(ସମିସ): ପୂର୍ବରୁ ମାଲକାନଗିରି ଜିଲ୍ଲାର ଅନେକ ଅଞ୍ଚଳ ମାଓଗଡ଼ ଭାବେ ପରିଚିତ ଥିଲା। କିନ୍ତୁ ପୂର୍ବ ସରକାର ମାଓବାଦୀ ଙ୍କ ନିପାତ ସହିତ ମାଓଗଡ଼କୁ ଧ୍ୱଂସ କରି ଅଞ୍ଚଳରେ ବିକାଶକୁ ତ୍ୱରାନ୍ୱିତ କରିଥିଲେ। ଯେଉଁ ଅଞ୍ଚଳକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାନେ ପାଦ ପକାଇବା ପାଇଁ ଡରୁଥିଲେ, ସେହି ଅଞ୍ଚଳରେ ମାଓ ଦମନ ପାଇଁ ପୂର୍ବ ସରକାରଙ୍କ ଅନେକ ଭୂମିକା ରହିଥିବା ବେଳେ ଆଜି ରାଜ୍ୟ ସରକାରଙ୍କ କର୍ମଚାରୀ ମାନେ ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳ ତୁଳସୀ ପାହାଡରେ ପ୍ରଥମ ଥର ପାଇଁ ସୁସାଶାନ ସପ୍ତାହ ପାଳିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ନରେଶ ଶବର, ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ୍,ପ୍ରମୋଦ କୁମାର ବେହେରା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରତନ ରାଏ, ନିର୍ବାହୀ ଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ତୁମ୍ବେଶ୍ୱଏ ସମରଥ ଯୋଗ ଦେଇ ସ୍ଥାନୀୟ ଜନ ସାଧରଣଙ୍କୁ ନିଜର ଅଧିକାର ଓ ସରକାରୀ ସହାୟତା ଉପରେ ସଚେତନତା କରିବା ସହିତ ନିଜର ଚାଲିଚଳଣି ଓ ଆଧୁନିକ ଯୁଗର ଶିକ୍ଷା ଉପରେ ଆଲୋକପାତ କରିଥିଲେ।

## କେବଳ କାଗଜକଲମରେ ଅଭିଯୋଗ ଶୁଣାଣି ଶିବିର!

କୁନ୍ଦୁରା, ୨୩।୧୨(ସମିସ): ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କେବଳ ନାମକୁ ମାତ୍ର । ଅଭିଯୋଗ ହେଉଛି କିନ୍ତୁ ଗୋଟିଏ ହେଲେ ସମାଧାନ ହୋଇନାହିଁ । ଏଭଳି ଅଭିଯୋଗ ଆଣିଛନ୍ତି କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତବାସୀ । ଆସନା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ପଞ୍ଚାୟତ ସ୍ତରୀୟ ସଚେତନତା ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିପିଡିଓ ଜଗତ ସିଂ ମାଝୀ ଏଥିରେ ଅଧକ୍ଷତା କରି ୮ ଅଭିଯୋଗ ଶୁଣାଣି କରିଛନ୍ତି । ଗତ ଚାରି ବର୍ଷ ଭିତରେ ଆସନା ପଞ୍ଚାୟତରେ ୨ ଜଣ ପିଇଓ, ୫ଜଣ ଜେଇ,୪ ଜଣ ଜିଆର୍‌ଏସଙ୍କ ବଦଳି ହେଲାଣି ଓ ବାରମ୍ବାର ବଦଳି ଏବଂ ପଞ୍ଚାୟତ ପ୍ରତିନିଧି, ଅଧିକାରୀ କର୍ମଚାରୀଙ୍କ ଅବହେଳା ଓ ବିକାଶ ମୂଳକ କାମ ପାଇଁ ଆନ୍ତରିକତା ଅଭାବରୁ ଅନ୍ୟ ପଞ୍ଚାୟତ ତୁଳନାରେ ଏହି ପଞ୍ଚାୟତର ବିକାଶମୂଳକ କାମ ବହୁ ତଳ ସ୍ତରରେ ରହିଛି । ଏହା ଏକ ସରକାରୀ ବ୍ୟବସ୍ଥା ରହିଛି ବୋଲି ନାମକୁ ମାତ୍ର କରାଯାଉଛି। ସର୍ବସାଧାରଣଙ୍କ ପାଇଁ କିଛି ସୁଫଳ ମିଳୁନ ଥିବା ଲିଖିତ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତକୁ ଉପେକ୍ଷା କରୁଛି ପ୍ରଶାସନ, ପ୍ରତି ଚାରି ମାସକୁ ଥରେ ହେଉଛି ଅଭିଯୋଗ ଶୁଣାଣି। କ୍ରମାଗତ ତିନି ଥର ହେଲାଣି ଅଭିଯୋଗ ଶୁଣାଣିରେ ଆସୁ ନାହାନ୍ତି ବିଡିଓ। ବ୍ଲକ ପ୍ରଶାସନିକ ମୁଖ୍ୟଙ୍କ ଅନୁପସ୍ଥିତିରେ ବିଭାଗୀୟ ମୁଖ୍ୟଙ୍କ ଦେଖା ମିଳୁନାହିଁ । ପଞ୍ଚାୟତର ସାମୂହିକ ବିକାଶ ପାଇଁ ଦିଆଯାଇଥିବା ସମସ୍ୟା ଗୁଡ଼ିକ ମଧ୍ୟରୁ କିଛି ବି ସମାଧାନ ନହୁଏ ତେବେ ଆଗାମୀ ଜନ ଶୁଣାଣିକୁ ପଞ୍ଚାୟତବାସୀ ଦୃଢ଼ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି ୨୧ ଖଣ୍ଡ ଗାଁ ଲୋକେ। ଏହି କାର୍ଯ୍ୟକ୍ରମକୁ ପିଇଓ ଗୌରାଙ୍ଗ ଚରଣ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଆରଏସ୍ ସୁଶାନ୍ତ ମାଣ୍ଡିଙ୍ଗା, ଯୋଗାଣ ସହାୟକ ରାମଚନ୍ଦ୍ର ସାନ୍ତା ଏବଂ ଏମବିକେ ବାସନ୍ତୀ ଗଣ୍ଡା ପରିଚାଳନାରେ ସହଯୋଗ କରିଥିଲେ।

## ଓଏଭି ଶିକ୍ଷକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବୈପାରୀଗୁଡା,୨୩।୧୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପଡା ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଓଏଭି ଶିକ୍ଷକ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୫ଟି ଦଳ ଭାଗ ନେଇଥିବା ବେଳେ ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ଓଏଭି ଅଧକ୍ଷ ଶଶୀ ଭୂଷଣ ମହାପାତ୍ର ଯୋଗ ଦେଇ ଅନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ୫ଟି ଦଳ ମଧ୍ୟରୁ କୋରାପୁଟ ମାଛରା ଓଏଭି ଶିକ୍ଷକ କ୍ରିକେଟ ଦଳ ବିଜେତା ହୋଇଥିଲେ। ଓଏଭି ଗୁଣ୍ଡାଲ(କୁନ୍ଦୁରା), ଓଏଭି ମେମିଙ୍ଗ୍ ଫୁଟ (ଲମତାପୁଟ), ଓଏଭି ଜୟନ୍ତୀଗିରି (ଜୟପୁର) , ଓଏଭି ମାତ୍ରା (କୋରାପୁଟ) ଏବଂ



ଓଏଭି ଚନ୍ଦ୍ରପଡା (ବୈପାରିଗୁଡା) ଦଳ ପ୍ରମୁଖ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ମେମିଙ୍ଗ୍ ଫୁଟ ଓ ମାଛରା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମାଛରା ବିଜେତା ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସମାଜସେବୀ ଏମ ତେଜେଶ୍ୱର ରାଓ ଓ କ୍ରୀଡା ପ୍ରେମୀ କ୍ଷୀରୋଦ କୁମାର ପାଇକ ଯୋଗ ଦେଇ ବିଜେତା ଉପବିଜେତା ଓ ସମସ୍ତ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଓଏଭି ଚନ୍ଦ୍ରପଡାର ବିଦ୍ୟାଳୟର ସମସ୍ତ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

## ବିଦେଶୀ ମଦ ଜବତ, ଜଣେ ଗିରଫ

ନାରାୟଣପାଟଣା,୨୩।୧୨(ସମିସ): ନାରାୟଣପାଟଣା ପୁଲିସ ଓ ଅବକାରୀ ବିଭାଗର ରାତ୍ରୀକାଳୀନ ପାଟ୍ରୋଲିଂ ବେଳେ ଏକ ମାକ୍ସ ପିକ୍ ଅପ୍ ଭ୍ୟାନ୍‌ରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସୂଚନା ଅନୁସାରେ ଗତ ରାତିରେ କୋରାପୁଟରୁ ରାଜ୍‌ବାରରୁ ଏକ ମ୍ୟାକ୍ସ ପିକ୍ ଅପ୍ ଭ୍ୟାନ୍‌ରେ ଓଡି ୧୦ ୱାଇ ୧୮୧୦ରେ କୋରାପୁଟର ଏକ ବାର୍‌ରୁ ଶତାଧିକ ବିୟର ପେଟି ମଦକୁ ଚୋରା ଚାଲାଣ କରାଯାଉଥିବା ନେଇ ଗୁଇନ୍ଦା ସୂଚନା ପାଇଥିଲେ ଅବକାରୀ ଟିମ୍। ଖବର ପାଇ ଥାନା ଏଏସ୍‌ଆଇ ନରସିଂହ ପାଢୀ , ଅବକାରୀ ବିଭାଗର ସହ ଉପନୀରିକ୍ଷକ ଉମେଶ ଦୋରା ସମେତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଥିଲେ। ରାତ୍ରୀ ପାଟ୍ରୋଲିଂ ବେଳେ ଗାଡ଼ି ଯାଞ୍ଚ କରିଥିଲେ। ଭୋର ୩ଟାରେ ଏକ ମ୍ୟାକ୍ସ ପିକ୍ ଅପ୍ ପୁଲିସକୁ ଦେଖି ଦ୍ରୁତ ଗତିରେ ଯାଇଥିବା ଦେଖି ଗୋଡେଇ ଧରିଥିଲେ। ପରେ ଯାଞ୍ଚ ବେଳେ ବିଦେଶୀ ମଦ ବିୟର ଥିବା ଜଣା ପଡିଥିଲା। ରାତିରେ ଏ ସବୁ ଚୋରା ଚାଲାଣ କରାଯାଉଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲା ଡ୍ରାଇଭର। କୋରାପୁଟର ଏକ ରାଜ୍‌ବାରରୁ ଏସବୁ ବିଦେଶୀ ମଦ ବିୟର ନାରାୟଣପାଟଣା, ବନ୍ଧୁଗାଁର କିଛି କୁଚିଆ ବେପାରୀଙ୍କୁ ଚୋରା ଚାଲାଣ କରାଯାଉଥିଲା। ନୂଆ ବର୍ଷ ପାଇଁ ମଦର ଚାହିଦା ଥିବାରୁ ଆଗୁଆ ଚାଲାଣ କରାଯାଇ ଚଢ଼ାଦରରେ ବିକ୍ରି ହୋଇଥାନ୍ତା। ପୁଲିସ ୫୭୬ ଗୋଟି ବିୟର ବୋତଲ ଜବତ କରିବା ସହ ମାମଲା ରୁଜୁ କରି ଗାଡ଼ିକୁ ଜବତ କରି ଡ୍ରାଇଭରକୁ କୋର୍ଟ ଚାଲାଣ କରିଛନ୍ତି। ପୋଲିସ ଏକ ମାମଲା ୯୨/୨୫ରେ ରୁଜୁ କରି କୋର୍ଟ ଚାଲାଣ କରିଛି।

## ସଂକୁଳସ୍ତରୀୟ କ୍ରୀଡ଼ା ମହୋତ୍ସବ

ରାମନାଗୁଡ଼ା,୨୩।୧୨(ସମିସ): ରାୟଗଡା ଜିଲ୍ଲା ରାମନାଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରାମନାଗୁଡା ମିନି ଷ୍ଟାଡିୟମ ଠାରେ ୨୨ତମ ସଂକୁଳ ସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଁ ମଙ୍ଗଳା ମନ୍ଦିରରୁ ମଶାଲ ଶୋଭାଯାତ୍ରା କରାଯାଇ ଶିଶୁ ବିଦ୍ୟା ମନ୍ଦିରରେ ପହଞ୍ଚି, ସେଠାରୁ ମିନି ଷ୍ଟାଡିୟମ ଅଭିମୁଖେ ଯାଇଥିଲା। କ୍ରୀଡା ମହୋତ୍ସବରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ସୁନିତା ବେହେରା, ସହଜିଲ୍ଲା ପ୍ରମୁଖ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସଂକୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ, ଗଗନ ବିହାରୀ ଆଚାର୍ଯ୍ୟ, ପାରୀକ୍ଷିତି ସରପଞ୍ଚ ସୂର୍ଯ୍ୟ ରାଓ କୁମ୍ବିକା, କରୁଣା କର କଂସ ବେହେରା, ପି. ବେଣୁ ଗୋପାଳ, ବନମାଳୀ ମହାରଣା ମୁଖ୍ୟବକ୍ତା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମ ରେ ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟିର ସଭାପତି ରବିପ୍ରସାଦ ସାହୁକାର, ସମ୍ପାଦକ ଅଜିତ କୁମାର ପାତ୍ର, ପ୍ରଧାନ ଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ପଣ୍ଡା ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ଖେଳ ରେ ଭାଗ ନେଇ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦୁଇ ଟ୍ରକ୍ ଧକ୍କା



ପଟ୍ଟାଙ୍ଗି,୨୩।୧୨(ସମିସ): ପ୍ରବଳ କୁହୁଡି ଯୋଗୁଁ ଟ୍ରକ୍ ପଛରେ ପିଟିଲା ଟ୍ରକ୍ ଅଳ୍ପକେ ବର୍ତ୍ତିଯାଇଛନ୍ତି ଟ୍ରକ୍ ଚାଳକ। ସୂଚନା ଅନୁଯାୟୀ ସୋମବାର ରାତି ପ୍ରାୟ ୧୨ ଟା ୩୦ ସମୟରେ ପଟ୍ଟାଙ୍ଗି ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥ ପଡ଼ାଲଗୁଡ଼ା ଛକ ନିକଟରେ ପ୍ରବଳ ଜାଡ ସହ ଘନ କୁହୁଡି ରହିଥିଲା। ଏକ ଛତିଶଗଡ ନମ୍ବର ଟ୍ରକ କୋରାପୁଟ ଦିଗକୁ ଯାଉଥିଲା।ଏହା ପଛରେ ଆନ୍ଧ୍ର ନମ୍ବରର ଟ୍ରକଟି ଯାଉଥିଲା।କୌଣସି କାରଣ ବଶତଃ ଛତିଶଗଡ ଟ୍ରକ ପଛରେ ଆନ୍ଧ୍ର ଟ୍ରକଟି ପିଟି ହୋଇଯାଇଥିଲା। ଟ୍ରକ ମଧ୍ୟରେ ଚାଳକ ଆର. ଜଗନ୍ନାଥ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଚାଳକଙ୍କୁ ଗାଡ଼ି ଟିକୁ କାଟି ବାହାର କରିଥିଲେ। ଚାଳକ ଆର. ଜଗନ୍ନାଥ ରାଓଙ୍କୁ ଆନ୍ଧ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ନେଇ ଜଣାପଡିଛି।

# ସୀମାନ୍ତ ବ୍ଲକ୍‌ରେ ଶିକ୍ଷାଦାନରେ ଅବ୍ୟବସ୍ଥା

ବନ୍ଧୁଗାଁ,୧୮।୧୨ (ଇମିସ):

କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆନ୍ଧ୍ରପ୍ରଦେଶ ସୀମାନ୍ତରେ ଅବସ୍ଥିତ। ଲୋକଙ୍କ ସରଳତାର ସୁଯୋଗ ନେଇ ଶିକ୍ଷା ପ୍ରଶାସନ ଏହି ଅଞ୍ଚଳରେ ଶିକ୍ଷାଦାନ ବ୍ୟବସ୍ଥାକୁ ଏକ ପ୍ରକାର ସ୍ଥାଣୁ ଅବସ୍ଥାକୁ ନେଇ ଆସିଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ୧୦୭ ବିଦ୍ୟାଳୟରେ ଶିଶୁ ବାଟିକା ୬୮୪ , ପ୍ରଥମ ଶ୍ରେଣୀ ୧୨୩୩ , ଦ୍ୱିତୀୟ ଶ୍ରେଣୀ ୧୨୬୦ , ତୃତୀୟ ଶ୍ରେଣୀ ୧୨୪୯, ଚତୁର୍ଥ ଶ୍ରେଣୀ ୧୨୪୭, ପଞ୍ଚମ ୧୦୮୬, ଷଷ୍ଠ ୭୮୯, ସପ୍ତମ ଶ୍ରେଣୀ ୯୫୫, ଅଷ୍ଟମ ଶ୍ରେଣୀ ୯୨୪, ନବମ ୬୧୧ ଓ ଦଶମ ଶ୍ରେଣୀରେ ୪୮୦ ଜଣ ମୋଟ ୧୦୫୧୮ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଏହି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ଓପିଏସ ୬୨ ଜଣ, ଏନ୍‌ପିଏସ ୧୯୨ , ଏକ୍ସ କେଡର ୩୯, ଜି ଏସ ୩ , ଜେଟିଆର ୨୦ , ପିଏସ ୬୮ , ୟୁପି ଏସ ୨୯ ଜଣ, ଏଚଏସଏସ ୩ , ୟୁଜିଏଚଏସ ୮ ,ଏଚଏସ ୨ ଓ ବ୍ଲକ ଗ୍ରାଣ୍ଟ ଏଚ୍‌ଏସ ୨ ଜଣକୁ ମିଶାଇ ମୋଟ ୪୨୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି।ମଙ୍ଗଳ ବିଭାଗ ଅଧୀନରେ ୫ ଏସଏସଡି ଓ ସେବା ଆଶ୍ରମ ବିଦ୍ୟାଳୟରେ ୧୪୫୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୧୬ ଜଣ ସରକାରୀ ଓ ୧୨ ଜଣ ଚୁକ୍ତିଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟରେ ପାଠପଢା ଚାଲିଛି। ଏଥି ସହିତ ଆଦର୍ଶ ବିଦ୍ୟାଳୟ ୩୯୦ ଜଣ ଛାତ୍ରଛାତ୍ରୀ ପାଠପଢା ପାଇଁ ୧୬ ଜଣ ଶିକ୍ଷକ ଥିବା ବେଳେ କ୍ରୀଡା, ସଙ୍ଗୀତ ଓ କମ୍ପ୍ୟୁଟର ଶିକ୍ଷକ ଅଭାବ ରହିଛି। ସୀମାନ୍ତ ବ୍ଲକରେ ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ରହିଥିବା ବେଳେ ୪୦ ଭାଗ ଶିକ୍ଷକ ସ୍କୁଲ ନିକଟବର୍ତ୍ତୀ ସହିତ ବ୍ଲକ ଭିତରେ ରହି ଶିକ୍ଷାଦାନ କରୁଛନ୍ତି। ପ୍ରାୟ ୬୦ ଭାଗ ଶିକ୍ଷକ ନିଜ ପୁଅଝିଅ ପାଠପଢା ଓ ସ୍ୱାସ୍ଥ୍ୟ ସମସ୍ୟା କହି ରାୟଗଡ଼ା, ପାର୍ବତୀପୁର ଓ ନିର୍ବାଚନ ମଣ୍ଡଳୀ ଭିତର ବ୍ଲକରେ ରହି ଆସୁଛନ୍ତି। ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ୯ କ୍ଲଷ୍ଟର୍ ର ୯ ଜଣ ସିଆରସିସି ରହିଥିବା ବେଳେ ସୀମାନ୍ତ ବିଦ୍ୟାଳୟ ଗୁଡ଼ିକରେ ପାଳି ଶିକ୍ଷକ ବ୍ୟବସ୍ଥା ସୁଦୃଢ ରହିଛି। ଯେଉଁ ସ୍କୁଲ ଗୁଡିକରେ ୨ ରୁ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହି ଥିବେ ସେହି ବିଦ୍ୟାଳୟରେ ତାରିଖ ନ ଲେଖାଥିବା ଛୁଟି ଦରଖାସ୍ତ ରହି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆରାମରେ ଘରେ ରହିବା ଓ ବେପାର ବାଣିଜ୍ୟ କରି ରହୁଥିବା ନଜିର ରହିଛି। ରାୟଗଡ଼ା ଜିଲ୍ଲାରୁ ଯେଉଁ ସବୁ ଶିକ୍ଷକ ଶିକ୍ଷୟିତ୍ରୀ ଆସନ୍ତି ସକାଳ ୧୧ ସ୍କୁଲରେ ପହଞ୍ଚି ୩ ଘଣ୍ଟା ପାଠ ପଢାଇବା ପରେ ୩ ଘଣ୍ଟା ବେଳକୁ ସ୍କୁଲ ଛୁଟି କରି ରାୟଗଡ଼ା ଛୁଟିଥାନ୍ତି। ବ୍ଲକସ୍ତରୀୟ ଶିକ୍ଷା ବିଭାଗ କାର୍ଯ୍ୟାଳୟର ଅଧିକାରୀ ଓ ସୀମାନ୍ତ ସ୍କୁଲ ଶିକ୍ଷକଙ୍କ ଭିତରି ସଲାସୁତରା ମଧ୍ୟରେ ଶିକ୍ଷାଦାନ ଚାଲିଛି। ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଅନୁସାରେ ପାଠ ପଢ଼ାଇବା ଶିକ୍ଷକଙ୍କ ଅଭାବ ଯଥେଷ୍ଟ କମ୍ ପୁଣି ଛାତ୍ରଛାତ୍ରୀଙ୍କ ଅନୁପାତରେ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନାହାନ୍ତି। ଶିକ୍ଷକ ମାନଙ୍କ ଇଚ୍ଛା ମୁତାବକ ସ୍କୁଲ ଗୁଡିକରେ ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି। ବିଇଓ, ଏବିଇଓ, ଏବଂ ସିଆରସିସି ମାନଙ୍କର ପ୍ରାଥମିକ ସ୍ତରରେ କିପରି ଶିକ୍ଷାଦାନ ସଠିକ ରୂପରେ ପରିଚାଳିତ ହେବ ସେଥିପାଇଁ ଗୁରୁତ୍ୱ ଦେଉ ନାହାନ୍ତି। ଏଥିପାଇଁ ସ୍କୁଲ ଗୁଡିକରେ ଥିବା ଛାତ୍ରଛାତ୍ରୀ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଅକ୍ଷର ଚିହ୍ନିବା, ବହି ପଢ଼ିବା, ସଂଖ୍ୟା ଜାଣିବା ବର୍ତ୍ତମାନ ୬୦ ଭାଗ ଛାତ୍ରଛାତ୍ରୀ ରହିଛନ୍ତି। ଫଳରେ ଡ୍ରପ୍ ଆଉଟ୍ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକରେ ଅଧିକ ପିଲା ରହିଛନ୍ତି। ପୁଣି ୧୪ରୁ ୧୮ ବର୍ଷର ଶତାଧିକ ପିଲା ଦାଦନ ଖଟିବାକୁ ବାହାର ରାଜ୍ୟରେ ରହିଛନ୍ତି। ଅବଶିଷ୍ଟ ୪୦ ଭାଗ ଛାତ୍ରଛାତ୍ରୀ ପ୍ରାଥମିକ ସ୍ତରରେ ଯେଉଁ ଶିକ୍ଷା ଲାଭ କରିଛନ୍ତି ସେହି ଶିକ୍ଷାରେ ନବୋଦୟ, ଓଏଭି, ବୃତ୍ତି ପରୀକ୍ଷା, ଏନଏନଏସ ଓ ପ୍ରି ମାଟ୍ରିକ ବୃତ୍ତି ପରୀକ୍ଷା ଗୁଡ଼ିକରେ ପାସ ହୋଇ ପାରୁ ନାହାଁନ୍ତି। ଏଥିଯୋଗୁଁ ଦଶମ ବାର୍ଷିକ ପରୀକ୍ଷାରେ ବ୍ଲକରୁ ସି କିମ୍ବା ଡି ଗ୍ରେଡରେ ୯୯ ପ୍ରତିଶତ ଛାତ୍ରଛାତ୍ରୀ ପାସ କରୁଛନ୍ତି। ଏହି ପ୍ରକାର ଅବ୍ୟବସ୍ଥା ଶିକ୍ଷାଦାନ ବନ୍ଧୁଗାଁ ବ୍ଲକ୍‌ର ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

## ରାସ୍ତା ଅବସ୍ଥା ଦେଖି ବିଗିଡିଲେ ବିଧାୟକ

ରାୟଗଡ଼ା,୨୩।୧୨(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୫କିମି ଦୂରରେ ଥିବା ସଦର ବ୍ଲକ୍ ହାଲୁଆ ଗ୍ରାମପଞ୍ଚାୟତର ଅନେକ ଗ୍ରାମଗୁଡିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡିକର ଶୋଚନୀୟ ଅବସ୍ଥା ଦେଖି ବ୍ଲକ ପ୍ରଶାସନ ଉପରେ ବିଗିଡିଲେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ। ରବିବାର ସକାଳେ ହାଲୁଆ ଗ୍ରାମକୁ ପରିଦର୍ଶନରେ ଯାଇଥିଲେ ବିଧାୟକ ଆପଲାସ୍ୱାମୀ। ସେଠାରେ ତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗ୍ରାମ ମଝିରେ ବିଧାୟକ ଶ୍ରୀ କାଡ୍ରକା ଗ୍ରାମବାସୀମାନଙ୍କ ବିଭିନ୍ନ ମୌଳିକ ସମସ୍ୟାଗୁଡିକ ପଚାରିବୁଝିଥିଲେ। ବିଶେଷ କରି ଗାଁ ଲୋକେ ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ବିଷୟରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବିଧାୟକ ନିଜେ ଉକ୍ତ ଖାଲଖମା ଭରା ରାସ୍ତା ଦେଇ ଆସୁଥିବା ବେଳେ ସମ୍ମୁଖୀନ ହୋଇଥିବା ଅସୁବିଧା ସଂପର୍କରେ ଗ୍ରାମବାସୀଙ୍କୁ କହିବା ସହ ସେଠାରୁ ହିଁ ଗ୍ରାମ୍ୟ ନିର୍ମାଣ ବିଭାଜନ ଯନ୍ତ୍ରୀଙ୍କୁ ଫୋନରେ କଥାବାର୍ତ୍ତା ହୋଇ ତୁରନ୍ତ ହାଲୁଆ ଗ୍ରାମ ମୁଖ୍ୟ ରାସ୍ତା ସହ ପଞ୍ଚାୟତସହ ଅନ୍ୟାନ୍ୟ ଗ୍ରାମର ଖରାପ ଥିବା ରାସ୍ତାର ମରାମତି ନିମନ୍ତେ ଆଦେଶ ଦେଇଥିଲେ। ପରେ ବିଧାୟକ ଶ୍ରୀ କାଡ୍ରକା ହାଲୁଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଗସ୍ତ କରିଥିଲେ। ସେଠାରେ ସରପଞ୍ଚ ତାମାରାଓ ବିଡିକା ଓ ଅନ୍ୟମାନେ ବିଧାୟକଙ୍କୁ ସ୍ୱାଗତ କରିବା ସହ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ ଏବଂ ସମସ୍ୟାଭିତ୍ତିକ ବିଷୟଗୁଡିକ ଉପରେ ଆଲୋଚନା କରିଥିଲେ।

# ଟୋକନ ସମସ୍ୟା ନେଇ କୃଷକ ସଂଘ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଦେବଗଡ଼, ୨୩।୧୨(ସମିସ): ଧାନ ବିକ୍ରୟ ନିମନ୍ତେ ଚାଷୀଙ୍କ ନାମ ପଞ୍ଜୀକରଣ ପୂର୍ବରୁ ଉପଯୁକ୍ତ ସୂଚନା ପ୍ରଦାନ କରାଯାଇ ନାହିଁ। ଫଳରେ ଦେବଗଡ଼ ଜିଲ୍ଲାର ଚାଷୀ ପତିତ ଏବଂ ଗୋଡା ଜମିରୁ ଉତ୍ପାଦିତ ଧାନ ବିକ୍ରି କରିପାରିବେ ନାହିଁ ବୋଲି ଜାଣି ପାରି ନଥିଲେ। ତେବେ ଟୋକନ ଆସିବା ସମୟରେ ପତିତ ଏବଂ ଗୋଡା ଜମିରୁ ଉତ୍ପାଦିତ ଧାନ ବିକ୍ରୟ ନିମନ୍ତେ ଟୋକନ ଅସି ନଥିଲା। ଚାଷୀ ଏହା ଜାଣିବାପରେ ସେମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏହାଦ୍ୱାରା ମୁଖ୍ୟତଃ ନଦୀବନ୍ଧ ଯୋଜନାରେ ବାସଚ୍ୟୁତ ଲିଜ ପଟ୍ଟାଧାରୀ ପରିବାର ଗୁଡ଼ିକ ପତିତ ଏବଂ ଗୋଡା ଜମିରୁ ଉତ୍ପାଦିତ ଧାନ ବିକ୍ରୟ କ୍ଷେତ୍ରରେ ବିଶେଷ ଅସୁବିଧାର ସମ୍ମୁଖୀନ ହେବାର ଅଶଙ୍କା ଦେଖାଦେଇଛି। ଏଣୁ ଏହାର ପୁନଃବିଚାର କରି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉକ୍ତ ଧାନ ବିକ୍ରୟ ନିମନ୍ତେ ଟୋକନ ପ୍ରଦାନ କରିବା ପାଇଁ ଜିଲ୍ଲା କୃଷକ ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ତ୍ରୁଟିପୂର୍ଣ୍ଣ ହାଇଟେକ ସର୍ଭେ ଯୋଗୁଁ ସାଟେଲାଇଟ ଯୋଗେ ପ୍ଲଟ ଗୁଡ଼ିକୁ ସର୍ଭେ କରିବା ସସମୟରେ ପ୍ଲଟ ଗୁଡ଼ିକ ଅନ୍ୟତ୍ର ଦର୍ଶାଯାଉଛି। ଫଳରେ ଜିଲ୍ଲାର ବହୁ ଚାଷୀଙ୍କର ଟୋକନ ଆସିନାହିଁ। ଏହି ସମସ୍ୟା ଗୁଡ଼ିକର ସମାଧାନ ପୂର୍ବକ ଧାନ ବିକ୍ରି ନିମନ୍ତେ ଚାଷୀଙ୍କୁ ଟୋକନ ପ୍ରଦାନ ଏବଂ ଦେବଗଡ଼ ଜିଲ୍ଲାରେ ମଣ୍ଡି ମାଧ୍ୟମରେ ଧାନ କ୍ରୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ପାଇଁ ଜିଲ୍ଲା କୃଷକ ସଂଘ ପକ୍ଷରୁ ଦେବଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଆଜି ଜିଲ୍ଲା କୃଷକ ସଂଘର ସଭାପତି ପ୍ରମୋଦ ଝାଙ୍କର, ସମ୍ପାଦକ ସୁରେଶ ଚନ୍ଦ୍ର ଦେହୁରୀ ଓ ଉପଦେଷ୍ଟା ନିଭୁତି ଗଙ୍ଗଦେବଙ୍କ ନେତୃତ୍ୱରେ କୃଷକ ନେତା ପବିତ୍ର ମୋହନ ପ୍ରଧାନ, ଅରୁଣ ସାହୁ ନିରଞ୍ଜନ ବେହେରା, ଗଙ୍ଗାଧର ପ୍ରଧାନ, ଗଣେଶ ପ୍ରସାଦ ନାୟକ, ଭୁପେନ୍ଦ୍ର ପ୍ରସାଦ ନାୟକ, ସନ୍ତୋଷ ପ୍ରଧାନ, ସୁଶାନ୍ତ ସାହୁ, ହୀରାଧର ସାହୁ, ଭାଗିରଥୀ କାଲୋ ଓ ସୀମାଞ୍ଚଳ ଦ୍ୱିବେଦୀ ପ୍ରମୁଖ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏନେଇ ଦାବିପତ୍ର ପ୍ରଦାନ କରିଥିଲେ।



## ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା

# ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଘୋଷଣା ପରେ ବି କାର୍ଯ୍ୟକାରୀ ହେଉନି ପିଏଚ୍‌ସି

ଦେବଗଡ଼, ୨୩।୧୨(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବିରେ ଜିଲ୍ଲା ଯୁବ ଓ ମହିଳା ଏକତା ମଞ୍ଚ ପକ୍ଷରୁ ଦୀର୍ଘ ଦିନ ଧରି ଦାବି ଓ ଆନ୍ଦୋଳନ ହୋଇ ଆସୁଛି। ୨୨ ତାରିଖ ଠାରୁ ଅର୍ବାନ ପିଏଚସି ଭାବେ କାର୍ଯ୍ୟକାରୀ ହୋଇଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗତ ଶନିବାର ଘୋଷଣା କରିଥିଲେ। ଘୋଷଣା ପରେ ଗତକାଲି ମଞ୍ଚର ବହୁ ସଦସ୍ୟ ସନ୍ଧ୍ୟା ୫.୩୦ରେ ଅନୁଧ୍ୟାନ ପାଇଁ ଯାଇଥିବା ବେଳେ ମେଡିକାଲ ବନ୍ଦ ଥିବା



ଦେଖିବାକୁ ପାଇଥିଲେ। ମେଡିକାଲ କାହିଁକି ବନ୍ଦ ଅଛି ବୋଲି ଜଗୁଆଳି ଓ କର୍ମଚାରୀଙ୍କୁ ପ୍ରଶ୍ନ କରିବାରୁ ସେମାନେ କିଛି ଉତ୍ତର ଦେଇ ନ ଥିଲେ। କିନ୍ତୁ କିଛି ସମୟ ପରେ ମେଡିକାଲ ପଛପଟୁ ଜଣେ ଡାକ୍ତର ଆସି ଉତ୍ତେଜିତ ହୋଇ ତମେ ମାନେ କିଏ ଏଠାକୁ କାହିଁକି ଆସିଛ ବୋଲି ପ୍ରଶ୍ନ କରି ଚିକିତ୍ସାଳୟରୁ ତୁରନ୍ତ ଚାଲିଯିବାକୁ କହିଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆଜି ସନ୍ଧ୍ୟାରେ ମଞ୍ଚର ଡାକରାରେ ଉଭୟ ମଞ୍ଚ ସମେତ ବହୁ ଜନ ସାଧାରଣ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ସ୍ଥାନୀୟ ଗୋପାଳଜୀଉ ମନ୍ଦିରରେ ଏକତ୍ରିତ ହୋଇ ପ୍ରଶାସନ ଦେବଗଡ଼ ବାସୀଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରିଥିଲେ। ଏଥିସହ ଆସନ୍ତାକାଲି ବିଧାନସଭାର ଏକ

### ବିଧାନସଭା ଷ୍ଟାଣ୍ଡିଂ କମିଟିର ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି

କମିଟି ଦେବଗଡ଼ ଜିଲ୍ଲା ଗସ୍ତ କରିବାକୁ ଥିବା ବେଳେ କମିଟି ନିକଟରେ ମଞ୍ଚ ଜିଲ୍ଲାବାସୀଙ୍କ ସ୍ୱାର୍ଥରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରସଙ୍ଗରେ ଦାବି ଉଠାଇବାକୁ ନିଷ୍ପତ୍ତି ନିଯାଇଥିବା ଜଣାପଡ଼ିଛି।

# ସୁନା ଦୋକାନରୁ ଚୋରି; ୨ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା, ୨୩।୧୨(ସମିସ): ସୁନା ଅଳଙ୍କାର ଦୋକାନରୁ ଚୋରି ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ୬ ଘଣ୍ଟା ମଧ୍ୟରେ ବ୍ରଜରାଜନଗର ପୁଲିସ ଗିରଫ କରିଛି। ବ୍ରଜରାଜନଗରର ମୁଖ୍ୟ ମାର୍କେଟ ରାଜ କମ୍ପ୍ଲେକ୍ସ ଠାରେ ପ୍ରଶାନ୍ତ କଛରିଆଙ୍କ ଏକ ଅଳଙ୍କାର ଦୋକାନ ରହିଛି। ୨୨ ତାରିଖ ସକାଳେ ଜଣେ ଝିଅ ଆସି କାନଫୁଲ ଦେଖାଇବାକୁ କହିଥିଲେ। ଦୋକାନର ସେଲ୍ସ ଗାର୍ଲ ତାଙ୍କୁ ସୁନା କାନଫୁଲ ଓ ସୁନା ଲକେଟ ଦେଖାଇଥିଲେ। ଏହି ସମୟରେ ଅତି ଚତୁରତାର ସହିତ ଅଭିଯୁକ୍ତ ଝିଅ ଜଣକ ଏକ ସୁନା ଲକେଟ ଚୋରି କରିନେଇଥିଲେ। ସନ୍ଦେହ ହେବାରୁ ସିସିଟିଭି ଫୁଟେଜ ଯାଞ୍ଚ କରାହୋଇଥିଲା। ବିକ୍ରେତାଙ୍କୁ ଠକି ଅତି ଚତୁରତାର ସହିତ ସୁନା ଲକେଟ ଲୁଟ କରିଥିବା ନେଇ ଏଥିରୁ ଜଣାପଡ଼ିଥିଲା। ଝିଅ ଜଣକ ସୁନା ଲକେଟ ଚୋରି କରିବା ପରେ ଜଣେ ଯୁବକଙ୍କ ସହିତ ଏକ ପଲସର ବାଇକରେ ଘଟଣାସ୍ଥଳରୁ ଫେରାର ହୋଇଥିଲା। ଏହାକୁ ନେଇ ଅଳଙ୍କାର ଦୋକାନ ମାଲିକ ପ୍ରଶାନ୍ତ କଛରିଆ ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚୋରିକୁ ନେଇ ବ୍ରଜରାଜନଗର ଥାନା ପୁଲିସ ମାମଲା ରୁଜୁ କରି ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସିସିଟିଭି ଫୁଟେଜ ଆଦି ଯାଞ୍ଚ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ୬ ଘଣ୍ଟା ମଧ୍ୟରେ ଗିରଫ କରିବାରେ ସଫଳ ହୋଇଥିବା ନେଇ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମହିଳା ଝାରସୁଗୁଡ଼ା ଟାଉନ ଥାନା ମଙ୍ଗଳବଜାରର ରାଣୀ କଲେତ (୩୦) ଓ ଯୁବକ ବିର କଲେତ(୧୯)କୁ ଟାଉନ ପୁଲିସ ସହାୟତାରେ ଗିରଫ କରାଯାଇଛି। ଏହାସହ ଚୋରି ୬.୩୭୦ ଗ୍ରାମ ସୁନା ଲକେଟ ଏବଂ ଏକ ପଲସର ବାଇକକୁ ଜବତ କରିଥିବା ନେଇ ବ୍ରଜରାଜନଗର ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ବନ୍ଧବାହାଲ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

ଇବଥର୍ମାଲ, ୨୩।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସକାଶେ ମଙ୍ଗଳବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଆଜି ସକାଳେ ଯାତ୍ରା କମିଟି ସଦସ୍ୟ ତଥା ଗ୍ରାମବାସୀ ପ୍ରଥମେ ଗ୍ରାମର ଗୌନ୍ତିଆ ସଞ୍ଜୟ ସିଂହଙ୍କୁ ବରଣ କରିବାକୁ ଯାଇ ଏକ ଶୋଭାଯାତ୍ରାରେ ବନ୍ଧବାହାଲ ଗ୍ରାମଦେବତୀ(ଦେମୂଳ)କୁ ଯାଇଥିଲେ। ସେଠାରେ ପ୍ରଥମେ ଗ୍ରାମଦେବତୀଙ୍କୁ ରୀତିନୀତିରେ ପୂଜା କରାଯାଇଥିଲା। ପରେ ଗ୍ରାମଦେବତୀଙ୍କ ଆଜ୍ଞା ସ୍ୱରୂପ ଦୁଇଟି ବିଶାଳ ଝଣ୍ଡା (ଶୁଭସ୍ତମ୍ଭ)କୁ ସମସ୍ତେ ଦୁଲଦୁଲି ବାଜା ସହ ଏକ ଶୋଭାଯାତ୍ରାରେ ଆଣି ପ୍ରଥମେ ବନ୍ଧବାହାଲ ଗ୍ରାମ ସ୍ଥିତ ଯଜ୍ଞ ମଣ୍ଡପରେ (ଗୋପପୁର) ଗୋଟିଏ ସ୍ତମ୍ଭ ଓ କଂସ ମଣ୍ଡପ ସ୍ଥିତ ପେଣ୍ଡାଲ (ମଥୁରା ନଗରୀ) ନିକଟରେ ଗୋଟିଏ ସ୍ତମ୍ଭ ସ୍ଥାପନ କରାଯାଇଥିଲା। ଚଳିତ ୧୯ତମ ଧନୁଯାତ୍ରାରେ ଏଥର ବଲାଙ୍ଗିର ଲୁଇସିଂହାର ରବୀନ୍ଦ୍ର ସାହୁ କଂସ ହେଉଥିବା ବେଳେ ତାଙ୍କ ଦଳ ଆସନ୍ତା ଡିସେମ୍ବର ୨୮ରୁ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଅଭିନୟ କରିବ। ବନ୍ଧବାହାଲ ଗ୍ରାମ ଗୋପପୁର ହୋଇ ପ୍ରଭୁ କୃଷ୍ଣ ବଳରାମଙ୍କ ଲୀଳା ସମ୍ପନ୍ନ କରାଯିବା ସହ ଛତିଗଡ଼ ମହାସମୁନ୍ଦର ସଞ୍ଚାର ବାୟକ ଗଣପତି ଦାସ ଓ ଦଳ, ପଦ୍ମିନୀ ସୁନା ଓ ଦଳ ସଞ୍ଚାର ପରିବେଷଣ କରିବେ। କୃଷ୍ଣଗୁରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରିଙ୍କି ବାଗଙ୍କ ମାଁ ଦୁର୍ଗା ଦଣ୍ଡନୃତ୍ୟ ଦଳ ଦଣ୍ଡନୃତ୍ୟ ମଧ୍ୟ କରିବା ସ୍ଥିର ହୋଇଛି। ସେହିପରି ବନ୍ଧବାହାଲ କୋଇଲା ନଗରୀ କଲୋନୀ ଅଞ୍ଚଳ ମଥୁରା ନଗରୀରେ ପ୍ରତ୍ୟେକ ଦିନ କଂସ ଦରବାରରେ ବଛା ବଛା ସାଂସ୍କୃତିକ ଦଳଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ କହିଛନ୍ତି। ଆଜି ଗ୍ରାମଦେବତୀ ପୂଜନ ଓ ଶୁଭସ୍ତମ୍ଭ ସ୍ଥାପନର କର୍ତ୍ତା ଗୌନ୍ତିଆ ସଞ୍ଜୟ ସିଂହ ଥିବାବେଳେ ପୂଜକ ନରେନ୍ଦ୍ର ପୂଜାରୀ, ଝାଙ୍କର ଟଙ୍କଧର ନେଟି ପୂଜାକାର୍ଯ୍ୟ କରିଥିଲେ। ଧନୁଯାତ୍ରା କମିଟି ସଭାପତି ବେଣୁଧର ସିଂହ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ବିରଞ୍ଚି ପ୍ରଧାନ, ରବି ସିଂହ, ନନ୍ଦରାଜା ଯୋଗେଶ୍ୱର ପ୍ରଧାନ, ସୌକି ପଧାନ, ମହେନ୍ଦ୍ର କଣ୍ଟା, ବିଜୟ ପତି, ବିଜୟ ମୁଣ୍ଡା, ଜଗନ୍ନାଥ କୌଡ଼ି, ଭୀଷ୍ମଦେବ ପାତ୍ର, ପ୍ରଦୀପ କାଳୀ, କୃଷ୍ଣଚନ୍ଦ୍ର ପ୍ରଧାନ, ଅବଧୂତ ଭୋଇ ସମେତ ସମସ୍ତ କମିଟି ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ଡିଏଭି ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଲେ ଆଇଏଏସ୍ ଅଧିକାରୀ

ଝାରସୁଗୁଡ଼ା, ୨୩।୧୨(ସମିସ): ଝାରସୁଗୁଡ଼ା ଡିଏଭିର ଛାତ୍ରଛାତ୍ରୀ ବ୍ୟାଗ ମୁକ୍ତ ଦିବସ ପାଳନ ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଶୈକ୍ଷିକ କ୍ଷେତ୍ର ଭ୍ରମଣରେ ଯାଇ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନଙ୍କ ସହ ମୁକ୍ତ ଆଲୋଚନା କରିଛନ୍ତି। ୧୨ -୧୩ ବର୍ଷ ତଥା ମଧ୍ୟମ ବର୍ଗର ୧୬୦ ଜଣ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଭିନ୍ନ ଭିନ୍ନ ବିଭାଗ ପରିଦର୍ଶନ କରିବା ସହିତ ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଡିଏଭି ଛାତ୍ରଛାତ୍ରୀ ଆଇଏଏସ ପ୍ରୋବେସନର ପ୍ରଜ୍ଞାନନ୍ଦନ ଗିରି, ଝାରସୁଗୁଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଓ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାରଙ୍କ ସହିତ ଜିଲ୍ଲା କାର୍ଯ୍ୟାଳୟ ଅଡ଼ିଟୋରିୟମରେ ସଫଳତାର ମନ୍ତ୍ର, ଭବିଷ୍ୟ ନିର୍ଦ୍ଧାରଣକାରୀ ମାର୍ଗ, ଜିଲ୍ଲା ପ୍ରଶାସନ ଅଧୀନ ବିଭିନ୍ନ ବିଭାଗର କାର୍ଯ୍ୟ, ଶିକ୍ଷାର ଭୌତିକ ଦିଗ, ଛାତ୍ରଜୀବନର ଅନୁଭବ, ପ୍ରେରଣାଦାୟୀ ମନସ୍ତତ୍ତ୍ୱ ଆଦି ସନ୍ଦର୍ଭରେ ମୁକ୍ତ ଆଲୋଚନା କରିଥିଲେ। ଆଇଏଏସ ପ୍ରୋବେସନର ପ୍ରଜ୍ଞାନନ୍ଦନ ଗିରି ପୁସ୍ତକ ଜ୍ଞାନରେ ସୀମିତ ନରହି ପରୀକ୍ଷାମୂଳକ ଜ୍ଞାନ ଆହରଣ କରିବା ଜରୁରୀ ବୋଲି କହିବା ସହିତ କଠିନ ପରିଶ୍ରମ, ଦୃଢ଼ ସଂକଳ୍ପ ଓ ଧୈର୍ଯ୍ୟ ସଫଳତାର ଚାବିକାଠି ବୋଲି ଦିଗଦର୍ଶନ ଦେଇଥିଲେ। ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ସାଧାରଣ) ବ୍ରଜବନ୍ଧୁ ଭୋଇ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟସିଦ୍ଧ ଓ ପରିଶ୍ରମୀ ହୋଇ କାମ କଲେ ସଫଳତାପ୍ରାପ୍ତି ସୁନିଶ୍ଚିତ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପ୍ରତ୍ୟେକ ବିଷୟରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବା ସହିତ ଜୀବନରେ ଖୁସି, ସୁଖୀ ଓ ସାହାଯ୍ୟକାରୀ ମଣିଷ ହେବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ତହସିଲଦାର ସଦାକର କୁମ୍ଭାର ବ୍ୟକ୍ତିଗତ ଜୀବନ ଅନୁଭବରୁ ଉଦାହରଣ ଦେବା ସହିତ ଦୃଢ଼ ଇଚ୍ଛା ଶକ୍ତି ସହ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ତହସିଲ ଅଫିସର କାର୍ଯ୍ୟପଦ୍ଧତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ବହୁମୂଲ୍ୟ ସମୟ ଦେଇ ଛାତ୍ରଛାତ୍ରୀଙ୍କ ସହିତ ମୁକ୍ତ ଆଲୋଚନାରେ ସାମିଲ ହୋଇଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସମେତ ଡିଏଭି ଶିକ୍ଷକଶିକ୍ଷୟିତ୍ରୀବୃନ୍ଦ ସମସ୍ତ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



# ଭାରପ୍ରାପ୍ତ ପୌରାଧ୍ୟକ୍ଷଙ୍କ କାଉନସିଲର ପଦ ରଦ୍ଦ ମାମଲା ଅଦାଲତରେ ଖାରଜ

ଦେବଗଡ଼, ୨୩।୧୨(ସମିସ): ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜଙ୍କ କାଉନସିଲର ସଭ୍ୟ ପଦ ରଦ୍ଦ ପାଇଁ ଦାଖଲ ହୋଇଥିବା ଏକ ମାମଲାକୁ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତ ଖାରଜ କରିଥିବା ଜଣା ପଡ଼ିଛି। ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ ୪ ନମ୍ବର ୱାର୍ଡର କାଉନସିଲର ପଦବୀ ନିମନ୍ତେ ଦାଖଲ କରିଥିବା ପ୍ରାର୍ଥୀପତ୍ରରେ ମିଥ୍ୟା ସତ୍ୟପାଠ ଦାଖଲ କରିବା ସହ ତାଙ୍କ ଧର୍ମପତ୍ନୀଙ୍କ ଜରିଆରେ ଟେଣ୍ଡର ମାଧ୍ୟମରେ କେତେକ ଉନ୍ନୟନ ମୂଳକ ଠିକା କାର୍ଯ୍ୟ ହାତେଇଥିବା ଅଭିଯୋଗ ହୋଇଥିଲା। ଦେବଗଡ଼ ପୌର ପରିଷଦ ୫ ନମ୍ବର ୱାର୍ଡର ବିଜେଡି କାଉନସିଲର ଜତିନ ନାୟକ ଏହି ଅଭିଯୋଗ ଆଣିବା ସହ ଶ୍ରୀ ଭୋଜଙ୍କ ବିରୋଧରେ ଅଦାଲତରେ ଏକ କ୍ରିମିନାଲ କମ୍ପ୍ଲେନ ଦାୟର କରିଥିଲେ। ଅଭିଯୋଗ ଅଧାରରେ ବର୍ତ୍ତମାନର ଭାରପ୍ରାପ୍ତ ପୌରାଧ୍ୟକ୍ଷ ଭୋଜ ଓ 'ସି କ୍ଲାସ' କଣ୍ଟ୍ରାକ୍ଟ୍ରୀ ଲାଇସେନ୍ସ ଧାରୀ ତାଙ୍କ ଧର୍ମପତ୍ନୀ ସାବିତ୍ରୀ ଭୋଜଙ୍କ ବିରୋଧରେ ମାମଲା କରାଯାଇଥିଲା। ଅଭିଯୁକ୍ତ ଭୋଜ ଦମ୍ପତି ଓକିଲଙ୍କ ଜରିଆରେ ନିଜର ପକ୍ଷ ରଖିବା ସହ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ମିଥ୍ୟା ଏବଂ ଭିତ୍ତିହୀନ ବୋଲି ଦର୍ଶାଇଥିଲେ। ଏଭଳି ମାମଲା ବିଚାର କରିବା ପାଇଁ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତ କ୍ଷମତା ପରିସରଭୁକ୍ତ ନୁହନ୍ତି ବୋଲି ଯୁକ୍ତି ଦର୍ଶାଇ ଏହି ମାମଲାକୁ ଆଗ୍ରାହ୍ୟ କରିବାକୁ ଅଦାଲତରେ ପ୍ରାର୍ଥନା କରିଥିଲେ। ଅଦାଲତ ଏହି ମାମଲାର ଶୁଣାଣି କରିବା ପରେ ଉଭୟ ପକ୍ଷର ଓକିଲଙ୍କ ଜବାବ ସୁଆଲ ଓ ଦାଖଲ ହୋଇଥିବା ବିଭିନ୍ନ ନଥିପତ୍ରକୁ ଭିତ୍ତି କରି ଏହି ମାମଲା ତାଙ୍କ ଅଦାଲତରେ ବିଚାର ଯୋଗ୍ୟ ନୁହେଁ ବୋଲି ଦର୍ଶାଇ ମାମଲାକୁ ଖାରଜ କରିଦେଇଥିଲେ। ଅଭିଯୁକ୍ତ ଭୋଜ ଦମ୍ପତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲ୍ଲିପ ଗୁରୁ, ରଜତକାନ୍ତ ପ୍ରଧାନ, ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞବିନମ୍ରତା ଦ୍ୱିବେଦୀ ପରିଚାଳନା କରୁଥିଲେ। ଏ ଘଟଣା ଦେବଗଡ଼ ସହରରେ ସମ୍ପ୍ରତି ମୁଖ୍ୟ ଚର୍ଚ୍ଚାର ବିଷୟ ସାଜିଛି।

# ଜିଲ୍ଲା ମହୋତ୍ସବ 'ଦୁଲଦୁଲି ୨୦୨୬' ପାଇଁ ପ୍ରସ୍ତୁତି

ଝାରସୁଗୁଡ଼ା, ୨୩।୧୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମହୋତ୍ସବ 'ଦୁଲଦୁଲି-୨୦୨୬'ର ତୃତୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜାନୁଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିଟିଏମ ପଡ଼ିଆଠାରେ ଜିଲ୍ଲା ପ୍ରତିଷ୍ଠା ଦିବସ, ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ଓ ସ୍ୱଦେଶୀ ମେଳା ଏବଂ ଜିଲ୍ଲା ମହୋତ୍ସବ 'ଦୁଲଦୁଲି-୨୦୨୬' ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଛି। ବୈଠକରେ ଜିଲ୍ଲାପାଳ ମହୋତ୍ସବ ପାଇଁ ଗଠିତ ପ୍ରତ୍ୟେକ କମିଟିର ପ୍ରସ୍ତୁତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମୁଖ୍ୟତଃ ଅର୍ଥ କମିଟି, ସାଂସ୍କୃତିକ କମିଟି, ଶୋଭାଯାତ୍ରା, ରହଣି ଓ ପରିବହନ, ସ୍ମରଣିକା, ମୁଦ୍ରଣ ଓ ପ୍ରଚାର ଏବଂ ଖାଦ୍ୟ କମିଟିର କାର୍ଯ୍ୟଧାରା ଉପରେ ଆଲୋଚନା ହୋଇଥିଲା। ଏହା ସହିତ ମଞ୍ଚ ପରିଚାଳନା, ଷ୍ଟଲ୍ ଆବଣ୍ଟନ, ଟ୍ରାଫିକ ନିୟନ୍ତ୍ରଣ ଏବଂ ରକ୍ତଦାନ ଶିବିର ଆୟୋଜନ ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଖ୍ୟାତନାମା ସାଂସ୍କୃତିକ ଅନୁଷ୍ଠାନର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଏହି ୫ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ବୈଠକରେ ଅଣସରକାରୀ ସଦସ୍ୟମାନେ ମଧ୍ୟ ନିଜ ନିଜର ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜ ବନ୍ଧୁ ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ପ୍ରୋବେସନାରୀ ଅଧିକାରୀ ପ୍ରଜ୍ଞାନ ନନ୍ଦନ ଗିରି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ଏକ ପ୍ରେସ୍ ବ୍ରିଫିଂ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହିତ ଜିଲ୍ଲାପାଳ ଆଲୋଚନା କରି ମହୋତ୍ସବର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ।

# ଗଣ୍ଡଗୋଳ ଘଟଣାରେ ୨ ଗିରଫ

ଇବଥର୍ମାଲ, ୨୩।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଏନର୍ଜି ଲିମିଟେଡ ଭିତରେ ପଶି ସାହାଜବାହାଲ ଗ୍ରାମବାସୀ ଭଙ୍ଗାରୁଜା ଘଟଣାର ଜାଞ୍ଚ କରି ପୁଲିସ ମଙ୍ଗଳବାର ସାହାଜବାହାଲ ଗ୍ରାମର ୨ ଜଣଙ୍କୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଛି। ଗିରଫ ଦୁଇଜଣ ରବୀନ୍ଦ୍ର ଭୁଏ ଏବଂ ଦେବାଶିଷ ବଗାର ବୋଲି ସୂଚନା ରହିଛି। ଗତ ୧୮ ତାରିଖ ଜେଏସଡବ୍ଲ୍ୟୁ ଉତ୍କଳ ଏନର୍ଜି ଲିମିଟେଡ ସାହାଜବାହାଲ ଗ୍ରାମର ଏକ ପୋଖରୀ ପୋତି ରାସ୍ତା ନିର୍ମାଣ କରୁଥିବା ଅଭିଯୋଗରେ ଗ୍ରାମର ସ୍ତ୍ରୀ ପୁରୁଷ ଏହାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଗଣ୍ଡଗୋଳ ତଥା ଭଙ୍ଗାରୁଜା ଘଟଣାରେ ପରିବର୍ତ୍ତୀତ ହୋଇଥିଲା। ସ୍ତ୍ରୀ ଲୋକଙ୍କୁ ଅସଦାଚରଣ ସହ ଠେଲାପେଲା ଓ ଗ୍ରାମବାସୀଙ୍କୁ ମାଡ଼ପିଟ ଅଭିଯୋଗରେ ସେଦିନ ଗ୍ରାମବାସୀ ବନହରପାଲି ଥାନାରେ ଏକ ଏତଲା ଦେଇଥିଲେ। ଅନ୍ୟପକ୍ଷରେ ଜେଏସଡବ୍ଲ୍ୟୁ କାର୍ଯ୍ୟାଳୟ ଭିତରେ ପଶି ଗ୍ରାମବାସୀ ଭଙ୍ଗାରୁଜା ତଥା ଗଲିଗୁଲଜ କରି ମାରପିଟ୍ କରିଥିବା ଜେଏସଡବ୍ଲ୍ୟୁ କର୍ତ୍ତୃପକ୍ଷ ମଧ୍ୟ ବନହରପାଲି ଥାନାରେ ପାଲଟା ଏତଲା ଦେଇଥିଲେ। ଜେଏସଡବ୍ଲ୍ୟୁ ଏତଲା ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଓ ଗ୍ରାମବାସୀଙ୍କ ଏତଲା ଉପରେ କିଛି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଗ୍ରାମବାସୀ ପ୍ରବଳ ଅସନ୍ତୋଷ ରହିଥିବା ଜଣାପଡ଼ିଛି।

# ଗାଁ ସାଥୀ ସଂଘ କମିଟି ପକ୍ଷରୁ ସ୍ମାରକପତ୍ର

ଦେବଗଡ଼, ୨୩।୧୨(ସମିସ): ୮ ଦଫା ଦାବିରେ ମଙ୍ଗଳବାର ଓଡ଼ିଶା ଗାଁ ସାଥୀ (ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଦେବଗଡ଼ ଜିଲା ଶାଖା ପକ୍ଷରୁ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଜି ଗାଁ ସାଥୀ କମିଟିର ଦେବଗଡ଼ ଜିଲ୍ଲା ସଂଯୋଜକ ଯୁଗଳ କିଶୋର ନାୟକଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଦେବଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଯାଇ ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗାଁ ସାଥୀ ମାନଙ୍କ ନାମରେ ମନରେଗା କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ, ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌କୁ ସାର୍ବଜନୀନ କରି ଗାଁ ସାଥୀ ମାନଙ୍କୁ ପ୍ରଦାନ, ସେମାନଙ୍କୁ ନେଇ ପ୍ରତ୍ୟେକ ମାସରେ ସଭା ଆୟୋଜନ, ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ, ଗାଁ ସାଥୀଙ୍କ ଜରିଆରେ ଜିଇଓ ଟ୍ୟାଗ୍ ପ୍ରସ୍ତୁତି, ସଠିକ ସମୟରେ ପ୍ରାପ୍ୟ ପ୍ରଦାନ, କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଜଙ୍ଗଲ ବିଭାଗ ଓ ଜଳସେଚନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମନରେଗା କାର୍ଯ୍ୟରେ ଗାଁ ସାଥୀ ମାନଙ୍କୁ ନିୟୋଜିତ ନିମନ୍ତେ ସମ୍ପୃକ୍ତ ବିଭାଗ ଗୁଡିକର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ ଓ ଗାଁ ସାଥୀ ମାନଙ୍କୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ସହିତ ସ୍ଥାୟୀ ନିଯୁକ୍ତି ପ୍ରଦାନ ଆଦି ଦାବି ସ୍ମାରକ ପତ୍ରରେ ଉଲ୍ଲେଖ ଥିବା ଜଣାପଡ଼ିଛି।

# ବିଶ୍ୱସ୍ରଷ୍ଟା ଗଠନ ଭବନର ପ୍ରତିଷ୍ଠା ଦିବସ

ଦେବଗଡ଼, ୨୩।୧୨(ସମିସ): ଦେବଗଡ଼ ବିଶ୍ୱସ୍ରଷ୍ଟା ଗଠନ ଭବନର ପ୍ରତିଷ୍ଠା ଦିବସ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍‌ପି ଅନିଲ ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଙ୍ଗଠନର ପୂର୍ବତନ ସଭାପତି ବିଭୂତି ଗଙ୍ଗଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସହ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ଗୁରୁ, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ଚିନ୍ମୟ ମିଶନର ସ୍ୱାମିନୀ ତିନିଷ୍ଠା ନନ୍ଦ ସରସ୍ୱତୀ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ବୁଢ଼ାପାଳ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଣ୍ଡେଇଗୋଳା, ୨୩।୧୨(ସମିସ): ରିଆମାଳ ବ୍ଲକ ବୁଢ଼ାପାଳ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମଧୁସୁଦନ ପ୍ରଧାନ, ବିଡିଓ ଆଦିତ୍ୟ ପଣ୍ଡା, ବୁଢ଼ାପାଳ ସରପଞ୍ଚ ଦିଲ୍ଲୀପ ଆଚାର୍ଯ୍ୟ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ତୁଷାରକାନ୍ତି ସ୍ୱାଇଁ ପରିଚାଳନା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକା ହେମଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସମ୍ବିତ ସାହୁ, ରଜତ ମେହେର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟ ନାୟକ, ମହେନ୍ଦ୍ର ଉଦାବରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଏନ୍‌ଏନ୍‌ୱାସି ଭୁବନେଶ୍ୱରକୁ ହରାଇ ଇଷ୍ଟକୋଷ୍ଟ ଖୋର୍ଦ୍ଧା ବିଜୟୀ

ଦେବଗଡ଼, ୨୩।୧୨(ସମିସ)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେଉଥିବା ୩୫ ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଦ୍ୱିତୀୟ ଦିନ ମ୍ୟାଚ୍ ଏନ୍‌ଏନଓ୍ୱାସି ଭୁବନେଶ୍ୱର ଓ ଇଷ୍ଟକୋଷ୍ଟ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଛି। ଆଜିର ମ୍ୟାଚ୍‌ରେ ଭୁବନେଶ୍ୱରକୁ ୧୨୦ ରନ୍‌ରେ ପରାସ୍ତ କରି ଖୋର୍ଦ୍ଧା ଦଳ ବିଜୟୀ ହେଇଛି। ଖୋର୍ଦ୍ଧା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୩ ୱିକେଟ୍ ହରାଇ ୨୬୭ ରନ୍ କରିଥିଲା। ଭୁବନେଶ୍ୱର ଦଳର ବୋଲର ମିଳନ ସାମଲ, କମଳ କ୍ରିଷ୍ଣା କହଁର ଓ ରାଜେଶ ପାତ୍ର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଖୋର୍ଦ୍ଧା ପକ୍ଷରୁ ଅଭିଷେକ ଯାଦବ ୫୩, ଆଦିତ୍ୟ ରାଉତ ୬୨ ଓ ସମୀର ମହାନ୍ତି ଅପରାଜିତ ୭୨ ରନ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ବ୍ୟାଟିଂ ଆରମ୍ଭ କରି ୨୦ ଓଭରରେ ୭ଟି ୱିକେଟ ହରାଇ ୧୪୭ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଦେବବ୍ରତ ପ୍ରଧାନ ୩୭ ଓ ଏରିକ୍ ଯାହାନ ଅପରାଜିତ ୨୭ ରନ୍ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ଦଳର ବୋଲର ମଳୟ ଜେନା ଓ କୌଷଲ୍ ଭିର୍ପଙ୍କର ୨ଟି ଲେଖାଏଁ ୱିକେଟ ନେଇଥିଲେ। ଆଜିର ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଦାୟିତ୍ୱ ନିର୍ବାହ କରିଥିଲେ। ବେଣୁଧର ଗଡ଼ନାଏକ ଓ ଦିଲୁ ଦାସଭାୟା ଧାରାବିବରଣୀ ପ୍ରଦାନ କରିଥିଲେ।। ଆଜିର ମ୍ୟାଚ୍‌ରେ ଖୋର୍ଦ୍ଧା ଦଳର ସମୀର ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।




# ଡିପାର୍ଟମେଣ୍ଟାଲ ୟୁନିଟି କପ୍ କ୍ରିକେଟ: ଫରେଷ୍ଟ ଫାଇଟର ଚାମ୍ପିଅନ

ଦେବଗଡ଼, ୨୩।୧୨(ସମିସ): ଦେବଗଡ଼ ଜିଲା ଜୁଡ଼ିସିଆଲ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ନାଳ ପଡ଼ିଆଠାରେ ୪ଟି ଦଳକୁ ନେଇ ଡିପାର୍ଟମେଣ୍ଟାଲ ୟୁନିଟି କପ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଟିପିଡବ୍ଲ୍ୟୁଓଡ଼ିଏଲ୍ ଟ୍ରାଇଡେଣ୍ଟ ଦଳକୁ ୬୬ରନରେ ପରାସ୍ତ କରି ଫରେଷ୍ଟ ଫାଇଟର ଦଳ ଚାମ୍ପିଅନ ହୋଇଛି। ଫରେଷ୍ଟ ଫାଇଟର ଦଳ ଟସ ଜିଣିବା ସହ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହରାଇ ମୋଟ ୧୪୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଶାନ୍ତ ସାହୁ ସର୍ବାଧିକ ୫୧ରନ ସଂଗ୍ରହ କରିଥିବା ବେଳେ ବୈଦ୍ୟନାଥ ପାତ୍ର ଅପରାଜିତ ୩୨ ରନ ସଂଗ୍ରହ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲ୍ ଟ୍ରାଇଡେଣ୍ଟ ଦଳର ଦେବାଶିଷ ବିଶ୍ୱାଳ ୩ ଓଭରରେ ୩୮ ରନ ଦେଇ ସର୍ବାଧିକ ୨ଟି ୱିକେଟ ହାସଲ କରିଥିଲେ। ଏହାର ଜବାବରେ ଟିପିଡବ୍ଲ୍ୟୁଓଡିଏଲ୍ ଟ୍ରାଇଡେଣ୍ଟ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ମାତ୍ର ୮୧ରନ ସଂଗ୍ରହ କରିବା ସହ ୬୬ ରନରେ ପରାଜିତ ହୋଇଥିଲେ। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ଅପରାଜିତ ସର୍ବାଧିକ ୪୬ ରନ ସଂଗ୍ରହ କରିଥିଲେ। ଫରେଷ୍ଟ ଫାଇଟର ଦଳର ଅଧିନାୟକ ଅଜିତ କିସାନ ଓ ପ୍ରିତମ ସାହୁ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟାର ଭାବେ ଅମରେଶ ଦେବ ଓ ପରିତୋଷ ସାହୁ ପରିଚାଳନା କରିଥିବା ବେଳେ ରଞ୍ଜନ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜୁଡିସିଆଲ ବିଭାଗର ବରିଷ୍ଠ କର୍ମଚାରୀ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ଓ ବରିଷ୍ଠ ଆଇନଜୀବୀ ଟିକେଶ୍ୱର ଧଳ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ସେହିପରି ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଫରେଷ୍ଟ ଫାଇଟର ଦଳର ସୁଶାନ୍ତ ସାହୁ ମ୍ୟାନ ଅଫ ଦ ମ୍ୟାଚ୍ ଓ ତରଣୀସେନ ଗଡ଼ନାୟକଙ୍କୁ ମ୍ୟାନ ଅଫ ଦ ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାକୁ ପ୍ରିତମ ବେହେରା ସଂଯୋଜନା କରିଥିବା ବେଳେ ପ୍ରତିଯୋଗିତା ଆୟୋଜନରେ ଜୁଡିସିଆଲ ବିଭାଗ କର୍ମଚାରୀ ଶୁଭ୍ରସ୍ନାତ ମହାନ୍ତି, ସୁଭାଶିଷ କର, ସଚ୍ଚିନ ସାହୁ, ମୁକେଶ ମୁନା, ତରୁଣ ସ୍ୱାଇଁ ଓ ଦେବ ଚକ୍ରବର୍ତ୍ତୀ ପ୍ରମୁଖ ସହଯୋଗ କରିଥିଲେ। ବିଭାଗ ବିଭାଗ ମଧ୍ୟରେ ସୁସମ୍ପର୍କ ଏବଂ ସମନ୍ୱୟ ସ୍ଥାପନ ଲକ୍ଷ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଜୁଡିସିଆଲ ବିଭାଗ (ଜୁଡିସିଆଲ ସ୍ମାର୍ଟାନ୍ସ ଦଳ) ଓ ବ୍ଲକ ପ୍ରଶାସନ (ତିଲେଇବଣି ବ୍ଲକ ଇଲେଭେନ) ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



## ଚାଷଜମିରୁ ସୌର ଚାଳିତ ମଟର ଚୋରି

**କଣ୍ଟାମାଳ, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ତଥା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ସିନ୍ଧୁଗୋରା ଗ୍ରାମର ଚାଷୀ ସୁରେନ୍ଦ୍ର ରଣାଙ୍କ ଜମିରୁ ସୌର ଚାଳିତ ମଟର ଚୋରି ହୋଇଛି। ସେ ତାଙ୍କ ରେକର୍ଡଭୁକ୍ତ ଜମିରେ ଜଳ ସେଚନ ପାଇଁ ସରକାରୀ ଯୋଜନାରେ ଏହି ମଟର ବସାଇଥିଲେ। ଓଡ଼ିଶା ଜଳ ସେଚନ ବିଭାଗ ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ସହଯୋଗ କ୍ରମେ ପିଏମ କୁସୁମ ଯୋଜନାରେ ସେ ଏହି ସୌର ଚାଳିତ ଜଳ ସେଚନ ପ୍ରକଳ୍ପ ସ୍ଥାପନ କରାଇଥିଲେ। ବାଲାଜୀ ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଏଗ୍ରିକଲଚରାଲ କାଷ୍ଟିଙ୍ଗସ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଅକ୍ଟୋବର ମାସରେ ଏହା ସ୍ଥାପନ କରାଯାଇଥିଲା। ଏହା ଦ୍ୱାରା ନିଜ ଜମିରେ ସେ ପନିପରିବା ଚାଷ କରି ଜଳ ସେଚନ କରି ଆସୁଥିଲେ। ରାତିରେ କେହି ପ୍ରକଳ୍ପରୁ ତାର ଓ ପାଇପ୍ କାଟି ବୋରୱେଲ ମଟର ଚୋରି କରି ନେଇଛି। ଏ ନେଇ ଶ୍ରୀ ରଣା ଘଣ୍ଟାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## 'ମନରେଗା' ନାଁ ପରିବର୍ତ୍ତନକୁ ପ୍ରତିବାଦ



**ବୌଦ୍ଧ, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମନରେଗା ନାମ ପରିବର୍ତ୍ତନ ବିରୋଧରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ସଭାପତି ବିନ୍ଧ୍ୟାବିନୀ ସାହୁଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ମର୍ଜାକୁଦ ବ୍ରିଜ ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହାପରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପୂର୍ବତନ ଜିଲ୍ଲା ସଭାପତି ନାରାୟଣ ପରିଜା, ବରିଷ୍ଠ କଂଗ୍ରେସ ନେତା ଯାମିନୀ ମୁଖି, ରାଏ ସଞ୍ଜୀବ କୁମାର ଦେଓ ପ୍ରମୁଖ କଂଗ୍ରେସ କର୍ମୀ ସହିତ ମହିଳାମାନେ ମଧ୍ୟ ଯୋଗ ଦେଇଥିଲେ।

## ସାଂସଦ ଖେଳ ମହୋତ୍ସବ ପାଇଁ ଗସ୍ତ



**କଣ୍ଟାମାଳ, ୨୩।୧୨(ସମିସ):** ଫୁଲବାଣୀରେ ୨ ଦିନ ଧରି ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ କଣ୍ଟାମାଳ ବିଧାନସଭା କ୍ଷେତ୍ରରୁ ଖେଳାଳିମାନେ ଗସ୍ତ କରିଛନ୍ତି। ଦୀପକ ବାରିକଙ୍କ ନେତୃତ୍ୱ ଓ ପ୍ରଶାସନର ସହଯୋଗରେ ୪ଟି ବସ୍‌ରେ ଏମାନେ ଫୁଲବାଣୀ ଯାତ୍ରା କରିଛନ୍ତି। ଖେଳ ଶିକ୍ଷକ ସୁଦାମ ମିଶ୍ର, ମକୁନ୍ଦ ଚନ୍ଦ୍ର ସାହୁ, ପ୍ରଦୀପ ପ୍ରଧାନ, ଶଶୀ ଭୂଷଣ ପ୍ରଧାନ, ସନ୍ତୋଷ ସାହୁ, ବିଶ୍ୱଜିତ ପ୍ରଧାନ, ମନ୍ଦାକିନୀ ବଗର୍ତ୍ତୀ, ଶୁଭଶ୍ରୀ ଡାଙ୍ଗ ଏଥିରେ ସାମିଲ ହୋଇଛନ୍ତି।

## ପଦ୍ମନପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି



**ବୌଦ୍ଧ, ୨୩।୧୨(ସମିସ):** ବୌଦ୍ଧବ୍ଲକ ପଦ୍ମନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣାଣି କରାଯାଇଛି। ଉପ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ଡୁଙ୍ଗଡୁଙ୍ଗ ଶିବିରରେ ଯୋଗଦେଇ ଅଭିଯୋଗଗୁଡିକର ସମାଧାନ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ବିଭାଗ) ସଂଘମିତ୍ରା ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଶିବିରରେ ଉପସ୍ଥିତ ରହି ଅଭିଯୋଗଗୁଡିକର ସମାଧାନ ଦିଗରେ ସହଯୋଗ କରିଥିଲେ। ଏହି ଶିବିରକୁ ଆସିଥିବା ସମସ୍ତ ଅଭିଯୋଗକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୧୧୩ ବ୍ୟକ୍ତିଗତ ଏବଂ ୯ ଟି ଗୋଷ୍ଠୀଗତ ଅଭିଯୋଗ ପଞ୍ଜିକରଣ ହୋଇଥିଲା। ରେଡ଼କ୍ରସ ପାଣ୍ଠିରୁ ଜଣଙ୍କୁ ୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ସରପଞ୍ଚ ସୌଦାମିନୀ ବାରିକ, ପିଇଓ ଶ୍ରଦ୍ଧାଞ୍ଜଳି କଲତା, ଏଡିଇଓ ବିଭୁତି ଭୂଷଣ ମିଶ୍ର, ସରୋଜ ପ୍ରଧାନ, ବିକ୍ରମ ପ୍ରଧାନ, ମୟସେନ ରଣା, ପ୍ରଫୁଲ୍ଲ ତରିଆ ପ୍ରମୁଖ ସହଯୋଗ କରିଥିଲେ।

## ଗଭୀର ନଳକୂପରେ ମିଟର ବସୁନି

**ଶଗଡ଼ା, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ଡିମିରିମୁଣ୍ଡା ଗ୍ରାମରେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗ୍ରାମର ଚାଷୀଙ୍କ ଗଭୀର ନଳକୂପରେ ଲାଗିଥିବା ଟ୍ରାନ୍ସଫର୍ମର ପାଇଁ ତାର ବିଛାଯାଇଛି; କିନ୍ତୁ ୨୦୨୦ରୁ ଆଜି ପର୍ଯ୍ୟନ୍ତ ଚାଷୀଙ୍କ ଚାଷ ଜମିରେ ମିଟର ବସାଯାଇ ନାହିଁ। ବିଭାଗୀୟ ଅଧିକାରୀଙ୍କୁ ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମର କୁହୁଡୁ ଭୋଇ, ତୁଳା ଦେହୁରୀ, ମୁକ୍ତେଶ୍ୱର ପ୍ରଧାନ, ସିଦ୍ଧ ପାତ୍ର ପ୍ରମୁଖ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଆଧାର ପାଇଁ ବାଧକ ସାଜିଛି ଟିପ

**ବୌଦ୍ଧ, ୨୩।୧୨(ସମିସ)**

ଜଣେ ଶତ ପ୍ରତିଶତ ଦିବ୍ୟାଙ୍ଗ ସରକାରଙ୍କ ରାସନ୍ କାର୍ଡ, ବର୍ଦ୍ଧିତ ଭତ୍ତା, ଆବାସ ଗୃହ ଯୋଜନାରୁ ବଞ୍ଚିତ ଅଛନ୍ତି। ହାତର ଟିପ ଚିହ୍ନ ଆସୁ ନ ଥିବାରୁ ଆଧାର କାର୍ଡ ହୋଇପାରୁନାହିଁ। ଆଧାର କାର୍ଡ ନ ଥିବାରୁ ସେ ସମସ୍ତ ପ୍ରକାର ସରକାରୀ ଯୋଜନାରୁ ବଞ୍ଚିତ ଅଛନ୍ତି। ଏହାକୁ ନେଇ ସେ ନିଜ ଭାଗ୍ୟକୁ ଦୋଷ ଦେଉଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ପୁଟାଖେତା ଗ୍ରାମର ଫଳସାପଦର ପଡ଼ାରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ଗ୍ରାମର ଟୁନୁ ରଣାଙ୍କ ଝିଅ ମଣିମା ରଣା (୩୩) ଜନ୍ମରୁ ଠିକ୍ ଥିଲେ। ୩ବର୍ଷ ପରେ ହଟାତ୍ ଚଲା ବୁଲା କରୁଥିବା ସମୟରେ ମୂର୍ଚ୍ଛା ଅବସ୍ଥାରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରିଥିଲେ; ହେଲେ କୌଣସି ସୁଫଳ ମିଳିନଥିଲା। କ୍ରମେ ସେ କଥା କହିବା ସମ୍ପୂର୍ଣ୍ଣ ବନ୍ଦ



କରିଦେଲେ। ତାଙ୍କର ଏକ ହାତ ଅକାମୀ ହୋଇଗଲା। ଏହା ଫଳରେ ତାଙ୍କ ଟିପ ଚିହ୍ନ ନ ଆସିବାରୁ ଆଧାର କାର୍ଡ ହୋଇପାରୁନି। ଆଧାର କାର୍ଡ ତିଆରି କରିବା ପାଇଁ ସେ

- ଶତ ପ୍ରତିଶତ ଦିବ୍ୟାଙ୍ଗ ମଣିମା ରଣା
- ରାସନ୍ କାର୍ଡ, ଆବାସ ଗୃହ ଓ ଭତ୍ତାରୁ ବଞ୍ଚିତ
- ଅନେକ ଥର ବ୍ଲକ ପ୍ରଶାସନକୁ ଜଣାଇ ନିରାଶ

ଅନେକ ଥର ଆଧାର ସେଣ୍ଟରକୁ ଯାଇ ନିରାଶ ହୋଇ ଫେରି ଆସୁଛନ୍ତି। ଏହି ସମ୍ପର୍କରେ ଅନେକ ଥର ବ୍ଲକ ପ୍ରଶାସନକୁ ଜଣାଇ ଆସୁଥିଲେ ମଧ୍ୟ କେହି ତାଙ୍କ କଥା କର୍ଣ୍ଣପାତ କରୁ ନ ଥିବା ତାଙ୍କର ବାପା ଅଭିଯୋଗ କରିଛନ୍ତି।

## କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ୍ ଯିବା' କାର୍ଯ୍ୟକ୍ରମ

**ବୌଦ୍ଧ, ୨୩।୧୨(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଖୁଣ୍ଟବନ୍ଧ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟବନ୍ଧ ସରପଞ୍ଚଙ୍କ ସ୍ୱାମୀ ବିକ୍ରମ ମହାନନ୍ଦିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୋବିନ୍ଦପୁର ୱାର୍ଡସଭ୍ୟ ଘାସିରାମ ଝାଙ୍କର ସମ୍ମାନିତ ଅତିଥି, ସିଆରସିସି ସନତ ବାରିକ,





ପର୍ଯ୍ୟବେକ୍ଷକ ବନମାଳୀ ପାତ୍ର ମଞ୍ଚାସୀନ ଥିଲେ। ଶିକ୍ଷକ ରାଜକୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୬ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କିପରି ମୁଖ୍ୟ ସ୍ରୋତରେ ସାମିଲ କରାଯିବ ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଚରଦାର ବିଭସ୍ୱ ଭୋକ୍ତା, ପୁନେଇଁ ଦେହୁରୀ ଓ ଗୋବିନ୍ଦପୁରର ସୂର୍ଯ୍ୟକାନ୍ତ ଗାଇଗଉରିଆ ଓ ରାଜୀବ ଦାନାୟକଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଜୟନ୍ତ ପ୍ରଧାନ ଓ ସନ୍ତୋଷ ସ୍ୱାଇଁ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ସାଲିଗାଁର ସୌମିତ୍ରୀ ମାଟିଆ ଓ ନନ୍ଦ ପ୍ରଧାନ ଦାଶକାଠିଆ ପାଲା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀ ଅମ୍ରିତା ମହାକୁଳ, ଶ୍ରୀୟା ମହାକୁଳ, ସଙ୍ଗୀତା ଝଙ୍କାର, ସେବତୀ ମହାକୁଳ, ରିମା ମହାକୁଳ, କ୍ରିଷ୍ଣା ମହାକୁଳ ଓ ପ୍ରତିମା ମହାକୁଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶିକ୍ଷକ ହୃଦାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଗୋପାଳ ଅମାତ ନାମ ପଞ୍ଜିକରଣ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ମହାରଣା, ଜ୍ୟୋସ୍ନାରାଣୀ ମିଶ୍ର, ସୁମିତ୍ରା ନାଏକ, ପ୍ରତିମା ସାବତ, ମୌନାବତୀ ଦିଗାଲ, କଲ୍ୟାଣୀ ଦାଶ, ଝିଲିମାରାଣୀ ମହାକୁଳ, ପ୍ରଜ୍ଞାପାରିମିତା ପରିଡ଼ା, ସୁରେନ୍ଦ୍ର ମହାଲିକ, ଅଭିଭାବିକା ଅମ୍ବିକା ଗାଇଗଉରିଆ, ରୁନୁ ମହାକୁଡ଼, ସେବତୀ ନାଏକ, ସୁଶାନ୍ତ ମୁଖି ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟପକ୍ଷେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଖଲିଆପାଲି ବିଦ୍ୟାଳୟରେ ଶୁକଦେବ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ବରଗାଁ କ୍ଲଷ୍ଟରସ୍ତରୀୟ ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସିଆରସିସି ମଦନ ବେହେରା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୁଶାନ୍ତ ବଣ୍ଡକି ଧନ୍ୟବାଦ ଅର୍ପଣ କରିଥିଲେ।

## ଇଞ୍ଜିନିୟର ଇନ୍ ଚିଫ୍‌ଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ

**ବୌଦ୍ଧ, ୨୩।୧୨(ସମିସ):** ଜଳ ଓ ପରିମଳ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍ କଣ୍ଟାମାଳ ବ୍ଲକ ଶିମିଳି ପଦର ପଞ୍ଚାୟତ ଲୋକାପଡ଼ାସ୍ଥିତ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସହ ବିଭିନ୍ନ ନିର୍ମାଣଧୀନ କାର୍ଯ୍ୟ ସ୍ଥଳ ପରିଦର୍ଶନ କରିଛନ୍ତି।



ଏହି ଅବସରରେ ସେ ଜଳ ଯୋଗାଣ ସ୍ଥିତି ସମୀକ୍ଷା କରିବା ସହ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ତୁରନ୍ତ ଅଧିକ ମାନବ ସମ୍ବଳ ଏବଂ ଯନ୍ତ୍ରପାତି ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତ ପାଇପଲାଇନଗୁଡ଼ିକୁ ପୁନରୁଦ୍ଧାର କରିବା ଏବଂ ମାର୍ଚ୍ଚ ସୁଦ୍ଧା ସମସ୍ତ ପରିବାରକୁ ପାଣି ଯୋଗାଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଇଁଲାଚୁଆଁ ଓଏଭିର ବାର୍ଷିକ ଉତ୍ସବ ଉଦ୍‌ଯାପିତ



**କଣ୍ଟାମାଳ, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅଇଁଲାଚୁଆଁ ଓଏଭି ପରିସରରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କଣ୍ଟାମାଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି, ଏବିଇଓ ନୀଳମଣି ପଣ୍ଡା ଓ ଲକ୍ଷ୍ମୀପ୍ରିୟା ମଲ୍ଲିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଶାନ୍ତନୁ ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ନିହାରିକା ଦାଶ, ସ୍ୱାଗତିକା ପାଣିଗ୍ରାହୀ ଓ ରୋଦନା ଭୋଇ ମଞ୍ଚ ପରିଚାଳନା ଦାୟିତ୍ୱ ସମ୍ଭାଳି ଥିଲେ। ଶିକ୍ଷକ ଅନନ୍ତ ପାଧାନ, ସତ୍ୟଜିତ ସାହୁ, ରୁଦ୍ର ସାରଙ୍ଗୀ, ସୁଧାଂଶୁ ପାଧାନ, ପଙ୍କଜ ମେହେର, ପ୍ରଦ୍ୟୁମ୍ନ ଚୌହାନ, ବରୋଦା ସାହୁ, କଲେକ୍ଟର ବାରିକ, ଶ୍ୟାମଲାଲ ନାଏକ, ଆଦିତ୍ୟ ଭୁଏ, ଅତୁଳ ପ୍ରଧାନ ଓ ଯୁଧିଷ୍ଠିର ମେହେର ସହଯୋଗ କରିଥିଲେ। ଅଶ୍ରୁମୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକକଳା ମହୋତ୍ସବ ଉଦଯାପିତ

**ପୁରୁଣା କଟକ, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡ଼େଣୀଗଡ଼ ପଞ୍ଚାୟତ ବାରିଙ୍ଗରେ ପ୍ରଥମ ପଞ୍ଚାୟତସ୍ତରୀୟ ଲୋକ କଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି।



ପଞ୍ଚାୟତର କଳାକାରମାନେ ଯୋଗଦେଇ ନିଜର କଳା ପ୍ରଦର୍ଶନ କରିଥିଲେ। ବିଜେପି ନେତା ସୁଶାନ୍ତ ପ୍ରଧାନ, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, ବ୍ଲକ କଳାକାର ସଙ୍ଘ ସଭାପତି ବୈକୁଣ୍ଠ ମହାକୁଡ଼, ଶ୍ରୀକାନ୍ତ ବାବା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଗଞ୍ଜେଇ ମାଫିଆଙ୍କ ସମ୍ପତ୍ତି ବ୍ୟାଜାପ୍ତି

**ଶଗଡ଼ା, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଲମ୍ବସରି ପଞ୍ଚାୟତ ମାରଡୋଲ ଗ୍ରାମର କୁଖ୍ୟାତ ଗଂଜେଇ ମାଫିଆ ହୃଷିକେଶ ପାତ୍ରଙ୍କ ସମସ୍ତ ସମ୍ପତ୍ତି ବ୍ୟାଜାପ୍ତି କରିଛି। ତାଙ୍କ ସମ୍ପର୍କୀୟମାନଙ୍କ ଘରେ ମଧ୍ୟ ତଦନ୍ତ ଜାରି ରହିଛି। ତେବେ ତଲାସି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଦଲିଲପତ୍ର, ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। କଣ୍ଟାମାଳ ଥାନା ଏସଆଇ ମଧୁସ୍ମିତା ପ୍ରଧାନ ଓ ଥାନା କର୍ମଚାରୀ ଗତ ମେ ୨୦ ତାରିଖରେ ଲମ୍ବସରୀ ପଞ୍ଚାୟତ ଅଧୀନ ଡୋଲାବାଲି ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଓଡ଼ି-୩୧ଜେ -୪୨୫୩ ନମ୍ବର ବିଶିଷ୍ଟ ଏକ ମହିନ୍ଦ୍ରା ବୋଲେରୋ ମ୍ୟାକ୍ସ ପିକ୍‌ଅପ୍ ଗାଡିକୁ ଅଟକାଇ ତଲାସି କରିଥିଲେ। ତଲାସି ସମୟରେ ଗାଡିରୁ ୬ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ଜଙ୍ଗଲ ଅଞ୍ଚଳର ସୁଯୋଗ ନେଇ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଖସି ପଳାଇ ଯାଇଥିଲେ। ଅଗଷ୍ଟ ୨୯ ତାରିଖରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରି ଅଭିଯୁକ୍ତ ହୃଷିକେଶକୁ ଗିରଫ କରିଥିଲା। ତା ନିକଟରୁ ଦେଶୀ ପିସ୍ତଲ ସହ ୬ ରାଉଣ୍ଡ ଗୁଳି ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ପୁଲିସ ଆର୍ମ ଆକ୍ଟରେ ଏକ ମାମଲା ରୁଜୁ କରି ହୃଷିକେଶକୁ କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ସେ ଜେଲ ହାଜତରେ ଅଛି। ଏହି ଅର୍ଥନୈତିକ ତଦନ୍ତ ସମୟରେ ଏସ୍‌ଡିପିଓ ଲରେନ ରାଉତରାୟ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କଣ୍ଟାମାଳ ଥାନା ଅଧିକାରୀ ରଞ୍ଜିତ ମୁନି, ସ୍ୱାଧୀନ ସାକ୍ଷୀ, ଟେକ୍ନିକାଲ୍ ଟିମ୍ ଓ ପୁଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରୁଣ୍ଡିମହୁଲରେ ଧାନମଣ୍ଡି ଉଦ୍‌ଘାଟିତ



**କଣ୍ଟାମାଳ, ୨୩।୧୨(ସମିସ):** ରୁଣ୍ଡିମହୁଲ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ପ୍ୟାକ୍ସ ସମ୍ପାଦକ ସୁଦାମ ଚରଣ ବାରିକଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ପ୍ୟାକ୍ସର ସଭାପତି ସୁଧୀର ଖଟୁଆ ଯୋଗ ଦେଇ ନଡ଼ିଆ ଭାଙ୍ଗି ଉଦ୍‌ଘାଟନ କରିଥିଲେ। ଭିଏଡବ୍ଲ୍ୟୁ ଛାୟାକାନ୍ତ କୁମ୍ଭାର, ପିଇଓ ଜ୍ଞାନରଞ୍ଜନ ମିଶ୍ର, ଆରଏମସି କର୍ମଚାରୀ ବିଷ୍ଣୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ସମିତିର ନିର୍ଦ୍ଦେଶକ ବିନାୟକ ସାହୁ, ସନତ ବାରିକ, ଚାଷୀ ମୋହନ ଖଟୁଆ, ସତ୍ୟନାରାୟଣ ଖଟୁଆ, ରମାକାନ୍ତ ସାହୁ, ଉମାକାନ୍ତ ବାରିକ, ଅଭେଲ ବାରିକ, ଲକ୍ଷ୍ମୀକାନ୍ତ ଖଟୁଆ, କରୁଣା ପ୍ରଧାନ, ଜୟ କୁମାର ସାହୁ, ପଞ୍ଚାନନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମିତି କର୍ମଚାରୀ ଲକ୍ଷ୍ମୀପ୍ରସାଦ ଦନ୍ତା, ମନୋଜ ଦନ୍ତା, ଗଣେଶ ଦନ୍ତା, ବଲ୍ଲଭ ବାରିକ, ନରୋତ୍ତମ ଦନ୍ତା ସହଯୋଗ କରିଥିଲେ।

## ବୁଟୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ବୌଦ୍ଧ, ୨୩।୧୨(ସମିସ):** ବୌଦ୍ଧ ପୁଲିସ କଲୋନୀ ନିକଟ ପଡ଼ିଆରେ ବୁଟୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି କମଳା କାନ୍ତ ଦଳବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏବିଇଓ ସୁଶୀଳ ପରିଡ଼ା, ସିଆରସିସି ସତ୍ୟ ନାରାୟଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜିତ ଭୋଇ, ସାମ୍ବାଦିକ ସତ୍ୟଜିତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

### ପ୍ରଥମ ଅରୁଣ ଗିରି ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

# ପଲସାଗୋରାକୁ ହରାଇ କଣ୍ଟାମାଳ ବିଜୟୀ

**ପଲଶାଗୋରା, ୨୩।୧୨(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ୟଙ୍ଗ ଷ୍ଟାର କ୍ରିକେଟ କ୍ଲବ୍ ଦ୍ୱାରା ପ୍ରଥମ ଅରୁଣ ଗିରି କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର କାହ୍ନୁଲମୁଣ୍ଡା ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶୀତିକଣ୍ଠ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲ୍ଲିକ, ରୁଣ୍ଡିମହୁଲ ସେବା ସମବାୟ ସଭାପତି ସୁଧୀର ଖଟୁଆ, ଶିକ୍ଷକ ଅଜିତ ଗିରି, ବଭ୍ରୁବାହନ କର୍ଣ୍ଣ, ଜିଲ୍ଲା କ୍ରିକେଟ ସଙ୍ଘ ସଦସ୍ୟ ରାମଚନ୍ଦ୍ର ମଲିକ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପ୍ରଧାନ



ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ୍ କଣ୍ଟାମାଳ ଓ ପଲଶାଗୋରା ମଧ୍ୟରେ ହୋଇଥିଲା। ପଲଶାଗୋରା ଦଳ ପ୍ରଥମେ ବ୍ୟାଟିଂ କରି ୭ଓଭରରେ ୭ଉଇକେଟ ହରାଇ ୩୯ ରନ୍ କରିଥିଲେ। ଜବାବରେ କଣ୍ଟାମାଳ ଦଳ ୩.୨ ଓଭରରେ ଗୋଟିଏ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଖେଳକୁ ଅମ୍ପାୟାର ଭାବେ ଅଧାପକ ଅଶ୍ୱିନୀ ପ୍ରଧାନ ଓ ଗୌରୀଶଙ୍କର ମିଶ୍ର ପରିଚାଳନା କରିଥିଲେ। ଗୋବିନ୍ଦ ମହାକୁଡ଼ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଶିକ୍ଷକ ବିବେକାନନ୍ଦ ମହାକୁଡ଼ ଓ ଶିକ୍ଷକ ବଳଦେବ ପ୍ରହରାଜ, ସୀମାଞ୍ଚଳ ହୋତା ଧାରାବିବରଣୀ ପ୍ରଦାନ କରିଥିଲେ। ଆଜିର ଖେଳରେ କ୍ଲବର ସଦସ୍ୟ ବସନ୍ତ ବାଘ, ଡିକି ପ୍ରହରାଜ, ସଞ୍ଜୟ ସାହୁ, ରାମଚନ୍ଦ୍ର ମଲିକ, ଜୟକୃଷ୍ଣ ପାତ୍ର, ମନୋଜ ଦନ୍ତା, ମୁନା ସାହୁ, ବୀରେନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ସଂକେତ ସାହୁ, ମକୁ ପୁଟେଲ, ରାଜିନ୍ଦ୍ର ମହାକୁଡ଼ଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଜିଲ୍ଲା ଓ ଜିଲ୍ଲା ବାହାରର ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଶଗଡ଼ାରେ ସୁଶାସନ ଦିବସ ପାଳିତ

**ଶଗଡ଼ା, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଶଗଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା, ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ




**କଣ୍ଟାମାଳ, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ରଜତ ଜୟନ୍ତୀ ସମାରୋହ-୨୫ ଉଦ୍‌ଯାପିତ ହୋଇଯାଇଛି। ରଜତ ଜୟନ୍ତୀ କମିଟି ସଭାପତି ଭବାନୀ ଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ କଣ୍ଟାମାଳ ବିଧାୟକ କହ୍ନେଇଚରଣ ଡାଙ୍ଗ ମୁଖ୍ୟଅତିଥି, ବିନିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ଥାନା ଅଧିକାରୀ ରଞ୍ଜିତ କୁମାର ମୁନି, ସଂକୁଳ ପ୍ରମୁଖ ସନ୍ତୋଷ ବିଶି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଘନଶ୍ୟାମ ବାଘ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମକଦମ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଧରଣୀ ସେନ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟ ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ସାହୁଙ୍କୁ ବିଦ୍ୟାଳୟ ପ୍ରତି ସମର୍ପିତ ମନୋଭାବ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଦ୍ୱିତୀୟ ଦିବସ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଶିଳ୍ପପତି ରାମକିଷାନ ଅଗ୍ରୱାଲ ମୁଖ୍ୟଅତିଥି ଓ ଦତ୍ତାନନ୍ଦ ପଣ୍ଡା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ନବୀନ ବିଶି, ରମେଶ ପାଣିଗ୍ରାହୀ, ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ବ୍ରିଗେଡ଼ ସୈନିକ ସ୍କୁଲ ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



**ତିହିଡ଼ି, ୨୩।୧୨(ସମିସ):** ତିହିଡି ବ୍ରିଗେଡ୍ ସୈନିକ ସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହର ଉଦଯାପିତ ହୋଇଯାଇଛି। ଉପଦେଷ୍ଟା ଶିକ୍ଷାବିତ ଡ. ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପରିଚାଳନା କମିଟି ସଭାପତି ଓଡ଼ିଶା ଉଚ୍ଚନ୍ୟାଳୟର ଅଧିବକ୍ତା ସସ୍ମିତା ନାୟକ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରଜତ ଜୟନ୍ତୀ ଅବସରରେ ପ୍ରକାଶିତ ସ୍ମରଣିକା 'ସୈନ୍ୟ ପ୍ରଭା' ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଅବଦାନ ଓ ବିଦ୍ୟାଳୟ ପ୍ରତି ନିଷ୍ଠା ପାଇଁ ପ୍ରାକ୍ତନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କବି ବିପ୍ଳବ ପତି ସ୍ୱାଗତ ଭାଷଣ, ଯୁବ ଗାଳ୍ପିକ କୈଳାସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିସ୍ମୟ ବିହାରୀ ସାହୁ ଅତିଥିଙ୍କୁ ସମ୍ମାନିତ କରିଥିଲେ। ସମାଜସେବୀ ସଚିକାନ୍ତ ନାୟକ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମାଜସେବୀ ରଘୁନାଥ ପାତ୍ର, ଚନ୍ଦ୍ରକାନ୍ତ ମହାନ୍ତି, ବିଶ୍ୱଜିତ ବେହେରା, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ଗିରିଜା ରମଣ ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ମନୋଜ ପାଣିଗ୍ରାହୀ, ଅମୂଲ୍ୟ ସେନାପତି ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସମ୍ପାଦକ ସୀତାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟାଙ୍ଗ, ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



**ଧାମନଗର, ୨୩।୧୨(ସମିସ):** ବାଲେଶ୍ୱର ସ୍ୱେଚ୍ଛାସେବୀ ସଂଗଠନ ତଥା ଓଡ଼ିଶା ଫଲୋଫ ସଂସ୍ଥା ପକ୍ଷରୁ ଦିବ୍ୟାଙ୍ଗ, ଅସହାୟ, ବିଧବା ମହିଳା ଓ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶାମପୁରସ୍ଥ ପରିବା ମାର୍କେଟ ନିକଟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସଂଗଠନର ବରିଷ୍ଠ ସଦସ୍ୟ କଣ୍ଠଶିଳ୍ପୀ ନାରଣ ପୋଥାଳ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିବାବେଳେ କଳାକାର ସେକ ଅଜଗର ଅଲ୍ଲୀ, ସେକ ଗୋଲାମ, ନବିରୁଦ୍ଦିନ, ବାବାଜୀ ଦେଉରି, ବସନ୍ତ ବେହେରା ପ୍ରମୁଖ ଯୋଗଦେଇ ଗଜଲ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ଫଲୋଫ ସଂସ୍ଥା ବାଲେଶ୍ୱରର ନିର୍ଦ୍ଦେଶକ ଡିବି ହୃଦୟ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସେକ ଜାଫର ଅଲ୍ଲୀ ଯୋଗଦେଇ ୬୦ରୁ ଅଧିକ ପରିବାରଙ୍କୁ ଶୀତବସ୍ତ୍ର ଓ କମ୍ବଳ ବଣ୍ଟନ କରିଛନ୍ତି। ସଭାପତି ଓ ସମ୍ପାଦକ, କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଳାକାର ଅଜଗର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନମଣ୍ଡି ସୁପରିଚାଳନା ପାଇଁ ବିଧାୟକଙ୍କ ଦାବି

**ବାରିକପୁର, ୨୩।୧୨(ସମିସ):** ଚଳିତ ବର୍ଷ ଖରିଫ ଧାନ କ୍ରୟ ଓ ମଣ୍ଡି ସୁପରିଚାଳନା ପାଇଁ ବିଧାୟକ ସଞ୍ଜୀବ ମଲ୍ଲିକ ଆଜି ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରେ ଦାବି କରିଛନ୍ତି। କମିଟି ପକ୍ଷରୁ ୧୬ ତମ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ପଦ୍ମଲୋଚନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସମବାୟ ବିଭାଗ, ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଷ୍ଟାଣ୍ଡିଂ କମିଟି ସଦସ୍ୟ ଶ୍ରୀ ମଲ୍ଲିକ ଉପସ୍ଥିତ



ରହି ସଠିକ୍ ସଠିକ ସମୟରେ ଉଚିତ ମୂଲ୍ୟ ଦେଇ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ଦାବି ଉଠାଇଥିଲେ। ଏ ଦିଗରେ ଜିଲ୍ଲାପାଳ ଓ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଧାନ ଦେବା ସହିତ ସ୍ୱଚ୍ଛତା ଅବଲମ୍ବନ କରିବା ନେଇ ମଧ୍ୟ ବିଧାୟକ ଦାବି ଉପସ୍ଥାପନା କରିଛନ୍ତି। ଚାଷୀ ଭାଇଙ୍କ ସ୍ୱାର୍ଥକୁ ସଦାସର୍ବଦା ଅଗ୍ରାଧିକାର ଦେବା ପାଇଁ ସେ କହିଛନ୍ତି।

## ଜବରଦଖଲ ଉଚ୍ଛେଦ ଦାବି

**ଦୋଳସାହି, ୨୩।୧୨(ସମିସ):** ଜବରଦଖଲ ଉଚ୍ଛେଦ ପାଇଁ ଦାବି କରିଛନ୍ତି ରବୀନ୍ଦ୍ର ଦଳେଇ। ତିହିଡ଼ି ତହସିଲ ଅଧୀନରେ ଜବରଦଖଲ କରୁଥିବା ବ୍ୟକ୍ତିଙ୍କୁ ଉଚ୍ଛେଦ କରିବା ପାଇଁ ବିଭିନ୍ନ ବିଭାଗରେ ଅନଲାଇନ୍ ଜରିଆରେ ଜଣେ ବ୍ୟକ୍ତି ଅଭିଯୋଗ କରିବା ନେଇ ଗୁଆମାଳ ପଞ୍ଚାୟତରେ ରାଜନୀତି ସରଗରମ ହେଉଥିବା ଦେଖିବାକୁ ମିଳୁଛି। ଦୋଳସାହି ରାଜସ୍ୱ ବିଭାଗ ଅଧରୀନ ଗୁଆମାଳ ପଞ୍ଚାୟତ କୁମାରପୁର ଗ୍ରାମର ରବୀନ୍ଦ୍ର ଦଳେଇ ତନ୍ତିସାହି ସରକାରୀ ରାସ୍ତା ଉପରେ କେତେକ ବ୍ୟକ୍ତି ପକ୍କା ଘରା କରୁଥିବା ନେଇ ତିହିଡ଼ି ତହସିଲଦାରଙ୍କୁ ଅନଲାଇନ୍ ଜରିଆରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତିହିଡ଼ି ତହସିଲଦାରଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ପାଇଁ ଦୋଳସାହି ଆରଆଇଙ୍କୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

## ଉଚ୍ଚପଦା ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଅସୁରାଳି, ୨୩।୧୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ କୋରୁଆ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କୋରୁଆ କ୍ଲଷ୍ଟର ଯୁବ ସିଆର୍‌ସିସି ନୃସିଂହ ସାହୁଙ୍କ ସଂଯୋଜନାରେ ଉଚ୍ଚପଦା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ବିଦାୟୀ ଶିକ୍ଷକ ମନୋଜ ପାଣିଗ୍ରାହୀ, ଦେବେନ୍ଦ୍ର ପଣ୍ଡା, ନିତାଇ ଗୌର ପଣ୍ଡା ଓ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧାମନଗର ଏବିଇଓ ସତ୍ୟସୁନ୍ଦର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ନିରୋଗ କାମନା କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବିନା ପେଟ୍ରୋଲ ଓ ଡିଜେଲ ମନା

# ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ

ବନ୍ତ/ଆଗରପଡ଼ା, ୨୩।୧୨(ସମିସ)




ବିଭିନ୍ନ ସ୍ଥାନରେ ଥିବା ପେଟ୍ରୋଲ୍ ପମ୍ପରେ 'ନୋ ହେଲମେଟ ନୋ ପେଟ୍ରୋଲ' ସ୍ଲୋଗାନ ପ୍ରହସନ ପାଲଟିଛି। ଏହି ସରକାରୀ ନିୟମ ୧୦ ବର୍ଷ ହେଲା କେବଳ ସାଇନ୍‌ବୋର୍ଡ଼ରେ ସୀମିତ ରହିଛି। ୨୦୧୬ରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବାଇକ୍ ଚାଳକ ହେଲମେଟ ବ୍ୟବହାର କରି ନ ଥିଲେ ପମ୍ପରୁ ପେଟ୍ରୋଲ୍ ଦିଆଯିବ ନାହିଁ ବୋଲି ନିୟମ କରାଯାଇଥିଲା। ମାତ୍ର କୌଣସି ପେଟ୍ରୋଲ୍ ପମ୍ପରେ ଏହି ନିୟମ ପ୍ରାୟ ପାଳନ କରାଯାଉନାହିଁ। କେବଳ ପୁଲିସ୍, ଆରଟିଓଙ୍କ ପକ୍ଷରୁ ରାସ୍ତାଘାଟରେ କାଁଭାଁ ବାଇକ୍ ଆରୋହୀଙ୍କ ହେଲମେଟ ସହ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳୁଛି। ବିନା ହେଲମେଟ ବାଇକ୍ ଚାଳକଙ୍କୁ ଏଥିପାଇଁ ଜରିମାନା ଦେବାକୁ ପଡୁଛି। ବାଇକ୍ ଚଳାଇବା ସମୟରେ ନିଜ ନିରାପତ୍ତା ପାଇଁ ହେଲମେଟ ଏକାନ୍ତ ଜରୁରୀ। ମାତ୍ର ସେଥିପ୍ରତି କାହାର ଭ୍ରୂପେକ୍ଷ ନାହିଁ। ବିଭିନ୍ନ କମ୍ପାନୀ ପକ୍ଷରୁ ସଚେତନତା ସୃଷ୍ଟି କରିବା ପାଇଁ ମାଗଣାରେ ହେଲମେଟ ଦିଆଯାଉଛି। ମାତ୍ର ହେଲମେଟ ପିନ୍ଧିବାକୁ ବାଇକ୍ ଚାଳକ କୁଣ୍ଠାବୋଧ କରୁଛନ୍ତି ଓ ବିପଦକୁ ଡ଼ାକି ଆଣୁଛନ୍ତି। ତେଣୁ ଏସବୁକୁ ଆଖି ଆଗରେ ରଖି ସରକାର 'ନୋ ହେଲମେଟ ନୋ ପେଟ୍ରୋଲ'କୁ କଡ଼ାକଡ଼ି ପାଳନ କରିବା ପାଇଁ ପ୍ରତି ପେଟ୍ରୋଲ ପମ୍ପ ମାଲିକଙ୍କୁ ତାଗିତ କରିବା ସହ ଏହାର ଯାଞ୍ଚ କରିବା ନିମନ୍ତେ ୨୦୨୩ ଜୁନ ମାସରେ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶାନୁସାରେ ଯୋଗାଣ ଅଧିକାରୀ ତାଙ୍କ ଅଞ୍ଚଳର ପେଟ୍ରୋଲ ପମ୍ପକୁ ଯାଇ ସେଠାରେ ଲାଗିଥିବା ସିସି କେମେରାକୁ ଯାଞ୍ଚ କରି ସେଥିରୁ ନିୟମକୁ ଅବହେଳା କରୁଥିବା ବାଇକ ଚାଳକ ସମେତ ଉକ୍ତ ପେଟ୍ରୋଲ ପମ୍ପ ମାଲିକଙ୍କ ଉପରେ ଜରିମାନା ଲଗାଇବାବେ ବୋଲି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ଇତିମଧ୍ୟରେ ୨ ବର୍ଷରୁ ଅଧିକ ସମୟ ବିତିଯାଇଥିବାବେଳେ ଏହା କେବଳ କାଗଜ କଲମରେ ସୀମିତ ରହିଯାଇଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ସରକାରୀ ନିୟମକୁ ପ୍ରତି ପେଟ୍ରୋଲ୍ ପମ୍ପ କଡ଼ାକଡ଼ି ଭାବେ ମାନିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଥିବାବେଳେ ପରିବହନ କମିଶନର ତଥା ଅଧ୍ୟକ୍ଷ, ରାଜ୍ୟ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଗତ ୨୦ ତାରିଖରେ ବିଭିନ୍ନ ତୈଳ ଯୋଗାଣକାରୀ ସଂସ୍ଥାର ରାଜ୍ୟ ମୁଖ୍ୟଙ୍କୁ ବିନା ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରରେ ସେମାନଙ୍କ ବିତରକଙ୍କୁ କୌଣସି ମୋଟର ଚାଳକଙ୍କୁ ତେଲ ଦେବାରୁ ନିବୃତ୍ତ ରହିବା ପାଇଁ ଆଦେଶ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ପ୍ରଦୂଷଣ ନିୟନ୍ତ୍ରଣରେ ନ ଆସିଲେ ପରିବେଶ ଦୂଷିତ ହେବା ସହ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଉଛି। ଏହାକୁ କେହିବି ଯଦି ନ ମାନନ୍ତି ତେବେ ମୋଟର ଯାନ ଅଧିନିୟମ ଅନୁସାରେ ତାକୁ ଦଣ୍ଡିତ କରାଯିବ ବୋଲି ମଧ୍ୟ ନିର୍ଦ୍ଦେଶ ନାମାରେ ଉଲ୍ଲେଖ କରିଛନ୍ତି। ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ପରିବହନ କମିଶନର, ରାଜ୍ୟ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଚେଷ୍ଟା ଜାରି ରହିଥିଲେ ସୁଦ୍ଧା ଉକ୍ତ ନିର୍ଦ୍ଦେଶନାମା କେତେ କାର୍ଯ୍ୟକାରୀ ହୋଇପାରିବ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ 'ନୋ ହେଲମେଟ ନୋ ପେଟ୍ରୋଲ' ସ୍ଲୋଗାନ ପ୍ରହସନ ପାଲଟିଥିବାବେଳେ ପ୍ଲାଷ୍ଟିକ ବୋତଲରେ ତେଲ ଦେବାରୁ ନିବୃତ୍ତ ରହିବା ନିୟମ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବାବେଳେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବିନା ପେଟ୍ରୋଲ ଓ ଡିଜେଲ ନ ଦେବା କେତେଦୂର ସଫଳ ହେବ, ତାହା ସମୟ କହିବ।

## ୫ କୋଟି ୫୦ ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

**ଅସୁରାଳି, ୨୩।୧୨(ସମିସ):** ହସନାବାଦ ପଞ୍ଚାୟତର ବୈତରଣୀ ନଦୀର ବାମ ପାର୍ଶ୍ୱ ହସନାବାଦଠାରୁ ଅସ୍ତକ ପର୍ଯ୍ୟନ୍ତ ଦେଢ କୋଟି, କୋଚିଳା ନଦୀର ଉଭୟ ପାର୍ଶ୍ୱ ପଙ୍ଗଟା ଛକଠାରୁ ଅନଲଡିହ ଓ ପଙ୍ଗଟା ଛକଠାରୁ ଲୋକନାଥପୁର ପର୍ଯ୍ୟନ୍ତ ୪ କୋଟି ଜଳ ସମ୍ପଦ ବିଭାଗ ତରଫରୁ ନଦୀବନ୍ଧ ସୁଦୃଢ଼ୀକରଣର ଶିଳାନ୍ୟାସ କରିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୁରଜ



**ଧୂଷୁରୀକୁ ଏନ୍‌ଏସି ମାନ୍ୟତା ମିଳିଥିବାରୁ ସମ୍ବର୍ଦ୍ଧନା**

ସୂର୍ଯ୍ୟବଂଶୀ। ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ହିତେଶ ସାହୁ, ଯନ୍ତ୍ରୀ ବିମଳ ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ବରିଷ୍ଠ ନେତା ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ପୂର୍ବତନ ସରପଞ୍ଚ ପ୍ରଦୀପ ମଲ୍ଲିକ, ଯୁବ ନେତୃତ୍ୱ ଆଶିଷ ଜେନା, ବରିଷ୍ଠ ନେତା ବାଦଲ ବିଶ୍ୱାଳ, କବିତା ସାହୁ, ନମିତା ପଣ୍ଡା, ସୁଶାନ୍ତ ନାୟକ, ଗୋବର୍ଦ୍ଧନ ମଲିକ, ରମାକାନ୍ତ କୁଅଁର, ଦୀପକ ବେହେରା, ରାଧାଶ୍ୟାମ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଧୂଷୁରୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏନ୍‌ଏସି ମାନ୍ୟତା ମିଳିଛି। ଧୂଷୁରୀ ପଞ୍ଚାୟତ ସମେତ ନଦୀଗାଁ ପଞ୍ଚାୟତର ଶାହାଜୀପାଟଣା, କୋଠାର ପଞ୍ଚାୟତର ପତ୍ରିସାହି, ଖୋପସାହି, ବାଙ୍କସାହି, ବମକୁରା ପଞ୍ଚାୟତର ଭଣ୍ଡାରିପଡ଼ାକୁ ନେଇ ଏନଏସି ଗଠିତ। ଆଜି ଧୂଷୁରୀଠାରେ ମନ୍ତ୍ରୀ ଶ୍ରୀ ସୂରଜଙ୍କୁ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଚତୁର୍ଭୁଜ ନାୟକ, ସମାଜସେବୀ ରତିକାନ୍ତ ନାୟକ ପ୍ରମୁଖ ସମ୍ବର୍ଦ୍ଧିତ କରିଛନ୍ତି।

## କେନାଲ ରାସ୍ତା ମରାମତି ଦାବି

**ବାରିକପୁର, ୨୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୩ ନମ୍ବର ହାଇଲେବଲ କେନାଲ ରାସ୍ତା ମରାମତି ପାଇଁ ଦୃଢ ଦାବି ହୋଇଛି। ବୈତରଣୀ ଆନିକଟ ଆଖୁଆପଦାଠାରୁ ବାହାରିଥିବା ବ୍ଲକର ଉକ୍ତ ବୃହତ୍ତମ କେନାଲ ରାସ୍ତାଟି ଭଦ୍ରକ ଡଗ ମୁଣ୍ଡ ଯାଏଁ ରହିଛି। ରାସ୍ତାର ଶେଷ ଭାଗରୁ କପାଳୀ ନଦୀ ସାଇଫନ ଯାଏଁ ଗ୍ରାମ୍ୟ ଉନ୍ନୟନ ବିଭାଗ ନବୀକରଣ କାର୍ଯ୍ୟ କରିଛି। ସେହିଭଳି ଆଖୁଆପଦାଠାରୁ ସରପଦା ଯାଏଁ ଜଳସମ୍ପଦ ବିଭାଗ ପକ୍ଷରୁ ମଧ୍ୟ ରାସ୍ତାରେ ନୂତନ ଭାବେ ପିଚୁ ନିର୍ମାଣ ହୋଇଛି। ବିଶେଷକରି ତୋଡଗାଁଠାରୁ ବଣସାହି, କପାଳୀ ସାଇଫନଠାରୁ ବନ୍ତ ବାରିକପୁର ପୂର୍ଭ ରାସ୍ତା ଓ ଚନ୍ଦ୍ରଭାନପୁରଠାରୁ ତାଳପଦା ଯାଏଁ ଯାତାୟାତ କରିବା କଷ୍ଟକର ହେଉଛି। ରାସ୍ତାରୁ ମେଟାଲ ଉଠି ଯାଇଥିବାବେଳେ ଅନେକ ସ୍ଥାନରେ ଦବିଗଲାଣି। ବିଗତ ବର୍ଷେ ଦୁଇବର୍ଷ ମଧ୍ୟରେ ଏସବୁ ସ୍ଥାନରେ ମରାମତି କାର୍ଯ୍ୟ ହୋଇଥିଲେ ସୁଦ୍ଧା ତାହା ଏବେ ନଷ୍ଟ



ହୋଇ ମରଣଯନ୍ତା ପାଲଟିଛି। ସାଇକଲ ଓ ବାଇକ୍ ଆରୋହୀ ଏବେ କେନାଲ ରାସ୍ତାରେ ଯାତାୟାତ ପାଇଁ ସୁରକ୍ଷିତ ମଣୁନାହାନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ କେନାଲ ରାସ୍ତାକୁ ତୁରନ୍ତ ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ସୀମାରୁ ବାଲି ଚୋରି ଅଭିଯୋଗ

**ବାରିକପୁର, ୨୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରୁ ଦୀର୍ଘ ବର୍ଷ ଧରି ବାଲି ଚୋରା ଚାଲାଣ ହେଉଛି। ପ୍ରଶାସନିକ ସ୍ତରରେ ଏହାକୁ ବନ୍ଦ କରିବା ପାଇଁ ଅଧିକାରୀ ବିଫଳ ହୋଇଥିବା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ଲକର ବିଭିନ୍ନ ସ୍ଥାନରୁ ଦୈନିକ ବାଲି ଉତ୍ତୋଳନ ଓ ପରିବହନ ହେଉଥିବାବେଳେ ଏବେ ସୀମାରୁ ମଧ୍ୟ ଦିବାଲୋକରେ ବାଲି ଚୋରି ହେଉଥିବା ଅଭିଯୋଗ ହୋଇଛି।

ମଞ୍ଜୁରୀରୋଡ ନିକଟସ୍ଥ ବନ୍ଧାଳ ମଢିଆଳୀ ପଞ୍ଚାୟତ ବଳୀପୁର ନିକଟରୁ ଦିନ ଦ୍ୱିପହରରେ ମାଫିଆମାନେ ବାଲି ଲୁଟୁଛନ୍ତି। କେନ୍ଦୁଝର ଜିଲ୍ଲା ନନ୍ଦୀପଦା ଥାନା ଅନ୍ତର୍ଗତ ଅମୃତପୁର ମା' ମଙ୍ଗଳା ବାଲିଘାଟରୁ ବେଆଇନ ପରିବହନ ହେଉଛି। ସୀମା ଅତିକ୍ରମ କରି ଏବେ ବଳୀପୁର ନିକଟରୁ ବାଲି ଉତ୍ତୋଳନ ପାଇଁ ମଧ୍ୟ ଯୋଜନା ହେଉଥିବା କୁହାଯାଉଛି। ଯାଜପୁର କୋରେଇ ଥାନା ଅଞ୍ଚଳର କିଛି ବାଲି ବ୍ୟବସାୟୀ ଏଥିରେ ସହଯୋଗ କରୁଥିବା ଜଣାଯାଉଛି। ବଳୀପୁର ଗାଁଟି ନଦୀ ପଠାରେ ରହିଥିବାବେଳେ ସୀମା ଅତିକ୍ରମ କରି ମାଫିଆମାନେ ଯଦି ବାଲି ଉତ୍ତୋଳନ କରନ୍ତି, ତେବେ ବର୍ଷାଦିନେ ଗ୍ରାମକୁ ବିପଦ ମାଡି ଆସିବ। ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଥିବାବେଳେ ସ୍ଥାନୀୟ ପୁଲିସ ଆଜି ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି। ସୀମା ପାର ବାଲି ଚୋରି ରୋକିବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପ୍ରତିଷ୍ଠା ସ୍ମାରକୀ ସମାରୋହ ପାଇଁ ପ୍ରସ୍ତୁତି ବୈଠକ



**ଭଦ୍ରକ, ୨୩।୧୨(ସମିସ):** ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକର ପ୍ରତିଷ୍ଠା ସ୍ମାରକୀ ସମାରୋହ ନିମନ୍ତେ ପ୍ରସ୍ତୁତି ବୈଠକ ଭଦ୍ରକସ୍ଥ ଶ୍ରୀବାଳଗୋପାଳ ମନ୍ଦିରରେ ସମିତିର ମୁଖ୍ୟ ପରିଚାଳକ ପ୍ରଫେସର ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ୨୫ ବର୍ଷ ଧରି ଜିଲ୍ଲା ଓ ଜିଲ୍ଲା ବାହାରେ ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଆସୁଥିବା ଏହି ସମାରୋହ ୨୬ ବର୍ଷ ପୂରଣ ହେବାକୁ ଯାଉଛି। ଏହା ଏକ ଭ୍ରାମ୍ୟ ମାତା ଆଧ୍ୟାତ୍ମିକ ଅନୁଷ୍ଠାନ ଭାବେ ପଞ୍ଜିକୃତ ହୋଇଛି। ଶାସକୀୟ ନବବର୍ଷ ଜାନୁଆରୀ ପହିଲାରେ ଏହି ଉତ୍ସବ 'ନେତ ଉତ୍ସବ' ଭାବେ ପାଳିତ ହୋଇଥାଏ। ଏଥିରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଶ୍ରୀଜଗନ୍ନାଥଙ୍କ ଷୋଡ଼ଶ ଉପଚାର ପୂଜା, ବିଶ୍ୱଶାନ୍ତି ଯଜ୍ଞ, ଆଧ୍ୟାତ୍ମିକ ସଭା, ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନଗର ପରିକ୍ରମା ସହ ନେତ ଉଡ଼ାଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଏହି କାର୍ଯ୍ୟକ୍ରମ ଭଦ୍ରକ ସହରସ୍ଥ ଅପର୍ତ୍ତିବିନ୍ଧା ଶ୍ରୀଜଗନ୍ନାଥ ମନ୍ଦିରରେ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଆସନ୍ତା ୩୧ ତାରିଖରେ ଏକ ସେବକ ମିଳନ ମଞ୍ଚ ଓ ପରଦିନ ଜାନୁଆରୀ ପହିଲାରେ ପାରମ୍ପରିକ ରୀତିରେ ପ୍ରଚାର ସମିତିର ନେତ ଉତ୍ସବ କରାଯିବାକୁ ସ୍ଥିର କରାଗଲା। ଏହି ଉତ୍ସବରେ ଜିଲ୍ଲାପାଳଙ୍କୁ ଉଦ୍‌ଘାଟକ, ଭଦ୍ରକ ବିଧାୟକଙ୍କୁ ମୁଖ୍ୟଅତିଥି ଓ ସନ୍ଥ ମୁକୁଳଜୀ ମହାରାଜଙ୍କୁ ମୁଖ୍ୟବକ୍ତା, କେତେକ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର କରାଗଲା। ବୈଠକରେ ମୁଖ୍ୟ ଆବାହକ ସେବକ ଶରତ ସାହୁ, ସହ-ଆବାହକ ବାବୁଲାଲ ଦାସ, ବରିଷ୍ଠ ଉପଦେଷ୍ଟା ଶରତ ମହାନ୍ତି, ସନ୍ତୋଷ ଦାଶ, ମଦନ ମୋହନ ମହାନ୍ତି, ସନେଇ ଶିଅଳ, ପ୍ରଶାନ୍ତ ଦେ, ନାରାୟଣ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ଖଟୁଆ, ସୁବାସ ବଳ, ରାଜେନ୍ଦ୍ର ଅଗସ୍ତି, କାଶୀନାଥ ପଣ୍ଡା ଅଂଶଗ୍ରହଣ କରିଥିଲେ। ସହପରିଚାଳକ ସୁଦର୍ଶନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ




**ବାରିକପୁର, ୨୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମୁଢାପଦାଠାରେ ସମାଜସେବୀ ଦିବଂଗତ ଜଗବନ୍ଧୁ ବରାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଛି। ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ବିଧାୟକ ସଞ୍ଜୀବ ମଲ୍ଲିକ, ବିଜେପି ନେତା ବଦ୍ରିନାରାୟଣ ଧଳ, ପ୍ରାକ୍ତନ ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଡାକ୍ତର କାର୍ତ୍ତିକ ରାଉତ, ଅବସରପ୍ରାପ୍ତ ପ୍ରଶାସକ ମଙ୍ଗୁଳି ଚରଣ ବେହେରା, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ଶିକ୍ଷା ପ୍ରଶାସକ ମହେଶ୍ୱର ସାହୁ, ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଶିକ୍ଷାବିତ କାର୍ତ୍ତିକ ସ୍ୱାଇଁ ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବରିଷ୍ଠ ଚିକିତ୍ସକ, ସମାଜସେବୀ, ଶିକ୍ଷାବିତ, ସାମ୍ବାଦିକ, ସଫଳ ଚାଷୀ, କଳାକାର ଭଳି ୩୨ ଜଣଙ୍କୁ ସମ୍ମାନିତ କରାଯାଇଥିଲା।

## ହୃଦ୍‌ଘାତରେ ସରପଞ୍ଚ ନିରଞ୍ଜନ ମଲ୍ଲିକଙ୍କ ପରଲୋକ



**ଭଦ୍ରକ, ୨୩।୧୨(ସମିସ):** ଭଦ୍ରକ ବ୍ଲକ କଲେଇ ପଞ୍ଚାୟତର ସରପଞ୍ଚ ନିରଞ୍ଜନ ମଲ୍ଲିକଙ୍କ ଆଜି ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ଆଜି ସକାଳେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପ୍ରଥମେ ୨୦୦୭ରେ କଂଗ୍ରେସ ସମର୍ôଥତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିବାବେଳେ ଜିଲ୍ଲା କଂଗ୍ରେସର ଅନେକ ଦାୟିତ୍ୱରେ ଥିଲେ। ସମିତି ସଭ୍ୟ ଭାବେ କାର୍ଯ୍ୟ କରିଥିବାବେଳେ ୨୦୨୨ରେ କଲେଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଅକାଳ ବିୟୋଗ ସାରା କଲେଇ ପଞ୍ଚାୟତବାସୀଙ୍କୁ ସ୍ତବ୍ଧ କରିଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ ହବିବ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ପୂର୍ବତନ ବିଧାୟକ ନରେନ ପଲେଇ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ସମାଜସେବୀ କିଶୋର ମହାପାତ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମଳୟ ଜେନା, ଯୁବନେତା ଇଂ. ପ୍ରୟାସକାନ୍ତି ସାମଲ, ଜିଲ୍ଲା କଂଗ୍ରେସ ସଭାପତି ନଳିନୀ ମହାନ୍ତି, କଂଗ୍ରେସ ନେତା ଦେବରୂପ ମହାନ୍ତି, ପୂର୍ବତନ ସରପଞ୍ଚ ବିଶ୍ୱନାଥ ନାୟକ ଶୋକ ପ୍ରକାଶ କରିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ଜୟନ୍ତୀ

ଭଦ୍ରକ, ୨୩।୧୨(ସମିସ)



ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ଜୟନ୍ତୀ ପାଳିତ ହୋଇଛି। ଏ ଅବସରରେ ଆଲୋଚନାଚକ୍ର ଭଦ୍ରକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଯୋଗଦେଇ ଏବେକାର ଯୁବପିଢ଼ିଙ୍କୁ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ଦେଶପ୍ରେମରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତି ପ୍ରତି କର୍ତ୍ତବ୍ୟନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ। ଆଲୋଚନାଚକ୍ରରେ ଗୋକୁଳାନନ୍ଦ ମହାନ୍ତି ସ୍ମୃତି କମିଟି ସଭାପତି ଲଲାଟେନ୍ଦୁ ମହାନ୍ତି, ଉପସଭାପତି ବିଷ୍ଣୁମୋହନ ମହାପାତ୍ର, ସମ୍ପାଦକ ଜ୍ୟୋତିପ୍ରକାଶ ମହାନ୍ତି, ଦିବ୍ୟସିଂହ ନାୟକ, ପବନ ଶର୍ମା, ପଦ୍ମନ ରାୟ, ଶିକ୍ଷାବିତ୍ ଡ. ରମାକାନ୍ତ ନାୟକ, ଗାନ୍ଧୀ ପ୍ରତିଷ୍ଠାନର ସଭାପତି ଅଖିଳ ପାଢ଼ୀ, ଗୋକୁଳାନନ୍ଦଙ୍କର ପୁତ୍ରବଧୂ ଝରଣା ପଟ୍ଟନାୟକ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ସଂଯୁକ୍ତାବଳ ନାୟକ, ସୁକାନ୍ତି ମହାପାତ୍ର, ରାଧାରାଣୀ ମହାପାତ୍ର ଯୋଗଦେଇ ଗୋକୁଳାନନ୍ଦ ମହାନ୍ତିଙ୍କ ଗାନ୍ଧୀବାଦୀ ନୀତି, ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। କଣ୍ଠଶିଳ୍ପୀ ସୋନାଲି ଦାସ ଓ ସ୍ମୃତିଶ୍ରୀୟା ମହାନ୍ତିଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଆଜି ସକାଳେ ଗୋଶାଳା ପାଖରେ ଥିବା ଗୋକୁଳାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମାଲ୍ୟାର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ତ୍ରିଲୋଚନ ପଣ୍ଡାଙ୍କ ଦ୍ୱାରା ବେଦମନ୍ତ୍ର ପାଠ କରାଯାଇଥିଲା। ଡେପୁଟୀ କଲେକ୍ଟର ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍ଖା ଓ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀ ମିନାକ୍ଷୀ ଗରାବଡୁ ସହଯୋଗ କରିଥିଲେ।

## ବିବେକାନନ୍ଦ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା

**ଦୋବଲ, ୨୩।୧୨(ସମିସ):** ବେଦପୁରସ୍ଥିତ ଏଏନ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ପ୍ରଥମ ଦିନରେ ବିଦ୍ୟାଳୟର ସମ୍ପାଦକ ନିରାକାର ଦଳାଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଶେଷ ଦିବସରେ ସଭାପତି ଅତିସ ନନ୍ଦ ଖେଳକୁ ଉଦ୍‌ଯାପନ ଘୋଷଣା କରିଥିଲେ। ଅତିଥି ଭାବେ ବିନୟ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କବିତା ନାୟକ, ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ରାମ, ସହକର୍ମୀ ପୁଷ୍ପାରାଣୀ ସାହୁ, ପ୍ରଜ୍ଞା ପରମିତା ସାହୁ, ସ୍ମୃତିରେଖା ବେହେରା, ମନୀଷା ଦାସ, ରଶ୍ମିରେଖା ମହାନ୍ତି, ସୁଚିସ୍ମିତା ଦାସ, ବିଶ୍ୱରୂପା ଗାହାଣ, ଅନୁସୂୟା ସାହୁ ଖେଳ ପରିଚାଳନା କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।

# ବାଲିଘାଟରେ ପୁଲିସ ଚଢ଼ଉ; ୭ ମାଫିଆ ଅଟକ

## ୨ ହାଇୱା, ୨ ପୋକଲେନ ମେସିନ ସହ କାର୍ ଜବତ

ତୁରୁମୁଙ୍ଗା, ୨୩।୧୨(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ତହସିଲ ଅନ୍ତର୍ଗତ ଜ୍ୟୋତିପୁର ଆରଆଇ ସର୍କଲ ମାଳିପଶି ବୈତରଣୀ ନଦୀ ବାଲିଘାଟରୁ ବାଲି ଚୋରା ଚାଲାଣ ବେଳେ ସୋମବାର ବିଳମ୍ବିତ ରାତିରେ ବାରିଆ ପୁଲିସ ଓ ସ୍ପେସାଲ ସ୍କ୍ୱାଡ ପକ୍ଷରୁ ଚଢ଼ଉ କରାଯାଇଛି। ଏଥିରେ ୨ଟି ବାଲି ବୋଝେଇ ହାଇୱା ସହ ୨ଟି ପୋକଲେନ ମେସିନ ଏବଂ ଏକ କାର୍‌କୁ ପୁଲିସ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୭ ଜଣ ମାଫିଆଙ୍କୁ ଅଟକ ରଖି ପୁଲିସ ଘଟଣାର ତଦନ୍ତ କରୁଛି। ବେଆଇନ ବାଲି ଚୋରା ଚାଲାଣ ନେଇ ଖବର ପାଇଁ ପୁଲିସ ଏହି ଚଢ଼ଉ କରିଥିଲଶ। ୭ ବାଲି ମାଫିଆ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଚଢେଇଭୋଳ ଗ୍ରାମର ଏମ୍‌ଡି ମତିଉଲା ରେହମାନ ଏବଂ ଯୋଗେଶ୍ୱର ବେହେରା, ମହଦେବଦେଉଳି ଗ୍ରାମର ବିଶ୍ୱଜିତ ଦେହୁରୀ, ଚମ୍ପୁଆ ଥାନା ରଜିଆ ଗ୍ରାମର ଅଭିନାଶ ମହାକୁଡ଼ ଏବଂ ପ୍ରଶାନ୍ତ କୁମାର ନାଏକ



ଗୋପୀନାଥପୁର ଗ୍ରାମର ଆଶିଷ ବେହେରା ଓ ସଦର ଥାନା ନେଲୁଙ୍ଗ ଗ୍ରାମର ଅମିତ ନାଏକଙ୍କୁ ଅଟକ ରଖିଛି। ଏନେଇ ବାରିଆ ଥାନାରେ ୨୩୦/୨୫ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜୁ ହାସିନି କୁଲୁ କହିଛନ୍ତି।

## ବାଲି ଟ୍ରାକ୍ଟର ଜବତ

ତୁରୁମୁଙ୍ଗା, ୨୩।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଧାନବେଣୀ ନିକଟରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ମଙ୍ଗଳବାର ପାଟଣା ପୁଲିସ ଜବତ କରିଛି। ଟ୍ରାକ୍ଟରରେ ବେଆଇନ ଭାବରେ ବାଲି ଚୋରା ଚାଲାଣ ହେଉଥିବା ସମୟରେ ପୁଲିସ ଚଢ଼ଉ କରି ଟ୍ରାକ୍ଟରକୁ ଜବତ କରି ଡ୍ରାଇଭରକୁ ଅଟକ ରଖିବା ପରେ ନୋଟିସ ଦେଇ ଛାଡ଼ିଥିବା ଜଣାପଡ଼ିଛି।

■ ପୁତୁରା ଆକ୍ରମଣରେ ଦାଦା ଗୁରୁତର

# ହତ୍ୟା ଉଦ୍ୟମ ମାମଲାରେ ଯୁବକ ଗିରଫ

ଆନନ୍ଦପୁର,୨୩।୧୨(ସମିସ): ରାମଚନ୍ଦ୍ରପୁର ଥାନା ସାଇଁକୂଳ ଗ୍ରାମରେ ଦେଖାଦେଇଛି ଏକ ଅଭାବନୀୟ ଘଟଣା। କୌଣସି ଏକ କାରଣରୁ ଦାଦା ପୁତୁରାଙ୍କ ମଧ୍ୟରେ କଥା କଟାକଟି ହେବାରୁ ପୁତୁରା ରାଗି ଯାଇ ଶାବଳରେ ଆକ୍ରମଣ କରିଥିଲା ଦାଦାଙ୍କୁ। ସୂଚନା ଅନୁସାରେ, ସାଇଁକୂଳ ଗ୍ରାମର ଅର୍ଜୁନ ଚକ୍ର (୭୫) ଓ ତାଙ୍କ ପୁତୁରା ଅରୁଣ ଚକ୍ର (ନୁଠୁ)(୨୫)ଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉକ୍ଷିପ୍ତ ହୋଇ ନୁଠୁ




ଏକ ଶାବଳରେ ଆକ୍ରମଣ କରିଥିଲା। ଦାଦା ଗୁରୁତର ଆହତ ହେବାରୁ ପ୍ରଥମେ ସାଇଁକୂଳ ଡାକ୍ତରଖାନା ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ରାମଚନ୍ଦ୍ରପୁର ଥାନାରେ କେସ ନମ୍ବର୍ ୪୦୫/୨୫ ହତ୍ୟା ଉଦ୍ୟମ ମାମଲା ରୁଜୁକରି ଅଭିଯୁକ୍ତ ନୁଠୁକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଅଭିଯୁକ୍ତ ନୁଠୁ ନାମରେ ପୂର୍ବରୁ ଅନେକ ଗୁଡ଼ିଏ ଡକାୟତି, ଗଣ୍ଡଗୋଳ ଆଦି କେସ୍ ରହିଛି।

# ଜୁଡ଼ିଆ ଫାର୍ମରେ କୃଷକ ସମ୍ମାନ ଦିବସ

କେନ୍ଦୁଝର, ୨୩/୧୨(ସମିସ): ଜୁଡ଼ିଆ ଫାର୍ମସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜାତୀୟ କୃଷକ ସମ୍ମାନ ଦିବସ ପାଳନ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୦୦ରୁ ଊର୍ଦ୍ଧ୍ୱ କୃଷକ ଓ କୃଷିଜୀବୀ ମହିଳା ଏହି ଅବସରରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ୍ୟ ମଣ୍ଡିତ କରୁଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ ସୁକାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଚାଷୀଙ୍କୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ ଉନ୍ନୟନ ବିଭାଗ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉଦବୋଧନ ଭର୍ଚୁଆଲ ମାଧ୍ୟମରେ



ପ୍ରସାରଣ କରାଯାଇଥିଲା। ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ କିଶୋରଚନ୍ଦ୍ର ସାହୁ, କେନ୍ଦୁଝର ଜିଲ୍ଲା କୃଷି ବିଭାଗର ମୁଖ୍ୟ ପୃଥ୍ୱୀରାଜ ମଣ୍ଡଳ ସମନ୍ୱିତ କୃଷି, ପନିପରିବା ଚାରା ଉତ୍ପାଦନ, ଛତୁ ଉତ୍ପାଦନ, ଛେଳି ପାଳନ ଏବଂ ଜିଆଖତ ପ୍ରସ୍ତୁତି ଆଦିରେ କୃତୀ ଚାଷୀଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ସମ୍ପ୍ରସାରଣ) ଦୀପକ ହେମ୍ବ୍ରମ, କ୍ଷେତ୍ର ବୈଜ୍ଞାନୀ ନିଗମାନନ୍ଦ ବେହେରା, ପ୍ରାଣୀବିଜ୍ଞାନୀ ଡ ଲିପ୍ସା ଦାଶ, ଉଦ୍ୟାନ ବିଜ୍ଞାନୀ ଡ ଅମ୍ରିତା ମହାପାତ୍ର, ମୃତ୍ତିକା ବିଜ୍ଞାନୀ ଡ ସିପ୍ରା ଦାସ ଏବଂ କାର୍ଯ୍ୟକ୍ରମ ସହାୟକ ପୁଷ୍ପାଞ୍ଜଳି ମିଶ୍ର ସହଯୋଗ କରିଥିଲେ।

# ଶୀଘ୍ର ଧାନମଣ୍ଡି ଖୋଲିବା ଦାବିରେ ଧାରଣା



ତୁରୁମୁଙ୍ଗା, ୨୩।୧୨(ସମିସ): ପାଟଣା ବ୍ଲକ ନବନିର୍ମାଣ କୃଷକ ସଂଗଠନ ତରଫରୁ ମଙ୍ଗଳବାର ପାଟଣା ତହସିଲ ସମ୍ମୁଖରେ ଶୀଘ୍ର ଧାନ ମଣ୍ଡି ଖୋଲିବା ଦାବିରେ ଧାରଣା ଦିଆଯାଇଛି। ସଂଗଠନ ପାଟଣା ବ୍ଲକ ସଭାପତି ରାଜବଲ୍ଲଭ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ମହାନ୍ତ, ସଦସ୍ୟ ରମାକାନ୍ତ ମହାନ୍ତ, ସନାତତନ ମହାନ୍ତ, ସାହାରପଡ଼ା ବ୍ଲକ ଯୁବପ୍ରଭାରୀ ରାଜକିଶୋର ମହାନ୍ତ, ଯାଜ୍ଞସେନି ମହାନ୍ତ, କଳ୍ପନା ମୁଣ୍ଡାରୀ ଥିଲେ। ନବନିର୍ମାଣ କୃଷକ ସଂଗଠନ ତରଫରୁ ଗତ ଡ଼ିସେମ୍ବର ୧୬ତାରିଖ ଦାବିପତ୍ର ପାଟଣା ତହସିଲଦାର ଅଶ୍ୱିନୀ ନାଏକଙ୍କୁ ପ୍ରଦାନ କରାଯାଇଥିଲା। ୭ଦିନ ମଧ୍ୟରେ ଦାବି ପୂରଣ ନହେଲେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ସନ୍ଧ୍ୟାରେ ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ଆନ୍ଦୋଳନକାରୀଙ୍କ ନିକଟକୁ ଆସି ଡିସେମ୍ବର ୨୬ ତାରିଖ ପାଟଣାରେ ଧାନମଣ୍ଡି ଖୋଲିବାର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରିଥିଲେ।

# ବାଲ୍ୟବିବାହ ମୁକ୍ତ ଜିଲ୍ଲା ଗଠନ ପାଇଁ ରାଜ୍ୟ ଶିଶୁ ଅଧିକାର ଆୟୋଗଙ୍କ ଆହ୍ୱାନ

କେନ୍ଦୁଝର, ୨୩।୧୨(ସମିସ): ଦୁଇଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଥିବା ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟା ମନସ୍ମିତା ଖୁଣ୍ଟିଆ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦରବାର ହଲଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିଭିନ୍ନ ଯୋଜନାର ବାସ୍ତବ ରୂପାୟନ ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ଓ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଆୟୋଗର ପ୍ରତିନିଧି ଦଳ ଜିଲ୍ଲାସ୍ତରରେ ଶିଶୁ ସୁରକ୍ଷା, ପୋଷଣ ଏବଂ ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ଚାଲିଥିବା କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବା ସହ ଏହାର ସୁପରିଚାଳନା ପାଇଁ ତୃଣମୂଳସ୍ତରର ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଶିଶୁ ମଙ୍ଗଳ ସମିତି, କିଶୋର ନ୍ୟାୟ ବୋର୍ଡ଼, ସ୍ୱତନ୍ତ୍ର ପୁଲିସ ୟୁନିଟ୍, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ହେଲ୍ପ



ଲାଇନ୍‌ର କର୍ମଚାରୀ ଯୋଗ ଦେଇଥିଲେ। ଜିଲ୍ଲାରେ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜରୁରୀ ସେବା ଏବଂ କାର୍ଯ୍ୟକ୍ରମ ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆୟୋଗର ସଦସ୍ୟା ଶ୍ରୀମତୀ ଖୁଣ୍ଟିଆ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଅଧିକ ବାଲ୍ୟ ବିବାହ ଘଟଣା ସାମନାକୁ ଆସୁଥିବାରୁ ଏନେଇ ସେମାନଙ୍କୁ ବ୍ୟାପକ ସଚେତନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ମହିଳାଙ୍କ ସୁରକ୍ଷା ନିମନ୍ତେ ଆରମ୍ଭ ହୋଇଥିବା ରାକ୍ଷୀ ଆପ ସମ୍ବନ୍ଧରେ ସୂଚନା ଦେଇଥିଲେ। ଆୟୋଗ କେନ୍ଦୁଝର ଅଞ୍ଚଳରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଧାରାକୁ ପ୍ରତ୍ୟକ୍ଷ ଭାବରେ ଅନୁଧ୍ୟାନ କରିଥିଲେ। ଢିପାସାହିସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଗସ୍ତ କରି ସେଠାକାର ଆମ କଳିକା କେନ୍ଦ୍ରରେ ବାଲ୍ୟ ସଭାରେ ଯୋଗ ଦେଇଥିଲେ। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସଖୀ ସେଣ୍ଟର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଶିଶୁ ୱାର୍ଡ ଓ ପାଟେଶ୍ୱର ମହାବିଦ୍ୟାଳୟ ଗସ୍ତ କରି ବିଭିନ୍ନ ବ୍ୟବସ୍ଥାର ଅନୁଧ୍ୟାନ କରିବ ସହ ଏହି ସବୁ ଅନୁଷ୍ଠାନର କାର୍ଯ୍ୟକାରିତା, ସେବା ପ୍ରଦାନର ମାନ ଓ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ଏଥିସହିତ ଭୁବନେଶ୍ୱରରେ ଏକ ଘରୋଇ ଅନୁଷ୍ଠାନରେ ମୃତ୍ୟୁବରଣ କରିଥିବା କେନ୍ଦୁଝର ଅଞ୍ଚଳର ଛାତ୍ର ଶିବ ମୁଣ୍ଡାଙ୍କ ଘରକୁ ଗସ୍ତ କରି ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# କାଠବାଉଁଶୁଳି ପ୍ରିମିୟର ଲିଗ୍ କ୍ରିକେଟ୍

ଝୁମ୍ପୁରା, ୨୩।୧୨(ସମିସ): ସଦର ବ୍ଲକ କାଠବାଉଁଶୁଳି ନେତାଜୀ ୟୁଥ୍ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ୨୫ତମ କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଡେଂଜର ଏକାଦଶ ରାଉରକେଲା ଟସ ଜିତି ପ୍ରଥମେ ବ୍ୟାଟିଂ କରି ଷ୍ଟାର୍ ଏକାଦଶ ଭୁବନେଶ୍ୱରକୁ ହରାଇଛି। ସୁଶାନ୍ତ ପଣ୍ଡା, ଦିବ୍ୟରଞ୍ଜନ ରାଣା ମ୍ୟାଚ ପରିଚାଳନା କରିଥିଲେ। ତାରିଣୀ ସେନ୍ ଲୋହାର, ମିତ୍ରଭାନୁ ସର୍ଦ୍ଦାର, ଆକାଶ ଆରୁକ୍ ସ୍କୋରର ଥିବା ବେଳେ ଜାଫରଉଲ୍ଲାହ ଧାରା ବିବରଣୀ ପ୍ରଦାନ କରିଥିଲେ।



ଆସୋସିଏସନ୍ ସଭାପତି ଜଗନ୍ନାଥ୍ ମୋଦୀ, ସଂପାଦକ ବିଶ୍ୱମିତ୍ର ମହାନ୍ତ, ଉପସଭାପତି ପ୍ରସନ୍ନା ସର୍ଦ୍ଦାର, ଡାଇରେକ୍ଟର କରୁଣ ମାଟିଆ ସହଯୋଗ କରିଥିଲେ। ଷ୍ଟୁଡିଓ ରୋର୍ ମିଡିଆ ଲାଇଭ ସ୍କୋରିଂରେ ସହଯୋଗ କରିଥିଲେ। କ୍ଲବ ସଦସ୍ୟ ପ୍ରସନ୍ନ ସର୍ଦ୍ଦାର, ଗୁରୁଚରଣ ମହାନ୍ତ, ମନୋଜ ମହାନ୍ତ, ସନ୍ତୋଷ ମହାନ୍ତ, ତ୍ରିନାଥ ମହାନ୍ତ, ବେଣୁଧର ମୋଦୀ, ବିଡ଼ିଓ ମହାନ୍ତ, କାଳପାଟାରୁ ଆରୁକ୍, କୃପାସିନ୍ଧୁ ସର୍ଦ୍ଦାର, ଡମ୍ବରୁଧର ସର୍ଦ୍ଦାର, କୃଷ୍ଣ ସର୍ଦ୍ଦାର, ଲକ୍ଷ୍ମଣ ବେହେରା, ଜଗବନ୍ଧୁ ମହାନ୍ତ, ସୁଭାଷ ସର୍ଦ୍ଦାର, ଅଶୋକ ଲୋହାର, ନାଲିଆ ସର୍ଦ୍ଦାର, ମଧୁସୂଦନ ସର୍ଦ୍ଦାର, ଶିକ୍ଷକ ତନୁରାମ ମହାନ୍ତ ତଥା ଅନେକ ସଦସ୍ୟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବିଭିନ୍ନ ସ୍କୁଲର ବାର୍ଷିକ କ୍ରୀଡ଼ା



କେନ୍ଦୁଝର, ୨୩।୧୨(ସମିସ): କେନ୍ଦୁଝର ପୁରୁଣା ସହରର ପୁରାତନ ଜିଙ୍ଗଲବେଲ ପ୍ଲେ ସ୍କୁଲର ପଞ୍ଚମ ବାର୍ଷିକ ଦୁଇଦିନିଆ କ୍ରୀଡ଼ା ଉତ୍ସବ ହାଟପଡିଆ ପ୍ଲେଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ୧୦ ମିଟର ଦୌଡ଼, ରିବନ ରେସ, ମ୍ୟୁଜିକ ଚେୟାର, ଜିଲାବି ରେସ ଆଦି ଖେଳରେ ଶତାଧିକ କୁନି କୁନି ପିଲା ଉତ୍ସାହର ସହିତ ଭାଗ ନେଇଥିଲେ। ସମସ୍ତ ପିଲାଙ୍କ ଅଭିବାବକ ସକ୍ରିୟ ଅଂଶଗ୍ରହଣ କରି ପିଲାଙ୍କୁ ଉତ୍ସହିତ କରିଥିଲେ। ଉଦଯାପନୀ ସମାରୋହରେ ବରିଷ୍ଠ ସାମ୍ବାଦିକ ଏଆରଖାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୁନି ପ୍ରତିଭାଙ୍କୁ ମେଡାଲ, ପ୍ରମାଣପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରି ସେମାନଙ୍କ ସଫଳତା କାମନା କରିବା ସହ ଶିକ୍ଷୟିତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଧ୍ୟକ୍ଷା ସର୍ବାଣି ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ନିବେଦିତା ପଟ୍ଟନାୟକ, ଜୁଲି ପ୍ରଧାନ, ସୁଦୀପ୍ତା ଦାଶ, ମନୋଜ ମଞ୍ଜରୀ ଜେନା, ସୋନାଲି ଜେନା, କ୍ଷୀରବ୍ଧି ବଡ଼ପଣ୍ଡା, ସୋନାଲି ଅଧିକାରୀ ପରିଚାଳନା କରିଥିଲେ।

**ଆନନ୍ଦପୁର:** ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଓ ସଦସ୍ୟ ଅନ୍ନଦାଶଙ୍କର ମହାନ୍ତି ବିଭିନ୍ନ ବର୍ଗର ଖେଳରେ ତିନିଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ମେଡାଲ ପ୍ରଦାନ କରିଥିଲେ। ସ୍କୁଲର ଅଧ୍ୟକ୍ଷା ଡ. ସୁଜାତ ଘୋଷ ଓ ଉପାଧ୍ୟକ୍ଷା ରଂଜିତା ଜେନା ପାଟ୍ଟଶାଣୀଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବକୁ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ ଓ ଶିକ୍ଷକ ସୁବ୍ରତ କୁମାର ରାମ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ନୟନ ଜାନିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଘଟଗାଁ ପ୍ରେସ୍ କ୍ଲବ୍‌ର ବୈଠକ



ଘଟଗାଁ, ୨୩।୧୨(ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ସଙ୍ଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଘଟଗାଁ ପ୍ରେସ କ୍ଲବ୍‌ର ଏକ ସାମ୍ବାଦିକ ଭବନ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା ପାଇଁ ଆଲୋଚନା ହୋଇଥିଲା। ଏକତା ଭିତ୍ତିରେ କାର୍ଯ୍ୟ କରିବାକୁ ସଂକଳ୍ପ ନିଆଯାଇଥିଲା। ସମସ୍ତେ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ସାମ୍ବାଦିକତାକୁ ଆଗେଇ ନେବାକୁ ବରିଷ୍ଠ ସାମ୍ବାଦିକ ଆନନ୍ଦଚନ୍ଦ୍ର ସିଂ ମତ ରଖିଥିଲେ। ଏଥିପାଇଁ ଏକ ସମନ୍ୱୟ କମିଟି ବିଷୟରେ ବରିଷ୍ଠ ସାମ୍ବାଦିକ ସଂଜୟ ମିଶ୍ର ମତ ରଖିଥିଲେ। ଆଗାମୀ ଦିନରେ ଲୁପ୍ତ ହୋଇ ଯାଇଥିବା ଘଟଗାଁ ମହୋତ୍ସବକୁ ପୁନଶ୍ଚ କରିବା ପାଇଁ ସମସ୍ତ ସାମ୍ବାଦିକ ମତ ରଖିଥିଲେ। ତେବେ ଏନେଇ ଯଥାଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି ବରିଷ୍ଠ ସାମ୍ବାଦିକ ପ୍ରଦୀପ ସା ପ୍ରତିଶ୍ରୁତି ଦେଇଥିଲେ। ସାମ୍ବାଦିକ ମନୋଜ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# 'ମୁଁ ଗଛ କହୁଛି' କାର୍ଯକ୍ରମକୁ ସାଂସଦଙ୍କ ପ୍ରଶଂସା

ଆନନ୍ଦପୁର, ୨୩।୧୨ (ସମିସ): ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ "ମୁଁ ଗଛ କହୁଛି' କାର୍ଯ୍ୟକ୍ରମକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଏବଂ ଏହାର ଯତ୍ନ ନେବା। ଆନନ୍ଦପୁର ପ୍ରେସ କ୍ଲବ୍ ଦ୍ୱାରା ଆୟୋଜିତ ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ଉଦଯାପନୀ ସଭାରେ ଆଜି କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଶ୍ରୀ ସାହୁଙ୍କ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟ



ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଧିକରୁ ଅଧିକ ଔଷଧୀୟ ବୃକ୍ଷ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ତ୍ରିଲୋଚନ ସାହୁ ଫକୀରପୁରରେ ସୃଷ୍ଟି କରିଥିବା କ୍ଷୁଦ୍ରବନକୁ ଏବଂ ବିଭିନ୍ନ ସ୍ଥାନରେ ଲଗାଇଥିବା ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟକୁ ସାଂସଦ ଖୁବ୍ ପ୍ରଶଂସା କରିଥିଲେ। କ୍ଷୁଦ୍ର ବନକୁ କେବେ ସମୟ ହେଲେ ଦେଖିବେ ବୋଲି କହିଥିଲେ। କେନ୍ଦୁଝର ପୌରାଧ୍ୟକ୍ଷା ନିକୁ ସାହୁ, ବିଜେପି ରାଜ୍ୟ ସମ୍ପାଦିକା ମମତା ସିଂହ, ଆନନ୍ଦପୁର ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ଟୁକୁନା ମହାନ୍ତ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ଘଷିପୁରା ବିଜେପି ନେତା ଶମ୍ଭୁନାଥ ରାଉତ, ଆନନ୍ଦପୁର ପ୍ରେସ କ୍ଲବ ସଭାପତି ନାରାୟଣ ସାହୁ, ସମ୍ପାଦକ ସନ୍ତୋଷ ରାଉତଙ୍କ ସମେତ ପ୍ରେସ କ୍ଲବ୍ ସଦସ୍ୟ ଓ ଉପସ୍ଥିତ ବିଭିନ୍ନ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ।

# ଜଡିଚତାରରେ ସାନ୍ତାଳି ଦିବସ

କେନ୍ଦୁଝର,୨୩।୧୨(ସମିସ): ପଦ୍ମପୁର ପଞ୍ଚାୟତ ଜଡିଚତାର ଗ୍ରାମରେ ଆଦିମ ମାର୍ଶାଲ ସାନ୍ତାଳି ଅନଇତୁନ ଆଶାଳା ପକ୍ଷରୁ ସାନ୍ତାଳି ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବିଜେପି ଉପସଭାପତି ଗଣେଶ୍ୱର ମହାନ୍ତ, ମୁଖ୍ୟବକ୍ତା ସାନ୍ତାଳି ସମାଜର ବିଶିଷ୍ଟ ଲେଖକ କିର୍ତ୍ତୁ ମୁର୍ମୁ, ସମ୍ମାନିତ ଅତିଥି ବିଜେପି ଜିଲ୍ଲା ଉପସଭାପତି ବିବେକାନନ୍ଦ ମହାନ୍ତ, ଇଂ ବସନ୍ତ ଦାନୀ, ବିଶ୍ୱ ହିନ୍ଦୁ ପରିଷଦ ଘାସିରାମ ମାଝୀ, ବିଜେପି ରାଇସୁଆଁ ମଣ୍ଡଳ ସଭାପତି ସମିର ସାହୁ ସାନ୍ତାଳି ଭାଷା ଦିବସର ବହୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ଆଦିମ ମାର୍ଶାଲ ସାନ୍ତାଳି ଅଲ୍ ଇତୁନ୍ ଆଶଳାର ସମ୍ପାଦକ ଗୋପାଳ ମାଝୀ, ସଭାପତି ରଘୁନାଥ ମାଝୀ, କୋଷାଧ୍ୟକ୍ଷ ପରେଶ ମାଝୀ ସଦସ୍ୟ ପିତାମ୍ବର ମାଝୀ, ଦିଲ୍ଲୀପ ମାଝୀ, ସୁରେନ୍ଦ୍ର ମାଝୀ, ଯୋଗେନ୍ଦ୍ର ମାଝୀ, ବିଦ୍ୟାଧର ମାଝୀ, ପ୍ରଧାନଶିକ୍ଷକ ଘନଶ୍ୟାମ ମାଝୀ, ଶିକ୍ଷୟିତ୍ରୀ ମିତା ମାଝୀ, ମାର୍ଶାଲ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।



# ବିପ୍ଳବୀ ଧରଣୀଧର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



କେନ୍ଦୁଝର,୨୩।୧୨(ସମିସ): କେନ୍ଦୁଝର ସଦର ବ୍ଲକ ବରଦାପାଳ ପଞ୍ଚାୟତ କୁସୁମିତା ଗ୍ରାମର ଖେଳପଡ଼ିଆରେ୨୦ତମବିପ୍ଳବୀଧରଣୀଧରକପ୍‌ଫୁଟବଲ୍‌ଟୁର୍ଣ୍ଣାମେଣ୍ଟଉଦଘାଟିତହୋଇଛି।ଏଥିରେ ୮ଟିଦଳଅଂଶଗ୍ରହଣକରିଛନ୍ତି।ମୁଖ୍ୟଅତିଥିଭାବେବରଦାପାଳପଞ୍ଚାୟତସରପଞ୍ଚଗଣେଶଚନ୍ଦ୍ରମୁଣ୍ଡା, ସମ୍ମାନିତ ଅତିଥି ସମିତିସଭ୍ୟ ସଞ୍ଜିତା ନାଏକ, ଏଡିଓ ଗଦାଧର ଦେହୁରୀ, ଭୀମସେନ ସେଠୀ, ପ୍ରସାଦ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ସଭାପତି ସଞ୍ଜୟ କୁମାର ପ୍ରଧାନ, ସମ୍ପାଦକ ଈଶ୍ୱର ଦେହୁରୀ, କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ, ମନୋରଞ୍ଜନ ଦେହୁରୀ, ଗଣେଶ ଦେହୁରୀ, ରାଜେନ୍ଦ୍ର ପ୍ରଧାନ, ପଙ୍କଜ କୁମାର ପ୍ରଧାନ, ରାଇବନ ଦେହୁରୀ, ପଞ୍ଚାନନ ନାଏକ, ଲକ୍ଷ୍ମଣ ପ୍ରଧାନ, ଦିଲ୍ଲୀପ କୁମାର ଦେହୁରୀ, ବଳଭଦ୍ର ଦେହୁରୀ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।

# ସେଙ୍ଗେଲ ପକ୍ଷରୁ ସଂକଳ୍ପ ଦିବସ ଭାବେ ପାଳିତ ହେଲା ହାସା-ଭାଷା ବିଜୟ ଦିବସ

**ବାଲିବନ୍ଧ,୨୩।୧୨(ସମିସ):** ଆଦିବାସୀ ସେଙ୍ଗେଲ ଅଭିଯାନ (ଆସା) ଝୁମ୍ପୁରା ବ୍ଲକ କମିଟିର ସେଙ୍ଗେଲ ସଭାପତି ହିରନ୍ୟ ହେମ୍ବ୍ରମଙ୍କ ନେତୃତ୍ୱରେ ଖୁଣ୍ଟାପଡା ଗ୍ରାମପଞ୍ଚାୟତ ଅଧୀନରେ ଥିବା ଅଶୁକୀ ଗ୍ରାମରେ ହାସା (ମାତୃଭୂମି-ସାନ୍ତାଳ ପାର୍ଗାନା), ଭାଷା (ମାତୃଭାଷା-ସାନ୍ତାଳୀ) ବିଜୟ ଦିବସକୁ ସଂକଳ୍ପ ଦିବସ ରୂପେ ପାଳନ କରାଯାଇଛି। ବୀର ସହୀଦ ସିଦୋ ମୁର୍ମୁଙ୍କ ନେତୃତ୍ୱରେ ଇଂରେଜ ବିରୋଧରେ ଆନ୍ଦୋଳନ କରାଯାଇ ୨୨ ଡିସେମ୍ବର ୧୮୫୫ରେ ସାନ୍ତାଳ ପାର୍ଗାନା ଦିଶୋମ ଏସପିଟି ଆକ୍ଟ ସ୍ଥାପିତ ହୋଇଥିଲା। ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ନେତୃତ୍ୱରେ ତୀବ୍ର ଆନ୍ଦୋଳନ କରାଯାଇ ୨୨ ଡିସେମ୍ବର ୨୦୦୩ରେ ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇଥିଲା। ଉକ୍ତ ଦୁଇ ବୀରଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ସମସ୍ତ ସେଙ୍ଗେଲ ନେତା କାର୍ଯ୍ୟକର୍ତ୍ତାଙ୍କର ଉକ୍ତ ସାଧାରଣା ସଭାକୁ ସଂକଳ୍ପ ଦିବସ ରୂପେ ପାଳନ କରାଯାଇଛି। ସମ୍ବିଧାନ ସ୍ୱୀକୃତି ସାନ୍ତାଳୀ ଭାଷାକୁ ଧାରା ୩୪୭ ଅନୁଯାୟୀ ଓଡ଼ିଶାରେ




ଦ୍ୱିତୀୟ ରାଜଭାଷାର ମାନ୍ୟତା, ଧାରା ୩୪୫ ଅନୁଯାୟୀ ଝାଡ଼ଖଣ୍ଡ ରାଜ୍ୟରେ ସାନ୍ତାଳୀ ଭାଷାକୁ ରାଜଭାଷାର ମାନ୍ୟତା ପ୍ରଦାନ କରିବା, ୩-ଆଦିବାସୀ ପ୍ରକୃତି ପୂଜକ ହୋଇଥିବାରୁ ପ୍ରାୟ ୧୫ କୋଟି ପ୍ରକୃତି ପୂଜକ ଆଦିବାସୀଙ୍କର ସାରନା ଧର୍ମ କୋଡ ଜନଗଣନାରେ ଅବିଳମ୍ବେ ସାମିଲ୍ କରିବା, ଆସାମ ଓ ଆଣ୍ଡାମାନରେ ଥିବା ଝାଡ଼ଖଣ୍ଡୀ ଆଦିବାସୀଙ୍କୁ ଅନୁସୂଚିତ ଜନଜାତି (ଏସଟି) ତାଲିକାରେ ଅବିଳମ୍ବେ ସାମିଲ କରିବା, ବୀର ସହିଦ ସିଦୋ ମୁର୍ମୁଙ୍କ ପରିବାରକୁ ସୁରକ୍ଷା ଓ ସମୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଟ୍ରଷ୍ଟ ଗଠନ କରି ପ୍ରତ୍ୟେକ ବର୍ଷ ୧କୋଟି ଲେଖାଏଁ ଅନୁଦାନ ରାଶି ଅବିଳମ୍ବେ ପ୍ରଦାନ କରାଯାଉ, ଆଦିବାସୀ ଗ୍ରାମ ସମାଜରୁ ନାସାପାନ, ଅନ୍ଧବିଶ୍ୱାସ, କଙ୍ଗାରୁ କୋର୍ଟ ଦ୍ୱାରା ଗୁଣ୍ଡାଗର୍ଦ୍ଦି କରି ମନଇଚ୍ଛା ଜରିମାନା, ମନଇଚ୍ଛା ସାମାଜିକ ବାସନ୍ଦ, ମହିଳା ବିରୋଧୀ ମାନସିକତା, ନୀରିହ ମହିଳାଙ୍କୁ ଡାହାଣୀ ନାମରେ ହତ୍ୟା, ହାଣ୍ଡିଆ/ ମଦରେ ଭୋଟ କିଣାବିକା ଅବିଳମ୍ବେ ବନ୍ଦ କରିବା, ୫ଜାନୁୟାରୀ ୨୦୨୩ରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଦ୍ୱାରା ଆଦିବାସୀ ସାନ୍ତାଳଙ୍କର ବୃହତ ଈଶ୍ୱର ମାରାଂ ବୁରୁକୁ ଜୈନ ଧର୍ମାବଲମ୍ବୀଙ୍କୁ ଅବୈଧ ଭାବେ ହସ୍ତାନ୍ତର କରାଯାଇଥିବାରୁ ଅବିଳମ୍ବେ ଆଦିବାସୀ ସାନ୍ତାଳ ପ୍ରକୃତି ପୂଜକ ସାରନା ଧର୍ମାବଲମ୍ବୀଙ୍କୁ ପ୍ରଦାନ କରାଯାଉ, ସିଏନଟି ଓ ଏସପିଟି ଆକ୍ଟକୁ ଶକ୍ତିସେ ଲାଗୁ କରି କଳକାରଖାନା ଡ଼୍ୟାମ ବିକାଶ ନାମରେ ବିସ୍ଥାପନ ପଳାୟନ ଅବିଳମ୍ବେ ବନ୍ଦ କରାଯାଉ ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଆଦିବାସୀ ସେଙ୍ଗେଲ ଅଭିଯାନ ଭାରତ କିମ୍ବା ବିଶ୍ୱ ସ୍ତରରେ ତୀବ୍ର ଆନ୍ଦୋଳନ କରିବା ସହିତ ହାଇକୋର୍ଟ, ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମଧ୍ୟ ଲଢ଼ିବାର ଦୃଢ଼ ନିଷ୍ପତ୍ତି ନେଇଛି। କେନ୍ଦୁଝର ଜୋନର ମାଝୀ ମାଣ୍ଡଆ ସଭାପତି ହିରନ୍ୟ ହେମ୍ବ୍ରମ, ସୁବାସ ମାର୍ଣ୍ଡି, ଘନଶ୍ୟାମ ହେମ୍ବ୍ରମ, ପ୍ୟାରୀମୋହନ ମାର୍ଣ୍ଡି, ନନ୍ଦ କୁମାର ମାର୍ଣ୍ଡି, ଗୁନାରାମ ମୁର୍ମୁ, ଖେଲାରାମ ମାର୍ଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।



# ଭୁବନେଶ୍ୱର ସିଟି

**ପ୍ରହସନ ପାଲଟିଛି ପୁଲିସର ଯୋଜନା**

# ଅଧିକାରୀ ବଦଳିଲେ ବଦଳୁଛି ପ୍ରସ୍ତାବ

ଭୁବନେଶ୍ୱର, ୨୩।୧୨ (ସମିସ): କମିସନରେଟ ପୁଲିସରେ ବିଚିତ୍ର ବ୍ୟବସ୍ଥା ଦେଖିବାକୁ ମିଳିଛି। ମୁଖିଆ ବଦଳିଲେ ପ୍ରସ୍ତାବ ବଦଳିବା ସହ ପୂର୍ବ ଯୋଜନା ସବୁ ଉଭେଇ ଯାଉଛି। ନାଗରିକଙ୍କୁ ସୁରକ୍ଷା ଯୋଗାଇବା ସହ ଅପରାଧୀଙ୍କ ନିକଟରେ ଶୀଘ୍ର ପହଞ୍ଚିବା ଲାଗି ଯୋଜନା କରାଯାଉଛି, ହେଲେ ତାହାର କାର୍ଯ୍ୟକାରିତା ଦିଗରେ ଦୃଷ୍ଟି ଦିଆଯାଉନାହିଁ। ଅପରାଧୀ ଓ ଚୋରି ସାମଗ୍ରୀର ତଥ୍ୟ ଠାରୁ ଆରମ୍ଭ କରି ମହିଳା ସୁରକ୍ଷା ପାଇଁ ହୋଇଥିବା ବିଭିନ୍ନ ଯୋଜନା ଏବେ ବାଟବଣା ହୋଇଯାଇଛି। କିଛି ମାସ ଅନ୍ତରରେ ଗୋଟିଏ ପରେ ଗୋଟିଏ ଯୋଜନା କରି ପୁଲିସ ବାହାବା ନେଉଥିଲେ ମଧ୍ୟ କୌଣସି ବି ଯୋଜନା ଦୀର୍ଘଦିନ ଧରି କାମ କରୁନାହିଁ।

## ଉଭେଇଗଲା ପିଙ୍କ୍ ଅଟୋ

ମହିଳାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୪ ମସିହାରେ 'ପିଙ୍କ୍ ଅଟୋ ଯୋଜନା' ଆରମ୍ଭ ହୋଇଥିଲା। ମହିଳା ଯାତ୍ରୀମାନେ ଯିବାଆସିବା କରିବା ପାଇଁ ଏହି ଅଟୋକୁ ଅଗ୍ରାଧିକାର ଦିଆଯାଇଥିଲା। ଏଥିଲାଗି ଅଟୋ ଚାଳକଙ୍କ ପାଇଁ ସ୍ୱତନ୍ତ୍ର ପିଙ୍କ୍ ଅଟୋ, ଡ୍ରେସ୍ କୋଡ୍, ଟିକଟ୍ କାଉଣ୍ଟର ଖୋଲାଯିବା ସହ ବିଭିନ୍ନ କଟକଣା ରଖା ଯାଇଥିଲା। ପ୍ରାୟ ୩୦୦ରୁ ଅଧିକ ଅଟୋ ଏଥିରେ ପଞ୍ଜୀକରଣ କରିବା ସହ ଏହି ଯୋଜନା କିଛି ବର୍ଷ କାମ କରିଥିଲା। ହେଲେ ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ଓଲଟା। ରାଜଧାନୀ ରାଜରାସ୍ତାରେ ଆଉ ଗୋଟିଏ ବି ପିଙ୍କ୍ ଅଟୋ ଦେଖିବାକୁ ମିଳୁନାହିଁ।

## ମାନୁନାହାନ୍ତି ସରାଇ ଆପ୍

ଅପରାଧୀମାନେ ବିଭିନ୍ନ ହୋଟେଲ, ଲଜ୍, ଗେଷ୍ଟହାଉସରେ ରହି ସହରରେ ଲୁଟ୍ ଓ ହତ୍ୟାକାଣ୍ଡ ଭଳି ଅପରାଧ ଘଟାଉଛନ୍ତି। ଗ୍ରାହକଙ୍କ ସମ୍ପର୍କରେ ସ୍ଥାନୀୟ ପୁଲିସକୁ ସୂଚନା ଦେବାର ନିୟମ ଥିଲେ ମଧ୍ୟ ଲଜ୍ ମାଲିକମାନେ ତାହା ପ୍ରଦାନ କରିନଥାନ୍ତି। ଫଳରେ କୌଣସି ଅପରାଧ ଘଟିଲେ ଅପରାଧୀଙ୍କୁ ଖୋଜିବାରେ ପୁଲିସକୁ ନୟାନ୍ତ ହେବାକୁ ପଡୁଥିଲା। ଥାନାକୁ ନ ଆସି ପ୍ରତ୍ୟେକ ଦିନ ଗ୍ରାହକଙ୍କ ବିବରଣୀ ଦେବା ପାଇଁ କମିସନରେଟ ପୁଲିସ ପକ୍ଷରୁ 'ସରାଇ ଆପ୍' ଉନ୍ମୋଚନ କରାଯାଇଥିଲା। ଏହି ଆପକୁ ହୋଟେଲ, ଲଜ୍ ଓ ଗେଷ୍ଟ ହାଉସ କର୍ତ୍ତୃପକ୍ଷ ଡାଉନଲୋଡ୍ କରି ପ୍ରତ୍ୟେକ ଦିନ ଗ୍ରାହକଙ୍କ ପରିଚୟପତ୍ର ସହ ବିବରଣୀ ଦାଖଲ କରିବାକୁ ପୁଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଆରମ୍ଭରୁ ହୋଟେଲ କର୍ତ୍ତୃପକ୍ଷ ଏହାକୁ କଡ଼ାକଡ଼ି ପାଳନ କରିଥିଲେ। ହେଲେ ଏବେ ଆଉ ଆଗପରି ଦାଖଲ କରୁନାହାନ୍ତି। ପୁଲିସ ଧରପଗଡ଼ କରୁନଥିବାରୁ ହୋଟେଲ କର୍ତ୍ତୃପକ୍ଷ ଦିନକୁ ଦିନ ବେଫିକର ହୋଇ ଯାଉଛନ୍ତି। ଗତମାସରେ ସେକ୍ସ ରାକେଟରେ ନିୟୋଜିତ କରିବା ଲାଗିଲା ଜଣେ ଦଲାଲ୍ ନାବାଳିକାକୁ ଆଣି ୟୁନିଟ୍ ୪ ସ୍ଥିତ ଏକ ହୋଟେଲରେ ରଖିଥିଲା। ଖାରବେଳ ନଗର ଥାନା ପୁଲିସ ଚଢ଼ଉ କରି ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା। ସମ୍ପୃକ୍ତ ହୋଟେଲ ସରାଇ ଆପ୍ ପଞ୍ଜୀକରଣ କରିନଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ମନେ ପଡୁନାହିଁ 'ମୋ ସାଥୀ'

୧୦ ବର୍ଷ ପୂର୍ବ କମିସନରେଟ୍ ପୁଲିସ ଦିଲ୍ଲୀ ଢାଞ୍ଚାରେ ପକ୍ଷରୁ ଆରମ୍ଭ କରିଥିଲା 'ମୋ ସାଥୀ ଆପ୍'। ଏହି ଆପରେ ନିଜର ସବିଶେଷ ତଥ୍ୟ ସହ ୩ ଜଣ ସମ୍ପର୍କୀୟଙ୍କ ବିବରଣୀ ଦାଖଲ କରିବାକୁ ସୁବିଧା ରହିଥିଲା। କେତେବେଳେ କୌଣସି ଅସୁବିଧା ହେଲେ ମୋବାଇଲ ଫୋନ୍ ବଟନକୁ ୫ ଥର ଦବାଇବା ଦ୍ୱାରା ଅଟୋମେଟିକ୍ ୩୦ ସେକେଣ୍ଡର ଭିଡିଓ ଓ ଅଡିଓ ରେକର୍ଡ ହେବା ସହ ରେକର୍ଡିଂ ଗୁଡ଼ିକ ଆପେ ଆପେ ପୁଲିସ କଣ୍ଟ୍ରୋଲ ରୁମ୍ ଓ ସମ୍ପର୍କୀୟଙ୍କ ପାଖକୁ ପଳାଉଥିଲା। ଆଉ ମିଳିଥିବା ଲୋକେସନ୍ ଆଧାରରେ ପୀଡ଼ିତାଙ୍କ ପାଖରେ ପହଞ୍ଚି ଯାଉଥିଲା ପୁଲିସ। ହେଲେ ଏବେ ଏହି ଆପର କାର୍ଯ୍ୟକାରିତା କଥା ଦୂରରେ ଥାଉ, କେହି ମନ ମଧ୍ୟ ରଖିନାହାନ୍ତି।








## 'ସନ୍ଧାନ' ଓ 'କୁଣ୍ଡଳୀ' ବି ଗାଏବ

ଅନେକ ସମୟରେ ଗୋଟିଏ ମାମଲାର ତଦନ୍ତ କରୁଥିବା ପୁଲିସ ଅନେକ ପରିମାଣର ଚୋରି ସାମଗ୍ରୀ ଜବତ କରୁଛି। ହେଲେ ଅଭିଯୋଗକାରୀଙ୍କୁ ଛାଡ଼ି ଦେଲେ ଅନ୍ୟ ଜିନିଷ ଗୁଡ଼ିକର ମାଲିକଙ୍କୁ ଠାବ କରି ପାରୁନଥିଲା। ଏହି ପ୍ରକ୍ରିୟାକୁ ସହଜ କରିବା ସହ ହିସାବ ରଖିବା ପାଇଁ 'ସନ୍ଧାନ' ଆପ୍ ଲଞ୍ଚ୍ କରିଥିଲା। କେଉଁଠାରୁ କଣ ଚୋରି ହୋଇଛି ଓ କେଉଁଠୁ ଜିନିଷ ଉଦ୍ଧାର ହୋଇଛି, ଏସବୁ ତଥ୍ୟ ଏହି ଆପ୍‌ରେ ରହୁଥିଲା। ମୋବାଇଲର ଆଇଏମ୍‌ଇଆଇ ନମ୍ବର ଠାରୁ ଆରମ୍ଭ କରି ଗାଡ଼ିର ପଞ୍ଜୀକରଣ ଓ ଇଞ୍ଜିନ ନମ୍ବର ମଧ୍ୟ ରହିଥିଲା। ମୋବାଇଲ କିମ୍ବା ଗାଡ଼ି ଚୋରି ହୋଇଥିଲେ, ସେହି ଆପରେ ଯାଞ୍ଚ କଲେ ଉଦ୍ଧାର ସାମଗ୍ରୀ ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିବରଣୀ ମିଳି ଯାଉଥିଲା। ସେହି ଥାନାକୁ ଯୋଗାଯୋଗ କରି ମାଲିକ ତାଙ୍କ ଚୋରି ସାମଗ୍ରୀ ପାଇ ଯାଉଥିଲେ। ସେପଟେ ଅପରାଧୀମାନେ ଜାମିନରେ ଆସି ଅପରାଧ ଘଟାଉଥିଲେ ମଧ୍ୟ ସେମାନଙ୍କୁ ଧରିବା କଷ୍ଟକର ବ୍ୟାପାର ହେଉଥିଲା। ଜେଲ୍ ଫେରନ୍ତା ଅପରାଧୀଙ୍କୁ ଟ୍ରାକ୍ କରିବା ଲାଗି 'କୁଣ୍ଡଳୀ' ଆପ୍ ତିଆରି ହୋଇଥିଲା। କେଉଁ ଅଞ୍ଚଳରେ କେଉଁ ପ୍ରକାର ଅପରାଧୀ ରହିଛନ୍ତି, ସେମାନେ କେଉଁଠାର ମୂଳ ବାସିନ୍ଦା, କେଉଁ ଅଞ୍ଚଳରେ ସେମାନେ ଅପରାଧ ଘଟାଉଛନ୍ତି, ଏସବୁ ତଥ୍ୟ ସେହି ଆପରେ ଅପଲୋଡ କରଯାଇଥିଲା। ଗୋଟିଏ କ୍ଲିକରେ ଅପରାଧୀଙ୍କ ନଥିପତ୍ର ମିଳି ଯାଉଥିଲା। ହେଲେ ଏହି ଦୁଇଟି ଯାକ ଆପ୍ ଏବେ ଏକପ୍ରକାର ଅକାମୀ ହୋଇଯାଇଛି।

## ହଜିଗଲା ହର୍ ଟିମ୍

ମହିଳାଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଗତବର୍ଷ ଏପ୍ରିଲ ମାସରେ (ହାଇ ଏଫିସିଏନସି ରେସପନ୍ସ) 'ହର୍' ଟିମ୍ ଗଠନ ହୋଇଥିଲା। ଜଣେ ଜଣେ ଏସିପିଙ୍କ ନେତୃତ୍ୱରେ ଇନ୍ସପେକ୍ଟର, ଏସ୍‌ଆଇ ଓ କନେଷ୍ଟବଳଙ୍କୁ ନେଇ ୧୪ଜଣିଆ ମହିଳା ପୁଲିସ ଟିମ୍ ଗଠନ କରାଯାଇଥିଲା। ସହରର ବଜାର, ଗହଳି ଅଞ୍ଚଳ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ସମେତ ସର୍ବସାଧାରଣରେ ମହିଳାମାନଙ୍କୁ ହଇରାଣ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ଉପରେ ନଜର ରଖୁଥିଲେ। ଖବର ଓ ଭିଡିଓ ପାଇବା କ୍ଷଣି ଘଟଣାସ୍ଥଳରେ ପହଞ୍ଚି ରୋଡ୍ ରୋମିଓଙ୍କୁ ଉଠାଇ ଆଣୁଥିଲେ। ହେଲେ ଏବେ ଧରପଗଡ଼ କଥା ଦୂରରେ ଥାଉ, ଟିମର ଦେଖା ମଧ୍ୟ ମିଳୁନାହିଁ।

# ୧୦ ଦିନର ମୋହ ଲଗାଇ ଚାଲିଗଲା ଶମ୍ଭୁ



ଭୁବନେଶ୍ୱର, ୨୩।୧୨(ସମିସ): ଚନ୍ଦକାରେ ଚିକିତ୍ସିତ ହେଉଥିବା ହାତୀ ଛୁଆ ଶମ୍ଭୁର ମୃତ୍ୟୁ ହୋଇଛି। ବନ ବିଭାଗର ଅନେକ ପ୍ରୟାସ ସତ୍ତ୍ୱେ ଏହି ୬ ମାସର ହାତୀ ଛୁଆ ଶମ୍ଭୁର ମୃତ୍ୟୁ ଘଟିଛି। ଡିସେମ୍ବର ୧ ତାରିଖରେ ହାତୀ ଛୁଆକୁ କେନ୍ଦୁଝରର ପଦମପୁର ହାତୀ ତାଲିମ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ତାକୁ ଶମ୍ଭୁ ନାମ ଦିଆଯାଇଥିଲା। ପରେ ଡିସେମ୍ବର ୧୪ ତାରିଖରେ ଶମ୍ଭୁକୁ ଅନ୍ୟ ୭ଟି ହାତୀ ସହିତ କୁମକି (ପ୍ରଶିକ୍ଷିତ ହାତୀ) ତାଲିମ ପାଇଁ ଚନ୍ଦକା ହାତୀ ତାଲିମ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ହଠାତ୍ ଶମ୍ଭୁ ଅସୁସ୍ଥ ହୋଇ ପଡ଼ିଥିଲା ଏବଂ ଆଜି ସକାଳେ ସେ ତଳେ ପଡ଼ିଗଲା। ଏହା ପରେ ଜରୁରିକାଳୀନ ଯାଞ୍ଚ ପାଇଁ ସ୍ଥାନୀୟ ପଶୁଚିକିତ୍ସକଙ୍କୁ ଡକାଯାଇଥିଲା, କିନ୍ତୁ ଶମ୍ଭୁ ଆଘାତରେ ମୃତ୍ୟୁବରଣ କରିଛି। ଏହି ବିୟୋଗ ତାଲିମ କେନ୍ଦ୍ରର କର୍ମଚାରୀମାନଙ୍କୁ ଗଭୀର ଭାବରେ ଦୁଃଖିତ କରିଛି।

ଚନ୍ଦକା ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟଙ୍କ ସୂଚନା ଅନୁଯାୟୀ ଶମ୍ଭୁ ଗତକାଲି ସକାଳୁ ଅସୁସ୍ଥ ହୋଇଥିଲା। ବନ ବିଭାଗ ତରଫରୁ ସ୍ଥାନୀୟ ଭିଏଏସ୍ ଏବଂ ନନ୍ଦନକାନନର ଭେଟେରିନାରୀ ଟିମ୍‌ର ପରାମର୍ଶରେ ତା'ର ଚିକିତ୍ସା ଚାଲୁଥିଲା। ସନ୍ଧ୍ୟାରେ ତା'ର ଅବସ୍ଥା ଉନ୍ନତ ହୋଇଥିଲା, ଖାଦ୍ୟ ଖାଇଥିଲା ଏବଂ ଧୀରେ ଧୀରେ ଚାଲୁଥିଲା। ପୁଣି ଆଜି ସକାଳେ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲା। ତୁରନ୍ତ ତାକୁ ନନ୍ଦନକାନନକୁ ସ୍ଥାନାନ୍ତର କରିବାକୁ ଯୋଜନା ହୋଇଥିଲା। କିନ୍ତୁ ସକାଳ ସାଢ଼େ ୭ଟାରେ ସେ ମୃତ୍ୟୁବରଣ କରିଛି।

**● ସଫଳତା ବଖାଣି, ବିଫଳତା ଲୁଚାଇଲା ପୁଲିସ**

# ୬୦୯ ମାମଲାରେ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୨୩।୧୨(ସମିସ): ଚଳିତ ବର୍ଷ ଭୁବନେଶ୍ୱର ପୁଲିସ ଜିଲ୍ଲାର ମୋଟ୍ ୬୦୯ଟି ମାମଲାରେ କୋର୍ଟ ଅଭିଯୁକ୍ତମାନଙ୍କୁ ସଜା ଶୁଣାଇ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ମାମଲା ଗୁଡ଼ିକ ମଧ୍ୟରେ ୨୦ ଦୁଷ୍କର୍ମ ମାମଲା ଥିଲା ବେଳେ ୧୪ ହତ୍ୟା ମାମଲା ରହିଥିଲା। ସେହିପରି ୪୩ ପ୍ରପଟି ଅଫେନ୍ସ ମାମଲା ରହିଥିଲା ବେଳେ ୫୦୮ଟି ଅନ୍ୟାନ୍ୟ ମାମଲା ରହିଛି। ମୋଟ୍ ୬୦୯ ମାମଲା ମଧ୍ୟରୁ ୨୪ଟି ଏଭଳି ମାମଲା ରହିଛି, ଯାହାର ଶୁଣାଣି ବର୍ଷକ ମଧ୍ୟରେ ଆରମ୍ଭ ହୋଇ ୨୦୨୫ ମଧ୍ୟରେ ଶେଷ ହୋଇଛି। ଏହା ସହ ଏଥିରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ବୋଲି କମିସନରେଟ୍ ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର ଏସ୍. ଦେବଦତ୍ତ ସିଂ କହିଛନ୍ତି।

ତେବେ କମିସନରେଟ୍ ପୁଲିସର ସଂଖ୍ୟାକୁ ନେଇ ଏକାଧିକ ଦ୍ୱନ୍ଦ ଉପୁଜୁଛି। ଯଦି ମାତ୍ର ୨୪ଟି ମାମଲା ଚଳିତ ବର୍ଷ ଆରମ୍ଭ ହୋଇ ଶେଷ ହୋଇଛି ତେବେ ଅନ୍ୟ ମାମଲା ଗୁଡ଼ିକ କେତେବର୍ଷ ଧରି ଚାଲୁଥିଲା। ତେବେ ପୁଲିସ ଚଳିତ ବର୍ଷ କେବଳ ନିଜର ସଫଳତା ବଖାଣିଥିଲା। ଏକାଧିକ ମାମଲାରେ କିଛି ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି। ପୁଲିସ ଫାଇଲରେ ନାଆ ଥିଲେ ମଧ୍ୟ କେତେ ଜଣ ଦୋଷ ମୁକ୍ତ ହୋଇଛନ୍ତି ତାହାର ସୂଚନା ଦିଆଯାଇ ନାହିଁ। କେବଳ ସଫଳତା ଦର୍ଶାଇଥିଲା ବେଳେ ବିଫଳତାକୁ ସମ୍ପୂର୍ଣ୍ଣ ଭାବେ ଲୁଚାଇ ଦିଆଯାଇଥିଲା।

# ସିଏଚ୍‌ଏସ୍‌ଇ ପୂର୍ବତନ କର୍ମଚାରୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୩।୧୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଜୁନିଅର୍ ଡାଏରିଷ୍ଟ ଅଜୟ କୁମାର ମହାନ୍ତି ଲାଞ୍ଚ ମାମଲାରେ ମଙ୍ଗଳବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ରାୟ ପ୍ରକାଶ କରି ଅଜୟଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ଅଭିଯୋଗକାରୀ ଜଣକ ହେଲେ ନିରଞ୍ଜନ ନାୟକ ନିରଞ୍ଜନଙ୍କ ଶାଳି ଯୁକ୍ତ ୨ ପରୀକ୍ଷା ଦେବାକୁ ଚମ୍ପେଶ୍ୱର କଲେଜରୁ ଢେଙ୍କାନାଳ ହିନ୍ଦୋଳ କଲେଜକୁ ଟ୍ରାନ୍ସଫର୍ କରିଥିଲେ। ପ୍ରତ୍ୟେକ ବିଷୟରେ ସେ ପରୀକ୍ଷା ଦେଇଥିଲେ ୨୦୧୩ ମେରେ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ହେଲେ ମାତୃଭାଷା ବିଷୟରେ ଫଳ ପ୍ରକାଶ ପାଇ ନ ଥିଲା। ଉକ୍ତ ବିଷୟରେ ପରୀକ୍ଷା ଦିନ ସେ କେନ୍ଦ୍ରରେ ସେ ଅନୁପସ୍ଥିତ ଥିବା ଜଣାଯାଇଥିଲା। ତେବେ ଏଥିପାଇଁ ନିରଞ୍ଜନ ଭୁବନେଶ୍ୱରସ୍ଥିତ ସିଏଚଏସ୍‌ଇ ଅଫିସକୁ ଆସି ଶାଳିଙ୍କ ପରୀକ୍ଷା ସମସ୍ୟା ବିଷୟରେ ଜଣାଇଥିଲେ। ସେଠାରେ ନିରଞ୍ଜନଙ୍କୁ ଅଜୟ ଫଳ ପ୍ରକାଶ କରାଇବାକୁ ୫ହଜାର ଟଙ୍କା ଦାବି କରିଥିଲେ। ଜୁନ ୩ ତାରିଖରେ ନିରଞ୍ଜନ ୩ ହଜାର ଟଙ୍କା ନେଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଭୁବନେଶ୍ୱର ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା ଜୁନ ୧୨ ତାରିଖରେ ଆଉ ଏକ ହଜାର ଟଙ୍କା ନିରଞ୍ଜନ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ତେବେ ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ସୌମିତ୍ର ଘୋଷ ପରିଚାଳନା କରୁଥିଲେ।

# ଖଣ୍ଡଗିରି ପାହାଡ଼ରେ ନକଲି ପୁଲିସ

ଭୁବନେଶ୍ୱର, ୨୩।୧୨ (ସମିସ): ଖଣ୍ଡଗିରି ପାହାଡ଼ରୁ ନକଲି ପୁଲିସକୁ କାବୁ କରିଛି ଅସଲି ପୁଲିସ। ଅଭିଯୁକ୍ତ ହେଉଛି କେରଳର ଜଜ୍। ସୂଚନାନୁଯାୟୀ, ଜଜ୍ କିଛିଦିନ ହେବ ଖଣ୍ଡଗିରି ପାହାଡ଼ରେ ନକଲି ପୁଲିସ ହୋଇ ବୁଲାବୁଲି କରୁଥିଲା। ପୁଲିସ ପୋଷାକ ପିନ୍ଧିବା ସହ ନିଜକୁ ଖଣ୍ଡଗିରି ଥାନା ସବ୍ ଇନ୍ସପେକ୍ଟର ବୋଲି ପରିଚୟ ଦେଉଥିଲା। ଖଣ୍ଡଗିରି ଓ ଉଦୟଗିରି ପାହାଡ଼କୁ ଆସୁଥିବା ପ୍ରେମୀ ଯୁଗଳଙ୍କୁ ହଇରାଣ ହରକତ କରୁଥିଲା। ପ୍ରେମୀ ଯୁଗଳ ମାନେ ଏକାନ୍ତରେ ସମୟ ବିତାଉଥିବା ବେଳେ ନକଲି ପୁଲିସ ହୋଇ ଚଢ଼ଉ କରୁଥିଲା। ହଠାତ୍ ପ୍ରେମୀ ଯୁଗଳଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ସହ ଭାଇରାଲ କରିଦେବ ବୋଲି ଧମକ ଦେଉଥିଲା। ସେମାନଙ୍କୁ ଡରାଇ ଧମକାଇ ବେଆଇନ ଭାବେ ଟଙ୍କା ଆଦାୟ କରୁଥିଲା। ଦୁଇ ଦିନ ପୂର୍ବେ ଖଣ୍ଡଗିରି ଥାନା ପୁଲିସକୁ ଏନେଇ ସୁରାକ ମିଳିଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ଆଜି ସାଦା ପୋଷାକରେ ପାହାଡ଼ରେ ଛକି ରହିଥିଲେ। ଅପରାହ୍ଣ ସମୟରେ ଜଜ୍ ପ୍ରେମୀ ଯୁଗଳଙ୍କୁ ଧମକାଇବା ବେଳେ ପୁଲିସ ତାକୁ କାବୁ କରି ନେଇଥିଲା।

# ନୂଆବର୍ଷରେ ରାଜଧାନୀ ଜଗିବେ ଅଧିକ ୧୫ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର, ୨୩।୧୨(ସମିସ): ଚଳିତ ବର୍ଷ ନୂଆ ବର୍ଷ ଏବଂ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ କମିସନରେଟ୍ ପୁଲିସ କଡା ସୁରକ୍ଷା ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଭୁବନେଶ୍ୱରରେ ଅତିରିକ୍ତ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ରାତି ସମୟରେ ପୁଲିସ ସଜାଗ ରହିବ। ଅଭିଯୋଗ ମିଳିବା ମାତ୍ରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେଲିବ୍ରେସନ୍ କର ଉତ୍ପାତ କଲେ ଏହାକୁ ପ୍ରଶୟ ଦିଆଯିବ ନାହିଁ। ଆଇନ୍ ଶୃଙ୍ଖଳାକୁ ସମ୍ମାନ ଦିଅ ନ ହେଲେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ନୂଆବର୍ଷରେ ହେବାକୁ ଥିବା ଭିଡକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ବାର, ରେଷ୍ଟୁରାଣ୍ଟ, ଭୋଜନାଳୟ, ହୋଟେଲ ଉପରେ ପୁଲିସ ନଜର ରହିବ।

**ବିଏମ୍‌ସି ଉଚ୍ଛେଦକୁ ଶତାଧିକ ଉଠାଦୋକାନୀ ସଂଘର ବିରୋଧ**

# ପ୍ରତିବାଦରେ ଖୋଲିଲା ସହାୟତା କେନ୍ଦ୍ର



ଭୁବନେଶ୍ୱର, ୨୩।୧୨(ସମିସ): ରାଜଧାନୀରେ ଦୋକାନ ଖଣ୍ଡିଏ କରି ନିଜର ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିମାନଙ୍କ ଉପରେ ଦାଉ ସାଜି ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ସାଧାରଣ ପ୍ରଶାସନ ବିଭାଗ ସମ୍ବିଧାନର ଧାରା ୧୯(୧) (ଛ) ଓ ଉଠାଦୋକାନୀ ଆଇନ ୨୦୧୪କୁ ନମାନି ଯେଉଁଭଳି ଅତର୍କିତ ଭାବେ ଉଠାଦୋକାନ ଉଚ୍ଛେଦ କରି ଚାଲିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଗତ କିଛିଦିନ ଭିତରେ ସରକାରଙ୍କ ତିନିବିଭାଗ ବିଏମ୍‌ସି, ବିଡ଼ିଏ ଏବଂ ସାଧାରଣ ପ୍ରଶାସନ ବିଭାଗ ଭୁବନେଶ୍ୱରରେ ଥିବା ପାଖାପାଖି ୧୦ ହଜାରରୁ ଅଧିକ ଉଠାଦୋକାନ ଉଚ୍ଛେଦ କରିସାରିଲେଣି। ଉଚ୍ଛେଦ ସମୟରେ ଉଚ୍ଛେଦ ଉଠାଦୋକାନୀଙ୍କ ତାଲିକା ପ୍ରସ୍ତୁତ କରରାଯାଇ ସେମାନଙ୍କୁ ଥଇଥାନ କରିବାର ନିୟମ ଅଛି। କିନ୍ତୁ ତାହା ନକରି କୌଣସି ସୂଚନା ନ ଦେଇ ଦୋକାନୀମାନଙ୍କ ସାମଗ୍ରୀ ଫୋପାଡ଼ି ଉଚ୍ଛେଦ କରିବା ଏବଂ ଦୋକାନୀମାନଙ୍କ ଧମକ ଚମକ ଦେବା ବିରୁଦ୍ଧରେ ମଙ୍ଗଳବାର ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘ ତରଫରୁ ଆଇ ପାର୍କଠାରେ ଏକ ଜରୁରିକାଳୀନ ବୈଠକ ହୋଇଯାଇଛି।

ଏହି ବୈଠକରେ ଭୁବନେଶ୍ୱରରେ ଉଚ୍ଛେଦ ହୋଇଥିବା ପାଖାପାଖି ୧୦୦ଟି ସଂଗଠନର କର୍ମକର୍ତ୍ତା ଯୋଗଦେଇ ବିଏମ୍‌ସି ବିରୋଧରେ ନାରାବାଜି ଦେବା ସହିତ ଉଚ୍ଛେଦ ସମୟରେ ବିଏମ୍‌ସିକୁ ବିରୋଧ କରିବା ପାଇଁ ତିନୋଟି ଜୋନ୍‌ରେ ପ୍ରତିନିଧିମାନଙ୍କୁ ଦାୟିତ୍ୱ ଦିଆଯାଇ ଏକ ସହାୟତା କେନ୍ଦ୍ର ଗଠନ କରାଯାଇଛି। ଯେତେବେଳେ ବିଏମ୍‌ସିର କର୍ମଚାରୀମାନେ ଉଚ୍ଛେଦ କରିବାକୁ ଆସିବେ, ସେତେବେଳେ ଉଚ୍ଛେଦକୁ ବିରୋଧ କରିବା ପାଇଁ ଏହି ସହାୟତା କେନ୍ଦ୍ରର ସାହାଯ୍ୟ ନେବା ପାଇଁ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ନରେନ୍ଦ୍ର ସାହୁ, ସୁଶାନ୍ତ କୁମାର ରାଉତ, ଶ୍ୟାମସୁନ୍ଦର କଅଁର, ଶରତ ସାହୁ, ମଞ୍ଜୁ ନାୟକ, ପ୍ରଶାନ୍ତ ନାୟକ, ସନ୍ତୋଷ କୁମାର ସୁବୁଦ୍ଧି, ସୁଦର୍ଶନ ସାହୁ, ଲକ୍ଷ୍ମୀଧର ପ୍ରଧାନ, ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବିଏମ୍‌ବି ବିରୋଧରେ ରଣହୁଙ୍କାର ଦେଇଥିଲେ। ଶେଷରେ କୋଷାଧ୍ୟକ୍ଷ ଶୁଭଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ଶୀତର ସୌନ୍ଦର୍ଯ୍ୟ**



ରାଜଧାନୀରେ ଅସହ୍ୟ ଶୀତ ଅନୁଭୂତ ହେଉଥିବା ବେଳେ ନୂଆପଲ୍ଲୀ ଅଞ୍ଚଳରେ ନିଆଁ ଧୁନିର ମଜା ନେଉଛନ୍ତି କୁନିପିଲା। (ଫଟୋ: ସକାଳ)

**ରମାଦେବୀରେ ନାହିଁ ନାପ୍‌କିନ୍ ଡିସ୍‌ପୋଜାଲ୍ ବ୍ୟବସ୍ଥା**

# ଡଷ୍ଟବିନ୍‌ରେ ପଡୁଛି; ଦୁର୍ଗନ୍ଧରେ ଫାଟିପଡୁଛି କ୍ୟାମ୍ପସ୍

ଭୁବନେଶ୍ୱର, ୨୩।୧୨(ସମିସ): ରାଜ୍ୟର ଏକମାତ୍ର ଓ ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ 'ରମାଦେବୀ' ହଷ୍ଟେଲ୍‌ରେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛନ୍ତି ଛାତ୍ରୀ। ବ୍ୟବହୃତ ସାନିଟାରୀ ନାପ୍‌କିନ୍ ଡିସପୋଜାଲ୍ ପାଇଁ କୌଣସି ବ୍ୟବସ୍ଥା ନାହିଁ। ବ୍ୟବହୃତ ନାପକିନ୍ ହଷ୍ଟେଲ ଭିତରେ ୪ ରୁ ୫ ଦିନ ପର୍ଯ୍ୟନ୍ତ ପଡ଼ି ରହୁଛି। ଉତ୍କଟ ଦୁର୍ଗନ୍ଧ ହେବା ସହ ବିଭିନ୍ନ ପ୍ରକାର ସଂକ୍ରମଣ ଆଶଙ୍କା ଘାରୁଛି। ଅନେକ ବ୍ୟବହୃତ ନାପକିନ୍‌କୁ ହଷ୍ଟେଲ୍ ପାର୍ଶ୍ୱରେ ଫିଙ୍ଗି ଦେଉଛନ୍ତି। ଅପରପକ୍ଷରେ ମୋଟ୍ ୬ ଟି ହଷ୍ଟେଲ୍‌ରେ ମାତ୍ର ଗୋଟିଏ ଡିସପୋଜାଲ୍ ମେସିନ୍ ଥିବାବେଳେ ତାହା ମଧ୍ୟ ଅବ୍ୟବହୃତ ହୋଇ ପଡ଼ିଛି।

ରମାଦେବୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍‌ଡି ଶ୍ରେଣୀର ପ୍ରାୟ ୫ ହଜାରରୁ ଅଧିକ ଛାତ୍ରୀ ପଢୁଛନ୍ତି। ସେହିପରି +୨ ଶ୍ରେଣୀରେ ହଜାରେରୁ ଅଧିକ ଛାତ୍ରୀ ଅଧ୍ୟୟନରତ ଅଛନ୍ତି। ଛାତ୍ରୀଙ୍କ ରହିବା ପାଇଁ ପର୍ଯ୍ୟାପ୍ତ ହଷ୍ଟେଲ୍ ନାହିଁ। ସମୁଦାୟ ୬ ଟି ହଷ୍ଟେଲରେ ୧୦୦୦ରୁ ଅଧିକ ଛାତ୍ରୀ ରହୁଛନ୍ତି। ଛାତ୍ରୀଙ୍କ ସାନିଟାରୀ ନାପ୍‌କିନ୍ ଅତ୍ୟବ୍ୟବହାର୍ଯ୍ୟ ହେଉଥିବା ବେଳେ ସେଗୁଡ଼ିକୁ ଡିସପୋଜାଲ୍ କରିବାକୁ କୌଣସି ବ୍ୟବସ୍ଥା ନାହିଁ। ମାତ୍ର ଗୋଟିଏ ମେସିନ୍ ଅନନ୍ୟା ହଷ୍ଟେଲ୍‌ରେ ଥିବାବେଳେ ତାହା ମଧ୍ୟ ଦୀର୍ଘ ବର୍ଷରୁ ଅଚଳ ହୋଇ ପଡ଼ିଛି। ଫଳରେ ବ୍ୟବହୃତ ନାପକିନ୍‌କୁ ଡିସପୋଜ୍ କରିବାରେ ଛାତ୍ରୀମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ବାଧ୍ୟବାଧକତାରେ ହଷ୍ଟେଲ୍ ବାଥ୍‌ରୁମ୍ ସମ୍ମୁଖରେ ଥିବା ଡଷ୍ଟବିନ୍‌ରେ ପକାଉଛନ୍ତି। ନିୟମିତ ଭାବେ ସେଗୁଡ଼ିକୁ ସଫା ମଧ୍ୟ କରାଯାଉ ନ ଥିବାରୁ ସେଗୁଡିକରୁ ଦୁର୍ଗନ୍ଧ ବାହରୁଛି। ଏପରିକି ଡଷ୍ଟବିନ୍ ପାର୍ଶ୍ୱରେ ଥିବା ରୁମ୍‌ର ଛାତ୍ରୀମାନେ କବାଟ ଖୋଲିବାକୁ ମଙ୍ଗୁ ନାହାନ୍ତି। ବହୁ ବ୍ୟବହୃତ ନାପକିନ୍ ହଷ୍ଟେଲ୍ ପାର୍ଶ୍ୱରେ ମଧ୍ୟ ଫିଙ୍ଗି ଦେଉଛନ୍ତି। ଗାଧୁଆ ଘର ଝରକାରେ ମଧ୍ୟ ରଖିବାକୁ ବାଧ୍ୟ ହେଉଛନ୍ତି। ଅନେକ ସମୟରେ ପୋକ ମଧ୍ୟ ଲାଗିଯାଉ ଥିବାରୁ ସଂକ୍ରମଣ ଆଶଙ୍କାରେ ଛାତ୍ରୀମାନେ ରହୁଛନ୍ତି। କିଛି ଛାତ୍ରୀ ସଂକ୍ରମଣର ଶିକାର ହେଉଥିବା ମଧ୍ୟ ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ସାନିଟାରୀ ନାପକିନ୍ ଡିସପୋଜାଲ୍ ପାଇଁ ପର୍ଯ୍ୟାପ୍ତ ମେସିନ୍ ଥିବାବେଳେ କେବଳ ଛାତ୍ରୀଙ୍କ ପାଇଁ ହୋଇଥିବା ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଅତ୍ୟାବଶ୍ୟକ ମେସିନ୍ ନ ରଖିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ସଂକ୍ରମଣ ଆଶଙ୍କାରେ ରହୁଛନ୍ତି ଅନ୍ତେବାସୀ**




ସବୁଠାରୁ ସମ୍ବେଦନଶୀଳ କଥା ହେଉଛି, ମହିଳା ହଷ୍ଟେଲ୍ ୱାର୍ଡେନ୍ ଭାବେ ଜଣେ ପୁରୁଷ ଅର୍ଥାତ୍ ପ୍ରାଧ୍ୟାପକ ବିଭୂଧେନ୍ଦୁ ପତି ଦାୟିତ୍ୱରେ ଅଛନ୍ତି। ତାଙ୍କୁ ଅସୁବିଧା ସମ୍ପର୍କରେ ଅନ୍ତେବାସୀମାନେ ଅଭିଯୋଗ ମଧ୍ୟ କରିପାରୁ ନାହାନ୍ତି। ନିଜେ ୱାର୍ଡେନ୍ ପୁରୁଷ ହୋଇଥିବାରୁ ହଷ୍ଟେଲ୍ ଭିତରକୁ ଯାଇ ତଦାରଖ ମଧ୍ୟ କରିପାରୁ ନାହାନ୍ତି। ମହିଳା ସୁପରିଟେଣ୍ଡେଣ୍ଟଙ୍କୁ ଅଭିଯୋଗ କଲେ ମଧ୍ୟ ଅସହାୟତା ପ୍ରକାଶ କରି କୌଣସି ପଦକ୍ଷେପ ନେଉ ନ ଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ହଷ୍ଟେଲ୍ ୱାର୍ଡେନ୍ ଶ୍ରୀ ପତି କହିଛନ୍ତି ଯେ ବିଏସ୍‌ସି ଗାଡି ପ୍ରତିଦିନ ହଷ୍ଟେଲ୍ ଆସି ବ୍ୟବହୃତ ନାପକିନ୍ ନେଉଛି। ଏଣୁ କୌଣସି ସମସ୍ୟା ହେଉନାହିଁ। ସେ ହଷ୍ଟେଲ୍‌କୁ ଯାଇ ପରିସ୍ଥିତି ଦେଖି ନ ଥିବା ସ୍ୱୀକାର କରିବା ସହ ମହିଳା ସୁପରିଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରିବାକୁ କହିଛନ୍ତି।

## ଆଉ ମାସ କେଇଟା ପରେ ଆରମ୍ଭ ହେବ ନୂତନ ଶିକ୍ଷାବର୍ଷ

# ବାଟିକାରେ ଶିଶୁଙ୍କ ଭବିଷ୍ୟତ ବାଟବଣା

**ବନ୍ତ/ଆଗରପଡ଼ା,୨୩।୧୨(ସମିସ):** ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ, ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକା ପାଠ୍ୟକ୍ରମ ଆରମ୍ଭ ହୋଇଛି। ଉକ୍ତ ଯୋଜନା ଅନୁଯାୟୀ, ଶିଶୁ ବାଟିକାରେ ୫ବର୍ଷର ଶିଶୁଙ୍କ ନାମଲେଖା ଯାଇଛି। ଅଙ୍ଗନବାଡ଼ିରୁ ୫ବର୍ଷ ପୂରଣ କରିଥିବା ଶିଶୁମାନେ ପ୍ରାଥମିକ ବିଦ୍ୟାଳୟକୁ ଯାଇ ନିଜ ନାମ ଲେଖାଇଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଏଠାରେ ନାମ ଲେଖାଇଥିବା ଶିଶୁମାନେ ଏବେ ସ୍କୁଲରେ ଏକ ବର୍ଷ ରହିବା ପରେ ପ୍ରଥମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବେ। ସରକାରଙ୍କ ଏହିଭଳି ନିଷ୍ପତ୍ତି ପରେ ଭଦ୍ରକ ଜିଲ୍ଲା ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ସରକାରୀ ବିଦ୍ୟାଳୟରେ ଅନେକ ଛାତ୍ରଛାତ୍ରୀ ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। କିନ୍ତୁ ସେମାନଙ୍କ ପାଇଁ ବହୁ ବିଦ୍ୟାଳୟରେ ଉନ୍ନତ ଶୈକ୍ଷିକ ବାତାବରଣ ନ ଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବହୁ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଯୋଗୁଁ କେଉଁଠି ୨ଟି ଗୃହରେ ୫ଟି ଶ୍ରେଣୀ ତ ଆଉ କେଉଁଠି ଗୋଟିଏ ଗୃହରେ ୪ଟି ଶ୍ରେଣୀର ପାଠପଢ଼ା ଚାଲିଛି। ଏଭଳି ସ୍ଥିତିରେ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲାମାନେ ମଧ୍ୟ ଆରମ୍ଭରୁ ଶ୍ରେଣୀଗୃହ ସମସ୍ୟାର ସମ୍ମୁଖୀନ ହେଲେଣି। ଗୋଟିଏ ଗୃହରେ ଅନ୍ୟ ଶ୍ରେଣୀର ପିଲାଙ୍କ ସହିତ ବସି ପଢ଼ିବା ଦ୍ୱାରା ସେମାନେ ନୂତନ ଭାବେ ପ୍ରଚଳିତ ଶିକ୍ଷାନୀତିର କ'ଣ ଲାଭ ପାଇପାରିବେ ତାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଇତି ମଧ୍ୟରେ ନୂତନ ଶିକ୍ଷାବର୍ଷକୁ ୯ମାସ ବିତିବାକୁ ବସିଥିଲେ ସୁଦ୍ଧା ବାଟିକାରେ ସେବିକା ନିଯୁକ୍ତି ନେଇ ସ୍ପଷ୍ଟ ଚିତ୍ର ଆସି ନ ଥିବାରୁ ଯୋଜନାର ସଫଳତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ସରକାର ପରିଚାଳନା କମିଟିର କାର୍ଯ୍ୟକାଳର ସମୟସୀମାକୁ ବଢ଼ାଇଥିଲେ ସୁଦ୍ଧା ସେବିକା ନିଯୁକ୍ତି ପାଇ ନ ଥିବାରୁ ଶିଶୁ ବାଟିକାରେ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ଲାଗି ରହିଛି।


ବନ୍ତ ବ୍ଲକ୍‌ରେ ଜାତୀୟ ଶିକ୍ଷାନୀତି ସଫଳତା ନେଇ ପ୍ରଶ୍ନବାଚୀ

ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ, ୫ବର୍ଷର ପିଲାଙ୍କ ଶିଶୁ କାଟିକାରେ ନାମ ଲେଖାଯିବ। ଖେଳକୁଦ ସମେତ ସେମାନଙ୍କ ବୌଦ୍ଧିକ ବିକାଶ ହେବା ନେଇ ପ୍ରଶିକ୍ଷଣ ଦିଆଯିବ। ଏମାନଙ୍କ ତତ୍ତ୍ୱାବଧାରକ ଭାବେ ସେବିକା ନିଯୁକ୍ତି ଦିଆଯିବ। ସେମାନେ ବାଟିକାର ଶିଶୁଙ୍କ ସେବା ଓ ଯତ୍ନ କରିବା ସହ ନାଚଗୀତ ଆଦି ଶିଖାଇବେ। ଶିକ୍ଷାନୀତିରେ ଏହି ସବୁ ନିୟମ ଥିଲେ ସୁଦ୍ଧା ଅଦ୍ୟାବଧି ସେବିକା ନିଯୁକ୍ତି ପାଇନାହାନ୍ତି। ସେବିକା ନିଯୁକ୍ତିରେ ସରକାରଙ୍କ ତରଫରୁ ଯେଉଁ ସବୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି ତାହା ମଧ୍ୟ ସେବିକା ନିଯୁକ୍ତିର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଇତି ମଧ୍ୟରେ ନୂତନ ଶିକ୍ଷାବର୍ଷର ଅଧାରୁ ଅଧିକ ବର୍ଷ ବିତିଯାଇଥିଲେ ସୁଦ୍ଧା ବାଟିକା ପାଇଁ ପ୍ରଚଳିତ କୌଣସି ଗୋଟିଏ ନିୟମ ମଧ୍ୟ ପାଳିତ ହୋଇପାରି ନ ଥିବାରୁ ଉକ୍ତ ଶିକ୍ଷାନୀତିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବନ୍ତ ବ୍ଲକ୍‌ରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ଗତି କରୁଥିବାବେଳେ ସରକାରଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ନୂତନ ଭାବେ ଆରମ୍ଭ ହୋଇଥିବା ଉକ୍ତ ଯୋଜନାର ସଫଳତାକୁ ନେଇ ଶିକ୍ଷାବିତ୍‌ଙ୍କ ସମେତ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ତେଣୁ ଜାତୀୟ ଶିକ୍ଷାନୀତି-୨୦୨୦କୁ ସଫଳ କରିବା ପାଇଁ ଏହାର ନୀତି ଓ ଆଦର୍ଶକୁ ଯଥାଶୀଘ୍ର ପାଳନ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ■ ଡାକ୍ତରବିହୀନ ଆନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର

# ସାମାନ୍ୟ ଥଣ୍ଡା, କାଶର ବି ହୋଇପାରୁନି ଚିକିତ୍ସା

**ଦୋବଲ,୨୩।୧୨(ସମିସ):** ଧାମନଗର ବ୍ଲକ୍ ଆନନ୍ଦପୁର ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୪ ବର୍ଷ ଧରି ସ୍ଥାୟୀ ଏମ୍‌ବିବିଏସ୍ ଡାକ୍ତର ବିନା ଚାଲିଆସୁଛି। ଡେପୁଟେସନରେ ଯାଇଥିବା ଡାକ୍ତର ମିତାଲି ଶ୍ରୀବାସ୍ତବ ମେଡିକାଲକୁ ଫେରି ନ ଥିବାରୁ ସମଗ୍ର ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥା ଭାଙ୍ଗି ପଡ଼ିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କେବଳ ଆନନ୍ଦପୁର ପଞ୍ଚାୟତ ନୁହେଁ, ବରଂ ଭଣ୍ଡାରିପୋଖରୀ ବ୍ଲକ୍‌ର ଖୋଳମପୁର ପଞ୍ଚାୟତ ଓ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍‌ର ତଳିହା ପଞ୍ଚାୟତର ପ୍ରାୟ ୫ ହଜାରରୁ ଅଧିକ ଲୋକ ନିର୍ଭର କରିଥା'ନ୍ତି। ଡାକ୍ତର ନ ଥିବାରୁ ସାଧାରଣ ଜ୍ୱର, କାଶ, ଡାଇରିଆ, ଛୋଟମୋଟ ଦୁର୍ଘଟଣା ମଧ୍ୟ ଏଠାରେ ଚିକିତ୍ସା ହୋଇପାରୁ ନାହିଁ।




● ୪ ବର୍ଷ ହେଲା ଡେପୁଟେସନରେ ଯାଇଛନ୍ତି ଏମ୍‌ବିବିଏସ୍ ଡାକ୍ତର
● ଜଣେ ମାତ୍ର ଆୟୁଷ ଡାକ୍ତର କାର୍ଯ୍ୟରତ

୧୯୮୯ ମସିହାରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ଜଣେ ମାତ୍ର ଆୟୁଷ ଡାକ୍ତରଙ୍କ ଭରସାରେ ଚାଲୁଛି। ଆପାତ୍‌କାଳୀନ ସ୍ଥିତିରେ ରୋଗୀମାନେ ମେଡିକାଲକୁ ଆସି ନିରାଶ ହୋଇ ଫେରୁଛନ୍ତି। ଫଳରେ ରୋଗୀମାନେ ବାଧ୍ୟ ହୋଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କରୋନା ପୂର୍ବରୁ ଏଠାରେ ଏମ୍‌ବିବିଏସ୍ ଡାକ୍ତର ମିତାଲି ଶ୍ରୀବାସ୍ତବ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ଓ ଲୋକେ ତାଙ୍କ ଉପରେ ନିର୍ଭର କରୁଥିଲେ। କିନ୍ତୁ କରୋନା ସମୟରେ ସେ ଡେପୁଟେସନରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ତାଙ୍କ ପରେ କୌଣସି ବ୍ୟବସ୍ଥା ନ ହେବାରୁ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ବିହୀନ ହୋଇ ରହିଛି। ସରକାର 'ସୁସ୍ଥ ଓଡ଼ିଶା'ର ନାରା ଦେଉଥିବାବେଳେ ତିନିଟି ପଞ୍ଚାୟତର ସୀମାନ୍ତ ଅଞ୍ଚଳରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଅବହେଳା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସ୍ଥାନୀୟ ବାସିନ୍ଦା ସୁଧାକର ସେଠୀ କହିଛନ୍ତି, ଡାକ୍ତର ନ ଥିବାରୁ ଗରିବ ଲୋକେ ସବୁଠାରୁ ଅଧିକ ପ୍ରଭାବିତ। ଯଦି ଶୀଘ୍ର ଏଠାରେ ଜଣେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଆନନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ମନ୍ମୟ ସାମନ୍ତସିଂହାରଙ୍କୁ ପଚାରିବାରୁ କୁହନ୍ତି, ମେଡିକାଲରେ ଡାକ୍ତର କମ୍ ଥିବାରୁ ମିତାଲି ଶ୍ରୀବାସ୍ତବଙ୍କୁ ଡେପୁଟେସନରେ ରଖାଯାଇଛି। ତେବେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ଯେ ଶ୍ରୀବାସ୍ତବଙ୍କୁ ଶୀଘ୍ର ମୂଳ ସ୍ଥାନକୁ ଫେରାଇ ଆଣିବାକୁ।

# ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା !

**ଭଦ୍ରକ,୨୩।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ବାଲିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଣେ ୧୧ ବର୍ଷୀୟା ନାବାଳିକାକୁ ନିର୍ମମ ଭାବେ ହତ୍ୟା କରି ଫିଙ୍ଗିଦେଇଥିବା ଘଟଣା ଘଟିଛି। ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ହୋଇଥିବା ସନ୍ଦେହ କରାଯାଉଛି। ଏନେଇ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।


ଟାୟାର ଜାଳି ରାସ୍ତା ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ୭ଟାବେଳେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ନିଛାଟିଆ ସ୍ଥାନରେ ଜନୈକା ନାବାଳିକାର ମୃତଦେହ ପଡ଼ିଥିବା ଦେଖି କିଛି ଲୋକ ବିସ୍ମିତ ହୋଇ ପୁଲିସକୁ ସୂଚନା ଦେଇଥିଲେ। ନାବାଳିକାକୁ ଦୁଷ୍କର୍ମ କରି ଅନ୍ଧାର ଭିତରେ ଏକ ବୁଦାଳିଆ ସ୍ଥାନରେ ପରିତ୍ୟକ୍ତ ଅବସ୍ଥାରେ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି। ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ହଜାର ହଜାର ଲୋକଙ୍କ ଭିଡ଼ ଜମା ହୋଇଯିବା ସହ ଚାନ୍ଦବାଲି ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଚାନ୍ଦବାଲି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ଆଣାଯାଇଛି। ସକାଳୁ ନାବାଳିକା ଜଣକ ନିଖୋଜ ଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରିବା ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାରୋକ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଟାୟାର ଜାଳି ପ୍ରତିବାଦ ଜାରି ରଖିଛନ୍ତି। ଏଡିପିଓ ତ୍ରିଲୋଚନ ସେଠୀ, ଚାନ୍ଦବାଲି ଆଇଆଇସି ପରେଶ ମହାନ୍ତି ଓ ପୁଲିସ ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରୁଛନ୍ତି।

# ଉଗ୍ରରୂପ ନେଉଛି କିନ୍ନରଙ୍କ ବିବାଦ; ଥାନା ସାମ୍ନାରେ ହୋ-ହଲ୍ଲା

**ଭଦ୍ରକ,୨୩।୧୨(ସମିସ):** ଭଦ୍ରକରେ ଭୟଙ୍କର ହେବାରେ ଲାଗିଛି କିନ୍ନରଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ। ସୋମବାର କିନ୍ନରଙ୍କ ଏକ ଗୋଷ୍ଠୀ ଭଦ୍ରକ ଟାଉନ୍ ଥାନାରେ ପହଞ୍ଚି ଶାନ୍ତିପୂର୍ଣ୍ଣ ଭାବେ ଅନ୍ୟ ଏକ ଗୋଷ୍ଠୀ କିନ୍ନରଙ୍କ ବିରୋଧରେ ଅଭିଯୋଗ ଦାୟର କରିଥିବାବେଳେ ମଙ୍ଗଳବାର ଅପରପକ୍ଷର କିନ୍ନରମାନେ ଭଦ୍ରକ ଟାଉନ୍ ଥାନାରେ ପହଞ୍ଚି ହୋ-ହଲ୍ଲା କରିଛନ୍ତି। ଏପରିକି ୪ ଜଣ କିନ୍ନରଙ୍କୁ ଉଠାଇ ଆଣି ଥାନାରେ ପହଞ୍ଚାଇବା ସହିତ ସେମାନେ ବାଂଲାଦେଶୀ ବୋଲି ଅଭିଯୋଗ କରିବା ସହିତ ଏହି ୪ ଜଣ ସୋମବାର ଅଭିଯୋଗ କରିଥିବା ଜଣେ କିନ୍ନରଙ୍କ ଗୋଷ୍ଠୀର ବୋଲି ନାରାବାଜି କରିଛନ୍ତି।

ଘଟଣା ଅନୁଯାୟୀ, ଭଦ୍ରକରେ ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଏବେ ଉଗ୍ର ହେବାରେ ଲାଗିଛି। ନିଜ ନିଜର ଗୋଷ୍ଠୀକୁ ଅଧିକ ଶକ୍ତିଶାଳୀ କରିବାକୁ ରାଜନୈତିକ ଓ ଅର୍ଥ ଚାପ ପକାଇ କିନ୍ନରମାନଙ୍କୁ ନିଜ ନିଜ ଗୋଷ୍ଠୀରେ ସାମିଲ୍ କରିବାକୁ ଚାଲିଛି ଛକପଞ୍ଝା। ଯାହାକୁ ନେଇ ସୋମବାର କିନ୍ନର ସଞ୍ଜନା ନିଜର ସହଯୋଗୀଙ୍କ ସହ ଟାଉନ୍ ଥାନାରେ ପହଞ୍ଚି ଶ୍ରାବଣୀ କିନ୍ନର ଓ ସେମାନଙ୍କ ସହଯୋଗୀଙ୍କ ନାମରେ ଅଭିଯୋଗ କରିଥିଲେ। ସେମାନଙ୍କ ସହଯୋଗୀମାନଙ୍କୁ ଜୋର୍‌ଜବରଦସ୍ତ ଅସାମାଜିକ କାର୍ଯ୍ୟରେ ଲିପ୍ତ କରାଇବା ଓ ଗୋଷ୍ଠୀ ପରିବର୍ତ୍ତନ କରିବାକୁ ବାଧ୍ୟ କରାଇବାକୁ ଅପରପକ୍ଷରୁ ଜୋର୍‌ଜବରଦସ୍ତ କରାଯାଉଥିବାକୁ ନେଇ ଅଭିଯୋଗ କରିଥିଲେ ସଞ୍ଜନା। ତେବେ ଅଭିଯୋଗର ୨୪ ଘଣ୍ଟା ନ ପୂରୁଣୁ କିନ୍ନର ଶ୍ରାବଣୀ ମଙ୍ଗଳବାର ସେମାନଙ୍କ ସହଯୋଗୀମାନଙ୍କୁ ଧରି ଟାଉନ୍ ଥାନାରେ ପହଞ୍ଚି ନାରାବାଜି ପ୍ରଦର୍ଶନ କରିଛନ୍ତି। ସାଙ୍ଗରେ ୪ ଜଣ କିନ୍ନରଙ୍କୁ ଆଣି ଟାଉନ୍ ଥାନାରେ ପହଞ୍ଚାଇବା ସହିତ ସେମାନେ ବାଂଲାଦେଶୀ ବୋଲି ଅଭିଯୋଗ କରାଯାଇଛି। ଏହି ୪ ଜଣ କିନ୍ନର ବାଂଲାଦେଶୀ ନୁହନ୍ତି ବରଂ ପଶ୍ଚିମବଙ୍ଗର ବୋଲି କହିଛନ୍ତି। ଅନ୍ୟପଟେ ପୁଲିସ ଘଟଣାକୁ ନେଇ ତଦନ୍ତ ଚଳାଇଛି। ଦୁଇ ଗୋଷ୍ଠୀ କିନ୍ନର ପୁଲିସ ସାମ୍ନାରେ ଥାନା ଆଗରେ ହଙ୍ଗାମା କରିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।



# ୪ର୍ଥ ଦିନରେ ଆଶା ଦିଦିଙ୍କ ଧାରଣା



**ବାରିକପୁର,୨୩।୧୨(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦିନକୁ ଦିନ ଅଚଳାବସ୍ଥା ବୃଦ୍ଧି ପାଉଥିବା ଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ପାଖାପାଖି ଦୁଇ ତିନି ମାସ ଧରି ମେଡିକାଲଟି ଅଶାନ୍ତ ଅବସ୍ଥାରେ ଗତି କରୁଛି। କର୍ମଚାରୀ ଗୋଷ୍ଠୀକରଣ ଭିତରେ ପ୍ରଥମେ ମେଡିକାଲ ଅଧିକାରୀଙ୍କ ବଦଳି ପ୍ରସଙ୍ଗକୁ ନେଇ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ଅଧିକାରୀଙ୍କ ବଦଳି ପରେ କିଛି ମାତ୍ରାରେ ମେଡିକାଲଟି ସ୍ୱାଭାବିକ ଅବସ୍ଥାକୁ ଫେରିଥିବାବେଳେ ବିପିଏମ୍ ବଦଳି ପ୍ରସଙ୍ଗରେ ଆଶା ଦିଦିମାନେ ୪ଦିନ ହେବ ଧାରଣା ଦେଇଛନ୍ତି।

ଏଠାରେ ଥିବା ବିପିଏମ୍ ରଶ୍ମିରେଖା ପୃଷ୍ଟିଙ୍କୁ କିଛିଦିନ ପୂର୍ବରୁ ତିହିଡ଼ି ମେଡିକାଲକୁ ବଦଳି କରାଯାଇଥିଲା। ବିବାଦ ଯୋଗୁଁ ସେଠାରେ ସେ କାର୍ଯ୍ୟରେ ଯୋଗଦେଇପାରି ନ ଥିଲେ। ପୁଣି ତାଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବସ୍ଥାପିତ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ତେଣୁ ଏହାକୁ କାର୍ଯ୍ୟରତ ଆଶାକର୍ମୀମାନେ ତୀବ୍ର ବିରୋଧ କରିଛନ୍ତି। ଫଳସ୍ୱରୂପ ୪ଦିନ ଧରି ଆଶା ଦିଦିମାନେ ମେଡିକାଲ ପରିସରରେ ଧାରଣା ଦେଇଛନ୍ତି। ମଙ୍ଗଳବାର ବିଜେପି ନେତା ବଦ୍ରିନାରାୟଣ ଧଳ ଓ ମଣ୍ଡଳ ସଭାପତି ତରଣୀସେନ ଜେନା ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ଆଶାକର୍ମୀଙ୍କ ସହିତ ଆଲୋଚନା କରିଛନ୍ତି। ଏପରିକି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ଆଲୋଚନା ମଧ୍ୟ କରିଥିବା ଜଣାପଡ଼ିଛି। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଧାରଣାରତ ଆଶାକର୍ମୀଙ୍କ ସହିତ ଆଲୋଚନା କରିଥିବାବେଳେ ବୁଧବାର ସେମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ୍ କରିବେ ବୋଲି ସୂଚନା ମିଳିଛି।

# ଏବିଭିପିର ୫୦ତମ ରାଜ୍ୟ ଅଧିବେଶନ ଉଦ୍‌ଘାଟିତ

**ଭଦ୍ରକ,୨୩।୧୨(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ପୂର୍ବ ପ୍ରାନ୍ତର ୫୦ତମ ରାଜ୍ୟ ଅଧିବେଶନ ମଙ୍ଗଳବାର ଭଦ୍ରକ ଜିଲ୍ଲାର ଐତିହାସିକ ରକ୍ତତୀର୍ଥ ଇରମ ନଗରରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଏବିଭିପିର ରାଷ୍ଟ୍ରୀୟ ସହସଂଗଠନ ସମ୍ପାଦକ ଗୋବିନ୍ଦ ନାୟକ, ଶିକ୍ଷାବିତ୍ ଡ. ପ୍ରଭାସ ପ୍ରଶାନ୍ତ ମହାନ୍ତି, ଶରତ ପଢ଼ିଆରୀ, ନବ ନିର୍ବାଚିତ ରାଜ୍ୟ ସଭାପତି ଡ. ଦେବେଶ ଶଙ୍କର ହୋତା ଓ ପୁନଃ ନିର୍ବାଚିତ ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ମଞ୍ଚାସୀନ ଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ୍ ପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସୂରଜ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଭଦ୍ରକ ମାଟି ଐତିହାସିକ ବଳିଦାନ ଓ ଦେଶଭକ୍ତିର ପ୍ରତୀକ। ଏହି ପବିତ୍ର ଭୂମିରେ ଏବିଭିପିର ରାଜ୍ୟ ଅଧିବେଶନ ଆୟୋଜନ ହେବା ଭଦ୍ରକ ପାଇଁ ଗର୍ବର ବିଷୟ। ତାଙ୍କ ବକ୍ତବ୍ୟରେ 'ବନ୍ଦେ ମାତରମ୍'ର ୧୫୦ତମ ଜୟନ୍ତୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ, ଜନଜାତି ଗୌରବ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଓ ବୀର ସହିଦ୍ ବାଜି ରାଉତଙ୍କ ୧୦୦ତମ ଜୟନ୍ତୀକୁ ସ୍ମରଣ କରି ଏହାକୁ ଜାତୀୟ ଚେତନା ପାଇଁ ଗର୍ବର ବିଷୟ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଆର୍‌ଏସ୍‌ଏସ୍‌ର ୧୦୦ତମ ବର୍ଷ ପୂର୍ତ୍ତି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ପଦ୍ମଶ୍ରୀ ଦାସ ତାଙ୍କ ଉଦ୍‌ବୋଧନରେ ଶିକ୍ଷାକୁ ମୂଲ୍ୟବୋଧ, ସଂସ୍କୃତି ଓ ଜାତୀୟ ଦାୟିତ୍ୱ ସହ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ଧନ୍ୟବାଦ ଜଣାଇଥିଲେ।




# ଗୋରୁ ଗାଡ଼ି ଜବତ; ୭ ଗୋରୁ ଉଦ୍ଧାର

**ଧାମନଗର,୨୩।୧୨(ସମିସ):** ଧାମନଗର ଥାନା ଅଧୀନସ୍ଥ ୧୬ନଂ ଜାତୀୟ ରାଜପଥ ବାରିକପୁର ଓଭର୍‌ବ୍ରିଜ୍ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ପାଣିକୋଇଲି ରଗଡ଼ା ନିକଟରୁ ୭ଟି ଗୋରୁ ବୋଝେଇ କରି କୋଲକାତା ଅଭିମୁଖେ ଯାଉଥିଲା। ଭଦ୍ରକର ଗୋ-ରକ୍ଷକ କମିଟିର ସଦସ୍ୟମାନେ କୌଣସି ଏକ ବିଶେଷ ସୂତ୍ରରୁ ଖବର ପାଇ ଗାଡ଼ିଟିକୁ ବାରିକପୁର ନିକଟରେ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗାଡ଼ି ଚାଳକ ଗାଡ଼ି ନ ଅଟକାଇ ଜୋର୍‌ଜବରଦସ୍ତି ଗାଡ଼ିଟିକୁ ନେଇ ପଳାଇବାକୁ ଚେଷ୍ଟା କରିବାରୁ ଗୋ-ରକ୍ଷକ ସଦସ୍ୟମାନେ ଧାମନଗର ଥାନାକୁ ଖବର ଦେଇଥିଲେ। କିଛି ସମୟ ବ୍ୟବଧାନ ମଧ୍ୟରେ ଧାମନଗର ଥାନା ସବ୍‌ଇନ୍ସପେକ୍ଟର ମହେଶ୍ୱର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନା ପରିସ୍ଥିତିକୁ ଆୟତ କରି ବୁଝାସୁଝା କରିବା ପରେ ଶାନ୍ତ ପଡ଼ିଥିଲା। ପୁଲିସ ଦ୍ୱାରା ୭ଟି ଗୋରୁକୁ ଉଦ୍ଧାର କରି ଭଦ୍ରକ ଗୋଶାଳାରେ ଛଡ଼ାଯାଇଛି। ପରେ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ଟିକୁ ଜବତ କରି ଥାନାକୁ ନେଇଥିବାବେଳେ ଉକ୍ତ ଘଟଣାର ତଦନ୍ତ କରି ମାମଲା ରୁଜୁ କରାଯିବ ବୋଲି ଆଇଆଇସି ରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଭଦ୍ରକ,୨୩।୧୨(ସମିସ):** ମଙ୍ଗଳବାର ସକାଳେ ଭଦ୍ରକ ରେଳବାଇ ପୁଲିସ(ଜିଆର୍‌ପି) ପକ୍ଷରୁ ଭଦ୍ରକ ରେଳ ଷ୍ଟେସନ ଅନତିଦୂର ବାଉଦପୁର ଓ କପାଳୀ ରୋଡ୍ ଷ୍ଟେସନ ମଝି ରେଳ ଧାରଣା(ଡାଉନ୍)ରେ ଜଣେ ଅଜଣା ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ବୟସ ପାଖାପାଖି ୩୮ ବର୍ଷ ହେବ। ସେ ଏକ ଜିନ୍ସ ପ୍ୟାଣ୍ଟ, ଚେକ୍ ସାର୍ଟ ଓ ଜ୍ୟାକେଟ୍ ପରିଧାନ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ଦୁଇଗୋଡ଼ ଟ୍ରେନ୍‌ରେ କଟି ଯାଇଥିବା ଜଣାଯାଇଛି। ମଙ୍ଗଳବାର ସକାଳୁ ଏହି ଅଜଣା ଯୁବକଙ୍କ କ୍ଷତାକ୍ତ ମୃତଦେହକୁ ଭଦ୍ରକ ରେଳବାଇ ପୁଲିସ ଉଦ୍ଧାର କରି ଘଟଣାରେ ଏକ ଅପମୃତ୍ୟୁ ମାମଲା(ନଂ-୯୫/୨୫) ରୁଜୁ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି।

# ବିଏମ୍ ପବ୍ଲିକ୍ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ




**ଭଦ୍ରକ,୨୩।୧୨(ସମିସ):** ସ୍ଥାନୀୟ ହଳଦିଡିହସ୍ଥିତ ବିଏମ୍ ପବ୍ଲିକ ସ୍କୁଲରେ ୧୧ ତମ ବାର୍ଷିକ ଉତ୍ସବ 'ଓଭରତେ ସୀତାରେ' କାର୍ଯ୍ୟକ୍ରମ ଅଧ୍ୟକ୍ଷ ଶେଖ୍ ଅଜିଜୁଲ୍ଲା କାଦରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଦ୍ୱିତୀୟ ଦିନର ଅତିଥି ଭାବେ ସେଣ୍ଟ୍ରାଲ ରେଞ୍ଜ ଡିଆଇଜି ସୈତାଜିତ୍ ନାୟକ, ଇଣ୍ଡିଆନ ଆର୍ମୀ ରେଞ୍ଜ ସୁରେଶ ଶର୍ମା ଓ ତୃତୀୟ ତଥା ଶେଷ ଦିନର ଅତିଥି ଭାବେ ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ପାରା ଆଥ୍‌ଲେଟ୍ ରାଖାଲ କୁମାର ସେଠୀ ଓ ବାୟୁସେନା ଜେନେରାଲ ସେକ୍ରେଟାରୀ ଅଶୋକ କୁମାର ଲେଙ୍କା ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ଏବଂ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ ଏବଂ ସମସ୍ତ ଅତିଥିଙ୍କୁ ଫୁଲତୋଡ଼ା ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷାରେ ସୁନାମ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ଉପସ୍ଥିତ ଥିଲେ। ୩ ଦିନ ଧରି କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ ବିପ୍ଳବ ବିଶ୍ୱାସ, ମିର୍ଜା ଇସ୍ତିୟାକ, ମଲିକ ନିକୁଞ୍ଜ ବିହାରୀ, ସ୍ୱାନା କାଦରୀ, ଖାଲେଦା ଖାତୁନ, ଜିନ୍ନତ ୟାସ୍ମିନ, ଗୁଲଅଫସା କାଦରୀ, ନନ୍ନି ଖାତୁନ, ଆଫରୀନ କାଦରୀ, ପରମିନା ସୁଲତାନା, ହଲିମା କାଦରୀ, ୱାହିଦା ରହେମାନ ଓ ସୁମିତ୍ରା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ଓ ଭାରତରୁ ବାଂଲାଦେଶୀ ଉଚ୍ଛେଦ ଦାବି

**ଭଦ୍ରକ,୨୩।୧୨(ସମିସ):** ବାରମ୍ବାର ବାଂଲାଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିବାବେଳେ ସବୁ ସୀମା

## ଭଦ୍ରକ ରଷ୍ଟ୍ରବାଦୀ ଯୁବକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଲଂଘି ଜନୈକ ହିନ୍ଦୁ ଗରିବ ଯୁବକଙ୍କୁ ହତ୍ୟା କରି ଜାଳି ଦିଆଯାଇଛି। ଏନେଇ ସମଗ୍ର ଭାରତ ସହିତ ଅନ୍ୟାନ୍ୟ ଦେଶରେ ବାଂଲାଦେଶକୁ ଘୋର୍ ନିନ୍ଦା କରାଯାଇଛି। ବାଂଲାଦେଶୀମାନେ ଆସି ଭାରତରେ ବ୍ୟବସାୟ କରୁଥିବାବେଳେ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ସୀମା ଲଂଘିଛି। ଏ ନେଇ ମଙ୍ଗଳବାର ରାଷ୍ଟ୍ରବାଦୀ ଯୁବକ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ସୁରକ୍ଷା ସହିତ ଭାରତରୁ ରୋହିଙ୍ଗ୍ୟା ବାଂଲାଦେଶୀଙ୍କୁ ଉଚ୍ଛେଦ କାର୍ଯ୍ୟ ଜୋର୍‌ଦାର କରାଯାଉ। ଏହାଛଡ଼ା ଭଦ୍ରକ ଜିଲ୍ଲାରେ ଥିବା ବାଂଲାଦେଶୀଙ୍କୁ ଏକ ସ୍କ୍ୱାଡ୍ ଗଠନ କରାଯାଇ ଅଧିକାରୀଙ୍କ ଜରିଆରେ ସାପ୍ତାହିକ ରୁଟିନ୍ ମୁତାବକ ଭୋଟର ପରିଚୟ ଓ ଆଧାର କାର୍ଡ ଯାଞ୍ଚ କରାଯିବା ସହିତ ଭଡ଼ା ଘର ଉପରେ ଜୋର୍‌ଦାର ଚଢ଼ଉ କରାଯାଉ। ଏନେଇ ଦଣ୍ଡବିଧାନର ବ୍ୟବସ୍ଥା କରାଯିବା ନେଇ ମଧ୍ୟ ଦାବି କରାଯାଇଛି। ବାଂଲାଦେଶ ଭାଲୁକା ଅଞ୍ଚଳରେ ଜଣେ ଶ୍ରମିକ ଦିପୁ ଚନ୍ଦ୍ର ଦାସଙ୍କୁ ହିନ୍ଦୁ ହୋଇଥିବାରୁ ଜବରଦସ୍ତ ଧର୍ମ ପରିବର୍ତ୍ତନ କଥା ନେଇ ଶେଷରେ ସ୍ପଷ୍ଟ ଦିବାଲୋକରେ ଅତି ନିର୍ମମ ଭାବେ ପିଟିପିଟି ହତ୍ୟା କରି ଗଛରେ ଟାଙ୍ଗି ନିଆଁରେ ଜଳେଇ ସାମାଜିକ



ଗଣମାଧ୍ୟମରେ ଛାଡ଼ି ଏଭଳି ହିନ୍ଦୁଙ୍କ ଅବସ୍ଥା ହେବ କହିବା ଏକ ଅଣସାମ୍ବିଧାନିକ ରାଷ୍ଟ୍ରର ପରିଚୟ ଦେଇଛନ୍ତି। ରାଷ୍ଟ୍ର ମୁଖ୍ୟ ପ୍ରଶାସକ ମହମ୍ମଦ ୟୁନୁଷ ଙ୍କ ଶାସନରେ ସେଠାରେ ପୋଲିସ ଥାଇ ମଧ୍ୟ ଜିହାଦୀ ଙ୍କୁ ଦେଇ ହତ୍ୟା କରାଇବା ଘଟଣାରୁ ସ୍ପଷ୍ଟ ଭାବେ ଗଣମାଧ୍ୟମରେ ଏହା ସର୍ବ ଜ୍ଞାତରେ କରାଯାଇଥିଲା ବୋଲି କୁହାଯାଉଛି। ଏ ନେଇ ଭାରତ ସରକାର ମଧ୍ୟ ଆକ୍ସନ ମୁଡ୍ ଆସିଥିଲେ ମଧ୍ୟ ତୁରନ୍ତ ହିନ୍ଦୁ ସୁରକ୍ଷା ଏବଂ ବାଂଲାଦେଶ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ଏହାଛଡ଼ା ବ୍ୟବସାୟ ଆଳରେ ଆସି ଦେଶର ବିଭିନ୍ନ ରାଜ୍ୟରେ ସମ୍ପର୍କରେ ରହି ଅନେକ କିଛି ବେଆଇନ କାର୍ଯ୍ୟରେ ଲିପ୍ତ ରହି ଅସାମାଜିକତା ସୃଷ୍ଟି କରୁଛନ୍ତି। ତା'ପରେ ଭାରତ ଛାଡ଼ି ପଳାଉଛନ୍ତି, ଚୋରି ଡକାୟତି, ଲଭ୍ ଜିହାଦ, ଜମି ଦଲାଲି ଭଳି କାର୍ଯ୍ୟରେ ନିୟୋଜିତ ହୋଇ ଚାଲିଛନ୍ତି। ଭଦ୍ରକରେ ରହୁଥିବା ବହୁ ବାସିନ୍ଦାଙ୍କ ମୋଟା ଅର୍ଥ ଦେଇ ରହିବା ସହିତ ବେପାର କରିବା ଆଳରେ ଦେଶବିରୋଧୀ ତତ୍ତ୍ୱ ଅନୁସନ୍ଧାନ କରୁଛନ୍ତି। ଏନେଇ ଓଡ଼ିଶାରେ ତଥା ଭଦ୍ରକରେ ମଧ୍ୟ ଗୁରୁତ୍ୱର ସହିତ ଏହି ଅଭିଯୋଗକୁ ଗ୍ରହଣ କରି ତୁରନ୍ତ ବାଂଲାଦେଶୀଙ୍କୁ ହଟାଇବା ପାଇଁ ଦାବି କରାଯାଇଛି। ସଂଘ ପକ୍ଷରୁ ଜ୍ଞାନ ପ୍ରକାଶ ପାଣି, ରବୀନ୍ଦ୍ର ସାହୁ ଓ ଆଶିଷ ବାରିକଙ୍କ ନେତୃତ୍ୱରେ ଜୟ ପ୍ରକାଶ ଦାସ, ମାନସ ପଣ୍ଡା, ଜୟ ଜଗନ୍ନାଥ ମଲ୍ଲିକ, ପ୍ରମୋଦ ଦାସ, ସଞ୍ଜୟ ଦାସ ପ୍ରମୁଖ ଶତାଧିକ ସଦସ୍ୟ ସାମିଲ୍ ହୋଇ ୟୁନୁଷଙ୍କ ଫଟୋକୁ ନିଆଁ ଲଗାଇ ଜାଳିଥିଲେ।

## ସମ୍ବଲପୁରରେ ଭିଭିସ୍ୱା ୱାର୍ଲ୍ଡ ସ୍କୁଲ ଉଦ୍‌ଘାଟିତ

# ସାକ୍ଷରତାରୁ ଊର୍ଦ୍ଧ୍ୱକୁ ଯାଇ 'ଜ୍ଞାନ ଆଧାରିତ ଅର୍ଥନୀତି' ତିଆରି କରିବା:ଧର୍ମେନ୍ଦ୍ର

**ସମ୍ବଲପୁର,୨୩।୧୨(ସମିସ):**

ସମ୍ବଲପୁର ଜିଲ୍ଲାରେ ସାକ୍ଷରତାରୁ ଊର୍ଦ୍ଧ୍ୱକୁ ଯାଇ 'ଜ୍ଞାନ ଆଧାରିତ ଅର୍ଥନୀତି' ତିଆରି କରିବା ଆମର ମୂଳ ଲକ୍ଷ୍ୟ ବୋଲି ମଙ୍ଗଳବାର ସମ୍ବଲପୁରର ଭାଲୁକୁଣ୍ଡାଠାରେ ନବନିର୍ମିତ "ଭିଭିସ୍ୱା ୱାର୍ଲ୍ଡ ସ୍କୁଲ'କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ,ଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟିକୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର ପଶ୍ଚିମାଞ୍ଚଳର ଏହି ପ୍ରାଣକେନ୍ଦ୍ରରେ ଶିକ୍ଷାର ଏକ ନୂତନ ଅଧ୍ୟାୟ ଆରମ୍ଭ ହେବା ସମଗ୍ର ରାଜ୍ୟର ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହେବ। ବର୍ତ୍ତମାନ ସମୟରେ ଏଆଇ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି ନୂଆ ରୂପ ନେଉଥିବା ବେଳେ ଆମର ମୂଳ ଲକ୍ଷ୍ୟ ହେଉଛି, ସାକ୍ଷରତାର ସୀମା ଅତିକ୍ରମ କରି ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' ଗଠନ କରିବା, ଯେଉଁଥିରେ ଏହି ଅନୁଷ୍ଠାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏ ଦିଗରେ ଭିଭିସ୍ୱା ଭଳି ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ସାରା ଦୁନିଆର ପ୍ରଗତିର ମୂଳମନ୍ତ୍ର ହେଉଛି ଭାଷା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ 'ଜାତୀୟ ଶିକ୍ଷା ନୀତି-୨୦୨୦' ଅନୁଯାୟୀ ଭାରତୀୟତା ଏବଂ ମାତୃଭାଷାକୁ ପ୍ରାଧାନ୍ୟ ଦେଇ ଆମର ନୂତନ ପିଢ଼ିର ସର୍ବାଙ୍ଗୀନ ବିକାଶ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ସମ୍ବଲପୁରକୁ ଶିକ୍ଷା ଓ ବୈଷୟିକ କ୍ଷେତ୍ରରେ ଷ୍ଟାନଫୋର୍ଡ ଏବଂ ସିଲିକନ ଭ୍ୟାଲିଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ ଭାବେ ଗଢ଼ିତୋଳିବା ମୁଖ୍ୟ ଲକ୍ଷ୍ୟ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ମାତୃଭାଷାକୁ ଅଗ୍ରାଧିକାର ଦେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'କ୍ରିଟିକାଲ ଥିଙ୍କିଂ'ର ବିକାଶ କରିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଶ୍ରୀ ପ୍ରଧାନ ସ୍କୁଲ ପରିଦର୍ଶନ କରିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟ କ୍ଲାସ ରୁମ, ଲ୍ୟାବ, ଖେଳ ପଡ଼ିଆ ବୁଲି ଦେଖିଥିଲେ। ଭିଭିସ୍ୱା ୱାର୍ଲ୍ଡ ସ୍କୁଲ ଅଧ୍ୟକ୍ଷା ଦେବଶ୍ରୀ ଦେବଜାନୀ ପାନସାରୀ କହିଛନ୍ତି, ଭିଭିସ୍ୱାରେ ଆମେ ବିଶ୍ୱାସ କରୁ ଯେ ଶିକ୍ଷା ପାଠ୍ୟପୁସ୍ତକ ଅତିକ୍ରମ କରିବା ଉଚିତ। ଆମର ଦୃଷ୍ଟିକୋଣ ହେଉଛି ଏକ ଏପରି ଶିକ୍ଷଣ ପରିବେଶ ସୃଷ୍ଟି କରିବା ଯେଉଁଠାରେ ଶିଶୁମାନେ ଆତ୍ମବିଶ୍ୱାସୀ, କରୁଣାମୟ ଏବଂ ଦାୟିତ୍ୱବାନ୍ ବ୍ୟକ୍ତି ଭାବେ ବଢ଼ନ୍ତି, କେବଳ ଜ୍ଞାନ ନୁହେଁ ବରଂ ସାରା ଜୀବନ ସେମାନଙ୍କୁ ପଥପ୍ରଦର୍ଶନ କରୁଥିବା ଦୃଢ଼ ମୂଲ୍ୟବୋଧ ସହିତ ସୁସଜ୍ଜିତ ହୋଇଥାନ୍ତି। ଭିଭିସ୍ୱା ୱାର୍ଲ୍ଡ ସ୍କୁଲ ହେଉଛି କ୍ୟୁରିଅସ କବ୍ସ ପ୍ରିସ୍କୁଲର ଏକ ଉଦ୍ୟୋଗ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଦେବଶ୍ରୀ ଦେବଜାନୀ ପାନସାରୀ, ପ୍ରତିଷ୍ଠାତା ସରାଂଶ ପାନସାରୀ, ରମେଶ ଏଜୁକେସନ ଫାଉଣ୍ଡେସନ୍ ନିର୍ଦ୍ଦେଶକ ରୀତା ପାନସାରୀ ଓ ରମେଶ ଅଗ୍ରୱାଲ ଏବଂ ସହପ୍ରତିଷ୍ଠାତା ରାହୁଲ ଅଗ୍ରୱାଲ ଓ ଖୁସବୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



## ପଶ୍ଚିମ ଓଡ଼ିଶାର ସମସ୍ତ ଚାଷୀଙ୍କୁ ଟୋକନ ଦାବି

**ସମ୍ବଲପୁର, ୨୩।୧୨ (ସମିସ):** ପଶ୍ଚିମ ଓଡ଼ିଶାର ସମସ୍ତ ଚାଷୀଙ୍କୁ ଟୋକନ ଦେବାସହ ବିନା କଟ୍‌ନିଛଟ୍‌ନିରେ ଧାନ କିଣିବାକୁ ଦାବି କରିଛି ଆମ୍ ଆଦମୀ ପାର୍ଟି (ଆପ୍)। ମଙ୍ଗଳବାର ପୂର୍ବାହ୍ଣରେ ଆପ୍ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହାପରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆର୍‌ଡିସିଙ୍କ ଅନୁପସ୍ଥିତିରେ ତାଙ୍କ ସଚିବ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ଅନୁଯାୟୀ, ଚଳିତ ଖରିଫ ଋତୁରେ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ମୁଖ୍ୟତଃ ପଶ୍ଚିମ ଓଡ଼ିଶାରେ ଚାଷୀଙ୍କ ଧାନ କିଣାରେ ସରକାରଙ୍କ ପକ୍ଷରୁ ସେଭଳି ସକ୍ରିୟତା ଦେଖାଯାଉନାହିଁ। ବର୍ତ୍ତମାନ ସୁଦ୍ଧା ୫୦%ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଖକୁ ଟୋକନ ଆସିନଥିବାରୁ ଚାଷୀମାନେ ଏବେ ଚିନ୍ତାରେ ରହୁଛନ୍ତି। ଯେଉଁମାନଙ୍କ ଟୋକନ ଆସିଛି ସେମାନଙ୍କ ଧାନ ସରକାର ଠିକ ସମୟରେ କିଣୁନଥିବା ଅଭିଯୋଗ ହେଉଛି। ତେଣୁ ଅନ୍ନଦାତାଙ୍କ ପ୍ରତି ଅନ୍ୟାୟ ନକରି ତୁରନ୍ତ ସମସ୍ତ ଚାଷୀଙ୍କ ଧାନ ବିନା କଟ୍‌ନଛଟ୍‌ନିରେ କିଣାଯାଉ ଏବଂ ଚାଷୀଙ୍କ ଟୋକନ ଅବିଳମ୍ବେ ପଠାଯାଉ ବୋଲି ଦାବି କରାଯାଇଛି। ଆପ୍ ରାଜ୍ୟ ସମ୍ପାଦକ ଭବାନୀ ସାହୁଙ୍କ ନେତୃତ୍ୱରେ ଲାଲମଣି ଲୁଗୁନ, ଅଜୟ କୁମାର ସାହୁ, ମେହଫୁଜ ଆଲମ, ଅନ୍ତର୍ଯ୍ୟାମୀ ପ୍ରଧାନ, ଯଦୁମଣି, ଜୟକୃଷ୍ଣ ଛୁରିଆ, ଭୁପେନ ସାହୁ, ବୀରକିଶୋର ଭୋଇସାଗର, ବୀରେନ୍ଦ୍ର ପାଣିଗ୍ରାହୀ, ଗାନ୍ଧୀ ରୋହିଦାସ, ସୀତାକାନ୍ତ ରୋହିଦାସ, କୁଞ୍ଜ ରୋହିଦାସ, ଗୋପବନ୍ଧୁ ଜଗଦଲା, ଲୋକନାଥ ମେହେର, ମିଲୁ ନାଗ, ପ୍ରଦୀପ ବିଶ୍ୱାଳ, ଜୟପ୍ରକାଶ ଚୌହାନ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଠେମରାରେ ଗାୟତ୍ରୀ ପରିବାର ପକ୍ଷରୁ କମ୍ବଳ ବଣ୍ଟନ

**ସମ୍ବଲପୁର, ୨୩।୧୨ (ସମିସ) :** ଅଖଣ୍ଡ ଜ୍ୟୋତି ତଥା ମାତା ଭଗବତୀ ଦେବୀଙ୍କ ଜନ୍ମଶତାବ୍ଦୀ ଉପଲକ୍ଷେ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠରେ ଆସନ୍ତା ୨୯ ରୁ ୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୨୪ କୁଣ୍ଡୀୟ ରାଷ୍ଟ୍ର ଶୌର୍ଯ୍ୟ ସମୃଦ୍ଧି ଗାୟତ୍ରୀ ମହାଯଜ୍ଞ ଅବସରରେ ଆଜି ସହର ଉପକଣ୍ଠସ୍ଥ ଠେମରା ଗ୍ରାମରେ ଗରିବ ଓ ନିଃସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଯଜ୍ଞ ସମିତିର ସଭାପତି ଦୀନଦୟାଲ ଅଗ୍ରୱାଲଙ୍କ ତରଫରୁ ୧୦୫ଟି କମ୍ବଳ ଦିଆଯାଇଥିଲା। ଏହି ଅବସରରେ ଉପେନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶ୍ରୀ ଅଗ୍ରୱାଲ ଓ ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ଗାୟତ୍ରୀ ମହାଯଜ୍ଞର ମହତ୍ତ୍ୱ ଉପରେ ସୂଚନାଦେଇ ଏଥିରେ ଅଂଶଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର ବାନାମ୍ବର ସର, ନଳିନୀକାନ୍ତ ନାଥ, ରମାକାନ୍ତ ନାୟକ, ସୁଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କବାଡ଼ି ଚାମ୍ପିଅନସିପ ଖେଳାଳି ଚୟନରେ ଅନିୟମିତତା

**ଡିଏଏ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ**

**ସମ୍ବଲପୁର,୨୩।୧୨(ସମିସ):** ଜାତୀୟ କବାଡ଼ି ପ୍ରତିଯୋଗିତା ପାଇଁ ସମ୍ବଲପୁର ଜିଲ୍ଲାରୁ ଖେଳାଳି ମଗାଯାଇଛି। ଏଥିପାଇଁ ସମ୍ବଲପୁରରେ ମଧ୍ୟ ଖେଳାଳି ଚୟନ ପକ୍ରିୟା ହୋଇଥିଲା । ଚୟନ ପକ୍ରିୟାରେ ଅନିୟମିତତା ହୋଇଥିବା ନେଇ ଜଣେ ଖେଳାଳି ଅଭିଯୋଗ କରିଛନ୍ତି। ଖେଳାଳି ଜତିନ୍ଦ୍ର ବରିହା ଅଭିଯୋଗ କରିଛନ୍ତି, ଗତ ୧୨ତାରିଖରେ ଜୁନିଅର ଜାତୀୟ ଚାମ୍ପିଅନସିପ ପାଇଁ ସମ୍ବଲପୁର ଜିଲ୍ଲା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଟ୍ରାଏଲ ଦେଇଥିଲେ। ରାଜ୍ୟ କବାଡ଼ି ସଂଘ ଜିଲ୍ଲାରୁ ୫ ଜଣ ଖେଳାଳି ଚୟନ ପାଇଁ ଅନୁମତି ଦେଇଛି। ଜିଲ୍ଲାର ମନୋନୀତ ଖେଳାଳି ବାରବାଟିରେ ଖେଳିବେ। ସେଥିରୁ ମନୋନୀତ ଖେଳାଳୀ ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଏଥି ପାଇଁ ଜିଲ୍ଲା ଆଥଲେଟିକ ଆସୋସିଏସନ(ଡିଏଏ) ପକ୍ଷରୁ ମଧ୍ୟ ଚୟନ ପକ୍ରିୟା ହୋଇଥିଲା। ଆସୋସିଏସନ ୬ ଜଣ ଖେଳାଳିଙ୍କୁ ଚୟନ କରିଥିଲା। ୫ ଜଣଙ୍କ ସହ ଜତିନ୍ଦ୍ରଙ୍କୁ ଷ୍ଟାଣ୍ଡବାଏରେ ରଖିଥିଲା। ଏହି ୫ ଜଣ ଖେଳାଳିଙ୍କ ମଧ୍ୟରୁ କେହି ନଗଲେ ଜତିନ୍ଦ୍ରଙ୍କୁ ସୁଯୋଗ ଦିଆଯିବ ବୋଲି ଚୟନ କମିଟି କହିଥିଲା। ବାରବାଟି କବାଡି କମ୍ପ୍ଲେକ୍ସରେ ଏହି ୫ ଜଣ ଖେଳାଳି ମେନ ଟ୍ରାଏଲ ଦେଇଥିଲେ। ଏହା ସହ ସମ୍ବଲପୁରର ଅନ୍ୟ ଆଉ ଜଣେ ଖେଳାଳି ମଧ୍ୟ ଟ୍ରାଏଲରେ ଭାଗ ନେଇଥିଲେ। ଯାହାକୁ ନେଇ ଜତିନ୍ଦ୍ର ବିରୋଧ କରିଛନ୍ତି। ସେ କହିଛନ୍ତି ତାଙ୍କୁ ଷ୍ଟାଣ୍ଡବାଏରେ ରଖାଯାଇଥିଲା। ଯେଉଁ ଖେଳାଳିଙ୍କୁ ସମ୍ବଲପୁର କବାଡି ଟ୍ରାଏଲରେ ଚୟନ ମଧ୍ୟ କରାଯାଇନଥିଲା ତାଙ୍କୁ କିଭଳି ସୁଯୋଗ ଦିଆଯାଇଛି। ଡିଏଏ ତାଙ୍କ ପ୍ରତି ଅନ୍ୟାୟ କରିଥିବା ସେ ଦାବି କରିଛନ୍ତି। ଖେଳାଳି ଚୟନ ପକ୍ରିୟରେ ଅନିୟମିତତା ହୋଇଥିବା ନେଇ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ସେପଟେ ଏ କଥାକୁ ଅସ୍ୱୀକାର କରିଛି ଜିଲ୍ଲା ଆଥଲେଟିକ ଆସୋସିଏସନ। କବାଡ଼ି ପ୍ରତିଯୋଗୀ ଚୟନର ଅନିୟମିତତା ହୋଇନଥିବା ଡିଏଏ କହିଛି। କ୍ରୀଡ଼ା ସମ୍ପାଦକ ରାଜୁ ସେଠ୍ କହିଛନ୍ତି,ନୂତନ ଖେଳାଳିଙ୍କୁ ସ୍ପେସିଆଲ କୋଟାରେ ବାରବାଟୀ ପଠାଯାଇଛି। ଉକ୍ତ ପିଲା ପୂର୍ବରୁ ଅନେକ ଚାମ୍ପିଅନସିପରେ ଭାଗ ନେଇଛି। ସେପଟେ ଏହି ଘଟଣାକୁ ସମ୍ବଲପୁର ବିଭିନ୍ନ କବାଡି କ୍ଲବର ଖେଳାଳିମାନେ ବିରୋଧ କରିଛନ୍ତି। ଷ୍ଟାଣ୍ଡବାଏ ରଖିଥିବା ଖେଳାଳିଙ୍କୁ କିପରି କମିଟି ସୁଯୋଗ ଦେଲା ନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେବାକୁ ଜତିନ୍ଦ୍ର ଅନୁରୋଧ କରିଛନ୍ତି।

## ମହିଳା ମହାବିଦ୍ୟାଳୟରେ ଗଣିତ ଦିବସ

**ସମ୍ବଲପୁର, ୨୩।୧୨ (ସମିସ):** ଜାତୀୟ ଗଣିତ ଦିବସ ଅବସରରେ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଗଣିତ ବିଭାଗ ତରଫରୁ ଏକ ସଂପାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଂପାନରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଗଣିତ ବିଭାଗ ମୁଖ୍ୟ ପ୍ରଫେସର ସବିତା ସାହୁ ଏବଂ ମୁଖ୍ୟବକ୍ତା ଭାବରେ ପ୍ରଫେସର ନିହାର ରଞ୍ଜନ ଶତପଥୀ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଶତପଥୀ ପୃଥିବୀର ବିଭିନ୍ନ ପ୍ରାଚୀନ ସଭ୍ୟତାରେ ରହିଥିବା ଗାଣିତିକ ପ୍ରୟୋଗ ଧାରା, ତ୍ୟାଗ ଓ ଅବଦାନ ଉପରେ ଆଲୋକପାତ କରି କହିଥିଲେ। ମୁଖ୍ୟ ଅତିଥି ପ୍ରଫେସର ସାହୁ ଆଧୁନିକ ଭାରତୀୟ ଗଣିତ ଆକାଶର ପ୍ରସିଦ୍ଧ ନକ୍ଷତ୍ର କ୍ଷଣଜୀବୀ ଶ୍ରୀନିବାସ ରାମାନୁଜନ୍‌ଙ୍କ ଜୀବନୀ ଓ ପ୍ରତିଭାର ସବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଗଣିତ ଦିବସର ମହତ୍ତ୍ୱ ଉପସ୍ଥାପନ କରିବା ସହ ଦୃଢ଼ ମନୋବଳ ଓ ନିରନ୍ତର ପ୍ରୟାସ ବଳରେ ଅସାଧ୍ୟ ସାଧନ କରାଯାଇପାରେ ବୋଲି ପ୍ରକାଶ କରିଥିଲେ। ଗଣିତ ବିଭାଗ ମୁଖ୍ୟ ପ୍ରଫେସର ଆର୍ତ୍ତତ୍ରାଣ ସୁନା ଅତିଥି ପରିଚୟ ପ୍ରଦାନ ଏବଂ ପ୍ରଫେସର ମିହିର ଥାଟୀ ସଂପାନ ପରିଚାଳନା କରିଥିଲେ। ବିଭାଗର ଅଧ୍ୟାପକ ମହମ୍ମଦ ଜାଭେଦ, ଗୌରୀ ଶଙ୍କର ଗୁରୁ ମଧ୍ୟ ଭାରତୀୟ ଜ୍ଞାନ ପରମ୍ପରାରେ ରାମାନୁଜନଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ। ଶେଷରେ ଅଧ୍ୟାପିକା କ୍ଷୀରପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭାଗର ପୁରାତନ ଛାତ୍ରୀ ଶୁଭଶ୍ରୀ ସାହୁ ଏବଂ ଶ୍ୱେତାଲୀ ମହାପାତ୍ରଙ୍କୁ ଭିଲାଇସ୍ଥିତ ଭାରତୀୟ ପ୍ରଯୁକ୍ତି ଅନୁଷ୍ଠାନରେ ଗବେଷଣା ପାଇଁ ସୁଯୋଗ ପାଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ନାରୀସେବା ସଂଘର ନୂତନ କର୍ମକର୍ତ୍ତା

**ସମ୍ବଲପୁର, ୨୩।୧୨ (ସମିସ) :** ସମ୍ବଲପୁର ନାରୀ ସେବା ସଂଘ କାର୍ଯ୍ୟକାରିଣୀର କାର୍ଯ୍ୟକାଳ ସରିଥିବା ବେଳେ ଅନିୟମିତତା ହୋଇଥିବା ୨୨ ତାରିଖ ବୈଠକରେ ସଭ୍ୟାମାନେ ଅଭିଯୋଗ କରିଛନ୍ତି। ପୁରାତନ କାର୍ଯ୍ୟକାରିଣୀର ଅନିୟମିତତାକୁ ନେଇ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଟାଉନ ଥାନାଧିକାରୀ, ବାର୍ ଆସୋସିଏସନ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ସେମାନେ ପ୍ରେସବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି। ପ୍ରତିଷ୍ଠାତା ସଦସ୍ୟା ଏବଂ ଆଜୀବନ ସଭ୍ୟାଙ୍କ ବୈଠକ ଡାକି ନୂତନ କର୍ମକର୍ତ୍ତା ଚୟନ କରାଯାଇ ଗଣମାଧ୍ୟମରେ ଘୋଷଣା କରାଯାଇଛି। ନାରୀସେବା ସଂଘର ନୂତନ ସଭାପତି ଭାବେ ବାସନ୍ତୀ ମିଶ୍ର, ଉପସଭାନେତ୍ରୀ ସଞ୍ଜିବା ପାଢ଼ୀ ଓ ସୁନନ୍ଦା ଚୟନୀ, ସମ୍ପାଦିକା ଶିବାନୀ ନନ୍ଦ, କୋଷାଧ୍ୟକ୍ଷା ସୁଷମା ଦାଶ, ସହସମ୍ପାଦିକା ଶିଖାରାଣୀ ମିଶ୍ର ଓ ଦିପ୍ତୀ ମିଶ୍ର ବୋଲି ଘୋଷଣା କରାଯାଇଛି। ଏହାସହ କାର୍ଯ୍ୟକାରିଣୀରେ ମଧ୍ୟ କେଇଜଣ ସଦସ୍ୟା ରହିଛନ୍ତି।

## ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ସାଂସଦଙ୍କ ଡିଭିଜନାଲ୍ କମିଟି ବୈଠକ

# ନୂତନ ଲାଇନ ଓ ଉନ୍ନତ ଟ୍ରେନ୍‌ସେବାକୁ ଗୁରୁତ୍ୱାରୋପ




**ସମ୍ବଲପୁର, ୨୩।୧୨ (ସମିସ) :** ଆଜି ସମ୍ବଲପୁରରେ ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ସାଂସଦମାନଙ୍କ ଏକ ବିଭାଗୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଛତିଶଗଡ଼ ଏବଂ ଓଡ଼ିଶାର ସାଂସଦମାନଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀଙ୍କ ସହିତ ବିଭିନ୍ନ ଭିତ୍ତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସାଂସଦମାନେ ସର୍ବସମ୍ମତିକ୍ରମେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭାଗୀୟ କମିଟିର ସଭାପତି ଭାବରେ ମନୋନୀତ କରିଥିଲେ। ବୈଠକରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ମହାସମୁନ୍ଦ ସାଂସଦ ରୂପ କୁମାର ଚୌଧୁରୀ ଯୋଗଦାନ କରିଥିଲେ।

ସାଂସଦମାନେ ସମ୍ବଲପୁର ରେଳ ଡିଭିଜନ ଦ୍ୱାରା ଗ୍ରହଣ କରାଯାଇଥିବା ବିକାଶମୂଳକ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ ଏବଂ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି, ଟ୍ରେନ୍ ଏବଂ ଷ୍ଟେସନଗୁଡ଼ିକର ସଫାସୁତୁରା, ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦା ମେଣ୍ଟାଇବା ପାଇଁ ଟ୍ରେନ୍ ଚଳାଚଳ ଦିବସ ବୃଦ୍ଧି ଏବଂ ଉପାନ୍ତ ଅଞ୍ଚଳକୁ ଟ୍ରେନ ସେବା ସମ୍ପ୍ରସାରଣ କରିବା, ନୂତନ ରେଳ ଲାଇନ, ଦୁର୍ଗମ ଅଞ୍ଚଳକୁ ଉନ୍ନତ ସଂଯୋଗୀକରଣ, ରୋଡ଼ ଅଣ୍ଡର ବ୍ରିଜ୍ (ଉପମାର୍ଗ) ଏବଂ ରୋଡ୍ ଓଭରବ୍ରିଜ୍‌ର ବିକାଶ, ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକୁ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା, ଟ୍ରେନ୍ ଷ୍ଟପେଜ୍ ଏବଂ ଅଞ୍ଚଳରେ ଅଧିକ ରାଜସ୍ୱ ଏବଂ ନିଯୁକ୍ତି ସୃଷ୍ଟିର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ସମ୍ବଲପୁର ରେଳମଣ୍ଡଳ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ପାଇଁ ସେମାନେ କୃତଜ୍ଞତା ଜଣାଇବା ସହ ଚାଲୁରହିଥିବା ପ୍ରକଳ୍ପର ଗୁରୁତ୍ୱକୁ ଦର୍ଶାଇ ଟ୍ରେନ୍ ସେବା, ଟ୍ରେନ ରହଣି ଏବଂ ଯାତ୍ରୀ ସୁବିଧା ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ।

ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସାଂସଦମାନଙ୍କୁ ସ୍ୱାଗତ କରିଥିଲେ ଏବଂ ସେମାନଙ୍କ ଗଠନମୂଳକ ମତାମତ ଏବଂ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ। ବୈଠକରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀଙ୍କ ସମେତ ରେଳପଥ ମୁଖ୍ୟାଳୟର ପ୍ରମୁଖ ବିଭାଗୀୟ ଅଧିକାରୀ ତଥା ସମ୍ବଲପୁର ରେଳମଣ୍ଡଳର ଅଧିକାରୀମାନେ ଯୋଗ ଦେଇଥିଲେ।

## ପୂର୍ବ ଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




**ସମ୍ବଲପୁର, ୨୩।୧୨ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇନ୍‌ଡୋର ହଲଠାରେ ଗତ ଡିସେମ୍ବର ୧୭ ତାରିଖରୁ ଆୟୋଜିତ ପୂର୍ବାଞ୍ଚଳ ଜୋନ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ବ୍ୟାଡମିଣ୍ଟନ ପ୍ରତିଯୋଗିତା ପୁରୁଷ ବର୍ଗରେ ପୂର୍ବରୁ ଚାରୋଟି ଶ୍ରେଷ୍ଠ ଦଳ ମନୋନୟନ ହୋଇଯାଇଥିବାବେଳେ ମହିଳା ବର୍ଗରେ ଚାରୋଟି ଦଳ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ସେମାନେ ହେଲେ ଆଡାମସ ୟୁନିଭର୍ସିଟି, କିଟ୍ସ ବିଶ୍ୱବିଦ୍ୟାଳୟ, ୟୁନିଭର୍ସିଟି ଅଫ୍ କୋଲକାତା ଓ ଭିବିଏସ ପୂର୍ବାଞ୍ଚଳ ୟୁନିଭର୍ସିଟି। ଆସନ୍ତା ଜାନୁଆରୀ ୮ ତାରିଖରୁ ବାଙ୍ଗାଲୋରର ପିଇଏସ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଏହି ଚାରୋଟି ଦଳ ଭାଗନେବେ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବାଞ୍ଚଳ ଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ପୁରୁଷ ବର୍ଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଆଡାମାସ ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗ ଏବଂ ଦିନଦୟାଲ ଉପାଧ୍ୟାୟ ବିଶ୍ୱବିଦ୍ୟାଳୟ, ଗୋରଖପୁର ଜାତୀୟସ୍ତରର ସକାଶେ ଯୋଗ୍ୟ ବିବେଚିତ ହୋଇଥିଲେ।

ପୂର୍ବ ଜୋନ୍‌ରୁ ପୁରୁଷ ବର୍ଗରେ ମୋଟ ୫୫ଟି ବିଶ୍ୱବିଦ୍ୟାଳୟ ଦଳ ଏବଂ ମହିଳା ବର୍ଗରେ ୪୦ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ମହିଳା ବର୍ଗର ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ତୁଷାରକାନ୍ତି ଦାସ, ସ୍ପୋର୍ଟ୍ସ କାଉନସିଲର ସଚିବ ପ୍ରଫେସର ଦେବେନ୍ଦ୍ର ମହାଳିକ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ, କ୍ରୀଡ଼ା ଅଧିକାରୀ ଡଃ ଅବିନାଶ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁଳପତି ପ୍ରଫେସର ମିଶ୍ର ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ସର୍ବଭାରତୀୟସ୍ତରରେ ଅଂଶଗ୍ରହଣ କରିବା ପାଇଁ ଉନ୍ନୀତ ହୋଇଥିବା ଉଭୟ ପୁରୁଷ ଓ ମହିଳା ବର୍ଗର ଚାରୋଟି ଦଳକୁ ଶୁଭେଚ୍ଛା ଜଣାଇବା ସହ କ୍ରୀଡ଼ା ହିଁ ବ୍ୟକ୍ତିକୁ ଶୃଙ୍ଖଳାର ଶିକ୍ଷା ଦିଏ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘର ସ୍ୱୀକୃତିପ୍ରାପ୍ତ ମ୍ୟାଚ୍ ରେଫରୀ ସୁଧୀର ମିଶ୍ର, ଅମ୍ପାୟାର ଅନିଶ ହାଁସଦା, ବାବୁଲୁ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଅଂଶୁମାନ ପାତ୍ର, ବିଶ୍ୱମୋହନ ଆଚାରୀ, ହେମାନନ୍ଦ ଥପା, ବିକ୍ରମ ପଣ୍ଡା, ଦେବେନ୍ଦ୍ର ଦାଣ୍ଡିଆ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

## ବୀରତା ଦିବସ ଉପଲକ୍ଷେ ବକ୍ତୃତା ଓ ସଙ୍ଗୀତ ଗାନ ପ୍ରତିଯୋଗିତା

**ସମ୍ବଲପୁର, ୨୩।୧୨ (ସମିସ) :** ସମ୍ବଲପୁରର ସଂଗ୍ରାମୀ ମାଧୋ ସିଂଙ୍କ ବଳିଦାନ ଦିବସ ଓ ସମ୍ବଲପୁରୀ ଭାଷାବିଦ୍ ସତ୍ୟନାରାୟଣ ବହିଦାରଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଆଜି ପୂର୍ବାହ୍ଣରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍କୁଲ ଓ କଲେଜସ୍ତରୀୟ ବକ୍ତୃତା ଏବଂ ସଙ୍ଗୀତ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବାସହ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବିଚାରକ ଭାବେ ବକ୍ତୃତାରେ ଡଃ ବିଭୁଦତ୍ତ ପ୍ରମୋଦ ମିଶ୍ର, ପ୍ରଶାନ୍ତ ପାଟଯୋଷୀ, ଡଃ ସତ୍ୟନାରାୟଣ ଠାକୁର ଏବଂ ସଙ୍ଗୀତ ଗାନରେ ସନ୍ତୋଷ କୁମାର ମିଶ୍ର, ଏମ୍ ଶାନ୍ତିସୁଧା ଓ ତ୍ରିଲୋଚନ ତ୍ରିପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଖିଳ ରଞ୍ଜନ ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ମନୋଜ ପଣ୍ଡା ସହଯୋଗ କରିଥିଲେ।


ସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସେଭେନ ହିଲ୍ସ ସ୍କୁଲର ମୃଣ୍ମୟୀ ପ୍ରଧାନ ପ୍ରଥମ, ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲର ଆର୍ଯ୍ୟାମେଷ ପାଣିଗ୍ରାହୀ ଦ୍ୱିତୀୟ ଓ ଡିଏଭି ସ୍କୁଲର ଆକାଂକ୍ଷା ପଣ୍ଡା ତୃତୀୟ ହୋଇଛନ୍ତି। ସେହିପରି କଲେଜସ୍ତରୀୟ ପ୍ରତିଯୋଗିତାରେ ମହିଳା ମହାବିଦ୍ୟାଳୟର ନିରୁପମା ଭୋଇ ପ୍ରଥମ, ଡିଏଭି ସ୍କୁଲ୍‌ର ପ୍ରଜ୍ଞାରୂପା ବହିଦାର ଦ୍ୱିତୀୟ ଓ ବିଦ୍ୟା ବିକାଶ ସ୍କୁଲର ରିୟା ଗୁପ୍ତା ତୃତୀୟ ହୋଇଛନ୍ତି। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ରଚିତ ସଙ୍ଗୀତ ଗାନ ସ୍କୁଲସ୍ତରୀୟ ପ୍ରତିଯୋଗିତାରେ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ସାହିଲ ବେହେରା ପ୍ରଥମ, ଶ୍ରୀଅରବିନ୍ଦ ସ୍କୁଲର ମନମୋହନ ବେହେରା ଦ୍ୱିତୀୟ ଓ ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲର ବରେଣ୍ୟା ଗୌତମୀ ତୃତୀୟ ହୋଇଛନ୍ତି। କଲେଜସ୍ତରରେ ବିକାଶ ହାଇସ୍କୁଲର ସୌମ୍ୟରଞ୍ଜନ ସାହୁ ପ୍ରଥମ ଓ ମହିଳା ମହାବିଦ୍ୟାଳୟର ସୁଶ୍ରୀ ଶ୍ରଦ୍ଧା ମିଶ୍ର ଦ୍ୱିତୀୟ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୩୧ ତାରିଖ ଓଡ଼ିଶା ସାଂସ୍କୃତିକ ସମାଜ ଠାରେ ବୀରତା ଦିବସ ପାଳନ ଉତ୍ସବରେ ପୁରସ୍କୃତ କରାଯିବ।

## ଲୋକସଂସ୍କୃତି କେବେ ବିଲୁପ୍ତ ହୁଏ ନାହିଁ:କେନ୍ଦ୍ରମନ୍ତ୍ରୀ

# ତ୍ରିଦିବସୀୟ ଜାତୀୟ ସମ୍ବଲପୁରୀ ସମ୍ମେଳନ୍ ଉଦ୍‌ଯାପିତ

**ସମ୍ବଲପୁର, ୨୩।୧୨ (ସମିସ):**





ଆମର ପ୍ରାଚୀନ କଳା ଓ ସଂସ୍କୃତି ପ୍ରମାଣ କରେ ଯେ ଆମର ଲୋକସଂସ୍କୃତି କେବେ ବି ବିଲୁପ୍ତ ହୁଏ ନାହିଁ, ବରଂ ଏହା ସମୟାନୁକ୍ରମେ ନୂତନ ରୂପରେ ଉଜ୍ଜୀବିତ ହୋଇ ରହେ ବୋଲି ମଙ୍ଗଳବାର ସମ୍ବଲପୁରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆୟୋଜିତ '୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନ୍'ର ଉଦ୍‌ଯାପନୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂତନ ଜାତୀୟ ଶିକ୍ଷା ନୀତି ଅନୁଯାୟୀ, ଭାରତର ସବୁ ମାତୃଭାଷା ହେଉଛି ରାଷ୍ଟ୍ରୀୟ ଭାଷା। ଏହି ପରିପ୍ରେକ୍ଷୀରେ ସମ୍ବଲପୁରୀ ଭାଷା ମଧ୍ୟ ଏକ ଗୌରବମୟ ରାଷ୍ଟ୍ରୀୟ ଭାଷା। ଭାଷା କେବେ ବିଭେଦ ସୃଷ୍ଟି କରେ ନାହିଁ, ବରଂ ଏହା ସଂସ୍କୃତିକୁ ଯୋଡ଼ିଥାଏ। ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ହିଁ ଆମର ପ୍ରକୃତ ପରିଚୟ। ଏହି ସଂସ୍କୃତିକୁ ସୁରକ୍ଷିତ ରଖିବା ଏବଂ ମାକାଉଲେ ଶିକ୍ଷା ନୀତିର ପ୍ରଭାବରୁ ମୁକ୍ତ ହୋଇ ନିଜ ମାତୃଭାଷାକୁ ଆପଣେଇବା ହିଁ ଆମର ପ୍ରକୃତ ଦାୟିତ୍ୱ।

ଆମର ମାଟି ଓ ଭାଷାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଅନେକ ମହାପୁରୁଷଙ୍କ ସାଧନା ରହିଛି। ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ଭାଷା ପ୍ରତି ଅବଦାନ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାଳଜୟୀ କାବ୍ୟ ଆମ ସାହିତ୍ୟର ଅମୂଲ୍ୟ ସମ୍ପଦ। ଏହି ଧାରାକୁ ପଦ୍ମଶ୍ରୀ ହଳଧର ନାଗ ନିଜ ଲେଖନୀ ମାଧ୍ୟମରେ ଏକ ନୂତନ ଉଚ୍ଚତାକୁ ନେଇଯାଇଛନ୍ତି। ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଆମର ବୁଣାକାର ଶିଳ୍ପକୁ ସମୃଦ୍ଧ କରି ସମ୍ବଲପୁରୀ ବସ୍ତ୍ରକୁ ବିଶ୍ୱବିଖ୍ୟାତ କରିଛନ୍ତି। ଏହି ମହାପୁରୁଷମାନଙ୍କ ଯୋଗୁଁ ଆମର କଳା ଓ ସଂସ୍କୃତି ଆଜି ସମଗ୍ର ବିଶ୍ୱରେ ଗୌରବାନ୍ୱିତ। ଆଜି ଯେଉଁ ଏକତା ଓ ସଂହତିର ଚିତ୍ର ଏହି ମଞ୍ଚରେ ଦେଖିବାକୁ ମିଳୁଛି, ତାହା 'ପଶ୍ଚିମାଞ୍ଚଳ ଏକତା ମଞ୍ଚ'ର ଅକ୍ଳାନ୍ତ ପରିଶ୍ରମର ଫଳ। ରାଷ୍ଟ୍ରୀୟ ସ୍ତରରେ ସମ୍ବଲପୁରୀ ଭାଷା ଓ କଳାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାପାଇଁ ଏହି 'ଜାତୀୟ ସମ୍ମିଳନୀ' ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଅବସରରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁକ ଦେଖାଇ ମହିଳା ପିଇଓଙ୍କୁ ଲୁଟିଲେ

କେନ୍ଦ୍ରାପଡ଼ା,୨୩।୧୨(ସମିସ):



ଜିଲ୍ଲାରେ ଅପରାଧିଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢୁଥିବାବେଳେ ଦିନଦ୍ୱିପହରେ ଘଟିଥିବା ଏକ ସଶସ୍ତ୍ର ଲୁଟ୍ ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରିଛି। ନିଛାଟିଆ ରାସ୍ତାର ସୁଯୋଗ ନେଇ ଦୁଇଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଜଣେ ମହିଳା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ହାତରୁ ସୁନା, ଟଙ୍କା ସହ ଦାମୀ ସାମଗ୍ରୀ ଝାମ୍ପି ନେଇ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, କେନ୍ଦ୍ରାପଡ଼ା ବ୍ଲକ ଅଧୀନ ପଳସିଂହା ପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଐଶର୍ଯ୍ୟ ନାଥଶର୍ମା ମଙ୍ଗଳବାର ଅପରାହ୍ନରେ ଖାଇବା ପାଇଁ ବଜାରକୁ ଯାଉଥିବା ସମୟରେ ଇନ୍ଦୁପୁର ଆଡୁ ଏକ କଳା ପଲସର ବାଇକ୍‌ରେ ଆସିଥିବା ଦୁଇ ଯୁବକ ତାଙ୍କୁ ରାସ୍ତା ମଝିରେ ଅଟକାଇଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇ ସୁନା ମୁଦି, ଦୁଇଟି ଦାମୀ ମୋବାଇଲ ଫୋନ, ଅଫିସ ଚାବି ଓ ଜରୁରୀ କାଗଜପତ୍ର ଥିବା ଭ୍ୟାନିଟି ବ୍ୟାଗକୁ ଝାମ୍ପି ନେଇଥିଲେ। ଏକୁଟିଆ ଥିବା ମହିଳା ଅଧିକାରୀ ଜଣକ ଜୀବନ ସୁରକ୍ଷା ଦୃଷ୍ଟିରୁ ଦୁର୍ବୃତ୍ତଙ୍କୁ ପ୍ରତିରୋଧ ନ କରି ସମସ୍ତ ସାମଗ୍ରୀ ଦେଇଦେଇଥିଲେ। ଘଟଣା ସ୍ଥଳରୁ ନିକିରାଇ ଥାନା ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ସତ୍ତ୍ୱେ ଦୁର୍ବୃତ୍ତମାନେ ଖୁଲମଖୁଲା ଲୁଟ୍ କରି ଫେରାର ହୋଇଯିବା ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ସେହି ସମୟରେ ରାସ୍ତା ଦେଇ କିଛି ଯୁବକ ଆସୁଥିବା ଦେଖି ଦୁର୍ବୃତ୍ତମାନେ ମହିଳାଙ୍କୁ ବିଲ ଆଡ଼କୁ ଠେଲିଦେଇ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ପରେ ସେହି ଯୁବକମାନେ ମହିଳା ଅଧିକାରୀଙ୍କୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ମହିଳା ଅଧିକାରୀ ନିକିରାଇ ଥାନାରେ ଏତଲା ଦାଖଲ କରିଥିବାବେଳେ, ଥାନାଧିକାରିଣୀ କହିଛନ୍ତି, ଘଟଣାର ଗୁରୁତର ତଦନ୍ତ ଚାଲିଛି। ଶୀଘ୍ର ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ପ୍ରୟାସ ଜାରି ରହିଛି।

■ ପ୍ରଶାସନର ଅବହେଳା

## ଘର ପାଇଁ ବିପଦ ସୃଷ୍ଟି କରୁଛି ମଲା ଗଛ



ପଞ୍ଚୁପାଣ୍ଡବ,୨୩।୧୨(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ବେଣୀପୁର ପଞ୍ଚାୟତର ସଦାନନ୍ଦପୁର ଗ୍ରାମର ଏକ କେନାଲ ବନ୍ଧରେ ଘରକୁ ଲାଗି ମଲା ଚାକୁଣ୍ଡା ଗଛ ଥିବାରୁ ଘରକୁ ବିପଦଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ କେନାଲ ୮ ନମ୍ବର (କ) କେନାଲ ବନ୍ଧ ଦଳିତ ସାହିର ଏକ ଘର ନିକଟରେ ଥିବାରୁ ଘରକୁ ବିପଦ ଥିବା ଡେରାବିଶ ତହସିଲରେ ପ୍ରାୟ ଛଅ ମାସ ତଳେ ଅଭିଯୋଗ ହୋଇଥିଲେ ସୁଦ୍ଧା କେହି ସମସ୍ୟାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ଏ ବିଷୟରେ ସ୍ଥାନୀୟ ଗ୍ରାମର ଅଶୋକ ଜେନା ତହସିଲଦାର ସରୋଜ କାନ୍ତ ନାୟକଙ୍କୁ ଭେଟି ଜଣାଇଥିଲେ। ତହସିଲଦାର ରାଜନଗର ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ଆର୍‌ଆଇ ତଦନ୍ତ କରି ରିପୋର୍ଟ ଦେବାକୁ ପ୍ରାୟ ତିନି ମାସ ଲାଗିଲା। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଏ ପର୍ଯ୍ୟନ୍ତ ମଲା ଚାକୁଣ୍ଡା ଗଛ ନିଲାମ କରାଯାଉନି କି ପ୍ରଶାସନ ପକ୍ଷରୁ ଗଛକୁ କଟାଯାଉନାହିଁ। ଏ ସମ୍ପର୍କରେ ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, କେନାଲ ବନ୍ଧକୁ ଲାଗି ରହିଥିବାରୁ ଜଳ ସମ୍ପଦ ବିଭାଗକୁ ଜଣାନ୍ତୁ। ଆମର ଏଥିରେ କିଛି ଭୂମିକା ନାହିଁ। ଏହାର ତଦନ୍ତ କରାଯାଇ ଯେତେ ଶୀଘ୍ର ମଲା ଗଛକୁ କାଟିବା ପାଇଁ ଘରକୁ ଲାଗିଥିବା ଘର ପରିବାର ଲୋକେ ଦାବି କରିଛନ୍ତି।

## ରାସ୍ତା ଖୋଲି ବାଡ଼ ବସାଇଲେଦେଲେ, ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ଡେରାବିଶ,୨୩।୧୨(ସମିସ): ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ପୁ ଗ୍ରାମର ଏକ ସାହି ମଧ୍ୟକୁ ଯାଇଥିବା ରାସ୍ତା ଜଣେ ଖୋଳିଦେବା ସହ ବାଡ଼ ବସାଇଛନ୍ତି। ଫଳରେ ଶତାଧିକ ଲୋକ ଘରୁ ବାହାରିପାରୁନାହାନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଛନ୍ତି ଲୋକେ। ଏହି ରାସ୍ତାକୁ ଜଣେ ବ୍ୟକ୍ତି ନିଜର ବୋଲି ଦାବି କରିବା ସହିତ ଏଭଳି ବାଡ଼ ପକାଇଥିବା ଜଣାପଡ଼ିଛି। ଏଥିଯୋଗୁଁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର ଦୁଇଦିନ ହେବ ଏକ ପ୍ରକାର ଗୃହବନ୍ଦୀ ହୋଇଛନ୍ତି। ଏପରିକି ସ୍କୁଲ କଲେଜ ଛାତ୍ରଛାତ୍ରୀ ପାଠପଢ଼ିବାକୁ ଯାଇ ପାରୁନାହାନ୍ତି। ଏ ସମ୍ପର୍କରେ ଗ୍ରାମର ମନୋରଞ୍ଜନ ପଟ୍ଟନାୟକ ଗତକାଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ତ୍ୱରିତ ସମାଧାନ ପାଇଁ ଦାବି କରିଛନ୍ତି। ଏଥିସହିତ ସେ ଏହି ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଆଜି ଅଭିଯୋଗ କରିଥିବା ଜଣାଯାଇଛି। ଶ୍ରୀ ପଟ୍ଟନାୟକଙ୍କ ଅଭିଯୋଗ ଅନୁଯାୟୀ ଗତ ୭୦ ବର୍ଷ ହେବ ଏହି ରାସ୍ତା ଦେଇ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ପରିବାର ଯାତାୟତ କରୁଥିଲେ। ହେଲେ ଦୁଇଦିନ ତଳେ ଜଣେ ବ୍ୟକ୍ତି ରାସ୍ତା ତାଙ୍କ ଜମିରେ ହୋଇଥିବା ଦାବି କରି ଖୋଳି ଦେଇଛନ୍ତି। ରାସ୍ତା ଖୋଳି ସାରିବା ପରେ ସେଥିରେ ବାଡ଼ ବସାଇ ଚଳପ୍ରଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଫଳରେ ଅବସରପ୍ରାପ୍ତ ଅଧ୍ୟାପକ କଳ୍ପତରୁ ପଟ୍ଟନାୟକ, ଯୋଗେନ୍ଦ୍ର ନାୟକ, ରବୀନ୍ଦ୍ର ନାୟକ, କ୍ଷୀରୋଦ ମହାରଣା, ମନୋରଞ୍ଜନ ପରିଡ଼ା, ଭାଗୀରଥି ପରିଡ଼ା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, କ୍ଷୀରୋଦ ରାଉତ ଓ ନିକଟସ୍ଥ ଦଳିତ ବସ୍ତିର ଅନେକ ଲୋକ ଘରୁ ବାହାରିପାରୁନାହାନ୍ତି ବୋଲି ଦର୍ଶାଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ରେକଡର୍‌ରେ ୨୦ କଡ଼ି ରାସ୍ତା ଅଛି। ପୂର୍ବରୁ ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଛି, ମାପଚୁପ ବି ହୋଇଛି। ତେବେ ଆଜି ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଓ ଯଅଁରାବାରିମୂଳ ରାଜସ୍ୱ ନିରୀକ୍ଷିକା ଇପ୍‌ସିତା ପରିଜା ଘଟଣା ସ୍ଥଳରେ ପହଞ୍ଚି ସମାଧାନ ପାଇଁ ଉଦ୍ୟମ କରିଥିବା ବେଳେ ତୁରନ୍ତ ତହସିଲ ପକ୍ଷରୁ ମାପ କରାଯାଇ ରାସ୍ତାକୁ ଚିହ୍ନଟ କରାଯିବ ବୋଲି କହିଥିଲେ।

■ ବଳଦେବଜିଉ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

## ମହାପ୍ରଭୁଙ୍କ ମହାସ୍ନାନ ପରେ ନୀତିକାନ୍ତି ଆରମ୍ଭ



କେନ୍ଦ୍ରାପଡ଼ା,୨୩।୧୨(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିରରେ ମଙ୍ଗଳବାର ସକାଳେ ଅଣହିନ୍ଦୁ ପ୍ରବେଶ ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମନ୍ଦିର ସତ୍ତ୍ୱଲିପି ଅନୁଯାୟୀ ଅଣହିନ୍ଦୁ ପ୍ରବେଶ ଉପରେ କଟକଣା ରହିଥିବାବେଳେ ଏହି ଘଟଣା ମନ୍ଦିର ପରମ୍ପରା ଓ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ନେଇ ସେବାୟତ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ମହାପ୍ରଭୁଙ୍କ ମହାସ୍ନାନ ଓ ମନ୍ଦିର ଶୋଧନ ହେବା ପରେ ନୀତି ଆରମ୍ଭ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୯ଟା ସମୟରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ସହ ଜଡ଼ିତ ପ୍ରାୟ ୪୦ ଜଣ ବ୍ୟକ୍ତି ଦର୍ଶନ ନିମନ୍ତେ ବଳଦେବଜୀଉ ମନ୍ଦିରକୁ ଆସିଥିଲେ। ଏହି ସମୟରେ ସ୍ଥାନୀୟ ସେବାୟତ ଓ ଜନସାଧାରଣ ସନ୍ଦେହ ପ୍ରକାଶ କରି ସେମାନଙ୍କୁ ପଚରାଉଚରା କରିଥିଲେ। ପରେ ଉକ୍ତ ଗୋଷ୍ଠୀରୁ ଜଣେ ପୁରୁଷ ଓ ଜଣେ ମହିଳା ଅଣହିନ୍ଦୁ ବୋଲି ଜଣାପଡ଼ିଥିଲା। ଦୁହେଁ ଦୀର୍ଘବର୍ଷ ଧରି ଉକ୍ତ ସଂସ୍ଥା ସହ ଜଡ଼ିତ ଥିବା ଜଣାଯାଇଛି। ଖବର ପାଇ ପୁଲିସ ପ୍ରଶାସନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ସମ୍ପୃକ୍ତ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ସହ ଆଇନଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଅଣହିନ୍ଦୁ ପ୍ରବେଶ ଘଟଣା ପରେ ମନ୍ଦିର ପରମ୍ପରା ଅନୁଯାୟୀ ପ୍ରଭୁ ବଳଦେବଜୀଉଙ୍କ ମହାସ୍ନାନ କରାଯାଇଥିଲା। ପରେ ପୂଜାପଣ୍ଡା ଓ ରାଜପୁରୋହିତଙ୍କ ଦ୍ୱାରା ମନ୍ଦିର ଶୋଧନ କାର୍ଯ୍ୟ ସମ୍ପନ୍ନ କରାଯାଇ ନୀତିକାନ୍ତି ପୁନର୍ବାର ଆରମ୍ଭ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାକୁ ନେଇ ଭକ୍ତଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବାବେଳେ ଭବିଷ୍ୟତରେ ଏପରି ଘଟଣା ନ ଘଟିବା ପାଇଁ ମନ୍ଦିର ପ୍ରଶାସନ ଓ ପୁଲିସ ପକ୍ଷରୁ କଠୋର ବ୍ୟବସ୍ଥା ନେବାକୁ ଦାବି ଉଠିଛି।

## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ




କେନ୍ଦ୍ରାପଡ଼ା,୨୩।୧୨(ସମିସ): ଇଚ୍ଛାପୁର ସରକାରୀ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଆଜି ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ବିଜ୍ଞାନ ଶିକ୍ଷା ଓ ନବଚେତନା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ବିକାଶରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଶିବାଶିଷ ଗିରି, ସମ୍ମାନିତ ଅତିଥି ଭାବେ ସହନିର୍ଦ୍ଦେଶିକା ଡିପିଏମୟୁ ଆରତୀ ନାୟକ, କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଦଳାଇ, ଇଚ୍ଛାପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରା ଓ ଶିକ୍ଷୟିତ୍ରୀ ଏଲିନା ସାହୁ ସଭା ସଂଯୋଜନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ଆଦିକନ୍ଦ ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମହାକାଳପଡ଼ା ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ମନୋଜ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ଚନ୍ଦ୍ର ପରିଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ୧୩୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଜାତୀୟ ଗଣିତ ଦିବସ




ପଟ୍ଟାମୁଣ୍ଡାଇ,୨୩।୧୨(ସମିସ): ପ୍ରଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ପୁଣ୍ୟ ଜନ୍ମତିଥିରେ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଏହି ଉତ୍ସବକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚିନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରମୋଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସହକାରୀ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ସାହୁ ସଭାପତିତ୍ୱ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଗଣିତ ପ୍ରମୁଖ କ୍ଷୀରୋଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଗଣିତ ଆଧାରିତ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାୟ ୪୫୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଗଣିତ ହାଟ ଓ ଦୋକାନ। ପ୍ରଧାନଆଚାର୍ଯ୍ୟ ପ୍ରଭାତ କିଶୋର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ସାମ୍ବାଦିକ ଓ ବିଦ୍ୟାଳୟର ବିଦ୍ୱତ ପରିଷଦର ସଂପାଦକ ଡା. ଅଲେଖ ଶର୍ମା, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଶ୍ରୀଧର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ହରିହରାନନ୍ଦ ବାଳାଶ୍ରମର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୨୩।୧୨(ସମିସ): ପଟ୍ଟାମୁଣ୍ଡାଇ ନିକଟ ଅରୁଆ ହରିହରାନନ୍ଦ ବାଳାଶ୍ରମର ୨୧ତମ ବାର୍ଷିକ ଉତ୍ସବ 'ସ୍ପନ୍ଦନ' ଅନୁଷ୍ଠିତ ହୋଇଯାଇଛି। ବାଳାଶ୍ରମ ପ୍ରତିଷ୍ଠାତା ମହାନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଳାଶ୍ରମ ଅଧକ୍ଷ ଡ. ମଳୟ ନନ୍ଦ ପୌରୋହିତ୍ୟ କରିଥିଲେ। ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସିଏମ୍‌ଡି ଓଡ଼ିଶା ରାଜ୍ୟ ପୁଲିସ, ଗୃହ ଏବଂ ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟ ଦର୍ଶୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମାଜର ଅବହେଳିତ ଗରିବ ଅନାଥ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣାରେ ଆବାସିକ ଉଚ୍ଚଶିକ୍ଷା ଯୋଗାଇ ଦେଇଥିବା ହରିହରାନନ୍ଦ ବାଳାଶ୍ରମ ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱର ପୂର୍ବତଟ ରେଳ ବିଭାଗ ମୁଖ୍ୟ କାର୍ମିକ ଅଧିକାରୀ ସାଗରିକା ପଟନାୟକ, ସଲାମ ଜୀବନ ପରିଚାଳନା ନିର୍ଦ୍ଦେଶକ ଡ. ଇମ୍ରାନ ଅଲ୍ଲୀ, ଅକ୍ଷମତା ଅନ୍ତର୍ଭୁକ୍ତୀ ବିଶେଷଜ୍ଞ ଡ ସ୍ମୃତି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ "ପରମହଂସ ପ୍ରଜ୍ଞାନାନନ୍ଦ ଓ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ ଓ ପରମହଂସ ପ୍ରଜ୍ଞାନାନନ୍ଦ ଛାତ୍ର ଛାତ୍ରୀ ମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ ଓ ଏଇ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କଳା ଓ ବିଜ୍ଞାନ ପ୍ରଦର୍ଶନୀକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାମୀ ସୁଗୀତାନନ୍ଦ ଗିରି, ପ୍ରଜ୍ଞାନ ମିଶନର ସମ୍ପାଦକ ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ଗିରିଙ୍କ ସମେତ ବହୁ ସନ୍ୟାସୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।




## ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀରେ ଗଡମେକର୍ ସଙ୍ଗୀତାଞ୍ଜଳି



ପଟ୍ଟାମୁଣ୍ଡାଇ,୨୩।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ/ନଶିପୁରସ୍ଥ ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ର ସମ୍ବଳିତ ଓଡ଼ିଶାର ସର୍ବବୃହତ ପଞ୍ଚକଳା କେନ୍ଦ୍ର ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡ଼ ମେକର) ପକ୍ଷରୁ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଉତ୍ସବରେ ସଙ୍ଗୀତାଞ୍ଜଳି ପରିବେଷଣ କରାଯାଇଥିଲା। ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ସୁଶାନ୍ତ ପାଣିଙ୍କ ନିର୍ଦ୍ଦେଶନା ଓ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆକାଶବାଣୀ/ଦୂରଦର୍ଶନ କଣ୍ଠଶିଳ୍ପୀ ସୁପ୍ରିୟା ଦାଶ, ସାଇ ସମୀକ୍ଷା ସାହୁ, ସୁଶ୍ରୀ ସମନ୍ୱିତା ଦାଶ, ଆଦ୍ୟାଶା ଦାସ, ଶୁଭଲକ୍ଷ୍ମୀ ସାହୁ, ତନୁଜା ଦାଶ ଓ ସୁପ୍ରିୟା ସେନ, ବାଦ୍ୟାଞ୍ଜଳିରେ ସଞ୍ଜୟ ଦେବ, ବିଶ୍ୱଜିତ ଦାସ, ସରୋଜ ପଣ୍ଡା ଓ ଜଗନ୍ନାଥ ମଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସୁଶାନ୍ତ ପାଣିଙ୍କ କଣ୍ଠରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ଉଚ୍ଚାରିତ ଜଗନ୍ନାଥ ଜଣାଣ "ମନ ପାରାରେ, ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି' ବେଶ ମନମୁଗ୍ଧକର ହୋଇଥିଲା। ଗଡମେକର୍ କଣ୍ଠଶିଳ୍ପୀ ସୁପ୍ରିୟା ଦାଶ "ବେଦନା ଭରା ଜୀବନ ମୋର କରୁଣାରେ ଦିଅ ଭରି' ପରିବେଷଣ କରିଥିଲେ। ଗୀତିକବି ସୁଶାନ୍ତ ପାଣିଙ୍କ ରଚିତ "ଏଦେଶ ମାଟିର କୋଣେ ଅନୁକୋଣେ' ଦେଶାତ୍ମବୋଧକ ବୃନ୍ଦଗାନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ବିଏନଏନଆର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା



ପଟ୍ଟାମୁଣ୍ଡାଇ,୨୩।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମାଳିପୁରଠାରେ ଅବସ୍ଥିତ ବିଏନଏନଆର ପବ୍ଲିକ ସ୍କୁଲରେ ଗତ ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦଯାପିତ ହୋଇଛି। ଏହି ଉତ୍ସବରେ ବିଦ୍ୟାଳୟର ଚେୟାରମ୍ୟାନ ନିରୁପମା ପାତ୍ର ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଶଶିକାନ୍ତଙ୍କ ସାହୁ ଅଧ୍ୟକ୍ଷତାରେ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଭାଇସ ପ୍ରିନ୍ସିପାଲ ସ୍ନେହଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ଦେସାହି ସମିତିରେ ଋଣ ପ୍ରଦାନରେ ଅନିୟମିତତା

## ସମିତି ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

ଗୋବିନ୍ଦପୁର,୨୩।୧୨(ସମିସ): ଆଳି ବ୍ଲକ ଅନ୍ତର୍ଗତ ଦେସାହି କୃଷି ସେବା ସମବାୟ ସମିତିରେ କୃଷି ଋଣ ପ୍ରଦାନରେ ଅନିୟମିତତା, ପାତରଅନ୍ତର କରାଯାଇଥିବା ଚାଷୀ ଅଭିଯୋଗ କରି ସମିତି ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଦେସାହି ସମିତିରେ ଚାଷୀଙ୍କୁ



ଋଣ ମିଳୁନି। ଋଣ ପ୍ରଦାନରେ ଅନିୟମିତତା, ସମ୍ପାଦକ ଋଣ ଦେବାରେ ପାତରଅନ୍ତର କରୁଛନ୍ତି। ସମିତି କାର୍ଯ୍ୟାଳୟ ଏରଡଙ୍ଗରୁ ଦେସାହିକୁ ସ୍ଥାନାନ୍ତର ପ୍ରମୁଖ ଦାବି ନେଇ ଚାଷୀ ବିଷ୍ଣୁଚରଣ ମଲ୍ଲିକ, ଅଭି ମଲିକ, ଶ୍ରୀକାନ୍ତ ମଲିକ, ସରୋଜ ଦାସ, କୃଷ୍ଣ ସେଠୀ, ମହେଶ୍ୱର ମଲିକ, ଉମାକାନ୍ତ ମଲିକ, ନନ୍ଦକିଶୋର ସାହୁ, ସୁରେଶ ମଲିକ, ସୁଶାନ୍ତ ରାଉତ, ପ୍ରକାଶ ମଲିକ, କରୁଣାକର ସେଠୀ, ସରପଞ୍ଚଙ୍କ ପ୍ରତିନିଧି ମନୋଜ ଦାସ, ସମିତି ସଭ୍ୟ ସନ୍ତୋଷ ବେହୁରିଆଙ୍କ ସମେତ ବହୁ ଚାଷୀ ବିକ୍ଷୋଭ କରିଥିଲେ। ତୁରନ୍ତ ଏହାର ତଦନ୍ତ କରିବା ସହିତ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

# ରାସ୍ତା ଖୋଲି ବାଡ଼ ବସାଇଦେଲେ, ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ଡେରାବିଶ,୨୩।୧୨(ସମିସ):

ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ପୁ ଗ୍ରାମର ଏକ ସାହି ମଧ୍ୟକୁ ଯାଇଥିବା ରାସ୍ତା ଜଣେ ଖୋଳିଦେବା ସହ ବାଡ଼ ବସାଇଛନ୍ତି। ଫଳରେ ଶତାଧିକ ଲୋକ ଘରୁ ବାହାରିପାରୁନାହାନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଛନ୍ତି ଲୋକେ। ଏହି ରାସ୍ତାକୁ ଜଣେ ବ୍ୟକ୍ତି ନିଜର ବୋଲି ଦାବି କରିବା ସହିତ ଏଭଳି ବାଡ଼ ପକାଇଥିବା ଜଣାପଡ଼ିଛି। ଏଥିଯୋଗୁଁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର ଦୁଇଦିନ ହେବ ଏକ ପ୍ରକାର ଗୃହବନ୍ଦୀ ହୋଇଛନ୍ତି। ଏପରିକି ସ୍କୁଲ କଲେଜ ଛାତ୍ରଛାତ୍ରୀ ପାଠପଢ଼ିବାକୁ ଯାଇ ପାରୁନାହାନ୍ତି। ଏ ସମ୍ପର୍କରେ ଗ୍ରାମର ମନୋରଞ୍ଜନ ପଟ୍ଟନାୟକ ଗତକାଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ତ୍ୱରିତ ସମାଧାନ ପାଇଁ ଦାବି କରିଛନ୍ତି। ଏଥିସହିତ ସେ ଏହି ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ



ଚରଣ ମାଝୀଙ୍କ ନିକଟରେ ଆଜି ଅଭିଯୋଗ କରିଥିବା ଜଣାଯାଇଛି। ଶ୍ରୀ ପଟ୍ଟନାୟକଙ୍କ ଅଭିଯୋଗ ଅନୁଯାୟୀ ଗତ ୭୦ ବର୍ଷ ହେବ ଏହି ରାସ୍ତା ଦେଇ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ପରିବାର ଯାତାୟତ କରୁଥିଲେ। ହେଲେ ଦୁଇଦିନ ତଳେ ଜଣେ ବ୍ୟକ୍ତି ରାସ୍ତା ତାଙ୍କ ଜମିରେ ହୋଇଥିବା ଦାବି କରି ଖୋଳି ଦେଇଛନ୍ତି। ରାସ୍ତା ଖୋଳି ସାରିବା ପରେ ସେଥିରେ ବାଡ଼ ବସାଇ ଚଳପ୍ରଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଫଳରେ ଅବସରପ୍ରାପ୍ତ ଅଧ୍ୟାପକ କଳ୍ପତରୁ ପଟ୍ଟନାୟକ, ଯୋଗେନ୍ଦ୍ର ନାୟକ, ରବୀନ୍ଦ୍ର ନାୟକ, କ୍ଷୀରୋଦ ମହାରଣା, ମନୋରଞ୍ଜନ ପରିଡ଼ା, ଭାଗୀରଥି ପରିଡ଼ା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, କ୍ଷୀରୋଦ ରାଉତ ଓ ନିକଟସ୍ଥ ଦଳିତ ବସ୍ତିର ଅନେକ ଲୋକ ଘରୁ ବାହାରିପାରୁନାହାନ୍ତି ବୋଲି ଦର୍ଶାଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ରେକଡର୍‌ରେ ୨୦ କଡ଼ି ରାସ୍ତା ଅଛି। ପୂର୍ବରୁ ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଛି, ମାପଚୁପ ବି ହୋଇଛି। ତେବେ ଆଜି ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଓ ଯଅଁରାବାରିମୂଳ ରାଜସ୍ୱ ନିରୀକ୍ଷିକା ଇପ୍‌ସିତା ପରିଜା ଘଟଣା ସ୍ଥଳରେ ପହଞ୍ଚି ସମାଧାନ ପାଇଁ ଉଦ୍ୟମ କରିଥିବା ବେଳେ ତୁରନ୍ତ ତହସିଲ ପକ୍ଷରୁ ମାପ କରାଯାଇ ରାସ୍ତାକୁ ଚିହ୍ନଟ କରାଯିବ ବୋଲି କହିଥିଲେ।

## କୃଷି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

# କୃଷି ସମ୍ବନ୍ଧୀୟ ସୂଚନା ମିଳିବାରେ ବିଳମ୍ବ

■ ୧୭ ଆବଶ୍ୟକ ଥିବାବେଳେ ଅଛନ୍ତି ୭ କର୍ମଚାରୀ
■ ଖାଲି ପଦବୀ ପୂରଣ ପାଇଁ ଅଞ୍ଚଳବାସୀଙ୍କ ଦାବି

ମୋରଡ଼ା, ୨୩।୧୨(ସମିସ): ଅନେକ ସମୟରେ ବନ୍ୟା, ବାତ୍ୟା, ମରୁଡ଼ି ଓ ଫସଲହାନୀ ଦ୍ୱାରା କବଳିତ ହୋଇଆସୁଥିବା ମୋରଡ଼ା ବ୍ଲକ ଚାଷୀଙ୍କ ପାଖରେ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ତଥା ଆନୁସଙ୍ଗିକ ପରାମର୍ଶ ପହଞ୍ଚିପାରୁନାହିଁ, ଯାହାଦ୍ୱାରା କୃଷିରେ ବିଶେଷ ଉନ୍ନତି ହେଉନଥିବା ପରିଲକ୍ଷିତ ହେଉଛି। କିଛିମାସ ତଳେ ଲଗାଣ ବର୍ଷା ଓ ବନ୍ୟା କୃଷକର ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଏଭଳି ସମୟରେ ମଧ କୃଷକଙ୍କ ପାଖରେ ପହଞ୍ଚିପାରୁନାହାନ୍ତି କୃଷି କର୍ମଚାରୀ। ମୋରଡ଼ା ବ୍ଲକ ସଦର ମହକୁମା ଚିତ୍ରଡାରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଏହା ଦେଖିବାକୁ ମିଳିଛି। ଏହି କେନ୍ଦ୍ରରେ ଅଧିକାରୀ ଓ କର୍ମଚାରୀ ଅଭାବ ସମସ୍ୟା ଦେଖାଦେଇଛି। ଫଳରେ ଚାଷୀ ସୂଚନା ପାଇବାରେ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ମୋରଡ଼ା ବ୍ଲକରେ ଜଣେ କୃଷି ଅଧିକାରୀ ଓ ଦୁଇଟି ବ୍ଲକ ଟେକନିକାଲ ମ୍ୟାନେଜରଙ୍କ ଆବଶ୍ୟକ ଥିବାବେଳେ ଜଣେ ମାତ୍ର କୃଷି ଅଧିକାରୀ ଭାବେ ସ୍ନେହାଶିଷ ସାହୁ ଦାୟିତ୍ୱରେ ଅଛନ୍ତି। ଫଳରେ ଜଣେ ବ୍ୟକ୍ତି ଏତେ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇବା ମୁସ୍କିଲ ହୋଇପଡୁଛି। ତାଙ୍କ କାର୍ଯ୍ୟବ୍ୟସ୍ତତାର ସୁଯୋଗ ନେଇ କିଛି ଗ୍ରାମ୍ୟ କୃଷି



କର୍ମଚାରୀ ଏପରିକି ମାସ ମାସ ଧରି ନିଜ କାର୍ଯ୍ୟକ୍ଷେତ୍ରକୁ ଯାଉନାହାନ୍ତି। ଏହି କର୍ମଚାରୀ କିଛି କୃଷକ ସାଥୀଙ୍କ ଜରିଆରେ ସମସ୍ତ କାର୍ଯ୍ୟ ତୁଲାଇ ନେଉଥିବା ଅଭିଯୋଗ ହେଉଛି। ସେହିପରି ମୋରଡ଼ା ବ୍ଲକରେ ୨୦ଟି ପଞ୍ଚାୟତରେ ଫିଲ୍ଡରେ କାର୍ଯ୍ୟ କରିବା ପାଇଁ ୧୧ଟି ଭିଏଡବ୍ଲ୍ୟୁ ଓ ଓଉଏସିର ପୋଷ୍ଟ ଥିବାବେଳେ ୫ଟି ଖାଲି ପଡ଼ିଛି। ଅଫିସକୁ ଜଗିବା କିମ୍ବା କୌଣସି କାଗଜପତ୍ର ନେବା ଆଣିବା ଅଥବା ଅଫିସ ଖୋଲିବା ପାଇଁ ଜଣେ ମଧ ପିଅନ କିମ୍ବା ରାତି ଜଗୁଆଳି ନାହାନ୍ତି। ତେଣୁ ଖାଲିଥିବା ପଦବୀ ପୂରଣ କରିବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ସ୍ନେହାଶିଷ ସାହୁଙ୍କୁ ପଚାରିବାରୁ ଚାଷୀଙ୍କୁ ଠିକ୍ ଭାବେ ସଚେତନ କରାଯାଉଛି। ଆଉ କିଛି କର୍ମଚାରୀ ନିଯୁକ୍ତି ହୋଇଥିଲେ ଭଲ ହୋଇଥା'ନ୍ତା କହିଛନ୍ତି।

## କପ୍ତିପଦା ବ୍ଲକ୍‌ରେ ଉଜୁଡ଼ିଗଲାଣି ଶିକ୍ଷା ବ୍ୟବସ୍ଥା

କପ୍ତିପଦା, ୨୩।୧୨(ସମିସ): କପ୍ତିପଦା ବ୍ଲକରେ ଉଜୁଡ଼ିଯାଇଛି ଶିକ୍ଷା ବ୍ୟବସ୍ଥା। କେଉଁଠି ଶିକ୍ଷକ ବିଳମ୍ବରେ ଆସୁଛନ୍ତି ତ ଆଉ କେଉଁଠି ମଧ୍ୟାହ୍ନଭୋଜନ ପରେ ଗେଟରେ ତାଲା ପକାଇ ପଳାଉଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଏଭଳି ଏକ ଘଟଣା ଜଡିଦା ପଞ୍ଚାୟତ ଗୁଣ୍ଡିବିଲ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ୨୨ ତାରିଖ ଦିନ ମଧ୍ୟାହ୍ନ ଭୋଜନ ପରେ ପ୍ରାୟ ୨ଟା ୪୫ ମିନିଟ୍ ସମୟରେ ଗେଟରେ ତାଲା ପଡ଼ିଥିବା ଚିତ୍ର ମୋବାଇଲରେ ଭାଇରାଲ ହେଉଛି। ଏ ସମ୍ପର୍କରେ ଆମେ ପ୍ରଧାନଶିକ୍ଷକ ପଞ୍ଚାନନ ବେହେରାଙ୍କୁ ଯୋଗାଯୋଗ କରିବାରୁ ଘଟଣା ସତ୍ୟ ବୋଲି ସ୍ୱୀକାର କରିଛନ୍ତି। ସୋମବାର ଖରାପ ଥିବା ଓ ବିଦିକ ଘରୋଇ ଅସୁବିଧା ଥିବା ଯୋଗୁଁ ଆମେ ୨ଟା ୪୫ରେ ସ୍କୁଲ ବନ୍ଦ କରିଦେଇଛୁ। ପୂର୍ବରୁ ଏମିତି କେବେ ହୋଇ ନ ଥିଲା। କେବଳ ଏହି ବିଦ୍ୟାଳୟ ନୁହେଁ, ପ୍ରାୟତଃ ବ୍ଲକ ଅଧୀନରେ ଥିବା ଶତପ୍ରତିଶତ ବିଦ୍ୟାଳୟରେ ଏମିତି ଘଟଣା ନିତିଦିନିଆ। ଦୀର୍ଘଦିନ ହେବ ବିଇଓ ପଦବୀ ଫାଙ୍କା ପଡ଼ିଥିବାବେଳେ ଏବିଓ କାମ ଚଳାଉଛନ୍ତି। ସେ ଅସୁସ୍ଥ ଥିବାରୁ କୌଣସି ବିଦ୍ୟାଳୟ ପରିଦର୍ଶନ କରୁନାହାନ୍ତି। ଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ଖାମଖିଆଲ ମନୋଭାବ ନେଇ ବିଦ୍ୟାଳୟକୁ ଆସୁଛନ୍ତି। ଅନେକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପଢୁଥିବା ଛାତ୍ରଛାତ୍ରୀ ବର୍ଣ୍ଣମାଳା ଲେଖି ପାରୁନାହାନ୍ତି। ଶିକ୍ଷା ବ୍ୟବସ୍ଥା ପୁରାପୁରି ଉପୁଡ଼ି ଯାଉଥିବାବେଳେ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ନେଇ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି।



## ବିଜେପି ମୟୂରଭଞ୍ଜ ପୂର୍ବ ସାଂଗଠନିକ କମିଟିର ନୂତନ କର୍ମକର୍ତ୍ତା

ବାରିପଦା, ୨୩।୧୨(ସମିସ): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଜିଲ୍ଲା (ପୂର୍ବ) ସଭାପତି ନିହାର ରଞ୍ଜନ ମୋଦୀ ତାଙ୍କର ନୂତନ ଜିଲ୍ଲା କମିଟି ଘୋଷଣା କରିଛନ୍ତି। ଉପସଭାପତି ଭାବେ ଗୋଲକଗୋବିନ୍ଦ ବେହେରା, ମମତା ସାହୁ, ସରୋଜିନୀ କିସ୍କୁ, କୁମାର ମଙ୍ଗଳମ୍, ରାଜକିଶୋର ସାହା, ପ୍ରମୋଦ ସାହୁ, ମମତା ମଣ୍ଡଳ ଓ ରଞ୍ଜନ ମଣ୍ଡଳ ରହିଥିବାବେଳେ ସାଧାରଣ ସମ୍ପାଦକ ଭାବେ ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ ପାତ୍ର ଓ ପ୍ରାଣକୃଷ୍ଣ ବେରା ରହିଛନ୍ତି। ସମ୍ପାଦକ ଭାବେ ଟିକିମଣି ନାୟକ, ସୁଜାତା ଷଡ଼ଙ୍ଗୀ, ପ୍ରାଣକୃଷ୍ଣ ବେରା, ଦୁଲାରୀ ସିଂ, ପ୍ରଭାତ ଜେନା, ହରିପ୍ରସାଦ ଭଞ୍ଜଦେଓ, ଉର୍ବଶୀ ମହାନ୍ତ, ପୁରୁଷୋତ୍ତମ ଦେ ଓ ଜୟରାମ ସିଂ ରହିଥିବାବେଳେ କୋଷାଧ୍ୟକ୍ଷ ଭାବେ ପରେଶ ଚନ୍ଦ୍ର ମହାନ୍ତ, କାର୍ଯ୍ୟାଳୟ ସମ୍ପାଦକ ଭାବେ ବୀରକିଶୋର ପଟ୍ଟନାୟକ, ପ୍ରବକ୍ତା/ମୁଖପାତ୍ର ଭାବେ ନରୋତ୍ତମ ପାଣିଗ୍ରାହୀ, ମିଡ଼ିଆ ଦାୟିତ୍ୱରେ ଦିନେଶ ଦାସ, ସୋସିଆଲ ମିଡ଼ିଆ ଦାୟିତ୍ୱରେ ପ୍ରଦୀପ ମହାନ୍ତ ଓ ଅମିୟ ଦାସ ନିଯୁକ୍ତ ହୋଇଛନ୍ତି।

## ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ନୂତନ କମିଟି



ରାଇରଙ୍ଗପୁର/ବିଶୋଇ, ୨୩।୧୨ (ସମିସ): ଭାରତୀୟ ଜନତା ପାର୍ଟି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା କମିଟି ଗଠନ କରାଯାଇ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ନାମ ଘୋଷଣା କରାଯାଇଛି। ସଭାପତି ଭାବେ ଜୁରିଲାଲ ମହାନ୍ତଙ୍କୁ ପୂର୍ବରୁ ଦାୟିତ୍ୱ ମିଳିଛି। ଉପସଭାପତି ଭାବେ ଆଶିଷ ମହାନ୍ତ, ବିମଳ ସେନାପତି, ରାନୀ ମଣ୍ଡଳ, ତାପସ ଦତ୍ତ, ସତ୍ୟରଞ୍ଜନ ମଣ୍ଡଳ, କାଳୀଚରଣ ନାୟକ, ରଞ୍ଜନ ମହାନ୍ତ, ରହିତ ବୈଦ୍ୟ ଏବଂ ସାଧାରଣ ସମ୍ପାଦକ"ଭାବରେ ବିପିନ ବିହାରୀ ମହାନ୍ତ, ସରୋଜ ମହାନ୍ତ, ଜନାର୍ଦ୍ଦନ ବେହେରାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ସମ୍ପାଦକ ଭାବରେ ନାନୀକା ନାଏକ, ମଞ୍ଜୁଲତା ଗିରି, ସାମନ୍ତ ଶେଖର ଗିରି, ରଞ୍ଜିତା ମହାନ୍ତ, ପ୍ରକାଶିନୀ ପୃଷ୍ଟି, ସଞ୍ଜୀବ ପାଣିଗ୍ରାହୀ, ରୁକ୍ମଣୀ ପାତ୍ର, ପ୍ରତିମା ନନ୍ଦ ଏବଂ କୋଷାଧକ୍ଷ ଭାବେ ବିକାଶ ଚନ୍ଦ୍ର ମହାନ୍ତଙ୍କୁ ନିଯୁକ୍ତି କରାଯାଇଛି।

## ସାନ୍ତାଳୀ ଭାଷା ଦିବସ ପାଳିତ



ରାଇରଙ୍ଗପୁର, ୨୩।୧୨ (ସମିସ): ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତି କମିଟି ପକ୍ଷରୁ ବିଜତଳା ଉଚ୍ଚବିଦ୍ୟାଳୟ ପଡ଼ିଆରେ ସାନ୍ତାଳୀ ଭାଷା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ନବୀନ ରାମ, ବରିଷ୍ଠ ନେତା ସଞ୍ଜୀବ ମହାନ୍ତି, ସରୋଜ ମହାନ୍ତ, ଅମୋଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ରାଇରଙ୍ଗପୁର ସହର ମୁର୍ମୁ ଛକସ୍ଥ ଅଲଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବିଜତଳା ହାଟ ପଡ଼ିଆରୁ ବିଦ୍ୟାଳୟ ପଡ଼ିଆ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଦିବାସୀ ପାରମ୍ପରିକ ନୃତ୍ୟ ଗୀତ ଓ ପୋଷାକରେ ଶୋଭାଯାତ୍ରା ପରିକ୍ରମା କରିଥିଲେ। ବିଜତଳାଠାରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ପରେ ପାରମ୍ପରିକ ସାନ୍ତାଳୀ ପତାକାକୁ ସାରସକଣା ବିଧାୟକ ଶ୍ରୀ ହାଁସଦା ଉତ୍ତୋଳନ କରିଥିଲେ। ଏ ଅବସରରେ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମର ମାଝୀ ବାବାଙ୍କୁ ସମ୍ମାନିତ କରାଯାଇଥିଲା। ୨୦୦୩ ଡିସେମ୍ବର ୨୨ରେ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଆଦିବାସୀ ସାନ୍ତାଳୀ ଭାଷାକୁ ସାମିଲ କରାଯାଇଥିଲା। ସେହି ସ୍ମୃତିରେ ପ୍ରତିବର୍ଷ ଉକ୍ତ ଦିବସ ପାଳନ କରାଯାଉଛି। ସାନ୍ତାଳୀ ଭାଷା, ଲିପି ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ସମସ୍ତେ ଏକତ୍ରିତ ହୋଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନକୁ ସ୍ମରଣ କରିଥିଲେ।

## ପ୍ରମୁଖ ଶାସନ ସଚିବଙ୍କ ମହିଳା ମହାବିଦ୍ୟାଳୟ ପରିଦର୍ଶନ

ରାଇରଙ୍ଗପୁର, ୨୩।୧୨(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ କର୍ମଚାରୀ ଓ ଛାତ୍ରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତାଙ୍କ ସହ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତୀ, ଡିସିପିଓ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ମାନସ ବେହେରା ଉପସ୍ଥିତ ଥିଲେ। ଛାତ୍ରୀ ପାୟଲ ବେହେରାଙ୍କ ପ୍ରଶ୍ନୋତ୍ତର ଅତି ପ୍ରଶଂସନୀୟ ହୋଇଥିଲା। ଅଧ୍ୟକ୍ଷ ରବିଶଙ୍କର ଶତପଥୀ ସଭାପତିତ୍ୱ କରିଥିବାବେଳେ ବିଜୟ ରାମ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

କୁଳିଅଣା, ୨୩।୧୨(ସମିସ): ଆଇସିଏଆର କେନ୍ଦ୍ରୀୟ କନ୍ଧ ଫସଲ ଅନୁସନ୍ଧାନ ସଂସ୍ଥା ଭୁବନେଶ୍ୱର ପକ୍ଷରୁ କୁଳିଅଣାରେ ଏକଦିବସୀୟ କନ୍ଧ ଫସଲ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। କନ୍ଧ ଫସଲ ଉପଯୋଗ ଓ କନ୍ଧ ଫସଲ ମୂଲ୍ୟାଙ୍କନ ନିମନ୍ତେ ଆବଶ୍ୟକୀୟ ଉପକରଣ ବଣ୍ଟନ ସମ୍ପର୍କିତ କର୍ମଶାଳା ଆୟୋଜନ କରାଯାଇଥିଲା। ଯଦ୍ୱାରା ଚାଷୀଙ୍କ ଆର୍ଥିକ ସୁଧାର, ଆୟବୃଦ୍ଧି, ପୁଷ୍ଟି ସାଧନ ଓ କର୍ମସଂସ୍ଥାନ ଯୋଗାଇ ପାରିବ। ଉକ୍ତ କର୍ମଶାଳା ବାଲେଶ୍ୱର ସାମାଜିକ ସେବା ସଂସ୍ଥା ପକ୍ଷରୁ ଆୟୋଜନ କରାଯାଇଥିଲା। ମୁଖ୍ୟ ବୈଜ୍ଞାନିକ କେ. ଲକ୍ଷ୍ମୀନାରାୟଣ ଯୋଗଦେଇ ଚାଷୀଙ୍କୁ ଏହାର ଲାଭ ଉଠାଇବା ନିମନ୍ତେ ପରାମର୍ଶ ଦେଇଥିଲେ। ଉଦ୍ୟାନ ବିଭାଗ ବାରିପଦା ଉପନିର୍ଦ୍ଦେଶକ ଟଙ୍କଧର କାଲୋ, ଚାନ୍ଦୁଆ ପଶୁ ଅଧିକାରୀ ବିଶ୍ୱଦୀପ ବେହେରା, ସରଗଛିଡା କୃଷି ଅଧିକାରୀ ସଞ୍ଜୟ ମହାନ୍ତି ଓ ବାଲେଶ୍ୱର ସାମାଜିକ ସେବା ସଂସ୍ଥା ସଂଯୋଜକ ବଳରାମ ବେହେରା, ନନ୍ଦକିଶୋର ବେହେରା, ବୁଧୁନି ମୁର୍ମୁ, କରୁଣାକର ହାଁସଦା, ବେଞ୍ଜାମିନ ହାଁସଦା, କ୍ଷେତ୍ର ସହାୟକ ସଞ୍ଜୟ ମହାନ୍ତି ଉପସ୍ଥିତ ଥିଲେ।

## ବାରିପଦା ଡିଗ୍ରୀ କଲେଜରେ ଗଣିତ ଦିବସ




ବାରିପଦା, ୨୩।୧୨(ସମିସ): ସ୍ଥାନୀୟ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟ ଗଣିତ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା ଦେବଦତ୍ତ ମହାନ୍ତି, ବିବି ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କେଦାର ପରିଡ଼ା, ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଗଣିତ ଅଧ୍ୟାପକ ଗୋପାଳଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ ଗାଣିତିକ ଶ୍ରୀନିବାସ ରାମାନୁଜଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଯଦୁନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଶ୍ରୀମତୀ ଇନ୍ଦିରା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ସିଏଏମ୍ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ହରିପୁରଗଡ଼ ଭ୍ରମଣ




ବାରିପଦା, ୨୩।୧୨(ସମିସ): ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ୍ ସ୍ୱେଚ୍ଛାସେବୀ ସୋମବାର ରାଜ୍ୟ ଐତିହ୍ୟ ହରିପୁରଗଡ଼ ଭ୍ରମଣରେ ଯାଇ ସଫେଇ କାର୍ଯ୍ୟ କରିଛନ୍ତି। ହରିପୁରଗଡ଼ ଇଟାରେ ତିଆରି ଏକ ଗୋଲାକାର ମନ୍ଦିର ସଦୃଶ। ଯାହାକୁ ବେଙ୍ଗଲ ପ୍ରସିଦ୍ଧ ରସିକ ରାୟ ମନ୍ଦିର ସହ ତୁଳନା କରାଯାଏ। ଏହା ପୂର୍ବ ମୟୂରଭଞ୍ଜ ରାଜ୍ୟର ଭଞ୍ଜ ବଂଶର ରାଜଧାନୀର ଭଗ୍ନାବିଶେଷ। ଏହାକୁ ୧୪ଶହ ଶତାବ୍ଦୀରେ ରାଜା ବୈଦ୍ୟନାଥ ଭଞ୍ଜ ନିର୍ମାଣ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ଦଳ ଏହି ଐତିହାସିକ ସ୍ଥାନ ପରିଦର୍ଶନ କରିବା ସହ ସଫେଇ କାର୍ଯ୍ୟ କରିଥିଲେ। ସେଠାରେ ଉପସ୍ଥିତ କର୍ମଚାରୀ ସହାୟତା କରିଥିଲେ। ସ୍ନେହାଶ୍ରୀ ଦେ, ନମିତା ବେହେରା, ବନ୍ଦିତା ଦାସ, ଇତିଶ୍ରୀ ମହାନ୍ତ, ସୋନାଲି ମାରାଣ୍ଡି, ଗାୟତ୍ରୀ ପଟ୍ଟନାୟକ, ଶ୍ରୁତିରେଖା ସିଂ, ତନୁଶ୍ରୀ ସିଂ, ମାନସ ନନ୍ଦୀ, ଗାଲୁ ବାସ୍କେ, ଜ୍ୟୋତିପ୍ରକାଶ ଲେଙ୍କା, ପ୍ରକାଶ ମହାନ୍ତ ପ୍ରମୁଖ ସୁଶ୍ରୀ ନାୟକ ତତ୍ତ୍ୱାବଧାନରେ ଭ୍ରମଣ କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଗଣିତ ଦିବସ

ବାରିପଦା, ୨୩।୧୨(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ କଲେଜର ଗଣିତ ବିଭାଗ ପକ୍ଷରୁ ଗଣିତ ଦିବସ ପାଳନ ସହ 'ମେମୋରି ଲେଆଉଟ ଅଫ ସି ପ୍ରୋଗ୍ରାମିଂ' ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଷୟ ବିଶାରଦ ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏମସିଏ ବିଭାଗ ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଶୋଇ ଯୋଗଦେଇ ପାୱାର ପଏଣ୍ଟ ଉପସ୍ଥାପନ ମାଧ୍ୟମରେ ଆଲୋଚ୍ୟ ପ୍ରସଙ୍ଗରେ ବିସ୍ତୃତ ଚର୍ଚ୍ଚା କରିଥିଲେ। ଗଣିତଜ୍ଞ ଶ୍ରୀନିବାସନ ରାମାନୁଜନଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଉଭୟ ପିଜି ଓ ୟୁଜି ଛାତ୍ରଛାତ୍ରୀ ଅବିନାଶ ମହାପାତ୍ର, ସୁନୀତା ସାହୁ, ବିପୋସ ପାତ୍ର, ପ୍ରତ୍ୟାସ ଦାସ, ତନ୍ମୟୀ ମିଶ୍ର, ଝରଣା ସାହୁ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ମନମୋହନ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ନିଲରତ୍ନ କଲିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମଧୁସ୍ମିତା ମଞ୍ଜରି ସିଂ, ରାଜେନ୍ଦ୍ର ବେହେରା, ଅମୂଲ୍ୟ ଥୟଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରିୟପଦ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଓ ବାର୍ଷିକ ଉତ୍ସବ

ଉଦଳା, ୨୩।୧୨(ସମିସ): ପିଏମଶ୍ରୀ ଉଦଳା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଉଷା ଶତପଥୀ, ସମ୍ମାନିତ ବକ୍ତା ଭାବେ ଏଡିଓ ଶଶୀଧର ସିଂ, ସମ୍ମାନିତ ଅତିଥି ଭାବେ ଉଦଳା ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ ମିଶ୍ର ଓ ଏସଏମସି ସଭାପତି ରବୀନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ନାରୀ ଶିକ୍ଷା କ୍ଷେତ୍ରରେ ଉଦଳା ବାଳିକା ବିଦ୍ୟାଳୟ ଆଦିବାସୀ ଅଧ୍ୟୁଷିତ ଉଦଳା ଅଞ୍ଚଳର ଏନ୍ତୁଡ଼ିଶାଳ ବୋଲି ଅଭିହିତ କରିଥିଲେ। ଶିକ୍ଷା ଓ ସଂସ୍କାର ବଳରେ ସ୍ୱପ୍ନକୁ ସାକାର କରିବା ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ କ୍ରୀଡ଼ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସ୍ୱାସ୍ୱତୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବୈଶିଙ୍ଗା:** ମହୁରୀସ୍ଥ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଛି। ବୈଶିଙ୍ଗା ଥାନା ଅଧିକାରିଣୀ ବାରିଣୀ ଦାସ ମୁଖ୍ୟଅତିଥି ଭାବେ



ଯୋଗଦେଇ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୈଶିଙ୍ଗା ଲକ୍ଷ୍ମୀନାରାୟଣ ମନ୍ଦିରରୁ ବାହାରିଥିବା ମଶାଲ ଶୋଭାଯାତ୍ରାକୁ ବିଦ୍ୟାଳୟ ସମ୍ମୁଖ ଖେଳ ପଡ଼ିଆରେ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ଦାସ, ସମ୍ମାନିତ ଅତିଥି ସମାଜସେବୀ ବିବେକାନନ୍ଦ ପଣ୍ଡା, ଏଏସଆଇ ଶୁଭ୍ରାଂଶୁ ରାଉଳ ଓ ସ୍କୁଲ ପରିଚାଳନା କମିଟି ନିର୍ଦ୍ଦେଶିକା ରଶ୍ମିରେଖା ପାଣିଗ୍ରାହୀଙ୍କ ଦ୍ୱାରା ଜାଭିୟର୍ସ ଅଲିମ୍ପିକ ପତାକା ଉତ୍ତୋଳନ କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷା ଇପ୍‌ସିତା କରଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷା ସୋନାଲି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି କ୍ରୀଡ଼ା ଦୁଇଦିନ ଧରି ଚାଲିବ।

**ବଡସାହି:** ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳୀ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ଗଠନ ଦିଗରେ ଗୁରୁଙ୍କ ସହ ମାତାପିତାଙ୍କ ଦାୟିତ୍ୱ ରହିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ବାଲେଶ୍ୱର ଜିଲ୍ଲା ପ୍ରମୁଖ କିରଣ ମହାରଣା ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ପ୍ରଦୀପ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ଶାଶ୍ୱତୀ ଦାସ ମହାପାତ୍ର



ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ୨୭ ଜଣ କୃତୀ ଭାଇଭଉଣୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଞ୍ଛାନିଧି ଶିକ୍ଷାବୃତ୍ତି ଓ ବଟହରି ସୁଶୀଳା ମେମୋରିଆଲ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବାବେଳେ ଶିକ୍ଷା କ୍ଷେତ୍ରରେ ବେଲପାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁର ସୁନ୍ଦର ଭଞ୍ଜବାବୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା ସମିତି ଉପସଭାପତି, କୋଷାଧକ୍ଷ ସନ୍ତୋଷ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ବାରିପଦା:** ବାରିପଦା, ୨୩।୧୨(ସମିସ): ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଚଳିତ ବର୍ଷ ସମସ୍ତ କ୍ଷେତ୍ରରେ ସଫଳତା ଲାଭ କରିଥିବା ଶ୍ରେଷ୍ଠ ଛାତ୍ର ଭାବେ ୮ମ ଶ୍ରେଣୀର ପ୍ରତୀକ ସାହୁଙ୍କୁ ଶିରିଶ ଚନ୍ଦ୍ର ମହାପାତ୍ର ସ୍ମାରକୀ



ଟ୍ରଫି ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଭାପତି କଳ୍ପନା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରବୋଧ ମହାପାତ୍ର ଓ ଅଧ୍ୟକ୍ଷା କବିତାରାଣୀ ସି ବିଦ୍ୟାଳୟର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ପରିଚାଳନା କମିଟି ସଦସ୍ୟ କଲ୍ୟାଣ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦଳା/କପ୍ତିପଦା:** ଗୁଡୁଗୁଡିଆ ପଞ୍ଚାୟତର ଗୋଳାଗଡ଼ିଆରେ ଥିବା ଉପେନ୍ଦ୍ର ଦାସ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଓ ବିଶିଷ୍ଟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଯୋଗଦେଇ ବିଭିନ୍ନ କ୍ରୀଡ଼ା ଓ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।



ବିଦ୍ୟାଳୟର ଶେଣୀ ଗୃହ ଓ ଛାତ୍ରାବାସ ନିର୍ମାଣ ନେଇ ବିଧାୟକ ପ୍ରଧାନଶିକ୍ଷକ ମହେଶ୍ୱର ମହାପାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ସନ୍ତୋଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ମଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ, ସ୍ଥାନୀୟ ସରପଞ୍ଚ ଲାଲମୋହନ ସିଂ, ସ୍ଥାନୀୟ ସମିତିସଭ୍ୟ ଦିଲ୍ଲୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**ବଡସାହି:** ଶାଳଗାଁ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ରୌପ୍ୟ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାୟକ ଯୋଗଦେଇ ହୋମିଓପ୍ୟାଥିକ ଓ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଅପରାହ୍ନରେ ଅନଷ୍ଠିତ ସଭାରେ ପ୍ରଧାନଶିକ୍ଷକ ସନ୍ତୋଷ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍.କେ. ମେହେରବାନ ଅଲ୍ଲୀ, ସହକାରୀ ବନ ସଂରକ୍ଷକ, ମୁଖ୍ୟବକ୍ତା ଭାବେ ଡା .ପ୍ରଦୀପ୍ତ ମିଶ୍ର, ସ୍ୱତନ୍ତ୍ର ବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ସରୋଜ ନାୟକ, ସମ୍ମାନୀତ ଅତିଥି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା. ରଜନୀକାନ୍ତ ମହାପାତ୍ର,



ଅବସରପ୍ରାପ୍ତ କାରାଗାର ଅଧକ୍ଷ ସନ୍ତୋଷ କୁମାର ଦୁର୍ଗା, ପ୍ରାଧ୍ୟାପକ ଅଶୋକ ପୃଷ୍ଟିଳ ଯୋଗ ଦେଇଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବଙ୍କିମ ବାରିକ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରମୋଦ ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ବିଜୟ ଭାସ୍କର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

**କୁଳିଅଣା:** ଜାନକୀଲାଲ ହାଇସ୍କୁଲ ପଡ଼ିଆରେ କୁଳିଅଣା ବ୍ଲକସ୍ତରୀୟ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନିହାର ବେହେରା କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିତେନ୍ଦ୍ର ମୁର୍ମୁ, ସମ୍ମାନିତ ଅତିଥି ଭାବେ ରାକେଶ ସିଂ, ସମାଜସେବୀ ମକରଧ୍ୱଜ ମୁର୍ମୁ, ଖେଳ ଶିକ୍ଷକ ଦିଲ୍ଲୀପ ଦାସ ଓ ପ୍ରଧାନଶିକ୍ଷୟିତ୍ରୀ କବିତା ଜେନା ଯୋଗ ଦେଇଥିଲେ। ଆୟୋଜକ ଶ୍ରୀକୃଷ୍ଣ



ନାୟକ ଧନ୍ୟବାଦ ଦେଇଥିଲେ। ଉକ୍ତ ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବିଭାଗର ୬ଟି ଇଭେଣ୍ଟରେ ୩୦୦ରୁ ଅଧିକ ପ୍ରତିଯୋଗୀ ଯୋଗ ଦେଇଥିଲେ। ପବିତ୍ର ଗିରି, ଭବାନୀ ସିଂ, ତ୍ରିଲୋଚନ ବିନ୍ଧାଣି, ବାପୁନ ବିନ୍ଧାଣି, ମାନସ ସିଂ, ଦିଗାମ୍ବର ସିଂ, ପବନ ବିନ୍ଧାଣି ସହଯୋଗ କରିଥିଲେ। ସାଇରଞ୍ଜନ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ।

**ବାରିପଦା:** ଶ୍ରୀସତ୍ୟସାଇ ବିଦ୍ୟାବିହାରର ବାର୍ଷିକ ଉତ୍ସବ 'ସାଇ ସ୍ପେକ୍ଟ୍ରମ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ



ଡ. ସଂଘମିତ୍ରା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ସାହୁ, ପରିଚାଳନା କମିଟି ସଭାପତି ସନ୍ଦୀପ ଆଚାର୍ଯ୍ୟ ଓ ବିଦ୍ୟାଳୟ ପରିଚାଳକ ଦେବାଶିଷ ମହାପାତ୍ର, ସମିତି ଆବାହକ ମାନସ ମହାପାତ୍ର, ପୂର୍ବତନ ଅଧକ୍ଷା ସୁମିତ୍ରା ମିଶ୍ର, ଜୟଚନ୍ଦ୍ର ବେହେରା, ଭାଗ୍ୟଧର ନନ୍ଦ, ରୂପେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଦ୍ୟାଳୟର ପତ୍ରିକା 'ସାଇ ବର୍ଣ୍ଣାଳୀ'କୁ ଉନ୍ମୋଚନ ହୋଇଥିଲା। ଅଧକ୍ଷ ଗିରିଜା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



# ଧନୁରୁ ମକର; ସାରା ମାସ ବେପାର

ଭୁବନେଶ୍ୱର, ୨୩।୧୨(ସମିସ): ଓଡ଼ିଶାରେ ପ୍ରତିଟି ମାସରେ କିଛି ନା କିଛି ସ୍ୱତନ୍ତ୍ରତା ରହିଛି। ଓଡ଼ିଆ ପରମ୍ପରା ଓ ସଂସ୍କୃତି ସହ ଜଡ଼ିତ ହୋଇ ରହିଛି ବିଭିନ୍ନ ପ୍ରକାରର ଭୋଗ। ବାର ମାସରେ ତେର ପରବ ପାଳନରେ ନାନା ପ୍ରକାରର ଭୋଗ ଦେବଦେବୀଙ୍କୁ ଲାଗି ହୋଇଥାଏ। ଏଥିମଧ୍ୟରୁ ଧନୁମୁଆଁ ହେଉଛି ଅନ୍ୟତମ। ଧନୁସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଧନୁମୁଆଁ ମନ୍ଦିରମାନଙ୍କରେ ଦେବଦେବୀଙ୍କୁ ଲାଗି ହୋଇଥିବା ବେଳେ ବାପ ଘରୁ ବିବାହିତ ଝିଅ ଘରକୁ ଧନୁମୁଆଁ ଭାରରେ ଆସିଥାଏ।

■ ଏକାମ୍ରକ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ଯାଉଛି ଧନୁମୁଆଁ
■ ଚିନି ମୁଆଁଠୁ ଗୁଡ଼ମୁଆଁର ଚାହିଦା ଅଧିକ

ରାଜଧାନୀରେ ଧନୁସଂକ୍ରାନ୍ତିଠାରୁ ବିଭିନ୍ନ ହାଟ ବଜାରରେ ଧନୁମୁଆଁ ଦେଖିବାକୁ ମିଳିଥାଏ। ବିଶେଷକରି ପୁରୁଣା ଭୁବନେଶ୍ୱରରେ ଏହା ବିକ୍ରି ଅଧିକ। ବିଶୋଇ ସେବାୟତଙ୍କ ପକ୍ଷରୁ ଲିଙ୍ଗରାଜ ମନ୍ଦିରରେ ମଧ୍ୟ ପ୍ରତିଦିନ ସନ୍ଧ୍ୟାଧୂପ ପରେ ଦିଅଁଙ୍କୁ ଧନୁମୁଆଁ ଭୋଗ ଲାଗି ହୋଇଥାଏ। ଏଥିସହିତ ଦିଅଁଙ୍କ ଚଳନ୍ତି ପ୍ରତିମାଙ୍କୁ ରାଜ ବଲ୍ଲଭ ପରେ ଧନୁମୁଆଁ ଭୋଗ ଲାଗିଥାଏ। କେବଳ ଲିଙ୍ଗାରଜ ମନ୍ଦିର ନୁହେଁ ମନ୍ଦିରମାଳିନୀ ସହରରେ ଥିବା ଅନ୍ୟ ମନ୍ଦିରଗୁଡ଼ିକରେ ମଧ୍ୟ ଦେବଦେବୀଙ୍କୁ ଧନୁମୁଆଁ ଭୋଗ ଲାଗି ହୋଇଥାଏ।

ପୁରୁଣା ଭୁବନେଶ୍ୱରରେ ଥିବା ୩୫ ରୁ ୪୦ ବର୍ଷର ପୁରୁଣା ବଇଆ କୋରା ଖଇ ଦୋକାନରେ ଏହି ଧନୁମୁଆଁ ପ୍ରସ୍ତୁତ ହେଉଛି। ଏହି ଦୋକାନରୁ ଧନୁମୁଆଁ ପ୍ରସ୍ତୁତ ହୋଇ ସହରର ବିଭିନ୍ନ ଦୋକାନକୁ ଆସିଥାଏ। ଏଥିସହିତ ଲୋକମାନେ ମଧ୍ୟ ଏହି ଦୋକାନରୁ ନିଜ ଘର ପାଇଁ ଧନୁମୁଆଁ ଅର୍ଡ଼ର କରି ଆଣିଥାନ୍ତି। ଏଥିସହିତ ଏହି ଦୋକାନରୁ ଡ୍ରାଏଫ୍ରୁଟ୍ସ ମିଶ୍ରିତ ଧନୁମୁଆଁ ପ୍ରସ୍ତୁତ ହୋଇ ପୁରୀ ଶ୍ରୀମନ୍ଦିରକୁ ଯାଇଥାଏ। ଏଥିସହିତ ପୌଷ ରବିବାରରେ ସୂର୍ଯ୍ୟଙ୍କୁ ଏହି ମୁଆଁ ଲାଗି ହୋଇଥାଏ।



ଏହି ଧନୁମୁଆଁ ଗୁଡ଼ ଓ ଚିନିରେ ପ୍ରସ୍ତୁତ ହୋଇଥାଏ। ଗୁଡ଼ରେ ପ୍ରସ୍ତୁତ ଧନୁମୁଆଁ କେଜି ପ୍ରତି ୩ଶହ ଟଙ୍କାରୁ ୫ଶହ ଟଙ୍କା ରହିଥିବା ବେଳେ ତିଆରି କରିବା ପାଇଁ ୨ ରୁ ୩ ଘଣ୍ଟା ସମୟ ଲାଗିଥାଏ। ଏହିପରି ଚିନିରେ ପ୍ରସ୍ତୁତ ଧନୁମୁଆଁ କେଜି ପ୍ରତି ୨୫୦ ଟଙ୍କାରୁ ୩ଶହ ଟଙ୍କା ରହିଥିବା ବେଳେ ତିଆରି କରିବା ପାଇଁ ୧ ଘଣ୍ଟାରୁ ଦେଢ଼ ଘଣ୍ଟା ସମୟ ଲାଗିଥାଏ।

ଥଣ୍ଡା ଯେତେ ଅଧିକ ରହିବ ମୁଆଁ ସେତେ ଟାଣ ହୋଇଥାଏ। ଏଥିପାଇଁ କେବଳ ଗୋଟିଏ ମାସ ହିଁ ଧନୁମୁଆଁ ରହିଥାଏ। ଲୋକମାନେ ଗୁଡ଼ ଧନୁମୁଆଁକୁ ଅଧିକ ପସନ୍ଦ କରିବା ସହିତ ଯୋଗାଇ ହୋଇପାରୁନି ବୋଲି ଦୋକାନୀ କୌସିକ୍ କୁମାର ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି ବେଳେବେଳେ ୧୦ ରୁ ୧୫ କିଲୋ ପର୍ଯ୍ୟନ୍ତ ଅର୍ଡର ରଖାହୋଇଥାଏ। ଲୋକମାନଙ୍କ ଚାହିଦାକୁ ଦେଖି ଅର୍ଡ଼ର ରଖିବା ସହିତ ସ୍ୱାଦ କିପରି ସଠିକ୍ ରହିବ ଏହା ଉପରେ ଧ୍ୟାନ ଦିଆଯାଇଥାଏ ବୋଲି ସେ କହିଛନ୍ତି।

## ଦିବ୍ୟଜୀବନ ସଂଘର ସାଧନା ଶିବିର ଉଦ୍‌ଘାଟିତ



ଭୁବନେଶ୍ୱର, ୨୩।୧୨(ସମିସ): ଖଣ୍ଡଗିରି ସ୍ଥିତ ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟରେ ଦିବ୍ୟଜୀବନ ସଂଘର ଚାରିଦିନ ବ୍ୟାପୀ ସାଧନା ଶିବିରକୁ ବିଶ୍ୱଦିବ୍ୟ ଜୀବନ ସଂଘର ଉପସଭାପତି ତଥା ଶିବାନନ୍ଦ ବିଦ୍ୟାଳୟର ସଭାପତି ଓ ପୁରୀ ଗଜପତି ଶ୍ରୀ ଦିବ୍ୟସିଂହ ଦେବ ମହାରାଜ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି କାର୍ଯକ୍ରମରେ ଯୋଗ, ଗୀତା, ବେଦ, ଉପନିଷଦ ଆଦି ଧର୍ମଶାସ୍ତ୍ରକୁ ବିଭିନ୍ନ ସାଧୁ ସନ୍ନ୍ୟାସୀମାନେ ଅବଗତ କରାଇବେ। ଗଜପତି ମହାରାଜ ତାଙ୍କ ଭାଷଣରେ ଭଲ ମଣିଷ ହୋଇ ଭଲ କାମ କରିବା ପାଇଁ ଓ ସତସଙ୍ଗ ମାଧ୍ୟମରେ ଇଶ୍ୱର ଦର୍ଶନ କରିବାକୁ ଲୋକମାନଙ୍କୁ କହିଥିଲେ। ଆଜିର କାର୍ଯ୍ୟକ୍ରମରେ ସ୍ୱାମୀ ଧର୍ମପ୍ରକାସନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ସଦାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ରମେଶ୍ୱରାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ଡଃ. ହରେକୃଷ୍ଣ ଶତପଥୀ ଆଦି ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦୦୦ ଭକ୍ତଙ୍କର ସମାବେଶ ହୋଇଛି। ବିଦ୍ୟାଳୟର ସମ୍ପାଦକ ତଥା କାର୍ଯକ୍ରମର ମୁଖ୍ୟ ସଂଗଠକ ଶ୍ରୀ ଜୟଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ରାଉତରାୟ ଶିକ୍ଷକ ଓ ଅନ୍ତେବାସୀଙ୍କ ସହାୟତାରେ ଏହି କାର୍ଯକ୍ରମକୁ ପରିଚାଳନା କରୁଛନ୍ତି।

## ବିଜେଡି ପକ୍ଷରୁ କବିଚନ୍ଦ୍ରଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୩।୧୨(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା କବିଚନ୍ଦ୍ର କାଳୀଚରଣଙ୍କ ଜୟନ୍ତୀ ଉତ୍ସବ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ମହାନ୍ତି, ବିଶ୍ୱରଞ୍ଜନ ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର, ପ୍ରଭାତ ବିଶ୍ୱାଳ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, କୃଷ୍ଣ ସାହୁ ଏବଂ ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦେଇ ଥିଲେ। ବରପୁତ୍ରଙ୍କ ଜୀବନୀ ଉପରେ ରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର।

## ଓୟୁଏଟିରେ ଜାତୀୟ କୃଷକ ଦିବସ

# ୪୭ ଜଣ କୃଷକଙ୍କୁ 'କୃଷି ଶିରୋମଣି ସମ୍ମାନ'

ଭୁବନେଶ୍ୱର, ୨୩।୧୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ମହାବିଦ୍ୟାଳୟରେ ଓୟୁଏଟି ଓ ରୋଟାରୀ କ୍ଲବ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ଆମ ସଭ୍ୟତା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି କହିଥିଲେ। ବର୍ତ୍ତମାନର ବର୍ଦ୍ଧିତ ସମାଜରେ ଖାଦ୍ୟ ଯୋଗାଇବା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ଚାଷୀମାନଙ୍କୁ ପ୍ରଶଂସା କରିବା ସହ ଏକ୍ଷେତ୍ରରେ ରାଜ୍ୟ ଏବେ ବି ଆଗରେ ରହିଥିବା କେବଳ ଚାଷୀ ଭାଇଙ୍କ ପ୍ରଚେଷ୍ଟାର ଫଳ ବୋଲି ପ୍ରଫେସର ରାଉଳ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ, କାଲୁଙ୍ଗେ ଗୋରଖ ଓମାନ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଚାଷ କ୍ଷେତ୍ରରେ ଜୈବିକ କୃଷିର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଭାରତ ରତ୍ନ ଡ. ଚୋଧୁରୀ ଚରଣ ସିଂଙ୍କ ଐତିହ୍ୟଙ୍କୁ ସମର୍ପିତ କରି ଆୟୋଜିତ ଏହି ଦିବସର ଚଳିତ ବର୍ଷ ବିଷୟବସ୍ତୁ 'ବିଜ୍ଞାନ, ନବସୃଜନ ଓ ସ୍ଥାୟୀ କୃଷି ମାଧ୍ୟମରେ କୃଷକମାନଙ୍କର ସଶକ୍ତିକରଣ' ଉପରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିବା ସହ ଏକ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଏହାସହ ଉନ୍ନତ କାମ ପାଇଁ ୧୦ ଜଣ ରିସୋର୍ସ ପର୍ଶନଙ୍କୁ ଦିଶା ସମ୍ମାନ ଏବଂ ୪୭ ଜଣ ଚାଷୀଙ୍କୁ କୃଷି ଶିରୋମଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରଫେସର ପ୍ରସନଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ରୋଟାରୀଆନ ଡ. ପି ଶ୍ରୀନିବାସ ଧନ୍ୟବାଦ ଅର୍ପଣ କରିଥିଲେ।




## ସେଣ୍ଟ ଜାଭିୟର ସ୍କୁଲ ଟ୍ରଷ୍ଟ ପକ୍ଷରୁ 'ଶିକ୍ଷାଗତ ଉତ୍କର୍ଷତାର ୪୦ ବର୍ଷ'



ଭୁବନେଶ୍ୱର, ୨୩।୧୨(ସମିସ): ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ ଟ୍ରଷ୍ଟ ପକ୍ଷରୁ ରେଳବାଇ ଅଡିଟୋରିୟମରେ ଶିକ୍ଷାଗତ ଉତ୍କର୍ଷତାର ୪୦ ବର୍ଷ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିଲେ। ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଅଚ୍ୟୁତାନନ୍ଦ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ସାମାଜିକ କର୍ମୀ ଡକ୍ଟର ବିପିନ ମିଶ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ବିଜେପି ନେତା ମହେଶ ମହାନ୍ତି, ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଶିକ୍ଷାବିତ ଡକ୍ଟର ମନୋଜ ଦାସ, ଡକ୍ଟର ପି କେ ସାହୁ, ଅଧ୍ୟକ୍ଷ, ଚିକିତ୍ସା ସେବା, ପ୍ରଶାନ୍ତି ହସ୍ପିଟାଲ, ଡକ୍ଟର ପ୍ରତାପ ପାଣି, ନିର୍ଦ୍ଦେଶକ, ନ୍ୟୁରୋସର୍ଜରୀ, ପ୍ରଶାନ୍ତି ହସ୍ପିଟାଲ ଓ ସାମାଜିକ କର୍ମୀ ବଦ୍ରି ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଉତ୍ସବର ଅଧ୍ୟକ୍ଷ ବଦ୍ରିନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା।

## ଶିଶୁ ଚାରୁକଳା ପ୍ରତିଯୋଗିତା



ଭୁବନେଶ୍ୱର, ୨୩।୧୨(ସମିସ): ଉତ୍କଳ ଆର୍ଟ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶିଶୁ ଚାରୁକଳା ପ୍ରତିଯୋଗିତା ଲଳିତ କଳା ଏକାଡେମୀ ବୁଦ୍ଧ ଆର୍ଟ ଗ୍ୟାଲେରୀରେ ଅନୁଷ୍ଠିତ ହୋଇଯାଇଛି। ଏହି ଚାରୁକଳା ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଶିଳ୍ପୀଗୁରୁ ପଦ୍ମଶ୍ରୀ ବିନୋଦ ମହାରଣା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ରେବତି କାନ୍ତ ମହାରଣା ଏବଂ ଚିତ୍ରଶିଳ୍ପୀ ରାଜ କିଶୋର ମହାରଣା ଉପସ୍ଥିତ ରହିଥିଲେ। ଏଇ ପ୍ରଦର୍ଶନୀ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ସକାଳ ୧୧ ଟାରୁ ସଂଧ୍ୟା ୫ ଟା ଖୋଲା ରହିବ। ଶିଳ୍ପୀ ଅଶୋକ ପଟ୍ଟନାୟକ, ଅର୍ଚ୍ଚନା ଶତପଥି, ମଧୁମିତା ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି।

## 'ଭାରତୀୟ ଜ୍ଞାନ ବ୍ୟବସ୍ଥା' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୩।୧୨(ସମିସ): ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାସ୍ଥ ଡଃ ବି ଆର ଆମ୍ବେଦକର ବିଶ୍ୱବିଦ୍ୟାଳୟରେ ଉପକୂଳପତି ପ୍ରଫେସର ରେମି ରଜନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦାର୍ଶନିକ ପଦ୍ମଭୂଷଣ କୋତ୍ତା ସଚ୍ଚିଦାନନ୍ଦ ମୂର୍ତ୍ତିଙ୍କ ଜନ୍ମଶତବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ 'ଭାରତୀୟ ଜ୍ଞାନ ବ୍ୟବସ୍ଥା' ବିଷୟରେ ୧୮ ଓ ୧୯ ଦୁଇଦିନ ବ୍ୟାପି ଅନୁଷ୍ଠିତ ଏକ ଜାତୀୟ ଆଲୋଚନାଚକ୍ର ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଡକ୍ଟର ହରି ବାବୁ କମ୍ଭମ୍ପତିଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ନିମନ୍ତ୍ରିତ ହୋଇ ଆସିଥିବା ୫୦ ଜଣ ବିଶିଷ୍ଟ ଗବେଷକ ଏଥିରେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାରୁ ବରିଷ୍ଠ ପ୍ରଫେସର ଗଣେଶ ପ୍ରସାଦ ଦାସ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ଅଧ୍ୟାପିକା କଲ୍ୟାଣୀ ଷଡଙ୍ଗୀ ଆଲୋଚନାଚକ୍ରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଡଃ ଷଡଙ୍ଗୀ 'ଧର୍ମ' ସମ୍ପର୍କରେ ଏକ ଗବେଷଣା ନିବନ୍ଧ ପାଠ କରିଥିଲେ। ପ୍ରଫେସର ଦାସ ପ୍ରଥମ ପାନେଲ ଆଲୋଚନାରେ ପ୍ରଫେସର ମୂର୍ତ୍ତିଙ୍କ ମୂଲ୍ୟବୋଧ ବିଚାର ସମ୍ବନ୍ଧୀ ଏକ ତତ୍ତ୍ୱ ସମ୍ବଳିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଉଦଯାପନୀ ସଭାରେ ତାଙ୍କୁ ସମ୍ମାନନୀୟ ଅତିଥିଭାବ ବରଣ କରାଯାଇଥିଲା। ସେ ତାହା କୃତଜ୍ଞତାର ସହିତ ଗ୍ରହଣ କରି ଭାରତୀୟ ଜ୍ଞାନ ବ୍ୟବସ୍ଥାର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ।



## ଜାତୀୟସ୍ତର କରାଟେ ପ୍ରତିଯୋଗିତାରେ ଆନ୍‌ଭିକା ଦ୍ୱିତୀୟ



ବଡ଼ରଘୁନାଥପୁର, ୨୩।୧୨(ସମିସ): ଉତ୍ତରପ୍ରଦେଶର ବାରଣାସୀର ଡ. ସମ୍ପୂର୍ଣ୍ଣାନନ୍ଦ ସ୍ପୋର୍ଟସ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶାର ତୃତୀୟ ଶ୍ରେଣୀ ଛାତ୍ରୀ ଅନ୍‌ଭିକା ମହାନ୍ତି ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ସେ ରୌପ୍ୟପଦକ ହାସଲ କରିଛନ୍ତି। ବିବେକାନନ୍ଦ ମହାନ୍ତି ଏବଂ ଅନୁପାଞ୍ଜଳି ମହାନ୍ତିଙ୍କ କନ୍ୟା ଅନ୍‌ଭିକା ହେଉଛନ୍ତି ଭୁବନେଶ୍ୱର କଳିଙ୍ଗନଗର ଡିଏଭି ସ୍କୁଲ୍‌ର ତୃତୀୟ ଶ୍ରେଣୀର ଛାତ୍ରୀ।

## ୯୦ତମ ସଂସ୍କୃତି ଚର୍ଚ୍ଚା: ଷ୍ଟାର୍ଟଅପ୍ ମାଧ୍ୟମରେ ଛାତ୍ରଛାତ୍ରୀ ହୋଇପାରିବେ ଛତୁ ଉଦ୍ୟୋଗୀ




ଭୁବନେଶ୍ୱର, ୨୩।୧୨(ସମିସ): ଓୟୁଏଟିସ୍ଥିତ ଛତୁ ଚାଷ ପ୍ରଶିକ୍ଷଣ କେନ୍ଦ୍ରଠାରେ ଜାତୀୟ ଛତୁ ଦିବସ ୨୦୨୫ ଅବସରରେ ଏକ ଛାତ୍ର କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି ଉତ୍ସବକୁ ଅବସରପ୍ରାପ୍ତ ତଥା ଲୋକପ୍ରିୟ ଛତୁ ବୈଜ୍ଞାନିକ ଡ଼. ଅଦ୍ୱୈତ କୁମାର ପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ଉପସ୍ଥିତ ଛାତ୍ରଛାତ୍ରୀ ଓ କୃଷକମାନଙ୍କୁ ଛତୁର ଖାଦ୍ୟଗୁଣ ଓ ଔଷଧୀୟ ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଫେସର ମିହିର କୁମାର ମିଶ୍ର, ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଓ ଡ଼. ବିକ୍ରମ କେଶରୀ ପାଣିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛତୁ ଦିବସ ଉପଲକ୍ଷେ ଆୟୋଜିତ କୃଷି ମହାବିଦ୍ୟାଳୟସ୍ତରୀୟ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ଅରବିନ୍ଦ ଧଳ, ଡ. ନିରଞ୍ଜନ ଟୀନରଓ ଓ ଡ. ଦୀପା ଖୁଲବେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଡ. ଅନିତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

## ସେଣ୍ଟ ଜାଭିୟର ହାଇସ୍କୁଲର ବିଜ୍ଞାନମେଳା

ବାଲିଅନ୍ତା, ୨୩।୧୨(ସମିସ): ବାଲିଅନ୍ତାବ୍ଲକସତ୍ୟଭାମାପୁରପଞ୍ଚାୟତଅଧୀନଇନ୍ଦ୍ରପାଳଗ୍ରାମ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୧୦ତମ ବା?ର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସମଗ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରମାକାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କବି ବିପିନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହେବାକୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

## ସମାଜସେବୀ ଯଦୁନାଥଙ୍କ ବିୟୋଗରେ ଶୋକ



ଭୁବନେଶ୍ୱର, ୨୩।୧୨(ସମିସ): ସତ୍ୟ ବିହାରର ସମାଜସେବୀ ତଥା ସତ୍ୟ ବିହାରର ବିଦ୍ଧାଣୀ ଯଦୁନାଥ ନାୟକଙ୍କର ସୋମବାର ପରଲୋକ ହୋଇଯାଇଛି। ଏହି ଅବସରରେ ସତ୍ୟବିହାର ବରିଷ୍ଠ ନାଗରିକ କ୍ଲବ ସଭାଗୃହରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ କ୍ଲବର ସଭାପତିତ୍ୱ କରିଥିଲେ ଗଗନ ବିହାରୀ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡ ଅଭୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ତାଙ୍କ ବିୟୋଗରେ ସତ୍ୟବିହାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଶୋକ ସଭାରେ ସର୍ବଶ୍ରୀ ଲକ୍ଷ୍ମୀଧର ସାହୁ, ବିଭୂତି ଭୂଷଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, କାହ୍ନୁ ଚରଣ ପାଣିଗ୍ରାହୀ, ବ୍ରଜ କିଶୋର ମହାନ୍ତି, ପ୍ରତାପ ପରିଡ଼ା ପ୍ରମୁଖ ସ୍ମୃତିଚାରଣ କରିଥିଲେ। କ୍ଲବର ସମ୍ପାଦକ ଲକ୍ଷ୍ମୀଧର ମଲ୍ଲିକ, ସହ ସମ୍ପାଦକ ଦିଲ୍ଲିପ ଦେ ଓ କୋଷାଧ୍ୟକ୍ଷ ଅଶୋକ ସାହୁ ସଞ୍ଚାଳନ କରିଥିଲେ।

## ଇଂ ମଧୁସୂଦନ ଦାସଙ୍କ ପରଲୋକ



ଭୁବନେଶ୍ୱର, ୨୩।୧୨(ସମିସ): ଭୁବନେଶ୍ୱରର ଚିନ୍ତାମଣିଶ୍ୱର ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ବରିଷ୍ଠ ଖଣି ଅଧିକାରୀ ଇଂ ମଧୁସୂଦନ ଦାସଙ୍କର ଗତ ୧୯ ତାରିଖ ଦିନ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପରାମର୍ଶଦାତାରୂପେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁରକୁ ଯାଇଥିବାବେଳେ ସେଠାରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଛି। ଲାୟନସ୍ କ୍ଲବର ସକ୍ରିୟ ସଭ୍ୟରୂପେ ସେ ସାମାଜିକ ସେବାକାର୍ଯ୍ୟରେ ଲାଗିରହିଥିଲେ। ଭୁବନେଶ୍ୱର କ୍ଲବର ସଭ୍ୟ ରହିବା ସହିତ ସେ ଅନେକ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କର ବଡପୁଅ ଡାକ୍ତର ସଞ୍ଜିତ ଦାସ ମୁଖାଗ୍ନି ଦେଇଛନ୍ତି। ତାଙ୍କର ଏହି ଆକସ୍ମିକ ବିୟୋଗରେ ବନ୍ଧୁବାନ୍ଧବ ଓ ପ୍ରିୟଜନମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ଇଣ୍ଟରନେଟ୍ ଭିତରେ ହଜିଗଲା ଗ୍ରୀଟିଂ କାର୍ଡର ଆମ୍ବିୟତା

ଭୁବନେଶ୍ୱର, ୨୩।୧୨(ସମିସ): ନୂଆବର୍ଷ ଆସିଲେ ମନେପଡ଼େ ଅନେକ ପୁରୁଣା କାଳିଆ ଫଙ୍କ୍ତି। 'ଗୋଲାପ ଗଛରେ ନେଳିଆ କଣ୍ଟା, ସାଙ୍ଗକୁ ମୋର ଟାଟା', 'ଆକାଶର ରଙ୍ଗ ସ୍କାଏ, ପୁରୁଣା ବର୍ଷକୁ ବାଏ ବାଏ' ଏଭଳି ଫଙ୍କ୍ତିକୁ ହୁଏତ ଆଜିର ଇଣ୍ଟରନେଟ୍ ଯୁଗରେ କେହି ପଢ଼ିବାକୁ ପାଉନଥିବେ।

■ ସାମାଜିକ ଗଣମାଧ୍ୟମ ସାଜିଛି ଶୁଭେଚ୍ଛା ଜଣାଇବାର ମାଧ୍ୟମ
■ ନୂଆବର୍ଷ ଆସିଲେ ମନେପଡ଼େ ଗ୍ରୀଟିଙ୍ଗ୍ କାର୍ଡ ଅନୁଭୂତି




କିନ୍ତୁ, ୯୦ ଦଶକରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହା ସୁନେଲି ସ୍ମୃତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାହା ମନେପଡ଼ିଗଲେ ମନରେ ଅତୀତର ଅନେକ କଥା ସାମ୍ନାକୁ ଆସିଯାଏ। କାରଣ ସେତେବେଳେ ନୂଆବର୍ଷର ଗ୍ରୀଟିଙ୍ଗ୍ କାର୍ଡରେ ଏହଭଳି କିଛି ଫଙ୍କ୍ତି ହିଁ ଏକମାତ୍ର ମାଧ୍ୟମ ଥିଲା ନିଜର ପ୍ରିୟଜନଙ୍କୁ ଶୁଭେଚ୍ଛା ଜଣାଇବାକୁ ଏକମାତ୍ର ମାଧ୍ୟମ ଥିଲା। ଯାହା ଆଜିର ଇଣ୍ଟରନେଟ୍ ଓ ମୋବାଇଲ ବ୍ୟବହାରରେ ହଜି ଯାଇଛି। ପୂର୍ବରୁ ଦୂରରେ ରହୁଥିବା ସମ୍ପର୍କୀୟଙ୍କ ଭାବାବେଗକୁ ମଜବୁତ କରିବାରେ ଚିଠି ଭଳି ଗ୍ରୀଟିଙ୍ଗକାର୍ଡର ମଧ୍ୟ ପ୍ରମୁଖ ଭୂମିକା ରହିଥିଲା। ଗାଁ ଗହଳିରେ ଯଦିଓ ଟେଲିଗ୍ରାମ୍‌ର ବ୍ୟବହାର ବହୁଳଭାବେ ଚାଲିଥିଲା ତଥାପି ଗ୍ରୀଟିଙ୍ଗ୍ କାର୍ଡରେ ନିଜର ମନକଥା ପ୍ରକାଶ କରିବାକୁ ସମସ୍ତେ ପସନ୍ଦ କରୁଥିଲେ। ନୂଆବର୍ଷର ୧୫ ଦିନ ଆଗରୁ ଗାଁ ଛକ ଠାରୁ ସହରର ଗଳିକନ୍ଦିରେ ଦେଖିବାକୁ ମିଳୁଥିଲା ଗ୍ରୀଟିଙ୍ଗ୍ କାର୍ଡ ଦୋକାନ। ସ୍କୁଲ ଛୁଟି ହେଲାମାତ୍ରେ ଏଠାରେ ଛାତ୍ରଛାତ୍ରୀଙ୍କ ଲମ୍ବା ଲାଇନ୍ ଲାଗୁଥିଲା। କାର୍ଡରେ ହିନ୍ଦୀ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅଭିନେତ୍ରୀଙ୍କ ଫଟୋ ସମସ୍ତଙ୍କର ପ୍ରଥମ ପସନ୍ଦ ପାଲଟିଥିଲା। ଯାହାର ଦାମ୍ ୫୦ ପଇସା ରହିଥିଲା। କାର୍ଡ ପଛପଟେ କିଏ ହାସ୍ୟାମ୍‌Oକ ଫଙ୍କ୍ତି ଲେଖୁଥିଲା ତ ଥାଉ କେହି ଦୂରରେ ଥାଇ ନିଜ ବନ୍ଧୁଙ୍କୁ ମନେପକାଉଥିବାର ଭାବାବେଗ ପ୍ରକାଶ କରୁଥିଲା। ସିନେରୀ, ସୁନ୍ଦର ଘର ମଧ୍ୟ ପ୍ରାକୃତିକ ପରିବେଶ ମଧ୍ୟ ବେଶ୍ ଆକର୍ଷଣୀୟ ଥିଲା। ନୂଆବର୍ଷରେ ଗ୍ରୀଟିଙ୍ଗ୍ କାର୍ଡ ପଠାଇବାର କ୍ରେଜ୍ କେବଳ ଯୁବପିଢୀଙ୍କ ମଧ୍ୟରେ ସିମୀତ ନଥିଲା ବରଂ ସବୁ ବର୍ଗର ଲୋକମାନେ ଏହି ଦିନରେ ନିଜ ବନ୍ଧୁଙ୍କୁ ଗ୍ରୀଟିଙ୍ଗ କାର୍ଡ ଜରିଆରେ ଶୁଭେଚ୍ଛା ଜଣାଉଥିଲେ। ଯାହାର ସ୍ଥାନ ଏବେ ମାଡ଼ିବସିଛି ସାମାଜିକ ଗଣମାଧ୍ୟମ। ବର୍ଷ ପରେ ବର୍ଷ ବିତିଚାଲିଛି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଘଟିଛି। ହେଲେ ଦିନକୁ ଦିନ ହଜିଯାଉଛି ଅତୀତର ଅଭୁଲା ଅନୁଭୂତି। ହେଲେ ନୂଆବର୍ଷ ଆସିଲେ ଏବେବି ଗ୍ରୀଟିଙ୍ଗ୍ କାର୍ଡ ଅନୁଭୂତି ପୁଣି ସତେଜ ହୋଇପଡ଼େ। ବର୍ତ୍ତମାନ ସମସ୍ତଙ୍କ ହାତରେ ମୋବାଇଲ୍। ମୋବାଇଲ ବ୍ୟବହାର କେବଳ କଥାବାର୍ତ୍ତା କିମ୍ବା ପର୍ବପର୍ବାଣୀରେ ଶୁଭେଚ୍ଛା ଜଣାଇବାର ମାଧ୍ୟମ ସାଜିନି ବରଂ ସମ୍ପର୍କର ବାଭାବେଗକୁ ମନରୁ ପୋଛି ଦେଇଛି। ଶୁଭେଚ୍ଛା ଜଣାଇବାର ପ୍ରଥମ ମାଧ୍ୟମ ପାଲଟିଲା ଇଣ୍ଟରନେଟ୍। ଫେସବୁକ୍, ୱାଟସ୍‌ଆପ୍, ଟ୍ୱିଟର୍ (ଏକ୍ସ), ଇଷ୍ଟାଗ୍ରାମ୍ ଆପ୍ ଜରିଆରେ ନିଜ ନିଜର ଶୁଭେଚ୍ଛା ବାର୍ତ୍ତା ଜଣାଇବା ଏକ ଟ୍ରେଣ୍ଡ ହୋଇଗଲାଣି। ତେଣୁ ବ୍ୟବସାୟୀ ମାନେ ମଧ୍ୟ ଅନେକ କ୍ଷତି ସହିବା ପରେ ଏହି ବ୍ୟବସାୟରୁ ମୁହଁ ଫେରାଇ ନେଇଥିବା ନେଇଛନ୍ତି। ଫଳରେ ସେଦିନର ଗ୍ରୀଟିଙ୍ଗ୍ କାର୍ଡର ଅନୁଭୂତି କେବଳ ୯୦ ଦଶକର ଲୋକଙ୍କ ମନରେ ଛବି ହୋଇ ରହିଯାଇଛି।



# ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ



ମାହାଙ୍ଗା,୨୩।୧୨(ସମିସ): ଭେଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚୌଧୁରୀ ରାଧାନାଥ ବିଦ୍ୟାପୀଠ ପୁରାତନ ଛାତ୍ରସଂସଦର ୨୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଭାସ୍କର ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଚୌଧୁରୀ ଭାବଗ୍ରାହୀ ମିଶ୍ର, ମୁଖ୍ୟବକ୍ତା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜନ୍ମେଜୟ ନାୟକ, ସମ୍ମାନିତ ଅତିଥି ନରେନ୍ଦ୍ର ଶତପଥୀ, ସଂସଦର ସମ୍ପାଦକ ମନୋରଞ୍ଜନ ବାରିକ ଓ ସଂସଦର କୋଷାଧ୍ୟକ୍ଷ ଲକ୍ଷ୍ମୀଧର ପରିଡା ପ୍ରମୁଖ ଯୋଗଦେଇଥିଲେ। ସଂସଦର ସମ୍ପାଦକ ମନୋରଞ୍ଜନ ବାରିକ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବିଦ୍ୟାଳୟର ସର୍ବୋଚ୍ଚ ମାର୍କ ଓ ସବୁ କ୍ଷେତ୍ରରେ କୃତୀ ମେଧାବୀ ଛାତ୍ରୀ ହଂସିକା ଲେଙ୍କାକୁ ମାନପତ୍ର, ନଗଦ ଅର୍ଥ ରାଶି ସହ ସମ୍ବର୍ଦ୍ଧନା କରାଯାଇଥିଲା। ହିନ୍ଦୀ ଭାଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜୀବନଜ୍ୟୋତି ରାଉତ ଓ ଶୁଭଶ୍ରୀ ଲେଙ୍କାକୁ ସ୍ୱର୍ଗତ ଫକୀରଚରଣ ବେହେରା ହିନ୍ଦୀ ମେଧା ବୃତ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅମୂଲ୍ୟ ବେହେରା, ଅକ୍ଷୟ ପତି, ଦିଲ୍ଲୀପ ଲେଙ୍କା, କୁଳମଣି ସ୍ୱାଇଁଙ୍କୁ କୃଷକ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦର ବରିଷ୍ଠ ସଭ୍ୟ କିଶୋରଚନ୍ଦ୍ର ନାୟକ, ବାବାଜୀ ଚରଣ ଲେଙ୍କା, ନାରାୟଣ ସାହୁଙ୍କୁ ଚଳିତ ବର୍ଷ ହୋଇଥିବା ବୈଠକରେ ଅଧିକ ଉପସ୍ଥାନ ପାଇଁ ସଂସଦ ତରଫରୁ ସ୍ୱତନ୍ତ୍ର ଭାବରେ ଉତ୍ତରୀୟ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଚୌଧୁରୀ ନବକାନ୍ତ ମିଶ୍ରଙ୍କୁ ସଭାପତି, ଅକ୍ଷୟ ଗୋଚ୍ଛାୟତଙ୍କୁ ସମ୍ପାଦକ, ତ୍ରିଲୋଚନ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବରେ ନୂତନ କର୍ମକର୍ତ୍ତା ଭାବରେ ସଂସଦ ତରଫରୁ ଆଗାମୀ ବର୍ଷ ପାଇଁ ମନୋନୀତ କରାଯାଇଥିଲା। ଦିଲ୍ଲୀପ ସିଂହ, ଅକ୍ଷୟ ସିଂହ, ଜ୍ଞାନରଞ୍ଜନ ଷଡଙ୍ଗୀ, ପ୍ରସନ୍ନ ସାମଲ, କାଳନ୍ଦୀ ଲେଙ୍କା, ବିରଞ୍ଚି ନାରାୟଣ ତ୍ରିପାଠୀ, ରବୀନ୍ଦ୍ର ପଣ୍ଡା, ଗୌରାଙ୍ଗ ମଲ୍ଲିକ, ପ୍ରଦୀପ୍ତ ସାମଲ, ଜନାର୍ଦ୍ଦନ ଜଟ, ଅରୁଣ ସାମଲ, ମନୋରଞ୍ଜନ ଲେଙ୍କା, ଗଗନ ବିହାରୀ ରାଉତ, ପଞ୍ଚାନନ ବିଶ୍ୱାଳ, ବିଶ୍ୱଜିତ ବିଶ୍ୱାଳ, ଜଗବନ୍ଧୁ ପୃଷ୍ଟି, ବଳରାମ ସାମଲ, ଚୌଧୁରୀ ସ୍ନିଗ୍ଧକାନ୍ତ ମିଶ୍ର, ହେମନ୍ତ ପତି ପ୍ରମୁଖ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

■ ୬ଷ୍ଠ ଦିନରେ ଆଠଗଡ଼ ମହୋତ୍ସବ

# ଲିପିକାଙ୍କ ସାକ୍ସୋଫୋନ ସ୍ୱରରେ ଝୁମିଲେ ଦର୍ଶକ



ଆଠଗଡ଼,୨୩।୧୨(ସମିସ): ଆଠଗଡ ମହୋତ୍ସବ ୨୦୨୫ ମଙ୍ଗଳବାର ଥିଲା ୬ଷ୍ଠ ଦିବସ। ଅପରାହ୍ନଠାରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପାରମ୍ପରିକ ତଥା ଲୋକକଳା ଲୋକନୃତ୍ୟ ଆଦି ପରିବେଷିତ ହୋଇଥିଲା। ପରେ ବିଭିନ୍ନ କଳା ଅନୁଷ୍ଠାନ ତଥା ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରଖ୍ୟାତ ସାକ୍ସୋଫୋନ ଶିଳ୍ପୀ ଲିପିକା ସାମନ୍ତ ଓ ସାଥୀଙ୍କ ଦ୍ୱାରା ମସ୍ତିଭରା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଲାଗିଥିବା ବେଳେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଛି। ଆଜିର ମହୋତ୍ସବରେ ଶିଳ୍ପ ମନ୍ତ୍ରୀ ସଂପଦ ସ୍ୱାଇଁ ମୁଖ୍ୟଅତିଥି, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକ ମୁଖ୍ୟବକ୍ତା ଭାବେ ଏବଂ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟି ଆବାହକ ଫଣୀଭୂଷଣ ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଉପଦେଷ୍ଟା ସମାଜସେବୀ ଅଭୟ ବାରିକ, ପ୍ରମୋଦ ଜେନା, ହରପ୍ରସାଦ ସେଠୀ, ଦୁର୍ଗାପ୍ରସାଦ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ବସଷ୍ଟାଣ୍ଡ ଜମି

ତିଗିରିଆ,୨୩।୧୨(ସମିସ):

କଟକ ଜିଲ୍ଲା ତିଗିରିଆ ବ୍ଲକର ସଦର ମହକୁମା ଗୋହିରିମୁଣ୍ଡା ଛକସ୍ଥିତ ସରକାରୀ ବସଷ୍ଟାଣ୍ଡକୁ ନେଇ ଏବେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି।

**ଖରା-ବର୍ଷାରେ ହଟହଟା ହେଉଛନ୍ତି ଜନସାଧାରଣ ଓ ଛାତ୍ରଛାତ୍ରୀ**



ଦୀର୍ଘ ବର୍ଷ ଧରି ପ୍ରାୟ ୧୭ ଡେସିମିଲ୍ ପରିମିତ ଏହି ସରକାରୀ ବସଷ୍ଟାଣ୍ଡ ଜମି ଏବେ କିଛି ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବଜାରେ ରହିଛି। ଅଭିଯୋଗ ଅନୁଯାୟୀ, ରାଜ୍ୟ ପରିବହନ ନିଗମ ଏବଂ ସ୍ଥାନୀୟ ତହସିଲ କାର୍ଯ୍ୟାଳୟର କିଛି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ସଲାସୁତୁରା ଯୋଗୁଁ ୧୯୮୦ ମସିହା ପରଠାରୁ ଏହି ଜମି ଜବରଦଖଲ ହେବାରେ ଲାଗିଛି। ସରକାରୀ ବସଷ୍ଟାଣ୍ଡ ପାଇଁ ଉଦ୍ଦିଷ୍ଟ ଜମିରେ ଏବେ ଉଚ୍ଚ ଅଟ୍ଟାଳିକାମାନ ଗଢ଼ି ଉଠିଛି। ଫଳରେ ଦୂରଦୂରାନ୍ତରୁ ବସକୁ ଅପେକ୍ଷା କରି ଆସୁଥିବା ହଜାର ହଜାର ଯାତ୍ରୀ ଘଣ୍ଟା ଘଣ୍ଟା ଧରି ଖରା ଓ ବର୍ଷାରେ ଛିଡ଼ା ହୋଇ ରହୁଛନ୍ତି। ତିଗିରିଆ ନିଜିଗଡ଼ ପଞ୍ଚାୟତର ଏହି ମୁଖ୍ୟ ଛକରେ ଯାତ୍ରୀ ବିଶ୍ରାମାଗାର କିମ୍ବା ବସଷ୍ଟାଣ୍ଡ ନ ଥିବାରୁ ଲୋକେ ପ୍ରଶାସନ ଉପରେ ଚରମ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତିଗିରିଆ ବ୍ଲକ ସଦର ମହକୁମା ହୋଇଥିବାରୁ ଏଠାରେ ତହସିଲ, ଥାନା, କୋର୍ଟ, ସବରେଜିଷ୍ଟ୍ରାର ଅଫିସ ଏବଂ ଡାକ୍ତରଖାନା ଭଳି ପ୍ରାୟ ୧୭ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ରହିଛି। ଏହା ବ୍ୟତୀତ କଳିଙ୍ଗ ମହିଳା ମହାବିଦ୍ୟାଳୟ, ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟ ଏବଂ ପ୍ରସନ୍ନମଣୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ପ୍ରାୟ ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଦୈନିକ ବସ ଉପରେ ନିର୍ଭର କରନ୍ତି। ବସଷ୍ଟାଣ୍ଡ ନ ଥିବାରୁ ଛାତ୍ରୀମାନେ ପାନ ଦୋକାନ କିମ୍ବା ଜଳଖିଆ ଦୋକାନ ଆଗରେ ଛିଡ଼ା ହେବାକୁ ବାଧ ହେଉଛନ୍ତି, ଯେଉଁଠାରେ ସେମାନଙ୍କୁ ଅସାମାଜିକ ଯୁବକଙ୍କ ଟାହିଟାପରା ଏବଂ ବ୍ୟବସାୟୀଙ୍କ କ୍ରୋଧର ଶିକାର ହେବାକୁ ପଡୁଛି। ବସଷ୍ଟାଣ୍ଡ ଜମିରୁ ଜବରଦଖଲ ଉଚ୍ଛେଦ ଏବଂ ନୂତନ ବସଷ୍ଟାଣ୍ଡ ନିର୍ମାଣ ଦାବିରେ ଏବେ ଛାତ୍ର ସଂଗଠନମାନେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ଖୁବଶୀଘ୍ର ଯଦି ପ୍ରଶାସନ ଏ ଦିଗରେ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ହଜାର ହଜାର ଛାତ୍ରଛାତ୍ରୀ ଓ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଜମିର ମାପଚୁପ କରି ଜବରଦଖଲକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ହନିଟ୍ରାପ୍ ମାମଲାରେ ୪ ଜଣଙ୍କୁ ଜାମିନ୍

ନିଶ୍ଚିନ୍ତକୋଇଲି,୨୩।୧୨(ସମିସ): ନିଶ୍ଚିନ୍ତକୋଇଲି ଅଞ୍ଚଳରେ ହୋଇଥିବା ବହୁଚର୍ଚ୍ଚିତ ହନିଟ୍ରାପ୍ ଘଟଣାରେ ଗତ ୨୨.୯.୨୦୨୫ରେ ୪ ଜଣ ଅଭିଯୁକ୍ତ ଜେଲ୍ ଯାଇଥିଲେ। ଏହି ୪ ଜଣଙ୍କ ନାମରେ କୋର୍ଟରେ ୪ଟି ଲେଖାଏଁ ମାମଲା ରୁଜୁ ହୋଇଥିଲା। ଏହି ୪ଜଣ ଜାମିନରେ ଆସିବା ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ କୋର୍ଟ ତାଙ୍କୁ ଜାମିନ ଦେଇ ନ ଥିଲା। ସଂପୃକ୍ତ ଅଭିଯୁକ୍ତମାନେ ୩ ମାସ ୩ ଦିନ ଜେଲ୍‌ରେ ରହିବା ପରେ ମଙ୍ଗଳବାର ତାଙ୍କୁ ଜାମିନ ମିଳିଛି। ଏହି ମାମଲାରେ ସଂପୃକ୍ତ ଥିବା କଳିଙ୍ଗ ଟିଭି ସାଲେପୁର ଅଞ୍ଚଳର ପ୍ରାକ୍ତନ ସାମ୍ବାଦିକ ତଥା ନିଶ୍ଚିନ୍ତକୋଇଲି ଥାନା ପଞ୍ଚସରଙ୍ଗ ବଳରାମପୁର ଗ୍ରାମର ସୁଭାଶିଷ ବସନ୍ତରାୟ, ଅର୍ଗସ ଟିଭି ସାଲେପୁର ଅଞ୍ଚଳର ପ୍ରାକ୍ତନ ସାମ୍ବାଦିକ ତଥା ଭଦ୍ରେଶ୍ୱର ଥାନା ଅଧୀନ ବନ୍ତଳା ଗ୍ରାମର ଅସୀତ ସାମଲ, ମାହାଙ୍ଗା ଥାନା ପଲ୍ଲୀସାହି ଅଞ୍ଚଳର ମହିଳା ଇତିଶ୍ରୀ ମହାନ୍ତି ଏବଂ ନିଶ୍ଚିନ୍ତକୋଇଲି ଥାନା ମହାଜନପୁର ଗ୍ରାମର ହିଂମାଂଶୁ ଶେଖର ଲେଙ୍କାଙ୍କୁ କୋର୍ଟ ଜାମିନ ଦେଇଛି। ୩ ଅଭିଯୁକ୍ତଙ୍କ ପକ୍ଷରୁ ଯୁବ ଆଇନଜୀବୀ ପ୍ରମୋଦ ରାଉତ ମାମଲା ପରିଚାଳନା କରୁଥିଲା ବେଳେ ଅନ୍ୟ ଅଭିଯୁକ୍ତ ଅସିତ୍ ସାମଲଙ୍କ ପକ୍ଷରୁ ଆଇନଜୀବୀ ପ୍ରଭାକର ସେଠୀ ମାମଲା ପରିଚାଳନା କରୁଥିଲେ। ସଂପୃକ୍ତ ଅଭିଯୁକ୍ତମାନଙ୍କୁ ନିଶ୍ଚିନ୍ତକୋଇଲି ଜେଏମ୍‌ଏଫ୍‌ସି ଅଦାଲତ ପକ୍ଷରୁ ଜଜ୍ ରୀତି ତ୍ରିପାଠୀ ମାମଲାର ବିଚାର କରି ଜାମିନ ଦେଇଛନ୍ତି। ଉଭୟଙ୍କ ପକ୍ଷରୁ ସରକାରୀ ଓକିଲ ଭାବେ ଜୟନ୍ତ ସାମନ୍ତରାୟ ଏହି ମାମଲାକୁ ପରିଚାଳନା କରୁଥିଲେ। ଏହି ହନିଟ୍ରାପ୍ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରୁ ବହୁ ବ୍ୟବସାୟୀ, ସରକାରୀ ଚାକିରିଆ ଏବଂ ଧନୀ ଶ୍ରେଣୀର ଲୋକଙ୍କୁ ଫସେଇ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ୪ ଜଣଙ୍କୁ ଜାମିନ ମିଳିବା ପରେ ଆଗାମୀ ଦିନରେ ଏହାର ଶେଷ ବିଚାର କ'ଣ ହେବ ସେନେଇ ସାଧାରଣରେ ଆଲୋଚନା ହେଉଛି।

# ଗଣ୍ଡଗୋଳ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ନିଶ୍ଚିନ୍ତକୋଇଲି,୨୩।୧୨(ସମିସ): ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱରଠାରେ ଥିବା ଠିପି ବନ୍ଦ୍ ମଦ ଦୋକାନ ସମ୍ମୁଖରେ ହୋଇଥିବା ଏକ ମାଡ଼ପିଟ୍ ଘଟଣା ସଂକ୍ରାନ୍ତରେ ୪ ଦିନ ହେଲା ଥାନାରେ ଅଭିଯୋଗ ହୋଇଥିଲେ ମଧ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଗଣ୍ଡଗୋଳ ସୃଷ୍ଟି କରି ଠେଙ୍ଗାରେ ପ୍ରହାର କରିଥିବା ସଂପୃକ୍ତ ଚାଖଣା ଦୋକାନୀ ରଞ୍ଜନ କୁମାର ବେହେରାଙ୍କ ଉପରେ ତଦନ୍ତ ପୂର୍ବକ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀ ମାଡ ଖାଇଥିବା କାହ୍ନୁଚରଣ ସାହୁ ଏବଂ ତାଙ୍କ ପିତା ନିରଞ୍ଜନ ସାହୁ ଦାବି କରଥିଲେ। ହେଲେ ପୁଲିସ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଗତ ଶୁକ୍ରବାର ରାତିରେ ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମର କାହ୍ନୁଚରଣ ସାହୁ କଟିକଟା ଛକରୁ ଘରକୁ ଫେରୁଥିବା ବେଳେ ମଦ ଦୋକାନ ସମ୍ମୁଖରେ ପାଟିତୁଣ୍ଡ ହେଉଥିବାରୁ ସେଠାରେ ଛିଡା ହୋଇ ଏହାକୁ ବିରୋଧ କରିଥିଲେ। ଏହି ସମୟରେ ମଦଦୋକାନ ପାଖରେ ଚାଖଣା ଦୋକାନ କରିଥିବା ରଞ୍ଜନ ବେହେରା ହଠାତ୍ ଏକ ଠେଙ୍ଗାରେ କାହ୍ନୁକୁ ଶକ୍ତ ପ୍ରହାର ଦେବାରୁ ସେ ସେଠାରେ ଅଚେତ୍ ଅବସ୍ଥାରେ ପଡିଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯିବା ପରେ ତାଙ୍କର ଚେତା ଫେରିଥିଲା। ଉକ୍ତ ଠେଙ୍ଗାରେ ପିଟିବା ଘଟଣା ସାମାଜିକ ଗଣମାଧମରେ ମୋବାଇଲକୁ ମୋବାଇଲ ଘୂରି ବୁଲୁଥିବା ଦେଖି ଏଭଳି ସମ୍ବେଦନଶୀଳ ଘଟଣାରେ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଲୋଚନା ହେଉଥିଲା। ଏ ସଂକ୍ରାନ୍ତରେ କାହ୍ନୁଙ୍କ ପିତା ନିରଞ୍ଜନ ସାହୁ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲା ବେଳେ ପୁଲିସ ତଦନ୍ତ ପୂର୍ବକ ଏକ ମାମଲା ରୁଜୁ କରି ଚୁପ୍ ଚାପ୍ ବସିରହିଛି। ତୁରନ୍ତ କାହ୍ନୁଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଯଦି ପୁଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଏ ସଂକ୍ରାନ୍ତରେ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯାଇ ନ୍ୟାୟ ମାଗିବେ ବୋଲି ପ୍ରକାଶ କରିଛନ୍ତି।

# ଜନ୍ମ ମାଟିରେ ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ମାହାଙ୍ଗା,୨୩।୧୨(ସମିସ)

ଓଡିଶା ସାହିତ୍ୟ ଲଳିତକଳା ଏକାଡେମୀ ଓ ମାହାଙ୍ଗା ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ଜନ୍ମ ମାଟିରେ ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କ ୭୨ତମ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା କୁସୁପୁରସ୍ଥିତ ନନ୍ଦକିଶୋର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ତଥା ବିଧାୟକ ସାରଦା ପ୍ରସାଦ ପ୍ରଧାନ ସଭାପତିତ୍ୱ କରି କୁସୁପୁର ଗାଁ ବରପୁତ୍ରଙ୍କ ମାଟି। ଯେଉଁ ବରପୁତ୍ରଙ୍କ ଅବଦାନ ପାଇଁ ରାଜ୍ୟ ତଥା ଦେଶରେ ମାହାଙ୍ଗା ମାଟି ଆଜି ଗୌରବାନ୍ୱିତ ସେମାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇବା ଆମ୍ଭମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିବା ସହିତ ଖୁବ ଶୀଘ୍ର ସରକାରଙ୍କ ପକ୍ଷରୁ କୁସୁପୁରକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯିବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ, ସମ୍ମାନିତ ଅତିଥିଭାବେ ପ୍ରଗତିବାଦୀ ସମ୍ପାଦକ ବୀରୁପାକ୍ଷ ତ୍ରିପାଠୀ ଓ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶରତ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

ମଣ୍ଡଳ ଶିକ୍ଷାଧିକାରୀ ମୋନାଲିସା ସରକାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କର ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା କନକଲତା ବେହେରା, ଜିତେନ୍ଦ୍ର ଶତପଥୀ, ସାମ୍ବାଦିକ ଅମର ସିଂହ, ଭକ୍ତ ଚରଣ ସ୍ୱାଇଁ, ଶେଷଦେବ ସାହୁ, ଉମେଶ ଦାସ, ଅଭିଜିତ ସାହୁ, ବିଶ୍ୱପ୍ରକାଶ ପୃଷ୍ଟି, ସାରଦା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା




କଟକ,୨୩।୧୨(ସମିସ): ବିଡ଼ାନାସୀର ଚହଟାସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆରେ ଅତ୍ୟନ୍ତ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଡ଼ାନାସୀ ଓ ହରିପୁର ଶାଖାର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କଟକ ଏସପି ଦେବଦତ୍ତ କର ମୁଖ୍ୟଅତିଥି ଭାବେ କ୍ରୀଡ଼ା ମଶାଲ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନ ସମାରୋହରେ ବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ ଭୂୟାଁ, କ୍ରୀଡ଼ା ଶିକ୍ଷକ ହରିଶ ହୃଦାନନ୍ଦ ସାହୁ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଶ୍ରୀ କର ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଏବଂ ଇସକଫ୍ ଜାତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢିହାରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଷଷ୍ଠରୁ ଦଶମ ଶ୍ରେଣୀର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ କ୍ଷୀରବ୍ଧ ତନୟା ମିଶ୍ର, ନୀରଜା ମିଶ୍ର, ସତ୍ୟବ୍ରତ ସ୍ୱାଇଁ, ରଞ୍ଜିତା ମହାନ୍ତି ଏବଂ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ସରିତା ଦାଶ ଓ ସ୍ୱାତୀ ରତନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଦି ସମ୍ମାନ ଫାଉଣ୍ଡେସନ ପକ୍ଷରୁ 'ଅ ରୁ କ୍ଷ ଅକ୍ଷୟ'




କଟକ,୨୩।୧୨(ସମିସ): କଟକସ୍ଥିତ ଶହୀଦଭବନଠାରେ ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଦି ସମ୍ମାନ ଫାଉଣ୍ଡେସନ ଆନୁକୂଲ୍ୟରେ ଓଡ଼ିଆ ସଙ୍ଗୀତ ଜଗତର ବେତାଜ୍ ବାଦ୍‌ଶାହା ସ୍ୱର୍ଗତଃ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ସମର୍ପିତ ସନ୍ଧ୍ୟା 'ଅ ରୁ କ୍ଷ' ଅକ୍ଷୟ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ଓ ନିଆରା ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ ମୁଖ୍ୟଅତିଥି ଭାବେ କଟକ ମହାନଗର ନିଗମର ମେୟର ସୁବାସଚନ୍ଦ୍ର ସିଂହ, ସମ୍ମାନିତ ଅତିଥିଭାବେ ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଗୀତିକାର ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ, ବର୍ଷିୟାନ କଣ୍ଠ ଶିଳ୍ପୀ ତୃପ୍ତି ଦାଶ, ଗୀତା ପଟ୍ଟନାୟକ, ବିଭୁ ଦାସ, ମିତ୍ରଭାନୁ ମହାନ୍ତି ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ସାହିତ୍ୟ ଓ ସଙ୍ଗୀତ ଜଗତକୁ ଖୋକା ଭାଇଙ୍କ ଅବଦାନ ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ ବୋଲି ମୁଖ୍ୟଅତିଥି ଶ୍ରୀ ସିଂହ ପ୍ରକାଶ କରିଥିଲେ। ଅକ୍ଷୟ ମହାନ୍ତି ଯାହା କରିଯାଇଛନ୍ତି ତାହା ବହୁ କମ୍ ପ୍ରତିଭାମାନେ କରି ପାରିଥାନ୍ତି ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ସାଙ୍ଗୀତିକ ପରିବେଶରେ ଖୋକା ଭାଇଙ୍କ ସୃଷ୍ଟିର ଅନେକ ସଙ୍ଗୀତ ଅ ରୁ କ୍ଷ ପର୍ଯ୍ୟନ୍ତ ପରିବେଷଣ କରିଥିଲେ ଡିଏସ୍‌ପି ଅର୍ଚ୍ଚନା ମଲ୍ଲିକ, ଏସିପି କୃଷ୍ଣଚନ୍ଦ୍ର ସେଠୀ, ଏସିପି ଅମିତାଭ ମହାପାତ୍ର, ଏସିପି ସତ୍ୟଜିତ୍ ଦାସ, ଶୁଭାଶିଷ ମହାକୁଡ, କରୁଣାକର, ଭାଗ୍ୟଶ୍ରୀ, ସ୍ମୃତି ସୁହାନି, ସାଇଶ୍ରୀ, ରବି ମିଶ୍ର ଓ ବିଶ୍ୱନାଥ ମିଶ୍ର ପ୍ରମୁଖ। ସଂଗୀତ ସହ ସାମାଜିକ କାର୍ଯ୍ୟକ୍ରମର ପ୍ରତିଫଳନ ମଧ ଦେଖିବାକୁ ମିଳିଥିଲା ଏହି ପରିବେଶରେ। ଜଗତ୍‌ସିଂହପୁର ଜିଲ୍ଲାର କର୍କଟ ରୋଗରେ ପୀଡିତ ୨ ବର୍ଷର ଶିଶୁ କନ୍ୟା ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କୁ ଅନୁଷ୍ଠାନ ପକ୍ଷରୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ଆରକ୍ଷୀ ଅଧିକ୍ଷକ ବିକାଶ ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଦର୍ଶନ ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କ୍ଷୀରସାଗର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ପୃଷ୍ଟିଙ୍କ ସମେତ ଓଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ ଓ କଳାକାର ଯଥା ବାପୁଲେଙ୍କା, ମେଘନା ମିଶ୍ର, ଶ୍ରୀତମ ଦାସ, ଶୁଭାଶିଷ ଶର୍ମା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ସମ୍ମାନ ଫାଉଣ୍ଡେସନର ଶରତ ନାୟକ, ଅରୁଣ ମନ୍ତ୍ରୀ, ଅମିତାଭ ମହାପାତ୍ର। ପର୍ଶୁରାମ ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ ବିଶିଷ୍ଟ ଉପସ୍ଥାପକ ବିଜୟ ମଲ୍ଲ ଓ ଉଲ୍ଲାସ ବେହୁରା। ଟିମ୍ ହ୍ୱାଇଟ୍ କାନ୍‌ଭାସର ଇଭେଣ୍ଟର ଚିଣ୍ଟୁ ମିଶ୍ର, ଅସିତ୍ ସାମଲ, ଅମୃତରଞ୍ଜନ ଦାଶ, ସନ୍ତୋଷ ନାୟକ ଓ ପତିତପାବନ ପଣ୍ଡା ସମସ୍ତ ପ୍ରକାର ସହଯୋଗ କରିଥିଲେ ନଳିନୀ ବିଶ୍ୱାଳ, ସାଇ ସିଦ୍ଧାନ୍ତ ମିଶ୍ର, ବିଦେଶୀ ଦାସ।

# କଲେଜରେ ଦୁଇ ଛାତ୍ର ଗୋଷ୍ଠୀଙ୍କ ଗଣ୍ଡଗୋଳ



ତିଗିରିଆ,୨୩।୧୨(ସମିସ): ତିଗିରିଆ ବ୍ଲକ ନିଜିଗଡ଼ ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିବା ଜଣାପଡିଛି। ଗଣ୍ଡଗୋଳରେ ପାଞ୍ଚଗାଁର ଜଣେ ଯୁବକ ଆହତ ହୋଇଛନ୍ତି। ଏଥିନେଇ ମହାବିଦ୍ୟାଳୟ ପରିସର ସମ୍ମୁଖରେ ଉତ୍ତେଜନା ଦେଖାଯାଇଥିଲା। ଘଟଣା ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ବେହେରାଙ୍କୁ ପଚାରିବାରୁ କଲେଜରେ ଆଜି ପରୀକ୍ଷା ରହିଥିଲା। ଦୁଇଟି ପର୍ଯ୍ୟାୟରେ ମୋଟ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଦେଇଥିଲେ। ମହାବିଦ୍ୟାଳୟ ବାହାରେ ଗଣ୍ଡଗୋଳ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ଅଧ୍ୟକ୍ଷ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ତେବେ ପ୍ରେମ ସମ୍ପର୍କକୁ ନେଇ ଗଣ୍ଡଗୋଳ ହୋଇଥିବାର ଏକ ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି।

**ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ**

# ମାଟିରେ ମିଶିଲା ୨୩ ଦୋକାନ ଘର

ବଡ଼ମ୍ବା,୨୩।୧୨(ସମିସ):

ବଡ଼ମ୍ବା ବ୍ଲକ ସଦର ମହକୁମା କଲେଜ ରୋଡରେ ଦୀର୍ଘବର୍ଷ ହେବ ସରକାରୀ ଜାଗାରେ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ୨୩ ଜଣ ଦୋକାନୀଙ୍କୁ ଆଜି ବଡମ୍ବା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ପ୍ରଶାସନ ପକ୍ଷରୁ ଦୋକାନୀଙ୍କୁ ପ୍ରାୟ ଦୁଇରୁ ତିନି ଥର ନୋଟିସ କରାଯାଇଥିଲା। ମାତ୍ର ଦୋକାନୀମାନେ ସାମୂହିକ ଭାବେ କଟକ ଜିଲ୍ଲାପାଳ, ବଡମ୍ବା ତହସିଲଦାର ଓ ବିଧାୟକଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରି ସମ୍ପୃକ୍ତ ଜମି ଉପରୁ ଉଚ୍ଛେଦ ନ କରିବାକୁ ନିବେଦନ କରିଥିଲେ ହେଁ ପ୍ରଶାସନ ପକ୍ଷରୁ ଆଜି ଜେସିବି ସହାୟତାରେ ଉଚ୍ଛେଦ କରାଯାଇଛି। ସମ୍ପ୍ରତି ବଡମ୍ବା କଲେଜ ରୋଡ଼ରେ ରାଜ୍ୟ ସରକାରଙ୍କ ତରଫରୁ ଏକ ବସଷ୍ଟାଣ୍ଡ ଗୃହ ନିର୍ମାଣ କରାଯାଇ ଏହାର ସମ୍ମୁଖ ଭାଗରେ ପାଚେରୀ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପାଚେରୀ ନିର୍ମାଣରେ ଦୋକାନଗୁଡିକ



ସମସ୍ୟା କରିବାରେ ଠିକାଦାରଙ୍କ ତରଫରୁ ପ୍ରଶାସନଙ୍କୁ ଅବଗତ କରିବା ପରେ ପ୍ରଶାସନ ପକ୍ଷରୁ ଚଳିତ ମାସରେ ଦୋକାନୀମାନଙ୍କୁ ୧୫ ଦିନିଆ ନୋଟିସ ଜାରି କରାଯାଇଥିଲା ଓ ଆଜି ପ୍ରଶାସନର ୧୫ ଦିନିଆ ନୋଟିସର ଶେଷ ଦିନ ଥିଲା। ବଡମ୍ବା ତହସିଲର ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଥାନାଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସଙ୍କ ଉପସ୍ଥିତିରେ ଦୁଇଟି ଜେସିବି ଦ୍ୱାରା ଦୋକାନ ଘର ଗୁଡିକ ଭଙ୍ଗାଯାଇ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଯାଇଛି। ଉଚ୍ଛେଦ ସମୟରେ ବ୍ୟବସାୟୀମାନେ ନିରବ ଥିଲେ ହେଁ ସମ୍ପୃକ୍ତ ଘଟଣା ଦୋକାନୀମାନଙ୍କ ଭିତରେ ଅସନ୍ତୋଷ ବାତାବରଣ ସୃଷ୍ଟି କରିଛି।

# ଭୁଆସୁଣୀ ପାହାଡ଼ରୁ ବେଧଡ଼କ ମୁଗୁନିପଥର ଲୁଟ୍

ଖଜୁରିଆକଟା,୨୩।୧୨(ସମିସ):

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ତହସିଲର ଘଟିପିରି ପଞ୍ଚାୟତ ଅମାନ୍ତପଡ଼ାରେ ଥିବା ଭୁଆସୁଣୀ ପାହାଡ଼ରେ ବେଧଡ଼କ ବିସ୍ଫୋରଣ କରାଯାଇ ମୂଲ୍ୟବାନ ଖଣିଜ ପଥର ଚୋରାଚାଲାଣ

## ବିସ୍ଫୋରଣରେ କମ୍ପୁଛି ଅଞ୍ଚଳ, ବଢୁଛି ପ୍ରଦୂଷଣ

କରାଯାଉଛି। ଏଠାରେ ସ୍ଥାନୀୟ ପ୍ରଶାସନ ଓ ପୁଲିସ ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବାବେଳେ ପାହାଡ଼ ଲୁଟ୍ ଯୋଗୁଁ ଘଟିପିରି ପଞ୍ଚାୟତର ଅମାନ୍ତିପଡ଼ା ସମେତ ଆଖପାଖ ଅଞ୍ଚଳବାସୀ ବହୁଳ ପ୍ରଭାବିତ ହେବାସହ ରାତ୍ରିରେ ଶୋଇ ପାରୁନଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଭୁଆସୁଣୀ ପାହାଡ଼ରେ ମୂଲ୍ୟବାନ



ମୁଗୁନି ପଥର ରହିଛି। କେତେକ ଦୁର୍ଦାନ୍ତ ଆନ୍ତଃରାଜ୍ୟ ପଥରମାଫିଆ ବେଆଇନ ଭାବରେ ବିସ୍ଫୋରଣ କରି ପଥର ଉତ୍ତୋଳନ କରୁଛନ୍ତି। ଉଚ୍ଚଶକ୍ତି ସମ୍ପନ୍ନ ବିସ୍ଫୋରଣ ଯୋଗୁଁ ଗାଁର ଘର ଗୁଡ଼ିକରେ କମ୍ପନ ସୃଷ୍ଟି ହୋଇ କାନ୍ଥ ଫାଟିବା, ଆଜବେଷ୍ଟସ ଗଳି ପଡ଼ିବା ଏବଂ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହେଉଛି। ପ୍ରଚଣ୍ଡ ଶବ୍ଦ ପ୍ରଦୂଷଣ ସାଙ୍ଗକୁ ଧୂଳି ଧୂଆଁ ଯୋଗୁଁ ପ୍ରଦୂଷଣ ବଢ଼ିଚାଲିଛି। ମାତ୍ର ଜିଲ୍ଲା ପ୍ରଶାସନ ଲୋକଦେଖାଣିଆ ଚଢ଼ଉ କରି ବସିପଡୁଛି। ଗତବର୍ଷ ଡିସେମ୍ବରରେ ଖଣି ଉପରେ ପୁଲିସ ପ୍ରଶାସନର ମିଳିତ ଚଢ଼ଉ ହୋଇ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ନାମକୁମାତ୍ର ମାମଲା ରୁଜୁ ହୋଇଥିଲା। ଦୁଇ ମାସ ବିସ୍ଫୋରଣ ବନ୍ଦ ହେବା ପରେ ଏବେ ବେଧଡକ ବିସ୍ଫୋରଣ କରାଯାଇ ପଥର ଲୁଟ ହେଉଛି। ପୁଲିସ, ପ୍ରଶାସନ, ଖଣି ବିଭାଗ ଅଧିକାରୀ ଏବଂ ସ୍ଥାନୀୟ ପ୍ରଭାବଶାଳୀ ରାଜନେତାଙ୍କ ବେଆଇନ ଲୁଟ ଉପରେ ଆଶୀର୍ବାଦ ରହିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚା ଲାଗି ରହିଛି। ଲିଜ୍ ନଥାଇ ଏହି ଖଣି ପୁନଶ୍ଚ ଚାଲୁ ରହିବା ଯୋଗୁଁ ଶାସନ ଏବଂ ପ୍ରଶାସନର ଭୂମିକାକୁ ଲୋକେ ସନ୍ଦେହରେ ନେଉଛନ୍ତି ଓ ସରକାରଙ୍କ ବିପୁଳ ରାଜସ୍ୱ ହାନୀ ଘଟୁଛି। ଏ ଦିଗରେ ରାଜ୍ୟ ସରକାର ଓ ପ୍ରଶାସନ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଇଣ୍ଡିଆନ ପଟାସ ଲିମିଟେଡ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଢେଙ୍କାନାଳ,୨୩।୧୨(ସମିସ): ହରିପୁର ଗ୍ରାମର ସରକାରୀ ୟୁପି ସ୍କୁଲଠାରେ ଇଣ୍ଡିଆନ ପଟାସ ଲିମିଟେଡ୍ ସହ ମିଶନରିକନଷ୍ଟ୍ରକ୍ସନ ଏବଂ ଦି ମେଡିକ୍ସର ମିଳିତ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡାକ୍ତର ଲଳିତ କୁମାର ବେହେରା, ସ୍ତ୍ରୀ ଓ ପ୍ରସୂତି ଡାକ୍ତର ମୈଥିଳି ମହାପାତ୍ର, ଡାକ୍ତର ଦିଲ୍ଲୀପ କୁମାର ସାମଲ, ଏସ୍‌ବିଆଇ ଫାଉଣ୍ଡେସନ ମେଡିକାର ୟୁନିଟ୍‌ର ମେଡିକାଲ ଅଫିସର ଡାକ୍ତର ସୁଧାଂଶୁବାଳା ପାଣିଗ୍ରାହୀଙ୍କୁ ଆଇପିଏଲ୍‌ର ମୁଖ୍ୟ ଓ ସାଧାରଣ ପରିଚାଳକ ବିକାଶ କୁମାର ଚୌଧୁରୀ ସମ୍ମାନିତ କରିଥିଲେ। ଶିବିରରେ ଗ୍ରାମର ୨୦୦ରୁ ଅଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିରରେ ଆଇଆଇଏମ୍‌ସିର ଓଡ଼ିଆ, ଇଂରାଜୀ ଓ କର୍ପୋରେଟ କମ୍ୟୁନିକେଶନ ଆଣ୍ଡ ବ୍ରାଣ୍ଡ ମାନଜେମେଣ୍ଟ ବିଭାଗ ର ୧୦ ଜଣ ଛାତ୍ର ଛାତ୍ରୀ ଙ୍କୁ ଗଣ ହେଲଥ ଭଲ୍ୟୁଣ୍ଟାରୀ ଏବଂ ମିଡିଆ ପବ୍ଲିସିଟିର ପ୍ରମାଣପତ୍ର ଆଇପିଏଲର ସାଧାରଣ ପରିଚାଳକ ଏବଂ ମୁଖ୍ୟ ବିକାଶ କୁମାର ଚୌଧାରୀ ପ୍ରଦାନ କରିଥିଲେ। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଆଇପିଏଲର ସାଧାରଣ ପରିଚାଳକ ଏବଂ ମୁଖ୍ୟ ବିକାଶ କୁମାର ଚୌଧୁରୀ ଯୋଗଦେଇଥିଲେ। ଶିବିରରେ ଗୃହପାଳିତ ପଶୁଙ୍କ ଉପରେ ସ୍ୱାସ୍ଥ୍ୟ ଶିବିର ୨୮ ତାରିଖ ରେ ହେବ ବୋଲି ଘୋଷଣା କରାଯାଇଛି। ସେହିପରି ଏହି ଶିବିରରେ ମୁଖ୍ୟ ବକ୍ତା ଭାବେ ବିରଞ୍ଚି ନାରାୟଣ ପାଣି ଓ ଗୁଣ୍ଡିଚାପଡ଼ାର ସରପଞ୍ଚ ସୁଜାତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମାଇକ୍ରୋ ମିଡିଆର ନିର୍ଦ୍ଦେଶକ ଅଥୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମିଶନରିକଷ୍ଟ୍ରକ୍ସନର ସେକ୍ରେଟେରୀ ମନୋଜ କୁମାର ପଟ୍ଟନାୟକ ଏବଂ ଦି ମେଡିକ୍ସର ଡ. ଦିଲ୍ଲୀପ କୁମାର ସାମଲ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରିଶେଷରେ ଆଇଆଇଏମସିର ଇଂରାଜୀ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡଃ ବିରଞ୍ଚି ନାରାୟଣ ସେଠ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନି ବିପନ୍ନ ପରିବାରକୁ ସାମ୍ବାଦିକ ସଂଘ ପକ୍ଷରୁ ସହାୟତା



କଙ୍କଡାହାଡ଼,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ମହାବିରୋଡ ଥାନା ଅଞ୍ଚଳରେ ସୋମବାର ଝିଲି ପଞ୍ଚାୟତ ଅଧିନ ଟମ୍ପେଇ ଗ୍ରାମ ନୂଆ ସାହିର କନକଲତା ସିଂହଙ୍କର ଚାଳ ଛପର ଘରେ ନିଆଁ ଲାଗି ୨ ବଖରା ଜଳିଯାଇଥିଲା। ପରଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରି ନେଉଥିବା ବେଳେ ସେତେ ବେଳକୁ ଘରର ସମସ୍ତ ଆସବାବ ପତ୍ର ପୋଡ଼ି ଯାଇଛି। ଖବର ପାଇ ପଞ୍ଚାୟତ ସରପଞ୍ଚ ରୋଜାଲିନ ସାହୁ ଅଗ୍ନି ବିପନ୍ନ ପରିବାର ନିକଟରେ ପହଞ୍ଚି ଖାଦ୍ୟ ବସ୍ତ୍ର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ସାମ୍ବାଦିକ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଂଘର ଉପସଭାପତି ବିଭୂତି ଭୂଷଣ ଦେହୁରୀ, ସମ୍ପାଦକ ପୃଥିରାଜ ସାହୁ ଓରଫ ରାଜ, ସଂଘର ସଦସ୍ୟ ସନାତନ ପରିଡ଼ା, କମଳଲୋଚନ ସାହୁ, ପାଣ୍ଡବ ଚରଣ ଦାସ, ଟୁନା ପରିଡ଼ା, ପବିତ୍ର ବରାଳ, ଅଙ୍କୁର ସିଂହ, ମନମୋହନ ପରିଡ଼ା, ମନୋଜ କୁମାର ଦାସ, ସତ୍ୟବ୍ରତ ଦାସ, ପ୍ରସନ୍ନ କୁମାର ପରିଡ଼ାଙ୍କ ସମେତ ଅନ୍ୟ ସଦସ୍ୟ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ଚାଉଳ, ଶୁଖିଲା ଖାଦ୍ୟ, ଶୀତବସ୍ତ୍ର ପ୍ରଭୃତି ପ୍ରଦାନ କରିଥିଲେ। ଫଳରେ ଏବେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନଥିବାରୁ ତୁରନ୍ତ ଏହି ପରିବାରକୁ ପକ୍କା ଘର ଯୋଗାଇ ଦେବାକୁ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛି ସଂଘ।

## ଜିଲ୍ଲାପାଳ ଓ ତହସିଲ କାର୍ଯ୍ୟାଳୟ

# ପତ୍ର ଆଦାନପ୍ରଦାନରେ ରହୁନି ତାଳମେଳ

ପରଜଙ୍ଗ,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ କୁଆଲୋ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ପରମହଂସପୁର ଗ୍ରାମରେ ଥିବା କୁଆଲୋ ମୌଜାର ଖାତା ନଂ ୮୨୪ ଓ ପ୍ଲଟ ନମ୍ବର -୩୪୯୩ ଜଙ୍ଗଲ ଦୁଇ କିସମ ଥିବାବେଳେ ଉକ୍ତ ଜମିର ୦.୧୦ ଡିସିମିଲ ଜବରଦଖଲ କରି ଜଣେ ବ୍ୟକ୍ତି ବୃହତ୍ ଅଟ୍ଟାଳିକା ନିର୍ମାଣ କରିଛନ୍ତି। ସେହିପରି ଭାବରେ ୧୪୯ ନମ୍ବର ଜାତୀୟ ରାଜପଥ ଠାରୁ ନୂଆ ସୂର୍ଯ୍ୟ ହୋଟେଲକୁ ସଂରକ୍ଷିତ ଜଙ୍ଗଲ ଜମିରେ ପାଉଁଶ ପକାଇ ରାସ୍ତା ନିର୍ମାଣ କରି ପାଖାପାଖି ପାଞ୍ଚ ଏକରର ଗୋଚର ଜମିକୁ ଭାରିଯାନ ପାର୍କିଂସ୍ଥଳ କରି ବେଶ୍ ଅର୍ଥ ଉପାର୍ଜନ କରୁଛନ୍ତି। ସରକାରୀ ଜମି ଜବରଦଖଲ ଉଚ୍ଛେଦ ନିମନ୍ତେ ୟୁଥ୍ ୟୁନାଇଟେଡ୍ ଫର ସଷ୍ଟେନେବ୍ଲ୍ୟୁ ଏନଭର୍ଣ୍ଣମେଣ୍ଟ ଟ୍ରଷ୍ଟ ପକ୍ଷରୁ କଲିକତା ବେଞ୍ଚ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନ୍‌ଜିଟି) ନିକଟରେ ମାମଲା ରୁଜୁ ହୋଇଥିଲା। ଗତ ୨୩ ଜୁଲାଇରେ ଏନ୍‌ଜିଟି ମାମଲାର ଶୁଣାଣି କରି ଅକ୍ଟୋବର ମାସ ମଧ୍ୟରେ ଜବରଦଖଲ ଉଚ୍ଛେଦ କରି ବୃକ୍ଷରୋପଣ ପାଇଁ ଢେଙ୍କାନାଳ ବନଖଣ୍ଡ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ। ଖାଲପାଳ ସଂରକ୍ଷିତ ଜଙ୍ଗଲ ଜମିରେ ପାଉଁଶ କେଉଁଠୁ ଆସିଲା ଏବଂ କିଏ ପକାଇଛି ତାହାର ତଦନ୍ତ କରି ପରିବେଶ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଆଦାୟ କରାଯିବା ସହ ଡିସେମ୍ବର ଶେଷ ସୁଦ୍ଧା ଜଙ୍ଗଲ ଜମି ଉପରେ ଥିବା ବୃହତ ଅଟ୍ଟାଳିକା ଉଚ୍ଛେଦ କରାଇବାକୁ ମଧ୍ୟ ରାୟ




ପ୍ରକାଶ କରିଥିଲେ। ଏଥିମଧ୍ୟରେ ଛଅ ମାସ ବିତିବାକୁ ବସିଲାଣି ପଛେ ବନ, ତହସିଲ ଓ ପ୍ରଦୂଷଣ ବିଭାଗ ପକ୍ଷରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଏନ୍‌ଜିଟିଙ୍କ ରାୟ ପ୍ରକାଶ ପରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୨୨୮୫/ତା ୮/୮/୨୦୨୫ ମୁତାବକ ପରଜଙ୍ଗ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନିଜ ସ୍ତରରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏନଜିଟି ଙ୍କ ରାୟ ତହସିଲ କାର୍ଯ୍ୟାଳୟରେ ଅବଗତ ନଥିବା ନେଇ ପରଜଙ୍ଗ ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୪୧୦/ ତା ୧୬/୦୯/୨୦୨୫ ଦିଗରେ ଜିଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ସେହିପରି ଭାବରେ ଏନଜିଟିଙ୍କ ରାୟକୁ ଏଆଇସି ଡାକ ଯୋଗେ ୨୨ ସେପ୍ଟେମ୍ବର ୨୦୨୫ ରିଖ ୩.୧୭ ଘଟିକା ସମୟରେ ତହସିଲଦାର ତଥ୍ୟ ପାଇଥିବା ନେଇ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୫୩୮ ତା ୧୭/୧୨/୨୦୨୫ ରିଖରେ ଜନ ଅଭିଯୋଗ ଶୁଣାଣି ପୋର୍ଟାଲରେ ତଥ୍ୟ ପ୍ରଦାନ କରିଛନ୍ତି। ଏଠି ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ଏବଂ ପରଜଙ୍ଗ ତହସିଲ କାର୍ଯ୍ୟାଳୟ ପତ୍ରରେ ତାଳମେଳ ନଥିବା ଜଣାପଡ଼ିଛି। ଜବରଦଖଲକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟ ସରକାରଙ୍କ ନିଜସ୍ୱ ବିଭାଗ ଦୃଢୋକ୍ତି ବାଢୁଥିବାବେଳେ ପରଜଙ୍ଗ ତହସିଲ କୁଆଲୋ ମୌଜାରେ ଜବରଦଖଲ ଉଚ୍ଛେଦ ନିମନ୍ତେ ଯେପରିକି ସୁରକ୍ଷା ଯୋଗାଡ଼ ପ୍ରଶାସନ ପକ୍ଷରୁ କରୁଥିବା ନେଇ ଟ୍ରଷ୍ଟ ପକ୍ଷରୁ ଅଭିଯୋଗ ହୋଇଛି। ଏଥିପ୍ରତି ରାଜ୍ୟ ସରକାରଙ୍କ ନିଜସ୍ୱ ବିଭାଗ ପକ୍ଷରୁ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଶିଶୁ ଅଧିକାର ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ଓ ଶିଶୁ ଅଧିକାର ଉଲ୍ଲଂଘନ ଉପରେ ସଚେତନତା କାର୍ଯ୍ୟକ୍ରମ ଓଡ଼ାପଡ଼ା ବ୍ଲକ୍‌ର ଧଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ପରିଚାଳିତ ପ୍ରକଳ୍ପ ଆକସେସ ଟୁ ଜଷ୍ଟିସ ଫର ଚିଲଡ୍ରେନ୍ସ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା, ବାଲ୍ୟବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ, ବାଲ୍ୟବିବାହ କ୍ଷେତ୍ରରେ ଆୟୋଜନକାରୀ, ଯୋଗଦେଇଥିବା ଅତିଥି, ତଥା ବିଭିନ୍ନ ସହଯୋଗୀଙ୍କୁ ଦଣ୍ଡବିଧାନ ତଥା ନିରାକରଣ ଉପରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କୌଣସି ଶିଶୁ ଅଧିକର ଉଲ୍ଲଘଂନ ଦେଖିଲେ ଚାଇଲ୍ଡ ହେଲ୍ପ ଲାଇନର ଦେୟମୁକ୍ତ ନମ୍ବର ୧୦୯୮କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। ଏହାବ୍ୟତୀତ ହିନ୍ଦୋଳ ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିବାହ ରେଜିଷ୍ଟର ଓ ପଳାୟନ ରେଜିଷ୍ଟର ବିଷୟରେ ସୂଚନା ଦେଇ ତାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳନା ପ୍ରକଳ୍ପ ସହଯୋଗୀ କୁମୁଦିନୀ ସ୍ୱାଇଁ ଯୋଗ ଦେଇଥିଲେ। ସର୍ବ ଶେଷରେ ଅଙ୍ଗନବାଡ଼ି କର୍ମୀ ଜ୍ୟୋତିର୍ମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ




ଗଁଦିଆ,୨୩।୧୨(ସମିସ): ଗଁଦିଆ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଖାଦ୍ୟଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରତିକାନ୍ତ ସାହୁ, ସରପଞ୍ଚ, ପୋରୁହାଖୋଜ, ପବିତ୍ର କୁମାର ବେହେରା, ଗୋଷ୍ଠୀ ଉନ୍ନୟନଅଧିକାରୀ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅମ୍ବୁଜ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସଭା ଆରମ୍ଭରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଛାୟାକାନ୍ତ ସାହୁ ଉପସ୍ଥିତ ଅତିଥି ମାନଙ୍କର ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଇନ୍ଦୁମତୀ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହିତ ଦୀର୍ଘ୨୨ବର୍ଷ ଧରି ବହୁ ବାଧା ବିଘ୍ନ ଦେଇ ଆଜି ଏହି ଜାଗାରେ ଏହି ଅନୁଷ୍ଠାନ ପ୍ରତିଷ୍ଠା ହୋଇ ପାରିଛି । ଏଥିପାଇଁ ଯେଉଁ ମାନେ ଅଦ୍ୟମ ପ୍ରଚେଷ୍ଟା କରିଥିଲେ ସେମାନଙ୍କୁ ବିଦ୍ୟାଳୟ ତରଫରୁ ସେ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ବକ୍ତା ହେମନ୍ତ କୁମାର ପାଣିଗ୍ରାହୀ ଯୋଗଦାନ କରି ନିଜର ମତ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅମ୍ବୁଜ କୁମାର ସାହୁ ନିଜର ଅଭିଭାଷଣରେ ଉପସ୍ଥିତ ସମସ୍ତ ଅତିଥି ଓ ଅଭିବାବକ ମାନଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ ଜଣାଇଥିଲେ। ଶେଷରେ ଉକ୍ତବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଗୁରୁଜୀ ଶାନ୍ତନୁ କୁମାର ନାୟକ, ଅଭୟ ନାୟକ ଏବଂ ସମସ୍ତ ଗୁରୁଜୀ, ଗୁରୁମା ସାହୁ ସହ ଯୋଗ କରିଥଲେ।

## ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ



ଗଁଦିଆ,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ସଭାପତି ବିଜୟ କୁମାର ସାମନ୍ତ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା ବରିଷ୍ଠ ନାଗରିକ ମଞ୍ଚର ବାଇ-ଲ ପାଠ କରିଥିଲେ। ପରେ ଏହା ଅନୁମୋଦିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଗଁଦିଆ ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚର ମୁଖ୍ୟ ଉପଦେଷ୍ଟା ତଥା କବି, ଲେଖକ, ସାହିତ୍ୟିକ , ଭାଷାବିତ୍ ଭିକାରୀ ଚରଣ ରାଉତଙ୍କ ପୁସ୍ତକ ଶାଶ୍ୱତ ବନ୍ଧନର ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ମଞ୍ଚାସୀନ ହୋଇ ଉଦ୍‌ବୋଧନ ଦେଇଥିଲେ। ଲେଖକ ଶ୍ରୀ ରାଉତ ତାଙ୍କ ଲେଖାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମୀକ୍ଷକ ପ୍ରାକ୍ତନ ଇଂରାଜୀ ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ ପୁସ୍ତକ ଶାଶ୍ୱତ ବନ୍ଧନର ସମୀକ୍ଷା କରି ଲେଖକଙ୍କ ଲେଖା ଉଚ୍ଚକୋଟୀର ବୋଲି ମତବ୍ୟକ୍ତ କରିଥିଲେ। ଏହାକୁ ଯଦି ମହାବିଦ୍ୟାଳୟରେ ଅଧ୍ୟୟନ କରାଯାଏ ତାହେଲେ ଛାତ୍ର ଛାତ୍ରୀମାନେ ମୂଲ୍ୟବୋଧ ଶିକ୍ଷା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ପୁସ୍ତକ ରଘୁ ଅରକ୍ଷିତକୁ ସମୀକ୍ଷା କରି ସମୀକ୍ଷକ ଆଇନଜୀବୀ ତଥା କବୟିତ୍ରୀ ନିବେଦିତା ରଥ ଜୀବନ ରୂପକ ନାଟକରେ ରଘୁ ଅରକ୍ଷିତ ଏକ ମୂଲ୍ୟବୋଧ ଶିକ୍ଷା ଦେଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଗଁଦିଆ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବିଶିଷ୍ଟ ସମାଜସେବୀ ପ୍ରେମାନନ୍ଦ ସାମଲଙ୍କ କରକମଳରେ ବିଶିଷ୍ଟ ଶିକ୍ଷାବିତ୍ତ ଓ ପରିବେଶବିତ୍ ଦଣ୍ଡଧର ସାହୁ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାରେ ବଢୁଛି ଶିଶୁ ଶ୍ରମିକ ଓ ବାଲ୍ୟବିବାହ ମାମଲା

ଢେଙ୍କାନାଳ,୨୩।୧୨(ସମିସ):

ଢେଙ୍କାନାଳ ଜିଲ୍ଲାରେ କ୍ରମାଗତ ଭାବରେ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ପ୍ରଶାସନ ଓ ଶିଶୁ ସୁରକ୍ଷା ବିଭାଗ ସବୁ ଜାଣିଶୁଣି ଚୁପଚାପ ବସଥିବା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୧୧ ଜନ ଗଣନା ଅନୁସାରେ ୧୧ଲକ୍ଷ ୯୨ହଜାର ୯୪୮ ଲୋକ ବସବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା

**୨୦୨୪-୨୫ରେ ହୋଇଛି ୧ ହଜାର ୩୫୬ ବାଲ୍ୟ ବିବାହ, ୫୨ ଶିଶୁ ନିର୍ଯାତନା ମାମଲା**

୬ଲକ୍ଷ ୧୨ହଜାର ୫୯୭। ମହିଳା ମାନଙ୍କ ସଂଖ୍ୟା ୫ଲକ୍ଷ ୮୦ ହଜାର ୩୫୧ ବୋଲି ପରିସଂଖ୍ୟାନରୁ ଜଣାପଡ଼ିଛି। ଜିଲ୍ଲାରେ ପ୍ରତି ବର୍ଗକିମିରେ ୨୬୮ ଜଣ ବସବାସ କରୁଥିବା ବେଳେ ପୁରୁଷ ସାକ୍ଷରତା ହାର ୮୭ ପ୍ରତିଶତ। ସେହିପରି ମହିଳା ସାକ୍ଷରତା ହାର ୭୧ ପ୍ରତିଶତ ରହିଛି। ପରିସଂଖ୍ୟାନ ଦୃଷ୍ଟିରୁ ଜିଲ୍ଲା ବିକାଶ କରିଥିବାବେଳେ ନାରୀ ଶିକ୍ଷା କ୍ଷେତ୍ରରେ ସେଭଳି ବିକାଶ ହୋଇପାରିନାହିଁ। ଜିଲ୍ଲାରେ କନ୍ୟା ସନ୍ତାନ କ୍ରମାଗତ ଭାବରେ ହ୍ରାସ ପାଉଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ୧୯୦୧ ମସିହାରେ ଜିଲ୍ଲାରେ ପ୍ରତି ୧ହଜାର ପୁରୁଷରେ ୧ହଜାର୨୦ମହିଳା ରହିଥିଲେ।୧୯୭୧ରେ ୯୮୦ଥିବାବେଳେ୨୦୧୧ ଜନଗଣନା ବେଳକୁ ୯୪୭କୁ ହ୍ରାସ ପାଇଥିବାର ଜଣାପଡ଼ିଥିଲା। ମୁଖ୍ୟତଃ ଦାରିଦ୍ରତା, ନିରକ୍ଷରତା,



ଅନ୍ଧ ବିଶ୍ୱାସ ଯୋଗୁଁ ବାଲ୍ୟ ବିବାହ ବୃଦ୍ଧି ପାଇଛି। ପ୍ରତି ୧ହଜାର ପୁରୁଷରେ ସହରାଞ୍ଚଳରେ ମହିଳାଙ୍କ ସଂଖ୍ୟା ୯୧୮ ରହିଥିବାବେଳେ ଗ୍ରାମାଞ୍ଚଳରେ ୯୫୦ ରହିଛି। ସେହିପରି ଏସ୍‌ସିମାନଙ୍କ କ୍ଷେତ୍ରରେ ପ୍ରତି ୧ହଜାର ପୁରୁଷରେ ମହିଳାଙ୍କ ସଂଖ୍ୟା ୯୬୧। ଗ୍ରାମାଞ୍ଚଳରେ ୯୬୨ ଏବଂ ସହରାଞ୍ଚଳରେ ୯୫୮ ରହିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୫ ଅନୁଯାୟୀ ଢେଙ୍କାନାଳ ଜିଲ୍ଲା ୧୨ ନମ୍ବରରେ ରହିଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲାରେ ୨୦୨୩-୨୪ରେ ୧୫୩ଟି ବାଲ୍ୟ ବିବାହ ମାମଲା ରୁଜୁ କରାଯାଇଥିବାର ରେକର୍ଡ ରହିଥିବା ବେଳେ ୨୦୨୪-୨୫ ରେ ୧ ହଜାର ୩୫୬ଟି ଟି ବାଲ୍ୟ ବିବାହ ଉଦ୍ୟମକୁ ପଣ୍ଡ କରାଯାଇଥିବାର ଜଣାପଡିଛି। ସେହିପରି ଚଳିତ ବର୍ଷ ୫୨ଟି ଶିଶୁ ଯୌନ ନିର୍ଯ୍ୟାତନା ମକଦ୍ଦମା ରୁଜୁ କରାଯାଇଛି। ୨୦୨୩-୨୪ ରେ ୯୬ଟି ମାମଲା ରୁଜୁ କରାଯାଇଥିବାର ଜଣାପଡିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ଏହି ତଥ୍ୟ ଅତ୍ୟନ୍ତ ଉଦବେଗ ଜନକ ବୋଲି ଜଣାପଡିଛି। ବାଲ୍ୟବିବାହ କ୍ଷେତ୍ରରେ କାର୍ଯ୍ୟକରୁଥିବା ଜିଲ୍ଲା ବିଶ୍ୱ ଯୁବ କେନ୍ଦ୍ର ଏକ ସ୍ୱେଚ୍ଛାସ୍ୱେବୀ ଅନୁଷ୍ଠାନ, ଯାହା ମଇ ୨୦୨୩ ମସିହା ଠାରୁ ଶିଶୁ ସୁରକ୍ଷା ଉପରେ କାର୍ଯ୍ୟରତ ଅଛି। କୈଳାସ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେସନଙ୍କ ସହଯୋଗରେ ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯ୍ୟାତନା, ଶିଶୁ ଚାଲାଣ ପ୍ରତିରୋଧ କରିବା ପାଇଁ ଗୋଷ୍ଠୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସଚେତନତା ସୃଷ୍ଟି କରିବା ସହିତ ସ୍ଥାନୀୟ ପ୍ରଶାସନଙ୍କ ସହଯୋଗରେ ଶିଶୁ ସୁରକ୍ଷା ଉପରେ ସିଧା ସଳଖ ଭାବେ କାର୍ଯ୍ୟ କରୁଅଛି । ଜଣାପଡଡ଼ଛି ଯେ,୨୦୨୪-୨୫ ବର୍ଷରେ ୧୯୨ ଶିଶୁ ଚାଲାଣ କରାଯାଇଥିବାବେଳେ ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ୨୦୨୦-୨୧ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ ଜାତୀୟ ସ୍ତରରେ ଶତକଡା ୨୩ ଭାଗ ବାଲ୍ୟବିବାହ ହୋଇଥିବା ସ୍ଥଳେ ଢେଙ୍କାନାଳ ଜିଲ୍ଲାରେ ପ୍ରାୟ ସମାନ ସ୍ଥିତି ଥିବାର ସୂଚନା ଅଛି । ସେଥିପାଇଁ ରାଜ୍ୟ ଓ ଭାରତ ସରକାରଙ୍କ ତରଫରୁ ବାଲ୍ୟ ବିବାହ ରୋକିବା, ଶିକ୍ଷାର ବିକାଶ ଓ ଥଇଥାନ ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହାର ସୁଫଳ ମିଳିବା କଷ୍ଟକର ହୋଇପଡୁଛି। ଗତ ସେପ୍ଟେମ୍ବର ୨୦୨୪ ତାରିଖରେ ଉଚ୍ଚତମ ନ୍ୟାୟଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ ପ୍ରଶାସନ, ସରକାର, ପଞ୍ଚାୟତ, ନିର୍ବାଚିତ ପ୍ରତିନିଧିମାନଙ୍କୁ ବାଲ୍ୟବିବାହ ରୋକିବାକୁ କ୍ଷମତା ପ୍ରଦାନ କରାଯିବ ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି। ଭାରତ ସରକାରଙ୍କ ତରଫରୁ ଗତ ୨୭ ନଭେମ୍ବର ୨୦୨୪ ରିଖରେ ବାଲ୍ୟ ବିବାହ ନିରୋଧ ନିମନ୍ତେ ଏକ ଅଭିଯାନ ଆରମ୍ଭ କରାଯାଇଅଛି। ସେଥିପାଇଁ ରାଜ୍ୟ ସରକାରଙ୍କୁ ୨୦୩୦ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ବାଲ୍ୟ ବିବାହ ରୋକିବାକୁ ଦାୟିତ୍ୱ ଦିଆଯାଇଛି। ଢେଙ୍କାନାଳ ଜିଲ୍ଲା ବାଲ୍ୟବିବାହ ହାର ୨୩ ପ୍ରତିଶତ ରହିଥିବା ବେଳେ ଅନୁଗୋଳ ଜିଲ୍ଲା ୨୫ ପ୍ରତିଶତ ରହିଛି।

## ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର




ଖଜୁରିଆକଟା,୨୩।୧୨(ସମିସ): ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟା ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଛି। ସେବା ଯୋଜନାର ପତାକାକୁ ଉତ୍ତୋଳନ କରି ସେବା ମନୋଭାବ ନେଇ ଦେଶ ଗଠନର ବ୍ରତୀ ହେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ମୁଖ୍ୟ ବକ୍ତା ଭାବେ ରାଜନୀତି ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀ ଏହି ଶିବିର ମାଧ୍ୟମରେ ସମାଜ ସେବା ଓ ସାମାଜିକ ସଚେତନ ସୃଷ୍ଟି କରିବାର ଅଭିଜ୍ଞତା ସୃଷ୍ଟି କରି ପାରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ବ୍ରଜକିଶୋର ବେହେରା ଅତିଥି ପରିଚୟ ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ୨ଟା ବେଳେ ମହାବିଦ୍ୟାଳୟ ପୋଷ୍ୟ ଗ୍ରାମ ସାନହିନ୍ଦୋଳଠାରେ ଜଙ୍ଗଲ ଆମର ଜୀବନ ଶୀର୍ଷକ ସଚେତନ ମୂଳକ ଏକାଙ୍କିକା ଶିବିରାର୍ଥୀ ମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା। ଏହି ଅବସରରେ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜୟନ୍ତ ନାରାୟଣ ପତି, ବାଣିଜ୍ୟ ବିଭାଗର ମୁଖ୍ୟ ସୁଶାନ୍ତ କୁମାର ଆଚାର୍ଯ୍ୟ,ଅଧ୍ୟାପକ ସୁକ୍ତପ୍ରୀୟ ମିଶ୍ର, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ମାନସ ମାଝୀ, ବିଙ୍କୁ ବିଶ୍ୱାଳ, ବିରେନ୍ଦ୍ର ବିଶ୍ୱାଳ (ୱାର୍ଡ ମେମ୍ବର) ପ୍ରମୁଖ ଯୋଗଦେଇ ପରିବେଶକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ବୃକ୍ଷ ରୋପଣ କରି ତାର ଯତ୍ନ ନେବାକୁ ଗ୍ରାମବାସୀ ମାନଙ୍କୁ ଅନୁରୋଧ କରିଥିଲେ। ପରିଶେଷରେ ଯୋଗ ଦେଇଥିବା ୫୦ ଜଣ ସ୍ୱେଚ୍ଛାସେବୀ ବୃକ୍ଷ ରୋପଣ ପାଇଁ ହାତରେ ପ୍ରାଚୀର ପତ୍ର ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ।